

'ଫୋର୍ସ-୩'ରେ ମୀନାକ୍ଷୀ

▶ପୃଷ୍ଠା ୧୧ ଦେଖନ୍ତୁ...


RNI REGD NO: 42041/83

www.sakalaepaper.com

/sakalanews

/sakalanews

www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-100 ◆MONDAY ◆6 OCTOBER 2025 ◆PAGE-12 ◆₹ 6.00 | BHUBANESWAR | ◆ବର୍ଷ-୪୩ ◆ସଂଖ୍ୟା-୧୦୦ ◆ସୋମବାର ◆୬ ଅକ୍ଟୋବର ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦


# କଟକ ଅଶାନ୍ତ

## କର୍ଫ୍ୟୁ ଜାରି

## ପୁଲିସ-ଶୋଭାଯାତ୍ରାକାରୀ ଖଣ୍ଡଯୁଦ୍ଧ ■ ଲାଠିଚାର୍ଜ, ଟିୟର୍-ଗ୍ୟାସ୍ ମାଡ଼



### ଡିସିପିଙ୍କ ସମେତ ଜଣେ ଏଡିସିପି, ୩ ଏସିପି ଓ ୨ ଆଇଆଇସି ଗୁରୁତର

### ମଲ୍‌ରେ ଭଙ୍ଗାରୁଜା; ୧୦ କ୍ୟାବିନ୍, ଅଟୋ ଜାଳିଦେଲେ ବିକ୍ଷୋଭକାରୀ

### ୨୪ ଘଣ୍ଟା ଇଣ୍ଟର୍‌ନେଟ୍ ସେବା ବନ୍ଦ, ସୋସିଆଲ୍ ମିଡିଆ ଉପରେ କଟକଣା

■ **କଟକ, ୫।୧୦ (ସମିସ):** ଦୁର୍ଗାପୂଜା ଭସାଣି ଗୋଷ୍ଠୀ ସଂଘର୍ଷ ପ୍ରତିବାଦରେ ଆସନ୍ତାକାଲି କଟକ ବନ୍ଦଡକରାଦେଇଥିବାବିଶ୍ୱହିନ୍ଦୁପରିଷଦ (ଭିଏଚ୍‌ପି) ର କର୍ମୀ ଓ ପୁଲିସ୍ ମଧ୍ୟରେ ଆଜି ଖଣ୍ଡଯୁଦ୍ଧ ଯୋଗୁଁ କଟକ ସହର ଅଶାନ୍ତ ହୋଇପଡ଼ିଛି । ଆସନ୍ତାକାଲିର ବନ୍ଦକୁ ସଫଳ କରିବା ପାଇଁ ଭିଏଚ୍‌ପିର ଏକ ଶୋଭାଯାତ୍ରାକାରୀ ଦଳ ସହର ପରିକ୍ରମା କରୁଥିବା ବେଳେ ପୁଲିସ ସେମାନଙ୍କୁ ଅଟକାଇବା ପରେ ଏହି ସ୍ଥିତି ଉପୁଜିଛି । ପୁଲିସ କାର୍ଯ୍ୟାନୁଷ୍ଠାନକୁ ବିରୋଧ କରି ଉତ୍ତ୍ୟକ୍ତ ଶୋଭାଯାତ୍ରାକାରୀ ଦରଘାବଜାର ଅଞ୍ଚଳରେ ଥିବା ଏକ ବ୍ୟବସାୟ ପ୍ରତିଷ୍ଠାନରେ ଭଙ୍ଗାରୁଜା କରିବା ସହ ଗୋଟିଏ ଅଟୋ ରିକ୍ସା ଏବଂ ୧୦ଟି ଉଠା କ୍ୟାବିନ୍‌ରେ ନିଆଁ ଲଗାଇ ଦେଇଛନ୍ତି । ଏହି ସମୟରେ ଭିନ୍ନ ଏକ ଗୋଷ୍ଠୀ ପକ୍ଷରୁ ଶୋଭାଯାତ୍ରାକାରୀଙ୍କ ଉପରକୁ କାଚ ବୋତଲ ଓ ଢେଲାପଥର ମାଡ଼ କରାଯାଇଥିବା ଅଭିଯୋଗ ହୋଇଛି । ଶୋଭାଯାତ୍ରାକାରୀଙ୍କ ସହ ସଂଘର୍ଷରେ ୪ ଜଣ ଅଧିକାରୀଙ୍କ ସମେତ ୨୫ରୁ ଅଧିକ ପୁଲିସ କର୍ମଚାରୀ ଆହତ ହୋଇ ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି । ଖବର ପାଇ ପୁଲିସ ମହାନିର୍ଦ୍ଦେଶକ ୱାଇ ବି ଖୁରାନିଆ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛନ୍ତି । ସହରର ଉତ୍ତେଜନାମୂଳକ ସ୍ଥିତିକୁ ଦୃଷ୍ଟିରେ ରଖି ଆସନ୍ତା ୩୬ ଘଣ୍ଟା ପାଇଁ କଟକର କେତେକ ସମ୍ବେଦନଶୀଳ ଅଞ୍ଚଳରେ କର୍ଫ୍ୟୁ ଜାରି କରାଯିବା ସହିତ ସାମାଜିକ ଗଣମାଧ୍ୟମ ଉପରେ ମଧ୍ୟ କଟକଣା ଜାରି କରାଯାଇଛି ।


ଡିସିପିଙ୍କ କାର୍ଯ୍ୟାଳୟରେ ଆଜି ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ପୁଲିସ କମିଶନର ଏସ୍ ଦେବଦତ୍ତ ସିଂହ ଏହି ସୂଚନା ଦେଇ କହିଛନ୍ତି, କଟକ ୟୁପିଡିର ୧୩ଟି ଥାନା ଅଞ୍ଚଳରେ ଏହି ସାନ୍ଧ୍ୟ ଆଇନ ଲାଗୁ କରାଯାଇଛି । ଆସନ୍ତା ୭ତାରିଖ ପର୍ଯ୍ୟନ୍ତ ଏହି କର୍ଫ୍ୟୁ ବଳବତ୍ତର ▶ପୃଷ୍ଠା-୭

## ବିଶୃଙ୍ଖଳା କଲେ କଠୋର କାର୍ଯ୍ୟାନୁଷ୍ଠାନ



■ **ଭୁବନେଶ୍ୱର, ୫।୧୦ (ସମିସ):** କଟକ ଗୋଷ୍ଠୀ ବିବାଦ ଘଟଣାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଭୀର ଦୁଃଖ ପ୍ରକାଶ କରିବା ସହ ଶାନ୍ତି ବଜାୟ ରଖିବା ପାଇଁ ନିବେଦନ କରିଛନ୍ତି । ହଜାରେ ବର୍ଷର କଟକ ସହରରେ କିଛିଦିନ ଧରି କେତେକ ବିଶୃଙ୍ଖଳାକାରୀଙ୍କ ଯୋଗୁଁ ଶାନ୍ତି ଭଙ୍ଗ ହୋଇଛି ଓ ସାଧାରଣ ଲୋକଙ୍କ ଜୀବନଯାତ୍ରାରେ ବ୍ୟାଘାତ ସୃଷ୍ଟି ହେଉଛି । ବିଶୃଙ୍ଖଳାକାରୀଙ୍କ ଉପରେ ନଜର ରଖାଯାଇଛି । ଆଇନ୍ ଅନୁଯାୟୀ ସେମାନଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ।

## ଶାନ୍ତି ରକ୍ଷା ପାଇଁ ନବୀନଙ୍କ ଅନୁରୋଧ



■ **ଭୁବନେଶ୍ୱର, ୫।୧୦ (ସମିସ):** ଭାଇଚାରାର ସହର କଟକରେ ସମ୍ପ୍ରତି ସୃଷ୍ଟି ହୋଇଥିବା ଆଇନ ଶୃଙ୍ଖଳା ପରିସ୍ଥିତିକୁ ନେଇ ଗଭୀର ଉଦ୍‌ବେଗ ପ୍ରକାଶ କରିଛନ୍ତି ବିଜେଡି ସୁପ୍ରିମୋ ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ । ଶ୍ରୀ ପଟ୍ଟନାୟକ କହିଛନ୍ତି ଯେ ଏକ ଶାନ୍ତିପ୍ରିୟ ରାଜ୍ୟ ଭାବରେ ଓଡ଼ିଶାର ସୁନାମ ରହିଛି । ଓଡ଼ିଶାବାସୀ, କଟକବାସୀ ସର୍ବଦା ଶାନ୍ତି ଓ ସଦ୍‌ଭାବ ଚାହାନ୍ତି । ତେଣୁ କଟକସହରରେ ଶାନ୍ତି ବଜାୟ ରଖିବା ପାଇଁ ସେ ସମସ୍ତ ସହରବାସୀଙ୍କୁ ଅନୁରୋଧ କରିଛନ୍ତି ।


## ପୁଲିସ ଚାକିରି ବେପାର
# ଜାଲିଆତି ଚେର ଗଭୀର

## ବାଲେଶ୍ୱରରୁ ଦଲାଲ ଅରବିନ୍ଦ ଦାସ ଗିରଫ

■ **ଭୁବନେଶ୍ୱର, ୫।୧୦ (ସମିସ):** ପୁଲିସ ଏସ୍‌ଆଇ ଚାକିରି ବିକ୍ରିର ଚେର ବହୁ ଗଭୀରକୁ ଲମ୍ବିଛି । ଏହା ପଛରେ ପଞ୍ଚସପ୍ଟ ମୁଖ୍ୟ ଶଙ୍କର ପୃଷ୍ଟି ଓ ତାର ସହଯୋଗୀ ମୁନ୍ନା ମହାନ୍ତି ପ୍ରମୁଖ ଥିବା କୁହାଯାଉଥିଲେ ହେଁ ବାସ୍ତବରେ ଏମାନେ କେବଳ ଚେସ୍‌ବୋର୍ଡର ଗୋଟି ବୋଲି ସୂଚନା ମିଳିଛି । ଏହି ଘଟଣାରେ କ୍ରାଇମବ୍ରାଞ୍ଚ ଆଜି ବାଲେଶ୍ୱରରୁ ଚାକିରି ବେପାର ସିଣ୍ଡିକେଟ୍‌ର ଅନ୍ୟଜଣେ ସହଯୋଗୀ କୁହାଯାଉଥିବା ଅରବିନ୍ଦ ଦାସ ନାମକ ଜଣେ ବ୍ୟକ୍ତିଙ୍କୁ ଗିରଫ କରିଛି । ଏହାସହିତ ଗିରଫ ସଂଖ୍ୟା ୧୧୯କୁ ବୃଦ୍ଧି ପାଇଛି । ତାଙ୍କ ନିକଟରୁ ଅନେକ ଆପତ୍ତିଜନକ ନଥିପତ୍ର ଜବତ ହୋଇଥିବା କୁହାଯାଇଛି । ସେହିପରି ପଞ୍ଚସପ୍ଟ ମୁଖ୍ୟ ଶଙ୍କର ପୃଷ୍ଟି ଦ୍ୱାରା ଭୁବନେଶ୍ୱର ରଘୁନାଥପୁରରେ ଏକ ପରୀକ୍ଷା କେନ୍ଦ୍ରରେ ମଧ୍ୟ ଚଢ଼ଉ କରାଯାଇଛି । ଅନ୍ୟପକ୍ଷରେ ଏହି ସମଗ୍ର ଘଟଣା ପଛରେ କିଛି ବଡ଼ବଡ଼ିଆଙ୍କ ▶ପୃଷ୍ଠା-୭

### ରଘୁନାଥପୁରସ୍ଥିତ ଶ୍ରୀଲିଙ୍ଗରାଜ ଇନ୍‌ଫୋସେଲ୍‌ରେ ଚଢ଼ଉ

### କଳା ତାଲିକାଭୁକ୍ତ ସଂସ୍ଥାକୁ ପ୍ରଶ୍ନପତ୍ର ପ୍ରସ୍ତୁତି ଦାୟିତ୍ୱ



## ଶଙ୍କର ପୃଷ୍ଟିର ମହାରାଷ୍ଟ୍ର ଲିଙ୍କ୍

■ **ଭୁବନେଶ୍ୱର, ୫।୧୦ (ସମିସ):** ଏସଆଇ ପରୀକ୍ଷା ମହାଦୁର୍ନୀତିର ଅନ୍ୟତମ ମୁଖ୍ୟ କାର୍ପଟଦାର ପଞ୍ଚସପ୍ଟ ମାଲିକ ଶଙ୍କର ପୃଷ୍ଟି ଫେରାର ହୋଇଯାଇଛି ବୋଲି କୁହାଯାଉଛି । ମାତ୍ର ଦୁଇଦିନ ତଳେ ଶଙ୍କର ପୃଷ୍ଟି ଓଡ଼ି-୦୭-ଏୟୁ-୯୭୭୭ ଗାଡ଼ିରେ ରାଜଧାନୀରେ ବୁଲୁଥିବା ସୂଚନା ମିଳିଛି । ଶଙ୍କର ପୃଷ୍ଟିର ଘର ଗଞ୍ଜାମ ଜିଲ୍ଲାର ହିଞ୍ଜିଳିକାଟୁ ନିକଟସ୍ଥ ବ୍ରାହ୍ମଣସାହି ଗ୍ରାମରେ । ବ୍ରହ୍ମପୁରରେ ମଧ୍ୟ ଶଙ୍କର ପୃଷ୍ଟିର ଘର ରହିଛି; କିନ୍ତୁ ସେହି ଘରେ ▶ପୃଷ୍ଠା-୭

## ସଂଶୟରେ ଓସିଏସ୍ ଓ ଆର୍‌ଆଇ ପରୀକ୍ଷାର୍ଥୀ

■ **ଭୁବନେଶ୍ୱର, ୫।୧୦ (ସମିସ):** ରାଜ୍ୟରେ ପୁଲିସ୍ ଏସ୍‌ଆଇ ଚାକିରି ବିକ୍ରି ଘଟଣା ସାରା ଦେଶରେ ହଇଚଇ ସୃଷ୍ଟି କରିଛି । ଓଡ଼ିଶା ପୁଲିସ୍ ନିଯୁକ୍ତି ବୋର୍ଡ (ଓପିଆର୍‌ବି) ପରିଚାଳିତ ପରୀକ୍ଷାରେ ଯାବତୀୟ ଅନିୟମିତତା ଓ କେଳେଙ୍କାରୀ ପଦାକୁ ଆସିବା ପରେ ମେଧାବୀମାନେ ନିରାଶ ହୋଇଛନ୍ତି । ଏହି ସମୟରେ ଆସନ୍ତା ୮ ତାରିଖରେ ଆରମ୍ଭ ହେବାକୁ ଥିବା ଓଡ଼ିଶା ଅଧସ୍ତନ କର୍ମଚାରୀ ଚୟନ ଆୟୋଗ (ଓଏସ୍‌ଏସ୍‌ଏସ୍‌ସି) ପରିଚାଳିତ ଆର୍‌ଆଇ, ଏଆର୍‌ଆଇ ଓ ଅମିନ ପରୀକ୍ଷା ଏବଂ ଆସନ୍ତା ୧୨ ତାରିଖରେ ହେବାକୁଥିବା ଓପିଏସ୍‌ସି ପରିଚାଳିତ ଓସିଏସ୍ ପରୀକ୍ଷାର ପରୀକ୍ଷାର୍ଥୀମାନେ ସଂଶୟ ମଧ୍ୟରେ ଗତି କରୁଛନ୍ତି । ବିଧାନସଭାର ଗତ ଶୀତ ଅଧିବେଶନ ସମୟରେ ଖୋଦ୍ ମୁଖ୍ୟମନ୍ତ୍ରୀ ଓପିଏସ୍‌ସି ଦ୍ୱାରା ପରିଚାଳିତ ପରୀକ୍ଷା ସମ୍ପର୍କରେ ନକରାତ୍ମକ ମନ୍ତବ୍ୟ ପ୍ରଦାନ କରିବା ସହ ନିଯୁକ୍ତି ଜାଲିଆତିର ସବୁ ଗଳାବାଟ ବନ୍ଦ କରିଥିବା ଦୃଢ଼ୋକ୍ତି ବାଢ଼ିଥିଲେ । ମାତ୍ର କେଇଟା ମାସ ଯାଇନାହିଁ, ଗୋଟିଏ ପରେ ଗୋଟିଏ ପରୀକ୍ଷାର ପ୍ରଶ୍ନ ପ୍ରଘଟ, ଚାକିରି ▶ପୃଷ୍ଠା-୭







## ଗଣତାନ୍ତ୍ରିକ ଅଧିକାର ସୁରକ୍ଷା ସଂଗଠନର ଆଲୋଚନାଚକ୍ର




ବାଲେଶ୍ୱର, ୫।୧୦(ସମିସ): ଜଣେ ବିଶିଷ୍ଟ ପରିବେଶବିତ ତଥା ସମାଜସେବୀ ଓ ଶିକ୍ଷାବିତ ଏବଂ ଲାଦାଖର ସର୍ବମାନ୍ୟ ଜନନେତା ସୋନମ ୱାଙ୍ଗଚୁକଙ୍କୁ ଜାତୀୟ ନିରାପତା ଆଇନରେ ଗିରଫ କରି କେନ୍ଦ୍ର ସରକାର ସମ୍ବିଧାନ ପ୍ରଦତ ନାଗରିକର ମୌଳିକ ଗଣତାନ୍ତ୍ରିକ ଅଧିକାରକୁ ଉଲ୍ଲଂଘନ କରିଛନ୍ତି ବୋଲି ଗଣତାନ୍ତ୍ରିକ ଅଧିକାର ସୁରକ୍ଷା ସଂଗଠନ(ଗାସ)ର ବାଲେଶ୍ୱର ଜିଲ୍ଲା ଶାଖା କମିଟିର ଆଲୋଚନା ଚକ୍ରରେ ମତ ପାଇଛି । ସ୍ଥାନୀୟ ଓଡ଼େଶା ଭବନରେ ସାମାଜିକ କର୍ମୀ ଗୌରାଙ୍ଗ ପାଣିଗ୍ରାହୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ରାଜ୍ୟ କମିଟିର ସମ୍ପାଦକ ଦେବରଞ୍ଜନଙ୍କ ସମେତ ଉପସଭାପତି ସୁନାକର ବଳ, କବି ବିଜୟ ଉପାଧ୍ୟାୟ, ଜିଲ୍ଲା ଶାଖାର ସମ୍ପାଦକ ଗୋବିନ୍ଦ ଦଳାଇ,ସିଭିଲ ସୋସାଇଟିର ସମ୍ପାଦକ ମନୋଜ ନାୟକ, ଭିଟାମାଟି ସୁରକ୍ଷା ସଙ୍ଗଠନ ରାଜ୍ୟନେତା ଅରୁଣ ଜେନା, ଏଆଇଟିୟୁସିର ଜିଲ୍ଲା ସଭାପତି ଭାଗବତ ପ୍ରତିହାରୀ ଓ ଆଇନଜୀବୀ ନିରଞ୍ଜନ ପରିଡା ପ୍ରମୁଖ ଯୋଗଦେଇ କହିଥିଲେ ଯେ, ଡବଲ ଇଞ୍ଜିନ ସରକାର କିପରି ସମସ୍ତ ବର୍ଗର ନାଗରିକଙ୍କର ସ୍ୱାଧୀନ ମତବ୍ୟକ୍ତ କରିବାର ଅଧିକାର ଉପରେ ଆକ୍ରମଣ କରୁଛନ୍ତି ତାହାର ଦୃଷ୍ଟାନ୍ତ ଦେଇଥିଲେ । ଇଂ କାର୍ତ୍ତିକ କୁମାର ମଞ୍ଚ ଆହ୍ୱାନ କରିଥିବା ବେଳେ ଆଲୋଚନାଚକ୍ରର ଆବାହକ ସୁଦର୍ଶନ ଜେନା ପ୍ରାରମ୍ଭିକ ସୂଚନା ଦେଇ ଗଣତାନ୍ତ୍ରିକ ଅଧିକାର ସୁରକ୍ଷା ସଙ୍ଗଠନର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ସୂଚନା ଦେଇଥିଲେ । ହୃଷିକେଶ ସାହୁ ଧନ୍ୟବାଦ ଦେଇଥିଲେ । ବରିଷ୍ଠ ଆଇନଜୀବୀ ଶମ୍ଭୁନାଥ ମହାନ୍ତି, ଶ୍ରମିକନେତା ଶ୍ୟାମସୁନ୍ଦର ଜେନା, ଶଚୀନ୍ଦ୍ର ଦାସ, ସୀତାରାମ ପ୍ରଧାନ, ବେଣୁଧର ସାହୁ, ପର୍ଶୁରାମ ବିନ୍ଧାଣୀ ଓ ବଂଶୀଧର ଜେନା ପ୍ରମୁଖ ଉପସ୍ଥିତ ଥିଲେ ।

# ରେଳଷ୍ଟେସନ ସମ୍ମୁଖ ଶିବମନ୍ଦିର ଉଚ୍ଛେଦ ନେଇ ଉତ୍ତେଜନା

ଜଳେଶ୍ୱର, ୫।୧୦ (ସମିସ)

ଜଳେଶ୍ୱର ରେଳଷ୍ଟେସନ ସମ୍ମୁଖରେ ଥିବା ଶିବ ମନ୍ଦିର ଉଚ୍ଛେଦକୁ ନେଇ ଜଳେଶ୍ୱରରେ ଉତ୍ତେଜନା ସୃଷ୍ଟି ହୋଇଛି । ଜଳେଶ୍ୱର ଷ୍ଟେସନ ଅମୃତ ଭାରତ ପ୍ରକଳ୍ପରେ ଯୋଡି ହେବା ପରେ ନୂତନ ବିଶ୍ୱ ସ୍ତରୀୟ ଷ୍ଟେସନ ହେବ ବୋଲି ଜଳେଶ୍ୱର ଷ୍ଟେସନ ସମ୍ମୁଖରେ ଏକ ମଡେଲ ଚିତ୍ର ଉଦ୍‌ଘାଟନ କରାଯାଇଥିଲା । ସେଥିପାଇଁ ଷ୍ଟେସନର ସୀମା ନିର୍ଦ୍ଧାରଣ କରାଯାଇ ବହୁ ଲୋକଙ୍କୁ ଉଚ୍ଛେଦ ମଧ୍ୟ କରାଯାଇଥିଲା । ସେତେବେଳେ ଏହି ଷ୍ଟେସନ ସମ୍ମୁଖରେ ଥିବା ବହୁ ପୁରାତନ ଶିବ ମନ୍ଦିର ରହିଥିବାର ଚିତ୍ର ମଧ୍ୟ ଉକ୍ତ ମଡେଲରେ ସ୍ଥାନ ପାଇଥିଲା । ମାତ୍ର ଅମୃତ ଭାରତ ଷ୍ଟେସନ ତିଆରି ହେବା ଦୂରର କଥା ବର୍ତମାନ ମଡେଲର ବିପରିତ କାର୍ଯ୍ୟ ଆରମ୍ଭ ହେଉଥିବା ବେଳେ ପୂର୍ବରୁ ସ୍ଥାନ ପାଇଥିବା ମନ୍ଦିରକୁ ବିନା କାରଣରେ ଉଚ୍ଛେଦ ପାଇଁ ଖଡଗପୁର ଡିଭିଜନ ତରଫରୁ ନୋଟିସ ଦିଆଯାଇଛି । ଏହା ଜଳେଶ୍ୱର ବାସୀଙ୍କ ଭାବାବେଗକୁ କୁଠାରଘାତ କରୁଛି ବୋଲି ଜଳେଶ୍ୱରବାସୀ ଅନୁଭବ କରି ଗତକାଲି ସ୍ଥାନୀୟ କାଳୀ ମନ୍ଦିର ନିକଟରେ ଏକ ସର୍ବଧର୍ମ ଓ ସର୍ବଦଳୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି ।

ଜଳେଶ୍ୱର ଷ୍ଟେସନର ଉନ୍ନତି ବିଷୟରେ କୌଣସୀ କାର୍ଯ୍ୟ ହେଉନଥିବା ବେଳେ ଏହି ମନ୍ଦିର କାହା ସ୍ୱାର୍ଥରେ ଭଙ୍ଗା ଯାଉଛି ବୋଲି ବୈଠକରେ ଆଲୋଚନା ହେବା ସହିତ ଏଥିପାଇଁ ଜଳେଶ୍ୱର ବାସୀ ଜୋରଦାର ବିରୋଧ କରିବେ ବୋଲି ନିଷ୍ପତ୍ତି ନିଆଯାଇଛି । ଏଥିନେଇ ଏକ ଦାବିପତ୍ର ରେଳ ବିଭାଗର ବିଭିନ୍ନ ବିଭାଗୀୟ ଅଧିକାରୀ, ସାଂସଦ, ବିଧାୟକ ଓ ବିଭିନ୍ନ ରାଜନୈତିକ ଜନପ୍ରତିନିଧିଙ୍କୁ ପ୍ରଦାନ କରାଯିବ ଏବଂ ଦରକାର ପଡିଲେ ଆନ୍ଦୋଳନ କରାଯିବ ବୋଲି କୁହାଯାଇଛି । ଏଥିନେଇ ଏକ କାର୍ଯ୍ୟକାରୀ କମିଟି ମଧ୍ୟ ଗଠନ କରାଯାଇଛି । ଏହି ବୈଠକରେ ପୌରାଧକ୍ଷ ପ୍ରତୀପ କୁମାର ପ୍ରଧାନ, ଓଡିଶା ଉଚ୍ଚ ନ୍ୟାୟାଳୟର ବରିଷ୍ଠ ଆଇନଜୀବୀ ରାମଚନ୍ଦ୍ର ଜେନା, ବଣିକ ସଂଘର ସଭାପତି ସୁଧୀର କୁମାର ମହାନ୍ତି, ସମାଜସେବୀ କମଳ ଚକ୍ରବର୍ତୀ, କାଉନସିଲର ସୁରଜ ଚୈରାସିଆ, ବିଜେପି ନେତା ସମୀର କୁମାର ପାତ୍ର, ସମାଜସେବୀ ବିଜୟ କାମିଲା, ପ୍ରଭାସ ଚନ୍ଦ୍ର ଗିରି, ସୁକୁମାର ରଣା, ଅଶୋକ କୁମାର ଦାସ, ବରିଷ୍ଠ ସାମ୍ବାଦିକ ସେକ ଅବଦୁଲ ରହିମ, ଅବନୀ ଚାନ୍ଦ, ବିଜେଡି ଟାଉନ ସଭାପତି ସୁରଜିତ ଘୋଷ, ଗିରିଶ କୁମାର ପାଣିଗ୍ରାହୀ, ସମାଜସେବୀ ଗୁରୁପ୍ରସାଦ ଚୈରାସିଆ, ରାମଭରଷ ସାହୁ, ତାପସ ପାଣିଗ୍ରାହୀ, ଆନନ୍ଦ କର, ସୁଶାନ୍ତ ସାହୁ, ପ୍ରତିତପାବନ ପ୍ରଧାନଙ୍କ ସହିତ ଜଳେଶ୍ୱର ଅଂଚଳର ବହୁ ବୁଦ୍ଧିଜୀବୀ ଏହି ବୈଠକରେ ଯୋଗଦେଇଥିଲେ । ଓଡିଶା ରାଜ୍ୟ ସରକାରଙ୍କ ଏହି ଅଂଚଳ ପ୍ରତି ଉଦାସିନତାର ଫାଇଦା ନେବାରେ ଲାଗିଛି ପଶ୍ଚିମବଙ୍ଗ ପ୍ରଶାସନ । ସୀମାକୁ ଲାଗି



ରହିଥିବା ଓଡିଶାର ଉତ୍ତର ବାଲେଶ୍ୱରବାସୀ ଦିନକୁ ଦିନ ବଙ୍ଗୀୟଙ୍କ ବିଭିନ୍ନ ସମସ୍ୟାର ଶିକାର ହେଉଛନ୍ତି । ଖାଲି ସୀମା ଅଂଚଳକୁ ନିଜ କବଜାକୁ ନେବା ବିଷୟ ନୁହେଁ । ରେଳ ଚଳାଚଳ ସମସ୍ୟାକୁ ନେଇ ପରିସ୍ଥିତି ଦିନକୁ ଦିନ ଉତ୍କଟ ହେବାରେ ଲାଗିଛି । କାରଣ ବାଲେଶ୍ୱର ଓ ଭଦ୍ରକ ଜିଲ୍ଲାରେ ଥିବା ଷ୍ଟେସନ ଗୁଡିକ ଖଡଗପୁର ଡିଭିଜନ ଅଧିନରେ ରହିଥିବାରୁ ବଙ୍ଗୀୟ ଲୋକଙ୍କ ଦୌରାତ୍ମ୍ୟର ଶିକାର ସବୁଦିନ ହେବାକୁ ପଡୁଛି । ଓଡିଶାକୁ ଆସୁଥିବା ବିଭିନ୍ନ ପାସେଂଜର ଟ୍ରେନ ଗୁଡିକ ଖଡଗପୁରରୁ ଜଳେଶ୍ୱର ଓ ଭଦ୍ରକରୁ ଜଳେଶ୍ୱର ପଂହଚିବାରେ ନାହିଁ ନ ଥିବା ବିଳମ୍ବ ସବୁଦିନ ହୋଇ ଆସୁଛି । ଏହାଛଡା ବିନା କାରଣରେ ବହୁ ସମୟରେ ପାସେଂଜର ଟ୍ରେନର ବାତିଲ, ଷ୍ଟେସନ ଗୁଡିକରେ ଉନ୍ନତି ମୁଳକ କାର୍ଯ୍ୟରେ ନାହିଁ ନଥିବା ବିଳମ୍ବ । ଷ୍ଟେସନ ଗୁଡିକର ଉନ୍ନତି ମୁଳକ କାର୍ଯ୍ୟର ଟେଣ୍ଡର ପରେ ମଧ୍ୟ ବାତିଲ ବା ପରିବର୍ତନ ସବୁଦିନ ହୋଇଚାଲିଛି । କିଛିମାସ ପୂର୍ବରୁ ବାଲେଶ୍ୱର ସାଂସଦ ଓ ରେଳ ମନ୍ତ୍ରୀଙ୍କ ଦ୍ୱାରା ଜଳେଶ୍ୱର ଷ୍ଟେସନ ଅମୃତ ଭାରତ ଯୋଜନାରେ ଯୋଡିହେବା ସହିତ ଲକ୍ଷଲକ୍ଷ ଟଙ୍କା ଖର୍ଚ୍ଚ କରି ପ୍ରକଳ୍ପ ଉଦ୍‌ଘାଟନ ସମାରୋହ କରାଯିବା ପରେ ଏବେ କାର୍ଯ୍ୟ ଶୂନ ବୋଲି ଜଣାପଡିଛି । ପଶ୍ଚିମବଙ୍ଗର ବେଲଦା ଷ୍ଟେସନ ସେତେବେଳେ ଏହି ଯୋଜନାରେ ନଥିବା ବେଳେ ବର୍ତମାନ ସେଠାରେ ଉନ୍ନତି ମୂଳକ କାର୍ଯ୍ୟଆରମ୍ଭ ହୋଇଥିବା ବେଳେ ଜଳେଶ୍ୱର ସେଥିରୁ ବାଦ ପଡିବାକୁ ଯାଉଛି । ଏଥିରେ କେନ୍ଦ୍ରମନ୍ତ୍ରୀ ଓ ବାଲେଶ୍ୱର ସାଂସଦ ଚୁପ ରହୁଥିବାର କାରଣ ଅସ୍ପଷ୍ଟ । କଲିକତାର ଗାଡେନରିଚରେ ଯେତେବେଳେ ଯେଉଁ ବଙ୍ଗାଳୀ ଅଫିସର ବସିଲେ ସେ ତାଙ୍କ ଇଚ୍ଛାନୁଯାୟୀ କାର୍ଯ୍ୟ କରିଚାଲିଥିବାର ଅଭିଯୋଗ ହେଉଛି । ଯାହାର ଉଦାହରଣ ଦୀଘା ଜଳେଶ୍ୱର ରେଳ ପ୍ରକଳ୍ପ ହେଉ ବା ଜଳେଶ୍ୱର ଷ୍ଟେସନରେ ଅମୃତ ଭାରତ କାର୍ଯ୍ୟ ପରିବର୍ତନ ଓ ବିଳମ୍ବର କାରଣ । ଜଳେଶ୍ୱର ଷ୍ଟେସନ ଠାରୁ ସମସ୍ତ ଉତ୍ତର ଓଡିଶାକୁ ଖୋର୍ଦ୍ଧା ବା ନୂତନ ଏକ ଡିଭିଜନରେ ସାମିଲ କରିବା ପାଇଁ ଜୋରଦାର ଦାବି ହେଉଛି ।

## ପ୍ରତିରକ୍ଷା ବୈଜ୍ଞାନିକ ଚିତ୍ତରଞ୍ଜନ ଦାସଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା




ବାଲେଶ୍ୱର, ୫।୧୦(ସମିସ): ଚାନ୍ଦିପୁର ପ୍ରତିରକ୍ଷା ପ୍ରତିଷ୍ଠାନରୁ ଜଣେ ସିନିୟର ଟେକ୍ନିକାଲ୍ ଅଫିସର ବା ବୈଜ୍ଞାନିକ ରୂପେ କାର୍ଯ୍ୟକରି ଅବସର ଗ୍ରହଣ କରିଥିବା ଚିତ୍ତରଞ୍ଜନ ଦାସଙ୍କ ନିମନ୍ତେ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି । ସ୍ଥାନୀୟ ଡିଫେନ୍ସ କଲୋନୀସ୍ଥିତ ସଭାଗୃହରେ ଆୟୋଜିତ ଏହି ସଭାରେ କବି ତଥା 'ମାସ୍'ର ସଭାପତି ଅଭୟ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ ପ୍ରୁଫ୍ ଅବସରପ୍ରାପ୍ତ କର୍ମଚାରୀ ସଂଘର ସଭାପତି କୈଳାଶ ଚନ୍ଦ୍ର ମଲ୍ଲିକ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଚିତ୍ତବାବୁଙ୍କ କର୍ମମୟ ଜୀବନ ସଂପର୍କରେ ଆଲୋଚନା କରିଥିବା ବେଳେ ସଂଘର ସଂପାଦକ କେଶବ ଚନ୍ଦ୍ର ମହାନ୍ତି, ସମାଜସେବୀ ଲେଖକ ଦିବାକର ମହାପାତ୍ର, 'ମାସ୍'ର ବରିଷ୍ଠ ସଦସ୍ୟ ଓ ସଦସ୍ୟା ବିଜୟ ଦାସ ଅଧିକାରୀ, ପ୍ରଣିତା ମିଶ୍ର, ପୁଷ୍ପିତା ଦାସ, ଆଶ୍ରିତା ତରେଇ, ଶ୍ରଦ୍ଧାଞ୍ଜଳି ରାୟ, ପ୍ରତିମା ପଣ୍ଡା, ମଞ୍ଜୁଲତା ବଳ, ଅଧ୍ୟାପକ ରବୀନ୍ଦ୍ର ଦାଶ, ପ୍ରତିରକ୍ଷା କର୍ମଚାରୀ ମହେଶ୍ୱର ଜେନା, ସୁରେନ୍ଦ୍ର ଜେନା, ଅଭ୍ୟୁଦୟ ଦାସ ଏବଂ ରୁଚିର କୁମାର ଦାସ ପ୍ରମୁଖ ଆଲୋଚନା କରିଥିଲେ ।

## କାରକୁ ଧକ୍କା ଦେଲା ତେଲ ଟ୍ୟାଙ୍କର

ରାଜଘାଟ, ୫।୧୦ (ସମିସ): ବସ୍ତା ଥାନା ୬୦ ନମ୍ବର ଜାତୀୟ ରାଜପଥର ଦଉପୁର କାଳୀଜାଇ ହୋଟେଲ ନିକଟରେ ଓଭରଟେକ କରୁଥିବା କାରକୁ ଗୋଟିଏ ତେଲ ଟ୍ୟାଙ୍କର ଧକ୍କା ଦେବାରୁ କାରଟିର ଚାଳକ ପାଶ୍ୱର୍ ଭାଙ୍ଗିରୁଜି ଚୁରମାର୍ ହୋଇଥିବା ବେଳେ ୪ ଜଣ ଯାତ୍ରୀ ଅଳ୍ପକେ ବର୍ତ୍ତି ଯାଇଛନ୍ତି । ଏକ କାର ଗୋଟିଏ ତେଲ ଟ୍ୟାଙ୍କରକୁ ଓଭରଟେକ କରୁଥିବା ସମୟରେ ହଠାତ୍ ଡାହାଣକୁ ବୁଲିପଡ଼ିବାରୁ ତାହା ଟ୍ୟାଙ୍କର ସହ ଧକ୍କା ଦେଇ ଭାରସାମ୍ୟ ହରାଇ ଓଲଟି ପଡ଼ିଥିଲା । ଯାହାଦ୍ୱାରା ଟ୍ୟାଙ୍କରଟି ମଧ୍ୟ ନିଜର ନିୟନ୍ତ୍ରଣ ହରାଇ କାରଟିକୁ ଧକ୍କା ଦେଇଥିଲା । ଜାତୀୟ ରାଜପଥ ପହରା ପୁଲିସ ଗାଡ଼ି ଦୁଇଟିକୁ ଜବତ କରି ବସ୍ତା ପୁଲିସକୁ ହସ୍ତାନ୍ତର କରିଛି ।

## ରାଜ୍ୟସ୍ତରୀୟ ସିନିୟର୍ ବ୍ୟାଡ୍‌ମିଣ୍ଟନ୍ ପ୍ରତିଯୋଗିତା

### ୧୫୦ରୁ ଅଧିକ ପ୍ରତିଯୋଗୀଙ୍କ ଅଂଶଗ୍ରହଣ

ବାଲେଶ୍ୱର, ୫।୧୦ (ସମିସ): ଜିଲ୍ଲା ବ୍ୟାଡ୍‌ମିଣ୍ଟନ୍ ସଂଘ ପକ୍ଷରୁ ସ୍ଥାନୀୟ ବିଜୁ ପଟ୍ଟନାୟକ ଇନ୍‌ଡୋର୍ ଷ୍ଟାଡିୟମ୍‌ଠାରେ ରାଜ୍ୟସ୍ତରୀୟ ବରିଷ୍ଠ ବ୍ୟାଡ୍‌ମିଣ୍ଟନ୍ ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଯାଇଛି । ରାଜ୍ୟର ସବୁ ଜିଲ୍ଲାରୁ ୧୫୦ରୁ ଅଧିକ ପ୍ରତିଯୋଗୀ ତଥା ବାଳକ ଓ ବାଳିକା ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଛନ୍ତି । ଏହି ପ୍ରତିଯୋଗିତା ପରିଚାଳନା ପାଇଁ ରାଜ୍ୟ ବ୍ୟାଡ୍‌ମିଣ୍ଟନ ସଂଘ ପକ୍ଷରୁ ରାଜ୍ୟ ତଥା ଜାତୀୟ ସ୍ତରର ସ୍ୱିକୃତିପ୍ରାପ୍ତ ଖେଳ ପରିଚାଳକଙ୍କୁ ଦାୟିତ୍ୱ ଦିଆଯାଇଛି । ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ବିଭିନ୍ନ ଘରୋଇ ଅନୁଷ୍ଠାନର ନିର୍ଦ୍ଦେଶକ ଜ୍ଞାନରଞ୍ଜନ ଦାସ, ରାଜେନ୍ଦ୍ର ଗୁପ୍ତା ଓ ରୋହିତ ଗୁପ୍ତା, ଜିଲ୍ଲା



ବ୍ୟାଡ୍‌ମିଣ୍ଟନ୍ ସଂଘ ସଭାପତି ଚିନ୍ମୟ ବିଶ୍ୱାଳ, ସମ୍ପାଦକ ମନୋରଞ୍ଜନ ପଣ୍ଡା, ପ୍ରତିଯୋଗିତା ନିର୍ଦ୍ଦେଶକ ସମୀର ଦାସ, ପ୍ରତିଯୋଗିତା ଅବଜରଭର୍ ପ୍ରିତପାଲ ସିଂ, ରାଜ୍ୟ ସଂଘର ଯୁଗ୍ମ ସମ୍ପାଦକ ଜୟ ପ୍ରକାଶ ସିଂ, ଜିଲ୍ଲା ବ୍ୟାଡ୍‌ମିଣ୍ଟନ୍ ସଂଘର ନିର୍ଦ୍ଦେଶକ ସୁଜୟ ନାୟକ, ମୁଖ୍ୟ ଖେଳ ପରିଚାଳକ ମନୋଜ ସାବତ ପ୍ରମୁଖ ପ୍ରତିଯୋଗିତା ପରିଚାଳନା କରିଥିଲେ । ଆୟୁଷ୍ମାନ ଖୁଣ୍ଟିଆ, ବିଷ୍ଣୁ ଖିଲାର, ଚିନୁ ପଣ୍ଡା, ଭବାନୀ ବେହେରା, ରାଜୀବ ସାହୁ ପ୍ରମୁଖ ଖେଳ ପରିଚାଳନାରେ ସହଯୋଗ କରିଥିଲେ ।

## 'ସହାୟକ'ର ବାର୍ଷିକ ଉତ୍ସବ




ବାଲେଶ୍ୱର, ୫।୧୦(ସମିସ): ଜନକଲ୍ୟାଣୀ ସେବା ସଂସ୍ଥା 'ସହାୟକ'ର ଊନବିଂଶ ବାର୍ଷିକ ଉତ୍ସବ ଆଜି 'ଆତିଥ୍ୟ ଭବନ'ରେ ସଭାପତି ଡ କ୍ଷିତୀଶ୍ୱର ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଏନଡିଏ ପୁନେର ଅବସରପ୍ରାପ୍ତ ପ୍ରଫେସର ଡ. ହରିହର ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଅସହାୟକୁ ସହାୟ ହିଁ ମାନବିକତା ବୋଲି ଉଲ୍ଲେଖ କରି ସଙ୍ଗଠନ କାର୍ଯ୍ୟଧାରା ତଥା ଭୂମିକାକୁ ପ୍ରଶଂସା କରିଥିଲେ । ସମ୍ମାନିତ ଅତିଥି ଭାବେ ସଂଘର ପ୍ରତିଷ୍ଠାତା ତଥା ବରିଷ୍ଠ ଉପଦେଷ୍ଟା ଦିବାକରମହାପାତ୍ର ଏବଂ ବନମାଳୀ ନାୟକ ଯୋଗଦେଇ ଆଲୋଚନା କରିଥିଲେ । ସଙ୍ଗଠନର ବାର୍ଷିକ ମୁଖପତ୍ର ୨୦୨୫କୁ ଅତିଥିମାନେ ଉନ୍ମୋଚନ କରିଥିଲେ । ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ପ୍ରଦର୍ଶନ କରିଥିବା ସଙ୍ଗଠନ, ବ୍ୟକ୍ତିବିଶେଷ, କୃତି ଛାତ୍ରଛାତ୍ରୀମାନଙ୍କୁ ମାନପତ୍ର ଓ ଆର୍ଥିକ ଅନୁଦାନ ପ୍ରଦାନ କରାଯାଇଥିଲା । ଗୋପାଳ ଚନ୍ଦ୍ର ଜେନା ମଂଚ ଆହ୍ୱାନ କରିଥିବା ବେଳେ ଗୁଣାକର ଦେ ଅତିଥି ପରିଚୟ ପ୍ରଦାନ କରିଥିଲେ । କାର୍ଯ୍ୟକ୍ରମକୁ ପ୍ରଫୁଲ୍ଲ କୁମାର ଦାସ, ଅକ୍ଷୟ କୁମାର ତ୍ରିପାଠୀ, ଶ୍ୟାମସୁନ୍ଦର ଜେନା, ଗଙ୍ଗାଧର ପୃଷ୍ଟି, କଲ୍ୟାଣୀ ନନ୍ଦ, ପ୍ରତିମା ପଣ୍ଡା, ଦୀପ୍ତିଲତା ଦାସ, ଅମିତା ଦାଶ ପ୍ରମୁଖ ସହଯୋଗ କରିଥିଲେ । ଉପସଭାପତି ଯୋଗେଶ ଚନ୍ଦ୍ର ପ୍ରଧାନ ଧନ୍ୟବାଦ ଦେଇଥିଲେ ।

## ମିନି ପାର୍କ ଉଦ୍‌ଘାଟିତ

ବାଲେଶ୍ୱର, ୫।୧୦(ସମିସ): ସ୍ୱଚ୍ଛ ଉତ୍ସବ ଆନୁକୂଲ୍ୟରେ ଏକ ସିଟିଯୁ ଶୋଭାରାମପୁର ଫ୍ଲାଏ ଓଭରବ୍ରିଜ ନିକଟରେ ଉଦ୍‌ଘାଟିତ ହୋଇଯାଇଛି । ଯେଉଁଥିରେ ଏକ ଆବର୍ଜନା ସ୍ଥଳୀଟିକୁ ମିନି ପାର୍କରେ ରୂପାନ୍ତରିତ କରାଯାଇ ବାଲେଶ୍ୱରବାସୀଙ୍କ ନିମନ୍ତେ ଉତ୍ସର୍ଗ କରାଯାଇଛି । ଏହି ଅବସରରେ ଗାନ୍ଧୀ ସ୍ମୃତି ଭବନରେ ବାଲେଶ୍ୱର ପୌରପାଳିକାକୁ ସ୍ୱଚ୍ଛତା ଦିଗରେ ଆଗେଇ ନେବା ସହ ଏକ ନୂତନ ବାଲେଶ୍ୱର ଗଠନ ନିମନ୍ତେ ସ୍ୱଚ୍ଛ ବାଲେଶ୍ୱର, ସବୁଜ ବାଲେଶ୍ୱର ଓ ସ୍ୱପ୍ନର ବାଲେଶ୍ୱରର ନୂତନ ଲୋଗୋ ଉନ୍ମୋଚିତ କରାଯାଇଥିଲା । ଏହି ଲୋଗୋଟିକୁ ଉନ୍ମୋଚିତ କରିଥିଲେ ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଏବଂ ତାଙ୍କ ସହ ଥିଲେ ସଦର ବିଧାୟକ ମାନସ କୁମାର ଦତ୍ତ, ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ, ଉପ ଜିଲ୍ଲାପାଳ ଶିବ ମାଲଭିୟା, ପୌରଧକ୍ଷା ସବିତା ସାହୁ, କାର୍ଯ୍ୟନିର୍ବାହୀ ଅଧିକାରୀ ନିର୍ଲିପ୍ତା ମହାନ୍ତି ଉପସ୍ଥିତ ଥିଲେ ।

## ବିଭିନ୍ନ ଗଣ ଆନ୍ଦୋଳନର ନେତୃତ୍ୱଙ୍କ ବୈଠକ

ବାଲେଶ୍ୱର, ୫।୧୦(ସମିସ): ବାଲେଶ୍ୱରସ୍ଥିତ ଫାଣ୍ଡି ଛକ ୟୁନିଅନ ଅଫିସ ଠାରେ କଂଗ୍ରେସ, ସି. ପି. ଆଇ, ସିପିଆଇଏମ ଏବଂ ବିଭିନ୍ନ ଗଣ ଆନ୍ଦୋଳନର ନେତୃତ୍ୱ ମାନଙ୍କର ଏକ ବୈଠକ ପୂର୍ବତନ ବିଧାୟକ ପ୍ରଦୀପ୍ତ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ ସାମାଜିକ କର୍ମୀ, ବୈଜ୍ଞାନିକ ସୋନମ ୱାଂଚୁଙ୍କୁ ଦେଶଦ୍ରୋହୀ ଆଖ୍ୟା ଦେଇ ଅଗଣାତାନ୍ତ୍ରିକ ଭାବେ ଗିରଫ କୁ ଦୃଢ ବିରୋଧ କରିବା ସହିତ ସୋନାମଙ୍କୁ ତୁରନ୍ତ ମୁକ୍ତ କରିବା ପାଇଁ ଦାବି କରାଯାଇଛି । ଆଗାମୀ ଦିନରେ ଗଣ ଆନ୍ଦୋଳନ ବ୍ୟାପକ କରିବା ପାଇଁ ପ୍ରସ୍ତୁତି ନେବାକୁ ଆହ୍ୱାନ ଦିଆଯାଇଛି । ଏଥିପାଇଁ ନାଗରିକ ଅଧିକାର ସୁରକ୍ଷା ଅଭିଯାନ ନାମରେ ସୋମବାର ୱାଂଚୁଙ୍କୁ ତୁରନ୍ତ ମୁକ୍ତି କର ଦାବିରେ ଜିଲ୍ଲାପାଳଙ୍କ ଜରିଆରେ ରାଷ୍ଟ୍ରପତିଙ୍କ ନିକଟକୁ ଏକ ଦାବିପତ୍ର ଦିଆଯିବ ବୋଲି ଘୋଷଣା କରାଯାଇଛି । ଏହା ଛଡା ଆସନ୍ତା ଅକ୍ଟୋବର ୨୬ ତାରିଖ ବାଲେଶ୍ୱର ଠାରେ ଏକ ଗଣ ସମାବେଶ ଜରିଆରେ ଏହି ଆନ୍ଦୋଳନକୁ ବ୍ୟାପକ କରାଯିବ ବୋଲି ଘୋଷଣା କରାଯାଇଛି । ଆଜିର ବୈଠକରେ ସିପିଆଇ ଜିଲ୍ଲା ସମ୍ପାଦକ ଭାଗବତ ପ୍ରତିହାରି, କଂଗ୍ରେସ ନେତା ପୂର୍ବତନ ବିଧାୟକ ସୁଦର୍ଶନ ଜେନା, ତୁଷାର ମହାପାତ୍ର, ସିପିଆଇଏମ ଜିଲ୍ଲା ସମ୍ପାଦକ ଶିଶିର ହୁଇ, ନିର୍ମଳ ନାୟକ, ପ୍ରେମ ରଞ୍ଜନ ପାତ୍ର, ସିପିଆଇ ନେତା ଶ୍ୟାମ ଜେନା, ବନ୍ଦନା ବିଶ୍ୱାସ, କଂଗ୍ରେସ ନେତା ତଥା ବାଲିଆପାଳ ଭିଟାମାଟି ସୁରକ୍ଷା କମିଟି ନେତା ଅରୁଣ ଜେନା, ସିଭିଲ ସୋସାଇଟି ଏବଂ ବାଲେଶ୍ୱର ବାରର ପୁର୍ବତନ ସଭାପତି ମନୋଜ ନାୟକ, କୃଷକ ନେତା ସୀତାଂଶୁ ସେନାପତି, ପ୍ରେମ ରଞ୍ଜନ ପାତ୍ର, ଶ୍ରମିକ ନେତା ରାଜ କିଶୋର ଲେଙ୍କା, କର୍ମଚାରୀ ନେତା ଶ୍ୟାମ ସୁନ୍ଦର ଜେନା ସମେତ ଅନେକ ବରିଷ୍ଠ ନାଗରିକ ମାନେ ଯୋଗ ଦେଇଥିଲେ ଓ ସେମାନଙ୍କର ଗୁରୁତ୍ୱପୂର୍ଣ୍ଣ ମତ ଦେଇଥିଲେ । ଶିଶିର ହୁଇ ଧନ୍ୟବାଦ ଦେଇଥିଲେ ।

## ପୁସ୍ତକ 'ସୁବର୍ଣ୍ଣ ସ୍ମୃତିର ଜାଗ୍ରତ କଳିକା' ଉନ୍ମୋଚିତ




ବାଲେଶ୍ୱର, ୫।୧୦(ସମିସ): ଲବଣତୀର୍ଥ ଇଞ୍ଚୁଡ଼ୀ ଗ୍ରାମରେ ସାର୍ବଜନନୀ ଶାରଦୀୟ ଦୁର୍ଗାଉତ୍ସବର ସୁବର୍ଣ୍ଣ ଜୟନ୍ତୀରେ ମା' ଦୁର୍ଗା ମେଢ଼ ସାଜସଜ୍ଜାରେ ନବମାତୃକା ପୂଜା ସହ ବିଭି ବିଭିନ୍ନ ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମ, ଯାତ୍ରା-ମେଳା ତଥା ସାରସ୍ୱତ ସମାବେଶ ମଧ୍ୟରେ ପାଳିତ ହୋଇଯାଇଛି । କାବ୍ୟ ଶିଳ୍ପୀ ସର୍ବେଶ୍ୱର ଦାସଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସମାବେଶରେ ତାଙ୍କ ରଚିତ "ସୁବର୍ଣ୍ଣ ସ୍ମୃତିର ଜାଗ୍ରତ କଳିକା' ପୁସ୍ତକଟିକୁ ମୁଖ୍ୟଅତିଥି ଭାବେ ଯୋଗଦେଇ ବିଶିଷ୍ଟ କବି ଶ୍ରୀଦେବ ଉନ୍ମୋଚନ କରିଥିଲେ । ମୁଖ୍ୟବକ୍ତା ଭାବେ ଡ. ଯଦୁନାଥ କଲେଜ, ରସାଲପୁରର ପ୍ରଫେସର ପ୍ରଭାତ ପରିଡ଼ା, ଆର୍ଟ ଏଣ୍ଡ କ୍ରାଫ୍ଟ କଲେଜ, ବାଲେଶ୍ୱରର ଅଧକ୍ଷ ନିକୁଞ୍ଜ ବିହାରୀ ବିହାରୀ ଦାସ ତଥା ଇଞ୍ଚୁଡ଼ୀ ପୂଜା କମିଟିର ସଭାପତି ସୁଶାନ୍ତ ଦାସ ସମ୍ମାନିତ ଅତିଥୁ ଓ ସମ୍ପାଦକ ଦୀପକ ଯେନା ସମ୍ମାନିତ ବକ୍ତା ଏବଂ ଆମନ୍ତ୍ରିତ ଅତିଥି ଭାବେ କବି ସିତାଂଶୁ ଲେଙ୍କା, ସୁସାହିତ୍ୟିକ ନାଟ୍ୟକାର ପୀତାମ୍ବର ଦାସ, ଆଇନଜୀବୀ ତଥା ସମାଜସେବୀ ଅଜୟ କୁମାର ପ୍ରଧାନ, ଆଇନଜୀବୀ ଅଜୟ କୁମାର ବାରିକ୍, କବି ରମେଶ ଚନ୍ଦ୍ର ବେହେରା ମଞ୍ଚାସୀନ ଥିଲେ ।

# ବିଶ୍ୱ ଖାଦ୍ୟ ପ୍ରଦର୍ଶନୀରେ 'ଆକ୍ୱା ଫେୟାର'ର ଶୁଭାରମ୍ଭ

ବାଲେଶ୍ୱର, ୫।୧୦ (ସମିସ)

ନୂଆଦିଲ୍ଲୀ ପ୍ରଗତି ମଇଦାନଠାରେ ଅନୁଷ୍ଠିତ ବିଶ୍ୱ ଖାଦ୍ୟ ପ୍ରଦର୍ଶନୀରେ ବାଲେଶ୍ୱରର ହାଇଲ୍ୟାଣ୍ଡ ଗ୍ରୁପ ଓ ବିଶ୍ୱ ଖୁଚୁରା ବ୍ୟବସାୟର ଅନ୍ୟତମ ଅଗ୍ରଣୀ ଲୁଲୁ ଗ୍ରୁପ ସହଭାଗୀତାରେ ଏକ ସ୍ୱତନ୍ତ୍ର ସାମୁଦ୍ରିକ ଖାଦ୍ୟ ବ୍ରାଣ୍ଡ 'ଆକ୍ୱା ଫେୟାର'ର ଶୁଭାରମ୍ଭ କରାଯାଇଛି । ଏଥି ସହିତ ମଧ୍ୟପ୍ରାଚ୍ୟରେ ଥିବା ଲୁଲୁ ଗ୍ରୁପର ମଲ୍ ଗୁଡ଼ିକୁ ମଧ୍ୟ ପ୍ରଥମ ଥର ପାଇଁ ଏହି ପ୍ରିମିୟମ୍ ବ୍ରାଣ୍ଡ ଚିଙ୍ଗୁଡ଼ିକୁ ପ୍ରେରଣ କରାଯାଇଛି । ଯାହାକି ଭାରତର ସାମୁଦ୍ରିକ ଖାଦ୍ୟ ଶିଳ୍ପ ଏବଂ ସାମୁଦ୍ରିକ ଖାଦ୍ୟ ରପ୍ତାନି ପାଇଁ ଏକ ନୂତନ ଅଧ୍ୟାୟ ସୃଷ୍ଟି କରିଛି । ଏଥିସହିତ ଉଚ୍ଚମାନର ଜଳ କୃଷିଜାତ ଖାଦ୍ୟ ଉତ୍ପାଦନ କରୁଥିବା ରାଜ୍ୟ ମାନଙ୍କ ଭିତରେ ଓଡ଼ିଶା ଏକ ପ୍ରମୁଖ କେନ୍ଦ୍ର ଭାବରେ ନିଜର ସ୍ଥିତିକୁ ସୁଦୃଢ଼ କରିପାରିଛି । ଏହି ଅବସରରେ ଲୁଲୁ ଗ୍ରୁପର ଅଧକ୍ଷ ଏମ୍.ଏ. ୟୁସୁଫ ଅଲ୍ଲି କହିଛନ୍ତି, ମଧ୍ୟପ୍ରାଚ୍ୟ ଏବଂ ଭାରତୀୟ ଗ୍ରାହକମାନଙ୍କୁ ସ୍ଥାୟୀ ଭାବରେ ସାମୁଦ୍ରିକ



ଖାଦ୍ୟ ଯୋଗାଇବା ଆମର ଲକ୍ଷ୍ୟ ଅଟେ । ସେହିଭଳି ହାଇଲାଣ୍ଡ ଗ୍ରୁପର ଚେୟାରମ୍ୟାନ ରବୀନ୍ଦ୍ର କୁମାର ଜେନା କହିଛନ୍ତି, "ଆକ୍ୱା ଫେୟାର'ର ଶୁଭାରମ୍ଭ ଏବଂ ଏହି ପ୍ରିମିୟମ୍ ଚିଙ୍ଗୁଡ଼ିର ମଧ୍ୟପ୍ରାଚ୍ୟ ଲୁଲୁ ମଲ୍ ଗୁଡିକୁ ପ୍ରଥମ ରପ୍ତାନୀ, ହାଇଲ୍ୟାଣ୍ଡ ସହିତ ଆମ ରାଜ୍ୟର ସଫଳତାରେ ଏକ ମାଇଲଖୁଣ୍ଟ ସଦୃଶ ଓ ଲୁଲୁ ଗ୍ରୁପ ସହିତ ଏହି ସହଭାଗୀତା ବିଶ୍ୱ ବଜାରରେ ସର୍ବୋତ୍ତମ ଭାରତୀୟ ସାମୁଦ୍ରିକ ଖାଦ୍ୟ ପହଞ୍ଚାଇବାରେ ଆମର ଲକ୍ଷ୍ୟକୁ ଆହୁରି ସୁଦୃଢ଼ କରିବ । ଉଲ୍ଲେଯୋଗ୍ୟ କି ହାଇଲାଣ୍ଡ ଗ୍ରୁପ ତାହାର ସୁବ୍ୟବସ୍ଥିତ ନେଟୱର୍କ ମାଧ୍ୟମରେ ଉନ୍ନତମାନର ଫାର୍ମ ଚିଙ୍ଗୁଡ଼ି ସଂଗ୍ରହ କରି ବାଲେଶ୍ୱରରେ ଥିବା ଅତ୍ୟାଧୁନିକ କେନ୍ଦ୍ରରେ ପ୍ରକ୍ରିୟାକରଣ କରୁଛି ଏବଂ ନିଜ ବ୍ରାଣ୍ଡର ସତେଜତା, ଗୁଣବତ୍ତା ଏବଂ ଅନ୍ତର୍ଜାତୀୟ ଖାଦ୍ୟ-ସୁରକ୍ଷା ମାନଦଣ୍ଡ ପାଳନ କରି ଉଭୟ ମଧ୍ୟପ୍ରାଚ୍ୟର ଗ୍ରାହକ ଏବଂ ଭାରତୀୟ ଖୁଚୁରା ବଜାରକୁ ଖାଦ୍ୟ ଯୋଗାଇବା ପାଇଁ ଲକ୍ଷ୍ୟ ରଖିଛି । ନିକଟରେ ଦୁବାଇର ଗଲଫୁଡ୍-୨୦୨୫ ରେ ସ୍ୱାକ୍ଷରିତ ହୋଇଥିବା ଏକ ଚୁକ୍ତି ଅନୁଯାୟୀ ବାଲେଶ୍ୱରର ହାଇଲ୍ୟାଣ୍ଡ ଗ୍ରୁପ ଲୁଲୁ ଗ୍ରୁପକୁ ସାମୁଦ୍ରିକ ଖାଦ୍ୟ, ଚାଉଳ, ଫଳ ଏବଂ ପନିପରିବା ଯୋଗାଇବ । ଯାହା ଦ୍ୱାରା ଓଡ଼ିଶା ଏବଂ ମଧ୍ୟପ୍ରାଚ୍ୟ ମଧ୍ୟରେ ବାଣିଜ୍ୟ ଏବଂ ନିବେଶ ସମ୍ପର୍କ ଆହୁରି ବୃଦ୍ଧି ପାଇବ । ଏହି କାର୍ଯ୍ୟକ୍ରମରେ ଲୁଲୁ ଗ୍ରୁପର ଅଧକ୍ଷ ଏମ.ଏ. ୟୁସୁଫ ଅଲ୍ଲି, ଲୁଲୁ ଗ୍ରୁପର ଗ୍ଲୋବାଲ୍ ଅପରେସନ୍‌ସ ଗ୍ରୁପ ନିର୍ଦ୍ଦେଶକ ଏମ.ଏ. ସଲିମ୍ ଅଲ୍ଲି, ହାଇଲ୍ୟାଣ୍ଡ ଗୃପର ଅଧକ୍ଷ ରବୀନ୍ଦ୍ର କୁମାର ଜେନା, ହାଇଲ୍ୟାଣ୍ଡ ଗୃପର ପରିଚାଳନା ନିର୍ଦ୍ଦେଶକ ପ୍ରତୀକ ଜେନା, ହାଇଲ୍ୟାଣ୍ଡ ଗ୍ରୁପର ମଧ୍ୟପ୍ରାଚ୍ୟ ଅପରେସନ୍‌ସ ନିର୍ଦ୍ଦେଶକ ଅନିଲ କୁମାର ପ୍ରମୁଖ ଉପସ୍ଥିତ ଥିଲେ ।

## ରାଜ୍ୟ ଇଞ୍ଜିନିୟରିଂ କର୍ମଚାରୀ ଫୋରମର ଜୋନାଲ ବୈଠକ



ବାଲେଶ୍ୱର, ୫।୧୦(ସମିସ): ରାଜ୍ୟ ଇଞ୍ଜିନିୟରିଂ ୱାର୍କଚାର୍ଜଡ, ନିୟମିତ, ସେବାନିବୃତ୍ତ କର୍ମଚାରୀ ଫୋରମ ବାଲେଶ୍ୱର ମହାମଣ୍ଡଳ ପକ୍ଷରୁ ଆଜି ସ୍ଥାନୀୟ ଗାନ୍ଧୀସ୍ମୃତି ଭବନ ପରିସରରେ ଜୋନାଲ ବୈଠକ ଅନୁଷ୍ଠିତ ହୋଇଯାଇଛି । ବାଲେଶ୍ୱର ମହାମଣ୍ଡଳ ପକ୍ଷରୁ ଗ୍ରାମ୍ୟ ଉନ୍ନୟନ ବିଭାଗର ସର୍ବେଶ୍ୱର ପତି ସଭାପତିତ୍ୱ କରି ବୈଠକର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିବା ସହ ବିଭିନ୍ନ ଦାବି ଉପରେ ଆଲୋଚନା କରିଥିଲେ । ମୁଖ୍ୟଅତିଥି ଭାବେ ଫୋରମର ମୁଖ୍ୟ ଉପଦେଷ୍ଟା ଅର୍ନ୍ତଯ୍ୟାମୀ ପ୍ରଧାନ ଯୋଗଦେଇ ଅର୍ଥ ବିଭାଗ ସଙ୍କଳ୍ପ ସଂଖ୍ୟା ୨୨୭୬୪ (ତା୧୫.୫.୧୯୯୭) ଅନୁସାରେ ୧୦ବର୍ଷ ଏବଂ ୱାର୍କଚାର୍ଜଡ ନିୟମ ସର୍ତବାଳୀ ଅନୁସାରେ ୫ବର୍ଷ ଚାକିରି ପୂରଣ ହୋଇସାରିଥିବାରୁ ଇଞ୍ଜିନିୟରିଂ ବିଭାଗର ପେନସନଯୋଗ୍ୟ ଅବହେଳିତ ବ୍ରଟଓଭର ୱାର୍କଚାର୍ଜଡ/ ରେଗୁଲାର କର୍ମଚାରୀଙ୍କ ସମୁଦାୟ ଚାକିରିକାଳକୁ ହିସାବକୁ ନେଇ ପେନସନ ନିୟମ ୧୯୯୨ଭୁକ୍ତ କରି ଅବସରକାଳୀନ ପେନସନ ସହିତ ଗ୍ରାଚ୍ୟୁଇଟି ଅଧିନିୟମ ୧୯୭୨ ପ୍ରଦାନ କରାଯାଉ ବୋଲି ଦାବି କରିଥିଲେ । ଏଥିରେ ଅନ୍ୟତମ ଅତିଥି ଭାବେ ମୁଖ୍ୟ ସଂଯୋଜକ ରଣଜିତ ମହାନ୍ତି, ଆରଡି ବିଭାଗର କୋଅର୍ଡିନେଟର କୃଷ୍ଣଚନ୍ଦ୍ର ନାୟକ,ୱାର୍କସ ବିଭାଗର କୋଅର୍ଡିନେଟର କପିଳେଶ୍ୱର ବାରିକ, ଜଳସମ୍ପଦ ବିଭାଗର କୋଅର୍ଡିନେଟର ପ୍ରଶନ୍ନ କୁମାର ପ୍ରଧାନ,ପଂଚାୟତିରାଜ ବିଭାଗର କୋଅର୍ଡିନେଟର ଆଶିଷ ନନ୍ଦ, ଜଳସମ୍ପଦ ବିଭାଗର କୋଅର୍ଡିନେଟର ନରେଶ କୁମାର ଭଞ୍ଜ, ପୂର୍ତ୍ତ ବିଭାଗର କୋଅର୍ଡିନେଟର କଲ୍ୟାଣ କୁମାର ମହାରଣା,ଗ୍ରାମ୍ୟ ନିର୍ମାଣ ବିଭାଗର କୋଅର୍ଡିନେଟର ଚିତରଞ୍ଜନ ମହାରଣା ଓ ନୃସିଂହ ଚରଣ ସିଲ ପ୍ରମୁଖ ବିଭିନ୍ନ ଦାବି ଉପସ୍ଥାପନ କରିଥିଲେ । କାର୍ଯ୍ୟକ୍ରମକୁ ବାଲେଶ୍ୱର ମହାମଣ୍ଡଳର ଗ୍ରାମ୍ୟ ଉନ୍ନୟନ ବିଭାଗର ଦେବେନ୍ଦ୍ରେ ନାଥ ଦେ, ଅରୁଣ କୁମାର ପ୍ରଧାନ, ଅମୀୟ ପ୍ରସାଦ ଚୌଧୁରୀ, ଆରଏଣ୍ଡବିର ପ୍ରଫୁଲ୍ଲଚନ୍ଦ୍ର ନାୟକ, ଗୌରଚରଣ ମହାନ୍ତି, ବିକାଶ ସାହୁ, ଜଳସମ୍ପଦ ବିଭାଗର ବିଜୟ କୁମାର ମହାରଣା ପ୍ରମୁଖ ପରିଚାଳନା କରିଥିଲେ ।

# ଅଲୋଡ଼ା ପଡ଼ିଛି ମାର୍କେଟ୍ କମ୍ପ୍ଲେକ୍ସ

## ନିର୍ମାଣକୁ ୯ ବର୍ଷ ପରେ ବି ପୂର୍ଣ୍ଣମାତ୍ରାରେ କାର୍ଯ୍ୟକ୍ଷମ ହେଉନି

ବନ୍ତ/ଆଗରପଡ଼ା,୫।୧୦(ସମିସ)

ବନ୍ତ ବ୍ଲକରେ ୨୫ଟି ପଞ୍ଚାୟତରେ ଲକ୍ଷାଧିକ ଟଙ୍କା ବ୍ୟୟରେ ନିର୍ମିତ ମାର୍କେଟ କମ୍ପ୍ଲେକ୍ସ ବ୍ୟବହାର ଯୋଗ୍ୟ ହୋଇ ନପାରି ଅଲୋଡ଼ା ହୋଇ ପଡ଼ିରହିଥିବାରୁ ସରକାରଙ୍କ ଲକ୍ଷ ଲକ୍ଷ ଟଙ୍କା ରାଜସ୍ୱ ହାନି ଘଟୁଥିବା ଜଣାପଡ଼ିଛି । ଗୋପିନାଥପୁର ପଞ୍ଚାୟତ ପକ୍ଷରୁ ଆଗରପଡ଼ା ବଜାରଠାରେ ନିର୍ମିତ ମାର୍କେଟ କଂପ୍ଲେକ୍ସ ନିର୍ମିତ ହେବାର ବର୍ଷାଧିକ କାଳ ପରେ ମଧ୍ୟ ବ୍ୟବହାର ହୋଇପାରି ନାହିଁ । ସେହିପରି କାଦବରାଙ୍ଗ ପଂଚାୟତ କାର୍ଯ୍ୟାଳୟ ନିକଟରେ ନିର୍ମିତ ମାର୍କେଟ କମ୍ପ୍ଲେକ୍ସ ବହୁ ବର୍ଷ ପରେ ମଧ୍ୟ ପୂର୍ଣ୍ଣମାତ୍ରାରେ କାର୍ଯ୍ୟକ୍ଷମ ହୋଇ ପାରିନାହିଁ । ନିର୍ମାଣାଧୀନ ୪ ଗୋଟି ଗୃହରୁ ବର୍ତ୍ତମାନ ଗୋଟିଏ ଗୃହ କାର୍ଯ୍ୟକ୍ଷମ ହୋଇଥିବା ଜଣାପଡ଼ିଛି । ଓଡ଼ଙ୍ଗ ପଞ୍ଚାୟତର ଓଡ଼ଙ୍ଗ ଗ୍ରାମରେ ପଞ୍ଚାୟତ ସମିତି ବନ୍ତ ପକ୍ଷରୁ ୨୦୨୨-୨୩ ଆର୍ଥିକ ବର୍ଷରେ ସିଏଫସି ପାଣ୍ଠିରୁ ୨ଲକ୍ଷ ୧୬ହଜାର ୯୨ଟଙ୍କା ବ୍ୟୟରେ ନିର୍ମିତ ମାର୍କେଟ କଂପ୍ଲେକ୍ସ ବ୍ୟବହାର ଯୋଗ୍ୟ ହୋଇନପାରି ଗୋରୁଗାଈଙ୍କ ବିଶ୍ରାମସ୍ଥଳୀ ପାଲଟିଥିଲା ଖବର ବିଭିନ୍ନ ଗଣମାଧ୍ୟମରେ ପ୍ରକାଶ ପାଇବା ପରେ ନିର୍ମାଣାଧୀନ ୪ଟି ଗୃହମଧ୍ୟରୁ ଗୋଟିଏ ଗୃହରେ ଜନସେବା କେନ୍ଦ୍ର ଖୋଲିଥିବା ବେଳେ ଆଉ ୩ଟି ଗୃହ ବନ୍ଦ ହୋଇ ପଡ଼ିରହିଛି ।



ଅପରପକ୍ଷରେ ୨୦୧୬-୧୭ ଆର୍ଥିକ ବର୍ଷରେ ବନ୍ତ ବ୍ଲକ ଅନ୍ତର୍ଗତ ଜାମବଣୀ ଛକ ଠାରେ ପଂଚାୟତ ସମିତି ଭଦ୍ରକ ଆନୁକୁଲ୍ୟରେ କାଉପୁର ପଂଚାୟତ ତରଫରୁ ସିଏଫସି ପାଣ୍ଠିରୁ ମଂଜୁର ହୋଇଥିବା ୪ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଉକ୍ତ ପକଳ୍ପ ଆରମ୍ଭ ହୋଇଥିଲା କିନ୍ତୁ ପରବର୍ତ୍ତୀ ମୂହୂର୍ତ୍ତରେ ଠିକାଦାରଙ୍କ ମନମୁଖୀ କାର୍ଯ୍ୟ ଯୋଗୁଁ ଗୃହ ନିର୍ମାଣ ସଂପୂର୍ଣ୍ଣ ହୋଇପାରି ନଥିଲା । ଏହାକୁ ସଂପୂର୍ଣ୍ଣ କରିବା ପାଇଁ ୨୦୧୯-୨୦ ଆର୍ଥିକ ବର୍ଷରେ ଏସଏଫସି ପାଣ୍ଠିରୁ ପୁଣି ୨ ଲକ୍ଷ ଟଙ୍କା ମଂଜୁର କରାଯାଇଥିଲା । ୬ ଲକ୍ଷ ଟଙ୍କା ବ୍ୟୟ କରାଯାଇଥିଲେ ସୁଦ୍ଧା କଂପ୍ଲେକ୍ସଟି କାର୍ଯ୍ୟକ୍ଷମ ହୋଇପାରୁ ନଥିଲା । ଉକ୍ତ ଖବର ବାରମ୍ବାର ବିଭିନ୍ନ ଗଣମାଧ୍ୟମରେ ପ୍ରକାଶ ପାଇବା ପରେ କଂପ୍ଲେକ୍ସରେ ଥିବା ୩ଗୋଟି ଗୃହ ମଧ୍ୟରୁ ଗୋଟିଏ ଗୃହ କାର୍ଯ୍ୟକ୍ଷମ ହୋଇଥିବା ବେଳେ । ଅନ୍ୟ ୨ଟି ଗୃହ ବନ୍ଦ ପଡ଼ିଛି । ସ୍ୱଳ୍ପ ଅର୍ଥରେ ପଞ୍ଚାୟତର ବେକାରୀ ଯୁବକ ଯୁବତୀ ଆତ୍ମନିର୍ଭରଶୀଳ ହେବାର ସୁଯୋଗ ସରକାରଙ୍କ ତରଫରୁ ସୃଷ୍ଟି କରାଯାଉଥିଲେ ସୁଦ୍ଧା ପଞ୍ଚାୟତବାସୀ ଅଧିକ ଅର୍ଥ ବ୍ୟୟରେ ଦୋକାନ ଘର ଭଡ଼ାସୂତ୍ରରେ ନେଉଥିବା ଦେଖିବାକୁ ମିଳୁଛି । କେବଳ ଜନସେବା କେନ୍ଦ୍ର ଓ ଗ୍ରାମୀଣ ଡ଼ାକ ସେବା ଆଦିରେ ଉକ୍ତ ଗୃହ ବ୍ୟବହାର ହେଉଥିବା ଜଣାପଡ଼ିଛି । ବିଭାଗୀୟ ଅଧିକାରୀ କେଉଁ କାରଣରୁ ପଞ୍ଚାୟତବାସୀ ଉକ୍ତ ଗୃହକୁ ଭଡ଼ା ସୂତ୍ରରେ ନେବାକୁ ଆଗ୍ରହ ପ୍ରକାଶ କରୁନାହାନ୍ତି ତାହାର ପ୍ରକୃତ କାରଣ ଖୋଜିବା ସହ ଉକ୍ତ ପ୍ରକଳ୍ପକୁ ପୂର୍ଣ୍ଣ ମାତ୍ରାରେ କାର୍ଯ୍ୟକ୍ଷମ କରିବାକୁ ଚେଷ୍ଟିତ ହେବାକୁ ବୁଦ୍ଧିଜୀବୀ ମହଲରେ ଦାବି ହେଉଛି ।

# ବାଣ ଜବତକୁ ନେଇ ସାବରଙ୍ଗ ଥାନା ପୁଲିସ ସନ୍ଦେହରେ



ଭଦ୍ରକ,୫।୧୦(ସମିସ): ଗତ ୨୯ ତାରିଖରେ ଭଦ୍ରକ ସାବରଙ୍ଗ ପୁଲିସ ଏକ ବାଣ ଗୋଦାମ ରେଡ କରି ବିପୁଳ ପରିମାଣର ବାଣ ଜବତ କରିଥିଲା । ପୁଲିସ ନିଜ ଆଡୁ ଏକ ମାମଲା ନଂ ୨୩୬ ରୁଜୁ କରିଥିଲା । ତେବେ ଏହାର ୩ ଦିନ ପରେ ସାବରଙ୍ଗ ପୁଲିସ ଇଛାପୁର ସାନ୍ତରାସାହିର ଏକ ଘରୁ ବିପୁଳ ପରିମାଣର ବାଣ ଜବତ କରିଥିଲା । ଏକ ପିକଅପ ଯୋଗେ ବାଣକୁ ଥାନାକୁ ନେଇ ସାଇତି ରଖିଛି; ଅଥଚ ଏଯାଏ ମାମଲା ରୁଜୁ କରୁନାହିଁ । ଦୁଇଟି ବାଣ ଜବତ ଘଟଣାରେ ଦୁଇ ପ୍ରକାର ନୀତି ଆପଣାଇଥିବା ସାବରଙ୍ଗ ପୁଲିସ ଏବେ ସାଧାରଣରେ ସମାଲୋଚିତ ହୋଇଛି । ଶାସକ ଦଳର ଜଣେ ନେତାଙ୍କର ଏହି ବାଣ ହୋଇଥିବାରୁ ପୁଲିସ ଅନୈତିକ ଚାପର ଶିକାର ହୋଇ ମାମଲା ରୁଜୁ କରୁ ନଥିବା ଅଭିଯୋଗ ହେଉଛି । ଅପରପକ୍ଷେ ସମ୍ପୃକ୍ତ ଶାସକ ଦଳର ନେତା ପିଛିଲା ତାରିଖରେ ପ୍ରଶାସନ ନିକଟରୁ ଏକ ଲାଇସେନସ ହାସଲ ପାଇଁ ଉଦ୍ୟମ କରୁଛନ୍ତି । ତହସିଲ ଓ ଆରଆଇଙ୍କ ନିକଟରୁ ଆବେଦନ ଉପରେ ରିପୋର୍ଟ ହାସଲ କରିଥିବା ସୂଚନା ମିଳିଛି । ଏଣୁ ବାଣ ବେପାରୀଙ୍କୁ ଖସାଇଦେବା ଓ ଜବତ ବାଣ ଫେରିପାଇବା ଲାଗି ଉଦ୍ୟମ ହେଉଛି । ଅପରପକ୍ଷେ ଆଇଆଇସି ଉମାଶଙ୍କର ନାୟକଙ୍କୁ ଏ ବାବଦରେ ଯୋଗାଯୋଗ କରିବାରେ ସେ କୁହନ୍ତି ଆମେ ବାଣ ଜବତକୁ ନେଇ ଷ୍ଟେସନ ଡାଏରୀ କରିଛୁ । ତଦନ୍ତ ଓ କାଗଜପତ୍ର ଯାଞ୍ଚ ଚାଲିଛି । ତେବେ ଶାସକ ଦଳ ଚାପରେ ବେଆଇନ ବାଣ କାରବାରରେ କାର୍ଯ୍ୟାନୁଷ୍ଠାନ ବଦଳରେ ତାକୁ ଲାଇସେନ୍ସ ଦେବାକୁ ମସୁଧା ଚାଲିବାକୁ ନେଇ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି ।

# ଲୁଗା ବ୍ୟବସାୟୀ ସେକ ଅବଦୁଲ୍ଲାଙ୍କ ପରଲୋକ



ଧାମନଗର,୫।୧୦ (ସମିସ): ଧାମନଗର ଏନଏସି ଶାମପୁର ଗ୍ରାମର ସୁପରିଚିତ, ମିଷ୍ଟଭାଷୀ ତଥା ଦୀର୍ଘଦିନର ବିଶିଷ୍ଟ ଲୁଗା ବ୍ୟବସାୟୀ ଏବଂ ଧାମନଗର ବ୍ଲକ ଅନ୍ତର୍ଗତ ଦଳାଙ୍ଗ ପଞ୍ଚାୟତ୍ର ସରକାରୀ ନୋଡାଲ ବିଦ୍ୟାଳୟର ସହକାରୀ ଶିକ୍ଷକ ସେକ ସବକତୁଲ୍ଲାଙ୍କ ବାପା ଆଲହାଜ ସେକ ଅବଦୁଲ୍ଲା(୬୫)ଙ୍କ ହୃଦଘାତରେ ପରଲୋକ ହୋଇଛି । ମୃତ୍ୟୁ ସମୟରେ ସମସ୍ତ ପୁଅ ପୁତ୍ରବଧୂ ନାତିନାତୁଣୀ ପ୍ରମୁଖ ଉପସ୍ଥିତ ଥିଲେ । ଗତ ଶନିବାର ସନ୍ଧ୍ୟା ବେଳେ ହଠାତ ଛାତିରେ ଯନ୍ତ୍ରଣା ଅନୁଭବ କରିଥିଲେ । ଡାକ୍ତରଖାନାରେ ତାଙ୍କୁ ମୃତ ଘୋଷଣା କରାଯାଇଥିଲା । ଖବର ପାଇ ଖାନକା ଉର୍ସ କମିଟିର କର୍ମକର୍ତ୍ତା, ସମାଜସେବୀ, ବୁଦ୍ଧିଜୀବୀ, ଶିକ୍ଷକ, ବନ୍ଧୁବାନ୍ଧବ, ସ୍ଥାନୀୟ ବ୍ୟବସାୟୀ, ଗ୍ରାମବାସୀ ପ୍ରମୁଖ ଶେଷ ଦର୍ଶନ କରିବା ସହ ଶୋକସନ୍ତପ୍ତ ପରିବାର ବର୍ଗଙ୍କୁ ସମବେଦନା ଜଣାଇଛନ୍ତି । ମୁସଲମାନ ଧର୍ମର ନିତି ରୀତି ଅନୁସାରେ ଧାମନଗର ଖାନକା ସରିଫ ପରିସରରେ ଠିକ ୧ଟା ୧୫ ମିନିଟ ସମୟରେ ଜନାଜା ନମାଜ ପାଠ ପରେ ଗ୍ରାମର ଏକ ବକରସ୍ତାନରେ କବର ଦିଆଯାଇଛି । ଧାମନଗର ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ଜିଲ୍ଲା ପରିଷଦ ସଭ୍ୟ ପ୍ରଦୀପ କୁମାର ମଲ୍ଲିକ, ଏନଏସି ଅଧକ୍ଷା ନିବେଦିତା ଜେନା, ଉପାଧ୍ୟକ୍ଷ ଓସିମ ଏଜଦାନି କାଦରୀ, ବିଜେଡି ନଗର ସଭାପତି ବିଜୟ କେତନ ସାହୁଙ୍କ ସମେତ ବିଭିନ୍ନ ଦଳର ନେତା ଶୋକ ପ୍ରକାଶ କରିଛନ୍ତି ।

# ଗଜଲକ୍ଷ୍ମୀ ପୂଜାରେ ଐତିହ୍ୟ ଓ ଉତ୍ସାହର ମିଶ୍ରଣ

## ପଙ୍ଗଟା ଘାଟରେ ଦୁଇ ମଣ୍ଡପ, ଏକ ଆସ୍ଥା

ଅସୁରାଳି, ୫।୧୦ (ସମିସ): ମା' ଗଜଲକ୍ଷ୍ମୀ ହିନ୍ଦୁ ଧର୍ମର ଅଷ୍ଟଲକ୍ଷ୍ମୀ ମଧ୍ୟରୁ ଗୋଟିଏ ଶ୍ରୀମୟ ରୂପ । ଗଜ ଓ ଲକ୍ଷ୍ମୀ, ଏହି ଦୁଇ ଶବ୍ଦର ସମ୍ମିଳନ ମା' ଗଜଲକ୍ଷ୍ମୀଙ୍କ ରୂପକୁ ଉଜାଗର କରେ । ଏହି ଦେବୀ ଗୃହସ୍ଥ ଜୀବନର ଶାନ୍ତି, ସମୃଦ୍ଧି, ଧାନ୍ୟ, ଧନ, ଓ ଦୟାର ଅବତାର ଭାବେ ପୂଜିତ । ଗଜଲକ୍ଷ୍ମୀ ପୂଜା ଦିନରେ ଗାଁ ଓ ଗୃହ ଶୁଭ ଶକ୍ତିରେ ଆଲୋକିତ ହୁଏ, ଯେଉଁଠି ମା ଙ୍କ ଆଶୀର୍ବାଦ ଦ୍ୱାରା ଉତ୍ପାଦନ, ଉନ୍ନତି ଓ ଏକତାର ଅନୁଭୂତି ଗଢ଼ିଉଠେ ।



ମା' ଗଜଲକ୍ଷ୍ମୀଙ୍କ ପୂଜା କେବଳ ଧାର୍ମିକ ଅନୁଷ୍ଠାନ ନୁହେଁ, ଏହା ଗାଁ ଜନଙ୍କ ମନ ଓ ମୂଲ୍ୟବୋଧର ଏକ ଅଂଶ । ଏହି ଉତ୍ସବ ମାଧ୍ୟମରେ ଲୋକମାନେ ତାଙ୍କର ଐତିହ୍ୟକୁ ସ୍ମରଣ କରନ୍ତି, ନୂତନ ପିଢିକୁ ଆଧ୍ୟାତ୍ମିକ ଓ ସାଂସ୍କୃତିକ ଶିକ୍ଷା ଦିଅନ୍ତି, ଓ ଗାଁ ମାନସିକତାର ଏକତାକୁ ଅବିଚଳ ରଖନ୍ତି । ହସନାବାଦ ପଞ୍ଚାୟତ ଅଧୀନ ପଙ୍ଗଟା ଘାଟ କୂଳ ଏବେ ଦୁଇଟି ଗଜଲକ୍ଷ୍ମୀ ପୂଜା ମଣ୍ଡପ ଦ୍ୱାରା ଆଲୋକିତ । ଏଠାରେ ଅନୁଷ୍ଠିତ ହେଉଥିବା ସାର୍ବଜନୀନ ଗଜଲକ୍ଷ୍ମୀ ପୂଜା ମହୋତ୍ସବ ଦୁଇଟି ଅଲଗା କମିଟି ଦ୍ୱାରା ଆୟୋଜିତ ହେଉଛି, ଯେଉଁଥିରେ ଏକ ନୂତନ ଉଦ୍ୟମ ଓ ଅନ୍ୟଟି ଏକ ଐତିହାସିକ ଅବଧିକୁ ପ୍ରତିନିଧିତ୍ୱ କରୁଛି ।

ପୂଜାର ପ୍ରଥମ କମିଟିର ସଭାପତି ନିଶିକାନ୍ତ ନାୟକ, ସମ୍ପାଦକ ସିମାଞ୍ଚଳ ଦାସ, କୋଷାଧକ୍ଷ ଅଶିଷ ଜେନା ଓ ଉପଦେଷ୍ଟା ପ୍ରଦୀପ ମାଝୀଙ୍କ ନେତୃତ୍ୱରେ ଏହି ପୂଜା ପାଞ୍ଚ ଦିନ ବ୍ୟାପି ହେବ । ଦ୍ୱିତୀୟ କମିଟି ଏବେ ତାଙ୍କର ୩୫ ବର୍ଷର ଐତିହ୍ୟକୁ ଉଦ୍‌ଯାପନ କରୁଛି । ସଭାପତି ସୁଶାନ୍ତ ମହାପାତ୍ର ଓ ସମ୍ପାଦକ ବିଷ୍ଣୁ ବସନ୍ତିଆଙ୍କ ନେତୃତ୍ୱରେ ଏହି ପୂଜା ଗାଁର ଆତ୍ମାର ସ୍ୱରୂପ ପାଲଟି ଯାଇଛି । ଏଠାରେ ଗଜଲକ୍ଷ୍ମୀ ମା'ଙ୍କ ମୂର୍ତ୍ତିରେ ଶିଳ୍ପ ଓ ଭକ୍ତିର ମିଶ୍ରଣ ଦେଖିବାକୁ ମିଳୁଛି ।

# ଅଳଉତିରେ ବଜାୟ ରହିଛି ଲାଖବିନ୍ଧା ପରମ୍ପରା



ବନ୍ତ/ଆଗରପଡ଼ା,୫।୧୦(ସମିସ): ପୁରୁଷାନୁକ୍ରମେ ଚଳି ଆସୁଥିବା ଜମିଦାରୀ ପରମ୍ପରାର ଲାଖବିନ୍ଧା ଉତ୍ସବ ଆଜିବି ଅନୁଷ୍ଠିତ ହେଉଛି । ଏହି ଉତ୍ସବ ଭଦ୍ରକ ଜିଲ୍ଲା ବନ୍ତ ବ୍ଲକ ରାମପୁର ପଂଚାୟତ ଅନ୍ତର୍ଗତ ଅଳଉତି ଗ୍ରାମରେ ଆଜି ବି ତାର ଅସ୍ମିତାକୁ ବଜାୟ ରଖିଛି । ଅଷ୍ଟମୀଠାରୁ ଭୂୟାଁ ଜମିଦାରଙ୍କର ଅସ୍ତ୍ରଶସ୍ତ୍ର ସଜ ବସିଥାଏ । ଦଶହରା ଦିନ ସଜ ଉଠିବା ପରେ ଜମିଦାର ପରିବାରର ସଦସ୍ୟମାନେ ଭୂୟାଁସାହି ଦଶହରା ପଡ଼ିଆରେ ଲାଖ ବିନ୍ଧିଥାନ୍ତି । ଚଳିତ ବର୍ଷ ପୂଜକ ନାରାୟଣ ଚନ୍ଦ୍ର ପଣ୍ଡା ବସିଥିବା ସଜ ନିକଟରେ ବିଧିମତେ ପୂଜାର୍ଚ୍ଚନା କରିଥିବା ବେଳେ ନିରଞ୍ଜନ ଭୂୟାଁ ଓ ପୟୋଧର ଭୂୟାଁ କର୍ତ୍ତା ଭାବେ ଦାୟିତ୍ୱ ନିର୍ବାହ କରିଥିଲେ । ଦଶହରା ଅପରାହ୍ନରେ ଏକ କଦଳୀ ଗଛକୁ ପୂଜାର୍ଚ୍ଚନା ପୂର୍ବକ ପଡ଼ିଆର ଏକ ପାର୍ଶ୍ୱରେ ପୋତାଯିବା ସହ ବିରାଜ ଭୂୟାଁ, ଅଜିତ ଭୂୟାଁ, ସଞ୍ଜୟ ଭୂୟାଁ ଓ ରାକେଶ ଭୂୟାଁ ଲାଖ ବିନ୍ଧିବା କାର୍ଯ୍ୟ ଆରମ୍ଭ କରିଥିଲେ । ଜନ୍ମଜେୟ ଭୂୟାଁ ଓ ସୌମ୍ୟରଞ୍ଜନ ଭୂୟାଁ ଖଣ୍ଡା ଧାରକ ଭାବେ ଦାୟିତ୍ୱ ନିର୍ବାହ କରିଥିଲେ । ତିନିଦିନ ଧରି ଆୟୋଜିତ ପର୍ବକୁ ଗ୍ରାମର ରମେଶ ଭୂୟାଁ, ଗୟାଧର ଭୂୟାଁ, ହୃଷିକେଶ ଭୂୟାଁ, ରାଜକୁମାର ଭୂୟାଁ, ନାରାୟଣ ଭୂୟାଁ, ତାପସ ଭୂୟାଁ, ସାରଙ୍ଗ ଭୂୟାଁ, ମାନସ ରଞ୍ଜନ ଭୂୟାଁ, ପ୍ରଦୀପ ଭୂୟାଁ, ଜୟଦେବ ରାଉତ, ବିଜୟ ଭୂୟାଁ, ପବିତ୍ର କ୍ରିଷ୍ଣା ଭୂୟାଁ, ହୃଷୀ ଦେହୁରୀ, ଦେବାଶିଷ ନାୟକ, ବିନାୟକ ବାରିକ, ପ୍ରାଣକୃଷ୍ଣ ପଣ୍ଡା, ସନ୍ଦୀପ ଭୂୟାଁ ସହ ଭୂୟାଁସାହିର ଯୁବକମାନେ ପରିଚାଳନା କରିଥିଲେ । ଶେଷରେ ଗଛକଟାଳି କୃଷ୍ଣଚନ୍ଦ୍ର ଜେନା ଗଛ କାଟିଥିଲେ । କାର୍ଯ୍ୟକ୍ରମକୁ ଦେଖିବାକୁ ହଜାର ହଜାର ହଜାର ସଂଖ୍ୟାରେ ଲୋକେ ଏକତ୍ରିତ ହୋଇଥିଲେ ।

# 'ତାଳପତ୍ର ପୋଥି ସଂରକ୍ଷଣ ଏକ ରାଷ୍ଟ୍ରୀୟ କର୍ତ୍ତବ୍ୟ'

ଭଦ୍ରକ, ୫।୧୦(ସମିସ): ସରସ୍ୱତୀ ପାଣ୍ଡୁଲିପି ସଂରକ୍ଷଣ କେନ୍ଦ୍ର ଓ ଭାରତସରକାରଙ୍କ ସଂସ୍କୃତି ମନ୍ତ୍ରାଳୟ ଆନୁକୂଲ୍ୟରେ ଓଡ଼ିଶା ବ୍ରାହ୍ମଣ ମହାସଂଘ ସହଯୋଗରେ ସରସ୍ୱତୀ ବିହାରଠାରେ ଏକ ପୋଥି ସଂରକ୍ଷଣ ସଚେତନତା କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା । ଏଥିରେ ଭଦ୍ରକ, କେନ୍ଦ୍ରାପଡ଼ା, କେନ୍ଦୁଝର, ଯାଜପୁର ଜିଲ୍ଲାର ଦ୍ୱିଶତାଧିକ ପୋଥି ସଂରକ୍ଷକମାନେ ଯୋଗ ଦେଇଥିଲେ । ପ୍ରାରମ୍ଭରେ ସରସ୍ୱତୀ ବିହାର ଅଧକ୍ଷ ଡ଼. ସଦାନନ୍ଦ ଦୀକ୍ଷିତ ସ୍ୱାଗତ ଭାଷଣ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଭାରତର ଜ୍ଞାନଭଣ୍ଡାର ପୋଥି ଓ ପାଣ୍ଡୁଲିପିର ସଂରକ୍ଷଣ ପାଇଁ ଜ୍ଞାନଭାରତ ମିଶନ୍ ଗତ ୧୨ ତାରିଖରେ ପ୍ରାରମ୍ଭ କରିଥିବା ବିଷୟ ଉଲ୍ଲେଖ କରିଥିଲେ । ଓଡ଼ିଶା କେନ୍ଦ୍ରୀୟ ବିଶ୍ୱ ବିଦ୍ୟାଳୟର ଯଶସ୍ୱୀ କୁଳପତି ପ୍ରଫେସର ନରସିଂହ ଚରଣ ପଣ୍ଡା ଉଦ୍‌ଘାଟକ ଭାବେ ଯୋଗ ଦେଇଥିଲେ । ପ୍ରଫେସର ଭାଗବତ ତ୍ରିପାଠୀ ଅନେକ ଦୁର୍ଲଭ ପୋଥିର ପାଠୋଦ୍ଧାର କରାଯାଇ ବିସ୍ମୟକର ବୈଜ୍ଞାନିକ ତଥ୍ୟ ଲୋକଲୋଚନକୁ ଅଣାଯାଇଥିବାର ଦୃଷ୍ଟାନ୍ତ ପ୍ରଦାନ କରିଥିଲେ । ଯାଜପୁରର ପଣ୍ଡିତ ବିଜୟ କୁମାର କର ଓ ପଣ୍ଡିତ କୃଷ୍ଣଚନ୍ଦ୍ର ମିଶ୍ର, କେନ୍ଦୁଝରରୁ ପଣ୍ଡିତ ମଧୁସୂଦନ ମିଶ୍ର ଓ ଶ୍ରୀ ଶରତ ଚନ୍ଦ୍ର ମିଶ୍ର, ବାଲେଶ୍ୱରରୁ ପଣ୍ଡିତ କୃଷ୍ଣଚନ୍ଦ୍ର ପତ୍ରୀ ଓ ପଣ୍ଡିତ ବୁଦ୍ଧିରାମ ପାଣିଗ୍ରାହୀ, କେନ୍ଦ୍ରପଡ଼ାରୁ ଶ୍ରୀ ଭକ୍ତ ବନ୍ଧୁ ମିଶ୍ର ଓ ପଣ୍ଡିତ ମହେଶ୍ୱର ନନ୍ଦ, ଭଦ୍ରକରୁ ଶ୍ରୀ ମୃତ୍ୟୁଞ୍ଜୟ ନାରାୟଣ ପଣ୍ଡା ଓ ବିଭୂତି ନାରାୟଣ ସେନାପତି ପ୍ରମୁଖ ତାଳପତ୍ର ପୋଥିର ସଂରକ୍ଷଣ ଉପରେ ଗୁରୁତ୍ୱ ଆରୋପ କରିଥିଲେ । ଜଳସଂସାଧନ ବିଭାଗର ସର୍ବୋଚ୍ଚଯନ୍ତ୍ରୀ ଇଂ ସୁବ୍ରତ ଦାଶ ମତ ରଖିଥିଲେ । ଓଡ଼ିଶା ବ୍ରାହ୍ମଣ ମହାସଂଘର ଭଦ୍ରକ ସଭାପତି ମନ୍ଦରଧର ଦୀକ୍ଷିତ ସଭାପତିତ୍ୱ ଅଭିଭାଷଣରେ ତାଳପତ୍ର ପୋଥିକୁ ସଂରକ୍ଷିତ କରିବା ଦିଗରେ ଅବହେଳା ନକରିବା ଏବଂ ସୁରକ୍ଷିତ ନହେଲେ ସରସ୍ୱତୀ ବିହାର ପୋଥି ସଂରକ୍ଷଣ କେନ୍ଦ୍ରକୁ ଦାନ କରିବାକୁ ଆହ୍ୱାନ ଦେଇଥିଲେ । ଭଦ୍ରକ ମାଟିର ଗୌରବ କୁଳପତି ପ୍ରଫେସର ନରସିଂହ ଚରଣ ପଣ୍ଡାଙ୍କୁ ଦିବ୍ୟ ଉପଢ଼ୌକନ ତଥା ବିଶିଷ୍ଟ ଅବଦାନ ପାଇଁ ଡ଼.ନିତ୍ୟାନନ୍ଦ ମିଶ୍ରଙ୍କୁ ମାନପତ୍ରକ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା ଓଡ଼ିଶାର ସୁନାମଧନ୍ୟ ଶଲ୍ୟ ଚିକିତ୍ସା ବିଶାରଦ ତଥା ପୋଥି ସଂରକ୍ଷକ ଡ଼ାକ୍ତର ବିଷ୍ଣୁ ଚରଣ ମିଶ୍ରଙ୍କ ବିୟୋଗରେ ନିରବ ପ୍ରାର୍ଥନା କରାଯାଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା । ପଣ୍ଡିତ ସୁରେନ୍ଦ୍ର ନାଥ ପଣ୍ଡା ଆଠ ଖଣ୍ଡ ଦୁର୍ଲଭ ପୋଥି ସରସ୍ୱତୀ କେନ୍ଦ୍ରକୁ ପ୍ରଦାନ କରିଥିଲେ । ଏହି ଅବସରରେ ଓଡ଼ିଶା ବ୍ରାହ୍ମଣ ମହାସଂଘର ତ୍ରୈମାସିକ ପତ୍ରିକା 'ବ୍ରହ୍ମ ସନ୍ଦେଶ' ଲୋକାର୍ପିତ ହୋଇଥିଲା । ସଂପାଦକ ଡ଼. ବସନ୍ତ ଦୀକ୍ଷିତ ସ୍ୱାଗତ କରିଥିଲେ ଏବଂ ମଦନ ମୋହନ ପାଣୀ ଧନ୍ୟବାଦ ଅର୍ପଣ କରିଥିଲେ ।




# ପବିତ୍ର ବିଜୟା ଦଶମୀରେ କାଳିସୀ ଶୋଭାଯାତ୍ରା

ଧାମନଗର,୫।୧୦(ସମିସ): ପବିତ୍ର ବିଜୟା ଦଶମୀ ଅବସରରେ ଧାମନଗରରେ ଏନଏସି ଅନ୍ତର୍ଗତ ୮ ନମ୍ବର ୱାର୍ଡ ଶ୍ୟାମପୁରସ୍ଥିତ ମା' ମନ୍ତ୍ରବାସିନୀଙ୍କ ପୀଠରୁ ପ୍ରସିଦ୍ଧ କାଳିସୀ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଗତ ଗୁରୁବାର ଭୋର ୫ଟାରେ ସ୍ଥାନୀୟ ଜାମତୁଲା ଗଣ୍ଡରେ କାଳିସୀ ଗାଧୋଇ ସାରିବା ପରେ ପୂଜାର୍ଚ୍ଚନା ପରେ ଖିଚୁଡ଼ି ରାନ୍ଧି ଭୋଗ ଅର୍ପଣ କରାଯାଇଥିଲା । ଏହି ଅବସରରେ ମାଗୁର ମାଛ ବଳି ଦିଆଯିବା ପରେ ମନ୍ତ୍ରବାସିନୀ ମନ୍ଦିରରେ କାଳିସୀ ପହଞ୍ଚିଥିଲେ । ସେଠାରେ ପୂଜାର୍ଚ୍ଚନା କରାଯିବା ସହିତ କାଳିସୀ ବେଶରେ ସୁସଜ୍ଜିତ ହୋଇ ନଗର ପରିକ୍ରମା କରିଥିଲେ । ଭକ୍ତ ଓ ଶ୍ରଦ୍ଧାଳୁମାନେ ବିଭିନ୍ନ ସ୍ଥାନରେ ପଣା ଓ ଝୁଣା ଦେଇ ମା'ଙ୍କ ସ୍ୱରୂପ କଳିସୀଙ୍କୁ ପୂଜାର୍ଚ୍ଚନା କରିଥିଲେ । ଶେଷରେ କାଳିସୀ ଦକ୍ଷିଣବାଡସ୍ଥିତ ବଳି ଗଡ଼ିଆ ପୋଖରୀରେ ଗାଧୋଇ ଦଶହରା ମଣ୍ଡା ପିଠା ଖାଇବା ପରେ ଶେଷ ହୋଇଥିଲା । ଧାମନଗର ବିଧାୟକ ତଥା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ସାଂସଦଙ୍କ ବ୍ଲକ ଓ ନଗର ପ୍ରତିନିଧି, ମନୋରଞ୍ଜନ ମଲ୍ଲିକ, ସରୋଜ କୁମାର ମହାପାତ୍ର, ମନ୍ତ୍ରୀଙ୍କ ନଗର ପ୍ରତିନିଧି କୈଳାସ ଚନ୍ଦ୍ର ମହାପାତ୍ର, ବିଜେପି ନଗର ସଭାପତି ପ୍ରଶାନ୍ତ ପରିଡ଼ା, ସ୍ଥାନୀୟ କାଉନସିଲର, ବିଜେପି ନଗର ସମ୍ପାଦକ ବିଜୟ କୁମାର ରାମ, ବିଜେପି ନେତା ବିରେନ୍ଦ୍ର କୁମାର ଜେନା, ଶ୍ରୀଧର ବେହେରା, ନାରୀ ନେତ୍ରୀ ପୁଷ୍ପାଞ୍ଜଳି ବେହେରା, ଛାତ୍ର ସଂଗଠନ, ଯୁବକ, ବୁଦ୍ଧିଜୀବୀ, ଶିକ୍ଷାବିତ୍ ପ୍ରମୁଖ ସାମିଲ ହୋଇଥିଲେ । ଶାନ୍ତିଶୃଙ୍ଖଳା ରକ୍ଷା ନିମନ୍ତେ ଧାମନଗର ତହସିଲଦାର ତଥା ମାଜିଷ୍ଟ୍ରେଟ୍ ସାଇଶ୍ରୀ ଲୋକନାଥ ପ୍ରସାଦ ସେଠୀ, ଧାମନଗର ଏସଡିପିଓ ତ୍ରିଲୋଚନ ସେଠୀ, ଆଇଆଇସି ରଞ୍ଜନ କୁମାର ସେଠୀଙ୍କ ତତ୍ତ୍ୱାବଧାନରେ ଏସଆଇ ରସ୍ମିତା ମଲ୍ଲିକ, ପ୍ରଦୀପ ନାୟକ, ମହେଶ୍ୱର ପ୍ରଧାନ, ଏଏସଆଇ ସୁଜିତ ରାଉତ, ଖୁଜୁରଙ୍କ ସହ ଅନ୍ୟ ପୁଲିସ ଏବଂ ରାପିଡ ଆକ୍ସନ ଫୋର୍ସ ନିୟୋଜିତ କରାଯାଇଥିଲା ।



# ପ୍ରଧାନ ପାଣିନାଳ ଉପର ବେଆଇନ ପକ୍କାଘର ନିର୍ମାଣ



ବନ୍ତ/ଆଗରପଡ଼ା,୫।୧୦(ସମିସ): ନୂତନ ସରାକର ଆସିବା ପରେ ବର୍ତ୍ତମାନ ଜିଲ୍ଲାର ବିଭିନ୍ନ ବ୍ଲକରେ ଜବର ଦଖଲରେ ଥିବା ବିଭିନ୍ନ ଜାଗାରୁ ପ୍ରଶାସନ ପକ୍ଷରୁ ଉଚ୍ଛେଦ ପ୍ରକ୍ରିୟାକୁ ଜୋରଦାର କରାଯାଇଥିବା ବେଳେ ଏହାର ବ୍ୟତିକ୍ରମ କିନ୍ତୁ ବନ୍ତ ବ୍ଲକରେ ଦେଖିବାକୁ ମିଳିଛି । ଅଭିଯୋଗକୁ ୧୪ମାସ ବିତିଯିବା ପରେ ମଧ୍ୟ ପ୍ରଶାସନ ନୀରବ ଦ୍ରଷ୍ଟା ସାଜିବା ତାର କାର୍ଯ୍ୟପନ୍ଥା ଉପରେ ଅଙ୍ଗୁଳ ନିର୍ଦ୍ଦେଶ କରୁଛି ।

ବନ୍ତ ବ୍ଲକ ଅନ୍ତର୍ଗତ ବଡ଼ମହିଁଷଗୋଠ ଓ ପୁରୁଷଣ୍ଡ ପଞ୍ଚାୟତର କୁଆଁଶମଡିଆ ରାଜସ୍ୱ ମୌଜାର ଗରୀବ, ନିମ୍ନ ମଧ୍ୟବିତ୍ତ ଏବଂ ମଧ୍ୟବିତ୍ତ ପରିବାରର ଚାଷୀ ମାନେ କୃଷି କାର୍ଯ୍ୟ ଉପରେ ନିର୍ଭର କରି ପରିବାର ପ୍ରତିପୋଷଣ କରନ୍ତି । ସେମାନଙ୍କ ଅଭିଯୋଗ ଅନୁଯାୟୀ, ସରକାରୀ ଚକବନ୍ଦୀ ନକ୍ସା ଅନୁସାରେ ଅଣିଜୋ ଶାଖା କେନାଲ (କୁଆଁଶମଡିଆ ମୌଜା ଜଳସେଚନ ଅଫିସ ସନ୍ନିକଟ)ରୁ ଆଉଟ୍‌ଲେଟ୍ ଦ୍ୱାରା ଏକ ପ୍ରଧାନ ପାଣିନାଳ ଖାତା ନଂ-୨୮୪, ପ୍ଲଟ ନଂ-୫୩୭, ରକବା-ଏ୦-୧୧ଡ଼ି. ଦୀର୍ଘ ୫୦୦ ମି. ପର୍ଯ୍ୟନ୍ତ ସ୍ଥିତାବସ୍ଥା ହରାଇ ବସିଛି । ଉକ୍ତ ଆଉଟ୍‌ଲେଟ୍ ଆରମ୍ଭରୁ ପ୍ରଧାନ ପାଣିନାଳ ଉପରେ କିଛି

## ଅଭିଯୋଗର ୧୪ ମାସ ପରେବି କାର୍ଯ୍ୟାନୁଷ୍ଠାନ ଶୂନ

ନ୍ୟସ୍ତସ୍ୱାର୍ଥ ବ୍ୟକ୍ତି ବେଆଇନ୍ ଭାବେ ପକ୍କାଘର ନିର୍ମାଣ କରିବା ସହ ଉକ୍ତ ମୌଜାର ପାଖାପାଖି ୨୫ରୁ ଉର୍ଦ୍ଧ୍ୱ ପ୍ରଧାନ ପାଣିନାଳ ବିଭିନ୍ନ ବ୍ୟକ୍ତି ବିଶେଷଙ୍କ ଦ୍ୱାରା ଅବରୋଧ କରାଯାଇଛି । ଯଦ୍ୱାରା ସମସ୍ତ ଚାଷ ଜମିକୁ ଜଳ ନିଷ୍କାସନ ହୋଇପାରୁନାହିଁ କି ଚାଷ ଜମିରେ ପାଣି ପହଞ୍ଚି ପାରୁନାହିଁ । ଅପରପକ୍ଷରେ କେନାଲ ଜଳ ନପାଇ ମଧ୍ୟ ସେମାନେ ଜଳକର ଦେବାକୁ ବାଧ୍ୟ ହେଉଛନ୍ତି । ଏହାର ବିଧିବଦ୍ଧ ତଦନ୍ତ କରିବା ସହ ପ୍ରଧାନ ପାଣିନାଳ ଉପରେ ବେଆଇନ୍ ସ୍ଥାୟୀ ପକ୍କାଗୃହକୁ ଉଚ୍ଛେଦ ଓ ଅବରୋଧ ହୋଇ ରହିଥିବା ସମସ୍ତ ପ୍ରଧାନ ପାଣିନାଳକୁ ଅବରୋଧ ମୁକ୍ତ କରିବା ପାଇଁ ଆଗରପଡ଼ା ୧୪ ନଂ ଜୋନ୍ ଜିଲ୍ଲାପରିଷଦ ସଭ୍ୟା ରୁନିତା ଦାସ, ବିଟିପୁର ସରପଞ୍ଚ ସୁଭଦ୍ରା ସିଂହ, ବଡ଼ମହିଁଷଗୋଠ ସରପଞ୍ଚ ବିନୋଦିନୀ ମହାନ୍ତି, ପୁରୁଷଣ୍ଡ ସରପଞ୍ଚ ପ୍ରକାଶ ବିଶ୍ୱାଳ, ବଡ଼ମହିଁଷଗୋଠ ସମିତିସଭ୍ୟା ପଦ୍ମାବତୀ ନାଥଶର୍ମା, ମା'ଚଣ୍ଡୀ ପାଣି ପଞ୍ଚାୟତ ସଭାପତି ଦିପକ ମହାନ୍ତି, ସମ୍ପାଦକ ପଦ୍ମଲୋଚନ ନାଥଶର୍ମାଙ୍କ ସମେତ କୁଆଁଶମଡିଆ ଅଧିନସ୍ଥ ସମସ୍ତ ଚାଷୀ ଓ ପଞ୍ଚାୟତବାସୀଙ୍କ ଦସ୍ତଖତରେ ଜିଲ୍ଲାପାଳଙ୍କୁ ପତ୍ର ଲେଖିଥିଲେ । ଇତିମଧ୍ୟରେ ୧୪ମାସ ବିତିବାକୁ ବସିଥିବା ବେଳେ ପ୍ରଶାସନ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନଥିବାରୁ ଚାଷୀଙ୍କ ଚିନ୍ତାର କାରଣ ହୋଇଛି । ଅପରପକ୍ଷରେ ଉକ୍ତ ସମସ୍ୟାକୁ ନେଇ ବନ୍ତ ତହସିଲଦାରଙ୍କୁ ଯୋଗାଯୋଗ କରିବାରୁ କାଡ଼ା ବିଭାଗ ପକ୍ଷରୁ କୌଣସି ନିର୍ଦ୍ଦେଶ ନ ଆସିଲେ ସେ କିଛି ବି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିପାରିବେ ନାହିଁ ବୋଲି ପ୍ରକାଶ କରିଥିଲେ । ଚାଷୀଙ୍କ ସ୍ୱାର୍ଥକୁ ଆଖି ଆଗରେ ରଖି ଉକ୍ତ ଅଭିଯୋଗକୁ କାଗଜ କଲମରେ ସୀମିତ ନରଖି ଏହା ଉପରେ କାର୍ଯ୍ୟାନୁଷ୍ଠାନ ପାଇଁ ଜିଲ୍ଲାପାଳ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେବା ପାଇଁ ଅଭିଯୋଗକାରୀ ଦାବି କରିଛନ୍ତି ।

# ମେଲାଣି ନେଲେ ମା' ଦୁର୍ଗା

## ଭସାଣିରେ ମେଢ଼କୁ କାନ୍ଧ ଲଗାଇ ଆଗେଇନେଲେ ଥାନାଧିକାରୀ ଓ ସହଯୋଗୀ

ଧାମନଗର, ୫।୧୦ (ସମିସ): ଧାମନଗର ସହରରେ ମେଲାଣି ନେଲେ ମା' ଜଗତ ଜନନୀ । ଭସାଣି ଶୋଭାଯାତ୍ରାରେ ଶାନ୍ତିଶୃଙ୍ଖଳା ବଜାୟ ରଖିବା ସହ ମା' ଦୁର୍ଗାଙ୍କ ମେଢ଼କୁ ଭକ୍ତି ଓ ଶ୍ରଦ୍ଧାରେ କାନ୍ଧ ଲଗାଇ କିଛି ବାଟ ଆଗେଇ ନେଲେ ଧାମାନଗର ଥାନା ଅଧିକାରୀ ରଞ୍ଜନ କୁମାର ସେଠୀଙ୍କ ସହ ଏସଆଇ ରଶ୍ମିତା ମଲ୍ଲିକ, ପ୍ରଦୀପ ନାୟକ, ମହେଶ୍ୱର ପ୍ରଧାନ ଓ ଅନ୍ୟ ସହଯୋଗୀ । ଧାମନଗର ସହର ଅଧିନସ୍ଥ ଶାମପୁରର ବହୁପୁରାତନ ରାମ ସାହି ମଣ୍ଡପରେ ପୂଜା ପାଇଥିବା ଦେବୀ ମା' ଦୁର୍ଗା ଏବଂ ମେଡିକାଲ ବଜାର ମଣ୍ଡପରେ ପୂଜା ପାଇଥିବା ମା' ଦୁର୍ଗାଙ୍କ ଭସାଣି ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଉଭୟ ମେଢ଼ ମଣ୍ଡପରୁ ବାହାରି ବଡ଼ ବଜାର ଓ ସାନ ବଜାର ପରିକ୍ରମା କରି ବାସନ୍ତୀ ଦୁର୍ଗା ନିକଟରେ ଥିବା ଜଗୁସାଗର ପୋଖରୀରେ ବିସର୍ଜନ କରାଯାଇଛି । ଉଭୟ ଶୋଭାଯାତ୍ରାରେ ଘଣ୍ଟ ଘଣ୍ଟା, ଢୋଲ ବାଦ୍ୟରେ ପାରମ୍ପରିକ ରୀତିନୀତି ଅନୁସାରେ ସମଗ୍ର ଅଞ୍ଚଳ ଉତ୍ସବ ମୁଖର ହୋଇଉଠିଥିଲା । ମେଡିକାଲ ବଜାର ସାର୍ବଜନୀନ ଶାରଦୀୟ ଦୁର୍ଗାପୂଜା କମିଟିର କର୍ମକର୍ତ୍ତା ଶୋଭାଯାତ୍ରା ପରିଚାଳନାରେ ସହଯୋଗ କରିଥିଲେ । ଉତ୍ସବରେ ଟ୍ରାଫିକ ସମସ୍ୟା ଏବଂ ଶାନ୍ତିଶୃଙ୍ଖଳା ରକ୍ଷା ନିମନ୍ତେ ଆଇଆଇସି ରଞ୍ଜନ କୁମାର ସେଠୀଙ୍କ ତତ୍ତ୍ୱାବଧାନରେ ଏସଆଇ ରସ୍ମିତା ମଲ୍ଲିକ, ପ୍ରଦୀପ ନାୟକ, ମହେଶ୍ୱର ପ୍ରଧାନ, ଏଏସଆଇ ସୁଜିତ ରାଉତଙ୍କ ସହ ପୁଲିସ ଫୋର୍ସ ନିୟୋଜିତ କରାଯାଇଥିଲା ।



# ଲଳିତ କଳା ଏକାଡେମୀ କଳା ଏବଂ ହସ୍ତଶିଳ୍ପ ପ୍ରଦର୍ଶନୀ ଉଦ୍‌ଘାଟିତ



ବାଲେଶ୍ୱର, ୫।୧୦(ସମିସ): ବାଲେଶ୍ୱର ଚାରୁ ଓ କାରୁକଳା ମହାବିଦ୍ୟାଳୟ ଅଧକ୍ଷ ନିକୁଞ୍ଜ ବିହାରୀ ଦାସ ଏବଂ ତାଙ୍କ ଦଳର ନେତୃତ୍ୱରେ କଳା ଏବଂ ହସ୍ତଶିଳ୍ପ ପ୍ରଦର୍ଶନୀ ନୂଆଦିଲ୍ଲୀର ଲଳିତ କଳା ଏକାଡେମୀରେ ଉଦଘାଟିତ ହୋଇଯାଇଛି । ଏହି ପ୍ରଦର୍ଶନୀ ଆସନ୍ତା ୧୦ ତାରିଖ ପର୍ଯ୍ୟନ୍ତ ଚାଲିବ । ଏହି ପ୍ରଦର୍ଶନୀରେ ଭାରତୀୟ ସଂସ୍କୃତି, ଐତିହ୍ୟ, ଶିକ୍ଷା, ପରିବେଶ ଏବଂ ଏଆଇ ପ୍ରଯୁକ୍ତିବିଦ୍ୟାକୁ ପ୍ରତିଫଳିତ କରୁଥିବା ଚିତ୍ରକଳା, କଳାକୃତି ଏବଂ ହସ୍ତଶିଳ୍ପ ପ୍ରଦର୍ଶିତ ହୋଇଛି । ଉଦଘାଟନୀ ଉତ୍ସବରେ ମୁଖ୍ୟଅତିଥି ଡ. ଅମରେନ୍ଦ୍ର ଖଟୁଆ ଏବଂ ଡ. ସଞ୍ଜିବ ପାଟଯୋଶୀ, ସୁଶ୍ରୀ ଗାର୍ଗୀ ସେଠ, ଏ. ଅକ୍ଷୟ କୃଷ୍ଣ ସାମଲ ପ୍ରମୁଖ ଉପସ୍ଥିତ ଥିଲେ । ବିଶିଷ୍ଟ କଳାକାରଙ୍କ ମଧ୍ୟରେ ଅମ୍ରିତା ପଟ୍ଟନାୟକ, ଆର୍ଯ୍ୟପ୍ରଜ୍ଞା ବାସବଦତ୍ତ, ଗୌରାଙ୍ଗ ବାରିକି, ନିକୁଞ୍ଜ ବିହାରୀ ଦାସ, ପ୍ରଦୀପ୍ତ କିଶୋର ଦାସ, ସୁଧାକର ସେଠୀ ପ୍ରମୁଖ ସାମିଲ ହୋଇଛନ୍ତି ।

# ଜିଲ୍ଲା ବିଜେଡି ଆଇଟି କୋର୍ଡିନେଟର ଭାବେ ନିଯୁକ୍ତ ହେଲେ ଦେବାଶିଷ



ବାଲେଶ୍ୱର, ୫।୧୦(ସମିସ): ବାଲେଶ୍ୱର ଜିଲ୍ଲା ବିଜେଡି ଆଇଟି କୋର୍ଡିନେଟର ଭାବେ ବିଜେଡି ନେତା ଦେବାଶିଷ ଦାଶଙ୍କୁ ନିଯୁକ୍ତ କରାଯାଇଛି । ଦେବାଶିଷ ବର୍ତ୍ତମାନ ପୌରପାଳିକା ଅଧିନ ୫ ନମ୍ବର ୱାର୍ଡ ସଭାପତି ଭାବେ କାର୍ଯ୍ୟ ତୁଲାଉଛନ୍ତି । ଏହି ନିଯୁକ୍ତି ମିଳିବା ପରେ ତାଙ୍କୁ ବିଭିନ୍ନ ମହଲରୁ ସ୍ୱାଗତ କରାଯାଇଛି । ନିଯୁକ୍ତି ପରେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ଜିଲ୍ଲା ସଭାପତି ତଥା ପୂର୍ବତନ ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ, ନାରୀ ନେତ୍ରୀ ଲେଖାଶ୍ରୀ ସାମନ୍ତ ସିଂହାର, ପୂର୍ବତନ ବିଧାୟକ ସ୍ୱରୂପ କୁମାର ଦାସ, ଯୁବ ନେତା ରିତିକ ଜି ପ୍ରମୁଖଙ୍କୁ ସାଧୁବାଦ ଜଣାଇଛନ୍ତି । ସୂଚନାଯୋଗ୍ୟ ଯେ ବିଜୁ ଜନତା ଦଳ ରାଜ୍ୟର ସମସ୍ତ ଜିଲ୍ଲାରେ ଜିଲ୍ଲା କୋର୍ଡିନେଟର ଏବଂ ଜୋନ କୋର୍ଡିନେଟର ଘୋଷଣା କରିଛି ।

# ପଦ୍ମଶ୍ରୀ ଲକ୍ଷ୍ମୀନାରାୟଣ ସାହୁଙ୍କ ଜୟନ୍ତୀ



ବାଲେଶ୍ୱର, ୫।୧୦(ସମିସ): ପଦ୍ମଶ୍ରୀ ଲକ୍ଷ୍ମୀନାରାୟଣ ସାହୁଙ୍କ ୧୩୬ତମ ଜୟନ୍ତୀ ଫକୀରମୋହନ ସାହିତ୍ୟ ପରିଷଦ ସଭା ଗୃହରେ ପାଳିତ ହୋଇଯାଇଛି । ପରିଷଦ ସଭାପତି ଡ. ସୁବାସ ଚନ୍ଦ୍ର ପାତ୍ରଙ୍କ ସଭାପତିତ୍ୱରେ ସଭାରେ ବିଶିଷ୍ଟ ଅତିଥି ଓ ବକ୍ତା ରୂପେ ଫକୀରମୋହନ ସାହିତ୍ୟ ପରିଷଦର ପ୍ରାକ୍ତନ ସଭାପତି ଡ. ଶିରୀଶ ଚନ୍ଦ୍ର ଜେନା ଓ ଡ. ଲକ୍ଷ୍ମୀକାନ୍ତ ତ୍ରିପାଠୀ ଯୋଗ ଦେଇଥିଲେ । ପରିଷଦ ସମ୍ପାଦକ ଡ. ରତ୍ନାକର ସିଂହ ପ୍ରାକ କଥା ରଖିଥିବା ବେଳେ ଯୁଗ୍ମ ସମ୍ପାଦକ ରାଜେଶ ଗିରି ଅତିଥିମାନଙ୍କୁ ମଞ୍ଚ ଆହ୍ୱାନ କରିଥିଲେ । ଶେଷରେ ଯୁଗ୍ମ ସମ୍ପାଦିକା କଲ୍ୟାଣୀ ନନ୍ଦ ଧନ୍ୟବାଦ ପ୍ରଦାନ କରିଥିଲେ । ଏଥିରେ ଶରତ ମହାପାତ୍ର, ନିରଞ୍ଜନ ରାଉତ ପଦ୍ମଲୋଚନ ଦତ୍ତ, ତପନ ରାୟ, ମଧୁସୂଦନ ମାଝୀ, ଜୁମର ନାଥ ପାତ୍ର, କରୁଣାକର ସ, ବିଦ୍ୟାଧର ସାହୁ, ଜ୍ୟୋସ୍ନା ରାୟ, ଅବନ୍ତୀ ପ୍ରଧାନ, ବାସନ୍ତୀ ଦେ ପ୍ରମୁଖ ଉପସ୍ଥିତ ହୋଇଥିଲେ ।

# ଚୁଲି ନିଆଁରେ ପଡ଼ି ଯୁବତୀ ଗୁରୁତର

ନୀଳଗିରି, ୫।୧୦ (ସମିସ): ପିଲାଟି ଦିନରୁ ମାଆ କୁ ହରାଇଥିବା ବେଳେ କିଛି ବର୍ଷ ପୂର୍ବରୁ ବାପାଙ୍କୁ ମଧ ହରାଇଥିଲା । ବାପା ମାଆଙ୍କ ଏକ ମାତ୍ର ଝିଅ ଜେଜେ ବାପା ପାଖରେ ରହି ଆସୁଥିବା ବେଳେ ଜେଜେଙ୍କ ଗତ ତିନି ମାସ ପୂର୍ବରୁ ମୃତ୍ୟୁ ହୋଇଥିଲା । ଏକାକି ଯୁବତୀ ଜଣଙ୍କ ଘରେ ରହି ଆସୁଥିବା ବେଳେ ପରଘରେ କାମ ଦାମ କରି ଜୀବନ କାଟୁ ଥିଲା । ହଠାତ ରବିବାର ଦିନ ଚୁଲିରେ ରୋଷେଇ କରୁଥିବା ବେଳେ ନିଆଁ ଲାଗିଥିବା ଚୁଲିରେ ପଡିଯିବାରୁ ମୁହଁ ୬୦ ଭାଗ ପୋଡି ଯାଇଛି । ସ୍ଥାନୀୟଲୋକେ ନୀଳଗିରି ଉପଖଣ୍ଡ ଚିକିତ୍ସାଳୟରେ ଆଣି ଭର୍ତ୍ତି କରିଥିଲେ । ବର୍ତ୍ତମାନ ସେ ଚିକିତ୍ସାଧୀନ ଅଛନ୍ତି । ସୂଚନା ଥାଉ କି ବାଲେଶ୍ୱର ଜିଲା ନୀଳଗିରି ଥାନା ମହିଷାପଟା ପଞ୍ଚାୟତ କାଠଗୋଛି ଗାଁର ଭାସ୍କର ମହାଲିକଙ୍କ ଝିଅ ତିଲୋତ୍ତମା ମହାଲିକ(୨୨) ରୋଷେଇ କରୁଥିବା ବେଳେ ଏପରି ଅଘଟଣ ଘଟିଥିବାର ଦେଖିବାକୁ ମିଳିଛି । ଜେଜେ ବାପା ବୁଦ୍ଧିଆ ମହାଲିକ ମୃତ୍ୟୁ ପରେ ନିରାଶ୍ରୟି ହୋଇ ଏକୁଟିଆ ରହୁଥିଲା । ନିରାଶ୍ରୟି ତିଲୋତ୍ତମା ନୀଳଗିରି ଉପଖଣ୍ଡ ଚିକିତ୍ସାଳୟରେ ଚିକିତ୍ସା ଚାଲିଥିବା ବେଳେ ତାଙ୍କ ପାଖରେ କୌଣସି ସମ୍ପର୍କୀୟ ନଥିବା ବେଳେ ସ୍ଥାନୀୟ ପ୍ରଶାସନ ସହଯୋଗର ହାତ ବଢାଇଲେ ଝିଅଟି ଉତ୍ତମ ଚିକିତ୍ସା ପାଇପାରିବ ବୋଲି ସାଧାରଣରେ ଦାବି ହେଉଛି ।

# କାଳିକିଙ୍କରଙ୍କୁ ଜଗଦ୍ଧାତ୍ରୀ ସାହିତ୍ୟ ସମ୍ମାନ

ବାଲେଶ୍ୱର, ୫।୧୦(ସମିସ): ବାଲେଶ୍ୱର ନିବାସୀ ଡ. କାଳିକିଙ୍କରଙ୍କୁ ପ୍ରତିଷ୍ଠିତ ସାରସ୍ୱତ ସମ୍ମାନ ଜଗଦ୍ଧାତ୍ରୀ ସାହିତ୍ୟ ସମ୍ମାନ ବସ୍ତା ବ୍ଲକ ଅନ୍ତର୍ଗତ ପାହିଅସ୍ତିଠାରେ ପ୍ରଦାନ କରାଯାଇଛି । ବସ୍ତା ବିଧାୟିକା ସୁବାସିନୀ ଜେନା, ଦୀନକୃଷ୍ଣ ସାହିତ୍ୟ ପରିଷଦର ସମ୍ପାଦକ ପ୍ରାଧ୍ୟାପକ ଡ଼ଃ ବିପିନ ବିହାରୀ ବିଶ୍ୱାଳ, ସାହିତ୍ୟ ଏକାଡେମୀ ସମ୍ବର୍ଦ୍ଧିତ ପ୍ରତିଭା ବ୍ରଜେନ୍ଦ୍ର ନାଥ ଗିରି, ବାଲିଆପାଳ ବରିଷ୍ଠ ନାଗରିକ ପରିଷଦର ସଭାପତି ତଥା ବିଶିଷ୍ଟ ଶିକ୍ଷକ ନେତା ନାରାୟଣ ସାହୁ, ବିଶିଷ୍ଟ ପ୍ରଗତିବାଦୀ କବି ବିଜୟ ଉପାଧ୍ୟାୟ ପ୍ରମୁଖ ଉପସ୍ଥିତ ରହି ଡ. କାଳିକିଙ୍କରଙ୍କୁ ଅଙ୍ଗବସ୍ତ୍ର ସହ ସମ୍ମାନ ପତ୍ର ପ୍ରଦାନ କରିଥିଲେ । ଓଡ଼ିଶାର ବିଶିଷ୍ଟ ଶିଶୁ ସାହିତ୍ୟିକ ଓ ସାରସ୍ୱତ ସ୍ରଷ୍ଟା ଭାବରେ ଡ଼ଃ କାଳିକିଙ୍କର ପ୍ରସିଦ୍ଧି ଅର୍ଜନ କରିଛନ୍ତି । ତାଙ୍କର ଏହି ସମ୍ମାନ ପାଇଁ କବି ଡ. ବ୍ରଜନାଥ ରଥ ଫାଉଣ୍ଡେସନ ଟ୍ରଷ୍ଟ, ବାଲିଆପାଳ ବରିଷ୍ଠ ନାଗରିକ ପରିଷଦ ସମେତ ଅନେକ କବି, ଲେଖକ ତାଙ୍କୁ ଅଭିନନ୍ଦନ ଜଣେଇଛନ୍ତି ।

# ରାବଣ ପୋଡ଼ି ମହୋତ୍ସବ

ରାଜଘାଟ, ୫।୧୦ (ସମିସ): ଅମର୍ଦ୍ଦାରୋଡ ଶ୍ୟାମସୁନ୍ଦରପୁର ଗ୍ରାମର ଯୁବକ ସଂଘର ପକ୍ଷରୁ ଶ୍ୟାମସୁନ୍ଦରପୁର ଗ୍ରାମସ୍ଥିତ ପୋଖରୀ ଆଡିରେ ରାବଣ ପୋଡ଼ି ଉତ୍ସବ ଆୟୋଜିତ ହୋଇଥିଲା । ଏ ନେଇ ଏକ ସଭାର ଅୟୋଜନ ହୋଇଥିଲା । ଯୁବକ ସଂଘର ସଭାପତି ଦୀପକ କୁମାର ସାହୁ ପୌରହିତ୍ୟରେ ମୁଖ୍ୟଅତିଥି ଭାବେ ପୂର୍ବତନ ମନ୍ତ୍ରୀ ରଘୁନାଥ ମହାନ୍ତି ରାବଣ ପୋଡ଼ି କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ । ନଟାକଟା ପଞ୍ଚାୟତର ସରପଞ୍ଚ ବନ୍ଦନା ସେଠୀ, ପୂର୍ବତନ ସରପଞ୍ଚ ପ୍ରଦୀପ କୁମାର ବେହେରା, ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟ ଶମ୍ଭୁନାଥ ସେଠୀ, ସମିତସଭ୍ୟା ପ୍ରତିନିଧି ଗଣେଶ ଚନ୍ଦ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ । ରାବଣ ପୋଡ଼ି ଉତ୍ସବ କମିଟିର ଉପସଭାପତି ଜଗତ ବ୍ରହ୍ମ ପାତ୍ର, ସମ୍ପାଦକ ରବୀନ୍ଦ୍ର ପରିଡା, ସଦସ୍ୟ ଲକ୍ଷ୍ମୀ ନାରାୟଣ ସୁର, ଉତ୍ସବ କୁମାର ପରିଡ଼ା, ଶମ୍ଭୁନାଥ ମହାନ୍ତି, ଶିବ ଶଙ୍କର ସୁର, ଶମ୍ଭୁନାଥ ପରିଡା, ପ୍ରକାଶ ପାତ୍ର, ଜୀବନ ସୁର, ଜଗନ ଭଦ୍ର, ଭବେଶ ସାହୁ, ଦିବ୍ୟ ନାରାୟଣ ସୁର ପ୍ରମୁଖ ଉପସ୍ଥିତ ରହି ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ ।

## ଲଗାଣ ବର୍ଷାରେ ଭୋଗରାଇରେ ଜନଜୀବନ ଅସ୍ତବ୍ୟସ୍ତ

# ହେଉନି ପାଣି ନିଷ୍କାସନ, କୁହୁଳୁଛି ଅସନ୍ତୋଷ

ବାଲେଶ୍ୱର(ଉତ୍ତର)/ଚନ୍ଦନେଶ୍ୱର, ୫।୧୦ (ସମିସ)







ଦୀର୍ଘ ୪ ଦିନ ଧରି ଲଘୁଚାପଜନିତ ଲଗାଣ ବର୍ଷା ବିପ୍ରାତ ସମଗ୍ର ଭୋଗରାଇ ବ୍ଲକର ଜନଜୀବନ ଅସ୍ତବ୍ୟସ୍ତ କରିଛି । ବିଭିନ୍ନ ଅଞ୍ଚଳରେ ଜଳ ନିଷ୍କାସନ ନ ହୋଇପାରିବାରୁ ଅନେକ ଗାଁ ରାସ୍ତା ତଥା ପ୍ରଧାନମନ୍ତ୍ରୀ ସଡ଼କରେ ପାଣି ଜମିଥିବାରୁ ଯାତାୟାତ ବାଧାପ୍ରାପ୍ତ ହୋଇଛି । ଏପରିକି ବ୍ଲକର ମୁଖ୍ୟାଳୟ କୁହାଯାଉଥିବା ଥାନା ଛକ, ଦେହୁର୍ଦ୍ଦା, ଜଳେଶ୍ୱରପୁରରେ ମଧ ଜଳନିଷ୍କାସନ ହୋଇ ନ ପାରିବାରୁ ତହସିଲ କାର୍ଯ୍ୟାଳୟ, ଡାକ୍ତର ଖାନା, କଲେଜ, ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଇତ୍ୟାଦି ସ୍ଥାନରେ ବର୍ଷା ପାଣି ଜମି ରହି କୃତିମ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି । ସେହିପରି ପନିପରିବା ଫସଲ ସହିତ ଅନେକ ଖାଲୁଆ ଜମିରେ ଧାନ ଫସଲ ଉପରେ ପାଣିର ସୁଅ ଛୁଟୁଛି । ଅନେକ ଝାଟି ମାଟି ଘର ଭୁଶୁଡ଼ି ପଡ଼ିଥିବା ଖବର ମିଳିଛି ।

ବ୍ଲକର ୫୦ ଟି ପଞ୍ଚାୟତର ଖାଲୁଅ ଅଞ୍ଚଳର ପ୍ରାୟ ୧୫୦ ଉର୍ଦ୍ଧ୍ୱ ଗାଁର ସ୍ଥିତ ସଙ୍ଗୀନ ହୋଇଛି । ସେହିପରି ତଳିଆ ଅଞ୍ଚଳ ତଥା ନଦୀକୂଳିଆବାସୀ ଆତଙ୍କିତ ହୋଇପଡିଛନ୍ତି । ପ୍ରବଳ ବର୍ଷାରେ ଅନେକ ଗାଁର ଲୋକେ ଜଳବନ୍ଦୀ ଅବସ୍ଥାରେ ଅଛନ୍ତି । ପାଣି ନିଷ୍କାସନ ବ୍ୟବସ୍ଥା ନ ଥିବାରୁ ରାସ୍ତା ଘାଟ ସମେତ ଲୋକଙ୍କ ଘର ଦ୍ୱାର ପାଣି ଘେରରେ ରହିଛି । ଚୁଲିରେ ପାଣି ପଶି ଯିବା ଫଳରେ ରୋଷେଇ ବାସ କରି ଖାଇ ପାରୁନାହାନ୍ତି । ଉପବାସରେ ଜୀବନ ବିତାଇବାକୁ ପଡୁଛି । ଲୋକେ ହସ୍ପିଟାଲ, ବଜାର ଏବଂ ଅନ୍ୟାନ୍ୟ ଜରୁରୀ କାମରେ ଯାଇ ନ ପାରି ହନ୍ତସନ୍ତ ହେଉଛନ୍ତି । ଅନ୍ୟପକ୍ଷରେ ଲଘୁଚାପ ଜନିତ ଲଗାଣ ବର୍ଷାରେ ନଦୀର ଜଳସ୍ତର କ୍ରମଶଃ ବୃଦ୍ଧି ପାଉଥିବାରୁ ସୁବର୍ଣ୍ଣରେଖା ନଦୀରେ ୮ ମ ବନ୍ୟା ଆସିବାର ଆଶଙ୍କା କରି ନଦୀକୂଳିଆ ଓ ତଳିଆ ଅଞ୍ଚଳ ଲୋକଙ୍କ ଆଖିରୁ ନିଦ ହଜେଇ ଦେଇଛି । ବାରମ୍ବାର ବନ୍ୟା ଆସିବା ଫଳରେ ଉତ୍ତର ଭୋଗରାଇର ୧୧ ଟି ପଞ୍ଚାୟତ ଓ ଦକ୍ଷିଣ ଭୋଗରାଇର ୪ଟି ପଞ୍ଚାୟତର ପାଖାପାଖି ୫୦ଟି ଗ୍ରାମରେ ନାହିଁ ନା ଥିବା କ୍ଷୟ କ୍ଷତି ଘଟିଛି । ଖରିଫ ଧାନ ସହିତ ପନିପରିବା ଚାଷ ସମ୍ପୂର୍ଣ୍ଣ ଉଜୁଡି ଯାଇଛି । ଯାହାଫଳରେ ଚାଷୀକୁଳ ହତାଶ ହୋଇପଡିଛନ୍ତି । ତଥାପି ସରକାରଙ୍କ ପାଖରୁ ଅଦ୍ୟାବଧି କୌଣସି ସହାୟତା ରାଶି ଅବା କ୍ଷତିପୂରଣ ପାଇ ନ ଥିବାରୁ ଜନ ଅସନ୍ତୋଷ କାରଣ କୁହୁଳିବାରେ ଲାଗିଛି । ଚାଷୀଙ୍କ ପରେ ବଢୁଛି ଭୋଗରାଇର ଉପକୂଳରେ ରହୁଥିବା ମତ୍ସ୍ୟଜୀବୀଙ୍କ ଦୁଃଖ, ଦୁର୍ଦ୍ଦଶା । ସେମାନେ ସମୁଦ୍ରରୁ ମାଛ ଧରି ପରିବାର ପ୍ରତିପୋଷଣ କରନ୍ତି । ପ୍ରଜନନ ଋତୁର କଟକଣା ହଟିବା ପରେ ମାଛକୁ ଭରସା କରି ପ୍ରତ୍ୟେକ ମତ୍ସ୍ୟଜୀବୀ ପରିବାର ଖୁସିର ଲହରୀ ଖେଳି ଯାଇଥିଲା । କିନ୍ତୁ ବାରମ୍ବାର ଲଘୁଚାପ ହେବା ଫଳରେ ସମୁଦ୍ରକୁ ଯାଇ ମାଛ ଧରିବାକୁ ମତ୍ସ୍ୟ ବିଭାଗ ପକ୍ଷରୁ କଡାକଡି ନିର୍ଦ୍ଦେଶ ରହିଥିଲାବେଳେ ମତ୍ସ୍ୟଜୀବୀମାନେ ସମୁଦ୍ରକୁ ମାଛ ଧରିବାକୁ ଯାଇପାରୁନାହାନ୍ତି । ଯାହା ଫଳରେ ରୋଜଗାର ନ ପାଇ ବେସାହାରା ହୋଇପଡିଛନ୍ତି । ଅନ୍ୟପକ୍ଷରେ ଏହି ବ୍ଲକ ଶିଆଁରୋଇ ଗ୍ରାମ ପଞ୍ଚାୟତ ଅଧୀନ ପଥୁରିଆ ଗ୍ରାମର ବିପିନ ବିହାରୀ ପ୍ରଧାନଙ୍କ ଝାଟି ମାଟି ଘର ଲଗାଣ ବର୍ଷାରେ ସମ୍ପୂର୍ଣ୍ଣ ଭୁଶୁଡ଼ି ପଡ଼ିଛି । ତୁରନ୍ତ ଏହାର ତଦନ୍ତ କରି ପଦକ୍ଷେପ ଗ୍ରହଣ କରି ସରକାରୀ ସୁବିଧା ସୁଯୋଗ ଯୋଗାଇ ଦେବାକୁ ଗ୍ରାମବାସୀ ମାନେ ଅନୁରୋଧ କରିଛନ୍ତି । ସେହିପରି ପାଣିଷଣ୍ଢ ପଞ୍ଚାୟତର ବହୁ ଗ୍ରାମ ରାସ୍ତାରେ ପାଣି ଜମିରହିଥିବା ବେଳେ ଲୋକେ ଘରୁ ବାହାରକୁ ବାହାରି ପାରୁନାହାନ୍ତି । ତେବେ ଏପର୍ଯ୍ୟନ୍ତ ରାଜସ୍ୱ ବିଭାଗ ତରଫରୁ କ୍ଷୟ କ୍ଷତି ଆକଳନ କରାଯାଇ ନ ଥିବା ବେଳେ ଦେହୁର୍ଦ୍ଦା, ଦେଉଳା, ଅନଳିଆ, ମନ୍ଦାର ସାହି, ସୁହୁରିଆ, ଜଳସୁହୁରିଆ, କଖଡ଼ା, ସାହବାଜିପୁର, ବାଜିତ ପୁର, ହୁଗୁଳି, ଶଙ୍ଖାରୀ, କାନ୍ଥଭଉଁରୀ, ଟୁକୁରୀ ହାଜିରା, ଜୟରାମପୁର ଇତ୍ୟାଦି ବହୁ ପଞ୍ଚାୟତର ତଳିଆ ଗ୍ରାମ ଗୁଡ଼ିକରେ ବର୍ଷା ପାଣିରେ ଲୋକେ ଉବୁଟୁବୁ ହେଉଥିବା ଦେଖିବାକୁ ମିଳିଛି । ଲଘୁଚାପ ଜନିତ ପ୍ରବଳ ବର୍ଷାରେ ଦକ୍ଷିଣ ଭୋଗରାଇର ହେକ୍ଟର ହେକ୍ଟର ଚାଷ ଜମିରେ ପାଣି ନିଷ୍କାସନର କୌଣସି ବ୍ୟବସ୍ଥା ନ ଥିବାରୁ ଚାଷୀକୂଳ ହତାଶ ହୋଇପଡିଛନ୍ତି । ପାଣି ନିଷ୍କାସନ ପାଇଁ ସରକାର ଅର୍ଥ ମଞ୍ଜୁର କରିଥିଲେ ମଧ ଦୀର୍ଘ ବର୍ଷ ହେବ କାର୍ଯ୍ୟକାରୀ ନ ହେବାକୁ ନେଇ ରାଜ୍ୟ ସରକାରଙ୍କ ପାରିବା ପଣିଆ ଉପରେ ପ୍ରଶ୍ନ ଉଠିଲାଣି । ଦକ୍ଷିଣ ଭୋଗରାଇର ଚାଷ ଜମିରୁ ପାଣି ନିଷ୍କାସନ ସମସ୍ୟା ପାଇଁ ଚାଷବାସ ସମ୍ପୂର୍ଣ୍ଣ ନଷ୍ଟ ହୋଇଗଲାଣି । ଏହାର ସମାଧାନ ପାଇଁ କୃଷକ ସଂଗଠନ କରି ଆନ୍ଦୋଳନକୁ ଓହ୍ଲାଇଥିଲେ । ବାରମ୍ବାର ବିକ୍ଷୋଭ ଓ ଆନ୍ଦୋଳନ ପରେ ତତ୍କାଳୀନ ନବୀନ ସରକାର ୨୦୨୨ ଏପ୍ରିଲ ୩ରେ ୯୯ କୋଟି ୭୭ ଲକ୍ଷ ଟଙ୍କା ମଞ୍ଜୁର କଲେ । ଜଳ ସମ୍ପଦ ବିଭାଗର ମୁଖ୍ୟ ଯନ୍ତ୍ରୀଙ୍କ ଚିଠି ନଂ ୫୨୪୦ ମୂଳେ ୨୦୨୩ ମସିହା ନଭେମ୍ବର ୧୬ରେ ସରକାରୀ ଅନୁମୋଦନ ପ୍ରାପ୍ତ ହେଲା । ମାତ୍ର ସରକାର ବଦଳିବା ପରେ ଏପର୍ଯ୍ୟନ୍ତ ଏହି ଯୋଜନା କାର୍ଯ୍ୟକାରୀ ହୋଇ ପାରିଲାନାହିଁ । ଏ ନେଇ ଭୋଗରାଇ ବିଧାୟକ ଗୌତମବୁଦ୍ଧ ଦାସ ବିଧାନସଭାରେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ମଧ ପ୍ରକଳ୍ପ କାର୍ଯ୍ୟକାରୀ କରିବା ପ୍ରତିଶ୍ରୁତିରେ ଅଟକିଛି । ଏବେ ବାରମ୍ବାର ଲଘୁଚାପ ଜନିତ ଲଗାଣ ବର୍ଷା ଫଳରେ ଚାଷ ନଷ୍ଟ ହେବା ସହିତ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଲାଣି । ଭୋଗରାଇର ବନ୍ୟା ଓ ଉଦବୃତ୍ତ ପାଣି ନିଷ୍କାସନର ସ୍ଥାୟୀ ପ୍ରତିକାର ପାଇଁ ସାଧାରଣରେ ଦାବି ହେଉଛି । ଅପରପକ୍ଷରେ ଭୋଗରାଇ ବିଧାୟକ ଶ୍ରୀ ଦାସ ଆଜି ଦୁଇଦିନ ଧରି ବିଭିନ୍ନ ଗ୍ରାମକୁ ଯାଇ ବର୍ଷା ଜଳରେ ଦୁର୍ଦ୍ଦଶା ଭୋଗୁଥିବା ଲୋକଙ୍କ ନିକରେ ପହଞ୍ଚି ସମସ୍ୟା ବୁଝିବା ସହିତ ତୁରନ୍ତ ଜମି ରହିଥିବା ଜଳକୁ ତୁରନ୍ତ ନିଷ୍କାସନ ପାଇଁ ପ୍ରଶାସନ ସହ ଆଲୋଚନା କରିଛନ୍ତି ।

# ଫକୀରମୋହନ କଲେଜ ୮୪-୮୯ ବ୍ୟାଚ୍ ବନ୍ଧୁ ସମାବେଶ



ବାଲେଶ୍ୱର, ୫।୧୦(ସମିସ): ୨୦୧୪ରୁ ଆଜି ପର୍ଯ୍ୟନ୍ତ ଫକୀରମୋହନ କଲେଜ ୮୪-୮୯ ବ୍ୟାଚର ବନ୍ଧୁ ମିଳନ କାର୍ଯ୍ୟକ୍ରମ କଲେଜ ପରିସରରେ ଅନୁଷ୍ଠିତ ହୋଇଯାଇଛି । ବନ୍ଧୁ ସତ୍ୟପ୍ରକାଶ ସେଠୀଙ୍କ ଲିଖିତ କ୍ଷୁଦ୍ର ଗଳ୍ପ ଝରକା ସେପାରିର ଝିଅ ଟିଏ ବନ୍ଧୁ ରଘୁନାଥ ଲେଙ୍କାଙ୍କ ଦ୍ୱାରା ଉନ୍ମୋଚିତ ହେବା ପରେ ବନ୍ଧୁ ନରେନ୍ଦ୍ର ଅଗସ୍ତି ବହିର କିଛି ଅଂଶ ପାଠ କରିଥିଲେ । କାର୍ଯ୍ୟକ୍ରମରେ ଗଣେଶ ରାଉତ, ଅଜୟ ଦାଶ, ସୀତାରାମ ପାଣି, ନଗେନ ମହାପାତ୍ର, ପ୍ରଭାତ ମହାରଣା, ଦିଲ୍ଲୀପ ରଥ, ସତ୍ୟବ୍ରତ ମହାନ୍ତି, ମନୋରଞ୍ଜନ ପାତ୍ର, ମନୋରଞ୍ଜନ ପଣ୍ଡା, ଅମରବଲ୍ଲଭ ନନ୍ଦ, ବୀରେନ୍ଦ୍ର ସେନାପତି, ସଞ୍ଜୟ ଶତପଥି, ଚିତ୍ତ ଶାନ୍ତରା, କାନ୍ତିଲାଲ ନାୟକ, ବିଜନ କର, ଜଗଦୀଶ ଖଣ୍ଡେଲୱାଲ, ରାମ ମହାଲ୍ଲିକ, ଜୟଦ୍ରତ ମିଶ୍ର, ପ୍ରଫୁଲ୍ଲ ପଣ୍ଡା, ଖୁଦିରାମ ଦାସ ପ୍ରମୁଖ ୮୦ ଜଣ ଛାତ୍ର ଯୋଗ ଦେଇଥିଲେ ।

# ଜିଲ୍ଲା କଂଗ୍ରେସର ନୂତନ ସଭାପତିଙ୍କୁ ସମ୍ବର୍ଦ୍ଧନା



ବାଲେଶ୍ୱର, ୫।୧୦(ସମିସ): ଏଆଇସିସିର ସଂଗଠନ ସୃଜନ ମାଧ୍ୟମରେ ନିକଟ ଅତୀତରେ ନୂତନ ଭାବେ ନିଯୁକ୍ତି ପାଇଥିବା ବାଲେଶ୍ୱର ଜିଲ୍ଲା କଂଗ୍ରେସର ସଭାପତି ସତ୍ୟଶିବ ଦାସଙ୍କୁ ଆଜି ବାଲେଶ୍ୱର ଜିଲ୍ଲା କଂଗ୍ରେସର ପୂର୍ବତନ ସଭାପତି ସଂଜୀବ ଗିରିଙ୍କ ସଭାପତିତ୍ୱରେ କଂଗ୍ରେସ ଭବନ ସମ୍ମିଳନୀ କକ୍ଷରେ ସମ୍ବର୍ଦ୍ଧନା ଦିଆଯାଇଛି । ଏହି ସମ୍ବର୍ଦ୍ଧନା ସଭାରେ ପୂର୍ବତନ ବିଧାୟକ ସୁଦର୍ଶନ ଜେନା, ଜଳେଶ୍ୱର କଂଗ୍ରେସ ନେତା ସୁଦର୍ଶନ ଦାସ, ବସ୍ତା ନିର୍ବାଚନ ମଣ୍ଡଳୀ କଂଗ୍ରେସ ନେତା ବିଜନ ନାୟକ, ବରିଷ୍ଠ କଂଗ୍ରେସ ନେତା ସତ୍ୟ ସୁନ୍ଦର ଦାସ, ବରିଷ୍ଠ ନେତା ପଦ୍ମଲୋଚନ ଲେଙ୍କା, ମହିଳା କଂଗ୍ରେସର ଜ୍ୟୋସ୍ନା ସେନାପତି, ଜିଲ୍ଲା କଂଗ୍ରେସର ବରିଷ୍ଠ ପୂର୍ବତନ ଉପସଭାପତି ଗୋପିନାଥ ପାଢୀ, ଯୁବନେତା ସରୋଜ ଲେଙ୍କା, ଜିଲ୍ଲା ପରିଷଦ ସନ୍ତୋଷ ଜେନା, ଯୁବ କଂଗ୍ରେସ ସଭାପତି ରଞ୍ଜନ ଦାସ ରାଜ୍ୟ ଛାତ୍ର କଂଗ୍ରେସ ଉପସଭାପତି ଗୌତମ ସାହୁ ପ୍ରମୁଖ ଉପସ୍ଥିତ ଥିଲେ । ଜିଲ୍ଲା କଂଗ୍ରେସ କମିଟିର ପୂର୍ବତନ ସାଧାରଣ ସମ୍ପାଦକ ସୁଧାଂଶୁ ଶେଖର ଜେନା ଧନ୍ୟବାଦ ଅର୍ପଣ କରିଥିଲେ ।

# ପୂଜ୍ୟପୂଜା ସେବା ସଂଗଠନ ପକ୍ଷରୁ ସହାୟତା ପ୍ରଦାନ



ସୋର, ୫।୧୦(ସମିସ): ଅସହାୟ ନିଃସହାୟ ଓ ରୋଗୀମାନଙ୍କର ବନ୍ଧୁ ପୂଜ୍ୟପୂଜା ସେବା ସଙ୍ଗଠନ ପକ୍ଷରୁ ସିଙ୍ଗାଖୁଣ୍ଟା ପଞ୍ଚାୟତ ସିନ୍ଧୁଆ ଗ୍ରାମର ଜଣେ ଆଦିବାସୀ ବାଳକର ଚିକିତ୍ସା ପାଇଁ ସହାୟତା ପ୍ରଦାନ କରାଯାଇଛି । ଏହି ଗ୍ରାମର ୧୫ ବର୍ଷର ବାଳକ ଭାଗ୍ୟବନ୍ତ ସିଂର ଦୁଇଟି ଫୁସଫୁସ ନଷ୍ଟ ହୋଇ ଯିବା ପରେ ବର୍ତ୍ତମାନ ପିଲାଟି ଅର୍ଥ ଅଭାବରୁ ତାର ଚିକିତ୍ସା ପାଇଁ ପରିବାର ଲୋକେ ସମ୍ପୂର୍ଣ୍ଣ ଅସମର୍ଥ ହୋଇପଡିଛନ୍ତି । ଘରେ ତାଙ୍କର ମାଆ ମାଗିଯାଚି ପୁଅକୁ ଭଲ କରିବା ପାଇଁ ଅସମର୍ଥ ହେବାରୁ ସୋସିଆଲ ମିଡିଆରେ ଆର୍ଥିକ ସହାୟତା ପାଇଁ ନିବେଦନ କରିଥିଲେ । ଆଜି ପୂଜ୍ୟପୂଜା ସଂସଦ ସେବା ସଙ୍ଗଠନର ସଦସ୍ୟ ମାନେ ତାଙ୍କ ଘରେ ପହଞ୍ଚି ତାଙ୍କର ଅବସ୍ଥା ପରଖିବା ପରେ ସମସ୍ତ ସଭ୍ୟ/ସଭ୍ୟା ଦୂର୍ଗା ପୂଜାର ନିଜ ନିଜ ଖର୍ଚ୍ଚରୁ କାଟି ଭାଗ୍ୟବନ୍ତଙ୍କୁ ୧୧୦୦୦ ଟଙ୍କା ପ୍ରଦାନ କରିବା ସହିତ ତାଙ୍କର ଆଶୁ ଆରୋଗ୍ୟ କାମନା କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ପୂଜ୍ୟପୂଜା ସଂସଦ ସମ୍ପାଦକ ଅଜୟ କୁମାର ଦାସଙ୍କ ନେତୃତ୍ୱରେ ରାଜେଶ କୁମାର ସାହୁ, ମିହିର ପାଣି, ସୁରେନ୍ଦ୍ର ପାଣିଗ୍ରାହୀ, ଚନ୍ଦ୍ର ଶେଖର ବେହେରା, ଉମାକାନ୍ତ ପଲେଇ, ସୁକାନ୍ତି ସାହୁ, ମିନତି ପଣ୍ଡା, ଗୀତାଞ୍ଜଳି ମହାନ୍ତି ତ୍ରୈଲୋକ୍ୟ ଜେନା, ପୂର୍ଣ୍ଣଚନ୍ଦ୍ର ପୃଷ୍ଟି ପ୍ରମୁଖ ଉପସ୍ଥିତ ଥିଲେ ।

# ଟ୍ରକକୁ ଧକ୍କା ଦେଇ ଟୋଟୋ ଚୁରମାର୍; ୩ ଗୁରୁତର

ରାଜଘାଟ, ୫।୧୦ (ସମିସ): ବସ୍ତା ଥାନା ୬୦ ନମ୍ବର ଜାତୀୟ ରାଜପଥର ସନ୍ତୋଷପୁର ଛକ ନିକଟରେ ଛିଡ଼ା ହୋଇଥିବା ଟ୍ରକର ପଛକୁ ଏକ ଟୋଟୋ ଧକ୍କା ଦେବାରୁ ଟୋଟୋଟି ଚୁରମାର୍ ହୋଇଥିବା ବେଳେ ଘଟଣା ସ୍ଥଳରେ ଚାଳକ ସମେତ ୨ଜଣ ଯାତ୍ରୀ ଗୁରୁତର ହୋଇଛନ୍ତି । ସୂଚନା ଅନୁଯାୟୀ ରବିବାର ଅପରାହ୍ଣରେ ଏକ ଟୋଟୋ ୨ଜଣ ଯାତ୍ରୀଙ୍କୁ ନେଇ ଜଳେଶ୍ୱରରୁ ଭେଲୋରା ଅଭିମୁଖେ ଆସୁଥିବା ସମୟରେ ସନ୍ତୋଷପୁର ଛକ ନିକଟରେ ଛିଡ଼ା ହୋଇଥିବା ଟ୍ରକର ପଛକୁ ଧକ୍କା ଦେଇଥିଲା । ଫଳରେ ଟୋଟୋଟି ଚୁରମାର୍ ହୋଇଥିବା ବେଳେ ଘଟଣା ସ୍ଥଳରେ ଚାଳକ ବାଘାବାଳୀ ଅଞ୍ଚଳର ଗୌତମ କୁମାର ମହାପାତ୍ର(୨୮) ସମେତ ଦୁଇ ଯାତ୍ରୀ ହାତୀମରା ଗ୍ରାମର ଝାଡ଼େଶ୍ୱର ପ୍ରଧାନ(୭୦) ଓ ପଢିଆରୀପୁର ଗ୍ରାମର ବିପିନବିହାରୀ ରଣା(୬୩) ଗୁରୁତର ହୋଇଛନ୍ତି । ଜାତୀୟ ରାଜପଥ ପହରା ପୁଲିସ ପହଞ୍ଚି ସମସ୍ତ ଗୁରୁତରଙ୍କୁ ଉଦ୍ଧାର କରି ବସ୍ତା ହସ୍ପିଟାଲକୁ ପଠାଇଥିଲା । ମାତ୍ର ଅବସ୍ଥା ସଂକଟାପନ୍ନ ହେବାରୁ ଦୁଇ ଯାତ୍ରୀଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଛି । ଅମର୍ଦ୍ଦାରୋଡ ଫାଣ୍ଡି ଅଧିକାରୀ ବିଜୟ କୁମାର ବାରିକ ପହଞ୍ଚି ଗାଡ଼ି ଦୁଇଟିକୁ ଜବତ କରି ଘଟଣାର ଅଧିକ ତଦନ୍ତ ଜାରି ରଖିଛନ୍ତି ।

# ୨ଟି ଘରୁ ଚୋରି

ରାଜଘାଟ, ୫।୧୦ (ସମିସ): ବସ୍ତା ଥାନା ଅନ୍ତର୍ଗତ ପଞ୍ଚୁରୁଖୀ ଗ୍ରାମର ୨ଟି ଘରୁ ଗତକାଲି ବିଳମ୍ବିତ ରାତ୍ରିରେ ଲକ୍ଷାଧିକ ଟଙ୍କାର ସୁନା ଅଳଙ୍କାର, ନଗଦ ଟଙ୍କା ସହ ମୋବାଇଲ୍ ଫୋନ୍ ଚୋରି ହୋଇଛି । ଗ୍ରାମର କାହ୍ନୁଚରଣ ଚୌଧୁରୀଙ୍କ ପରିବାର ଖିଆପିଆ ସାରି ରାତି ପ୍ରାୟ ୧.୩୦ ପରେ ଶୋଇଥିଲେ । ସକାଳୁ ଉଠି ଦେଖନ୍ତି ଘରର ଛାତ ପଟୁ କିଛି ଦୁର୍ବୃତ୍ତ ଘର ଭିତରେ ପଶି ଘରେ ଏକ୍ କାଠ ବାକ୍ସରେ ଥିବା ୧୦ ଗ୍ରାମ ଓଜନର ଏକ ସୁନା ମୁଦି, ନଗଦ ୪୦,୦୦୦ ଟଙ୍କା ଓ ଏକ ମୋବାଇଲ ଫୋନ୍ ନେଇଯାଇଛନ୍ତି ଓ ଉକ୍ତ ବାକ୍ସ କୁ ଛାତ ଉପରକୁ ନେଇ ଭାଙ୍ଗିବା ସହ ଅନ୍ୟାନ୍ୟ କାଗଜପତ୍ରକୁ ଏଣେତେଣେ ଫିଙ୍ଗିଛନ୍ତି । ସେହିପରି ସେହି ଗ୍ରାମର ଭବାନୀ ଶଙ୍କର ପାତ୍ରଙ୍କ ଘରୁ ମଧ ସମାନ ଢଙ୍ଗରେ ଛାତ ପଟୁ ପଶି ଘରର ଆଲମିରା ଭାଙ୍ଗି ୩ଟି ବାକ୍ସ ମଧ୍ୟରେ ଥିବା ପାଖାପାଖି ୩୦୦ ଗ୍ରାମ୍ ର ରୂପା ଅଳଙ୍କାର, ୩୦ ଗ୍ରାମ୍ ର ସୁନା ଅଳଙ୍କାର ସହିତ ନଗଦ ୩୩,୦୦୦ ଟଙ୍କାକୁ ଚୋରି ହୋଇଥିବା ଅଭିଯୋଗ ହୋଇଛି । ଏ ନେଇ ଆଜି ସକାଳେ ଅମର୍ଦ୍ଦାରୋଡ଼ ଫାଣ୍ଡିରେ ଭବାନୀ ଶଙ୍କର ଓ କାହ୍ନୁଚରଣ ଲିଖିତ ଅଭିଯୋଗ କରିବା ପରେ ଅମର୍ଦ୍ଦାରୋଡ଼ ଫାଣ୍ଡି ଅଧିକାରୀ ବିଜୟ କୁମାର ବାରିକ ଘଟଣା ସ୍ଥଳକୁ ଯାଇ ଅଧିକ ତଦନ୍ତ ଜାରି ରଖିଛନ୍ତି ।

# ଝାଉଁ ଜଙ୍ଗଲରୁ ବୃଦ୍ଧଙ୍କ ମୃତଦେହ ଉଦ୍ଧାର

ଚନ୍ଦନେଶ୍ୱର, ୫।୧୦ (ସମିସ): ବାଲେଶ୍ୱର ଜିଲ୍ଲାର ତାଳସାରୀ ସାମୁଦ୍ରିକ ଥାନା ଅନ୍ତର୍ଗତ ତାଳସାରୀ ବେଳାଭୂମି ନିକଟସ୍ଥ କୃଷ୍ଣନଗର ଗ୍ରାମର ଘଞ୍ଚ ଜଙ୍ଗଲ ମଧ୍ୟରୁ ରବିବାର ସକାଳେ ଜଣେ ଅଚିହ୍ନା ବୃଦ୍ଧଙ୍କ ମୃତଦେହ ପୁଲିସ ଉଦ୍ଧାର କରିଛି । ଆଜି ସକାଳେ କୃଷ୍ଣନଗର ଗ୍ରାମର ଝାଉଁ ଜଙ୍ଗଲ ମଧ୍ୟରେ ମୃତଦେହ ପଡିଥିବାର ସ୍ଥାନୀୟ ଲୋକମାନେ ଦେଖି ପୁଲିସକୁ ଖବର ଦେଇଥିଲେ । ତାଳସାରୀ ସାମୁଦ୍ରିକ ଥାନା ଆଇଆଇସି ଚମ୍ପାବତୀ ସୋରେନ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଜବତ କରିବା ସହିତ ଶବ ବ୍ୟବଚ୍ଛେଦ ପାଇଁ ପଠାଇଛନ୍ତି । ମୃତ ବୃଦ୍ଧଙ୍କ ପାଖରେ ପାଣି ବୋତଲ, ମଗ ପଡିଥିବାରୁ ଉକ୍ତ ବୃଦ୍ଧ ଜଣକ ବିଷ ପାନ କରି ଆତ୍ମହତ୍ୟା କରିଥିବା ସ୍ଥାନୀୟ ଲୋକମାନେ ପ୍ରକାଶ କରିଛନ୍ତି । ପୁଲିସ ତଦନ୍ତ ଚଳାଇଛି ।

# ଧାନ ପିକ୍‌ଅପରୁ ପଡ଼ି ଯୁବକ ମୃତ

ଜଳେଶ୍ୱର ବ୍ଲକ, ୫।୧୦ (ସମିସ) : ରାଇବଣିଆ ଥାନା ଅନ୍ତର୍ଗତ ଶ୍ରୀରାମପୁର ଗ୍ରାମ ପଞ୍ଚାୟତର କୁଣ୍ଡୁଳିଚକ ଗ୍ରାମର ଜଣେ ବ୍ୟକ୍ତି ଜଳେଶ୍ୱର ଅଞ୍ଚଳରୁ ଏକ ପିକଅପ ଭ୍ୟାନ ଭଡ଼ା ସୂତ୍ରରେ ଆଣି ଓଡ଼ିଶା ସମେତ ପୋଡଶୀ ପଶ୍ଚିମବଙ୍ଗରୁ ଧାନ କିଣି ସୁନାକଣିଆ ଖଟିରେ ବିକ୍ରୀ କରିଥାନ୍ତି । ଆଜି ବାଘଡ଼ାଅଞ୍ଚଳରୁ ଧାନ ବୋଝେଇ କରି ଆଣିବା ସମୟରେ ପିକଅପ ଉପରେ ବସିଆସୁଥିବା ସମୟରେ ଗୁରୁଦାସପୁର ଗ୍ରାମର ଜୟସେବ ସିଂଙ୍କ ପୁତ୍ର ଦେବରାଜ ସିଂ (୨୫) କଷଫଳିଆ ଠାରେ ଗାଡିରୁ ଖସି ପଡ଼ି ଗୁରୁତର ଆହତ ହୋଇ ହାତିଗର୍ଡ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଛି । ସେ କିଛି ଦିନ ପୂର୍ବରୁ ବିବାହ କରିଥିଲେ । ତାଙ୍କ ବାପା ଜୟସେବ ସିଂ ମଧ ଆଜିକୁ ୧ ବର୍ଷ ପୂର୍ବେ ଏକ ଦେଶୀ ମଦ ଭାଟିରେ ମଦ ପିଇବାକୁ ଯାଇ ଗରମ ପାଣିରେ ପଡ଼ି ମୃତ୍ୟୁବରଣ କରିଥିଲେ । ତାଙ୍କ ପରିବାର ପାଇଁ ଏହା ଏକ ଦୁଃଖଦ ଘଟଣା ଘଟିଥିବାରୁ ଗାଁରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି ।

## ହିର୍ମା ବଳି ଯାତ୍ରାରେ ଯୋଗଦେଲେ ସାଂସଦ

ଝାରସୁଗୁଡ଼ା,୫।୧୦(ସମିସ): ଝାରସୁଗୁଡ଼ା ସଦର ବ୍ଲକ୍ ହିର୍ମା ଓ ତରେଇକେଲା ସ୍ଥିତ ସମଲେଶ୍ୱରୀ ମନ୍ଦିରର ପ୍ରସିଦ୍ଧ ବଳି ଯାତ୍ରାରେ ବରଗଡ଼ ସାଂସଦ ପ୍ରଦୀପ ପୁରୋହିତ ରବିବାର ଯୋଗ ଦେଇଛନ୍ତି। ପ୍ରତିବର୍ଷ ପରି ଏବର୍ଷ ମଧ୍ୟ ହିର୍ମା ଓ ତରେଇକେଲା ଗାଁରେ ଦେବୀଙ୍କ ବଳିଯାତ୍ରା ପାଳିତ ହେଉଛି। ରବିବାର ବଳିଯାତ୍ରା ଆରମ୍ଭ ହୋଇଥିବା ବେଳେ ବରଗଡ଼ ସାଂସଦ ପ୍ରଦୀପ ପୁରୋହିତ ପ୍ରଥମେ ତରେଇକେଲା ଓ ପରେ ହିର୍ମା ସମଲେଶ୍ୱରୀ ମନ୍ଦିରକୁ ଯାଇ ମାଙ୍କ ଦର୍ଶନ କରି ବଳିଯାତ୍ରାରେ ସାମିଲ ହୋଇଥିଲେ। ବଳିଯାତ୍ରାରେ ହିର୍ମା ଗାଁର ଅନିଲ ସାହୁ, ଭୋଜରାଜ ସାହୁ, ଦିଲ୍ଲୀପ ବଡ଼େଇ, ରାଧେଶ୍ୟାମ ସାହୁ, ଅନିଲ କିଷାନ ପ୍ରମୁଖ ସହଯୋଗ କରୁଥିବା ବେଳେ ସୋମବାର ଦିନ ବଳିଯାତ୍ରା ସମାପିତ ହେବ।


## ବେଷ୍ଟ ଗ୍ରୁପ୍ ପଦ୍ମପୁର ତରଫରୁ ଅନ୍ନଭୋଗ ବଣ୍ଟନ

ପଦ୍ମପୁର,୫।୧୦(ସମିସ): ଜଗତଜନନୀ ମାଁ ଦୁର୍ଗାଙ୍କ ଧରାବତରଣର ନବମୀ ତିଥିରେ ସ୍ଥାନୀୟ ଭେଡରିଆ ଛକ ସ୍ଥିତ ଟ୍ୟାକ୍ସି ଷ୍ଟାଣ୍ଡ ସମ୍ମୁଖରେ ବେଷ୍ଟ ଗ୍ରୁପ ପଦ୍ମପୁର ଦ୍ୱାରା ଅନ୍ନଭୋଗ ବଣ୍ଟନ କରାଯାଇଛି। ହଜାର ହଜାର ଶ୍ରଦ୍ଧାଳୁ ଏହି ଅନ୍ନଭୋଗକୁ ଗ୍ରହଣ କରିଥିଲେ। ବେଷ୍ଟ ଗ୍ରୁପର ସମସ୍ତ ସଦସ୍ୟ ମାନଙ୍କର ପରିଶ୍ରମ ଦ୍ୱାରା କାର୍ଯ୍ୟକ୍ରମ ସଫଳ ହୋଇଥିଲା।

# କାର୍ ଜାଳିଦେଲେ ଦୁର୍ବୃତ୍ତ

ଝାରସୁଗୁଡ଼ା,୫।୧୦(ସମିସ)





ଏକ୍ସୟୁଭି ୫୦୦ ଗାଡ଼ିରେ କିଛି ଦୁର୍ବୃତ୍ତ ନିଆଁ ଲଗାଇଦେଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ଏଥିରେ ଗାଡ଼ିଟି ସମ୍ପୂର୍ଣ୍ଣ ଜଳି ଛାରଖାର ହୋଇଯାଇଛି। ଝାରସୁଗୁଡ଼ା ଜିଲ୍ଲା ବ୍ରଜରାଜନଗର ଥାନା ଗାନ୍ଧୀ ଛକ ଫାଣ୍ଡି ଅଧୀନ ଲୋଇସିଂହ ଗାଁର ସୁମିତ ପଟେଲ ଏକ କେମ୍ପରେ ଗାଡି ରଖିଥାନ୍ତି। ଶନିବାର ବିଳମ୍ବିତ ରାତ୍ରିରେ କିଛି ଦୁର୍ବୃତ୍ତ ଚାରିଚକିଆ ଗାଡିଟିକୁ ନିଆଁ ଲଗାଇ ଜାଳି ଦେଇଥିବା ଅଭିଯୋଗ ହୋଇଛି। ଗାଡି ରହିଥିବା କେମ୍ପରେ ଦୁର୍ବୃତ୍ତ ମାନେ ପହଞ୍ଚି ପ୍ରଥମେ ବାହାର ପଟୁ କବାଟ ବନ୍ଦ କରିବା ପରେ ଗାଡିରେ ନିଆଁ ଲଗାଇ ଫେରାର ହୋଇଥିଲେ। ତେବେ ଗାଡ଼ିରେ ନିଆଁ ଲାଗିବା ନେଇ କେମ୍ପରେ ଥିବା ୨ ଜଣ କର୍ମଚାରୀ ରାତିରେ ଫୋନ କରି ଜଣାଇଥିଲେ। ଫଳରେ ସୁମିତ ସେଠାରେ ପହଞ୍ଚି ବାହାର ପଟୁ କବାଟ ଖୋଲିବା ଗାଡିର ନିଆଁକୁ ଆୟତ୍ତ କରାଯାଇ ପାରିଥିଲା। ମାତ୍ର ସେତବେଳକୁ ଗାଡି ସମ୍ପୂର୍ଣ୍ଣ ଜଳି ଛାରଖାର ହୋଇସାରିଥିଲା। ଏହି ଘଟଣାକୁ ନେଇ ଗାନ୍ଧୀ ଛକ ପୁଲିସ ଫାଣ୍ଡିରେ ସୁମିତ ଲିଖିତ ଅଭିଯୋଗ କରିଥିବା ନେଇ ଜଣାପଡିଛି। ପୂର୍ବ ଶତ୍ରୁତାରୁ ଦୁର୍ବୃତ୍ତ ଏପରି କାଣ୍ଡ ଭିଆଇଥିବା ନେଇ ସ୍ଥାନୀୟରେ ଚର୍ଚ୍ଚା ହେଉଛି। ଘଟଣାସ୍ଥଳକୁ ପୁଲିସ ପହଞ୍ଚି ଏହାର ତଦନ୍ତ ଆରମ୍ଭ କରିଛି।

## ଅନ୍ତର୍ଜାତିକ ବୟସ୍କ ନାଗରିକ ଦିବସ

ପଦ୍ମପୁର,୫।୧୦(ସମିସ): ପଦ୍ମପୁର ବରିଷ୍ଠ ନାଗରିକ ସଂଘ ତରଫରୁ ଅନ୍ତର୍ଜାତିକ ବୟସ୍କ ନାଗରିକ ଦିବସ ସଂଘର କାର୍ଯ୍ୟାଳୟରେ ସଭାପତି ଜୟନାରାୟଣ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ପାଳିତ ହୋଇଛି। ମୁଖ୍ୟବକ୍ତା ଭାବେ ଡ.ବାଞ୍ଛାନିଧି ପଣ୍ଡା ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଗୌନ୍ତିଆ ସାହୁ ଏବଂ ପୁରନ୍ଦର ଦୋରା ଉପସ୍ଥିତ ଥିଲେ। ଗୋବିନ୍ଦ ଚନ୍ଦ୍ର ପାଣିଗ୍ରାହୀ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶେଷରେ ସଂଘର ସଦସ୍ୟ ପ୍ରୀତିରଞ୍ଜନ ପ୍ରଧାନ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ରାଜ ସାହୁଙ୍କ ରାମାୟଣ ଗୀତିନାଟ୍ୟ ଭାଗ ୧ ପୁସ୍ତକ ଉନ୍ମୋଚିତ

ପଦ୍ମପୁର,୫।୧୦(ସମିସ): ପଦ୍ମପୁରଲୁ ନାଟ୍ୟ ଆଶ୍ରମଠାରେ ନାଟ୍ୟକାର ରାଜ ସାହୁଙ୍କ ଦ୍ୱାରା ରଚିତ 'ରାଜ ସାହୁଙ୍କ ରାମାୟଣ ଗୀତିନାଟ୍ୟ ଭାଗ ୧' ପୁସ୍ତକଟି ଉନ୍ମୋଚିତ ହୋଇଯାଇଛି। ସଭାକୁ ପ୍ରଫେସର କେଶ ରଞ୍ଜନ ପଧାନ ସଭାପତିତ୍ୱ କରିଥିବା ବେଳେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଜୟ ସାହୁ, ଅତିଥି ଭାବେ ନାଟ୍ୟକାର ରାଜେନ୍ଦ୍ର ମହାନ୍ତି, ସମ୍ମାନିତ ଅତିଥି ଭାବେ ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାର ପ୍ରାପ୍ତ ଅଶୋକ ବହିଦାର ଓ ସମୀକ୍ଷକ ଭାବେ ଅଧ୍ୟାପକ ଡ.ଦୁର୍ଗାଶିଷ ପଟ୍ଟନାୟକ ଯୋଗ ଦେଥିଲେ। କୋଠଘର ଆମ ସାହିତ୍ୟ ପରିବାର ଭୁବନେଶ୍ୱର ଦ୍ୱାରା ପ୍ରକାଶିତ ତଥା ସମ୍ପାଦିକା ଅମ୍ବିକା ସ୍ୱାଇଁଙ୍କ ଦିଗଦର୍ଶନରେ ନାଟ୍ୟକାର ରାଜ ସାହୁଙ୍କ ରାମାୟଣ ଗୀତିନାଟ୍ୟ ଉପରେ ସମୀକ୍ଷକ ଖୁବ ସୁବୋଧ ଶୈଳୀରେ ନାଟ୍ୟର ବିଭିନ୍ନ ଦିଗ ଆଲୋଚନା କରିବା ସହରାଜ ସାହୁଙ୍କ କୌଶଳ ଓ ଲୌକିକତାକୁ ପ୍ରଶଂସା କରିଥିଲେ। ଡ.ଦୁର୍ଗାଶିଷ ପଟ୍ଟନାୟକଙ୍କ ସମୀକ୍ଷାରେ ସମସ୍ତେ ବିମୋହିତ ହୋଇଥିଲେ। ସମୀକ୍ଷକ ଡ.ଦୁର୍ଗାଶିଷ ପଟ୍ଟନାୟକଙ୍କୁ ମାନପତ୍ର ଦେଇ ସମ୍ମାନିତ କରାଯାଇଥିଲା। ଅଭିନେତା ଉଦ୍ଧବ ଘିବିଲା ନାଟ୍ୟକାରଙ୍କର ପ୍ରଚାର ପ୍ରସାର ଦିଗକୁ ଆଲୋକପାତ କରି ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ରାବଣପୋଡ଼ି ଓ ଭସାଣି ସହ ଦୁର୍ଗାପୂଜା ସମ୍ପନ୍ନ



ଝାରସୁଗୁଡ଼ା,୫।୧୦(ସମିସ): ଝାରସୁଗୁଡ଼ା ଜିଲ୍ଲା ଗାନ୍ଧୀ ଛକ ଜୟ ଦୁର୍ଗା ପୂଜା କମିଟି ପକ୍ଷରୁ ଚଳିତ ବର୍ଷ ୪୪ ତମ ଦୁର୍ଗାପୂଜା, ରାବଣପୋଡି ଏବଂ ଭସାଣି ଉତ୍ସବ ସମ୍ପନ୍ନ ହୋଇଛି। ବିଜୟା ଦଶମୀ ଦିନ ଏକ ସୁସଜ୍ଜିତ ରଥରେ ରାମ, ଲକ୍ଷ୍ମଣ, ହନୁମାନ ସହ ବାନର ସେନା ନଗର ପରିକ୍ରମା କରିଥିଲେ। ସ୍ଥାନୀୟ ଗଣ୍ଡଘୋରା ସ୍କୁଲ୍ ପଡିଆରେ ରାବଣପୋଡି ଆୟୋଜିତ ହୋଇଥିଲା। ପ୍ରଭୁ ରାମ ଭୂମିକାରେ ମନିସ ସାହୁ, ଭ୍ରାତା ଲକ୍ଷ୍ମଣ ଭୂମିକାରେ ପ୍ରତୀକ ପାଣିଗ୍ରାହୀ, ମହାବୀର ହନୁମାନ ଭୂମିକାରେ ସଞ୍ଜୀବ ପଶାୟତଙ୍କ ଅଭିନୟ ଦର୍ଶକଙ୍କୁ ଆକର୍ଷିତ କରିଥିଲା। ଚଳିତ ବର୍ଷ ପୂଜା ବାବଦକୁ ୧୫ ଲକ୍ଷରୁ ଅଧିକ ଟଙ୍କା ବ୍ୟୟ କରାଯାଇଥିବା ସୂଚନା ମିଳିଛି। ପୂଜା ପାଇଁ ରୁଦ୍ରପ୍ରତାପ ଭୋଇ ଓ ତାଙ୍କ ପତ୍ନୀ ମମତା ଭୋଇ କର୍ତ୍ତା ଦାୟିତ୍ୱ ଓ ମୁଖ୍ୟ ପୂଜକ ପଣ୍ଡିତ ପ୍ରଦୀପ ମିଶ୍ରଙ୍କ ସହଯୋଗୀ କାଶୀନାଥ ପଣ୍ଡା, ପ୍ରକାଶ ପଣ୍ଡା, ରବି ଶଙ୍କର ଯାଦବ ପୂଜାର୍ଚ୍ଚନାରେ ସହଯୋଗ କରିଥିଲେ। ଭସାଣି ଶୋଭାଯାତ୍ରା ପାଇଁ ବିଭିନ୍ନ ପାରମ୍ପରିକ ଲୋକ ଗୀତ, ବାଦ୍ୟ ଓ ନୃତ୍ୟ ଆଦି ଦଳକୁ ଆମନ୍ତ୍ରଣ କରାଯାଇଥିଲା। ପାରମ୍ପରିକ ଦୁଲଦୁଲି ବାଜା, ଝୁମେର ବାଦ୍ୟ, ଘଣ୍ଟବାଦ୍ୟ, ଲୋକନୃତ୍ୟରେ ମାଁ ଦୁର୍ଗା ଓ ଅନ୍ୟ ଦେବଦେବୀଙ୍କୁ ନଗର ପରିକ୍ରମା କରି କୃତ୍ରିମ ଜଳାଶୟରେ ବିସର୍ଜନ କରାଯାଇଥିଲା। ଆୟୋଜକ ଜୟ ଦୁର୍ଗା ପୂଜା କମିଟିର ସଭାପତି ମଣିରାମ ସିଂହ, ଉପ ସଭାପତି ଗୁରୁଦେବ ବଡ଼ାଇ, ସମ୍ପାଦକ ତପନ ବଡ଼ାଇ, ସହ ସମ୍ପାଦକ ଅମିତ ହୋତା, କୋଷାଧ୍ୟକ୍ଷ ଅଶୋକ ବଡପଣ୍ଡା, ସହ କୋଷାଧ୍ୟକ୍ଷ କିଶୋର ସାହୁଙ୍କ ସମେତ ଜୟ ଦୁର୍ଗା ପୂଜା କମିଟିର ସମସ୍ତ ସଦସ୍ୟ ପୂଜା ପରିଚାଳନାରେ ସହଯୋଗ କରିଥିଲେ।



## ରିଆମାଳ ପ୍ରସିଦ୍ଧ ଦୁର୍ଗାପୂଜା, ରାବଣପୋଡ଼ି ଓ ଭସାଣି

ରିଆମାଳ: ବାମଣ୍ଡା ଗଡର ପ୍ରସିଦ୍ଧ ରିଆମାଳ ଶାରଦୀୟ ଦୁର୍ଗାପୂଜାର ୭୫ ବର୍ଷ ପ୍ଲାଟିନମ୍ ଜୁବୁଲି ମହାଡମ୍ବର ସହ ଉଦ୍‌ଯାପିତ ହୋଇଯାଇଛି। ଷଷ୍ଠୀ ଠାରୁ ଦଶମୀ ପର୍ଯ୍ୟନ୍ତ ପୂଜା ମଣ୍ଡପରେ ଜଗତ୍ ଜନନୀ ମାଁ ଦୁର୍ଗା ଭକ୍ତଙ୍କୁ ଦର୍ଶନ ଦେଇଥିଲେ। ପୂଜା ଅବସରରେ ବିଶ୍ୱ ପ୍ରସିଦ୍ଧ ବରଗଡ଼ ଧନୁଯାତ୍ରାରେ କଂସ ଭୂମିକାରେ ଅଭିନୟ କରିଥିବା ଭୁବନେଶ୍ୱର ପ୍ରଧାନ ରାବଣ ଭୂମିକାରେ ଅବତୀର୍ଣ୍ଣ ହୋଇଥିଲେ। ଅଷ୍ଟମୀ ଦିନ ଦେବଗଡ ଆରକ୍ଷୀ ଅଧିକ୍ଷକ ଅନିଲ ମିଶ୍ର, ବିଜେଡି ପୂର୍ବ ଜିଲ୍ଲା ସଭାପତି ଇଂ.ଚିତ୍ତରଞ୍ଜନ ପ୍ରଧାନଙ୍କ ସହ ରିଆମାଳ ସରପଞ୍ଚ ସଂଘ ଯୋଗ ଦେଇଥିବା ବେଳେ ନବମୀ ଦିନ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଧର୍ମପତ୍ନୀ ତଥା ବିକାଶ ଫାଉଣ୍ଡେସନ ଅଧ୍ୟକ୍ଷା ମୃଦୁଳା ଠାକୁର, ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରା, ପାଲଲହଡା ବିଧାୟକ ଅଶୋକ ମହାନ୍ତି, ଦେବଗଡ ଜିଲ୍ଲା ବିଜେପି ସଭାପତି ଅରୁଣ ସାହୁ, ପୂର୍ବ ବିଧାୟକ ସୁବାଷ ପାଣିଗ୍ରାହୀ, ପୂର୍ବ ବିଜେପି ଜିଲ୍ଲା ସଭାପତି ମିନକେତନ ପ୍ରଧାନ, ଜିଲ୍ଲା ସାଧାରଣ ସମ୍ପାଦକ ସଚ୍ଚିକାନ୍ତ ଦାଶ ଯୋଗ ଦେଇଥିଲେ। ଏହି ଅବସରରେ ଅତିଥି ମାନେ ୭୫ ବର୍ଷ ଉପଲକ୍ଷେ ଏକ ସ୍ମରଣିକା ପୁସ୍ତକ ଉନ୍ମୋଚିତ କରିଥିଲେ। ଦଶମୀ ତିଥି ଅବସରରେ ରାମ, ଲକ୍ଷ୍ମଣ, ହନୁମାନ, ବିଭୀଷଣ ରଥ ଉପରେ ବିରାଜ ମାନ ହୋଇ ନିଜର ସୈନ୍ୟ ସାମନ୍ତ ଧରି ଗାଁ ପରିକ୍ରମା କରିଥିଲେ। ରାବଣ ମଧ ତାଙ୍କର ସୈନ୍ୟ ସାମନ୍ତ ସହ ଗାଁ ପରିକ୍ରମା କରିଥିଲେ। ରିଆମାଳ ହାଇସ୍କୁଲ ପଡିଆରେ ରାବଣପୋଡି ପାଇଁ ବିଶାଳ ରାବଣ ନିର୍ମିତ ହୋଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଧାୟକ ରୋମାଞ୍ଚ ରଞ୍ଜନ ବିଶ୍ୱାଳ, ସମ୍ମାନିତ ଅତିଥି ଭାବେ ଦେବଗଡ ଜିଲ୍ଲା ପରିଷଦ ସଭାପତି କୌଶିକ ପ୍ରଧାନ, ରିଆମାଳ ବ୍ଲକ୍ ଚେୟାରମ୍ୟାନ ମଧୁସୁଦନ ପ୍ରଧାନ, ସ୍ଥାନୀୟ ସରପଞ୍ଚ ବୀଣାପାଣୀ ନାୟକ ଯୋଗ ଦେଇ ଉଦ୍‌ଘାଟନ କରିଥିଲେ। ସଭାପତି ପ୍ରମୋଦ ନନ୍ଦ ପରିଚାଳନା କରିଥିବା ବେଳେ ସମ୍ପାଦକ ନାରାୟଣ ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଆମନ୍ତ୍ରିତ ଅତିଥି ମାନେରାବଣ ଓ ସାଥି କଳାକାର ମାନଙ୍କୁ ମାନପତ୍ର, ଉପଢ଼ୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ। ପରେ ରାବଣପୋଡି ସହ ଆତସବାଜି କାର୍ଯ୍ୟକ୍ରମ ହୋଇଥିଲା। ଏହାକୁ ଉପଭୋଗ କରିବାକୁ ୧୫ ହଜାରରୁ ଊର୍ଦ୍ଧ୍ୱ ଦର୍ଶକଙ୍କ ଜନସମାଗମ ହୋଇଥିଲା। ଆଜି ଭସାଣି ଯାତ୍ରା ମଧ ହୋଇଥିଲା। ପୂଜା ମଣ୍ଡପରୁ ମାଁଙ୍କୁ ଏକ ଫୁଲରେ ସୁସଜ୍ଜିତ ରଥରେ ବସାଇ ସଂକୀର୍ତ୍ତନ ମଣ୍ଡଳୀ, ଆଦିବାସୀ ନୃତ୍ୟ, ଡିଜେ ଓ ହାର୍ଟ ବିଟ, ଦୁଲଦୁଲି, ବ୍ୟାଣ୍ଡବାଜା ଗୀତରେ ଗାଁ ପରିକ୍ରମା କରାଯାଇଥିଲା। ବାଡ଼ଁଶ ଝରା ନାଳରେ ମାଁଙ୍କୁ ମେଲାଣୀ ଦିଆଯାଇଥିଲା। ରିଆମାଳ ଥାନା ଅଧିକାରୀ ସତ୍ୟବ୍ରତ ରାଉତ ଓ କର୍ମଚାରୀ ଶାନ୍ତିଶୃଙ୍ଖଳା ରକ୍ଷା କରିଥିଲେ। କୋଷାଧ୍ୟକ୍ଷ ଟିକେଶ୍ୱର ନନ୍ଦ, ଉପସଭାପତି ଅମୂଲ୍ୟ ସାହୁ, ଗୋଲବଦନ ବିଶ୍ୱାଳ (ଗୁନୁ), ସହ ସମ୍ପାଦକ ନିରଞ୍ଜନ ବେହେରା, ସରୋଜ ସାହୁ, ସହ ଉପଦେଷ୍ଟା ମଣ୍ଡଳୀରେ ରମାକାନ୍ତ ପ୍ରଧାନ, ତ୍ରିନାଥ ବିଶ୍ୱାଳ, ହରିଶ୍ଚନ୍ଦ୍ର ବିଶ୍ୱାଳ, ଦାମୋଦର ସାହୁ, ପ୍ରକାଶ ବିଶ୍ୱାଳ ସମେତ ସମସ୍ତ ସଦସ୍ୟଙ୍କ ସହଯୋଗରେ ଉଦ୍‌ଯାପିତ ହୋଇଯାଇଛି।

## ସରବାହାଲ ହାଇସ୍କୁଲ୍ ପଡ଼ିଆରେ ରାବଣପୋଡ଼ି

ଝାରସୁଗୁଡ଼ା: ଝାରସୁଗୁଡ଼ା ଜିଲ୍ଲାର ଏକ ପ୍ରମୁଖ ଦୁର୍ଗାପୂଜା କମିଟି ଓଁ ଶ୍ରୀ ପୂଜା କମିଟି ସରବାହାଲ ତରଫରୁ ସରବାହାଲ ହାଇସ୍କୁଲ୍ ପଡିଆରେ ରାବଣପୋଡି ଉତ୍ସବ ଧୁମଧାମରେ ଅୟୋଜିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଝାରସୁଗୁଡ଼ାର ପୂର୍ବତନ ବିଧାୟିକା ଦିପାଳୀ ଦାସ ଏବଂ ତାଙ୍କ ଭାଇ ବିଶାଳ ଦାସ ଯୋଗ ଦେଇଥିଲେ। ଦର୍ଶକଙ୍କ ମନୋରଞ୍ଜନ ପାଇଁ କମିଟି ପକ୍ଷରୁ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ରାବଣ ଦହନ ସହିତ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମକୁ ଦର୍ଶକ ବେଶ୍ ଉପଭୋଗ କରିଥିଲେ। ଏହି ଅବସରରେ ପୂର୍ବତନ ବିଧାୟିକା ଦିପାଳୀ ଦାସ ଆଜି ଅସତ୍ୟ ଉପରେ ସତ୍ୟର ଜୟ ହୋଇଛି ବୋଲି ମତବ୍ୟକ୍ତ କରିବା ସହିତ ଏହିଭଳି ଲୋକଙ୍କୁ ଠକିଥିବା ବ୍ୟକ୍ତି ମାନଙ୍କୁ ଜନତା ଜନାର୍ଦ୍ଦନ ଜବାବ ଦେବେ ଏବଂ ପୁନଃ ସୁଶାସନ ଫେରିବ ବୋଲି କହିଥିଲେ। ଆଜି ଅଧର୍ମର ବିନାଶ କରି ଧର୍ମ ସ୍ଥାପନ ହୋଇଛି। ଯେଉଁ ମାନେ ଅଧର୍ମର ସାହାଯ୍ୟ ନେଇ ସତ୍ୟ ଲୁଚାଇବା ପାଇଁ ଆମ ଉପରେ ଅନ୍ୟାୟ କରୁଛନ୍ତି ସେମାନଙ୍କୁ ଭଗବାନ କଡା ଜବାବ ଦେବେ ବୋଲି ବିଶାଳ ଦାସ କହିଥିଲେ। ଏହି ରାବଣପୋଡି ଉତ୍ସବରେ ଦିପାଳୀଙ୍କ ମାଆ, ଭାଉଜ ମଧ ଯୋଗଦେଇ ଉତ୍ସାହିତ କରିଥିବା ବେଳେ କାର୍ଯ୍ୟକ୍ରମରେ ସଭାପତି ରବୀନ୍ଦ୍ର ଦୀକ୍ଷିତ, ଉପ ସଭାପତି ପିଣ୍ଟୁ ପାଢ଼ୀ, ରାଜେଶ ପାଢ଼ୀ, ମଣ୍ଟୁ ପଣ୍ଡା, ମାନସରାୟ, ଆଭାସ ଦୀକ୍ଷିତ, ଆଲୋକ ପାଣିଗ୍ରାହୀ, ରବି ନାରାୟଣ ହୋତା, ଲୁଲୁ ପଣ୍ଡା, ଶିବାଶିଷ ପଟ୍ଟନାୟକ ପ୍ରମୁଖ କମିଟିର ସଦସ୍ୟ ଉପସ୍ଥିତ ଥିଲେ।

## ସାଂସ୍କୃତିକ ମହୋତ୍ସବ 'ଅର୍ଘ୍ୟ ଥାଳି' ଓ ପ୍ରତିଭା ଅନ୍ୱେଷଣ ୨୦୨୫ ଉଦ୍‌ଯାପିତ

ବରଗଡ଼,୫।୧୦(ସମିସ): ନିଗମାନନ୍ଦ ବିହାର ଠାରେ ୧୪ ତମ ଶାରଦୀୟ ଦୁର୍ଗା ପୂଜା ଅବସରରେ ଆୟୋଜିତ ହୋଇଥିବା ସାଂସ୍କୃତିକ ମହୋତ୍ସବ 'ଅର୍ଘ୍ୟ ଥାଳି' ଓ ପ୍ରତିଭା ଅନ୍ୱେଷଣ ୨୦୨୫ ଉଦ୍‌ଯାପିତ ହୋଇଯାଇଛି। ପୂଜା କମିଟିର ସଭାପତି ଚନ୍ଦ୍ରଶେଖର କର୍ମଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଯାପନୀ କାର୍ଯ୍ୟକ୍ରମ ପ୍ରାରମ୍ଭରେ ପଡାବାସୀ ପୂଜା କମିଟି ସଦସ୍ୟ ତ୍ରିନାଥ ରଥଙ୍କ ଅକାଳ ବିୟୋଗ ପାଇଁ ଏକ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ସାଂସ୍କୃତିକ ମହୋତ୍ସବରେ ବରଗଡ଼ ବିଧାୟକ ଅଶ୍ୱିନୀ ଷଡଙ୍ଗୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ପୂର୍ବ ତନ ନଗରପାଳ ପ୍ରଶାନ୍ତ ବେହେରା ସର୍ବ ଭାରତୀୟ କଳା ଓ ସଂସ୍କୃତି ଫାଉଣ୍ଡେସନର ଅଧ୍ୟକ୍ଷ ଚୈତନ୍ୟ ପାଇକ ପ୍ରମୁଖ ଯୋଗ ଦେଇଥିଲେ। ପୂଜା ସମ୍ପାଦକ ନବୀନ ସାବତ ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ଉନ୍ନୟନ କମିଟି ସଭାପତି ସଦାଶିବ ସାହୁ ଓ ସମ୍ପାଦକ ଟିକେଲାଲ ନାଏକ ପ୍ରମୁଖ ମଞ୍ଚାସୀନ ଥିଲେ। ପଡାର ଯୁବ ପ୍ରତିଭା କଳାକାର ଅଙ୍କିତ ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଦୁର୍ଗା ମଣ୍ଡପରେ ପୂର୍ବତନ ବିଧାୟକ ଦେବେଶ ଆଚାର୍ଯ୍ୟ, ପୌରାଧକ୍ଷା କଳ୍ପନା ମାଝୀ କାଉନସିଲର ବେଦ ମତି ସେଟ୍, ଉମାଚରଣ ରାଉତ କବି ନୀତିଶ ଆଚାର୍ଯ୍ୟ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ପ୍ରଦୀପ ସାହୁ, ବାଙ୍କା ବିହାରି ସାହୁ, କୁଞ୍ଜ ବିହାରୀ ଭୋଇ, ପ୍ରମୋଦ ସାହୁ, ପଣ୍ଡିତ ସନ୍ତୋଷ ପଣ୍ଡା, ଡ.ଡୋଳାମଣି ଶତପଥୀ, ସରୋଜ ବେହେରା, କପିଳ ବାଗ, ଚନ୍ଦ୍ର କାନ୍ତ ସାହୁ, ଅଧ୍ୟାପକ ରବିନାରାୟଣ ସାହୁ ହେମନ୍ତ ପ୍ରଧାନ, ସନ୍ତୋଷ ପଣ୍ଡା, ଆକା ସେଠି, ଅରୁଣ ସେଟ୍ କୃଷ୍ଣ ଚନ୍ଦ୍ର ସାହୁ ମଦନ ଜେନା, ଚନ୍ଦ୍ରମଣି ଦାସ, ଗୋବିନ୍ଦ ଭୋଇ, କୁଞ୍ଜ ଭୋଇ ଧର୍ମେନ୍ଦ୍ର ପତିଙ୍କ ସମେତ ସମସ୍ତ ପଡାବାସୀ ସହଯୋଗ କରିଥିଲେ।

## ହାତୀ ଆକ୍ରମଣରେ ଜଣେ ମୃତ

ରିଆମାଳ,୫।୧୦(ସମିସ): ଦେବଗଡ଼ ଜିଲ୍ଲା ରିଆମାଳ ରେଞ୍ଜ ନୁଆଁଡିହି ପଞ୍ଚାୟତ ଅଧୀନ ପୁଡାଡିହି ଗାଁରେ ରବିବାର ସନ୍ଧ୍ୟାରେ ଏକ ଦନ୍ତାହାତୀ ଆକ୍ରମଣରେ ଜଣଙ୍କର ମୃତ୍ୟୁ ଘଟିଛି। ମୃତକ ଜଣକ ପୁଡାଡିହି ଗାଁର ଈଶ୍ୱର ପେଣ୍ଟେଇ(୬୨) ବୋଲି ସୂଚନା ମିଳିଛି। କୌଣସି କାର୍ଯ୍ୟରେ ପୁଅ ହେମନ୍ତ ପେଣ୍ଟେଇ (୪୦) ସହ ସେ କଦଳୀପାଳ ଗାଁକୁ ଯାଇଥିଲେ। ଫେରୁଥିବା ସମୟରେ ହଠାତ୍ ଦନ୍ତାହାତୀ ଦେଖି ହେମନ୍ତ ବାଇକ୍ ବୁଲାଇ ଫେରୁଥିଲେ। ମାତ୍ର ଈଶ୍ୱର ଜୀବନ ବିକଳରେ ବାଇକ୍‌ରୁ ଓହ୍ଲାଇ ପଡିଥିଲେ। ପୁଅ ହେମନ୍ତ ବାଇକ୍ ନେଇ କିଛି ବାଟ ଆଗେଇ ଯିବା ପରେ ବାପା ଈଶ୍ୱରଙ୍କୁ ହାତୀ ଦଳି ଦେଇଥିଲା। ଖବର ପାଇ ବନବିଭାଗ ଓ ପୁଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି।

## କଦେଲପିଟା ପୀଠରେ ମାଁ ରାମଚଣ୍ଡୀଙ୍କ ଦଶହରା ପୂର୍ଣ୍ଣିମା ଉତ୍ସବ ପାଇଁ କଳସ ଯାତ୍ରା



ଝାରସୁଗୁଡ଼ା,୫।୧୦(ସମିସ): ଝାରସୁଗୁଡ଼ା ଜିଲ୍ଲା ବେଲପାହାଡ କଦେଲପିଟା ସ୍ଥିତ ମାଁ ରାମଚଣ୍ଡୀଙ୍କ ଦଶହରା ପୂର୍ଣ୍ଣିମା ଉତ୍ସବ ପାଇଁ କଳସ ଯାତ୍ରା ଅନୁଷ୍ଠିତ ହୋଇଛି। ସମ୍ପୂର୍ଣ୍ଣ ରୀତିନୀତିରେ ମନ୍ଦିରରୁ ନିକଟସ୍ଥ ପୋଖରୀ ଯାଏଁ ଶୋଭାଯାତ୍ରା କରି ଜଳ ଭର୍ତ୍ତି କଳସ ଆଣି ମନ୍ଦିରରେ କଳସ ସ୍ଥାପନ କରାଯାଇଛି। ଆସନ୍ତାକାଲି ସକାଳ ୮ ଟାରେ ଚଣ୍ଡୀପାଠ ସହ ପୂଜାର୍ଚ୍ଚନା କରାଯିବ। ମଙ୍ଗଳବାର ପୂର୍ଣ୍ଣାହୁତି ସହ ପୂଜା ସମାପନ ହେବ। ଏହି ପୂଜାରେ ସପତ୍ନୀକ ଶ୍ୟାମ ସୁନ୍ଦର ସାହୁ କର୍ତ୍ତା ଦାୟିତ୍ୱ ତୁଲାଉଛନ୍ତି। ସହକର୍ତ୍ତା ଭାବେ ସପତ୍ନୀକ ତେଜରାମ ସାହୁ, କସ୍ତୁରୀ ସାହୁ, ନିତ୍ୟାନନ୍ଦ ପ୍ରଧାନ, ଚମ୍ପାବତୀ ପ୍ରଧାନ, ନେତ୍ରାନନ୍ଦନ ପ୍ରଧାନ, କଲ୍ୟାଣୀ ପ୍ରଧାନ, ଗୋପାଳ ବିଶି, ସବ୍ୟା ବିଶି, କିଶୋର ସାହୁ, ଲଳିତା ସାହୁ, ଗଣେଶ୍ୱର ସାହୁ, ତରୁଲତା ସାହୁ ପ୍ରମୁଖ ଦାୟିତ୍ୱ ତୁଲାଉଛନ୍ତି। ପୂଜକ ଭାବେ ଜୟପ୍ରକାଶ ମହାପାତ୍ର ଏବଂ ମୁକ୍ତେଶ୍ୱର ପ୍ରଧାନ ପୂଜାର୍ଚ୍ଚନା କରୁଛନ୍ତି। କଳସ ଯାତ୍ରା ଅବସରରେ କଦେଲପିଟା ପୀଠର ସଭାପତି କ୍ଷୀରୋଦ ପ୍ରଧାନ, ସମ୍ପାଦକ ଜଗଦୀଶ ପ୍ରଧାନ, ରମେଶ ସା, କୋଷାଧ୍ୟକ୍ଷ ନିରାକାର ବଡ଼ାଇ ପ୍ରମୁଖଙ୍କ ସହ ଟିକିନାଥ ବଡ଼େଇ, ରାଜେନ୍ଦ୍ର ଭୋଇ, ଖଗେଶ୍ୱର ପ୍ରଧାନ ପ୍ରମୁଖଙ୍କ ସହ ଅଞ୍ଚଳବାସୀ ଉପସ୍ଥିତ ଥିଲେ।

## ଜିଲ୍ଲାସ୍ତରୀୟ ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ

ଝାରସୁଗୁଡ଼ା,୫।୧୦(ସମିସ): ଝାରସୁଗୁଡ଼ାରେ ଜିଲ୍ଲାସ୍ତରୀୟ ଗାନ୍ଧିଜୀ ଓ ଶାସ୍ତ୍ରୀଜୀ ଜୟନ୍ତୀ ପାଳନ କରାଯାଇଛି। ଏହି ଅବସରରେ ସାମୂହିକ ମାଲ୍ୟାର୍ପଣ, ସର୍ବଧର୍ମ ପ୍ରାର୍ଥନା ସଭା ଓ ପୁରସ୍କାର ବିତରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ସ୍ଥାନୀୟ ସଂସ୍କୃତି ଭବନ ଠାରେ ଜିଲ୍ଲା ପ୍ରଶାସନ ଓ ଗାନ୍ଧୀ ବିଚାରମଞ୍ଚ ଆନୁକୂଲ୍ୟରେ ଆୟୋଜିତ ଜୟନ୍ତୀ ସମାରୋହରେ ଅତିରିକ୍ତ ଜିଲ୍ଲାପାଳ(ସାଧାରଣ) ବ୍ରଜବନ୍ଧୁ ଭୋଇ ମୁଖ୍ୟଅତିଥି, ଓକିଲ ସଂଘ ସଭାପତି ତ୍ରିନାଥ ଗୁଆଲ, ଲକ୍ଷ୍ମୀନାରାୟଣ ମହାବିଦ୍ୟାଳୟ ପ୍ରାକ୍ତନ ଅଧ୍ୟକ୍ଷ ନରେନ୍ଦ୍ର ପଣ୍ଡା ଓ ଡାକ୍ତର ସୀତାରାମ ବିର୍ତ୍ତିଆ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ବକ୍ତୃତା ଓ ପ୍ରବନ୍ଧ ଲିଖନ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ଓ ପ୍ରଶଂସା ପତ୍ର ପ୍ରଦାନ କରାଯାଇଥିଲା। ଗାନ୍ଧୀ ବିଚାର ମଞ୍ଚ ପକ୍ଷରୁ ମେହବୁବ ମହତାବ କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଅଜୟ ଜେନା ଧନ୍ୟବାଦ ଅର୍ପଣ କରିଥିଲେ। ବିବେକାନନ୍ଦ ମିଶ୍ର ପୁରସ୍କାର ବିତରଣ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଜୟନ୍ତୀ ଅବସରରେ ସକାଳେ ଝାରସୁଗୁଡ଼ା ପୁରୁଣା ବସଷ୍ଟାଣ୍ଡ ଗୋଲେଇ ଏବଂ ଏସ୍‌ପିଙ୍କ କାର୍ଯ୍ୟାଳୟ ସମ୍ମୁଖସ୍ଥ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ଓ ବେହେରାମାଲ କିସାନ ଛକସ୍ଥିତ ଲାଲବାହାଦୂର ଶାସ୍ତ୍ରୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ତାପସ ରାୟ ଚୌଧୁରୀ, ପ୍ରଶାନ୍ତ ନନ୍ଦ, ପବନଲାଲ ସୁଲତାନିଆ, ରାଜେଶ ପାଢ଼ୀ, ବାବାଜୀ ସିଆ, ପ୍ରଣତି ମିଶ୍ର, ବୁଦ୍ଧିଜୀବୀ, ସମାଜସେବୀ ଓ ଶିକ୍ଷକ ଶିକ୍ଷୟିତ୍ରୀ ପ୍ରମୁଖ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ନିହାଲ ଭୋଇ, ରାଜେଶ ସେଠ, ଆଲିସ ପଟେଲ, ଜଗନ୍ନାଥ ରାଉତ, କିଙ୍ଗକଙ୍ଗ ନାଏକ, ସମୀର କିସାନ ଓ ମନବୋଧ ବଗର୍ତ୍ତି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## କୋସଲ ରାଜ୍ୟ ସମନ୍ୱୟ ସମିତି ପକ୍ଷରୁ ନୂଆଁଖାଇ ଭେଟ୍‌ଘାଟ୍

ଝାରସୁଗୁଡ଼ା,୫।୧୦(ସମିସ): କୋସଲ ରାଜ୍ୟ ସମନ୍ୱୟ ସମିତି ପକ୍ଷରୁ ନୂଆଁଖାଇ ଭେଟଘାଟ୍ ୨୦୨୫ କାର୍ଯ୍ୟକ୍ରମ ଝାରସୁଗୁଡ଼ାର ହୋଟେଲ ମେଘଦୂତ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଝାରସୁଗୁଡ଼ା ଓକିଲ ସଂଘ ପୂର୍ବ ସଭାପତି ନାରାୟଣ ମହାପାତ୍ରଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶିକ୍ଷାବିତ୍ ତଥା ଗବେଷକ ସୀତାରାମ ବିର୍ତ୍ତିଆ ମୁଖ୍ୟ ଅତିଥି ଭାବେ ଓ ମୁଖ୍ୟ ବକ୍ତା ଭାବେ ସମିତିର ମୁଖ୍ୟ ସଂଯୋଜକ ଅଧିବକ୍ତା ପ୍ରଶାନ୍ତ ମାଝୀ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଝାରସୁଗୁଡ଼ା ବାର ଆସୋସିଏସନର ସଭାପତି ତ୍ରିନାଥ ଗୋଆଲ, ବିରଞ୍ଚି ସାହୁ, ଝାରସୁଗୁଡ଼ା ବାର ଆସୋସିଏସନର ପୂର୍ବ ସଭାପତି ସିଆରାମ ଦାସ୍, ଆଇନଜୀବୀ ପ୍ରଶାନ୍ତ ତ୍ରିପାଠୀ, ପରିବେଶବିତ୍ ସତ୍ୟନାରାୟଣ ରାଓ, ଭାଗବତ ସା, ସାବର ମଲ୍ ଅଗ୍ରୱାଲ, ଶିକ୍ଷାବିତ୍ କୃଷ୍ଣଚନ୍ଦ୍ର ପ୍ରଧାନ, ନାରୀନେତ୍ରୀ ସଂଯୁକ୍ତା ମାଝୀ, ଅମିତା ନାଏକ, ଆରତୀ ଚୌଧୁରୀ, ଲକ୍ଷେଘର ସମାଜ ସଭାପତି ପ୍ରେମ ସାଗର, ଯୁବ ସଂଗଠକ ଗଙ୍ଗାଧର କଣ୍ଟା ପ୍ରମୁଖ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ବହୁ ପ୍ରତିଭାବାନ ଯୁବ ସଂଗଠକ, କଳାକାର, ସାମ୍ବାଦିକ, ସମାଜସେବୀଙ୍କ ସମେତ ବହୁ କୋଶଳ ସଂଗଠନ ତଥା କର୍ମକର୍ତ୍ତା ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମକୁ ପ୍ରଖ୍ୟାତ କୃଷକ ନେତା ତଥା କୋଶଳ ସଂଗଠକ ସୁରେନ୍ଦ୍ର ସାହୁ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ଝାରସୁଗୁଡ଼ା ସଭାପତି ନୋବଲ ଶର୍ମା, ବ୍ରଜରାଜ ନଗର ସହର ସଭାପତି ନାରାୟଣ ଅଗ୍ରୱାଲ, ଲଖନପୁର ଆବାହକ ଭୋନାଥ ବଡ଼େଇ, ବନମାଳୀ ବିଶ୍ୱାଳ, କୋଶଳ ସେନା କେନ୍ଦ୍ରୀୟ କମିଟି ଉପସଭାପତି ଗଣେଶ ମଟାରି, କୋଶଳ ସେନା ଜିଲ୍ଲା ସଭାପତି ଆକାଶ କଲେଓ, ବିସ୍ମୟ ଭଇଁସା, ମଣ୍ଟୁ ବାବୁ, ବିକାଶ ରୋହିଦାସ, ପ୍ରମୋଦ ରୋହିଦାସ, ବାସୁଦେବ ଧୂରୁଆ, ବର୍ଷା ମେହେର, ସୋନା ଲୋହାର, କୋଶଳ ଯୁବନେତା ଲମ୍ବୋଦର ପଟେଲ, ସମ୍ବଲପୁରୀ କଣ୍ଠଶିଳ୍ପୀ ମାୟାରାମ ବାର୍ଲା, କୁନିଲତା ସାହୁ, ରାଇଗଡରୁ ଇଂ.ଆଦିତ୍ୟ ପ୍ରଧାନ, ବରଗଡ଼ରୁ ପଶ୍ଚିମ ଓଡ଼ିଶା ଯୁବ ମଞ୍ଚର ଶିବୁ ପାଢ଼ୀ, ଆଦିବାସୀ ନେତା ତ୍ରିଲୋଚନ ଦଣ୍ଡସେନା, ଜିଲ୍ଲା ଛାତ୍ର ସାମ୍ମୁଖ୍ୟ ସଭାପତି ଜିତେନ୍ଦ୍ରିୟ ଧୂରୂଆ, ବସନ୍ତ ପଣ୍ଡା, ତାରିଣୀ ଭୋଇ ପ୍ରମୁଖଙ୍କ ସହ ବହୁ ନେତୃବୃନ୍ଦ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ଶେଷରେ ସଭାପତି ଗୌରୀ ଶଙ୍କର ତନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

# ଫୁଟବଲ ଟୁର୍ଣ୍ଣାମେଣ୍ଟରେ ଅଢାପଡ଼ା ବିଜୟୀ



ଝାରସୁଗୁଡ଼ା,୫।୧୦(ସମିସ)

ଝାରସୁଗୁଡ଼ା ଜିଲ୍ଲା ଲଖନପୁର ବ୍ଲକ୍ କୁଶରାଲୋଇ ପଞ୍ଚାୟତ ଅଧୀନ ଲେଛୁଆପଡା ଠାରେ ଆଦିବାସୀ ଯୁବକ ସଙ୍ଘ ଲେଛୁଆପଡା ତରଫରୁ ଏକ ଦିବସୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ରବିବାର ଅନୁଷ୍ଠିତ ହୋଇଯାଇଛି। କରମଶାନି ପୂଜା ଅବସରରେ ଆୟୋଜିତ ଏହି ଫୁଟବଲ ଟୁର୍ଣ୍ଣାମେଣ୍ଟରେ ୮ ଟି ଦଳ ଉବୁଡା ଦଳ, ଅଢ଼ାପଡା, ଖେରୁଅଳବାହାଲ, ଲେଛୁଆପଡା, ବାରଗାଡ, ଫଟାମାଲ, ଲଙ୍କାହୁଡା, ସୁନ୍ଦରଗଡ ଦଳ ଯୋଗ ଦେଇଥିଲେ। ଟୁର୍ଣ୍ଣାମେଣ୍ଟରେ ଅଢ଼ାପଡା ଦଳ ବିଜୟୀ ହୋଇଥିବା ବେଳେ ଖେରୁଆବାହାଲ ଦଳ ଉପବିଜେତା ହୋଇଛି। ଆଜି ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ଅତିଥି ଭାବେ ସାମାଜିକ କର୍ମୀ ଘନଶ୍ୟାମ ବାରିକ ଓ ନିରଞ୍ଜନ ବନଛୋର ଉଭୟ ଦଳକୁ ପୁରସ୍କୃତ କରିଥିଲେ। ପ୍ରତିଯୋଗିତାରେ ରେଫରୀ ଭାବେ ନବୀନ ଦେଓ, ସଞ୍ଜୀବ ବାରିକ, ଅରୁଣ ପ୍ରଧାନ, ପରମେଶ୍ୱର ପ୍ରଧାନ, ମେଘ ନାଦ ଓରାମ ଦାୟିତ୍ୱ ନିର୍ବାହ କରିଥିଲେ। ଫକୀର ଓରାମ, ପାଣ୍ଡବ ଓରାମ, ବିଶାଳ ଓରାମ, ରାକେଶ ଓରାମଙ୍କ ସମେତ ଆଦିବାସୀ ଯୁବକ ସଙ୍ଘ ଲେଛୁଆପଡାର ସମସ୍ତ ସଦସ୍ୟ ଖେଳ ପରିଚାଳନାରେ ସହଯୋଗ କରିଥିଲେ। ଲେଛୁଆପଡା ଗାଁ ଏକ ବିସ୍ଥାପିତ ଗାଁ ହୋଇଥିବା ବେଳେ ଗ୍ରାମବାସୀ ଏକତ୍ରିତ ହୋଇ କରମସାନି ପୂଜା କରିବା ସହିତ ଏକ ଦିବସୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟର ଆୟୋଜନ କରାଯାଇଥିଲା।

● ଗୋପୀନାଥପୁରରୁ ବହ୍ଲା ବୋଝେଇ ଟ୍ରାକ୍ଟର ଜବତ, ୧ ଗିରଫ

# ମାମଲା ରଫାଦଫା ପାଇଁ ରାଜନୈତିକ ଡିଲ୍ !

ନୟାଗଡ଼,୫।୧୦(ସମିସ): ନୟାଗଡ଼ ବନଖଣ୍ଡ ଅନ୍ତର୍ଗତ ସଦର ବନାଞ୍ଚଳ ଭାଟସାହି ପଞ୍ଚାୟତ ଗୋପୀନାଥପୁର ଗାଁରୁ ଏକ ବହ୍ଲା ବୋଝେଇ ଟ୍ରାକ୍ଟରକୁ ବନ ବିଭାଗ ଜବତ କରିଛି। ଜବତ ଟ୍ରାକ୍ଟରରୁ ୫୬ଟି ଶାଳ ବହ୍ଲା ଜବତ ହୋଇଛି। ଏହି ଘଟଣାରେ ଟ୍ରାକ୍ଟର ଚାଳକ ଭାଟସାହି ଗ୍ରାମର ପୂର୍ଣ୍ଣଚନ୍ଦ୍ର ବରାଡ଼ଙ୍କ ପୁଅ ସଚିନ ବରାଡ଼ଙ୍କୁ ବନ ବିଭାଗ ଗିରଫ କରିଛି। ଗୋପୀନାଥପୁର ନିକଟସ୍ଥ ଜଙ୍ଗଲରୁ ମୂଲ୍ୟବାନ ଶାଳ ଗଛ କାଟି ବହ୍ଲାଗୁଡ଼ିକ ଜନୈକ ଠିକାଦାରଙ୍କ ପାଇଁ ଆଣୁଥିଲେ। ଖବରପାଇ ବନ ବିଭାଗ ଟିମ୍ ଚଢ଼ଉ କରି ଟ୍ରାକ୍ଟର ଜବତ କରିଛି।



ଏହା ସହିତ ଅଭିଯୁକ୍ତକୁ ଗିରଫ କରିଥିବା ବନାଞ୍ଚଳ ଅଧିକାରୀ ଅଶୋକ ବିଶ୍ୱାଳ ସୂଚନା ଦେଇଛନ୍ତି। ତେବେ ଏହି ମାମଲାକୁ ରଫାଦଫା କରିବାକୁ ରାଜନୈତିକ ଡିଲ୍ ହୋଇଥିବା ସୂଚନା ମିଳିଛି। ଅଭିଯୁକ୍ତକୁ ବନାଞ୍ଚଳ କାର୍ଯ୍ୟାଳୟରୁ ଜାମିନ କରି ଖସାଇବା ପାଇଁ ୨ ଲକ୍ଷ ଟଙ୍କାର ବୁଝାମଣା କରାଯାଇଥିବା ଭାଟବାସୀ ଗ୍ରାମର କିଛି ବ୍ୟକ୍ତି କହିଛନ୍ତି। ତେବେ ବନ ବିଭାଗ ନାଁରେ ରାଜନୈତିକ ଡିଲ୍ ପଛରେ କିଏ ବୋଲି ଏବେ ସାଧାରଣରେ ପ୍ରଶ୍ନ ଉଠିଛି। ଜଙ୍ଗଲ ଲୁଟ୍ କରୁଥିବା ଅଭିଯୁକ୍ତକୁ ସୁରକ୍ଷା ଦେବାକୁ ଅଣ୍ଟା ଭିଡ଼ିଥିବା ରାଜନୈତିକ ବ୍ୟକ୍ତି ଜୀବଜଗତର ପରୋକ୍ଷରେ କ୍ଷତି କରୁଥିବା ମତପ୍ରକାଶ ପାଇଛି। ବନ ବିଭାଗ ଏହି ଘଟଣାର ପ୍ରକୃତ ତଦନ୍ତ କରିବା ଆବଶ୍ୟକ ବୋଲି ଦାବି ହୋଇଛି।

ଖଣ୍ଡପଡ଼ା ପୁଲିସ ଉପଖଣ୍ଡରେ ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା

# ଆଇନ ଚାଲୁଛି ନେତାଙ୍କ ବାଟରେ

ନୟାଗଡ଼,୫।୧୦(ସମିସ)

ନୟାଗଡ଼ ଜିଲ୍ଲା ଖଣ୍ଡପଡ଼ା ପୁଲିସ ଉପଖଣ୍ଡରେ ଦିନକୁ ଦିନ ଆଇନଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ ହେଉଛି। ବେଆଇନ ବାଲିଘାଟ ଓ ପଥର ଖଣିକୁ ପୁଲିସ ରୋକିବା ବଦଳରେ ସୁରକ୍ଷା ଦେଉଛି। ଖଣ୍ଡପଡ଼ା ଓ ଫତେଗଡ଼ ଥାନାରେ ସାଧାରଣ ଲୋକେ ନ୍ୟାୟ ପାଇପାରୁ ନ ଥିବାବେଳେ ବାରମ୍ବାର ଆଇନଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହେଉଛି। ବରିଷ୍ଠ ପୁଲିସ ଅଧିକାରୀ ନେତାଙ୍କ ଦ୍ୱାରା କବଳିତ ହୋଇ କାର୍ଯ୍ୟ କରୁଥିବାରୁ ଆଇନ ନିଜ ରାସ୍ତାରେ ନ ଯାଇ ନେତାଙ୍କ ରାସ୍ତାରେ ଯାଉଥିବା ଆଲୋଚନା ହେଉଛି। ଫଳରେ ଚୋରି, ଡକାୟତି, ରାହାଜାନୀ, ହତ୍ୟାକାଣ୍ଡ ସହ ଗୋଷ୍ଠୀ ସଂଘର୍ଷ ଘଟଣା ସାଧାରଣ ଲୋକଙ୍କୁ ଭୟଭୀତ କରୁଛି। ବିଧାୟକଙ୍କ ବିରୁଦ୍ଧରେ ସୋସିଆଲ ମିଡିଆରେ ଲେଖିଲେ ପୁଲିସ ବାନ୍ଧିକି ଜେଲ୍ ପଠାଉଥିବାବେଳେ ସାଧାରଣ ଲୋକଙ୍କ କଥା କିଏ ଶୁଣିବ ବୋଲି ପ୍ରଶ୍ନ ଉଠିଛି। ଏଭଳି ସ୍ଥିତିରେ କିଛି ବରିଷ୍ଠ ପୁଲିସ ଅଧିକାରୀ ବେକରେ ଗେରୁଆ ଗାମୁଛା ପକାଇ ମଞ୍ଚ ମଣ୍ଡନ କରିବା ଘଟଣା ବି ସାମ୍ନାକୁ ଆସୁଛି। ନୟାଗଡ଼ ଜିଲ୍ଲା ଆରକ୍ଷୀ ଅଧୀକ୍ଷକଙ୍କ ନଜରକୁ ଏହା ଆସୁଛି ନା ନାହିଁ ବୋଲି ଖଣ୍ଡପଡ଼ା ଓ ଭାପୁରବାସୀ ପ୍ରଶ୍ନ ଉଠାଇବା ଆରମ୍ଭ କରିଛନ୍ତି। ନୟାଗଡ଼ ଜିଲ୍ଲାର ସବୁଠାରୁ ସମ୍ବେଦନଶୀଳ ଥାନା ଭାବେ ବହୁ ପୂର୍ବରୁ ଫତେଗଡ଼ ଥାନାକୁ ଗଣାଯାଉଥିଲା। ଏଠାରେ ରାଜନୈତିକ ବାଦବିବାଦ ଓ ଏହାକୁ ନେଇ ଗଣ୍ଡଗୋଳ ବହୁ ପୂର୍ବରୁ ହୋଇ ଆସୁଛି। ତଥାପି ପରିସ୍ଥିତିକୁ ନଜର ରଖି ଆଗୁଆ ପଦକ୍ଷେପ ନେବାରେ ପୁଲିସ ବିଫଳ ହେଉଛି। ଅନେକ ମାମଲାରେ ପୁଲିସ ପକ୍ଷପାତିତା କରୁଥିବା ମଧ୍ୟ ଅଭିଯୋଗ ହେଉଛି। ଏଭଳି ସ୍ଥିତି ସୃଷ୍ଟି ହେବା ଦ୍ୱାରା ପୁଲିସ ବ୍ୟବସ୍ଥା ପ୍ରତି ସାଧାରଣ ଲୋକେ ନିନ୍ଦା କରିବା ଆରମ୍ଭ କରିଛନ୍ତି। ଏପରିକି ଅନେକ ମାମଲାକୁ ଦଳୀୟ ଭିତ୍ତିରେ କାର୍ଯ୍ୟାନୁଷ୍ଠାନ ତଥା ସମାଧାନ କରାଯାଉଥିବା ମଧ୍ୟ କିଛି ଜନପ୍ରତିନିଧି ଅଭିଯୋଗ କରିଛନ୍ତି। ଖଣ୍ଡପଡ଼ା ପୁଲିସ ଉପଖଣ୍ଡରେ ସୃଷ୍ଟି ହେଉଥିବା ଏହି ପରିସ୍ଥିତି କବଳରୁ ସାଧାରଣ ଲୋକେ କିଭଳି ନ୍ୟାୟ ପାଇବେ ବୋଲି ଏବେ ପ୍ରଶ୍ନ ଉଠୁଛି।

## ରାଜନୈତିକ ଆକ୍ରୋଶରୁ ଗୋଷ୍ଠୀ ସଂଘର୍ଷ

**୧୫ ଆହତ, ୭ ଗୁରୁତର**

ଭାପୁର: ନୟାଗଡ଼ ଜିଲ୍ଲା ଫତେଗଡ଼ ଥାନା କେନ୍ଦୁପଲ୍ଲୀ ପଞ୍ଚାୟତ ମାରଡ଼ା ଗ୍ରାମରେ ରାଜନୈତିକ ଆକ୍ରୋଶରୁ ଗୋଷ୍ଠୀ ସଂଘର୍ଷ ଘଟି ୧୫ ଜଣ ପୁରୁଷ ଓ ମହିଳା ଆହତ ହୋଇଛନ୍ତି। ସେମାନେ ଭାପୁର ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ସେମାନଙ୍କ ମଧ୍ୟରୁ ୭ଜଣ ଗୁରୁତର ଥିବାରୁ ସେମାନଙ୍କୁ ଭୁବନେଶ୍ୱର ସ୍ଥାନାନ୍ତରିତ କରାଯାଇଛି। ମାରଡ଼ା ଗ୍ରାମରେ ଗତ ନିର୍ବାଚନ ପରଠାରୁ ଦୁଇ ରାଜନୈତିକ ଦଳ ବିଜେଡି ଓ ବିଜେପି ସମର୍ଥକଙ୍କ ମଧ୍ୟରେ ବିବାଦ ଲାଗିରହିଥିଲା। ଏହାକୁ ନେଇ ଗ୍ରାମସଭା ହୋଇଥିଲେ ହେଁ ଉତ୍ତେଜନା କିଛିଟା ପ୍ରଶମିତ ହୋଇ ପୁଣି କୁହୁଳୁଥିଲା। ଏହାର ସମାଧାନ ପାଇଁ ମଧ୍ୟ ଫତେଗଡ଼ ପୁଲିସ ଉଦ୍ୟମ କରିଥିଲା। ଗତ ଦୁର୍ଗାପୂଜାରେ ଦୁଇ ଗୋଷ୍ଠୀ ଅଲଗା ଅଲଗା ଭାବେ ପୂଜାର୍ଚ୍ଚନା କରି ସାଂସ୍କୃତିକ କାର୍ଯ୍ୟକ୍ରମ କରିଥିଲେ। ୩ ତାରିଖ ଦିନରେ ବିଜେଡି ଗୋଷ୍ଠୀ ସଭା କରି ଭସାଣି କରିଥିବାବେଳେ ସନ୍ଧ୍ୟାରେ ଶାସକ ଦଳ ତରଫରୁ ସଭା ହୋଇ ଡ୍ରାମା ମଧ୍ୟ ହୋଇଥିଲା। ମାତ୍ର ଶାସକ ଦଳର ସାଂସ୍କୃତିକ କାର୍ଯ୍ୟକ୍ରମ ଆଳରେ ରାଜନୈତିକ ସଭାରେ ଉକ୍ତ ସଭାରେ ଖଣ୍ଡପଡ଼ା ଏସ୍‌ଡିପିଓ ଓ ଭାପୁର ବିଡିଓ ସଭାରେ ପହଞ୍ଚିବା ଯୋଗୁଁ ଶାସକ ଦଳର କର୍ମୀମାନଙ୍କ ଯୋଶ୍ ବଢ଼ି ରବିବାର ସକାଳୁ ଗଣ୍ଡଗୋଳ ଘଟିଥିବା ଅଭିଯୋଗ ହୋଇଛି। ଶାସକ ଦଳର ସଭାରେ ଦୁଇ ପ୍ରଶାସନିକ ଅଧିକାରୀଙ୍କ ଉପସ୍ଥିତିକୁ ନେଇ ଜିଲ୍ଲା ପ୍ରଶାସନ କାଠଗଡ଼ାରେ ଠିଆ ହୋଇଛି। ଶାସକ ଦଳର ସମର୍ଥକମାନେ ସରପଞ୍ଚଙ୍କ ଉପସ୍ଥିତିରେ ପ୍ରଥମେ ଠେଙ୍ଗାରେ ବିରୋଧୀଙ୍କୁ ଆକ୍ରମଣ କରିବା ଓ ବିରୋଧୀ ଏହାର ପ୍ରତିଆକ୍ରମଣ କରିବା ଘଟଣାରେ ଉଭୟ ପକ୍ଷରୁ ୧୫ ଜଣ ଆହତ ହୋଇଛନ୍ତି। ଭାପୁର ଡାକ୍ତରଖାନାରେ ଚିକିତ୍ସିତ ହୋଇଥିବା ଆହତମାନେ ହେଲେ ଗଦାଧର ନାୟକ, କାର୍ତ୍ତିକ ପଲେଇ, ନନ୍ଦିନୀ ପଲେଇ, ବନ୍ଦନା ପଲେଇ, ପ୍ରସନ୍ନ ନାୟକ, ଆରତ ପଲେଇ, ଲକ୍ଷ୍ମୀଧର ନାୟକ, ପପୁନି ନାୟକ, କାଶିନାଥ ମାଝୀ, ବୈକୁଣ୍ଠ ନାଥ ନାୟକ, କମଳା ମାଝୀ, ଝରିଆ ନାୟକ ଓ ଅନ୍ୟ କିଛି ବ୍ୟକ୍ତି ଚିକିତ୍ସିତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୭ ଜଣଙ୍କୁ ଭୁବନେଶ୍ୱର ସ୍ଥାନାନ୍ତରିତ କରାଯାଇଛି। ଏନେଇ ଉଭୟ ପକ୍ଷରୁ ୮ଟି ଏତଲା ଫତେଗଡ଼ ଥାନାରେ ହୋଇଥିବା ଜଣାପଡ଼ିଛି।

# ଚ୍ୟାଲେଞ୍ଜ କପ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ: ତମାଣ୍ଡୋ ଚାମ୍ପିଅନ

ଖଣ୍ଡପଡ଼ା,୫।୧୦(ସମିସ): ଖଣ୍ଡପଡ଼ା ବ୍ଲକ୍ ଅଧୀନ ବନମାଳିପୁର ଉଚ୍ଚ ବିଦ୍ୟାଳୟ ଖେଳପଡ଼ିଆରେ ଗତ ୨୮ ତାରିଖରୁ ଚାଲିଥିବା ବାର୍ଷିକ ଚ୍ୟାଲେଞ୍ଜ କପ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ବନମାଳିପୁର ଆଞ୍ଚଳିକ ସ୍ପୋର୍ଟ୍ସ କ୍ଲବ୍ ଆନୁକୂଲ୍ୟରେ ୩୭ତମ ବାର୍ଷିକ ଟୁର୍ଣ୍ଣାମେଣ୍ଟର ଫାଇନାଲ୍ ମୁକାବିଲାରେ ତମଣ୍ଡୋ କ୍ରିକେଟ୍ କ୍ଲବ୍ ୬ ୱିକେଟ୍‌ରେ ପଙ୍ଗାରସିଂହ ରଘୁନାଥଦେବ କ୍ରିକେଟ୍ କ୍ଲବ୍‌କୁ ହରାଇ ଚାମ୍ପିଅନ ହୋଇଛି। ପ୍ରଥମେ ପଙ୍ଗାରସିଂହ ରଘୁନାଥ ଦେବ କ୍ରିକେଟ କ୍ଲବ୍ ୨୦ ଓଭରରେ ୭ ୱିକେଟ୍ ହରାଇ ୧୧୮ ରନ୍ କରିଥିଲା। ଜବାବରେ ତମାଣ୍ଡୋ କ୍ରିକେଟ୍ କ୍ଲବ୍ ୧୮.୩ ଓଭରରେ ୪ ୱିକେଟ୍ ହରାଇ ବିଜୟ ଲକ୍ଷ୍ୟ ହାସଲ କରି ନେଇଥିଲା। ଅସୀମାନନ୍ଦ ଦଳବେହେରା ୩ଟି ୱିକେଟ୍ ହାସଲ କରିବା ସହ ବ୍ୟାଟିଂରେ ୧୫ ରନ୍ ପାଳି ନିମନ୍ତେ ଶ୍ରେଷ୍ଠ ଖେଳାଳି ତାଙ୍କୁ ଭାବେ ପୁରସ୍କୃତ କରାଯାଇଛି। ମ୍ୟାଚ୍‌କୁ ପ୍ରକାଶ ଚନ୍ଦ୍ର ଦାସ ଏବଂ ଜିତେନ୍ଦ୍ର କୁମାର ସାହୁ ପରିଚାଳନା କରିଥିବାବେଳେ ସ୍କୋରର୍ ଦାୟିତ୍ୱ ତୁଲାଇଥିଲେ ଗୌରାଙ୍ଗ ଚରଣ ସେଠୀ। ବିଜେତା ଦଳକୁ ସ୍ୱର୍ଗତଃ ଗଦାଧର ସାହୁ ଏବଂ ସ୍ୱର୍ଗୀୟା ସୁବର୍ଣ୍ଣ ଦେବୀ ସ୍ମାରକୀ ଟ୍ରଫି ସହ ନଗଦ ଅର୍ଥ ରାଶି ଏବଂ ରନର୍ସଅପ୍ ଦଳକୁ ସମାଜସେବୀ ରାଧାକାନ୍ତ ସାହୁ ଟ୍ରଫି ସହ ନଗଦ ଅର୍ଥରାଶି ପୁରସ୍କାର ପ୍ରଦାନ କରାଯାଇଥିଲା। କ୍ଲବ୍‌ର ବରିଷ୍ଠ ସଦସ୍ୟ ଚତୁର୍ଭୂଜ ସାହୁଙ୍କ ସଂଯୋଜନାରେ ଆୟୋଜିତ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ସ୍ଥାନୀୟ ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁ, ସମ୍ମାନିତ ଅତିଥିଭାବେ ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟାପକ ପ୍ରସନ୍ନ କୁମାର ସାହୁ, ପୂର୍ବତନ ସରପଞ୍ଚ ଶରତ ଚନ୍ଦ୍ର ସାହୁ ପ୍ରମୁଖ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ଶିକ୍ଷକ ଗଦାଧର ତ୍ରିପାଠୀ, ଶିଳ୍ପପତି ବିମ୍ବାଧର ସାହୁ, ସମାଜସେବୀ ରାଧାକାନ୍ତ ସାହୁ, ଭାରତୀୟ ରେଳ ବିଭାଗର ଅବସରପ୍ରାପ୍ତ ପ୍ରଶାସକ ରାଧାନାଥ ତ୍ରିପାଠୀ, ପୂର୍ବତନ ସମିତିସଭ୍ୟ ତ୍ରିନାଥ ବେହେରା, ସଂଗଠକ ସସ୍ମିନି ସାହୁ, ଦାଶରଥି ସାହୁ, କପିଳେଶ୍ୱର ସାହୁ ପ୍ରମୁଖ ମଞ୍ଚାସୀନ ଥିଲେ। କ୍ରୀଡ଼ା ବ୍ୟତୀତ ଉକ୍ତ କ୍ଲବ୍ ପକ୍ଷରୁ ଶିକ୍ଷା କ୍ଷେତ୍ରରେ ଗତ ମାଟ୍ରିକ୍ ପରୀକ୍ଷାରେ ସଫଳତା ଲାଭ କରିଥିବା ସ୍ଥାନୀୟ ବନମାଳିପୁର ଉଚ୍ଚ ବିଦ୍ୟାଳୟର ଦୁଇ ଛାତ୍ରଛାତ୍ରୀ ଯଥାକ୍ରମେ ମନସ୍ମିତା ସାହୁ ଏବଂ ଯତିନ କୁମାର ସାହୁଙ୍କୁ ସ୍ୱର୍ଗତ କୃଷ୍ଣଚନ୍ଦ୍ର ସାହୁ ଏବଂ ସ୍ୱର୍ଗୀୟା ଦୁଲା ଦେବୀଙ୍କ ସ୍ମୃତି ଉଦ୍ଦେଶ୍ୟରେ ତାଙ୍କର ସୁପୁତ୍ର ଚତୁର୍ଭୂଜ ସାହୁ ଉତ୍ତରୀୟ ଓ ମାନପତ୍ର ସହ ସମ୍ବର୍ଦ୍ଧିତ କରିଥିଲେ। ସେହିପରି ବନମାଳିପୁର ଉଚ୍ଚ ବିଦ୍ୟାଳୟରେ ଅଧ୍ୟୟନରତ ଦିବ୍ୟାଙ୍ଗ ଛାତ୍ରଛାତ୍ରୀଙ୍କୁ ସ୍ୱର୍ଗତଃ ଗଦାଧର ସାହୁ ଏବଂ ସ୍ୱର୍ଗୀୟା ସୁବର୍ଣ୍ଣ ଦେବୀଙ୍କ ସ୍ମୃତି ଉଦ୍ଦେଶ୍ୟରେ ତାଙ୍କ ସୁପୁତ୍ର ତଥା ଯୁବ ସମାଜସେବୀ ଇଂ ରମେଶ କୁମାର ସାହୁଙ୍କ ପକ୍ଷରୁ ପ୍ରଦାନ କରାଯାଇଥିଲା। ବନମାଳିପୁର ଆଞ୍ଚଳିକ ସ୍ପୋର୍ଟ୍ସ କ୍ଲବ୍‌ର ବରିଷ୍ଠ ସଦସ୍ୟ ଧୀରେନ ତ୍ରିପାଠୀ ମଞ୍ଚ ପରିଚାଳନା କରିଥିବାବେଳେ ସମ୍ପାଦକ ଜିତେନ୍ଦ୍ର କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।



# ଆଶାକର୍ମୀଙ୍କ ସମ୍ମିଳନୀ; ସରକାରଙ୍କୁ ତୀବ୍ର ସମାଲୋଚନା




ଖଣ୍ଡପଡ଼ା/କଣ୍ଟିଲୋ,୫।୧୦(ସମିସ): ଓଡ଼ିଶା ଆଶାକର୍ମୀ ଆସୋସିଏସନ ନୟାଗଡ଼ ଜିଲ୍ଲା ଶାଖା ପକ୍ଷରୁ ସିଆଇଟିୟୁ ନେତୃତ୍ୱରେ ଚତୁର୍ଥ ବାର୍ଷିକ ସମ୍ମିଳନୀ କଣ୍ଟିଲୋସ୍ଥିତ ନୀଳମାଧବ କଲ୍ୟାଣ ମଣ୍ଡପ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସାଥୀ ଚାପଧାରୀ ରାଉତ, ରୂପ ମଞ୍ଜରୀ ସାହୁ ଓ ସଞ୍ଜୁକ୍ତା ସେଠୀଙ୍କ ନେତୃତ୍ୱରେ ରବିବାର ପୂର୍ବାହ୍ନରେ ଏକ ଶୋଭାଯାତ୍ରା କଣ୍ଟିଲୋ ଗାନ୍ଧୀ ପାର୍କଠାରୁ ବାହାରି ବଜାର ପରିକ୍ରମା କରି କଲ୍ୟାଣ ମଣ୍ଡପଠାରେ ପହଞ୍ଚିଥିଲା। ଜିଲ୍ଲା ସଭାପତି ସାଥୀ ଚାପଧାରୀ ରାଉତ ସଂଗଠନର ଲାଲ୍ ଝଣ୍ଡାକୁ ଆନୁଷ୍ଠାନିକ ଭାବେ ଉତ୍ତୋଳନ କଲା ପରେ ଉପସ୍ଥିତ ଅତିଥି, ସଂଗଠନର ନେତୃବୃନ୍ଦ ଓ ପ୍ରତିନିଧିମାନେ ସହିଦ ବେଦୀରେ ମାଲ୍ୟାର୍ପଣ କରିଥିଲେ। ସମ୍ମିଳନୀରେ ପ୍ରଥମେ ସହିଦଙ୍କ ପ୍ରତି ଏବଂ ଗଣତାନ୍ତ୍ରିକ ଧର୍ମନିରପେକ୍ଷ ଆନ୍ଦୋଳନରେ ମୃତ ବ୍ୟକ୍ତିବିଶେଷଙ୍କ ପାଇଁ ୧ ମିନିଟ୍ ଶୋକ ପାଳନ କରାଯାଇଥିଲା। ଏହି ସମ୍ମିଳନୀକୁ ସଂଗଠନର ରାଜ୍ୟ ସଭାପତି ଲୋଭାକାନ୍ତ ସ୍ୱାଇଁ ପ୍ରଦୀପ ପ୍ରଜ୍ୱଳନ କରି ଉଦ୍‌ଘାଟନ କରିଥିଲେ। ସମ୍ମିଳନୀରେ ଉପସ୍ଥିତ ଥିବା ରାଜ୍ୟ ଓ ଜିଲ୍ଲା ନେତୃମଣ୍ଡଳୀମାନେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଆଶାକର୍ମୀ ଭଳି ସ୍କିମ ଶ୍ରମିକ, ବିଭିନ୍ନ ଶ୍ରମିକ, କୃଷକ, କର୍ମଚାରୀ ତଥା ଜନବିରୋଧି ନୀତିକୁ ତୀବ୍ର ସମାଲୋଚନା କରିଥିଲେ। ଡବଲ ଇଞ୍ଜିନ ସରକାର ଶ୍ରମିକ ବିରୋଧୀ ୪ଟି ଶ୍ରମକୋଡ୍‌କୁ ତୁରନ୍ତ ବାତିଲ କରିବାକୁ ଦାବି କରିଥିଲେ। କେନ୍ଦ୍ର ସରକାରଙ୍କ ଆକାଶଛୁଆଁ ଦରଦାମ୍ ବୃଦ୍ଧି, ଅମାନିଆ ଶ୍ରମିକ ସ୍ୱାର୍ଥ ଓ ଜନବିରୋଧୀ ନୀତିକୁ ଲଗାମ ଦେବା ସହ ଆଶାକର୍ମୀଙ୍କ ଅଧିକାର ପାଇଁ ଦୃଢ଼ ଆନ୍ଦୋଳନ ଗଢ଼ିବାକୁ ଆହ୍ୱାନ ଦେଇଥିଲେ। ଏ ପରିପ୍ରେକ୍ଷୀରେ ୨୧ ଜଣିଆ ନୂତନ ଜିଲ୍ଲା କମିଟି ଗଠନ କରାଯାଇଥିଲା ବେଳେ ସଭାପତି ଭାବେ ଚାପଧାରୀ ରାଉତ, ସମ୍ପାଦିକା ଭାବେ ମଙ୍ଗୁଳି ରାଉତ, କୋଷାଧ୍ୟକ୍ଷ ଭାବେ ସରୋଜିନୀ ତ୍ରିପାଠୀ, ଉପସଭାପତି ଭାବେ ବାସନ୍ତି ବେହେରା, ସଞ୍ଜୁକ୍ତା ସେଠୀ, କାଳନ୍ଦୀ ନାୟକ, ରୂପ ମଞ୍ଜରୀ ସାହୁ, ସରୋଜିନୀ ସାହୁ, ସହସମ୍ପାଦିକା ଭାବେ ପ୍ରତିଭା ବେହେରା, ସନ୍ତୋଷିନୀ ସାହୁ, ଶୁଭଶ୍ରୀ ପଟ୍ଟନାୟକ, ଗୀତା ନାୟକ ଓ ମଞ୍ଜୁଲତା ପ୍ରଧାନ ନିର୍ବାଚିତ ହୋଇଥିଲାବେଳେ ସଦସ୍ୟା ଭାବେ ଗୋଲକ ମୁଦୁଲି, ସଞ୍ଜୁଲତା ପରିଡ଼ା, ଶାନ୍ତିଲତା ପରିଡ଼ା, କାଞ୍ଚନ ବେହେରା, କଲ୍ୟାଣୀ ବେହେରା, ରିତା ସାହୁ, ପାଞ୍ଚାଳୀ ସାହୁ, ସବିତା ମାଝୀ, ପୁଷ୍ପଲତା ପଟ୍ଟନାୟକ ପ୍ରମୁଖ ନିର୍ବାଚିତ ହୋଇଥିଲେ।

# ଜାତୀୟ ସେବା ଯୋଜନା ସ୍ୱତନ୍ତ୍ର ଶିବିର



ଗଣିଆ,୫।୧୦(ସମିସ): ଉତ୍କଳ ବିଶ୍ୱବିଦ୍ୟାଳୟ ଆନୁକୂଲ୍ୟରେ ଆଞ୍ଚଳିକ ସ୍ନାତକ ମହାବିଦ୍ୟାଳୟ, ଆଡ଼କଟାଠାରେ ଜାତୀୟ ସେବା ଯୋଜନାର ସ୍ୱତନ୍ତ୍ର ଶିବିର ଉଦ୍‌ଯାପିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ସଞ୍ଜୟ କୁମାର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ଅତିଥି ଭାବେ ଅବସରପ୍ରାପ୍ତ ଅଧ୍ୟକ୍ଷ ଗୋପିନାଥ ସାହୁ, ନୟାଗଡ଼ ଜିଲ୍ଲା ଜାତୀୟ ସେବା ଯୋଜନାର ସଂଯୋଜକ ଚିତ୍ତରଞ୍ଜନ ଦାଶ, ଅଧ୍ୟାପିକା ପ୍ରଜ୍ଞା ପରମିତା ରଥ, ଅଧ୍ୟାପିକା ତୃପ୍ତିମୟୀ ଦାଶ, ଅଧ୍ୟାପକ ସନ୍ତୋଷ କୁମାର ସାହୁ ପ୍ରମୁଖ ମଞ୍ଚାସୀନ ଥିଲେ। ୭ ଦିନ ଧରି ଚାଲିଥିବା ଏହି ଶିବିର ରବିବାର ଉଦ୍‌ଯାପିତ ହୋଇଥିଲା। ଛାତ୍ରଛାତ୍ରୀମାନେ ୭ ଦିନ ଧରି ବୃକ୍ଷରୋପଣ କରିବା, ପରିବେଶ ପରିଷ୍କାର କରିବା, ସଚେତନତା ବାର୍ତ୍ତା ପ୍ରଦାନ କରିବା, ଗାଁରେ ପଡ଼ିରହିଥିବା ଅଳିଆ ଆବର୍ଜନା ସଫା କରିବା, ଟ୍ରାଫିକ୍ ସଚେତନତା ସୃଷ୍ଟି କରିବା ସହିତ ହେଲ୍‌ମେଟ୍ ପିନ୍ଧିବା, ଗାଡ଼ି ଚଳାଇବାବେଳେ ଫୋନ୍ ବ୍ୟବହାର ନ କରିବା, ଯୋଗ କରିବା, ଆଧ୍ୟାତ୍ମିକ ସଭା ଆଦି ବିଭିନ୍ନ କାର୍ଯ୍ୟକରି ପ୍ରଶଂସାର ପାତ୍ର ପାଲଟିଥିଲେ। ଶିବିରାର୍ଥୀମାନେ ନିଜ ନିଜର ଅଭିଜ୍ଞତା ପ୍ରକାଶ କରିଥିଲେ। ବିଶେଷକରି ଛାତ୍ରୀମାନେ ଘରକୁ ଯାଇ ନ ପାରି ଏହି ଶିବିରରେ ଉପସ୍ଥିତ ରହି ଜହ୍ନି ଓଷା ପୂଜା କରିଥିଲେ। ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କଲେଜ ପରିସରରେ ଅନେକ ଅସାମାଜିକ ଯୁବକ ଆଡ୍ଡା ଜମାଉଥିବାରୁ ଛାତ୍ରୀମାନେ ମହାବିଦ୍ୟାଳୟ ଆସିବାବେଳେ ନିଜକୁ ସୁରକ୍ଷିତ ମଣୁ ନ ଥିବା କଥା ପ୍ରକାଶ କରିଥିଲେ। ଗଣିଆ ପୁଲିସ ଏଥିପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ଅଧ୍ୟାପକ ଅନୁରୋଧ କରିଥିଲେ। ସେବାକୁ ଜୀବନର ବ୍ରତ ଭାବରେ ଗ୍ରହଣ କରିବାକୁ ଛାତ୍ରଛାତ୍ରୀମାନେ ଚେଷ୍ଟା କରିବା ଆବଶ୍ୟକ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ୭ ଦିନ ଧରି ଏହି ଶିବିରକୁ ଶାନ୍ତିଶୃଙ୍ଖଳାରେ ସମାପ୍ତ କରିଥିବାରୁ ପ୍ରୋଗ୍ରାମ ଅଧିକାରୀଙ୍କୁ ଅଧ୍ୟକ୍ଷ କୃତଜ୍ଞତା ଜ୍ଞାପନ କରିଥିଲେ। ବିଭିନ୍ନ ପ୍ରତିଯୋଗିତା କରାଯାଇ ଶିବିରାର୍ଥୀଙ୍କୁ ମାନପତ୍ର ସହିତ ଟ୍ରଫି ପ୍ରଦାନ କରାଯାଇଥିଲା।

● ରତନପୁର ଗ୍ରାମକୁ ରାସ୍ତା ନିର୍ମାଣ ନେଇ ସରକାରୀ ଜାଗା ଚିହ୍ନଟ

# ନିର୍ମାଣରେ ବାଧକ ସାଜିଛନ୍ତି ଜବରଦଖଲକାରୀ

କଣ୍ଟିଲୋ,୫।୧୦(ସମିସ): ଖଣ୍ଡପଡ଼ା ବ୍ଲକ୍ ଅଧୀନ ବଡ଼ବାଣପୁର ପଞ୍ଚାୟତର ରତନପୁର ଗ୍ରାମକୁ ସବୁଦିନିଆ ପକ୍କା ରାସ୍ତା ନିର୍ମାଣରେ ସ୍ଥାନୀୟ ଅଞ୍ଚଳର କେତେକ ଜବରଦଖଲକାରୀ ବାଧକ ସାଜିଥିବାରୁ ଗ୍ରାମକୁ ରାସ୍ତା ନିର୍ମାଣ ହୋଇପାରୁ ନ ଥିବା ଜଣାପଡ଼ିଛି। ଏପରିକି ଉକ୍ତ ଗ୍ରାମକୁ ରାସ୍ତା ନିର୍ମାଣ ନିମନ୍ତେ ବ୍ଲକ୍ ପ୍ରଶାସନ ଜରିଆରେ ମଞ୍ଜୁର ଅନୁଦାନ ଅର୍ଥ ବିନିଯୋଗ ହୋଇ ନ ପାରି ଫେରିଯାଇଥିବା ପ୍ରଶାସନ ସୂତ୍ରରୁ ଜଣାପଡ଼ିଛି। ସରକାରୀ ଜାଗାରୁ ଜବରଦଖଲକାରୀଙ୍କୁ ହଟାଇ ଗ୍ରାମକୁ ପକ୍କା ରାସ୍ତା ନିର୍ମାଣ ନିମନ୍ତେ ସ୍ଥାନୀୟ ବାସିନ୍ଦା ଦୀର୍ଘ ବର୍ଷ ଧରି ବ୍ଲକ୍, ତହସିଲ୍ ଓ ଜିଲ୍ଲା ପ୍ରଶାସନ ନିକଟରେ ଦାବି କରି ଆସୁଥିଲେ ହେଁ କୌଣସି ସୁଫଳ ମିଳି ନ ଥିବା ଜଣାପଡ଼ିଛି। ପରବର୍ତ୍ତୀ ସମୟରେ ଗ୍ରାମକୁ ରାସ୍ତା ନିର୍ମାଣ ନେଇ ରତନପୁର ବାସିନ୍ଦା ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ତେବେ ଏ ସମ୍ପର୍କରେ ତ୍ୱରିତ ପଦକ୍ଷେପ ଗ୍ରହଣ କରିବାକୁ ମୁଖ୍ୟମନ୍ତ୍ରୀଙ୍କ ଦପ୍ତରରୁ ନୟାଗଡ଼ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ଜିଲ୍ଲାପାଳଙ୍କ ନିର୍ଦ୍ଦେଶାନୁଯାୟୀ, ଖଣ୍ଡପଡ଼ା ତହସିଲ୍ ପ୍ରଶାସନ ପକ୍ଷରୁ ରତନପୁର ଗ୍ରାମରେ ସରକାରୀ ଜାଗା ଚିହ୍ନଟ ପ୍ରକ୍ରିୟା ଆରମ୍ଭ ହୋଇଥିବା ଜଣାଯାଇଛି। ତହସିଲ୍‌ଦାର ବିଶ୍ୱବିଶୃତ ତ୍ରିପାଠୀଙ୍କ ନିର୍ଦ୍ଦେଶକ୍ରମେ କଣ୍ଟିଲୋ ରାଜସ୍ୱ ନିରୀକ୍ଷକ ନିବେଦିତା ଶତପଥି ଓ ସହଯୋଗୀ କର୍ମଚାରୀମାନେ ଶୁକ୍ରବାର ରତନପୁର ଗ୍ରାମରେ ପହଞ୍ଚି ରାସ୍ତା ନିର୍ମାଣ ନେଇ ସରକାରୀ ଜାଗା ମାପଚୁପ କରିଥିବା ଜଣାଯାଇଛି। ସରକାରୀ ଜାଗା ଚିହ୍ନଟ କାର୍ଯ୍ୟ ଶେଷ ପରେ ଗ୍ରାମକୁ ରାସ୍ତା ନିର୍ମାଣ କାର୍ଯ୍ୟ ଆରମ୍ଭ ହେବ ବୋଲି ବ୍ଲକ୍ ପ୍ରଶାସନ ସୂତ୍ରରୁ ଜଣାପଡ଼ିଛି। ପ୍ରକାଶଥାଉକି, ରତନପୁର ଗ୍ରାମକୁ ଭଲ ରାସ୍ତାଟିଏ ନ ଥିବାରୁ ସ୍ଥାନୀୟ ବାସିନ୍ଦା ଯାତାୟାତ ନିମନ୍ତେ ବହୁ ଅସୁବିଧାର ସମ୍ମୁଖୀନ ହେଉଥିବା ଜଣାପଡ଼ିଛି। ନୟାଗଡ଼ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ, ଜିଲ୍ଲାପାଳ ଓ ରାଜସ୍ୱ ବିଭାଗ ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେଇ ସରକାରୀ ଜାଗାକୁ ଅନଧିକାର ଭାବେ ଅକ୍ତିଆର କରିଥିବା ଜବରଦଖଲକାରୀଙ୍କ ବିରୁଦ୍ଧରେ ଆଇନ ଅନୁଯାୟୀ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ରତନପୁର ଗ୍ରାମବାସୀ ଦାବି କରିଛନ୍ତି।



# ବରିଷ୍ଠ ଆଇନଜୀବୀଙ୍କ ଦ୍ୱାଦଶାହ ସ୍ମୃତିସଭା



ନୟାଗଡ଼,୫।୧୦(ସମିସ): ନୟାଗଡ଼ ଜିଲ୍ଲା ଓକିଲ ସଙ୍ଘ ପୂର୍ବତନ ସଭାପତି ତଥା ଜିଲ୍ଲାର ଖ୍ୟାତନାମା ଆଇନଜୀବୀ ବୃନ୍ଦାବନ ପଣ୍ଡାଙ୍କ ଦ୍ୱଦଶାହ ଅବସରରେ ଜିଲ୍ଲା ଓକିଲ ସଙ୍ଘ ସଭାପତି ରଣଜିତ୍ ଦାଶଙ୍କ ଅଧ୍ୟକ୍ଷତାରେ ସ୍ଥାନୀୟ ନୀଳମାଧବ ହୋଟେଲଠାରେ ସ୍ମୃତିସଭା ଆୟୋଜିତ ହୋଇଯାଇଛି। ସ୍ମୃତିସଭାରେ ପୂର୍ବତନ ମନ୍ତ୍ରୀ ତଥା ନୟାଗଡ଼ ବିଧାୟକ ଡ. ଅରୁଣ କୁମାର ସାହୁ, ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ଜିଲ୍ଲା ପରିଷଦ ଅଧ୍ୟକ୍ଷ ଇଂ ଦେବାଶିଷ ପଟ୍ଟନାୟକ, ବରିଷ୍ଠ ଆଇନଜୀବୀ ବ୍ରଜକିଶୋର ପ୍ରଧାନ, କୈଳାସ ଚନ୍ଦ୍ର ପଟ୍ଟନାୟକ, ମନୋରଞ୍ଜନ ମହାପାତ୍ର, ସ୍ୱର୍ଗତ ପଣ୍ଡାଙ୍କ ସମୁଦି ନାରାୟଣ ମହାପାତ୍ର ପ୍ରମୁଖ ସ୍ୱର୍ଗତ ବୃନ୍ଦାବନ ପଣ୍ଡାଙ୍କ ଆତ୍ମାର ସଦ୍‌ଗତି କାମନା କରିବା ସହ ସ୍ମୃତିଚାରଣ କରି ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ସ୍ୱର୍ଗତ ପଣ୍ଡାଙ୍କ ପୁତ୍ର କୁମାର ସଂକେତ ପଣ୍ଡା ଏବଂ ସମ୍ପର୍କୀୟ ତଥା ଉଦ୍ୟାନ ବିଭାଗ ଅଧିକାରୀ ସୁବାସ ଚନ୍ଦ୍ର ପଣ୍ଡା ମଧ୍ୟ ସ୍ମୃତିଚାରଣ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଏହି ପୂଜ୍ୟପୂଜା କାର୍ଯ୍ୟକ୍ରମ ବହୁ ଆଇନଜୀବୀ, ସାମ୍ବାଦିକ, ବୁଦ୍ଧିଜୀବୀ ଏବଂ ବରିଷ୍ଠ ନାଗରିକମାନେ ଉପସ୍ଥିତ ରହି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଜିଲ୍ଲା ଓକିଲ ସଙ୍ଘ ସମ୍ପାଦକ ସ୍ୱଦେଶ ମିଶ୍ର ଆନୁଷ୍ଠାନିକ ଭାବେ ଧନ୍ୟବାଦ ଅର୍ପଣ କରିଥିଲେ।

## ଦୁର୍ଘଟଣାରେ ଯୁବକ ଗୁରୁତର

ଓଡ଼ଗାଁ,୫।୧୦(ସମିସ): ନୟାଗଡ଼ ଜିଲ୍ଲା ଓଡ଼ଗାଁ ବ୍ଲକ୍ କୁରାଳ ପଞ୍ଚାୟତର ହନୁମନ୍ତିଆ ରାସ୍ତାରେ ସ୍କୁଟି ଦୁର୍ଘଟଣାରେ ଜଣେ ଯୁବକଙ୍କ ମୁଣ୍ଡର ପଛପାଖରେ ଗଭୀର ଆଘାତ ଲାଗିବାରୁ ସେ ଗୁରୁତର ହୋଇ ରାସ୍ତାରେ ପଡ଼ିଥିବାବେଳେ ଖବର ପାଇ କୁରାଳ ସରପଞ୍ଚ ବିଜନ ପାଇକରାୟ ସଙ୍ଗେ ସଙ୍ଗେ ଓଡ଼ଗାଁ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇ ଆସିଥିଲେ। ସେଠାରେ ତାଙ୍କର ପ୍ରାଥମିକ ଚିକିତ୍ସା ଆରମ୍ଭ କରାଯାଇଥିଲା। ହେଲ ଡାକ୍ତରଖାନାରେ ଚିକିତ୍ସା ଆରମ୍ଭ ହେବାର ଅନେକ ସମୟ ପର୍ଯ୍ୟନ୍ତ ପରିବାର ଲୋକେ ପହଞ୍ଚି ନ ଥିଲେ। ଦୁର୍ଘଟଣାରେ ଗୁରୁତର ଯୁବକ ଜଣକ ଗଞ୍ଜାମ ଜିଲ୍ଲା ଜଗନ୍ନାଥ ପ୍ରସାଦ ଥାନା ଛାମଣ୍ଡା ପଞ୍ଚାୟତ ଭୁକ୍ତାଭୂଇଁ ଗ୍ରାମର ନରେନ୍ଦ୍ର ଯେନା (୩୫) ବୋଲି ଜଣାପଡ଼ିଛି। ନରେନ୍ଦ୍ର କୁରାଳ ଶଶୁର ଘରକୁ ଆସି ରବିବାର ସନ୍ଧ୍ୟାରେ ନିଜ ଗାଁକୁ ସ୍କୁଟିରେ ଫେରୁଥିବାବେଳେ କୁରାଳଠାରୁ ଅଳ୍ପ ଦୂରରେ ତାଙ୍କର ଦୁର୍ଘଟଣା ଘଟିଥିଲା। ନରେନ୍ଦ୍ରଙ୍କ ଶଶୁର ଘରୁ କିମ୍ବା ନିଜ ଘରୁ କେହି ସମ୍ପର୍କୀୟ ଆସି ନ ଥିବାବେଳେ ଜଣେ ସମାଜସେବୀଙ୍କ ସହାୟତାରେ ତାଙ୍କୁ ନୟାଗଡ଼ ଜିଲ୍ଲା ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିବା ଜଣାପଡ଼ିଛି।

# ଶ୍ରୀମହାବୀର ମନ୍ଦିରରେ ତାଲା ଝୁଲାଇଛନ୍ତି ଠିକାଦାର

ଦଶପଲ୍ଲା,୫।୧୦(ସମିସ)

ମହାବୀର କ୍ଷେତ୍ର ଦଶପଲ୍ଲାର ଆରାଧ୍ୟ ପ୍ରାଚୀନ ଗଡ଼ଜାତରୁ ଅଦ୍ୟାବଧି ପ୍ରଖ୍ୟାତ ଶ୍ରୀମହାବୀର କ୍ଷେତ୍ର ଅଧିପତିଙ୍କ ପବିତ୍ର ପୀଠ ପରିପାର୍ଶ୍ୱରେ ଗତ ୨ ମାସ ଧରି ତାଲା ଝୁଲିବାକୁ ନେଇ ଭକ୍ତ ଓ ମାନସିକଧାରୀଙ୍କ ଧର୍ମୀୟ ଭାବନାକୁ ଦାରୁଣ ଆଘାତ ଦେଇଛି। ବର୍ଷତମାମ ପୂଜାବିଧି, ବିବାହ, ଜନ୍ମୋତ୍ସବ ମାନସିକ ଉପାଧି ଓ ପ୍ରସାଦସେବନକୁ ନେଇ ସର୍ବଦା ଚଳଚଞ୍ଚଳ ଏହି ପୀଠ ଏବେ ନିଷିଦ୍ଧାଞ୍ଚଳରେ ପରିଣତ ହେବା ନେଇ ଭକ୍ତମାନେ କ୍ଷୁବ୍ଧ ହୋଇଛନ୍ତି। ସମ୍ପୃକ୍ତ ଠିକାଦାର ବ୍ୟୟବହୁଳ କାମ ସାରିଥିଲେ ମଧ୍ୟ ବକେୟା ବିଲ୍ ପୈଠ ହୋଇ ନ ଥିବାରୁ ତାଲା ଝୁଲାଇ ରଖିଛନ୍ତି।



ଶ୍ରୀମହାବୀର ମନ୍ଦିରର ଉନ୍ନତିକରଣ ନିମନ୍ତେ ବିଗତ ସରକାରରେ ୪ କୋଟି ୪୬ ଲକ୍ଷ ଟଙ୍କା ବ୍ୟୟ ଅଟକଳ ରହିଥିଲା। ତନ୍ମଧ୍ୟରୁ ରାମଲୀଳା ନାଟମଣ୍ଡପ, ତୋରଣ, ଅତିଥି ଭବନ, ପାଠାଗାର ଓ ଆର୍ଟ ଗ୍ୟାଲେରୀର ୮୦% ଆନୁଷଙ୍ଗିକ କାର୍ଯ୍ୟ ଗତ ଲଙ୍କାପୋଡ଼ି ଯାତ୍ରା ପୂର୍ବରୁ ସରିଛି। ବିଲ୍ ପୈଠ ହୋଇ ନ ଥିଲେ ହେଁ ଆଞ୍ଚଳିକ ଭାବନା ଓ ଲଙ୍କାପୋଡ଼ି ଯାତ୍ରା ଗୁରୁତ୍ୱ ଦୃଷ୍ଟିରୁ

**ଭକ୍ତ ଓ ମାନସିକଧାରୀଙ୍କ ମଧ୍ୟରେ ଅସନ୍ତୋଷ**

ଠିକାଦାର ଯୁଦ୍ଧକାଳୀନ ଭିତ୍ତିରେ କାର୍ଯ୍ୟ ସାରି ଯାତ୍ରା କମିଟିକୁ ହସ୍ତାନ୍ତର କରିଥିଲେ। ଫଳରେ ଯାତ୍ରା ସୁରୁଖୁରୁରେ ସମାପ୍ତ ହୋଇଥିଲା। ତେବେ ବାହାଘର ପରେ ବେଦୀ ମୁହଁ ପୋଡ଼ା ଭଳି ପୂର୍ତ୍ତ ବିଭାଗ ଏହି ଅସମ୍ପୂର୍ଣ୍ଣ ବିଲ୍ ପୈଠ କରିବାକୁ ଅବହେଳା କରିଥିବା ସୂଚନା ମିଳିଛି। ଅତଏବ ଯାତ୍ରା ପରବର୍ତ୍ତୀ ସମୟରୁ ଏଠାରେ ତାଲା ଝୁଲୁଥିଲାବେଳେ କାହାରି ନିଘା ନାହିଁ। ଦେବୋତ୍ତର ବିଭାଗ ଦ୍ୱାରା ପରିଚାଳିତ ଏହି ମନ୍ଦିର ୧୭ ଜଣିଆ ଉପଦେଷ୍ଟା ମଣ୍ଡଳୀରେ ଖୋଦ୍ କନ୍ଧମାଳ ସାଂସଦ ସୁକାନ୍ତ ପାଣିଗ୍ରାହୀ ଓ ବିଧାୟକ ରମେଶ ବେହେରା ରହିଥିବାବେଳେ ଏଭଳି ଅଭାବନୀୟ ଘଟଣା ନିନ୍ଦନୀୟ ପରିସ୍ଥିତି ସୃଷ୍ଟି କରିଛି। ଏଠାରେ ସୂଚନାଯୋଗ୍ୟ, ଗତ ମାସ ୨୬ ତାରିଖରେ ଦଶପଲ୍ଲା ଅଞ୍ଚଳରେ ବହୁ ଉନ୍ନୟନମୂଳକ ନିର୍ମାଣ କାର୍ଯ୍ୟ ସାରି ଠିକାଦାର ବକେୟା ବିଲ୍ ପାଇ ନ ଥିବାରୁ ସହକାରୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟକୁ ଘେରଉ ସହିତ ଧାରଣା ଦେଇଥିଲେ। ଦଶହରା ପୂର୍ବରୁ ସମ୍ପୂର୍ଣ୍ଣ ବିଲ୍ ପୈଠ ଦାବିରେ ଜିଲ୍ଲା ଅଧୀକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ଘେରିବାକୁ ଧମକ ଦେଇଥିଲେ। ଶନିବାର ଖୋଦ୍ ଦଶପଲ୍ଲା ପୂର୍ତ୍ତ ବିଭାଗ ସହକାରୀ ଯନ୍ତ୍ରୀଙ୍କ ବଦଳି ନିର୍ଦ୍ଦେଶ ପହଞ୍ଚିଥିବା ଜଣାପଡ଼ିଛି। ଏଭଳି ସ୍ଥିତିରେ ଶ୍ରୀମହାବୀର ମନ୍ଦିର ବିଲ୍ କାର୍ଯ୍ୟ ସମାପ୍ତ ହୋଇ ମନ୍ଦିର ଖୋଲିବା ନେଇ ଅନିଶ୍ଚିତତା ସୃଷ୍ଟି ହୋଇଛି। ଦଶପଲ୍ଲାବାସୀଙ୍କ ଭାବାବେଗ ସହ ପୂର୍ତ୍ତ ବିଭାଗ ନାଟକୀୟ ଢଙ୍ଗରେ ଖେଳ ଖେଳୁଥିବାରୁ ଜନଅସନ୍ତୋଷ ତୀବ୍ର ହେବାକୁ ଲାଗିଛି। ପୂର୍ତ୍ତ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ତୁରନ୍ତ ଏହାର ସମାଧାନ ନ କଲେ ଦଶପଲ୍ଲାବାସୀ ଆନ୍ଦୋଳନାତ୍ମକ ପନ୍ଥା ଆପଣାଇବେ ବୋଲି ଜଣାପଡ଼ିଛି।

● ସୁନାମୁହିଁରେ ଅମାନବୀୟ ଘଟଣା

# ବାପାଙ୍କୁ ଦାଣ୍ଡରେ ଘୋଷାରି ଘୋଷାରି ପିଟିଲା ପୁଅ

ଓଡ଼ଗାଁ,୫।୧୦(ସମିସ): ନୟାଗଡ଼ ଜିଲ୍ଲା ଓଡ଼ଗାଁ ବ୍ଲକ୍ ସୁନାମୁହିଁ ପଞ୍ଚାୟତ ସୁନାମୁହିଁ ଗାଁ ଦାଣ୍ଡରେ ଅମାନୁଷିକ ଭାବେ ପୁଅ ବୃଦ୍ଧ ବାପାଙ୍କୁ ଘୋଷାରି ଘୋଷାରି ମରଣାନ୍ତକ ଆକ୍ରମଣ କରିଛି। ଗ୍ରାମବାସୀଙ୍କ ହସ୍ତକ୍ଷେପ ଯୋଗୁଁ ରକ୍ଷା ପାଇଲେ ବୃଦ୍ଧ ବାପା। ବୃଦ୍ଧ ଜଣକ ଗ୍ରାମବାସୀଙ୍କ ସହଯୋଗରେ ଆସି ଓଡ଼ଗାଁ ଥାନାରେ ପୁଅ ନାମରେ ଲିଖିତ ଅଭିଯୋଗ କରିବା ପରେ ପୁଲିସ ଏକ ମାମଲା ରୁଜୁ କରିଛି। ଏସ୍‌ଆଇ ଚକ୍ରଧର ସିଂ ଘଟଣାର ତଦନ୍ତ ଆରମ୍ଭ କରିଛନ୍ତି। ବୃଦ୍ଧ ଜଣକ ହେଲେ ସୁନାମୁହିଁ ଗ୍ରାମର ଅବସରପ୍ରାପ୍ତ ବନ କର୍ମଚାରୀ ବିନୋଦ ମହାରଣା (୮୪)। ପ୍ରତି ମାସରେ ବାପାର ପେନ୍‌ସନ୍‌ରୁ ମିଳୁଥିବା ୨୦ ହଜାର ଟଙ୍କାରେ ପୁଅର ପରିବାର ଚଳେ। ବାପାଙ୍କ ପେନ୍‌ସନ୍ ଟଙ୍କା ଉପରେ ସମ୍ପୂର୍ଣ୍ଣ ନିର୍ଭରଶୀଳ ପୁଅ ଜିତେନ୍ଦ୍ର ମହାରଣା ନିଜ ଖର୍ଚ୍ଚ ପାଇଁ ଅତିରିକ୍ତ ଟଙ୍କା ଦେବାକୁ ବାପାଙ୍କ ଉପରେ ଦାବି କରେ। ଅତିରିକ୍ତ ଟଙ୍କା ଦେବାରେ ବାପା ଅକ୍ଷମତା ପ୍ରକାଶ କଲେ ଜିତେନ୍ଦ୍ର ତାଙ୍କୁ ନିର୍ଯାତନା ଦେଇଥାଏ। ରବିବାର ସକାଳେ ଜିତେନ୍ଦ୍ର ହଠାତ୍ ବିନୋଦଙ୍କୁ ଗାଳିଗୁଲଜ କରିବା ସହିତ ଧକ୍କା ମାରି ଦାଣ୍ଡକୁ ବାହାର କରି ଦେଇଥିଲା। ଦାଣ୍ଡରେ ଘୋଷାରି ବିଧା, ଚାପୁଡ଼ା, ଗୋଇଠା ମାରିବା ସହିତ ବେକରେ ଖୋଳ ପକାଇ ଠିଆ ହୋଇପଡ଼ିଥିଲା। ଏହି ସମୟରେ ପୂର୍ବତନ ସରପଞ୍ଚ ମାନସ ରଞ୍ଜନ ସାହୁ, ୱାର୍ଡ ମେମ୍ବର ସୁଶାନ୍ତ ସାହୁଙ୍କ ସହିତ ଅନ୍ୟ ଗ୍ରାମବାସୀମାନେ ଘଟଣାସ୍ଥଳରେ ପହଞ୍ଚି ବିନୋଦଙ୍କୁ ବଞ୍ଚାଇଥିଲେ।

# ରାସ୍ତା ନିର୍ମାଣ ଓ ମରାମତି ଦାବିରେ ଅର୍ଥନୈତିକ ଅବରୋଧ

ତାଳଚେର/କଣିହାଁ, ୫ ।୧୦(ସମିସ)





ଗୋଡ଼ିବନ୍ଧଠାରୁ ବଆଁରପାଳ ପର୍ଯ୍ୟନ୍ତ ନୂତନ ଜାତୀୟ ରାଜପଥ ନିର୍ମାଣ କରିବା, ଗୋଡ଼ିବନ୍ଧଠାରୁ ଏନଟିପିସି ପର୍ଯ୍ୟନ୍ତ ରାସ୍ତାକୁ ସମ୍ପୃକ୍ତ କମ୍ପାନୀ ପକ୍ଷରୁ ତୁରନ୍ତ ନିର୍ମାଣ କରିବା, ନତୁବା ଜାତୀୟ ରାଜପଥକୁ ହସ୍ତାନ୍ତର କରିବା ପାଇଁ ପଦକ୍ଷେପ ଗ୍ରହଣ କରାଯିବା ଦାବି ନେଇ ପୂର୍ବତନ ସାଂସଦ ମହେଶ ସାହୁଙ୍କ ଆହ୍ୱାନ କ୍ରମେ ତାଳଚେର ସଚେତନ ନାଗରିକ ମଞ୍ଚ ପକ୍ଷରୁ ଶନିବାରଠାରୁ ଆରମ୍ଭ ହେଇଥିବା ଅର୍ଥନୈତିକ ଅବରୋଧ ଦ୍ୱିତୀୟ ଦିନରେ ଜାରି ରହିଛି । କଣିହାଁ ବ୍ଲକ ଅନ୍ତର୍ଗତ ନୂଆ ବଲଣ୍ଡା ଓ ତାଳଚେର ସହର ନିକଟ କୋଲ କରିଡର ରାସ୍ତା ଓ ପାଶ୍ୱର୍ରେ ଯାଇଥିବା ଏନଟିପିସି ରେଳ ଧାରଣାରେ ବସି ସଚେତନ ନାଗରିକ ମଞ୍ଚ ଓ ଟ୍ରକ ମାଲିକଙ୍କ ପକ୍ଷରୁ ଅର୍ଥନୈତିକ ଅବରୋଧ କରାଯାଇଥିଲା । ଉଭୟ ସ୍ଥାନରେ ପୂର୍ବତନ ସାଂସଦ ସାହୁ ଉପସ୍ଥିତ ରହି ତୁରନ୍ତ ଲୋକଙ୍କ ଯାତାୟାତରେ ସମସ୍ୟା ସୃଷ୍ଟି କରୁଥିବା ଖାଲଖମା ରାସ୍ତା ମରାମତି କରିବା ସହ ଜାତୀୟ ରାଜପଥର ପ୍ରସ୍ତାବିତ ଗୋଡ଼ିବନ୍ଧ-ବଆଁରପାଳ ଚାରିଆକିଆ ରାସ୍ତା ନିର୍ମାଣ କାର୍ଯ୍ୟ ଆରମ୍ଭ କରିବାକୁ ଦାବି କରିଥିଲେ । ଏନଟିପିସିକୁ ଯାଇଥିବା ରାସ୍ତା ମରଣଯନ୍ତା ପାଲଟିଥିବାରୁ ଏନଟିପିସି କର୍ତ୍ତୃପକ୍ଷ ତୁରନ୍ତ ଏଥିନିମନ୍ତେ ପଦକ୍ଷେପ ଗ୍ରହଣ କରି ରାସ୍ତା ନିର୍ମାଣ କରିବାକୁ ଦାବି କରିଥିଲେ । ଯଦି ଏନ୍‌ଟିପିସି ଏହି ରାସ୍ତା ନିର୍ମାଣ କରିବା ପାଇଁ ଅସମର୍ଥ ତେବେ ତୁରନ୍ତ ରାସ୍ତାକୁ ଜାତୀୟରାଜପଥ ବିଭାଗକୁ ହସ୍ତାନ୍ତର କରୁ ବୋଲି ସାହୁ ଦୃଢ଼ ଦାବି କରି ସକାଳ ସାଢ଼େ ୮ଟାରୁ ସାଢ଼େ ୧୦ଟା ପର୍ଯ୍ୟନ୍ତ ଦୁଇ ଘଣ୍ଟା ଆନ୍ଦୋଳନ କରିଥିଲେ । ଫଳରେ ଏନଟିପିସି ଜେଆଇଟିପିଏଲକୁ କୋଇଲା ଚାଲାଣ ବନ୍ଦ ହୋଇଯିବା ସହ କୋଇଲା ପାଉଁଶ ପରିବହନ କରୁଥିବା ଗାଡ଼ିଗୁଡ଼ିକ ରାସ୍ତାର ଉଭୟ ପାଶ୍ୱର୍ରେ ଅଟକି ରହିଥିଲା । ତାଳଚେରରେ ଥିବା ରାଷ୍ଟ୍ରାୟତ୍ତ ଉଦ୍ୟୋଗ, କୋଇଲା ଖଣି, ଏନଟିପିସି, ଜେଆଇଟିପିଏଲ ଭଳି ବଡ଼ କମ୍ପାନୀ ଏହି ରାସ୍ତାକୁ ବ୍ୟବହାର କରିବା ସତ୍ତ୍ୱେ ଏଥିପ୍ରତି ଦୃଷ୍ଟି ନ ଦେଇ ନିଦାବିଷ୍ଟୁ ସାଜିବା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି ବୋଲି ପୂର୍ବତନ ସାଂସଦ ସାହୁ କ୍ଷୋଭର ସହ ପ୍ରକାଶ କରିଥିଲେ । ଏହି ଆନ୍ଦୋଳନ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଜାରି ରହିବ ବୋଲି ପ୍ରକାଶ କରିଥିଲେ । ଆନ୍ଦୋଳନରେ ଟ୍ରକ ମାଲିକ ସଂଘର ପୂର୍ବତନ ସଭାପତି ଟୁକୁନା ସ୍ୱାଇଁ, ଜିତେନ୍ଦ୍ର ଭୁତିଆ, ଗଦାଧର ସାହୁ, ବିଜେଡି ନେତା ଜ୍ୟୋତିରଞ୍ଜନ ଦାସ, କାଉନସିଲର ଯଶୋବନ୍ତ ମିଶ୍ର, ବାବୁନା ସ୍ୱାଇଁ, ରାଜୀବ ରାଉତ, କୁଶ ବିହାରୀ ସାମଲ, ସୁଲେଖ ସେଠୀ, ସନ୍ତୋଷ ସାହୁ, ସାମ୍ବାଦିକ ତ୍ରିଲୋଚନ ସ୍ୱାଇଁ, ଲିପୁ ରଥ, କାଳିଆ ସାମଲ, ହର୍ଷବର୍ଦ୍ଧନ ସାମଲ, ତପନ କୁମାର ମହାରଣା ପ୍ରମୁଖ ସାମିଲ ହୋଇଥିଲେ । ସେହିପରି ନୂଆ ବଲଣ୍ଡାଠାରେ ଜିଲ୍ଲା ପରିଷଦ ସଭ୍ୟ ରଞ୍ଜନ ସାହୁଙ୍କ ନେତୃତ୍ୱରେ ସ୍ଥାନୀୟ ସଚେତନ ନାଗରିକ ମଞ୍ଚ ସଦସ୍ୟମାନେ ଏନଟିପିସି ରେଳ ଧାରଣା ଓ ରାଜପଥରେ ଧାରଣା ଦେଇ ଆନ୍ଦୋଳନ କରିଥିଲେ ।

## ସନ୍ତୋଷ ସ୍ମାରକୀ ଫୁଟବଲ: ବୌଦ୍ଧ ଚାମ୍ପିଅନ



କିଶୋରନଗର, ୫ ।୧୦(ସମିସ): କିଶୋରନଗର ବ୍ଲକ ହିମିତିରା ଖେଳପଡ଼ିଆରେ ଚାଲିଥିବା ଜିଲ୍ଲାସ୍ତରୀୟ ସନ୍ତୋଷ ସ୍ମାରକୀ ଫୁଟବଲ ଟୁର୍ଣ୍ଣାମେଣ୍ଟ ରବିବାର ଉଦଯାପିତ ହୋଇଛି । ନାଲ୍‌କୋ ଓ ବୌଦ୍ଧ ଦଳ ମଧ୍ୟରେ ଫାଇନାଲ ମ୍ୟାଚ ଖେଳାଯାଇଥିଲା । ସଂଘର୍ଷପୂର୍ଣ୍ଣ ଏହି ମ୍ୟାଚ୍‌ରେ ବୌଦ୍ଧ ପେନାଲ୍‌ଟି ସୁଟଆଉଟରେ ୧-୦ ଗୋଲରେ ବିଜୟୀ ହୋଇ ଚାମ୍ପିଅନ ହୋଇଛି । ଖେଳର ନିର୍ଦ୍ଧାରିତ ସମୟ ମଧ୍ୟରେ କୌଣସି ଦଳ ଗୋଲ ସ୍କୋର କରିପାରି ନ ଥିଲେ । ଫଳରେ ପେନାଲ୍‌ଟି ସୁଟଆଉଟର ସହାୟତା ନିଆଯାଇଥିଲା । ହିମିତିରା ଆଥଲେଟିକ ଆସୋସିଏସନ ସଭାପତି ରଙ୍ଗାଧର ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ବୌଦ୍ଧ ବିଧାୟକ ତଥା ସରକାରୀ ଦଳ ମୁଖ୍ୟ ସଚେତକ ସରୋଜ ପ୍ରଧାନ ଯୋଗଦେଇ ଉଭୟ ଦଳକୁ ପୁରସ୍କୃତ କରିଥିଲେ । ଏଥିସହ ହିମିତିରା ଖେଳପଡ଼ିଆର ଉନ୍ନତି କରିବା ସହ ଏଠାରେ ଏକ ଷ୍ଟାଡିୟମ ନିର୍ମାଣ କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ । ସମ୍ମାନିତ ଅତିଥି ଭାବେ କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କ ପ୍ରତିନିଧି ସରୋଜ ସାହୁ, କିଶୋରନଗର ଥାନା ଆଇଆଇସି ବିଭୂତି ପ୍ରଧାନ, ବିଜେପି ନେତା ଅଜିତ ପ୍ରଧାନ, ଅବସରପ୍ରାପ୍ତ ଇଞ୍ଜିନିୟର ସଞ୍ଜୟ ପ୍ରଧାନ, ଅଧ୍ୟାପକ ତରଣୀସେନ ସାହୁ, ପୂର୍ବତନ ସମିତି ସଭ୍ୟ ସୁଧୀର ପ୍ରଧାନ ଯୋଗଦେଇଥିଲେ । ଅଭିଳାଷ ସାହୁ, ସୁଜିତ ରାଜହଂସ, ମୁକେଶ କଅର, ଅମିତ ନାୟକ, ଦିଲୀପ ରାଉତ ରେଫରି ଦାୟିତ୍ୱ ତୁଲାଇଥିଲେ । ଶିକ୍ଷକ ବିନାୟକ ଦେହୁରୀ ଧାରାବିବରଣୀ ପ୍ରଦାନ କରିଥିବା ବେଳେ ଶିକ୍ଷକ କିଶୋର ଚନ୍ଦ୍ର ବିଶ୍ୱାଳ ମଞ୍ଚ ପରିଚାଳନା କରିଥିଲେ ।

## ଦୁର୍ଗାପୂଜା ପ୍ରସାଦ କିଣାରେ ଦୁର୍ନୀତି ଅଭିଯୋଗ

ତାଳଚେର, ୫ ।୧୦(ସମିସ): ତାଳଚେର ଲିଙ୍ଗରାଜ କୋଇଲା ଖଣି ଦୁର୍ଗାପୂଜା ଶେଷ ହୋଇଥିବା ବେଳେ ପୂଜା ପାଇଁ ପ୍ରସାଦ କିଣାରେ ଦୁର୍ନୀତି ହୋଇଥିବା ଅଭିଯୋଗ ହୋଇଛି । ଏହି ଘଟଣା ଏବେ ସାରା ଲିଙ୍ଗରାଜ କୋଇଲା ଖଣି ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି । ପୂଜା ଉପଲକ୍ଷେ ସମସ୍ତ କର୍ମଚାରୀଙ୍କ ଗୋଟିଏ ଦିନର ଦରମା ଜୋର ଜବରଦସ୍ତ କଟାଗଲା । ପୂଜା ପାଇଁ ଦରମା କାଟ ନିଷ୍ପତ୍ତିକୁ ସମସ୍ତ କର୍ମଚାରୀ ସ୍ୱାଗତ କରିଥିଲେ । କିନ୍ତୁ ତାଙ୍କ ଟଙ୍କାକୁ ଏପରି ଦୁର୍ନୀତି କରି ହଡ଼ପ କରାଯିବା କର୍ମଚାରୀଙ୍କ ମନରେ ଆଘାତ ଦେଇଛି । ଏହି ଦୁର୍ନୀତି ପଛରେ ଜଣଏ ଅଧିକାରୀଙ୍କ ଭୂମିକା ସନ୍ଦେହ ଘେରରେ ରହିଛି । କିଣାଯାଇଥିବା ପ୍ରସାଦ (ମିଠା) ନିମ୍ନ ମାନର ହୋଇଥିବାବେଳେ ସେଥିରୁ ଦୁର୍ଗନ୍ଧ ବାହାରୁଥିବା କର୍ମଚାରୀମାନେ ଅଭିଯୋଗ କରିଛନ୍ତି । ସେହିପରି ହଟ୍‌କେସ, ଟିଫିନ୍ ବାକ୍ସ ମଧ୍ୟ ନିମ୍ନମାନର ବୋଲି ସବୁ ମହଲରେ ଚର୍ଚ୍ଚା ହେଉଛି । ପ୍ରସାଦ କିଣାରେ ୨୪ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଥିବା କୁହାଯାଉଥିବା ବେଳେ ଜିଲ୍ଲା ପ୍ରଶାସନ ଓ ଠିକାଦାରଙ୍କୁ ପ୍ରାୟ ଏକ ଲକ୍ଷ ଟଙ୍କାର ପ୍ରସାଦ ପ୍ରଦାନ କରାଯାଇଥିବା ଜଣାପଡ଼ିବା ପରେ ସମସ୍ତଙ୍କ ମନରେ ସନ୍ଦେହ ସୃଷ୍ଟି ହୋଇଛି । ତେବେ କର୍ମଚାରୀଙ୍କ ପେଟପାଟଣାରୁ ଝାଳବୁହା ଅର୍ଥକୁ କାଟି ସମ୍ପୃକ୍ତ ଅଧିକାରୀ ଜଣକ ଏପରି ଦୁର୍ନୀତି କରିଥିବା ଅଭିଯୋଗ ସତ୍ୟ ହୋଇଥିଲେ ସାଙ୍ଘାତିକ ବୋଲି ସାଧାରଣରେ କୁହାଯାଇଛି ।




## ନାଲକୋନଗରରେ ଗାନ୍ଧୀ ଜୟନ୍ତୀ ପାଳିତ



ନାଲକୋ ନଗର, ୫ ।୧୦(ସମିସ): ନାଲକୋନଗରସ୍ଥିତ କମ୍ୟୁନିଟି ସେଣ୍ଟରରେ ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିଠାରେ ଗାନ୍ଧୀ ଜୟନ୍ତୀ ପାଳନ କରାଯାଇଛି । କାର୍ଯ୍ୟକ୍ରମରେ ନାଲକୋ (ଏସ ଆଣ୍ଡ ପି)ର ଭାରପ୍ରାପ୍ତ ନିର୍ବାହୀ ନିର୍ଦ୍ଦେଶକ ତଥା ସମୂହ ମହାପ୍ରବନ୍ଧକ ସଚ୍ଚିଦାନନ୍ଦ ଜେନା ମୁଖ୍ୟଅତିଥି ଭାବେ ଯୋଗଦେଇ ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ । ସମ୍ମାନିତ ଅତିଥି ଭାବେ ମାନବ ସମ୍ବଳ ମୁଖ୍ୟ ମହାପ୍ରବନ୍ଧକ ହିମାଂଶୁ ଶେଖର ପ୍ରଧାନ, ମୁଖ୍ୟ ମହାପ୍ରବନ୍ଧକ (ସିପିପି-ଓ ଆଣ୍ଡ ଏମ) ସୁବ୍ରତ ମିଶ୍ର, ମୁଖ୍ୟ ମହାପ୍ରବନ୍ଧକ (ସି ଆରଜି, ଟି ଆଣ୍ଡ ସି) ପ୍ରଣବ ଦାସ, ମୁଖ୍ୟ ମହା ପ୍ରବନ୍ଧକ (ପଟ ଲାଇନ) ତରୁଣ ତ୍ରିପାଠୀ, ମୁଖ୍ୟ ମହାପ୍ରବନ୍ଧକ (କାଷ୍ଟ ହାଉସ) ଦିଲୀପ ବାଗ, ମୁଖ୍ୟ ମହାପ୍ରବନ୍ଧକ (ପଟ-ଲାଇନ ମେଣ୍ଟେନାନ୍ସ) ଭରତ ମହାରଣା, ମୁଖ୍ୟ ମହାପ୍ରବନ୍ଧକ (କାଷ୍ଟ ହାଉସ ମେଣ୍ଟେନାନ୍ସ) ରାଜୀବ ରଞ୍ଜନ, ମୁଖ୍ୟ ମହାପ୍ରବନ୍ଧକ (ଅର୍ଥ) ହିମାଂଶୁ ଶେଖର ପଣ୍ଡାଙ୍କ ସମେତ ସମସ୍ତ ୟୁନିଅନ୍ ଓ ଆସୋସିଏସନ୍‌ର ପଦାଧିକାରୀ ଯୋଗଦେଇଥିଲେ । ମାନବ ସମ୍ବଳ ମହାପ୍ରବନ୍ଧକ ରାଜାରାମ ମିଶ୍ରଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ହୋଇଥିଲା । ଉପ ମହାପ୍ରବନ୍ଧକ କିଶୋର କୁମାର ବେହେରା ମଞ୍ଚ ପରିଚାଳନା କରିଥିଲେ । ସୂରଜ ଥାପା, ଶୀତଳ ସମୀର ମାଝୀ, ଉମାକାନ୍ତ ମହାରଣା, ମନୋଜ ପରିଡ଼ା, ମଦନ ମୋହନ, ପ୍ରଶାନ୍ତ ସାହୁ, ଅଟଳ ଷଡ଼ଙ୍ଗୀ, ଘନଶ୍ୟାମ ଦାସ, ଚନ୍ଦ୍ର ମୋହନ ମୁଣ୍ଡାରୀ, ସୁଶାନ୍ତ ସାହୁ, ପଙ୍କଜ ମହାରଣା, ପ୍ରକାଶ ସାହୁ, ବାମଦେବ ସେଠ, ଲଳିତ ନାୟକ, ଅକ୍ଷୟ ବେହେରା ପ୍ରମୁଖ ସହଯୋଗ କରିଥିଲେ ।

**ଅନୁଗୋଳ ଜିଲ୍ଲା କ୍ରିକେଟ ସଂଘର ସାଧାରଣ ବୈଠକ**

## କ୍ରିକେଟର ଉନ୍ନତି ପାଇଁ ଆମେ ପ୍ରତିଶ୍ରୁତିବଦ୍ଧ: ବିଧାୟକ




ଅନୁଗୋଳ, ୫ ।୧୦(ସମିସ): ଅନୁଗୋଳ ଜିଲ୍ଲା କ୍ରିକେଟ ସଂଘର ସାଧାରଣ ବୈଠକ ସଂଘ ସଭାପତି ତଥା ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଛି । ସଭାପତି ପ୍ରଧାନ ଜିଲ୍ଲା କ୍ରିକେଟ ସଂଘର ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟକ୍ରମ ବିଷୟରେ ଆଲୋଚନା କରିଥିଲେ । କଦମ ପଡ଼ିଆରେ ରାଜ୍ୟ ସରକାରଙ୍କ ପକ୍ଷରୁ ଅନୁଗୋଳ ପୌରପାଳିକା ତତ୍ତ୍ୱାବଧାନରେ ୫ କୋଟି ୫୦ ଲକ୍ଷ ଟଙ୍କା ବ୍ୟୟରେ ଫ୍ଲଡ ଲାଇଟ କାର୍ଯ୍ୟ ଜାରି ରହିଥିବା ସେ ପ୍ରକାଶ କରିଥିଲେ । ଆହୁରି ମଧ୍ୟ ଏକ ଘରୋଇ ସଂସ୍ଥା ଦ୍ୱାରା ପ୍ଲେୟାର୍ସ ପ୍ୟାଭିଲିୟନ ନିର୍ମାଣ କରାଯିବ । ଜିଲ୍ଲାରେ କ୍ରିକେଟର ଉନ୍ନତି ପାଇଁ ଆମେ ପ୍ରତିଶ୍ରୁତିବଦ୍ଧ ବୋଲି ସେ ସୂଚନା ଦେଇଥିଲେ । ସମ୍ପାଦକ ସାଗରନାଥ ମିଶ୍ର ସମ୍ପାଦକୀୟ ବିବରଣୀ ପାଠ କରିଥିଲେ । କୋଷାଧ୍ୟକ୍ଷ ରଞ୍ଜନ କୁମାର ଧୀରସାମନ୍ତ ସଂଘର ଆୟବ୍ୟୟ ବିବରଣୀ ପାଠ କରିଥିଲେ । ସଂଘର ପରିଚାଳନା କମିଟି କାର୍ଯ୍ୟକାଳ ଶେଷହେବା ଅବସରରେ ଆଗାମୀ ଦିନରେ ନିର୍ବାଚନ କରାଯିବା ନେଇ ବିଧାୟକ ପ୍ରଧାନ ସମସ୍ତ ସଦସ୍ୟଙ୍କ ସମେତ ବରିଷ୍ଠ ଆଇନଜୀବୀ ତଥା ସଂଘର ଆଇନ ଉପଦେଷ୍ଟା ଭୁପେଶ ଚନ୍ଦ୍ର ପ୍ରଧାନଙ୍କ ସହ ଆଲୋଚନା କରିଥିଲେ । ଏଥିସହ ଅନୁଗୋଳ ଜିଲ୍ଲାରେ କ୍ରିକେଟର ଉନ୍ନତି ନିମନ୍ତେ ଓଡ଼ିଶା କ୍ରିକେଟ ସଂଘ ସହାୟତାରେ ରାଜ୍ୟ ବାହାରୁ ପ୍ରଶିକ୍ଷକ ଆଣିବା ନିମନ୍ତେ ଉଲ୍ଲେଖ କରିଥିଲେ ।

## ଗୁଣ୍ଡୁରିନାଳି ଗ୍ରାମରେ ଦଶହରା ପର୍ବ ପାଳିତ



କଣିହାଁ, ୫ ।୧୦(ସମିସ): ଅନୁଗୋଳ ଜିଲ୍ଲା କଣିହାଁ ବ୍ଲକ ଜରଡ଼ା ପଞ୍ଚାୟତ ଗୁଣ୍ଡୁରିନାଳି ଗ୍ରାମରେ ଗୁରୁବାର ଦଶହରା ପର୍ବ ପାଳିତ ହୋଇଛି । ଏହି ଅବସରରେ ଗ୍ରାମର କ୍ଷତ୍ରିୟ ଫୋଡ଼ି ଯୁବବର୍ଗ ପାରମ୍ପରିକ ନୃତ୍ୟ ପରିବେଷଣ କରିବା ସହ ବିଭିନ୍ନ ଗ୍ରାମର କ୍ଷତ୍ରିୟ ଫୋଡ଼ି ଖେଳାଳିଙ୍କୁ ସ୍ୱାଗତ କରି ଗ୍ରାମ ପରିକ୍ରମା କରିଥିଲେ । କାଳୀମଣ୍ଡପ ନିକଟ ମେଳଣ ପଡ଼ିଆରେ ମା' ଦୁର୍ଗାଙ୍କ ଉଦ୍ଦେଶ୍ୟରେ ପାଇକ ଆଖଡ଼ା ସାଙ୍ଗକୁ ବିଭିନ୍ନ ପ୍ରତିଯୋଗିତା ଆୟୋଜିତ ହୋଇଥିଲା । ସନ୍ଧ୍ୟାରେ ବୀଣାପାଣି ମଣ୍ଡପ ନିକଟରେ ଗ୍ରାମ ସମ୍ପାଦକ ବାପୁଜୀ ସାମଲଙ୍କ ଅଧ୍ୟକ୍ଷତାରେ ପୁରସ୍କାର ବିତରଣ କରାଯାଇଥିଲା । ଅତିଥି ଭାବେ ଅବସରପ୍ରାପ୍ତ ଖେଳ ଶିକ୍ଷକ ମାୟାଧର ସାମଲ, ସମ୍ମାନିତ ଅତିଥି ଭାବେ କୁଳମଣି ସାମଲ, ଛବିଳ ଭୁତିଆ, ଜହର ସାମଲ, ଅକ୍ଷୟ ସାମଲ, ବିଦ୍ୟାଧର ସାମଲ, ରମେଶ ସାମଲ, ଅଙ୍ଗଦ ସାମଲ, ସାମ୍ବାଦିକ ଅଲେଖ ଭୁତିଆ, କଷ୍ଟୁ ସାମଲ, କଣିହାଁ ବିଜେପି ମଣ୍ଡଳ ସଭାପତି ସୁଶାନ୍ତ ସାମଲ, ରୁଦ୍ରମୋହନ ସାମଲ, ଜରଡ଼ା ଗ୍ରାମସଭାପତି ଆଇନଜୀବୀ ସଚ୍ଚିଦାନନ୍ଦ ଦେହୁରୀ, ସତ୍ୟାନନ୍ଦ ସାମଲ, କୈଳାସ ସାହୁ, ଦେବରାଜ ସାହୁ ଯୋଗଦେଇଥିଲେ । ବାପୁଜୀ ଭୂତିଆ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

## ମା'ଙ୍କୁ ମେଲାଣି ଦେଲେ ନାଲକୋବାସୀ



ନାଲକୋ ନଗର, ୫ ।୧୦(ସମିସ): ନାଲକୋ ନଗରର ଦୁର୍ଗାପୂଜାର ଭସାଣି ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଛି । ଅପରାହ୍ନରେ ମା'ଙ୍କ ମୃଣ୍ମୟୀ ମୂର୍ତ୍ତିକୁ ଶୋଭାଯାତ୍ରାରେ କଲୋନୀ ପରିକ୍ରମା କରାଯାଇଥିଲା । କଲୋନୀ ପରିସର ସ୍ୱତନ୍ତ୍ର ଜଳାଶୟରେ ମା'ଙ୍କୁ ମେଲାଣି ଦିଆଯାଇଥିଲା ।

## ୧୬ ବର୍ଷରୁ କମ୍ ଜିଲ୍ଲା କ୍ରିକେଟ ଦଳରେ ସ୍ଥାନ ପାଇଲେ ସମରେଶ



ପାଲଲହଡ଼ା, ୫ ।୧୦(ସମିସ): ପାଲଲହଡ଼ାର ନବମ ଶ୍ରେଣୀ ଛାତ୍ର କ୍ରିକେଟ ଖେଳାଳି ସମରେଶ ସାହୁ ୧୬ ବର୍ଷରୁ କମ୍ ଜିଲ୍ଲା ଟିମ୍‌ରେ ସ୍ଥାନ ପାଇଛନ୍ତି । ପାଲଲହଡ଼ା ସହରର ଯୁବ ବ୍ୟବସାୟୀ ଶଙ୍କର ପ୍ରତାପ ସାହୁଙ୍କ ପୁଅ ସମରେଶଙ୍କ ବୟସ ୧୪ ବର୍ଷ ହୋଇଥିବା ବେଳେ ସେ ପାଲଲହଡ଼ା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ପାଠ ପଢୁଛନ୍ତି । ୧୬ ବର୍ଷରୁ କମ ରାଜ୍ୟ କ୍ରିକେଟ ଖେଳିବା ପାଇଁ ଅନୁଗୋଳ ଜିଲ୍ଲା ଟିମରେ ସେ ସ୍ଥାନ ପାଇଛନ୍ତି । ସମରେଶ ବର୍ତ୍ତମାନ ଅନୁଗୋଳ ଜିଲ୍ଲା ସ୍ତରରେ ପ୍ରଶିକ୍ଷଣ ନେଉଛନ୍ତି । ଏହି ସଫଳତା ପାଇଁ ତାଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟୁଛି ।

## ବାମୁରରେ ଗାନ୍ଧୀ ଜୟନ୍ତୀ



କିଶୋରନଗର, ୫ ।୧୦(ସମିସ): କିଶୋରନଗର ବ୍ଲକ ବାମୁରଠାରେ ଗାନ୍ଧୀ ମେମୋରିଆଲ ଟ୍ରଷ୍ଟ ପକ୍ଷରୁ ଗାନ୍ଧୀ ଜୟନ୍ତୀ ପାଳିତ ହୋଇଛି । ଡାକବଙ୍ଗଳାଠାରେ ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟାର୍ପଣ ସହ ତିଳତର୍ପଣ କରାଯାଇ ତାଙ୍କ ସ୍ମୃତିଚାରଣ କରାଯାଇଥିଲା । ସେହିପରି ଟ୍ରଷ୍ଟ ପରିସର ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ଦୀପଧୂପ ଓ ପୁଷ୍ପମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା । କାର୍ଯ୍ୟକ୍ରମରେ ଉପଜିଲ୍ଲାପାଳ ଉପେନ୍ଦ୍ର ଲୁହା, ଜିଲ୍ଲାପରିଷଦ ଅଧ୍ୟକ୍ଷା ବବିତା ପ୍ରଧାନ, ବିଡିଓ ସୁବ୍ରତ କୁମାର ବେହେରା, ବ୍ଲକ ଉପାଧ୍ୟକ୍ଷ ଲବ ପ୍ରଧାନ, ସ୍ଥାନୀୟ ସରପଞ୍ଚ ସଞ୍ଜୀବ ପ୍ରଧାନ, ଟ୍ରଷ୍ଟ ସମ୍ପାଦକ ଗୋକୁଳାନନ୍ଦ ପ୍ରଧାନ, ଥାନା ଆଇଆଇସି ବିଭୂତି ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ ।

## ପ୍ରିୟାଂଶୁଙ୍କୁ ପୂର୍ବତନ ଉପବାଚସ୍ପତିଙ୍କ ସମ୍ବର୍ଦ୍ଧନା



ଅନୁଗୋଳ, ୫ ।୧୦(ସମିସ): ଓଡ଼ିଶା ପ୍ରଶାସନିକ ସେବା ପରୀକ୍ଷାରେ ରାଜ୍ୟରେ ଏକ ନମ୍ବର ସ୍ଥାନ ଅଧିକାର କରିଥିବା ଅନୁଗୋଳ ଜିଲ୍ଲା ବଆଁରପାଳ ବ୍ଲକ ତୁରଙ୍ଗ ଗ୍ରାମର ଅବସରପ୍ରାପ୍ତ ସୁବେଦାର ମେଜର ସନ୍ତୋଷ କୁମାର ପାଲଙ୍କ ପୁଅ ପ୍ରିୟାଂଶୁ ପାଲଙ୍କୁ ପୂର୍ବତନ ଉପବାଚସ୍ପତି ରଜନୀକାନ୍ତ ସିଂ ସମ୍ବର୍ଦ୍ଧିତ କରିଛନ୍ତି । ସିଂ ତାଙ୍କ ବାସଭବନରେ ପହଞ୍ଚି ପ୍ରିୟାଂଶୁ ଓ ତାଙ୍କ ପରିବାର ଲୋକଙ୍କୁ ଅଭିନନ୍ଦନ ଜଣାଇବା ସହିତ ସମ୍ବର୍ଦ୍ଧିତ କରିଥିଲେ । ବ୍ଲକ ଅଧ୍ୟକ୍ଷ ବିଜୟ କୁମାର ନାଥ, ସନ୍ତୋଷ କୁମାର ଦାସ, ସମିତି ସଭ୍ୟ ସରୋଜ କୁମାର ପଣ୍ଡା ଏବଂ ଅରୁଣାଭ ସିଂହ ପ୍ରମୁଖ ଉପସ୍ଥିତ ଥିଲେ ।

## ନାଲକୋନଗରରେ ରାବଣପୋଡ଼ି ଉତ୍ସବ



ନାଲକୋ ନଗର, ୫ ।୧୦(ସମିସ): ନାଲକୋ ନଗର ସାର୍ବଜନୀନ ଦୁର୍ଗାପୂଜା କମିଟି ପକ୍ଷରୁ ଦେବୀ ଦୁର୍ଗାଙ୍କ ପୂଜା ନାଲକୋନଗର ପୂଜାମଣ୍ଡପରେ ଅନୁଷ୍ଠିତ ହୋଇଥିଲା । ବିଜୟା ଦଶମୀରେ ଦେବୀଙ୍କ ବିଶେଷ ପୂଜାର୍ଚ୍ଚନା ପରେ ସନ୍ଧ୍ୟାରେ ମିନାବଜାର ପଡ଼ିଆରେ ରାବଣପୋଡ଼ି ଉତ୍ସବ ଅନୁଷ୍ଠିତ ହୋଇଥିଲା । ମୁଖ୍ୟଅତିଥି ଭାବେ ନାଲକୋ (ଏସ ଆଣ୍ଡ ପି)ର ଭାରପ୍ରାପ୍ତ କାର୍ଯ୍ୟ ନିର୍ବାହୀ ନିର୍ଦ୍ଦେଶକ ତଥା ସମୂହ ମହାପ୍ରବନ୍ଧକ ସଚ୍ଚିଦାନନ୍ଦ ଜେନା ଯୋଗଦେଇ ରାବଣ ପ୍ରତିକୃତିରେ ଅଗ୍ନି ସଂଯୋଗ କରିଥିଲେ । ସିଜିଏମ ହିମାଂଶୁ ଶେଖର ପ୍ରଧାନ, ଜିଏମ ରଜାରାମ ମିଶ୍ର, ନାଲକୋ ଥାନା ଆଇଆଇସି ଶ୍ୟାମଲାଲ ଓରାମ ପ୍ରମୁଖ ଉପସ୍ଥିତ ଥିଲେ ।

## ସମବାୟ ମନ୍ତ୍ରୀଙ୍କ ପାଲଲହଡ଼ା ଗସ୍ତ



ପାଲଲହଡ଼ା, ୫ ।୧୦(ସମିସ): ରାଜ୍ୟ ସମବାୟ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ ଶୁକ୍ରବାର ପାଲଲହଡ଼ା ଗସ୍ତରେ ଆସି ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ । ପାଲଲହଡ଼ା ବିଧାୟକ ଅଶୋକ ମହାନ୍ତି ଏବଂ ଢେଙ୍କାନାଳ ସାଂସଦ ରୁଦ୍ରନାରାୟଣ ପାଣି ମନ୍ତ୍ରୀଙ୍କୁ ସ୍ୱାଗତ କରିବା ସହ ଅଧିଷ୍ଠାତ୍ରୀ ଦେବୀ ମା' କୁଣ୍ଢେଇବିରାଙ୍କୁ ଦର୍ଶନ କରାଇଥିଲେ । ପରେ ମନ୍ତ୍ରୀ ଚଷାଗୁରୁଜାଙ୍ଗ ଉତ୍କଳ ଆସୋସିଏସନ ସୁବର୍ଣ୍ଣ ଜୟନ୍ତୀ ଉତ୍ସବରେ ଯୋଗଦେଇଥିଲେ । ଶରତଚନ୍ଦ୍ର କ୍ଲବରେ ବିଜେପି ପକ୍ଷରୁ ଆୟୋଜିତ ମିଶ୍ରଣ ପର୍ବରେ ଯୋଗଦେଇଥିଲେ । ପରେ ମନ୍ତ୍ରୀ ଓଡ଼ଶ ଦୁର୍ଗାପୂଜା ଉତ୍ସବରେ ଯୋଗଦେଇଥିଲେ ।

## ଖଡ଼କପ୍ରସାଦ ଗ୍ରାମରେ ବିଜୟା ଦଶମୀ ଉତ୍ସବ

ବଆଁରପାଳ, ୫ ।୧୦(ସମିସ): ଖଡ଼କପ୍ରସାଦ ଗ୍ରାମରେ ବିଜୟା ଦଶମୀ ଉତ୍ସବ ପାଳନ ସହ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଛି । ମୁଖ୍ୟଅତିଥି ଭାବେ ସମାଜସେବୀ ରମେଶ ସାମଲ, ସମ୍ମାନିତ ଅତିଥି ଭାବେ ସମାଜସେବୀ ଗଙ୍ଗାଧର ସାମଲ, ପୂର୍ବତନ ଢେଙ୍କାନାଳ ବିଧାୟକ ସୁଧୀର ସାମଲ, ଯୁଗଳ ସାହୁ, ବ୍ରାହ୍ମଣୀ ଟ୍ରକ୍ ଆସୋସିଏସନ ସମ୍ପାଦକ ବିଜୟ କୁମାର ଧଳ, ବିନୋଦ ସାହୁ, ନରେନ୍ଦ୍ର ସାହୁଙ୍କ ଗ୍ରାମର ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇଥିଲେ । ଗ୍ରାମର ପାଇକ ଭାଇମାନେ ଏକତ୍ରିତ ହୋଇ ଗ୍ରାମ ପିଢ଼ରୁ ଢୋଲ ମହୁରୀ ତାଳେ ତାଳେ ପାରମ୍ପରିକ ଅସ୍ତ୍ର ଧରି ଗ୍ରାମ ପରିକ୍ରମା କରି ଦଶହରା ପଡ଼ିଆରେ ପହଞ୍ଚିଥିଲେ । ମା' ଦୁର୍ଗାଙ୍କ ନିକଟରେ ପୂଜାର୍ଚ୍ଚନା ପରେ ଖଣ୍ଡା ଖେଳ ଆରମ୍ଭ ହୋଇଥିଲା ।

## ଠିକାଦାରଙ୍କ କବ୍‌ଜାରେ ସରକାରୀ କ୍ୱାର୍ଟର୍ସ



**ଦୁଇ ବର୍ଷ ହେଲା ମାଡ଼ିବସିଛନ୍ତି**

ଅନୁଗୋଳ, ୫ ।୧୦(ସମିସ): ଠିକାଦାରଙ୍କ କବ୍‌ଜାରେ ଜନସ୍ୱାସ୍ଥ୍ୟ ବିଭାଗର କ୍ୱାର୍ଟର୍ସ । ୨ ବର୍ଷ ହେଲା ସରକାରୀ ଘର ଖାଲି କରୁନାହାନ୍ତି ଠିକାଦାର । ଅନୁଗୋଳରେ ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି । ଅନୁଗୋଳ ସହର ଜନସ୍ୱାସ୍ଥ୍ୟ ବିଭାଗ (ପିଏଚଡି)ର କ୍ୱାର୍ଟର୍ସକୁ ବର୍ଷ ବର୍ଷ ଧରି ମାଡ଼ିବସିଛନ୍ତି ଠିକାଦାର । ବିଭାଗର ଠିକାଦାରୀ ଆଳ ଦେଖାଇ ଜଣେ ଠିକାଦାର ଏହି କ୍ୱାର୍ଟର୍ସରେ ରହୁଛନ୍ତି । ସମସ୍ତଙ୍କ ଜାଣତରେ ଏହି ଜବରଦଖଲ ହୋଇଥିଲେ ବି ଅଧିକାରୀ ନିରବଦ୍ରଷ୍ଟା ସାଜିଛନ୍ତି । ଏଥିସହ ଘଟଣାକୁ ଚାପିବାକୁ ଉଦ୍ୟମ କରୁଛନ୍ତି । ମାଟିଆସାହି ନିକଟ ତାରିଣୀ ମନ୍ଦିର ପାଖରେ ରହିଛି ପିଏଚଡି ବିଭାଗର କ୍ୱାର୍ଟର୍ସ । ଏହି କ୍ୱାର୍ଟର୍ସ ଫାଟକରେ ଦିନରାତି ତାଲା ଝୁଲୁଛି । ହେଲେ ଜଣେ ଠିକାଦାର ଅବୈଧ ଭାବେ ବର୍ଷବର୍ଷ ଧରି କ୍ୱାର୍ଟର୍ସକୁ ଜବରଦଖଲ କରି ରଖିଥିବା ସୂଚନା ମିଳିଛି । ସେ ପରିବାର ସହ ଏଠାରେ ରହୁଥିବା ବେଳେ ଘଟଣାକୁ ଲୁଚାଇବା ପାଇଁ ତାଲା ପକାଉଛନ୍ତି । ପୂର୍ବରୁ ଏନେଇ ଅନେକ ଥର ଖବର ପ୍ରକାଶ ପାଇବା ପରେ ମଧ୍ୟ ବିଭାଗ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇନାହିଁ । ଅନୁଗୋଳ ସହର ଉପରେ ଦୀର୍ଘ ଦୁଇବର୍ଷ ଧରି ଜନସ୍ୱାସ୍ଥ୍ୟ ବିଭାଗର କ୍ୱାର୍ଟର୍ସ ଉପରେ କାହା ସାହସରେ ଉକ୍ତ ଠିକାଦାର ରହୁଛନ୍ତି ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି ।



## ଏସ୍‌ୟୁଜେର ଆଞ୍ଚଳିକ ସମାବେଶ ଓ ଆଲୋଚନାଚକ୍ର

# 'ବ୍ୟବସ୍ଥା ବାଟ ହୁଡ଼ିଲେ ଗଣମାଧ୍ୟମ ଲକ୍ଷ୍ମଣରେଖା ଟପିବାକୁ ବାଧ୍ୟ ହେବ'

ଷଠିପୁର, ୫।୧୦(ସମିସ)




ଦେଶର ଗଣତନ୍ତ୍ର ବାସ୍ତବରେ ତିନୋଟି ସ୍ତମ୍ଭ ଉପରେ ଦଣ୍ଡାୟମାନ। ଏହି ତିନି ସ୍ତମ୍ଭର କାର୍ଯ୍ୟଧାରାକୁ ଚତୁର୍ଥ ସ୍ତମ୍ଭର ଆଖ୍ୟା ଦିଆଯାଇଥିବା ଗଣମାଧ୍ୟମ ନିରୀକ୍ଷଣ କରିଥାଏ। ଏବେ ଗଣତାନ୍ତ୍ରିକ ବ୍ୟବସ୍ଥା ବାଟ ହୁଡ଼ୁଛି। ସର୍ବତ୍ର ବ୍ୟତିକ୍ରମ ପରିଲକ୍ଷିତ ହେଉଛି। ଆଉ ଗଣତନ୍ତ୍ରର ସୁରକ୍ଷା ନିମନ୍ତେ ଆବଶ୍ୟକ ପଡ଼ିଲେ ଗଣମାଧ୍ୟମ ତା'ର ଲକ୍ଷଣ ରେଖା ଅତିକ୍ରମ କରିବାକୁ ବାଧ୍ୟ ହେବ ବୋଲି ଷ୍ଟେଟ ୟୁନିଅନ ଅଫ୍ ଜର୍ଣ୍ଣାଲିଷ୍ଟସ (ଏସୟୁଜେ) ଓଡ଼ିଶାର ଆଞ୍ଚଳିକ ସମାବେଶରେ ବକ୍ତାମାନେ ମତବ୍ୟକ୍ତ କରିଛନ୍ତି।

ଜିଲ୍ଲା ସାମ୍ବାଦିକ ସଙ୍ଘ ପକ୍ଷରୁ ଷଠିପୁରସ୍ଥ ବିଜେବି କଲ୍ୟାଣ ମଣ୍ଡପରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲା ସଙ୍ଘ ସଭାପତି ସୁବାସ ଦାସ ଅଧ୍ୟକ୍ଷତା କରିଥିଲେ। ଅଶୋକ ଦାସ ଫାଉଣ୍ଡେସନର ମହାସଚିବ ଭବପ୍ରସାଦ ଦାସ, ଏସୟୁଜେ ଓଡ଼ିଶା ସଭାପତି କୈଳାସ ଚନ୍ଦ୍ର ନାୟକ, ବ୍ୟାସନଗରର ପୂର୍ବତନ ପୌରାଧ୍ୟକ୍ଷା ସବିତା ରାଉତ, ଜାତୀୟ ସାମ୍ବାଦିକ ୟୁନିଅନର ସାଂଗଠନିକ ସମ୍ପାଦକ ଡ଼ ଚିନ୍ତାମଣି ପାଢ଼ୀ, ରାଜ୍ୟ ସାମ୍ବାଦିକ କଲ୍ୟାଣ ପାଣ୍ଠି ଅଧ୍ୟକ୍ଷ ଗଗନ ବିହାରୀ ସାହୁ ପ୍ରମୁଖ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିବା ସଙ୍ଗେ ସଙ୍ଗେ 'ଗଣମାଧ୍ୟମର ଲକ୍ଷଣ ରେଖା' ଶୀର୍ଷକ ଆଲୋଚନାଚକ୍ରରେ ଉପରୋକ୍ତ ବକ୍ତବ୍ୟ ରଖିଥିଲେ। ପ୍ରାରମ୍ଭରେ ଜିଲ୍ଲା ସାଧାରଣ ସମ୍ପାଦକ ଅବିନେଶ୍ୱର ଶତପଥୀ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅନ୍ୟତମ ଅତିଥି ଭାବେ ରାଜ୍ୟ ଉପସଭାପତି ବାସୁଦେବ ତ୍ରିପାଠୀ, ମୁଖ୍ୟ ସଂଯୋଜକ ଶଶୀଭୂଷଣ ଷଡ଼ଙ୍ଗୀ, ଜାତୀୟ କାର୍ଯ୍ୟକାରିଣୀ ସଭ୍ୟ ପ୍ରୟାଗରାଜ କର ଓ ଦିଲ୍ଲୀପ ମିଶ୍ର ପ୍ରମୁଖ ଯୋଗଦେଇ ଆଲୋଚନା କରିଥିଲେ। ଅନ୍ୟପକ୍ଷରେ ଏହି ଆଞ୍ଚଳିକ ସମାବେଶରେ କଟକ ଜିଲ୍ଲା ସଭାପତି ରମେଶ ପ୍ରଧାନ, ଅନୁଗୋଳ ସଭାପତି ବିରଜା ଶଙ୍କର ମିଶ୍ର, ଭଦ୍ରକ ଜିଲ୍ଲା ସଭାପତି ପ୍ରତାପ ଦାସ, ପୁରୀ ଜିଲ୍ଲା ସଭାପତି ଡା କେଦାରନାଥ ମିଶ୍ର, ଜଗତସିଂହପୁର ସଭାପତି ପ୍ରଶାନ୍ତ ରାଉତ, କେନ୍ଦ୍ରାପଡ଼ା ଜିଲ୍ଲା ସଭାପତି ଦେବୋରା ଜେନା ପ୍ରମୁଖ ବକ୍ତବ୍ୟ ରଖି ରାଜ୍ୟ ସରକାରଙ୍କ ନିକଟରେ ସାମ୍ବାଦିକଙ୍କ ସର୍ବନିମ୍ନ ସମସ୍ୟାର ସମାଧାନ ପାଇଁ ରାଜ୍ୟ ସଙ୍ଘ ରାଜରାସ୍ତାକୁ ଓହ୍ଲାଇ ଆସୁ ବୋଲି ଆହ୍ୱାନ ଦେଇଥିଲେ। ସହସମ୍ପାଦକ ବିରଞ୍ଚି ନାରାୟଣ ଖୁଣ୍ଟିଆ ଧନ୍ୟବାଦ ଅର୍ପଣ କରିଥିଲେ।

## ସେବା ହିଁ ପରମ ଧର୍ମର ବାର୍ଷିକ ଉତ୍ସବ



**କୁଆଖିଆ, ୫।୧୦(ସମିସ):** ସ୍ଥାନୀୟ ଆଦମପୁରସ୍ଥ ମର୍ତ୍ତ୍ୟ ବୈକୁଣ୍ଠ ଗୋଲକ ଧାମ ପରିସରରେ ସେବା ହିଁ ପରମଧର୍ମ ସମାଜସେବୀ ଅନୁଷ୍ଠାନର ତୃତୀୟ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଅନୁଷ୍ଠାନ ସଭାପତି ଶ୍ରୀଧର ତ୍ରିପାଠୀଙ୍କ ଅଧ୍ୟକ୍ଷତା ଓ ଶିକ୍ଷାବିତ ପ୍ରଦୀପ ସାମଲଙ୍କ ସଞ୍ଚାଳନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଗୋଲକ ଧାମର ପ୍ରତିଷ୍ଠାତା ସ୍ୱାମୀ ଜିତ ମହାନନ୍ଦ ସରସ୍ୱତୀ, ସମ୍ମାନିତ ଅତିଥି ଭାବେ ଆମ ଆଶ୍ରମର ପ୍ରତିଷ୍ଠାତା ମନୋଜ ଧର, ଶିକ୍ଷାବିତ ଅମୂଲ୍ୟ ଦାସ, ପ୍ରଧାନଶିକ୍ଷକ ନୀଳମଣି ଲେଙ୍କା ଯୋଗ ଦେଇଥିଲେ। ଏ ଅବସରରେ ଡା. ନିହାର କର ଓ ଏସଆଇ ଅଶୋକ ବଳଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶିକ୍ଷକ ହିମାଂଶୁ ପାଳ, ସନ୍ତୋଷ ପାଢ଼ୀ, ଦିଲ୍ଲୀପ ରଥ, ଶିକ୍ଷାବିତ ଆଦିକନ୍ଦ ମଲ୍ଲିକ, ସମାଜସେବୀ ସରୋଜ ବେହେରା, ସଦାନନ୍ଦ ମଲ୍ଲିକ, ନାରାୟଣ ଙ୍କ, ଧରଣୀଧର ଅଚାର୍ଯ୍ୟ ଆଲୋଚନାରେ ଭାଗ ନେଇଥିଲେ। ସମ୍ପାଦକ ଅଭୟ ପାଣି ବିବରଣୀ ପାଠ କରିଥିଲେ। ଶିବାନନ୍ଦ ପଣ୍ଡା ବେଦ ପାଠ କରିଥିଲେ। ସଭ୍ୟ ପ୍ରିୟଦର୍ଶିନୀ ପାଢ଼ୀ ଅତିଥି ପରିଚୟ ପ୍ରଦାନ କରିଥିଲେ। କଳିଙ୍ଗ ବିନୟ ବରାଳ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମକୁ ଭରତ ବିଶ୍ୱାଳ, ସରୋଜ ସ୍ୱାଇଁ, ମନୋଜ ନାୟକ, ବିକ୍ରମ ବେହୁରା, ଯୁଧିଷ୍ଠିର ଦେଓ, ଷୟଧୁ ସ୍ୱାଇଁ, ସାଗର ମଲ୍ଲିକ, ସତ୍ୟରଞ୍ଜନ ପଣ୍ଡା, ବିକାଶ ଖୁଣ୍ଟିଆ ପ୍ରମୁଖ ପରିଚାଳନା କରିଥିଲେ।

## ସେନା ଅଧିକାରୀଙ୍କୁ ଜନ୍ମ ମାଟିରେ ଭବ୍ୟ ସ୍ୱାଗତ



**ବିଞ୍ଝାରପୁର, ୫।୧୦(ସମିସ):** ଅରେଇ ପଞ୍ଚାୟତ ଅଧୀନ ପୋଖରିଆପଡ଼ା ଗ୍ରାମର ପୀତାମ୍ବର ପଣ୍ଡାଙ୍କ ପୁତ୍ର ଅଶୋକ ପଣ୍ଡା ନୌସେନାର ଜଣେ ଉଚ୍ଚପଦସ୍ଥ ଅଧିକାରୀ ଥିଲେ। ୩୪ ବର୍ଷ ଧରି ସେନାରେ କାର୍ଯ୍ୟ କରି ଗତମାସ ୩୦ ତାରିଖରେ ଅବସର ନେଇଛନ୍ତି। ଅବସର ପରେ ଜନ୍ମ ମାଟି ଅରେଇକୁ ଫେରିଛନ୍ତି। ଶ୍ରୀ ପଣ୍ଡାଙ୍କୁ ସମାଜସେବୀ ରବୀନ୍ଦ୍ର ପରିଡ଼ା, ସରୋଜ ସାମଲ, ଶରତ ମିଶ୍ର, ଲକ୍ଷ୍ମୀନାରାୟଣ ବିଶ୍ୱାଳ, ସୁରେନ୍ଦ୍ର ସାମଲ, ସଞ୍ଜୟ ବିଶ୍ୱାଳ, ସୌମ୍ୟରଞ୍ଜନ ପଣ୍ଡା, ପ୍ରକାଶ ଚନ୍ଦ୍ର ମିଶ୍ର ଓ ରାଣା ପ୍ରତାପ ମହାପାତ୍ର ଗ୍ରାମବାସୀଙ୍କ ସହଯୋଗରେ ଅରେଇ ଛକରୁ ଗ୍ରାମ ଦେବତୀ ମା' ଜାଗୁଲାଇଙ୍କ ପୀଠରୁ ଶୋଭଯାତ୍ରାରେ ନେଇ ବରୁଣେଶ୍ୱରଙ୍କ ଦର୍ଶନ କରାଇ ଘରେ ଛାଡ଼ିଥିଲେ। ଏହି ଉତ୍ସବରେ ଶ୍ରୀ ପଣ୍ଡାଙ୍କ ଭଉଣୀ, ଭିଣୋଇ, ଶଶୁର, ମାମୁଁ ଦାଦାଙ୍କ ସମେତ ବାଲ୍ୟ ବନ୍ଧୁ ଓ ସରପଞ୍ଚ ଉପସ୍ଥିତ ରହିଥିଲେ।

## ଅଜାଣ ମଠ ମହନ୍ତଙ୍କ ପରଲୋକ



**ବରୀ, ୫।୧୦(ସମିସ):** ବରୀ ବ୍ଲକ ଅନ୍ତର୍ଗତ ଦକ୍ଷିଣ ସୁକଳ, ମେଦୁଆକୂଳ ଗ୍ରାମରେ ଥିବା ଅଜାଣ ମଠ (ଓଳାଶୁଣି ଗୁମ୍ଫା ମଠର ଶାଖା) ମଠାଧୀଶ ବାବା ବଳରାମ ଦାଶଙ୍କ ବୁଧବାର ୯୨ ବର୍ଷ ବୟସରେ ପରଲୋକ ହୋଇଯାଇଛି। ଦୀର୍ଘଦିନ ଧରି ସେ ଏହି ମଠର ମଠାଧୀଶ ଭାବେ ଅବସ୍ଥାପିତ ହୋଇଥିଲେ। ମଠ ପରିସରରେ ବିଭିନ୍ନ ଧର୍ମୀୟ କାର୍ଯ୍ୟକ୍ରମ କରିବା ସହ ନିଜର ସ୍ୱତନ୍ତ୍ର ବ୍ୟକ୍ତିତ୍ୱ ପାଇଁ ସ୍ଥାନୀୟ ଲୋକଙ୍କ ଅତ୍ୟନ୍ତ ନିକଟତର ହୋଇପାରିଥିଲେ। ତାଙ୍କ ପରଲୋକ ଖବର ପ୍ରଚାରିତ ହେବା ପରେ ସ୍ଥାନୀୟ ଲୋକେ ପହଞ୍ଚି ଶେଷ ଦର୍ଶନ କରିବା ସହ ତାଙ୍କ ଅମର ଆତ୍ମାର ସଦଗତି କାମନା କରିଥିଲେ। ପାର୍ଥିବ ଶରୀରକୁ ଅଣିକଣା, ବେଞ୍ଚରାପୁର, ମନ୍ଦାରୀ, ହାଟସାହି, ସୁକଳ, ମେଦୁଆକୂଳ ଓ ବ୍ରହ୍ମପୁର ଆଦି ଗ୍ରାମକୁ ଶୋଭାଯାତ୍ରାରେ ନିଆଯାଇଥିଲା। ହଜାର ହଜାର ଲୋକ ତାଙ୍କର ଶେଷ ଦର୍ଶନ କରିଥିଲେ। ଶେଷରେ ହିନ୍ଦୁ ରୀତିନୀତି ଅନୁଯାୟୀ ମଠ ପରିସରରେ ତାଙ୍କୁ ସମାଧି ଦିଆଯାଇଥିଲା।

## ବରିଷ୍ଠ ସମାଜସେବୀଙ୍କୁ ସମ୍ବର୍ଦ୍ଧନା



**ଯାଜପୁର, ୫।୧୦(ସମିସ):** ଯାଜପୁର ଜିଲ୍ଲାର ମ୍ୟୁନିସିପାଲଟି ଅଞ୍ଚଳ ୭ ନମ୍ବର ୱାର୍ଡର ଶୀତଳେଶ୍ୱର ଗ୍ରାମ୍ୟ ଉନ୍ନୟନ କମିଟି ଓ ହରପାର୍ବତୀ ପୂଜା କମିଟି ତଥା ଗ୍ରାମବାସୀଙ୍କ ମିଳିତ ସହଯୋଗରେ ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ ସଭାପତିତ୍ୱ କରିଥିଲେ ଶୀତଳେଶ୍ୱର ଗ୍ରାମ୍ୟ ଉନ୍ନୟନ କମିଟି ସଭାପତି ବିଜୟ ମହାନ୍ତି। ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ ବରିଷ୍ଠ ବିଜେଡି ନେତା କର୍ଣ୍ଣାଟକେଶରୀ ଦାସ। ସମ୍ମାନିତ ଅତିଥି ପୌରପାଳିକା ଅଧ୍ୟକ୍ଷା ରଞ୍ଜୁଲତା ହୋତା, ବରିଷ୍ଠ ସମାଜସେବୀ ରବୀନ୍ଦ୍ର ମହାନ୍ତି, ୭ ୱାର୍ଡ କାଉନସିଲର ରୁନା ବେହେରା, ବରିଷ୍ଠ ଶିକ୍ଷାବିତ୍ ଦାମୋଦର ବେହେରା ସଭା ପରିଚାଳନା କରିଥିଲେ। ସମାଜ ପାଇଁ କାମ କରିଥିବା ଓ ହରପାର୍ବତୀଙ୍କ ପୂଜାକୁ ଦୀର୍ଘ ୬୮ ବର୍ଷ ଧରି ବଞ୍ଚାଇ ରଖିଥିବା ଶୀତଳେଶ୍ୱର ଗ୍ରାମ୍ୟ ଉନ୍ନୟନ କମିଟି, ହରପାର୍ବତୀ ପୂଜା କମିଟି ଓ ଗ୍ରାମବାସୀଙ୍କ ଦ୍ୱାରା ଚୟନ ହୋଇଥିବା ୨୦ ଜଣଙ୍କୁ ମୁଖ୍ୟଅତିଥି ଶ୍ରୀ ଦାସ ସମ୍ବର୍ଦ୍ଧିତ କରିଥିଲେ। ପୂର୍ବତନ ବରିଷ୍ଠ ସାମ୍ବାଦିକ ତଥା ସମାଜସେବୀ ହୃଷିକେଶ ମହାପାତ୍ର, ପୂର୍ବତନ କାଉନସିଲର ନବକିଶୋର ଦଳାଇ, ବରିଷ୍ଠ ସମାଜସେବୀ ରବୀନ୍ଦ୍ର ମହାନ୍ତି, ଚିନ୍ତାମଣି ପହି, ପୂର୍ବତନ କାଉନସିଲର ଦାମୋଦର ଦଳାଇ, ପୁରୁଷୋତ୍ତମ ମିଶ୍ର, ଜୟକୃଷ୍ଣ ମହାନ୍ତି, ନନ୍ଦକିଶୋର ଦଳାଇ, ମହେନ୍ଦ୍ର ବେହେରା, ସୁବାସ ରାଉତ, ରାମଚନ୍ଦ୍ର ଦାସ, ଅଦୈତ୍ୟ ରାୟ, ରାଜକିଶୋର ଦାସ, ଅନନ୍ତ ପାତ୍ର, ଉପେନ୍ଦ୍ର ବେଦୀ, ସନାତନ ଦଳାଇ, ବାସୁଦେବ ପାଣି, ହରି ଦଳାଇ, ବିଜୟ ମହାନ୍ତି, ବନମାଳୀ ଦଳାଇ ଓ ବିଶିଷ୍ଟ ଶିକ୍ଷାବିତ୍ ଦାମୋଦର ବେହେରାଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା। ଗ୍ରାମ୍ୟ ଉନ୍ନୟନ କମିଟି ସହସମ୍ପାଦକ ନିକୁଞ୍ଜ ସାମଲ, କୋଷାଧ୍ୟକ୍ଷ ବିଜୟ ଦଳାଇ, ହରିହର ମହାପାତ୍ର, ସରିତ ଦାସ, ଭାରତ ବେହେରା, କପିଳେନ୍ଦ୍ର ଦଳାଇ, ଉପେନ୍ଦ୍ର ଦଳାଇ, ଜୟଦେବ ବେହେରା, କଳିଙ୍ଗ ମହାନ୍ତି, ଅଜୟ ବେହେରା, ବସନ୍ତ ପତି, ଅଜୟ ଦଳାଇ, ସନ୍ତୋଷ ପତି, ଗୋବିନ୍ଦ ଦଳାଇ ପ୍ରମୁଖ ଯୋଗ ଦେଇଥିଲେ। ବିଜୟ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

## ଭାରସାମ୍ୟ ହରାଇ ୩୦ ଫୁଟ ତଳକୁ ଖସିଲା କାର୍



**କବାଟବନ୍ଧ, ୫।୧୦(ସମିସ):** ଧର୍ମଶାଳା ବ୍ଲକ ଅନ୍ତର୍ଗତ ଜେନାପୁର ଥାନା ଅଧୀନ ଘାଷିବର ନିକଟରେ ଭାରସାମ୍ୟ ହରାଇ ଏକ କାର ଦୁର୍ଘଟଣାଗ୍ରସ୍ତ ହୋଇଥିବା ଜଣାପଡ଼ିଛି। ତେବେ କାର୍‌ରେ ଥିବା ସମସ୍ତ ଯାତ୍ରୀ ସୁରକ୍ଷିତ ଥିବା ସୂଚନା ମିଳିଛି। ରବିବାର ଅପରାହ୍ନରେ ଜାରକା-କବାଟବନ୍ଧ ନଦୀବନ୍ଧ ରାସ୍ତାରେ ଏକ କାର୍ ଯାଉଥିବା ସମୟରେ ଘାସିବର ବ୍ରିଜ ବୁଲାଣି ଥିବାରୁ କୌଣସି କାରଣରୁ ଭାରସାମ୍ୟ ହରାଇଥିଲା। ଫଳରେ କାର୍‌ଟି ବ୍ରିଜ୍‌ର ପ୍ରାୟ ୩୦ ଫୁଟ ତଳକୁ ଖସିଯାଇଥିଲା। ସ୍ଥାନୀୟ ଲୋକଙ୍କ ସହାୟତାରେ ଯାତ୍ରୀଙ୍କୁ ସୁରକ୍ଷିତ ଉଦ୍ଧାର କରାଯାଇଥିଲା।

## ବାଇକ୍ ଚୋରି ଅଭିଯୋଗରେ ଯୁବକ ଗିରଫ

**ବ୍ୟାସନଗର, ୫।୧୦(ସମିସ):** ଯାଜପୁରରୋଡ୍ ଆଦର୍ଶ ଥାନା ପୁଲିସ ଏକ ବାଇକ୍ ଚୋରି ମାମଲାର ତଦନ୍ତ କରି ଜଣେ ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଛି। ଚଳିତ ମାସ ୩ ତାରିଖ ଦିନ ୨ଟା ସମୟରେ କୋରେଇ ଥାନା ବରୁଣ୍ଡେଇ ଗ୍ରାମର ପ୍ରହଲାଦ ଜେନା ଯେ କି ରିଲାଏନ୍ସରେ ଡେଲିଭରି ବୟ ଭାବେ କାମ କରନ୍ତି। ରାଇସ ମିଲ ଦୁର୍ଗା ମଣ୍ଡପ ନିକଟରୁ ତାଙ୍କ ବାଇକ୍ ଚୋରି ହୋଇଥିବା ନେଇ ଯାଜପୁରରୋଡ୍ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତି କରି ୫୮୬/୨୫ରେ ଏକ ମାମଲା ରୁଜୁ କରାଯାଇଥିଲା। ଥାନାଧିକାରୀ ଆଶିଷ ସାହୁଙ୍କ ନିର୍ଦ୍ଦେଶରେ ଏସଆଇ ଲିଙ୍ଗରାଜ ବେହେରା ତଦନ୍ତ କରି ଜେନାପୁର ଥାନା ବାଲିସାହି ଅଞ୍ଚଳର ଚଗଲି ଜେନା ବାଇକ୍ ଚୋରି କରିଥିବା ଜାଣିବାକୁ ପାଇଥିଲେ। ଶ୍ରୀ ବେହେରା ଚଗଲିକୁ ଗିରଫ କରିଥିଲେ। ଅଭିଯୁକ୍ତ ଚଗଲି ନାମରେ କଟକ, ଢେଙ୍କାନାଳ, ଯାଜପୁର, କେନ୍ଦୁଝର ଜିଲ୍ଲାରେ ୨୨ରୁ ଊର୍ଦ୍ଧ୍ୱ ମାମଲା ରହିଛି। ଏ ନେଇ ଅଧିକ ତଦନ୍ତ ଚାଲିଥିବାବେଳେ ଏହା ପଛରେ ଏକ ବଡ଼ ସିଣ୍ଡିକେଟ କାମ କରୁଥିବା ଥାନାଧିକାରୀ ଆଶିଷ ସାହୁ ସୂଚନା ଦେଇଛନ୍ତି। ରବିବାର ଚଗଲିର ଡାକ୍ତରୀ ପରୀକ୍ଷା ପରେ କୋର୍ଟ ଚାଲାଣ କରାଯାଇଛି।

## ଉଦୟଭାନୁ ସାହିତ୍ୟ ସଂସଦ ପକ୍ଷରୁ ଚାରାରୋପଣ



**ପ୍ରୀତିପୁର, ୫।୧୦(ସମିସ):** ବିଞ୍ଝାରପୁର ବ୍ଲକର ରାହାସ ଗୁହାଳି ଗ୍ରାମର ଅଗ୍ରଣୀ ସାହିତ୍ୟ ସଂସ୍କୃତି ଅନୁଷ୍ଠାନ ଉଦୟଭାନୁ ସାହିତ୍ୟ ସଂସଦ ପକ୍ଷରୁ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସ୍ୱପ୍ନେଶ୍ୱର ମନ୍ଦିର ପରିସରରେ ସଭାପତି ବ୍ରଜସୁନ୍ଦର ସାମଲ ଓ ସମ୍ପାଦକ ସୁରେନ୍ଦ୍ର ପତିଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଚାରାରୋପଣ କାର୍ଯ୍ୟକ୍ରମରେ ପ୍ରମୋଦ ସାମଲ, ବିଷ୍ଣୁଚରଣ ସାମଲ, ପ୍ରଫୁଲ୍ଲ ବେହେରା, ନରେନ୍ଦ୍ର ବାରିକ, ଧନେଶ୍ୱର ଦାସ, ଶ୍ରୀଧର ସାହୁ, ରାମଚନ୍ଦ୍ର ନାୟକ, ନିରଞ୍ଜନ ପାତ୍ର, ହେମନ୍ତ ସାମଲ, ସରୋଜ ମଲ୍ଲିକ, ରବୀନ୍ଦ୍ର ସାମଲ, ଅକ୍ଷୟ ସେଠୀ, ଭାରତ ଭୂଷଣ ମଲ୍ଲିକ, ନିରଞ୍ଜନ ସାମଲ ପ୍ରମୁଖ ସାମିଲ ଥିଲେ।

## ଶିଶୁ ଶ୍ରମିକ ରଖିଥିବା ପ୍ରଧାନଶିକ୍ଷୟିତ୍ରୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଶୂନ୍

# ଥାନା ଓ ବିଇଓ ଅଫିସ ଘେରିବେ ସେଚ୍ଛାସେବୀ ସଂଗଠନ

**ଯାଜପୁର, ୫।୧୦(ସମିସ):** କଳିଙ୍ଗନଗର ଥାନା ଅନ୍ତର୍ଗତ ଗୋବରଘାଟୀ ପଞ୍ଚାୟତ ତଥା ସୁକିନ୍ଦା ବ୍ଲକ ଶିକ୍ଷା କାର୍ଯ୍ୟାଳୟ ଅଧୀନସ୍ଥ ଷୋଳମାଣିଆ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ଶିଶୁ ଶ୍ରମିକ ଘଟଣାରେ ଶିକ୍ଷା ବିଭାଗ ଓ କଳିଙ୍ଗନଗର ଥାନା ପୁଲିସ ପକ୍ଷରୁ ଶିକ୍ଷୟିତ୍ରୀଙ୍କ ବିରୁଦ୍ଧ ଏଯାବତ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନି। ଗତ ଅଗଷ୍ଟ ୨୫ ତାରିଖରେ ଶ୍ରମ ବିଭାଗ, ଚାଇଲ୍ଡଲାଇନ ଓ ପୁଲିସ ମିଳିତ ଟିମ ଏହି ଶିକ୍ଷୟିତ୍ରୀଙ୍କ ଘରୁ ଜଣେ ଶିଶୁ ଶ୍ରମିକ ଉଦ୍ଧାର କରିଥିଲେ। ଏହି ଘଟଣାରେ କଳିଙ୍ଗନଗର ଥାନାରେ ଶିଶୁ ସୁରକ୍ଷା ୟୁନିଟ ପକ୍ଷରୁ ଏକ ରିପୋର୍ଟ ହୋଇଥିଲା। ପୁଲିସ ଗତ ସେପ୍ଟେମ୍ବର ୧୬ ତାରିଖରେ ଏତଲା ପଞ୍ଜିକୃତ କରିଥିଲା। ସାମ୍ବିଧାନିକ ଅଧିକାର ଧାରା-୨୪ ଉଲ୍ଲଙ୍ଘନକୁ ନେଇ ଶିଶୁ ଶ୍ରମିକ ଆଇନ, ବନ୍ଧୁଆ (ଶିଶୁ) ଶ୍ରମିକ ଆଇନ ଓ ଶିଶୁ ଯତ୍ନ ଓ ସୁରକ୍ଷା ଆଇନ ପରି ବିଭିନ୍ନ ଆଇନ ଉଲ୍ଲଙ୍ଘନ ନେଇ ବିଭିନ୍ନ ଦଫା ଲଗାଇଥିଲା। ଅପରପକ୍ଷେ ଶିଶୁ ଅଧିକାର କର୍ମୀ ଅଭିଯୁକ୍ତ ପ୍ରଧାନ ଶିକ୍ଷୟିତ୍ରୀ ଶିଶୁ ଶ୍ରମିକ ରଖିବା ଘଟଣାକୁ ନେଇ ମଣ୍ଡଳ ଶିକ୍ଷା ଅଧିକାରୀଙ୍କୁ ଅବଗତ କରାଇଥିଲେ। ମାତ୍ର ଏଯାବତ ନା ପୁଲିସ ପ୍ରଶାସନ ପକ୍ଷରୁ ନା ମଣ୍ଡଳ ଶିକ୍ଷା ଅଧିକାରୀଙ୍କ ପକ୍ଷରୁ ଅଭିଯୁକ୍ତ ଶିକ୍ଷୟିତ୍ରୀ ବିରୁଦ୍ଧରେ କୌଣସି କାର୍ଯ୍ୟାନୁଷ୍ଠାନ କରାଯାଇନି। ଯାହାକି ଶିଶୁ ଅଧିକାର ବିରୁଦ୍ଧରେ ଲଢେଇ କରୁଥିବା ସମାଜସେବୀ ଓ ସଙ୍ଗଠନଙ୍କୁ ଆଶ୍ଚର୍ଯ୍ୟ କରିଛି। ତୁରନ୍ତ ଏହି ଶିକ୍ଷୟିତ୍ରୀଙ୍କ ବିରୁଦ୍ଧରେ ଉପଯୁକ୍ତ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କଲେ ମାସୁମ ଗ୍ରୁପ, ଟିକିଏ ହସ ଫାଉଣ୍ଡେସନ ପରି ବହୁ ସଂଗଠନ ପକ୍ଷରୁ ଆନ୍ଦୋଳନ କରାଯିବା ନେଇ ଚେତାବନୀ ଦିଆଯାଇଛି। ଏ ସମ୍ପର୍କରେ କଳିଙ୍ଗନଗର ଥାନା ଅଧିକାରୀଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ କୌଣସି ପ୍ରତିକ୍ରିୟା ମିଳିପାରିନାହିଁ।

## ଗୋରୁ ବୋଝେଇ ସନ୍ଦେହରେ କଣ୍ଟେନର ଅଟକାଇ ଥାନା ଜିମାଦେଲେ ସ୍ଥାନୀୟ ଯୁବକ

**ଧର୍ମଶାଳା, ୫।୧୦(ସମିସ):** ଧର୍ମଶାଳା ଥାନା ଅନ୍ତର୍ଗତ ୫୩ନଂ ଜାତୀୟ ରାଜପଥରେ ଯାଉଥିବା ଏକ କଣ୍ଟେନରରେ ଗୋରୁ ବୋଝେଇ ହୋଇଥିବା ସନ୍ଦେହ କରି ଆରୁହା ଛକ ନିକଟରେ ସ୍ଥାନୀୟ ଅଞ୍ଚଳର କେତେକ ଯୁବକ ଅଟକାଇ ପୁଲିସ ଜିମାଦେଇଥିବା ଜଣାପଡ଼ିଛି। ଥାନାରେ ପୁଲିସ ଗାଡିର ଚାବି ଖୋଲି ଭିତରେ ତାଲାସି କରିଥିଲା। ତେବେ ଏହି କଣ୍ଟେନରରୁ କେବଳ ଲୁହା ସାମଗ୍ରୀ ବାହାରିଥିଲା। ଉକ୍ତ କଣ୍ଟେନରଟି କଳିଙ୍ଗନଗରସ୍ଥ ଜିନ୍ଦଲ କାରଖାନାକୁ ଯାଉଥିବା ଜଣାପଡ଼ିଛି। ପରେ ପୁଲିସ କଣ୍ଟେନର ଗାଡ଼ିକୁ ଛାଡ଼ିଦେଇଥିବା ଜଣାପଡ଼ିଛି।



# ଦୁର୍ଗାବାହିନୀର ଶକ୍ତିଯାତ୍ରା ଓ କନ୍ୟା ପୂଜନ

ବରୀ, ୫।୧୦(ସମିସ)




ବରୀ ପ୍ରଖଣ୍ଡ ବିଶ୍ୱହିନ୍ଦୁ ପରିଷଦ ପକ୍ଷରୁ ଦୁର୍ଗା ବାହିନୀ ଓ ମାତୃଶକ୍ତି ସ୍ଥାପନା ଦିବସ ଉପଲକ୍ଷେ ଧ୍ୱଜା ଅବତରଣ, ଅସ୍ତ୍ରଶସ୍ତ୍ର ପୂଜନ ଓ କନ୍ୟା ପୂଜନ ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ଯାଜପୁର ଜିଲ୍ଲାର ବିଭିନ୍ନ ପ୍ରାନ୍ତରୁ ଆସିଥିବା ମାତୃଶକ୍ତିର କାର୍ଯ୍ୟକର୍ତ୍ତା ଦୁର୍ଗା ବାହିନୀର ସ୍ୱୟଂ ସେବିକା, ବିଶ୍ୱହିନ୍ଦୁ ପରିଷଦ ଓ ବଜରଙ୍ଗ ଦଳ କାର୍ଯ୍ୟକର୍ତ୍ତାଙ୍କ ଦ୍ୱାରା ବୁଢ଼ା ଗୋସାଇଁ ମନ୍ଦିର ପ୍ରାଙ୍ଗଣରେ ଧ୍ୱଜା ସ୍ଥାପନ କରାଯାଇ ଦୁର୍ଗା ବାହିନୀ ଭଉଣୀଙ୍କ ଦ୍ୱାରା ଅସ୍ତ୍ର ଶସ୍ତ୍ର ଧାରଣ ପୂର୍ବକ ପଥପ୍ରାନ୍ତ ସଞ୍ଚାଳନ ଶକ୍ତିଯାତ୍ରା ବୁଢ଼ା ଗୋସାଇଁ ମନ୍ଦିରରୁ ଆରମ୍ଭ ହୋଇ କୃପାସିନ୍ଧୁ ବିଦ୍ୟାପୀଠରେ ଧ୍ୱଜା ଅବତାରଣ ସହିତ ଏକ ସାଧାରଣ ସଭା ଅନଷ୍ଠିତ ହୋଇଥିଲା। ଦୁର୍ଗା ବାହିନୀର ରାଷ୍ଟ୍ରୀୟ ସଂଯୋଜିକା ସୁଶ୍ରୀ ପ୍ରଜ୍ଞା ପରମିତା ମାହାଲା କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ମାତୃଶକ୍ତି ସଂଗଠନର ପ୍ରଣତୀ ସାହୁ, ଜିଲ୍ଲା ମାତୃଶକ୍ତି ସଂଯୋଜିକା ଗୀତାଞ୍ଜଳି ମିଶ୍ର, କଲ୍ୟାଣୀ କର, ଟିକିଲତା ବେହେରା, ଦୁର୍ଗା ବାହିନୀର ସଂଯୋଜିକା ସିପ୍ରା ରାଉତ, କେନ୍ଦ୍ରାପଡ଼ା ଜିଲ୍ଲା ବଜରଙ୍ଗ ଦଳ ସଂଯୋଜକ ଚନ୍ଦ୍ରକାନ୍ତ କର, ବିଶ୍ୱହିନ୍ଦୁ ପରିଷଦ ଜିଲ୍ଲା ସଭାପତି ସମୀର ନାୟକ, ସମ୍ପାଦକ ରାଜକିଶୋର ମଲ୍ଲିକ, ସାଂସଦ ଡକ୍ଟର ରବୀନ୍ଦ୍ର ବେହେରା, ପୂର୍ବତନ ବିଧାୟକା ସୁନନ୍ଦା ଦାସ ପ୍ରମୁଖ ଭାଗ ନେଇଥିଲେ। ବିଶ୍ୱ ହିନ୍ଦୁ ପରିଷଦ ବରୀ ପ୍ରଖଣ୍ଡ ସମ୍ପାଦକ କବୀର ଦାସ ଅତିଥି ପରିଚୟ ପ୍ରଦାନ କରିଥିଲେ। ସଭାପତି ବିଶ୍ୱନାଥ ତ୍ରିପାଠୀ ଧନ୍ୟବାଦ୍ ଅର୍ପଣ କରିଥିଲେ। ରୋଜାଲିନ ନାୟକ ମଞ୍ଚ ପରିଚାଳନା କରିଥିଲେ। ଚିତ୍ତରଞ୍ଜନ ପରିଡ଼ା, ସୋମନାଥ ସାହୁ, ରଞ୍ଜନ ସାହୁ, ରାକେଶ ସାମଲ, ରବୀନ୍ଦ୍ର ଜେନା, ଜଗନ୍ନାଥ ସାହୁ, ଶ୍ରୀକାନ୍ତ ଦାସ ସହଯୋଗ କରିଥିଲେ।




● ୨ଟି ଗୃହର ତାଲା ଭାଙ୍ଗି ଚୋରି

# ଚୋରଙ୍କୁ ଧରିବାରେ ପୁଲିସ ବିଫଳ

ଜୟପୁର,୫ ।୧୦(ସମିସ): ଜୟପୁର ସହରର ଦୁଇଟି ଗୃହର ତାଲା ଭାଙ୍ଗି ଚୋରି ହୋଇଥିବା ଅଭିଯୋଗ ହୋଇଛି। ପ୍ରଥମ ଘଟଣାରେ ସ୍ଥାନୀୟ ଡଙ୍ଗାଗୁଡା ଅଞ୍ଚଳର ଯଶବନ୍ତ ନାୟକଙ୍କ ଗୃହରେ କିଏ ନଥିବା ସୁଯୋଗ ନେଇ ଦୁର୍ବୃତ୍ତ ଘରର ତାଲା ଭାଙ୍ଗି ଚୋରି କରିନେଇଛନ୍ତି। ଏହିପରି ଗୃହ ଭିତରେ ରହିଥିବା ଆଲମାରୀ ଭାଙ୍ଗି ୨ ତୋଳା ସୁନା, ଦେଢଲକ୍ଷ ଟଙ୍କା ନଗଦ ଚୋରି ହୋଇଥିବା ନେଇ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୁଲିସ ଏକ ମାମଲା ରୁଜୁ କରିବା ସହ ତଦନ୍ତ ଆରମ୍ଭ କରିଛନ୍ତି। ସେହିପରି ସ୍ଥାନୀୟ ଗ୍ଲୋକାଲ ଚିକିତ୍ସାଳୟ ସମ୍ମୁଖରେ ଥିବା ହନୁମାନ ନଗରରେ ଗତକାଲି ରାତି ଦୁର୍ବୃତ୍ତମାନେ ଘର ତାଲ ଭାଙ୍ଗି ଘରେ ଥିବା ଆଲମାରୀରୁ ଟଙ୍କ ସୁନା ଚୋରି କରିଥିବା ନେଇ ଅଭିଯୋଗ ହୋଇଛି। ହନୁମାନ ନଗର ତୃତୀୟ ଲାଇନରେ ବାସିନ୍ଦା ବିଧବା ମହିଳା ସରକାରୀ କର୍ମଚାରୀ ଭାବେ କାର୍ଯ୍ୟରତ ଶାନ୍ତି ବେବର୍ତ୍ତା ଘରେ ତାଲା ଦେଇ ନିଜ ଝିଅ ଘର ଉମରକୋଟ ଯାଇଥିବା ସମୟରେ ଗତକାଲି ରାତି କିଛି ଦୁର୍ବୃତ୍ତ ଗୃହରେ ତାଲା ଭାଙ୍ଗି ପ୍ରବେଶ କରିବା ସହ ଦେଢ ତୋଳା ଓଜନର ସୁନା ଅଳଙ୍କାର ଓ ଶାଢି ଗୁଡିକ ଚୋରିକରିଥିବାନେଇଅଭିଯୋଗହୋଇଛି। ଆଜି ସନ୍ଧ୍ୟାରେ ଅଭିଯୋଗକାରିଣୀ ଟାଉନ ଥାନାରେ ଅଭିଯୋଗ କରିଛନ୍ତି। ସେହିପରି ଗତ ୩ ତାରିଖରେ ସେହିପରି ତୃତୀୟ ଲାଇନର ଅନ୍ୟଏକ ଘରୁ ତାଲା ଭାଙ୍ଗି ୨ଟି ଟିଭି ଚୋରି ହୋଇଥିବା ନେଇ ଅଭିଯୋଗ ହୋଇଛି। ଏହିପରି ଜୟପୁର ସହରରେ ଚୋର ମାନେ ଚୋରି କରିବା ସହ ସେମାନଙ୍କ ପ୍ରାଦୁର୍ଭାବ ବୃଦ୍ଧି କରୁଥିବା ବେଳେ ପୁଲିସ କାବୁ କରିବାରେ ବିଫଳ ହୋଇଛନ୍ତି ବୋଲି ସାଧାରଣରେ ଅଭିଯୋଗ ହୋଇଛି। ଏହିପରି କାଁ ଭାଁ ଦୁର୍ବୃତ୍ତମାନଙ୍କୁ ପୁଲିସ ଗିରିଫ କରିବା ସହ କୋର୍ଟ ଚାଲାଣ କରୁଛନ୍ତି। କିନ୍ତୁ ଅଧିକାଂଶ ମାମଲାରେ ଚୋରି ସାମଗ୍ରୀ ଉଦ୍ଧାର କରିବାରେ ବିଫଳ ହେଉଛି।

# ଭାଇ ଜିଉଁତିଆ ପୂଜା

# ହାତରେ ଡୋରି ବାନ୍ଧିଲେ ଭଉଣୀ



ଚନ୍ଦାହାଣ୍ଡି,୫।୧୦(ସମିସ): ନବରଙ୍ଗପୁର ଜିଲ୍ଲା ଚନ୍ଦାହାଣ୍ଡି ବ୍ଲକର ସମସ୍ତ ଗ୍ରାମରେ ଭାଇ ଜିଉଁତିଆ ପୂଜା ନବମୀ ଓ ଦଶମୀରେ ଭଉଣୀ ମାନଙ୍କ ଦ୍ୱାରା ଅନୁଷ୍ଠିତ ହୋଇଥିଲା। ଭାଇଙ୍କ ମଙ୍ଗଳ କାମନା କରି ଏହି ଅନନ୍ୟ ସାଂସ୍କୃତିକ ପରମ୍ପରା ପାଳନ ହେଉଛି। ଚନ୍ଦାହାଣ୍ଡି ଅଞ୍ଚଳର ପୁରପଲ୍ଲୀରେ ଏହି ପୂଜାରେ ଭଉଣୀମାନେ ନିଜ ଭାଇଙ୍କ ଦୀର୍ଘାୟୁ ଓ ସୁରକ୍ଷା ପାଇଁ ନବରାତ୍ରିର ନବମୀ ଓ ଦଶମୀ ତିଥିରେ ଏହି ବିଶେଷ ବ୍ରତ ପାଳନ କରନ୍ତି। ପ୍ରତ୍ୟେକ ବର୍ଷର ଦଶହରାର ଦଶମୀରେ ସକାଳରୁ ନିର୍ଜଳ ଉପବାସ ରହି, ଫୁଲ ଓ ଫଳ ସଂଗ୍ରହ କରନ୍ତି। ସନ୍ଧ୍ୟା ସମୟରେ ଘରକୁ ଫେରି, ସେମାନେ ବିଭିନ୍ନ ଶସ୍ୟ ଗଜା ନଅ ଦିନରୁ ଲଗାଇଥିବା ଗଛକୁ ପୂଜା କରନ୍ତି। ଏହି ପୂଜା ସମୟରେ ପୁରାଣ ଗୀତ ଗାଇବା ଓ ଗାଁ ବାସୀଙ୍କ ସହ ଜୁହାର ଆଦାନ-ପ୍ରଦାନ ହୁଏ। ପରଦିନ ଭୋରରେ ଉଠି, ନିଜ ଗାଁର ନଦୀ କୂଳରେ ଭାଇଙ୍କୁ ପୂଜା କରି ଫଳ, ମୂଳ ଓ ପ୍ରସାଦ ଦେଇ ପୂଜା କରିଥିବା ମଙ୍ଗଳ କାମନା କରି ଡୋରିକୁ ଭାଇଙ୍କ ବାହୁରେ ବାନ୍ଧିଦିଅନ୍ତି। ଏହି ପୂଜାରେ ଛୋଟ ବାଳିକାଙ୍କ ଠାରୁ ଆରମ୍ଭ କରି ବିବାହ ପର୍ଯ୍ୟନ୍ତ ଭଉଣୀମାନେ ନିଜ ଭାଇଙ୍କ ପାଇଁ ଏହା ପାଳନ କରନ୍ତି। ଏହା ଆମର ପାରିବାରିକ ବନ୍ଧନକୁ ଅଧିକ ମଜବୁତ କରେ। ପାନାବେଡା ଅଞ୍ଚଳର ଏହି ପରମ୍ପରାରେ ଏବଂ ପୂଜା ପାଇଁ ଅନେକ କୁଆଁରୀ ଝିଅ ମାନେ ଅଂଶଗ୍ରହଣ କରିଛନ୍ତି। ପୂଜା ପରେ ରାତ୍ରିରେ ମନୋରଞ୍ଜନ ପାଇଁ ପ୍ରତେକ ଗ୍ରାମରେ ଘୁମୁରା, ନାଟକ ଏବଂ ନୃତ୍ୟ ପ୍ରତିଯୋଗିତା ଭଳି ବିଭିନ୍ନ ପ୍ରକାରର ସଂସ୍କୃତିକ କାର୍ଯ୍ୟକ୍ରମ ମାନ ଆୟୋଜନ କରାଯାଇଥିଲା।

# ରାସ୍ତା କଡ଼ ଲଟାବୁଦା ସଫାକଲେ ଯୁବଗୋଷ୍ଠୀ



ଚନ୍ଦାହାଣ୍ଡି,୫।୧୦(ସମିସ): ନବରଙ୍ଗପୁର ଜିଲ୍ଲା ଚନ୍ଦାହାଣ୍ଡି ବ୍ଲକ ଅନ୍ତର୍ଗତ ଗମ୍ଭାରୀଗୁଡା ପଞ୍ଚାୟତର ଯୁବ ଗୋଷ୍ଠୀ ଦ୍ୱାରା ମୋତିଗାଁ-ଫୁଣ୍ଡେଲପଡା ସମେତ ପଞ୍ଚାୟତର ଅନ୍ୟ ସବୁ ରାସ୍ତା କଡ଼କୁ ସଫା କରାଯାଇଛି। ରାସ୍ତା କଡ଼ ଲଟାବୁଦା ଦ୍ୱାରା ରାସ୍ତା ସମ୍ପୂର୍ଣ୍ଣ ଭାବେ କବଳିତ ହୋଇଯାଇଥିଲା। ଏହାଦ୍ୱାରା ରାସ୍ତା ଅଣଓସାରିଆ ହେବା ସହ ଦୂରରୁ ଦୁଇଚକିଆ କିମ୍ବା ଚାରି ଚକିଆ ଯାନ ଯିବାଆସିବା ଦେଖା ନଯିବା କାରଣରୁ ବିଭିନ୍ନ ସମୟରେ ସଡ଼କ ଦୁର୍ଘଟଣା ଘଟୁଥିବା ନଜିର ରହିଛି। ଏହି ସମସ୍ୟାର ସମାଧାନ ପାଇଁ ପ୍ରଶାସନକୁ ଜଣାଇଲେ ହେଁ ଏଯାବତ୍ କୌଣସି ପଦକ୍ଷେପ ନ ନେବାରୁ ପଞ୍ଚାୟତର ଯୁବଗୋଷ୍ଠୀ ସମୂହ ଏକତ୍ରିତ ହୋଇ ପଞ୍ଚାୟତର ବିଭିନ୍ନ ଲଟାବୁଦା ଦ୍ୱାରା ଆବଦ୍ଧ ରାସ୍ତାର ଉଭୟ ପାଶ୍ୱର୍କୁ ସଫା କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଯୋଗେନ୍ଦ୍ର ବେଶ୍ରା, ମୁକେଶ ନାୟକ, ଦିବାକର ନାୟକ, ସୌରୀରଞ୍ଜନ ସାହୁ, ମୋତିଲାଲ ସାହୁ, ଟେକଧର ନାୟକ, ନେପାଳ ଗୌଡ଼, ମହେଶ୍ୱର ତୋଲଟିଆ, ତପେଶ୍ୱର ଗୌଡ଼, ଲମ୍ବୋଧର ନାୟକ, ଭାଗିରଥି ଗୌଡ଼, ସୁଦର୍ଶନ ଗୌଡ଼, ଶ୍ରୀଧର ଗୌଡ଼ ପ୍ରମୁଖଙ୍କ ସମେତ ଗମ୍ଭାରୀଗୁଡା ପଞ୍ଚାୟତର ଯୁବଗୋଷ୍ଠି ଉପସ୍ଥିତ ରହି ସହଯୋଗ କରିଥିଲେ।

# ଓସିଏସ୍‌ରେ ସଫଳ ୩ ଜଣଙ୍କୁ ସମ୍ବର୍ଦ୍ଧନା



ସେମିଲିଗୁଡ଼ା, ୫।୧୦ (ସମିସ): କୋରାପୁଟ ଜିଲ୍ଲାର ସେମିଲିଗୁଡା ବିକାଶ ପରିଷଦ ତରଫରୁ ନିକଟରେ ଓଡ଼ିଶା ପ୍ରଶାସନିକ ପରୀକ୍ଷାରେ କୃତକାର୍ଯ୍ୟ ତିନିଜଣ ଯୁବକ ଯୁବତୀଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ସେମାନେ ହେଲେ ଅଭିଷେକ ବାବୁ ପେଟିଆ, ପୂଜା ଯୋଷୀ, ସୌମ୍ୟରଞ୍ଜନ ସାହୁ। ତନ୍ମଧ୍ୟରୁ ପୂଜା ଭିନ୍ନକ୍ଷମ ହୋଇ ମଧ୍ୟ ନିଜ ଅଧ୍ୟବସାୟ ବଳରେ କୃତକାର୍ଯ୍ୟ ହୋଇ ପାରିଛନ୍ତି। ତିନିଜଣଙ୍କୁ ବିକାଶ ପରିଷଦ ସଦସ୍ୟମାନେ ଉପଢୌକନ ଓ ଗଛଟିଏ ଲେଖାଏଁ ଉପହାର ସ୍ୱରୂପ ପ୍ରଦାନ କରାଯାଇଥିଲା। ପରିଷଦର ଉପଦେଷ୍ଟା ବରିଷ୍ଠ ଶିକ୍ଷାବିତ ଡକ୍ଟର ଚିତ୍ତରଞ୍ଜନ ମିଶ୍ର ,କାର୍ଯ୍ୟକାରୀ ସଭାପତି ରାଜେନ୍ଦ୍ର କୁମାର ପାତ୍ର, ସାଂଗଠନିକ ସଂପାଦିକା ସ୍ନିଗ୍ଧାରାଣୀ ମିଶ୍ର , ଉପ ସଭାପତି ଅନନ୍ତ ରାମ ମାଟାମନିଜ ନିଜର ବକ୍ତବ୍ୟ ପ୍ରଦାନ କରି ସେମାନଙ୍କୁ ଉତ୍ସାହିତ କରିଥିଲେ। ସାଧାରଣ ସମ୍ପାଦକ ଅଜୟ କୁମାର ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କୃତକାର୍ଯ୍ୟ ହୋଇଥିବା ପିଲାମାନଙ୍କ ପରିବାର ସଦସ୍ୟ ଉପସ୍ଥିତ ଥିଲେ ଓ ପରିଷଦର ଏତାଦୃଶ ପ୍ରଶଂସନୀୟ କାର୍ଯ୍ୟକୁ ସ୍ୱାଗତ କରିଥିଲେ। ଭବିଷ୍ୟତରେ ଓଡିଶାର ବିକାଶ ପାଇଁ କାର୍ଯ୍ୟ କରିବେ ବୋଲି ଅଭିଷେକ,ସୌମ୍ୟରଞ୍ଜନ ଓ ପୂଜା କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଓମ୍ ଶାନ୍ତି ପରିବାରର ଭଉଣୀମାନେ ବରିଷ୍ଠ ସାମ୍ବାଦିକ ମନୋଜ ପଟ୍ଟନାୟକ, କୃତ୍ତିବାସ, ପୁରେନ୍ଦ୍ର ବାରିକ, ଶେଖ ଇବ୍ରାହିମ ଓ ବହୁ ବୁଦ୍ଧିଜିବୀ ଉପସ୍ଥିତ ଥିଲେ।

● ଡ୍ରାଇଭରଙ୍କୁ ସୁରକ୍ଷା ସହ ସମ୍ମାନ ଦାବି

# ତାମିଲନାଡୁ ଅଟୋ ଡ୍ରାଇଭରଙ୍କ ଅଲ୍‌ଇଣ୍ଡିଆ ସାଇକଲ ଯାତ୍ରା



ବୈପାରୀଗୁଡ଼ା,୫।୧୦(ସମିସ): ତାମିଲନାଡୁ ଅଟୋ ଡ୍ରାଇଭରଙ୍କ ଅଭିନବ ସଚେତନତା ଯାତ୍ରା। ଦେଶରେ ଡ୍ରାଇଭରଙ୍କୁ ସୁରକ୍ଷା ସହ ସମ୍ମାନ ଦାବିରେ ସାଇକଲ ଯୋଗେ ସମଗ୍ର ଦେଶ ପରିକ୍ରମା କରୁଛନ୍ତି ତାମିଲନାଡୁର ଅଟୋ ଡ୍ରାଇଭର ଆବଦୁଲ୍ଲ ସାଲିମ୍ ଶେଖ। ଆଜି ବୈପାରୀଗୁଡା ଠାରେ ସେ ପହଞ୍ଚିଥିବା ବେଳେ ମୁଖ୍ୟ ଛକରେ ତାଙ୍କୁ ସ୍ଥାନୀୟ ଡ୍ରାଇଭର ମହାସଂଘ ପକ୍ଷରୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଡ୍ରାଇଭରଙ୍କ କଷ୍ଟ ଜୀବନ ବିଷୟରେ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଦୃଷ୍ଟି ଆକର୍ଷଣ ପାଇଁ ସେ ଏଭଳି ଚେଷ୍ଟା କରୁଛନ୍ତି। ଏଥିଲାଗି ଆବଦୁଲ୍ଲ ସାଲିମ୍ ଶେଖ ଗତ ଅଗଷ୍ଟ ୧୬ ତାରଖ ଠାରୁ ଏହି ସାଇକେଲ ଯାତ୍ରା ଆରମ୍ଭ କରିଛନ୍ତି। ତାମିଲନାଡୁ, ଆନ୍ଧ୍ର, ତେଲେଙ୍ଗାନା, ଛତିଶଗଡ ପରେ ସେ ଆଜି ଓଡ଼ିଶାର କୋରାପୁଟ ଜିଲ୍ଲାର ବୈପାରୀଗୁଡା ସଦର ମହକୁମାରେ ପହଞ୍ଚିଥିଲେ। ସାଇକଲରେ ୪ଟି ରାଜ୍ୟ ଅତିକ୍ରମ କରିଥିବା ବେଳେ ସମଗ୍ର ଦେଶ ସାଇକେଲ ଯାତ୍ରା କରିବେ ବୋଲି କହିଛନ୍ତି ତାମିଲନାଡୁର ଅଟୋ ଡ୍ରାଇଭର ଆବଦୁଲ୍ଲ ସାଲିମ୍ ଶେଖ। ତାଙ୍କର ମୁଖ୍ୟତଃ ୩ଟି ଦାବି ରହିଛି । ଦୁର୍ଘଟଣା କ୍ଷେତ୍ରରେ ଇନ୍‌ସୁରାନ୍ସ ପ୍ରଦାନ ବିଳମ୍ବ ନକରି ତୁରନ୍ତ ଦିଆଯାଉଛି। ଡ୍ରାଇଭିଙ୍ଗ ଲାଇସେନ୍ସ କାର୍ଡରେ ୨ ଲକ୍ଷ ଟଙ୍କା ଋଣ ସବ୍‌ସିଡି ସହ ପ୍ରଦାନ, ଗରିବ ଏବଂ ଅସହାୟ ଡ୍ରାଇଭର ପିଲାଙ୍କ ଶିକ୍ଷା କ୍ଷେତ୍ରରେ ଉନ୍ନତି ଆଣିବା ଆବଶ୍ୟକ ବୋଲି କହିଛନ୍ତି। ଏଥିଲାଗି ସରକାର ନୂଆ ନିୟମ ପ୍ରଣୟନ କରନ୍ତୁ ବୋଲି ସେ ଦାବି କରିଛନ୍ତି ।

# ବାଇକ୍-ବସ୍ ମୁହାଁମୁହିଁ, ଚାଳକ ଗୁରୁତର

କାକିରିଗୁମା,୫।୧୦(ସମିସ): କୋରାପୁଟ-ରାୟଗଡ଼ା ୩୨୬ ନଂ ଜାତୀୟ ରାଜପଥର କୁଦାର ଛକ ନିକଟରେ ଏକ ଘରୋଇ ବସ୍ ଓ ବାଇକ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହେବାରୁ ବାଇକ୍ ଚାଳକ ଗୁରୁତର ଆହତ ହୋଇଛନ୍ତି। ସୂଚନା ଅନୁଯାୟୀ ବ୍ରହ୍ମପୁର ରାମ କ୍ରିଷ୍ଣା ନଗରର ପଦ୍ମନାଭ ପାଢ଼ୀ ନାମକ ଯୁବକ ରବିବାର ଅପରାହ୍ନରେ ମୋଟରସାଇକଲ ଯୋଗେ କୋରାପୁଟ ଠାରୁ ଲକ୍ଷ୍ମୀପୁର ଯାଉଥିବାବେଳେ କୁଦାର ଛକ ନିକଟରେ ବିପରୀତ ଦିଗରୁ ଆସୁଥିବା ବସ ସହିତ ଧକ୍କା ହୋଇଥିଲା। ଫଳରେ ପଦ୍ମନାଭଙ୍କର ଗୋଡ଼ ଭାଙ୍ଗି ଯାଇଥିଲା। ଖବର ପାଇ କାକିରିଗୁମା ଥାନା ଅଧିକାରୀ ସୁନୀଲ କୁମାର ସ୍ୱାଇଁ ତୁରନ୍ତ ଘଟଣା ସ୍ଥଳରେ ପହଞ୍ଚି ଗୁରୁତର ଆହତ ଅବସ୍ଥାରେ ପଦ୍ମନାଭଙ୍କୁ ପୁଲିସ ଗାଡ଼ିରେ କୋରାପୁଟ ବଡ଼ ମେଡ଼ିକାଲରେ ଭର୍ତ୍ତି କରି ଚିକିତ୍ସା କରାଇଥିଲେ। ତେବେ ପଦ୍ମନାଭଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ବ୍ରହ୍ମପୁର ସ୍ଥାନାନ୍ତର କରା ଯାଇଥିବା କାକିରିଗୁମା ଥାନା ଅଧିକାରୀ ସୁନିଲ୍ କୁମାର୍ ସ୍ୱାଇଁ ପ୍ରକାଶ କରିଛନ୍ତି। ଅନ୍ୟ ପକ୍ଷରେ ସୁନୀଲ କୁମାର ସ୍ୱାଇଁ ମାତ୍ର କିଛି ଦିନ ପୂର୍ବରୁ କାକିରିଗୁମା ଥାନା ଅଧିକାରୀ ଭାବରେ ଯୋଗ ଦେଇଥିବାବେଳେ କମ୍ ଦିନ ମଧ୍ୟରେ ଲୋକ ସମ୍ପର୍କ ରଖି ଜନ ହିତକର କାର୍ଯ୍ୟ କରୁଥିବାରୁ ସ୍ଥାନୀୟ ଜନସାଧାରଣ ଥାନା ଅଧିକାରୀଙ୍କ କାର୍ଯ୍ୟଶୈଳୀକୁ ପ୍ରଶଂସା କରୁଛନ୍ତି।

# ମା'ଙ୍କୁ ବିଦାୟ ଦେଲେ ସହରବାସୀ



ଉମରକୋଟ, ୫।୧୦ (ସମିସ): ନବରଙ୍ଗପୁର ଜିଲ୍ଲା ଉମରକୋଟ ସହର ଠାରେ ଲଘୁଚାପ ଜନିତ ଲଗାଣ ବର୍ଷା ଯୋଗୁଁ ଦଶହରା ଫିକା ପଡିଥିଲା। ବର୍ଷା ଯୋଗୁଁ ଶ୍ରଦ୍ଧାଳୁମାନେ ଘରୁ ବାହାରି ପାରିନଥିଲେ। ସାଧାରଣତଃ ନବରଙ୍ଗପୁର ଜିଲ୍ଲା ଉମରକୋଟ ସହର ଠାରେ ଦଶହରା ପର୍ବ ଦେଖିବାକୁ ଶ୍ରଦ୍ଧାଳୁଙ୍କ ଭିଡ ଜମିଥାଏ। କିନ୍ତୁ ଲଘୁଚାପ ବର୍ଷା ଯୋଗୁଁ ବହୁ କମ୍ ସଂଖ୍ୟାରେ ଶ୍ରଦ୍ଧାଳୁ ଆସିଥିବା ଦେଖିବାକୁ ମିଳିଥିଲା। ପାଣିପାଗ ବିଭାଗ ପକ୍ଷରୁ ନବରଙ୍ଗପୁର ଜିଲ୍ଲା କୁ ଏଲଓର୍ନି ଦିଆଯାଇଥିଲା। ଏହାର ପ୍ରଭାବ ଦେଖିବାକୁ ମିଳିଥିଲା ଉମରକୋଟ ସହର ଠାରେ। ଏଥର ଉମରକୋଟ ସହରରେ ୧୧ଗୋଟି ପୂଜା ମଣ୍ଡପ ହୋଇଥିଲା। ଡିଏନକେ ଠାରେ ଶ୍ରଦ୍ଧାଳୁମାନଙ୍କ ମନୋରଞ୍ଜନ ପାଇଁ ପଡ଼ିଥିବା ମିନା ବଜାର ମଧ୍ୟ ପ୍ରଭାବିତ ହୋଇଥିଲା। ଦୋକାନ ଖୋଲିଥିବା ବ୍ୟବସାୟୀମାନେ ମଧ୍ୟ ନିରାଶ ହୋଇଥିଲେ। ସ୍ଥାନୀୟ ଡିଏନକେ ପୂଜା ମଣ୍ଡପ ଠାରେ ବଙ୍ଗୀୟ ମହିଳାମାନେ ପାରମ୍ପରିକ ସିନ୍ଦୂର ଖେଳରେ ମା'ଙ୍କୁ ବିଦାୟ ଦେଇଥିଲେ। ମା'ଙ୍କ ଆମୋଦ ପ୍ରମୋଦ ପାଇଁ ନୃତ୍ୟ କରିଥିଲେ। ମହିଳାଙ୍କ ପାରମ୍ପରିକ ନୃତ୍ୟ ବେଶ ଆକର୍ଷଣୀୟ ହୋଇଥିଲା। ପରେ ଏକ ବିରାଟ ଶୋଭାଯାତ୍ରାରେ ନଗର ପରିକ୍ରମା କରି ମାଁ ଙ୍କୁ ବିଦାୟ ଜଣାଇଥିଲେ।

# ଅଜଣା ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର

ପଟ୍ଟାଙ୍ଗି, ୫।୧୦(ସମିସ): କୋରାପୁଟ ଜିଲ୍ଲା ପଟ୍ଟାଙ୍ଗି ଥାନା ଅନ୍ତର୍ଗତ ରାଲେଗଡ଼ା ପଞ୍ଚାୟତର ରାଲେଗଡ଼ା ହାଟପଦାରେ ଅଜଣା ବ୍ୟକ୍ତିଙ୍କ ମୃତଦେହ ଜବତ କଲା ପଟ୍ଟାଙ୍ଗି ପୋଲିସ। ପଟ୍ଟାଙ୍ଗି ପୋଲିସ ସୂଚନା ଅନୁଯାୟୀ ରାଲେଗଡ଼ା ହାଟପଦା ମିଶନ ଶକ୍ତି ଗୃହ ବାରଣ୍ଡାରେରେ ଏକ ଅଜଣା ବ୍ୟକ୍ତିଙ୍କ ମୃତ୍ୟୁ ଘଟିଥିବା ନେଇ ସୂଚନା ମିଳିଥିଲା। ସୂଚନା ପାଇ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ମୃତଦେହ ଟିକୁ ଯାଞ୍ଚ କରିଥିଲେ। ଉକ୍ତ ବ୍ୟକ୍ତିର ବୟସ ୪୦ ରୁ ୫୦ ମଧ୍ୟରେ ହୋଇଥିବା ବେଳେ ସେ କିଛି ଦିନ ଧରି ଉକ୍ତ ଅଞ୍ଚଳରେ ବୁଲୁଥିବା ନେଇ ଅଞ୍ଚଳବାସୀ ସୂଚନା ଦେଇଥିଲେ। ମୃତଦେହ ନିକଟରୁ କୌଣସି ପରିଚୟ ପତ୍ର ମିଳି ମିଳିନଥିଲା। ମୃତ ଦେହଟିକୁ ପୋଲିସ ଜବତ କରି ସହିଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜକୁ ପଠାଇଥିଲେ।

# ଆରଏସ୍‌ଏସ୍‌ର ବିଜୟା ଦଶମୀ ଉତ୍ସବ



କୋରାପୁଟ,୫।୧୦(ସମିସ): ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ କୋରାପୁଟ ନଗର ଦଣ୍ଡକାରଣ୍ୟ ଶାଖା ପକ୍ଷରୁ ସଂଘର ଶତବାର୍ଷିକୀ ଓ ବିଜୟାଦଶମୀ ଉତ୍ସବ ପାଳିତ ହୋଇଯାଇଛି। କୋରାପୁଟ ସାଂସ୍କୃତିକ ପରିଷଦ ପ୍ରାଙ୍ଗଣରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କୋରାପୁଟ ନଗରର ବରିଷ୍ଠ ନାଗରିକ ନବୀନ ଚନ୍ଦ୍ର ପଟ୍ଟନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ସଂଘର ଓଡିଶା ପଶ୍ଚିମ ପ୍ରାନ୍ତ ପ୍ରଚାରକ ଶଙ୍କର ପଣ୍ଡା ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। କୋରାପୁଟ ନଗର ଶ୍ରୀରାମ ବସତି ପକ୍ଷରୁ ସଙ୍ଗର ଶତବାର୍ଷିକୀ ପାଳନ ଅବସରରେ ସାମୂହିକ ସଂଚଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ୧୦୦ରୁ ଉର୍ଦ୍ଧ ସ୍ୱୟଂ ସେବକ ମାନଙ୍କ ଉପସ୍ଥିତିରେ ଶାବର ଶ୍ରୀକ୍ଷେତ୍ର କୋରାପୁଟରୁ ସଂଚଳନ ବାହାରି ନଗର ପରିକ୍ରମା କରିବା ସହିତ ପୂଜାରିପୁଟ କଲ୍ୟାଣ ମଣ୍ଡପ ଠାରେ ପହଞ୍ଚିଥିଲା। କୋରାପୁଟ ନଗର କାର୍ଯ୍ୟବାହ ବିଭୁ ପ୍ରସାଦ ନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ଲୋକେଶ୍ୱର ରାଓ, ପୂର୍ଣ୍ଣଚନ୍ଦ୍ର ପାଢ଼ୀ, ମନୋରଞ୍ଜନ ରାଉତରାୟ, ଜୟନ୍ତ ମହାରଣା, ସୁରଥ ଡାକୁଆ, ସୁଶାନ୍ତ ତ୍ରିପାଠୀ, ପ୍ରହ୍ଲାଦ ସାହୁ, ରବି ଆଚାରି, ରାଜକୁମାର ଦାସ, ମହେଶ୍ୱର ବାଘ, ବୁଜିଙ୍ଗା ଆଚାରି, କେ ରମେଶ, ଦୁଷ୍ମନ୍ତ ପରିଡା, ଦେବୀପ୍ରସାଦ କର, ସୂର୍ଯ୍ୟ ବେହେରା, ରବି ନାରାୟଣ ମିଶ୍ର, ତାରିଣୀ ଚରଣ ପାତ୍ର, ପ୍ରଶାନ୍ତ ପାତ୍ର, ଚିରଞ୍ଜିବି ପାତ୍ର, ରଞ୍ଜନ ବେହେରା, ବାପି ମହାରଣା, ସରୋଜ ପାଢୀ, ଶରତ ମହାରଣା, ନୃପେନ୍ଦ୍ର ବାଘ, କୈଳାଶ ଗୌଡ଼ ପ୍ରମୁଖ ସ୍ଥାନୀୟ ସ୍ୱୟଂ ସେବକ ତଥା ସମାଜର ବିଭିନ୍ନ ବର୍ଗର ବ୍ୟକ୍ତିବିଶେଷ ଯୋଗ ଦେଇଥିଲେ।

# ସିଆରପିଏଫ ପକ୍ଷରୁ ରକ୍ତଦାନ ଶିବିର





ରାୟଗଡ଼ା,୫।୧୦(ସମିସ): ରାୟଗଡ଼ା ଜିଲ୍ଲା ଓଡିଶା ରକ୍ତ ଭଣ୍ଡାର ସହଯୋଗରେ ରାୟଗଡା ଇନ୍ଦିରା ନଗର ସ୍ଥିତ ଚତୁର୍ଥ ବାଟାଲିୟନ ସିଆରପିଏଫ ମୁଖ୍ୟାଳୟ ପରିସରରେ ଏକ ରକ୍ତଦାନ ଶିବିର ଆୟୋଜନ କରାଯାଇଥିଲା। ଏହି ଶିବିରକୁ ଚତୁର୍ଥ ବାଟାଲିୟନ କମାଣ୍ଡାଣ୍ଟ ଫିରୋଜ କୁଜୁର ଉଦ୍‌ଘାଟନ କରିଥିଲେ। ସେ ନିଜେ ରକ୍ତଦାନ କରି ଅନ୍ୟ ମାନଙ୍କୁ ରକ୍ତଦାନ କରିବାକୁ ଆଗେଇ ଆସିବାକୁ ଉଦାହରଣ ସୃଷ୍ଟି କରିଥିଲେ। ତାଙ୍କ ରକ୍ତଦାନ ପରେ ବାଟାଲିୟନର ଅନ୍ୟ ଅଧିକାରୀ ଏବଂ କର୍ମଚାରୀମାନେ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ।

# ବିଦ୍ୟୁତ୍ ଆଘାତରେ ମହିଳାଙ୍କ ମୃତ୍ୟୁ

ବୈପାରୀଗଡ଼ା, ୫।୧୦(ସମିସ): ପୂଜାରୀଗୁଡା ଠାରେ ଅଭାବନୀୟ ଘଟଣା ଘଟିଛି । ବିଦ୍ୟୁତ ଆଘାତରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ମୃତକ କୃଷ୍ଣ ମାଝିଙ୍କ ୫୫ ବର୍ଷୀୟ ପତ୍ନୀ ବୃନ୍ଦା ମାଝୀ ବୋଲି ଜଣାପଡ଼ିଛି। ବୈପାରୀଗୁଡା ବ୍ଲକ୍ ଅନ୍ତର୍ଗତ ପୂଜାରୀଗୁଡା ପଞ୍ଚାୟତ ସଦର ମହାକୁମା ଠାରେ ରବିବାର ଅପରାହ୍ନରେ ଏହି ଅଘଟନ ଘଟିଛି । ସୂଚନା ଅନୁଯାଇ, ଘରେ କେହି ନଥିବା ବେଳେ ବୃନ୍ଦା ଘରର କବାଟ ବନ୍ଦ କରି ବାହାରକୁ ଯିବା ପାଇଁ ବାହାରିଥିଲେ ।ଘରର ଲୁହା କବାଟ ସନ୍ଧି ଦେଇ ବିଦ୍ୟୁତ ତାର ଟଣା ଯାଇଥିଲା। ଲୁହା କବାଟ ବନ୍ଦ କରିବା ସମୟରେ ବିଦ୍ୟୁତ ସ୍ପର୍ଶରେ ଆସି ଗୁରୁତର ହୋଇଥିଲେ ବୃନ୍ଦା। ବୈପାରୀଗୁଡା ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରକୁ ତାଙ୍କୁ ନିଆଯାଇଥିବା ବେଳେ ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ପୋଲିସ ଘଟଣାର ତଦନ୍ତ କରୁଛି

# ଫାଟକ ଖୋଲିବାକୁ ପ୍ରଶାସନର କୁଣ୍ଠାବୋଧ

# ୭ ବର୍ଷ ହେଲା ନଦୀକୂଳ ବାସିନ୍ଦାଙ୍କୁ ମିଳୁଛି ପ୍ରଦୂଷିତ ଜଳ



ତେନ୍ତୁଳିଖୁଣ୍ଟି,୫।୧୦ (ସମିସ): ଇନ୍ଦ୍ରାବତୀ ଜଳବିଦ୍ୟୁତ ପ୍ରକଳ୍ପ ପାଇଁ ନିଜ ସର୍ବସ୍ୱ ଦେଇ ନବରଙ୍ଗପୁର ଜିଲ୍ଲା ଆଜି ଅବହେଳିତ। ପ୍ରକଳ୍ପ ପାଇଁ ଚିର =ସ୍ରୋତା ଇନ୍ଦ୍ରାବତୀ ନଦୀ ଆଜି ଶୁଷ୍କ ହୋଇଛି। ଦୀର୍ଘ ୭ ବର୍ଷ ପୂର୍ବେ ଇନ୍ଦ୍ରାବତୀ ପ୍ରକଳ୍ପ ଜଳସ୍ତର ବୃଦ୍ଧି ପାଇଥିବାରୁ ଇନ୍ଦ୍ରାବତୀ ବନ୍ଧର ଦୁଇଟି ଫାଟକ ଦେଇ ଜଳ ନିଷ୍କାସିତ ହୋଇଥିଲା ।ଇତି ମଧ୍ୟରେ ଦୀର୍ଘ ୭ ବର୍ଷ ବିତିଥିଲେ ସୁଦ୍ଧା ଇନ୍ଦ୍ରାବତୀ ବନ୍ଧରୁ ଟୋପେ ମଧ୍ୟ ପାଣି ନିଷ୍କାସିତ ହୋଇନାହିଁ । ଯାହା ଫଳରେ ଇନ୍ଦ୍ରାବତୀ ନଦୀ ଶୁଷ୍କ ହେବା ସହ ନଦୀ ପାଶ୍ୱର୍ ଆବର୍ଜନା ପାଣି ନଦୀରେ ମିଶୁଛି । ଇନ୍ଦ୍ରାବତୀ ନଦୀ ଉପରେ ନଦୀ କୁଳିଆ ଗ୍ରାମବାସୀ ନିର୍ଭର କରୁଥିବା ବେଳେ ସେମାନଙ୍କ ପାଇଁ ନଦୀର ପ୍ରଦୂଷିତ ଜଳ ହିଁ ଭରସା ହୋଇଛି । ଏହି ଜଳରେ ଗାଧୋଇବା ଦ୍ୱାରା ଚର୍ମ ରୋଗ ସମେତ ଅନ୍ୟାନ୍ୟ ବ୍ୟାଧି ଦେଖାଦେଉଥିବା ଅଭିଯୋଗ କରିଛନ୍ତି ନଦୀ କୁଳିଆ ଅଞ୍ଚଳବାସୀ। ପ୍ରକୃତିର ଗତି ପଥକୁ ବଦଳାଇ କୋଟି କୋଟି ଟଙ୍କାର ରାଜସ୍ୱ ଆଶାରେ ଇନ୍ଦ୍ରାବତୀ ନଦୀ ସମେତ ଅନ୍ୟ ଦୁଇ ନଦୀରେ ବନ୍ଧ ବାନ୍ଧି ଇନ୍ଦ୍ରାବତୀ ଜଳ ବିଦ୍ୟୁତ ପ୍ରକଳ୍ପ ନିର୍ମିତ ହେଲା। ପ୍ରତି ବଦଳରେ ନବରଙ୍ଗପୁର ଜିଲ୍ଲାକୁ ଉତ୍ତମ ଶିକ୍ଷା, ସ୍ୱାସ୍ଥ୍ୟ ଗମନାଗମନ ଭଳି ମୌଳିକ ସୁବିଧା ସମେତ ପ୍ରତି ବର୍ଷ ଲାଭାଂଶର ୧୦ ପ୍ରତିଶତ ଉପାନ୍ତ ଅଞ୍ଚଳ ବିକାଶ ପାଣ୍ଠି ଯୋଗାଇ ଦେବା ପାଇଁ ମିଳିଥିଲା ପ୍ରତିଶୃତି । କିନ୍ତୁ ଜିଲ୍ଲାବାସୀଙ୍କ ଦୁର୍ଭାଗ୍ୟ ଉତ୍ତମ ଶିକ୍ଷା ବଦଳରେ ପ୍ରକଳ୍ପ ପ୍ରଶାସନ ବିଭିନ୍ନ ବିଦ୍ୟାଳୟ ଗୁଡିକରେ ଶିକ୍ଷକ ନ ଯୋଗାଇ ମୁରବି ହୀନ ଶିକ୍ଷାକେନ୍ଦ୍ର ଭାବରେ ବିଦ୍ୟାଳୟ ଗୁଡିକୁ ଛାଡିଦେଇଛି ।ସେହିଭଳି ଉତ୍ତମ ସ୍ୱାସ୍ଥ୍ୟସେବା ବଦଳରେ ଡାକ୍ତର ବିହୀନ ସ୍ୱାସ୍ଥ୍ୟ କେନ୍ଦ୍ର ଯୋଗାଇଛି ପ୍ରକଳ୍ପ। ଆଉ ଗମନାଗମନ କଥା ଇନ୍ଦ୍ରାବତୀ ପ୍ରକଳ୍ପ ଅଞ୍ଚଳ ରାସ୍ତାଘାଟ ଅବସ୍ଥାରୁ ପ୍ରତିଶୃତି ପାଳନର ସତ୍ୟତା ସଠିକ ବାରିହୋଇ ପଡୁଛି। ନଦୀ ଶୁଷ୍କ ହେବା ଫଳରେ ପାଶ୍ୱର୍ବର୍ତ୍ତୀ ଅଞ୍ଚଳର ଭୂତଳ ଜଳ ହ୍ରାସ ହେଉଛି। ପରିବେଶ ସନ୍ତୁଳନ ମଧ୍ୟ ବିଗିଡିବାରେ ଲାଗିଛି। ତଟ ସତ୍ୱ ଅଧିକାର ଆଇନ ଅନୁଯାଇ ନଦୀକୁଳିଆ ଲୋକେ ଏବଂ ପଶୁପକ୍ଷୀଙ୍କ ଅଧିକାର ଇନ୍ଦ୍ରାବତୀ ନଦୀ ଜଳ ଉପରେ ରହିଥିବା ବେଳେ ପ୍ରକଳ୍ପ ସମସ୍ତ ଜଳ ଗଚ୍ଛିତ କରି ସଭିଙ୍କୁ ନିଜ ଅଧିକାରରୁ ବଞ୍ଚିତ କରିଛି। ବର୍ତ୍ତମାନ ଇନ୍ଦ୍ରାବତୀ ଜଳ ଭଣ୍ଡାରର ଜଳସ୍ତର ଆଶାତୀତ ଜଳସ୍ତର ଠାରୁ ଅଧିକ ରହିଛି । ତଥାପି ପ୍ରକଳ୍ପ ପ୍ରଶାସନ କେବଳ ମାଇକ୍ ଯୋଗେ ଜଳ ନିଷ୍କାସନ ପାଇଁ ଘୋଷଣା କରି ବିଦ୍ୟୁତ ଉତ୍ପାଦନ ଆଶାରେ ଫାଟକ ଖୋଲିବା ପାଇଁ କୁଣ୍ଠାବୋଧ କରୁଥିବା ଅଭିଯୋଗ ହେଉଛି। ସମସ୍ୟା ନେଇ ଓଡିଶା ଜଳବିଦ୍ୟୁତ ନିଗମ ଅପରେସନ ଡାଇରେକ୍ଟର ଅମୀୟ କୁମାର ମହାନ୍ତିଙ୍କୁ ପଚାରିବାରୁ ଫାଟକ ଖୋଲାଯିବା ନିଷ୍ପତି ସମ୍ପୂର୍ଣ୍ଣ ଭାବରେ ଜଳ ସମ୍ପଦ ବିଭାଗର। ତେବେ ମୌଳିକ ସୁବିଧା ନେଇ ଉଚ୍ଚ ପଦସ୍ଥ ଅଧିକାରୀଙ୍କ ସହ ଆଲୋଚନା କରିବେ ବୋଲି କହିଛନ୍ତି। ନଦୀକୁଳିଆ ଲୋକଙ୍କ ସ୍ୱାର୍ଥ ଏବଂ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଜଳ ନିଷ୍କାସନ କରାଇବା ପାଇଁ ଦାବି ହେଉଛି।



# ଆଜିଠୁ କେନ୍ଦ୍ରାପଡ଼ାର ଗଣପର୍ବ ଗଜଲକ୍ଷ୍ମୀ ପୂଜା

କେନ୍ଦ୍ରାପଡ଼ା, ୫।୧୦(ସମିସ)



ଆସନ୍ତାକାଲି କେନ୍ଦ୍ରାପଡ଼ାର ଗଣପର୍ବ ଗଜଲକ୍ଷ୍ମୀ ପୂଜା ଆରମ୍ଭ ହେବ। ଏହା ୧୨ ତାରିଖ ପର୍ଯ୍ୟନ୍ତ ଚାଲିବ। ୧୩ ଓ ୧୪ ଦୁଇଦିନ ଭସାଣି ଅନୁଷ୍ଠିତ ହେବ। ପୂଜାକୁ ଶାନ୍ତିଶୃଙ୍ଖଳାର ସହ ସମାପନ କରିବା ପାଇଁ କେନ୍ଦ୍ରାଞ୍ଚଳ ଡିଆଇଜି ସତ୍ୟଜିତ ନାୟକଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ପୌରସଂସ୍ଥା ଟାଉନ୍ ହଲରେ ରବିବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଡିଆଇଜି ଶ୍ରୀ ନାୟକ ଯୋଗଦେଇ କହିଲେ, ପୂଜା ବେଳେ କିମ୍ବା ମେଳଣ ସମୟରେ କୌଣସି ଗୋଷ୍ଠୀ ଅନ୍ୟଏକ ଗୋଷ୍ଠୀ ଧର୍ମକୁ ଆକ୍ଷେପ କରି କୌଣସି ସ୍ଲୋଗାନ ଦେଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ପୂଜା ଚାଲିଥିବା ସମୟରେ ବେଆଇନ୍ ମଦ କାରବାରକୁ ବନ୍ଦ କରାଯିବ। ସେହିପରି ଜୁଆଖେଳ ଉପରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ସହିତ କୌଣସି ବେଆଇନ୍ କାର୍ଯ୍ୟକୁ ପ୍ରଶ୍ରୟ ଦିଆଯିବନାହିଁ। ପ୍ରତି ପୂଜା ମଣ୍ଡପରେ ପୁଲିସ କର୍ମଚାରୀ ମୁତୟନ ହେବେ। ସହରକୁ ସିସିଟିଭି କ୍ୟାମେରା ନଜରରେ ରଖାଯିବ। ପୂଜା କମିଟି କର୍ମକର୍ତ୍ତାଙ୍କ ସହ ପୁଲିସ ଉତ୍ତମ ସମ୍ପର୍କ ରକ୍ଷା କରି ପୂଜାକୁ ସୁରକ୍ଷିତ ଓ ସଫଳ କରିବ ବୋଲି ଡିଆଇଜି କହିଥିଲେ। କୌଣସି ପୂଜା କମିଟି ଜବରଦସ୍ତ ଚାନ୍ଦା ଆଦାୟ କରିପାରିବେ ନାହିଁ। ଏହାକୁ ବେଆଇନ୍ ଘୋଷଣା କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଯାନବାହନ ପାଇଁ ସରକାରୀ ପାର୍କିଂ ବ୍ୟବସ୍ଥା କରାଯାଇଛି। ଯଦି କେହି ବେଆଇନ୍ ଭାବେ ପାର୍କିଂ ଫିସ ଆଦାୟ କରେ, କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ପୂଜା କମିଟି କର୍ମକର୍ତ୍ତା ଟ୍ରାଫିକ ନିୟନ୍ତ୍ରଣ ପାଇଁ ସେମାନଙ୍କ କମିଟି ସଦସ୍ୟଙ୍କୁ ସ୍ୱେଚ୍ଛାକୃତ ଭାବେ ଟ୍ରାଫିକ ଡ୍ୟୁଟିରେ ନିୟୋଜିତ କରିବେ। ଏ ନେଇ ପୁଲିସ ପକ୍ଷରୁ ସେମାନଙ୍କୁ ସ୍ୱତନ୍ତ୍ର ଭାବେ ତାଲିମ ଦିଆଯିବ।

**ଶାନ୍ତିଶୃଙ୍ଖଳା ପାଇଁ ୧୫ ପ୍ଲାଟୁନ ଫୋର୍ସ ମୁତୟନ**

ପୂଜାକୁ ଶାନ୍ତିଶୃଙ୍ଖଳାର ସହିତ ସମାପନ କରାଯିବା ପାଇଁ ଏସପିଙ୍କ ନେତୃତ୍ୱରେ ଜଣେ ଅତିରିକ୍ତ ଏସପି, ୧୩ ଜଣ ଡିଏସପି, ୧୭ ଜଣ ଇନ୍ସପେକ୍ଟର, ୧୨୨ ଜଣ ସବଇନ୍ସପେକ୍ଟର ଓ ଏଏସଆଇଙ୍କ ସହିତ ୧୫ ପ୍ଲାଟୁନ ପୁଲିସ ଫୋର୍ସ ମୁତୟନ କରାଯାଇଥିବା ଡିଆଇଜି ଶ୍ରୀ ନାୟକ କହିଥିଲେ। ଆଜି ସନ୍ଧ୍ୟାରେ ଡିଆଇଜି ଶ୍ରୀ ନାୟକ ଏସପିଙ୍କ ସମେତ ଅନ୍ୟ ପୁଲିସ ଅଧିକାରୀ ଓ ଫୋର୍ସଙ୍କ ସହିତ ସହରରେ ଫ୍ଲାଗମାର୍ଚ୍ଚ କରିଥିବା ଦେଖାଯାଇଛି। ବୈଠକରେ କେନ୍ଦ୍ରାପଡ଼ା ଆରକ୍ଷୀ ଅଧୀକ୍ଷକ ସିଦ୍ଧାର୍ଥ କଟାରିଆ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସୁଧାକର ସାହୁ, ଡିଏସପି ସରୋଜ ସାହୁ, କେନ୍ଦ୍ରାପଡ଼ା ଏସଡିପିଓ ଜ୍ୟୋତିରଞ୍ଜନ ଗୌଡ଼ା, ପଟ୍ଟାମୁଣ୍ଡାଇ ଏସଡିପିଓ କ୍ଷମାସାଗର ପଣ୍ଡା, ଡିଏସପି (ଡିଆଇବି) ଲକ୍ଷ୍ମୀନାରାୟଣ ତିୱାରୀ, ଡିଏସପି ସସ୍ମିତା ସାହୁ, ରିଜର୍ଭ ଇନ୍ସପେକ୍ଟର ପ୍ରଶାନ୍ତ ରଣସିଂହ, ଟାଉନ୍ ଥାନା ଅଧିକରୀ ଦିଲ୍ଲୀପ ସାହୁଙ୍କ ସମେତ ବିଭିନ୍ନ ଥାନା ଓ ଜିଲ୍ଲା ବାହାରୁ ଆସିଥିବା ପୁଲିସ ଅଧିକାରୀ ଉପସ୍ଥିତ ଥିଲେ।

## ଗୋରୁ ବୋଝେଇ ପେଟ୍ରୋଲ ଟ୍ୟାଙ୍କର ଜବତ
# ୧୦ରୁ ଅଧିକ ଗୋରୁ ଉଦ୍ଧାର

**ଆଳି, ୫।୧୦(ସମିସ):** ଆଳି ଅଞ୍ଚଳରେ ଚାଲିଛି ବେଧଡ଼କ ଗୋଚାଲାଣ। ତେବେ ଅଭିନବ ଉପାୟରେ ତେଲ ଟ୍ୟାଙ୍କରରେ ଗୋଚାଲାଣ ହେଉଥିବାବେଳେ ଆଳି ପୁଲିସ ଜବତ କରିଛି। ଗତକାଲି ବିଳମ୍ବିତ ରାତିରେ ଗୋରୁ ଚାଲାଣ ହେଉଥିବା ନେଇ ଆଳି ପୁଲିସ ଖବର ପାଇଥିଲା। ଏକ ଟିମ କଟକ-ଚାନ୍ଦବାଲି ରାସ୍ତାର ଖରସ୍ରୋତା ସେତୁରେ ଗୋରୁ ବୋଝେଇ ଗାଡ଼ି ଉପରେ ଚଢ଼ଉ କରିବାବେଳେ ଦୁର୍ବୃତ୍ତ ଗାଡ଼ି ଛାଡି ଫେରାର ହୋଇଯାଇଥିଲେ। ପୁଲିସ ଗୋରୁ ବୋଝେଇ ତେଲ ଟ୍ୟାଙ୍କରକୁ ଜବତ କରି ସେଥିରୁ ୧୦ରୁ ଅଧିକ ଗୋରୁଙ୍କୁ ଉଦ୍ଧାର କରି ଗାଡ଼ିକୁ ଜବତ କରିଥିବା ଥାନାଧିକାରୀ ଧୀରାଜ ଲେଙ୍କା ସୂଚନା ଦେଇଛନ୍ତି।


# ଡାକ୍ତରୀ ମାଇନା ହେବାକୁ ଯାଇ ଗିରଫ ଅଭିଯୁକ୍ତ ଚମ୍ପଟ

**ରାଜକନିକା, ୫।୧୦(ସମିସ):** ରାଜକନିକା ଥାନା ଅଞ୍ଚଳରେ ଜଣେ ମହିଳାଙ୍କୁ ଦୁଷ୍କର୍ମ ଅଭିଯୋଗରେ କଟଣା ଡାଏରିଗିରି ଅଞ୍ଚଳର ଖଗେଶ୍ୱର ବେହେରା (୫୨) ଗିରଫ ହୋଇ ଡାକ୍ତରୀ ମାଇନା ହେବାକୁ ରାଜକନିକା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଯାଉଥିବାବେଳେ ପରିଶ୍ରା ବାହାନା କରି ଡାକ୍ତରଖାନାରୁ ଚମ୍ପଟ ମାରିଛି। ଫଳରେ ପୁଲିସର କାର୍ଯ୍ୟଦକ୍ଷତାକୁ ନେଇ ସାଧାରଣ ଜନତା ପ୍ରଶ୍ନ କରିଛନ୍ତି। କାଟଣା-ବଣିଆଁ ପଞ୍ଚାୟତ ଅଞ୍ଚଳର ଜଣେ ମହିଳାଙ୍କ ଅଭିଯୋଗ ଅନୁଯାୟୀ ୪ ତାରିଖ ସନ୍ଧ୍ୟାରେ କାଟଣା ବଜାରରୁ ଜୟାଇକୁଣ୍ଡାକୁ ଫେରୁଥିବାବେଳେ କାଟଣା କଲେଜ ପାଖରେ ଡାଏରିଗିରି ଗାଁର ଖଗେଶ୍ୱର ବେହେରା ତାଙ୍କୁ ଏକୁଟିଆ ପାଇ ଦୁଷ୍କର୍ମ କରିଥିବା ଅଭିଯୋଗ କରିଥିଲେ। ରାଜକନିକା ପୁଲିସ ୫ ତାରିଖରେ ମାମଲା ରୁଜୁ କରି ଖଗେଶ୍ୱରକୁ ଗିରଫ କରିଥିଲା। ଆଜି ଅପରାହ୍ନ ୨.୩୦ ମିନିଟ୍ ସମୟରେ ଡାକ୍ତରୀ ମାଇନା ପାଇଁ ରାଜକନିକା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ପରିଶ୍ରା ଯିବା ବାହାନାରେ ପୁଲିସକୁ ଚକମା ଦେଇ ଅଭିଯୁକ୍ତ ଚମ୍ପଟ ମାରିଥିବା ଜଣାପଡ଼ିଛି। ଥାନା ଅଧିକାରୀ ସଞ୍ଜୟ ମଲିକ କହିଛନ୍ତି, ଆସାମୀ ଫେରାର ହୋଇଯାଇଛି। ଖୋଜା ଖୋଜି ଚାଲିଛି ଓ ଖୁବଶୀଘ୍ର ଧରାଯିବ।

# କୁକୁର ଆକ୍ରମଣରେ ଗାଡ଼ିରୁ ପଡ଼ି ଦମ୍ପତି ଆହତ

**ଆଳି, ୫।୧୦(ସମିସ):** ଡାକବଙ୍ଗଳା ଛକରେ ଗତକାଲି ବିଳମ୍ବିତ ରାତିରେ କିଛି କୁକୁର ଅତର୍କିତ ଭାବେ ବାଇକ୍‌ରେ ଯାଉଥିବା ଦମ୍ପତିଙ୍କୁ ଆକ୍ରମଣ କରିବାକୁ ଗୋଡ଼ାଇଥିଲେ। ଫଳରେ ଉଭୟେ ବାଇକ୍‌ରୁ ପଡ଼ି ଆହତ ହୋଇଛନ୍ତି। ବେଲସରପୁର ଗ୍ରାମର ପ୍ରତୀମା ମଲିକ (୫୦) ସ୍ୱାମୀ ଅଶୋକ ମଲିକଙ୍କ ସହ ସ୍ୱାସ୍ଥ୍ୟ ସମସ୍ୟା ନେଇ ଆଳି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଯାଉଥିଲେ। ତେବେ ଡାକବଙ୍ଗଳା ଛକ ନିକଟରେ ୮ରୁ ୧୦ କୁକୁର ଗୋଡ଼ାଇବା ସହ ପ୍ରତୀମାଙ୍କ ଶାଢ଼ୀକୁ କାମୁଡ଼ି ଧରିଥିଲେ। ଉଭୟ ଭାରସାମ୍ୟ ହରାଇ ବାଇକ୍‌ରୁ ଗଳି ପଡ଼ିଥିଲେ। ପ୍ରତୀମାଙ୍କ ମୁଣ୍ଡ ଫାଟିଯାଇଥିବାବେଳେ ଅଶୋକ ସାମାନ୍ୟ ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ଉଭୟଙ୍କୁ ଉଦ୍ଧାର କରି ଡାକ୍ତରଖାନା ନେଇଥିଲେ।

# ଯୁବ ଚିତ୍ରକର ମୃତ୍ୟୁଞ୍ଜୟଙ୍କ ପରଲୋକ



**ରାଜକନିକା, ୫।୧୦(ସମିସ):** ଗଞ୍ଜା ଗ୍ରାମର ଚିତ୍ରକର ମୃତ୍ୟୁଞ୍ଜୟ ସାହୁ (୩୨)ଙ୍କ କଟକର ଏକ ଘରୋଇ ଡାକ୍ତରଖାନାରେ ପରଲୋକ ହୋଇଯାଇଛି। ଏ ନେଇ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ମାଆ ଓ ସାନ ଭାଇଙ୍କୁ ହରାଇବାର ଦୁଃଖକୁ ଭୁଲି ମୃତ୍ୟୁଞ୍ଜୟ ନିଜ ଜୀବନକୁ କଳା ସାଧନାରେ ବୁଡ଼ାଇ ରଖିଥିବାବେଳେ ଚିତ୍ରକର ଭାବେ ଖ୍ୟାତି ଅର୍ଜନ କରିଥିଲେ। ମୃତ୍ୟୁଞ୍ଜୟ କନିକାର ଯୁବ ମାନସରେ ଏକ ସ୍ୱତନ୍ତ୍ର ସ୍ଥାନ ଛାଡ଼ି ଯାଇଥିବା ତାଙ୍କ ଅନୁଗତ ପ୍ରକାଶ କରିଛନ୍ତି।

# ନୋଳସାହି ଗଜଲକ୍ଷ୍ମୀ ପୂଜା ପ୍ରସ୍ତୁତି ବୈଠକ

**ପଞ୍ଚୁପାଣ୍ଡବ, ୫।୧୦(ସମିସ):** ରଘୁଦେଇପୁର ପଞ୍ଚାୟତ ଅନ୍ତର୍ଗତ ରାଜନଗର ଗ୍ରାମ ନୋଳସାହିରେ ଗଜଲକ୍ଷ୍ମୀ ପୂଜା କମିଟି ପକ୍ଷରୁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ମା' ଗଜଲକ୍ଷ୍ମୀ ପୂଜା ଓ ରକ୍ତଦାନ ଶିବିର ଶାନ୍ତିଶୃଙ୍ଖଳାର ସହ ଆୟୋଜନ ନେଇ ବୈଠକରେ ଆଲୋଚନା ହୋଇଥିଲା। ଆସନ୍ତାକାଲିଠୁ ମା' ଗଜଲକ୍ଷ୍ମୀ ପୂଜା ସାତଦିନ ଧରି ଚାଲିବ ଓ ୯ ତାରିଖରେ ରକ୍ତଦାନ ଶିବିର ଆୟୋଜିତ ହେବ।

# ବଳଦେବ ସେନା ପକ୍ଷରୁ ରସାବଳି ଦିବସ ପାଳିତ

**କେନ୍ଦ୍ରାପଡ଼ା, ୫।୧୦(ସମିସ):** କେନ୍ଦ୍ରାପଡ଼ାର ଆରାଧ୍ୟ ପ୍ରଭୁ ସିଦ୍ଧ ବଳଦେବଜୀଉଙ୍କ ପ୍ରିୟ ଭୋଗ ରସାବଳିକୁ ଜିଆଇ ମାନ୍ୟତା ପ୍ରଦାନ ପରେ ସମଗ୍ର ଦେଶରେ ରସାବଳିର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି ହୋଇଛି। ଏହାକୁ ସ୍ମରଣୀୟ କରି ରଖିବା ଉଦ୍ଦେଶ୍ୟରେ ଏହାର ଦୁଇବର୍ଷ ପୂର୍ତ୍ତି ଉପଲକ୍ଷେ ସିଦ୍ଧ ଶ୍ରୀବଳଦେବଜୀଉଙ୍କ ମନ୍ଦିର ସମ୍ମୁଖରେ ବଳଦେବ ସେନା ଶନିବାର ରସାବଳି ଦିବସ ପାଳନ କରିଛି। ସେନା ପକ୍ଷରୁ ଏକଶହ ପାଞ୍ଚ ଯାତ୍ରୀ, ଭକ୍ତ ଓ ସେବାୟତଙ୍କୁ ମୁକ୍ତ ହସ୍ତରେ ରସାବଳି ବଣ୍ଟନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସେନା ସଭାପତି ପପୁନ ସ୍ୱାଇଁ, ସମ୍ପାଦକ ଅମର ବାରିକ, ଉପଦେଷ୍ଟା ନିରଞ୍ଜନ ମେକାପ, ଜ୍ୟୋତିରଞ୍ଜନ ପତ୍ରୀ, ଶ୍ରୀକାନ୍ତ ଜେନା, ଆଶିଷ ପ୍ରଧାନ, ଆଶୁତୋଷ ପଣ୍ଡା, ହିମାଂଶୁ ରାଉତ, ଅନିଶ ସୂତାର, ଉମେଶ ବେହେରା, ପଦ୍ମଲୋଚନ ସାହୁ, ଗଣେଶ ଗୋଚ୍ଛାୟତ, ଚନ୍ଦନ ସ୍ୱାଇଁ, ଗିରିଜା ଦାସ, ବିଶ୍ୱନାଥ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

# ବରିଷ୍ଠ ଶକ୍ତି ଉପାସକଙ୍କୁ ସମ୍ବର୍ଦ୍ଧନା

**ଡେରାବିଶ, ୫।୧୦(ସମିସ):** ବିଜୟାଦଶମୀରେ ଅଞ୍ଚଳର ବରିଷ୍ଠ ଶକ୍ତି ଉପାସକ ବିଶ୍ୱରଞ୍ଜନ ଘୋଷାଲଙ୍କୁ ନିଖିଳ ଓଡ଼ିଶା ନିର୍ମାଣ ଶ୍ରମିକ ସଂଘ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ଚାନ୍ଦୋଳ ପଞ୍ଚାୟତ ଅନ୍ତର୍ଗତ ଖରିଦାସାହି ଗ୍ରାମରେ ୧୧୮ ବର୍ଷ ଧରି ବଙ୍ଗୀୟ ରୀତିନୀତି ଓ ପରମ୍ପରାରେ ପୂଜା ପାଇଆସୁଥିବା ମା' ଦୁର୍ଗାଙ୍କ ନିକଟରେ ପୁରୁଷାନୁକ୍ରମ ଭାବେ ଶକ୍ତି ଉପାସନା କରିଆସୁଥିବା ଓ ପୂଜାର ପ୍ରତିଷ୍ଠାତା ବଂଶୀଧର ଘୋଷାଲଙ୍କ ବଂଶଧର ବିଶ୍ୱରଞ୍ଜନ ଘୋଷାଲଙ୍କୁ ବିଜୟ ଦଶମୀ ଅବସରରେ ସଂଘର ରାଜ୍ୟ ସମ୍ପାଦକ ଅଶୋକ ତ୍ରିପାଠୀ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରିଥିଲେ। ଏହି ଉତ୍ସବରେ ସଂଘର ଡେରାବିଶ, ଗରଦପୁର ଓ ମାର୍ଶାଘାଇ ବ୍ଲକ କର୍ମକର୍ତ୍ତା ନିତ୍ୟାନନ୍ଦ ସାମଲ, ପ୍ରଦୀପ୍ତ ସାମଲ, ରମାକାନ୍ତ ସାହୁ, ଜଗନ୍ନାଥ ବେହେରା, ଧୀରେନ ପୃଷ୍ଟି, ହରିହର ମାହାଳି, ସୁକାନ୍ତ ବାରିକ ପ୍ରମୁଖ ଉପସ୍ଥିତ ଥିଲେ।

# 'ବରିଷ୍ଠ ନାଗରିକ ସମାଜର ପଥ ପ୍ରଦର୍ଶକ'



**ପଟ୍ଟାମୁଣ୍ଡାଇ, ୫।୧୦(ସମିସ):** ପଟ୍ଟାମୁଣ୍ଡାଇ ତାଲୁକ ଆଇନ ସେବା ସମିତି ପକ୍ଷରୁ ଆନ୍ତର୍ଜାତିକ ବରିଷ୍ଠ ନାଗରିକ ଦିବସ ବରିଷ୍ଠ ନାଗରିକ ଚିତ୍ତ ବିନୋଦନ ଗୃହରେ ପାଳିତ ହୋଇଯାଇଛି। ପଟ୍ଟାମୁଣ୍ଡାଇ କୋର୍ଟର ଅତିରିକ୍ତ ଜିଲ୍ଲା ଜଜ ବିଦ୍ୟାଧର ପୃଷ୍ଟି ପୌରୋହିତ୍ୟ କରି ବରିଷ୍ଠ ନାଗରିକ ସମାଜର ପଥପ୍ରଦର୍ଶକ ହୋଇଥିବାରୁ ସେମାନଙ୍କୁ ଉଚିତ ସମ୍ମାନ ପ୍ରଦର୍ଶନ ନ କଲେ, ସାମାଜିକ ବ୍ୟବସ୍ଥା ଭୁଶୁଡ଼ି ପଡ଼ିବ ବୋଲି ମତ ପ୍ରକାଶ କରିଥିଲେ। ପଟ୍ଟାମୁଣ୍ଡାଇ କୋର୍ଟ ଜେଏମଏଫସି ଡିକେ ବାଲକ୍ରିଷ୍ଣନ ଯୋଗଦେଇ ସମାଜରେ ଅବହେଳିତ ବୃଦ୍ଧ ପିତାମାତା ଓ ବରିଷ୍ଠ ନାଗରିକଙ୍କ ସୁରକ୍ଷା ପାଇଁ ଆଇନଗତ ବ୍ୟବସ୍ଥା ଉପରେ ଆଲୋକପାତ କରିଥିଲେ। ଏଥିରେ ଆଡ଼ଭୋକେଟ ଗୀତାଞ୍ଜଳି ପୃଷ୍ଟି, ପଟ୍ଟାମୁଣ୍ଡାଇ ବରିଷ୍ଠ ନାଗରିକ ମଞ୍ଚ ସଭାପତି ପ୍ରଫେସର ଅନିରୁଦ୍ଧ ରାଉଳ, ଡା ବାସୁଦେବ ପାତ୍ର, କାର୍ଯ୍ୟକାରୀ ସଭାପତି କସ୍ତୁରୀ ସ୍ୱାଇଁ, ସମ୍ପାଦକ ପ୍ରଫେସର ଭରତ ପାତ୍ର ପ୍ରମୁଖ ଯୋଗ ଦେଇଥିଲେ। ଆଡ଼ଭୋକେଟ ଧିରେନ ସାହୁ ଧନ୍ୟବାଦ ଦେଇଥିଲେ। ପରେ ବରିଷ୍ଠ ନାଗରିକ ମଞ୍ଚ ସଭାପତି ପ୍ରଫେସର ଅନିରୁଦ୍ଧ ରାଉଳଙ୍କ ପୌରୋହିତ୍ୟରେ ଏକ ସଭା କରାଯାଇ ଆନ୍ତର୍ଜାତିକ ବରିଷ୍ଠ ନାଗରିକ ଦିବସ ପାଳନ କରାଯାଇଥିଲା। ଏ ଅବସରରେ ମଞ୍ଚ ପକ୍ଷରୁ ଡା ବାସୁଦେବ ପାତ୍ର, ବର୍ଷିଆନ ସମାଜସେବୀ ନୃସିଂହ ଆଚାର୍ଯ୍ୟ ଓ ବସନ୍ତ ମଲ୍ଲିକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରଶାସନିକ ଅଧିକାରୀ ଡ କେଲୁ ଚରଣ ସ୍ୱାଇଁ, ପ୍ରଫେସର ଦୁର୍ଯ୍ୟୋଧନ ପରିଡ଼ା, ପ୍ରଫେସର ରମେଶ ଜେନା, ପ୍ରାକ୍ତନ ବ୍ଲକ ଶିକ୍ଷାଧିକାରୀ ପାବନୀ ରାଉତ, ପ୍ରାକ୍ତନ ସହକାରୀ ଶିକ୍ଷାଧିକାରୀ ଅଭିମନ୍ୟୁ ପଡ଼ିଆରୀ, ଶିକ୍ଷାବିତ ସଚିତ୍ର ବେହୁରା, ପଣ୍ଡିତ ତ୍ରୈଲୋକ୍ୟ ମିଶ୍ର, ପ୍ରମୋଦ ନାୟକ, ଶିକ୍ଷାବିତ ବିଜୟ ସାହୁ, ବଂଶୀଧର ନାୟକ ପ୍ରମୁଖ ଯୋଗ ଦେଇଥିଲେ। ପ୍ରମୋଦ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ପୌର ପରିଷଦରେ ସ୍ୱଚ୍ଛତା ହିଁ ସେବା ଉଦ୍‌ଯାପିତ

**ପଟ୍ଟାମୁଣ୍ଡାଇ, ୫।୧୦(ସମିସ):** ପଟ୍ଟାମୁଣ୍ଡାଇ ପୌର ପରିଷଦ ପକ୍ଷରୁ ଗତ ୧୭ ତାରିଖରେ ଆରମ୍ଭ ହୋଇଥିବା ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ ଉଦଯାପିତ ହୋଇଛି। ଉଦଯାପନୀ ଉତ୍ସବରେ ପୌର ପରିଷଦ ପକ୍ଷରୁ ପ୍ରଭାତ ଫେରି କରାଯାଇଥିଲା। ପୌର ନିର୍ବାହୀ ଅଧିକାରୀ ରଞ୍ଜନ ଦାଶଙ୍କ ସହିତ ସମସ୍ତ କର୍ମଚାରୀ ଯୋଗଦେଇ ସ୍ୱଚ୍ଛତା ଶୋଭାଯାତ୍ରା କରିଥିଲେ। ଦିବା ୧୦ ଘଟିକା ସମୟରେ ମହାତ୍ମା ଗାନ୍ଧୀଙ୍କ ସମେତ ସମ୍ବିଧାନ ପ୍ରଣେତା ଆମ୍ବେଦକର, ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ପରେ ପୌର କାର୍ଯ୍ୟାଳୟ ସଭା ଗୃହରେ ନିର୍ବାହୀ ଅଧିକାରୀ ରଞ୍ଜନ ଦାଶଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ଅଧ୍ୟକ୍ଷ ହେମନ୍ତ ସାହୁ ପରିମଳ କର୍ମଚାରୀଙ୍କୁ ସ୍ୱଚ୍ଛ ପରିମଳ ସମ୍ପର୍କରେ ବହୁମୂଲ୍ୟ ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ପରିମଳ ବିଶେଷଜ୍ଞ ପ୍ରଭଞ୍ଜନ ସ୍ୱାଇଁ, ପରିମଳ ନିରୀକ୍ଷକ ପ୍ରଫୁଲ୍ଲ ଦାଶ, ଭୁବନ କାନୁନଗୋ, ସମସ୍ତ ସ୍ୱଚ୍ଛ କର୍ମୀ, ସ୍ୱଚ୍ଛ ସାଥି, ସମ୍ପଦ କେନ୍ଦ୍ର ପରିଚାଳିକା ଯୋଗ ଦେଇଥିଲେ।

# ବସନ୍ତପୁର ସାଇ ମନ୍ଦିରରେ ମହାସମାଧି ଦିବସ




**ଗରଦପୁର, ୫।୧୦(ସମିସ):** ଦଶହରାରେ ବାବା ମହସମାଧି ନେଇଥିଲେ। ଶିରିଡିରେ ଏହି ଦିବସ ପାଳନ ହେଉଥିବାବେଳେ ସମସ୍ତ ସାଇ ମନ୍ଦିରରେ ଏହି ଦିବସକୁ ପାଳନ କରାଯାଇଛି। ଗୁରୁଜୀ ଡ ଚନ୍ଦ୍ରଭାନୁ ଶତପଥୀଙ୍କ ଦ୍ୱାରା ପ୍ରାଣ ପ୍ରତିଷ୍ଠା କରାଯାଇଥିବା ବସନ୍ତପୁର ସାଇ ମନ୍ଦିରରେ ଏହି ଦିବସ ପାଳନ କରାଯାଇଛି। ସକାଳେ କାକଟ ଆଳତୀ, ସୂର୍ଯ୍ୟପୂଜା, ମହାଅଭିଷେକ, ମଧ୍ୟାହ୍ନ ଆଳତୀ, ସନ୍ଧ୍ୟା ଆଳତୀ ଓ ରାତ୍ର ଆଳତିରେ ବାବାଙ୍କୁ ପୂଜା କରାଯାଇଛି। ବାବାଙ୍କୁ ବିଷ୍ଣୁ ସହସ୍ର ନାମରେ ମହାଅଭିଷେକ କରାଯାଇଥିଲା। କ୍ଷୀର, ମହୁ, ଆଖୁରସ, ପଇଡ, ଲହୁଣୀ, ଅଗରୁ, ଚନ୍ଦନରେ ବାବାଙ୍କୁ ସ୍ନାନ କରାଯାଇ ମହାଅଭିଷେକ କରାଯାଇଥିଲା। ବାବାଙ୍କ ସ୍ନାନ ପରେ ନୂତନ ବାସ୍ତ୍ର ପରିଧାନ କରାଯାଇ ଆଳତୀ ପୂଜା କରାଯାଇଥିଲା। ଟ୍ରଷ୍ଟର ପରିଚାଳନା ଟ୍ରଷ୍ଟି ଡ. ରୁଦ୍ର ମହାନ୍ତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# କେନ୍ଦ୍ରାପଡ଼ା କୋଅପରେଟିଭ ମାର୍ଶାଘାଇ ଶାଖାର ସ୍ୱନକ୍ଷତ୍ର

**ମାର୍ଶାଘାଇ, ୫।୧୦(ସମିସ):** କେନ୍ଦ୍ରାପଡ଼ା କ୍ରେଡିଟ୍ କୋଅପରେଟିଭ ସୋସାଇଟି ମାର୍ଶାଘାଇ ଶାଖାର ୨୪ତମ ସ୍ୱନକ୍ଷତ୍ର ଦିବସ ଅନୁଷ୍ଠିତ ହୋଇଯାଇଛି। ଶାଖା ପରିଚାଳକ ଭବାନୀ ଶଙ୍କର ପରିଡ଼ାଙ୍କ ପୌରୋହିତ୍ୟରେମୁଖ୍ୟଅତିଥି ଭାବେ କେନ୍ଦ୍ରାପଡ଼ା କ୍ରେଡ଼ିଟ୍‌କୋ-ଅପରେଟିଭ୍ ସୋସାଇଟ୍ ସଭାପତି ପ୍ରମୋଦ ସାହୁ ଯୋଗଦେଇ ବାଣିଜ୍ୟିକ ବ୍ୟବସାୟ କ୍ଷେତ୍ରରେ ଅବିଭକ୍ତ କଟକ ଜିଲ୍ଲାରେ କେନ୍ଦ୍ରାପଡ଼ା କ୍ରେଡ଼ିଟ୍ କୋଅପରେଟିଭ୍ ସୋସାଇଟ୍ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଆସୁଛି। ବିଭିନ୍ନ ବର୍ଗର ବ୍ୟବସାୟୀଙ୍କୁ ଋଣ ନେଇ ସଫଳତା ହାସଲ କରିଛି। ଏ କ୍ଷେତ୍ରରେ ମାର୍ଶାଘାଇ ଶାଖା ଅଗ୍ରଣୀ ଭୂମିକା ଲିଭାଉଥିବା ନେଇ ଶ୍ରୀ ସାହୁ ପ୍ରକାଶ କରିଥିଲେ। କେସିସିଏସ୍ ମୁଖ୍ୟ ପରିଚାଳକ(ଏଫଆଣ୍ଡଏ) ମନୋଜ ସାହୁ, ଅତିରିକ୍ତ ସମ୍ପାଦକ ଅରବିନ୍ଦ ସାହୁ, କେନ୍ଦ୍ରାପଡ଼ା କ୍ରେଡ଼ିଟ୍ କୋଅପରେଟିଭ ସମ୍ପାଦକ ପ୍ରହ୍ଲାଦ ସାହୁ, ଏଜିଏମ୍ ରମେଶ ସେଠୀ, ନିର୍ଦ୍ଦେଶକ କୈଳାସ ବେହେରା, ସାଲେପୁର ଶାଖା ପରିଚାଳକ ଶାନ୍ତନୁ ସାହୁ, ଦେବୀ ପରିଡ଼ା ଯୋଗ ଦେଇଥିଲେ।

## ବାପାଙ୍କ ମୋବାଇଲକୁ ପୁଅର ଶେଷ ମେସେଜ
# ନଦୀ ସେତୁରୁ ମିଳିଲା ଚପଲ; ଆତ୍ମହତ୍ୟା ସନ୍ଦେହ

**କେନ୍ଦ୍ରାପଡ଼ା, ୫।୧୦(ସମିସ):** ବାପାଙ୍କ ମୋବାଇଲକୁ ଶେଷ ମେସେଜ ଦେଇ ପୁଅ ନିଖୋଜ ହୋଇଯାଇଛି। ଗତ ରବିବାର ରାତି ୩ଟାରୁ ପୁଅ କୁଆଡେ ପଳାଇବା ପରେ ତନାଘନା ଆରମ୍ଭ ହୋଇଛି। ଶେଷ ମେସେଜରେ ତାଙ୍କ ମୃତ୍ୟୁ ପାଇଁ କେହି ଦାୟୀ ନୁହଁନ୍ତି। ତୁମେ ଓ ବୋଉ ହସଖୁସିରେ ରହିବ। କ୍ଷମା କରିଦେବ ଓ ବୋଉଙ୍କୁ ମଧ୍ୟ ବୁଝେଇଦେବ ବୋଲି ବାପାଙ୍କ ମୋବାଇଲକୁ ମେସେଜ ଆସିଥିଲା। ଏହି ମେସେଜ ପଢ଼ିବା ପରେ ପୁଅ ଆତ୍ମହତ୍ୟା କରିଥାଇପାରେ ବୋଲି ସନ୍ଦେହ କରାଯାଉଛି। ଏଭଳି ଏକ ଦୁଃଖଦ ଘଟଣା ମହାକାଳପଡ଼ା ବ୍ଲକ ଅନ୍ତର୍ଗତ ବଡକୂଳ ପଞ୍ଚାୟତ ଆଶ୍ରମ ବାଲିକୁଦା ଗ୍ରାମର ରଶ୍ମୀକାନ୍ତ ରାଉତରାୟଙ୍କ ପୁଅ ପ୍ରୀତିରଞ୍ଜନ(୨୨) ସହିତ ଘଟିଛି। ସେ ବାପାଙ୍କ ମୋବାଇଲକୁ ପଠାଇଥିବା ମେସେଜ ଓ ଲୁଣା ନଦୀର ଦଶମୌଜି ସେତୁ ଉପରେ ଯୁବକଙ୍କ ଚପଲ ଦେଖିବା ପରେ ସେ ନଦୀକୁ ଡେଇଁ ଆତ୍ମହତ୍ୟା କରି ଥାଇପାରନ୍ତି ବୋଲି ସନ୍ଦେହ ବଢ଼ିବାରେ ଲାଗିଛି। ମହାକାଳପଡ଼ା ଓ ମାର୍ଶାଘାଇର ଦୁଇଟି ଅଗ୍ନିଶମ ଟିମ ଖୋଜାଖୋଜି କରିଥିଲେ ମଧ୍ୟ ଏ ପର୍ଯ୍ୟନ୍ତ ତାଙ୍କର କୌଣସି ସନ୍ଧାନ ମିଳିପାରିନାହିଁ। ପୁଅର ଉକ୍ତ ମେସେଜଟି ପଢ଼ିବା ପରେ ପରିବାରରେ ଦୁଃଖର ଛାୟା ଖେଳିଯାଇଛି। ଦଶମୌଜି ସେତୁ ଉପରେ ପ୍ରୀତିରଞ୍ଜନ ବ୍ୟବହାର କରୁଥିବା ଚପଲ ରଖାଯାଇଥିବାର ଦେଖିବାକୁ ମିଳିଥିଲା। ପରିବାର ପକ୍ଷରୁ ସ୍ଥାନୀୟ ମାର୍ଶାଘାଇ ଥାନାରେ ପ୍ରୀତିରଞ୍ଜନ ନିଖୋଜ ଥିବା ନେଇ ଅଭିଯୋଗ ହୋଇଛି।

## ଚାଷଜମିରୁ ଉଦ୍‌ବୃତ୍ତ ବର୍ଷାଜଳ ନିଷ୍କାସନରେ ବାଧକ ମାଛଖଟି
# ଉଚ୍ଛେଦ ପାଇଁ ଜିଲ୍ଲାପାଳଙ୍କୁ ଦାବିପତ୍ର



**ଡେରାବିଶ, ୫।୧୦(ସମିସ):** ଡେରାବିଶ ବ୍ଲକ କୃଷି ପ୍ରଧାନ ଅଞ୍ଚଳ। ଏହି ଅଞ୍ଚଳର ଚାଷୀ ଖରିଫ ଋତୁରେ ଧାନଚାଷ କରି ପରିବାର ପ୍ରତିପୋଷଣ କରନ୍ତି। ଚାଷୀ କେନ୍ଦ୍ରାପଡ଼ା, ପଟ୍ଟାମୁଣ୍ଡାଇ କେନାଲ ଓ ବର୍ଷା ଜଳ ଉପରେ ନିର୍ଭର କରି ଧାନ ଚାଷ କରନ୍ତି। ଚଳିତ ବର୍ଷ ଉଭୟ କେନ୍ଦ୍ରାପଡ଼ା ଓ ପଟ୍ଟାମୁଣ୍ଡାଇ କେନାଲ ଦ୍ୱାରା ବ୍ଲକ ଅଞ୍ଚଳ ଚାଷଜମି ଜଳପ୍ଲାବିତ ହେଉଥିବାବେଳେ ଧାନଚାଷ ଆରମ୍ଭରୁ ଲଘୁଚାପଜନିତ ଲଗାଣ ବର୍ଷା ଲାଗି ରହିଛି। ଉଦ୍‌ବୃତ୍ତ ବର୍ଷାଜଳ ଡେରାବିଶ ବ୍ଲକ ଦେଇ ପ୍ରବାହିତ ହୋଇଥିବା ୧୯ନଂ, ୨୦ନଂ ଓ ୨୧ନଂ ଡ୍ରେନେଜ୍‌କଟ୍ ମାଧ୍ୟମରେ ଚାଷଜମିରୁ ନିଷ୍କାସିତ ହୋଇଥାଏ। କିଛି ଅସାଧୁ ବ୍ୟକ୍ତି ଏହି ଡ୍ରେନେଜକଟ୍ ପଥ ଅବରୋଧ କରି କୃତ୍ରିମ ବନ୍ଧ ପକାଇବା ସହ ଜାଲ ବସାଇ ମାଛ ଧରୁଛନ୍ତି। ଫଳରେ ଧାନଚାଷ ବର୍ଷାଜଳରେ ବୁଡ଼ି ନଷ୍ଟ ହେବାକୁ ବସିଲାଣି। ଗୁଆଳସିଂ ପଞ୍ଚାୟତର ଆଇନ କଲେଜ ପାଖ, କାଉପଡ଼ା ପଞ୍ଚାୟତର ଥକେଇନେଉଳି ପାଖ, ବାଲିଆ ପଞ୍ଚାୟତର ଦେଶପୁର ନିକଟ ଓ ରଘୁଦେଇପୁର ପଞ୍ଚାୟତର ବେଲାରପୁର ନିକଟରେ କେତେକ ବ୍ୟକ୍ତି ମାଛଖଟି ବସାଇ ଚାଷୀଙ୍କ ସର୍ବନାଶ କରୁଛନ୍ତି। ଏହାର ପ୍ରତିବାଦରେ କୃଷକ ବିକାଶ ପରିଷଦ ପକ୍ଷରୁ କେନ୍ଦ୍ରାପଡ଼ା ଅତିରିକ୍ତ ଜିଲ୍ଲାପାଳ ରବୀନ୍ଦ୍ର ମଲିକଙ୍କୁ ଭେଟି ଜଳ ନିଷ୍କାସନ ପଥ ଅବରୋଧ କରିଥିବା ଅସାଧୁ ବ୍ୟକ୍ତିଙ୍କୁ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ମାଛଖଟି ଉଚ୍ଛେଦ ପାଇଁ ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଥିଲେ। କୃଷକ ବିକାଶ ପରିଷଦର ସଭାପତି ବିଜୟ ପରିଡ଼ାଙ୍କ ନେତୃତ୍ୱରେ ମାଧବ ରାଉତ, ଶୁକଦେବ ମଲିକ, ଶରତ ସେଠୀ, ପ୍ରମୋଦ ରାଉତ ପ୍ରମୁଖ ଦାବିପତ୍ର ପ୍ରଦାନ କରିଥିଲେ।

## ଖବର ପ୍ରକାଶ ପରେ ଚେତିଲା ପ୍ରଶାସନ
# ଗାତ୍ରେ ପଡ଼ିଲା ଇଟାଗୁଣ୍ଡ, ସ୍ଥାୟିତ୍ୱ ନେଇ ସନ୍ଦେହ

**ରାଜକନିକା, ୫।୧୦(ସମିସ):** ଠିକାଦାର ଓ ବ୍ଲକ ଜେଇଙ୍କ ମଧୁଚନ୍ଦ୍ରିକାରୁ ନିମ୍ନମାନର କାମ ଯୋଗୁଁ ରାସ୍ତା ଶୋଚନୀୟ ହୋଇପଡ଼ିଛି। ଏ ନେଇ ଖବର ପ୍ରକାଶ ପାଇବା ପରେ ପ୍ରଶାସନ ତତ୍ପର ହୋଇଛି। ଗାଡ଼ରେ ଭଙ୍ଗାଇଟା ପକାଇ ମରାମତି କରିଛି।

ଆଳି ବିଧାୟକ ପାଣ୍ଠି ଦ୍ୱାରା ନିର୍ମିତ ଓଳାଭର ବଜାର ସାତଘରିଆ ରାସ୍ତାରେ ଫେବର ବିଛା କାମ ଅତ୍ୟନ୍ତ ନିମ୍ନମାନର ହୋଇଥିବାରୁ ଚଳିତ ଲଗାଣ ବର୍ଷାରେ ଧୋଇଯାଇ ବିରାଟ ଗାଡ଼ ସୃଷ୍ଟି ହୋଇଛି। ଏହି ପ୍ରମୁଖ ରାସ୍ତାରେ ଗାଡ଼ ହେବାରୁ ଲୋକେ ଦୈନିକ ଦୁର୍ଘଟଣାର ସମ୍ମୁଖୀନ ହେଉଥିବା ଖବର ପ୍ରକାଶ ପରେ ସେହି ଗାଡ଼ରେ ବ୍ଲକ ଜେଇ ଇଟାଗୁଣ୍ଡ ପକାଇ ଦୋଷ ଘୋଡାଇବାକୁ ଚେଷ୍ଟା କରିଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ତଟବନ୍ଧ ବିଭାଗର ଏହି ରାସ୍ତାକୁ ଓଳାଭର ବଜାର ପୂର୍ବରୁ ଅଧିକସଶକ୍ତ କରିବାକୁ ଫେବର ଟାଇଲ ବିଛା ଯାଇଥିବାବେଳେ ବର୍ଷା ପାଣି ପଶି ତଳ ପଟୁ ଧସିବା ପରେ ଫେବର ଟାଇଲ ଭୁଶୁଡି ପଡ଼ିଛି। ଏ ନେଇ ବାରମ୍ବାର ବ୍ଲକର ଜେଇଙ୍କୁ କହିବା ପରେ କୌଣସି ମରାମତି ନ ହେବା ପରେ ଏବେ ଇଟାଗୁଣ୍ଡ ପଡ଼ିବା ନେଇ ସନ୍ଦେହ ବଢ଼ିଛି। ନିମ୍ନମାନର କାମ କରି ଅଧା ଅର୍ଥ ଲୁଟିବା ପରେ ପୁଣି ମରାମତି ନାଁରେ ଅର୍ଥ ଖର୍ଚ୍ଚ କରାଯିବାକୁ ସ୍ଥାନୀୟ ବୁଦ୍ଧିଜୀବୀ ନାପସନ୍ଦ କରାଯିବା ସହ ଏହାର ତଦନ୍ତ ଦାବି କରିଛନ୍ତି।

# ଦୁର୍ଘଟଣାରେ ଯୁବକ ଗୁରୁତର

**ଆଳି, ୫।୧୦(ସମିସ):** ପତ୍ରପୁର ସେତୁ ନିକଟରେ ଆଜି ସନ୍ଧ୍ୟାରେ ଦୁର୍ଘଟଣା ଘଟି ଜଣେ ଯୁବକ ଗୁରୁତର ହୋଇଥିବା ଜଣାପଡ଼ିଛି।। ମେଣ୍ଟପୁର ପଞ୍ଚାୟତ ପୋଡାମରାଇ ଗ୍ରାମର ସୁରେନ୍ଦ୍ର ରାଉତ (୨୮) ଜରୁରୀ କାମରେ ପଟ୍ଟାମୁଣ୍ଡାଇ ଯାଇ ଫେରୁଥିବା ସମୟରେ ଆଳି ପତ୍ରପୁର ସେତୁ ନିକଟରେ ହଠାତ ଏକ କୁକୁର ଗାଡ଼ି ତଳକୁ ପଶିଯାଇଥିଲା। ସୁରେନ୍ଦ୍ର ଭାରସାମ୍ୟ ହରାଇ ତଳେ ପଡ଼ିଯାଇଥିଲେ। ତାଙ୍କ ବାମ ଗୋଡ଼, ହାତ ଓ ଅଣ୍ଟାରେ ଆଘାତ ଲାଗିଥିଲା। ସ୍ଥାନୀୟଲୋକେ ତାଙ୍କୁ ଆଳି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ନେଇଥିଲେ। ସ୍ୱାସ୍ଥ୍ୟାବସ୍ଥା ଖରାପ ହେବାରୁ ଜିଲ୍ଲା ଡାକ୍ତରଖାନାକୁ ପଠାଇ ଦିଆଯାଇଛି।

## କେରଡ଼ାଗଡ଼-ମଦନପୁର ପୂର୍ତ୍ତ ବିଭାଗ ରାସ୍ତା
# ଟେଣ୍ଡର ନୋଟିସ୍ ପରେ ବି ସ୍ୱିଟ୍‌ଅପ କାମ ନାଁରେ ଅର୍ଥ ହଡ଼ପ ମସୁଧା

ରାଜନଗର, ୫।୧୦(ସମିସ)



ରାଜନଗର ବ୍ଲକର ଗୋପାଳପୁର ଭାୟା କେରଡାଗଡ଼-ମଦନପୁର ରାସ୍ତାର ଦୈର୍ଘ୍ୟ ୧୫ କିମି ୨୨୫ ମିଟର। ଏହି ରାସ୍ତା ଏବେ ଯାତାୟାତ ଅନୁପୋଯୋଗୀ ହୋଇପଡ଼ିଛି। ରାସ୍ତାର ପୁନଃନିର୍ମାଣ ପାଇଁ ଚଳିତ ବର୍ଷ ଟେଣ୍ଡର ପାଇଁ ମୁଖ୍ୟଯନ୍ତ୍ରୀଙ୍କ କାର୍ଯ୍ୟାଳୟ ପତ୍ର ନଂ୩୩୮୩୭/୩୦।୮।୨୦୨୫ରେ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଟେଣ୍ଡର ପକାଇବା ଦିବସ ସେପ୍ଟେମ୍ବର ୧୦ରୁ ଆରମ୍ଭ ହୋଇ ୨୫ ତାରିଖରେ ଶେଷ ହୋଇଛି। ଏହି କାର୍ଯ୍ୟ ପାଇଁ ୧୦ କୋଟି ୪୯ ଲକ୍ଷ ଟଙ୍କା ବ୍ୟୟବରାଦ ହୋଇଥିବା ଜଣାପଡ଼ିଛି। ସବୁଠୁ ବଡ଼ କଥା ହେଲା, ଟେଣ୍ଡର ପ୍ରକ୍ରିୟା ଶେଷ ହେବା ବେଳକୁ ଏହି ରାସ୍ତାରେ ୪୭ଟି ସ୍ୱିଟ୍‌ଅପ କାମ ଠିକାଦାରଙ୍କୁ ଦିଆଯାଇଛି। ତିନିଶହ ମିଟର ଲେଖାଏଁ ସ୍ୱିଟ୍‌ଅପ କାମ ପାଇଁ ୫ ଲକ୍ଷ ଟଙ୍କା ଲେଖାଏଁ ମୋଟ ୨ କୋଟି ୩୦ ଲକ୍ଷ ଟଙ୍କା ବ୍ୟୟବରାଦ କରାଯାଇଥିବା ନାମ ଗୋପନ ସୂତ୍ରରେ ଜଣେ ଅଧିକାରୀ ସୂଚନା ଦେଇଛନ୍ତି। ଟେଣ୍ଡର ପ୍ରକ୍ରିୟା ସରିଗଲାଣି। ସ୍ୱିଟ୍‌ଅପ କାମ ନାମରେ ର ଠ ଭାବେ ଗୋଡ଼ି ଉପରେ ଡଷ୍ଟ ପକାଇ କାମ କରି ୨ କୋଟି ୩୦ ଲକ୍ଷ ଟଙ୍କା ଚଳୁ କରିବାକୁ ଉଦ୍ୟମ ହୋଇଛି।

ଅପରପକ୍ଷେ ସବ-ଡିଭିଜନରେ ସହକାରୀ ନିର୍ବାହୀ ଯନ୍ତ୍ରୀ ଓ ଦୁଇଜଣ ସହକାରୀ (କନିଷ୍ଠ) ଯନ୍ତ୍ରୀ କାର୍ଯ୍ୟ କରିଥା'ନ୍ତି। କିଛିଦିନ ହେବ ଦୁଇଜଣ ସହକାରୀ(କନିଷ୍ଠ) ଯନ୍ତ୍ରୀଙ୍କ ପଦବୀ ଖାଲି ପଡ଼ିଥିବାବେଳେ କେନ୍ଦ୍ରାପଡ଼ା ସବଡିଭିଜନର ଜଣେ ସହକାରୀ ଯନ୍ତ୍ରୀ ଦୁଇଟି ସେକ୍ସନର ଭାରପ୍ରାପ୍ତ ଦାୟିତ୍ୱ ଗ୍ରହଣ କରିଛନ୍ତି। ଏଠାରେ ନିଯୁକ୍ତି ପାଇଥିବା ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କ ଦେଖା ରାଜନଗରରେ ମିଳେନାହିଁ। କାମ ତଦାରଖ କରିବା ପାଇଁ ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କ ପାଦ ପଡୁ ନ ଥିବାବେଳେ ଭାରପ୍ରାପ୍ତ ସହକାରୀ ଯନ୍ତ୍ରୀଙ୍କ ଅନୁପସ୍ଥିତ ଯୋଗୁଁ ସବଡିଭିଜନରେ ନିମ୍ନମାନର କାମ ହେଉଥିବା ଅଭିଯୋଗ ହେଉଛି। ଟେଣ୍ଡର ସରିବା ପରେ ସ୍ୱିଟଅପ ନାଁରେ ସହକାରୀ ନିର୍ବାହୀ ଯନ୍ତ୍ରୀ କାଁଭାଁ କାମ କରାଇ କୋଟି କୋଟି ଟଙ୍କା ହରିଲୁଟ କରି ଠିକାଦାରଙ୍କ ଜରିଆରେ ରାଜନେତାଙ୍କ ନିକଟତର ହେବାକୁ ଉଦ୍ୟମ କରିଥିବା ଚର୍ଚ୍ଚା ହେଉଛି। ଏ ସମ୍ପର୍କରେ ସହକାରୀ ନିର୍ବାହୀ ଯନ୍ତ୍ରୀ କୃପାସିନ୍ଧୁ ଧଳ ପ୍ରତିକ୍ରିୟା ନେବାକୁ ଉଦ୍ୟମ କରିଥିଲେ ମଧ୍ୟ ସମ୍ଭବ ହୋଇ ନ ଥିଲା।

# ଆର୍‌ଏସ୍‌ଏସ୍‌ର ଶତାବ୍ଦୀ ସମାରୋହ

**କେନ୍ଦ୍ରାପଡ଼ା, ୫।୧୦(ସମିସ):** ଜମଧର ପଞ୍ଚାୟତ ଆରଏମସି ପରିସରରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ଶତାବ୍ଦୀ ସମାରୋହ ଉଦଘାଟନୀ ଉତ୍ସବ ପାଳିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଇଂ ବିଶ୍ୱରଞ୍ଜନ ମିଶ୍ର ଯୋଗଦେଇ ସଂଘ ଦୀର୍ଘ ଶହେ ବର୍ଷ ମଧ୍ୟରେ ବ୍ୟକ୍ତି ଗଠନ ମାଧ୍ୟମରେ ରାଷ୍ଟ୍ର ଗଠନ ଭଳି ଏକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ନିର୍ବାହ କରି ଆସିଛି ବୋଲି କହିଥିଲେ। ଆରଏସ୍‌ଏସ୍ କଟକ ବିଭାଗ ବୌଦ୍ଧିକ ପ୍ରମୁଖ ବିଜୟ ନାୟକ ମୁଖ୍ୟବକ୍ତା ଭାବେ ଯୋଗଦେଇ ସଂଘର ପ୍ରତିଷ୍ଠା, ଏହାର ଲକ୍ଷ୍ୟ ଓ ଶହେ ବର୍ଷର ଯାତ୍ରା ସମ୍ପର୍କରେ ଆଲୋଚନା କରିଥିଲେ। ସଂଘର ଡେରାବିଶ ଖଣ୍ଡ ସଂଘ ଚାଳକ ନାରାୟଣ ବାରିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏ ଅବସରରେ ସେବକଙ୍କ ଗଣବେଶ, ଶାରୀରିକ, ଘୋଷ ପ୍ରଭୃତି କରାଯାଇଥିଲା।

# ବର୍ଷାରେ ଭୁଶୁଡ଼ିଲା ୧୯ ଘର

ପୋଡ଼ାଗଡ଼, ୫।୧୦(ସମିସ): କୋରାପୁଟ ଜିଲ୍ଲା ଦଶମନ୍ତପୁର ବ୍ଲକରେ ଗତ ଗୁରୁବାର ଦିନ ଲଘୁଚାପ ଜନିତ ବର୍ଷାରେ ବ୍ୟାପକ କ୍ଷୟକ୍ଷତି ହୋଇଛି। କେଉଁଠି ପୋଲ ଭାସି ଯାଇ ଥିବାରୁ ବାହ୍ୟ ଜଗତରୁ ଅଞ୍ଚଳ ବିଚ୍ଛିନ୍ନ ହୋଇ ଯାଇଥିବା ବେଳେ ଅନେକ ସ୍ଥାନରେ ଘର ଭୁଶୁଡ଼ି ପଡିଛି। ଏକର ଏକର ଜମିରେ ମକା ଧନ ଚାଷ କ୍ଷତି ହୋଇଥିବା ଦେଖିବାକୁ ମିଳିଛି। ସେହିପରି ବ୍ଲକର ବିଭିନ୍ନ ପଞ୍ଚାୟତର ଗାଁରେ ମାଟି କାନ୍ଥ ଥିବା ଘର ଭୁଶୁଡ଼ି ପଡ଼ିବାରୁ ଲୋକେ ନାହିଁ ନଥିବା ଦୁର୍ଦ୍ଦଶାର ଶିକାର ଯାଇଛନ୍ତି। ଘର ମରାମତି ପାଇଁ ଟଙ୍କା ନଥିବାରୁ ଗରିବ ଶ୍ରେଣୀର ଲୋକ ଘର ମରାମତି କରିପାରୁ ନାହାନ୍ତି। ଏଭଳି ସ୍ଥିତିରେ କ୍ଷତିଗ୍ରସ୍ତ ପରିବାର ସରକାରୀ ସହାୟତା ଅପେକ୍ଷାରେ ରହିଛନ୍ତି। ଗାଦିଆ ଗୁଡା ପଞ୍ଚାୟତର ପଡୟ ପୁଟ ଗ୍ରାମର ରୁକୁ ନାୟକ ଏଲ ବାରୀଗୁଡ଼ା ଗାଁର ଅମ୍ବିକା ଖରା ଗୁଣମୁଦୁଲି ପୁରୁଷୋତ୍ତମ ଖରାଙ୍କ ଘର ବର୍ଷା ରେ ଭିଜି ଘର ଭୁଶୁଡ଼ି ପଡ଼ିଛି। ଏଥିସହ ଘରର ଆସବାବପତ୍ର ସମ୍ପୂର୍ଣ୍ଣ ନଷ୍ଟ ହୋଇଥିବା ଜଣାପଡିଛି। ସେହିପରି ମୁଜାଙ୍ଗ ପଞ୍ଚାୟତର ବାଉଁଶ ଗୁଡା ଗ୍ରାମର ରଘୁ ଗଡଡଙ୍କ ଘର ଅବସ୍ଥା। ଅନ୍ୟ ପଟେ ଦଶମନ୍ତପୁର ବ୍ଲକ ସଦର ମହକୁମା ସ୍ଥିତ ବଦଳି କୁଡୁମା ଗାଁର ସୁବାସ ଗଡଡ ପରଜା ବେଡ଼ାପଦର ପଞ୍ଚାୟତର ଅଧିନସ୍ଥ ବଞ୍ଚାଗୁଡା ଗ୍ରାମର ରୂପା ଦଳପତି ଦୁଆର ଶୁଣି ପଞ୍ଚାୟତର ହଳଦିଶିଲ ଗ୍ରାମର ତ୍ରିନାଥ ମୁଦୁଲିଙ୍କ ଘର ଭାଙ୍ଗି ଯାଇଛି। ପ୍ରଶାସନ ପକ୍ଷରୁ କ୍ଷୟକ୍ଷତି ଆକଳନ କରି ସରକାରୀ ସହାୟତା ଯୋଗାଇ ଦେବାକୁ ପରିବାର ଲୋକ ନିବେଦନ କରିଛନ୍ତି। ଏ ସମ୍ପର୍କରେ ଅତିରିକ୍ତ ତହସିଲଦାର ଜଗୁ ପୂଜାରୀଙ୍କୁ ଯୋଗାଯୋଗ କରିବାରୁ ବ୍ଲକରେ ଲଘୁଚାପ ଜନିତ ବର୍ଷାରେ ୧୬ଟି ପଞ୍ଚାୟତ ମଧ୍ୟରୁ ମୋଟ ୧୯ଟି ପଞ୍ଚାୟତର କଚାଘରର ମାଟି କାନ୍ଥ ଗୁଡ଼ିକ ଭୁଶୁଡ଼ି ଥିବା ରାଜସ୍ୱ ନିରୀକ୍ଷକଙ୍କ ନିକଟରୁ ମିଳିଥିବା ରିପୋର୍ଟରୁ ଜଣାପଡ଼ିଛି। ସମସ୍ତଙ୍କୁ ଜରୁରୀକାଳୀନ ସହାୟତା ଭାବେ ପଲିଥିନ ଯୋଗାଇ ଦିଆଯାଇଛି। ଯଦି ଅନ୍ୟ କୌଣସି ପରିବାର ପଲିଥିନ ପାଇବାରୁ ବଞ୍ଚିତ ହୋଇଛନ୍ତି, ସେମାନଙ୍କୁ ମଧ୍ୟ ଅତି ଶୀଘ୍ର ଯୋଗାଇ ଦିଆଯାଇଥିବ ବୋଲି କୁହାଯାଇଛି। ସମସ୍ତ କ୍ଷୟକ୍ଷତି ରିପୋର୍ଟ୍ ଜିଲ୍ଲା କାର୍ଯ୍ୟାଳୟକୁ ପଠାଯିବ ବୋଲି କୁହାଯାଇଛି। ସମସ୍ତ କ୍ଷତିଗ୍ରସ୍ତ ପରିବାରକୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ସାମିଲ କରି ଘର ଯୋଗାଇ ଦେବାକୁ ସାଧାରଣରେ ଦାବି ହେଉଛି।

# ପୁଲିସ ପାଟ୍ରୋଲିଂ ଗାଡ଼ିକୁ ମଦ ଯୋଗାଣ!





ଜୟପୁର, ୫।୧୦ (ସମିସ): କୋରାପୁଟ ଜିଲ୍ଲା ଜୟପୁର ସହରର ଗାନ୍ଧୀଛକ ଠାରୁ ସରକାରୀ ଉଚ୍ଚ ବିଦ୍ୟାଳୟ ଛକକୁ ସଂଯୋଗ କରୁଥିବା ୩୨୬ ନମ୍ବର ଜାତୀୟ ରାଜପଥ କେନାଲ ବାଇପାସ ରୋଡ ପାର୍ଶ୍ୱରେ ଏକ ସରାକାରୀ ସ୍ୱୀକୃତ ବିଦେଶୀ ଠିପି ବନ୍ଦ ମଦ ଦୋକାନ ରହିଛି। କିନ୍ତୁ ଏଠାରେ ଗ୍ରାହକ ମାନେ ମଦ କିଣିବା ସହ ଦୋକାନର କର୍ମଚାରୀଙ୍କ ସହାୟତାରେ ପ୍ଲାଷ୍ଟିକ ଗ୍ଲାସ, ପାଣି ଓ ସୋଡାର ବ୍ୟବସ୍ଥା କରାଯାଉଛି। ଫଳରେ ଏହା ଏକ ଖୋଲାଖୋଲି ବାର ପାଲଟିଯାଇଛି। ଏହିପରି ଗ୍ରାହକ ମାନେ ସେଠାରେ ବିଦେଶୀ ମଦ କ୍ରୟ କରିବା ସହ ଦିନ ଓ ରାତିରେ ଖୋଲା ଖୋଲି ଭାବେ ଗ୍ଲାସରେ ମଦ ଢାଳି ଏହାକୁ ପିଉଛନ୍ତି। ଏହିପରି ଆଜି ପୁଲିସ ପେଟ୍ରୋଲିଂ ଗାଡି ଉକ୍ତ ମଦ ଦୋକାନ ନିକଟରେ ଅଟକି ରହିଥିଲା। କିନ୍ତୁ ପୁଲିସ ବାବୁ ମାନେ ଖୋଲାଖୋଲି ମଦ ପିଇବା ତାଗିଦ କରିବା ବଦଳରେ ଜଣେ ମଦ ଦୋକାନର କର୍ମଚାରୀ ଏକ ମଦ ବୋତଲ ନେଇ ଉକ୍ତ ପେଟ୍ରୋଲିଂ ଗାଡିରେ ବସିଥିବା ପୁଲିସ ବାବୁଙ୍କୁ ପ୍ରଦାନ କରିଥିଲେ। ଏହାପରେ ପୁଲିସ ପାଟ୍ରୋଲିଂ ଗାଡି ସେଠାରେ ମଦୁଆ ମାନଙ୍କୁ ତାଗିଦ ନ କରି ସେଠାରୁ ଚାଲିଯାଇଥିଲା। ଏହିପରି ଖୋଲାଖୋଲି ଭାବେ ଠିପି ବନ୍ଦ ମଦ ଦୋକାନ ସମ୍ମୁଖରେ ବାର ଚାଲିଥିବା ବେଳେ ପୁଲିସ ଓ ଅବକାରୀ ବିଭାଗ ଚେଇଁ ଶୋଇଥିବା ନେଇ ଅଧିକାରୀ ଓ କର୍ମଚାରୀଙ୍କ କାର୍ଯ୍ୟପ୍ରତି ସନ୍ଦେହ ସୃଷ୍ଟି ହେଉଛି। ଏହିପରି ସ୍ଥାନୀୟ କେଲା ନଗର ଏବଂ ଏହି ରାସ୍ତା ଦେଇ ଯାତାୟାତ କରୁଥିବା ସାଧାରଣ ଲୋକ ଏପରି ଖୋଲାଖୋଲି ମଦ ପିଇବାକୁ ନେଇ ଅଭିଯୋଗ କରୁଥିଲେ ସୁଦ୍ଧା ପ୍ରଶାସନ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ନ ନେବାକୁ ନେଇ ସାଧାରଣ ଲୋକ ପ୍ରଶାସନ ଉପରେ ଆସ୍ଥା ଓ ବିଶ୍ୱାସ ହରାଉଛନ୍ତି। ଏଥିନେଇ ଜୟପୁର ଏସ୍‌ଡିପିଓ ପାର୍ଥ କାଶ୍ୟପଙ୍କ ଦୃଷ୍ଟି ଆକର୍ଷଣ କରିବାରୁ ସେ କହିଛନ୍ତି ଯେ, ଜୟପୁର ଟାଉନ ଏବଂ ସଦର ଥାନାର ଦୁଇଟି ପାଟ୍ରୋଲିଂ ଗାଡି ରହିଛି। ତେଣୁ କେଉଁ ଗାଡି ସେଠାରୁ ଏହିପରି ମଦ ନେଇଛନ୍ତି ତାହାର ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଉକ୍ତ ଠିପ ବନ୍ଦ ମଦ ଦୋକାନ ସମ୍ମୁଖରେ ଖୋଲାଖୋଲି ମଦ ପିଇବା ନେଇ ପଦକ୍ଷପ ଗ୍ରହଣ କରାଯିବ ବୋଲି କହିଛନ୍ତି।

## ଆଦି କର୍ମଯୋଗୀ ଅଭିଯାନ ନେଇ ବିଶେଷ ଗ୍ରାମସଭା




ନବରଙ୍ଗପୁର, ୫।୧୦(ସମିସ): ନବରଙ୍ଗପୁର ବ୍ଲକ୍ ଅନ୍ତର୍ଗତ ତାରାଗାଁ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟଠାରେଆଦିକର୍ମଯୋଗୀଅଭିଯାନଅନ୍ତର୍ଗତଏକବିଶେଷଗ୍ରାମସଭାହୋଇଯାଇଛି। ତାରା ଗାଁ କ୍ଲଷ୍ଟର ଅଧୀନରେ ତିନୋଟି ଗ୍ରାମ ପିଲିକା, ପାତ୍ରମୁଣ୍ଡା ଓ ଗୁମଗୁଡ଼ାର ସାମଗ୍ରୀକ ବିକାଶ ନିମନ୍ତେ ସମସ୍ତଙ୍କ ସହଭାଗିତାରେ ଗ୍ରାମ ବିକାଶ କାର୍ଯ୍ୟପନ୍ଥା ପ୍ରସ୍ତୁତ କରାଯାଇଛି। କେନ୍ଦ୍ର ସରକାରଙ୍କ ଆଦିବାସୀ ବ୍ୟାପାର ମନ୍ତ୍ରାଳୟର ନିର୍ଦ୍ଦେଶିକା ବର୍ଣ୍ଣାଳି ଢେକା କ୍ଲଷ୍ଟର୍ ଆଦି ସେବା କେନ୍ଦ୍ର ଉଦ୍‌ଘାଟନ କରି ଗ୍ରାମବାସୀଙ୍କ ସକ୍ରିୟ ଅଂଶଗ୍ରହଣକୁ ପ୍ରଶଂସା କରିଥିଲେ। ନିର୍ଦ୍ଦେଇକା ଶ୍ରୀମତୀ ଢ଼େକା ନିଜ ବକ୍ତବ୍ୟରେ ଆଦି ଗ୍ରାମ ବିକାଶରେ ଜନଜାତି ଯୁବକ ଯୁବତୀ କିଭଳି ସଶକ୍ତ ହେବେ, ପାରମ୍ପରିକ ଜୀବିକା ଓ ସ୍ଥାୟୀ ନିରନ୍ତର ସାମାଜିକ ଆର୍ଥିକ ଉନ୍ନୟନକୁ ସୁନିଶ୍ଚିତ କରିବେ ଓ ନିଜ ଗ୍ରାମକୁ ଏକ ଆଦର୍ଶ ମଡେଲ ଗ୍ରାମ ଭାବେ ଗଢି ତୋଳିବାକୁ ଆହ୍ୱାନ କରିଥିଲେ। ଏହି ଅବସରରେ ନବରଙ୍ଗପୁର ଜିଲ୍ଲାପାଳ ଡ଼ ମହେଶ୍ୱର ସ୍ୱାଇଁ, ପିଏ,ଆଇଟିଡିଏ ରାଜୀବ ଲୋଚନ ସାହୁ, ବିଡିଓ ନବରଙ୍ଗପୁର ସୁନିଲ ଖୁରା ପ୍ରମୁଖ ଉପସ୍ଥିତ ଥିଲେ।

## ନାବାଳିକାଙ୍କୁ ପୁଣି ଅପହରଣ

ଜୟପୁର, ୫।୧୦ (ସମିସ): ଜୟପୁର ସଦରଥାନା ଅଞ୍ଚଳର କୁମୁଲିପୁଟ ଗ୍ରାମର ଆଉ ଜଣେ ନାବାଳିକାଙ୍କୁ ଅପହରଣ କରାଯାଇଛି। ନାବାଳିକାଙ୍କ ପିତାଙ୍କ ଏତଲାକୁ ଭିତ୍ତି କରି ସଦରଥାନାରେ ଏକ ମାମଲା ରୁଜୁ କରାଯାଇଛି। ଗତ ଶୁକ୍ରବାର ରାତିରେ ପରିବାର ଲୋକେ ରାତିରେ ଶୋଇଥିଲେ। ସକାଳୁ ଉଠି ଦେଖିବା ବେଳେ ୧୬ ବର୍ଷିୟା ନାବାଳିକା ନିଜ ଗୃହରେ ନଥିଲେ। ଖୋଜାଖୋଜି ପରେ ହରଡାପୁଟ ଗ୍ରାମର ସମୀର ହରିଜନ ନାମକ ଜଣେ ଯୁବକ ନାବାଳିକାଙ୍କୁ ଅପହରଣ କରିଥିବା ନେଇ ଏକ ପୀଡିତାଙ୍କ ପିତା ଗତକାଲି ଥାନାରେ ଏତଲା ଦେଇଥିଲେ। ଏନେଇ ସଦରଥାନାରେ ମାମଲା ରୁଜୁ କରିବା ସହ ତଦନ୍ତ ଆରମ୍ଭ କରିଥିବା ନେଇ ଥାନା ଅଧିକାରୀ ସଚିନ୍ଦ୍ର ପ୍ରଧାନ ସୂଚନା ଦେଇଛନ୍ତି। ପ୍ରକାଶ ଯେ, ଗତ ମାସ ୪ ତାରିଖରେ ଉକ୍ତ ନାବାଳିକାଙ୍କ ଅଭିଯୁକ୍ତ ଯୁବକ ପାରାବେଢାସ୍ଥିତ ଏକ ବିଦ୍ୟାଳୟକୁ ଯାଇଥିବା ବେଳେ ସେଠାରୁ ଏକ କାର ଯୋଗେ ଅପହରଣ କରିଥିବା ନେଇ ନାବାଳିକାଙ୍କ ପିତା ଟାଉନଥାନାରେ ଅଭିଯୋଗ କରିଥିଲେ। ଏହିପରି ପୁଲିସ ଖୋଜାଖୋଜି କରିବା ପରେ ନାବାଳିକାଙ୍କୁ ନବରଙ୍ଗପୁର ଜିଲ୍ଲା ଖାତିଗୁଡା ଥାନା ଅଞ୍ଚଳରୁ ଉଦ୍ଧାର କରିଥିଲେ ଏବଂ ପରିବାରକୁ ହସ୍ତାନ୍ତର କରିଥିଲେ। କିନ୍ତୁ ଅଭିଯୁକ୍ତ ଯୁବକ ସମୀର ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ଏକ ମାସ ମଧ୍ୟରେ ପୁଣି ଉକ୍ତ ନାବାଳିକାଙ୍କୁ ଅପହରଣ କରିଥିବା ନେଇ ଅଭିଯୁକ୍ତ ସମୀରଙ୍କ ବିରୋଧରେ ଟାଉନଥାନା ଏବଂ ସଦରଥାନାରେ ଦୁଇଟି ପୃଥକ ପୃଥକ ମାମଲା ରୁଜୁ ହୋଇଛି।

## ୫ ଲକ୍ଷ ଇନାମି ମାଓବାଦୀ ନିହତ

ମାଲକାନଗିରି, ୫।୧୦ (ସମିସ): ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡର ବିଜାପୁରରେ ଏନକାଉଣ୍ଟରରେ ପାଞ୍ଚ ଲକ୍ଷ ଟଙ୍କା ପୁରସ୍କାର ଥିବା ମାଓବାଦୀ ନିହତ। ସୂଚନା ଅନୁଯାୟୀ ବିଜାପୁର ଜିଲ୍ଲାର ଗାମ୍ପୁର ଜଙ୍ଗଲରେ ସୁରକ୍ଷା ବାହିନୀ ଏବଂ ମାଓବାଦୀଙ୍କ ମଧ୍ୟରେ ହୋଇଥିବା ଏନକାଉଣ୍ଟରରେ ପାଞ୍ଚ ଲକ୍ଷ ଟଙ୍କା ପୁରସ୍କାର ବହନ କରୁଥିବା ଜଣେ ନକ୍ସଲବାଦୀ ନିହତ ହୋଇଛି। ଶନିବାର ଦିନ ଏହି ଅଞ୍ଚଳରେ ଯବାନ ମାନେ ତଲାସି ଅଭିଯାନ କରୁଥିବା ବେଳେ ଏହି ଏନକାଉଣ୍ଟର ହୋଇଥିଲା। ଯେଉଁଥିରେ ସୁରକ୍ଷା ବାହିନୀର ସ୍ପେଶାଲ୍ ଟାସ୍କ ଫୋର୍ସ ଏବଂ ଜିଲ୍ଲା ରିଜର୍ଭ ଗାର୍ଡର ଏକ ମିଳିତ ଦଳ ତଲାସି ଅଭିଯାନ କରୁଥିଲେ। ଏହି ଅପରେସନ ସମୟରେ ମାଓବାଦୀ ଓ ଯବାନଏନକେ ମଧ୍ୟରେ ଗୁଳି ବିନିମୟ ହୋଇଥିଲା। ଗୁଳି ବିନିମୟରେ ଯବାନଙ୍କ ସାମ୍ନା କରିନପାରି ମାଓବାଦୀ ମାନେ ଛତ୍ର ଭଙ୍ଗ ଦେଇଥିଲେ। ଏହାପାଏ ଅଞ୍ଚଳରେ ତଲାସି ଅଭିଯାନ କରୁଥିବା ବେଳେ ଘଟଣାସ୍ଥଳରୁ ଜଣେ ମାଓବାଦୀଙ୍କ ମୃତଦେହ, ଅସ୍ତ୍ରଶସ୍ତ୍ର, ଗୁଳିଗୋଳା ଏବଂ ମାଓ ସାହିତ୍ୟକୁ ଯବାନ ମାନେ ଜବତ କରିଥିଲେ। ଅଧିକାରୀମାନେ କହିଛନ୍ତି ଯେ ଏହି ସଫଳତା ସୁରକ୍ଷା ବାହିନୀ ପାଇଁ ଏକ ବଡ଼ ସଫଳତା, କାରଣ ଆଇତୁ ପୋଡିୟମ୍ ଦୀର୍ଘ ସମୟ ଧରି ବିଜାପୁର ଅଞ୍ଚରେ ସକ୍ରିୟ ଥିଲା।

## ଶେଷ ପର୍ଯ୍ୟାୟରେ ମା'ଗଜଲକ୍ଷ୍ମୀ ମୂର୍ତ୍ତି ନିର୍ମାଣ

ଗୁଡାରୀ, ୫।୧୦(ସମିସ): ଏହି ବର୍ଷ ଗୁଡାରୀ ସହରର ତିନୋଟି ସ୍ଥାନରେ ମା' ଗଜଲକ୍ଷ୍ମୀଙ୍କ ପୂଜା ଅନୁଷ୍ଠିତ ହେବାକୁ ଯାଉଛ। ଡେରା ସାହି ଏବଂ ମିଲୁଡେପ ସାହିରେ ବହୁବର୍ଷ ଧରି ମା'ଙ୍କ ପୂଜା ଅନୁଷ୍ଠିତ ହୋଇଆସୁଥିବାବେଳେ କିଛି ବର୍ଷ ଧରି ବନ୍ଦ ରଖିଥିବା ମହାଦେବ ବ୍ଲକ୍ ପୂଜା କମିଟି ଏହି ବର୍ଷ ମା'ଗଜଲକ୍ଷ୍ମୀଙ୍କ ପୂଜା ଆୟୋଜନ କରିବା ପାଇଁ ଅଣ୍ଟା ଭିଡ଼ିଛି। ନଗରର ସମସ୍ତ ଅସ୍ଥାୟୀ ପୂଜା ମଣ୍ଡପରେ ମା'ଙ୍କ ମୂର୍ତ୍ତୀ ରଙ୍ଗ କାମ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ତିନୋଟି ମଣ୍ଡପର ଆଲୋକ ସଜ୍ଜାରେ ସାରା ସହର ଝଲସିବାରେ ଲାଗିଛି। ସମସ୍ତ ଅସ୍ଥାୟୀ ମଣ୍ଡପରେ ମା' ୫ ରୁ ୭ ଦିନ ପୂଜା ପାଇବେ। ଏହି ଅବସରରେ ବିଭନ୍ନ ସ୍ଥାନରେ ସାଂସ୍ୱୃତିକ କାର୍ଯ୍ୟକ୍ରମ ସହ ଅଷ୍ଟପ୍ରହରୀ ନାମଯଜ୍ଞ, ଅନ୍ନପ୍ରସାଦର ବ୍ୟବସ୍ଥା କରାଯାଇଛି।

## ମା' ଦୁର୍ଗାଙ୍କ ମେଲାଣି ଉତ୍ସବ

ଗୁଡାରୀ,୫।୧୦ (ସମିସ): ଗୁଡାରୀ ଟାଉନ ଦୁର୍ଗାପୂଜା କମିଟି ଦ୍ୱାରା ଅନୁଷ୍ଠିତ ଦୁର୍ଗତି ନାସିନୀ ମା'ଦୁର୍ଗାଙ୍କ ଭସାଣି ଉତ୍ସବ ରବିବାର ଦିନ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଦୀର୍ଘ ୧୬ ବର୍ଷ ଧରି ପୂଜା କରି ଆସୁଥିବା ଟାଉନ ଦୁର୍ଗାପୂଜା କମିଟି ଗତ ରବିବାର ସଂଧ୍ୟାରେ ମା'ଙ୍କ ବିଦାୟକାଳିନ ଉତ୍ସବ ପାଳନ କରିଥିଲା। ବିଭିନ୍ନ ପ୍ରକାରର ବାଣ ସାଙ୍ଗକୁ ଭବାନୀପାଟଣା (ଜୁନାଗଡ଼) ରୁ ଅଣାଯାଇଥିବା ଦୁଲଦୁଲା ବାଦ୍ୟରେ ସାରା ସହର କମ୍ପି ଉଠିଥିଲା। ମା'ଙ୍କ ମୂର୍ତ୍ତୀ ସହରର ସାହି ଗଳିରେ ପରିକ୍ରମା କରିବା ସମୟରେ ହଜାର ହଜାର ଭକ୍ତ ଦର୍ଶନ କରିଥିଲେ। ଏଥିରେ ସଭାପତି ସନ୍ତୋଷ ମହାନ୍ତି ସମ୍ପାଦକ କେଦାର ସାହୁ, କୋଷାଧ୍ୟକ୍ଷ ଶିବସାହୁ, ପରିଚାଳନା କମିଟିର ସୁଶିଲ ଗୁରୁ ଈଶ୍ୱର ପାଣିଗ୍ରାହି, ସାଦା ପାଣିଗ୍ରାହି ଗୌତମ, ଗୌରା, ବାବୁଲା ରଥ ପ୍ରମୁଖ ଉପସ୍ଥିତ ଥିବାବେଳେ ସହର ଯୁବଗୋଷ୍ଠୀ ସମ୍ପୂର୍ଣ୍ଣ ସହଯୋଗ କରିଥିଲେ। ଶାନ୍ତି ଶୃଙ୍ଖଳା ରକ୍ଷା କରିବା ପାଇଁ ଥାନାଧିକାରୀ ଶ୍ରୀମତି ସମର୍ପିତା ସ୍ୱାଇଁ ପୁଲିସ ମୁତୟନ କରିଥିବା ଜଣାପଡ଼ିଛି।

## ବିଚାରପତି ସିଆର ଦାଶଙ୍କୁ ସମ୍ବର୍ଦ୍ଧନା



କୋଟପାଡ଼, ୫।୧୦ (ସମିସ): ଆଜି କୋଟପାଡ଼ କୋର୍ଟକୁ ଓଡିଶା ଉଚ୍ଚ ନ୍ୟାୟାଳୟର କୋରାପୁଟ ଜିଲ୍ଲା ପୋର୍ଟ ଫୋଲିଓ ବିଚାରପତି ଚିତ୍ତରଞ୍ଜନ ଦାଶ ପରିଦର୍ଶନରେ ଆସିଥିଲେ। କୋଟପାଡ଼ କୋର୍ଟରେ ପହଞ୍ଚିବା ପରେ ଓକିଲ ସଂଘ ତରଫରୁ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। କୋର୍ଟ ପରିସରକୁ ବୁଲି ଦେଖିବା ସହ ନୂତନ ଭାବେ ନିର୍ମାଣ ହେବାକୁ ଥିବା ବାର ଗୃହ, ନିର୍ମାଣ ଚାଲିଥିବା ଟ୍ରାଞ୍ଜିଟ ଗୃହ ମଧ୍ୟ ବୁଲି ଦେଖିଥିଲେ। କୋଟପାଡ଼ କୋର୍ଟରେ ନୂତନ ସିଭିଲ କୋର୍ଟ ପ୍ରତିଷ୍ଠା କରାଯିବାକୁ ସଙ୍ଘ ତରଫରୁ ଏକ ମାନପତ୍ର ପ୍ରଦାନ କରାଯାଇଥିଲା। କୋଟପାଡ଼ ରାଜ୍ୟର ସୀମାନ୍ତ ବ୍ଲକ ହୋଇଥିବା ବେଳେ ପ୍ରାୟ ୮୦ କି ମି ଦୂର ଯାଇ ଉଭୟ ମହକିଲ ଓ ଓକିଲ ଖର୍ଚ୍ଚାନ୍ତ ହେବା ସହ ଗମନା ଗମନରେ ମଧ୍ୟ ଅସୁବିଧା ଭୋଗୁ ଥିବା ସଂଘ ତରଫରୁ ସୂଚନା ଦିଆ ଯାଇଥିଲା। ପୂର୍ବରୁ ସିଭିଲ କୋର୍ଟ ପ୍ରତିଷ୍ଠା ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଥିବା ବେଳେ ମାଜିଷ୍ଟ୍ରେଟଙ୍କ ପାଇଁ ମଧ୍ୟ ଇରିଗେଶନ କଲୋନୀରେ ଗୃହ, ଜୁଡ଼ିସିଆଲ ବିଭାଗକୁ ହସ୍ତାନ୍ତର କରାଯାଇଥିବା ସଂଘ ତରଫରୁ ବିଚାରପତିଙ୍କୁ ଅବଗତ କରାଯାଇଥଲା। ସିଭିଲ କୋର୍ଟ ପ୍ରତିଷ୍ଠା ସମ୍ପର୍କରେ ସମସ୍ତ ଦିଗକୁ ବିଚାରକୁ ନିଆଯାଇ ଏ ଦିଗରେ ପଦକ୍ଷେପ ନେବେ ବୋଲି ବିଚାରପତି ସି ଆର ଦାଶ ପ୍ରତିଶୃତି ଦେଇଥିଲେ। ଏହି ସମ୍ବର୍ଦ୍ଧନା ଓ ଆଲୋଚନା ବେଳେ କୋରାପୁଟ ଜିଲ୍ଲା ଦୌରା ଜଜ୍ ପ୍ରଦୀପ କୁମାର ମହନ୍ତ, ପ୍ରଥମ ଶ୍ରେଣୀ ମାଜିଷ୍ଟ୍ରେଟ ତ୍ରିଜୀବ କୁମାର ନନ୍ଦ, ତହସିଲଦାର ଟ୍ୱିଙ୍କିଲ ସେଠୀ, ସଭାପତି ମଣି ପଟ୍ଟନାୟକ, ପୂର୍ବତନ ସଭାପତି ପଙ୍କଜ କୁମାର ପାତ୍ର, ସମ୍ପାଦକ ମୁକ୍ତେଶ୍ୱର ନାୟକ, ରାଜ୍ୟ ଓକିଲ ସଂଘ ଯୁଗ୍ମ ସମ୍ପାଦକ ପ୍ରଦୀପ କୁମାର ବକ୍ସି, ବରିଷ୍ଠ ଓକିଲ ଜିତେନ୍ଦ୍ର ନାଥ ମହାପାତ୍ର, ଉମା ଶଙ୍କର ପଟ୍ଟନାୟକ ପ୍ରଦୀପ୍ତ ବକ୍ସି, ନିମେଶ୍ୱରୀ ପଟ୍ଟନାୟକ, ସଂଗ୍ରାମ ଜେନା, ଖଗପତି ପାତ୍ର, ଶଙ୍କର ପ୍ରସାଦ ପଣ୍ଡା, ଘନଶ୍ୟାମ ବିଶୋଇ, ଅଜିତ ପାତ୍ର, ବିଦ୍ୟୁତ ଲତା ବକ୍ସି, ଚିନ୍ମୟ ଷଡ଼ଙ୍ଗୀ, ଗୁପ୍ତ ପ୍ରସାଦ ବେହେରା, ସୁଧୀର ଚନ୍ଦ୍ର ମହାନ୍ତି ଙ୍କ ସମେତ ବହୁ ସଭ୍ୟସଭ୍ୟା ଉପସ୍ଥିତ ଥିଲେ।

# ଶେଷ ପର୍ଯ୍ୟାୟରେ ଗଜଲକ୍ଷ୍ମୀ ପୂଜା ପ୍ରସ୍ତୁତି

ରାୟଗଡା, ୫।୧୦(ସମିସ): ୩୦ ବର୍ଷରେ ପର୍ଦାର୍ପଣ କରିଛି ରାୟଗଡା ସହର ନିୟୁ କଲୋନୀ ସ୍ଥିତ ଶ୍ରୀ ଶ୍ରୀ ମା' ଗଜଲକ୍ଷ୍ମୀ ପୂଜା କମିଟିର ଗଜଲକ୍ଷ୍ମୀ ପୂଜା। ଚଳିତ ବର୍ଷର ପୂଜାକୁ ଆହୁରି ଆକର୍ଷିତ କରିବା ପାଇଁ ଦର୍ଶକ ତଥା ଶ୍ରଦ୍ଧାଳୁଙ୍କ ପାଇଁ ମୀନାବଜାର, ସାଂସ୍କୃତିକ କାର୍ଯ୍ୟକ୍ରମ ଏବଂ ସୁନ୍ଦର ତୋରଣ ସାଙ୍ଗକୁ ମା ଗଜଲକ୍ଷ୍ମୀଙ୍କ ଆକର୍ଷଣୀୟ ମୃଣ୍ମୟ ପ୍ରତିମା ତିଆରି ଚାଲିଛି। ମା'ଙ୍କ ମୂର୍ତ୍ତିରେ କାରିଗର ତୁଳିର ଶେଷ ସ୍ପର୍ଶ ଦେଉଥିବା ବେଳେ ତୋରଣ ନିର୍ମାଣ କରୁଥିବା କାରିଗରମାନେ ତାଙ୍କ କାମରେ ବ୍ୟସ୍ତ ରହୁଥିବା ଦେଖିବାକୁ ମିଳିଛି। ସେହିପରି ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ମନରଞ୍ଜନ ପାଇଁ ମିନାବଜାର ବ୍ୟବସ୍ଥା କରାଯାଇଛି। ପୂଜା ମଣ୍ଡପରେ ଆସନ୍ତାକାଲି ସୋମବାର ୬ ଅକ୍ଟୋବର ଠାରୁ ଆସନ୍ତା ୧୭ ଅକ୍ଟୋବର ପର୍ଯ୍ୟନ୍ତ ୧୧ଦିନ ଧରି ପୂଜା ବିଧି ଅନୁଷ୍ଠିତ ହେବ। ସୋମବାର ସନ୍ଧ୍ୟା ସାଢେ ୬ଟାରୁ ୭ଟା ମଧ୍ୟରେ ଜଳଯାତ୍ରା ଏବଂ ରାତ୍ର ସାଢେ ୧୧ଟାରୁ ସାଢେ ୧୨ଟା ମଧ୍ୟରେ ମାଙ୍କ ଆବାହନ ଓ ପ୍ରାଣ ପ୍ରତିଷ୍ଠା ପୂଜା ଅନୁଷ୍ଠିତ ହେବ। ୭ ତାରିଖ ମଙ୍ଗଳବାର ଠାରୁ ୧୭ତାରିଖ ଯାଏଁ ପୂଜା ମଣ୍ଡପରେ ପୂଜା ହେବ। ଅକ୍ଟୋବର ୧୭ତାରିଖରେ ଭସାଣି ଉତ୍ସବ ତଥା ବିସର୍ଜନ କରାଯିବ। ଏଥିରେ ସହଯୋଗ କରିବାକୁ ପୂଜା କମିଟି ପକ୍ଷରୁ ସମସ୍ତଙ୍କୁ ନିବେଦନ କରାଯାଇଛି।

# ରାସ୍ତା ମରାମତି କଲେ 'ବିପଦର ବନ୍ଧୁ'




ଗୁମୁଡ଼ା/ରାୟଗଡ଼ା, ୫।୧୦(ସମିସ): ଶୋଚନୀୟ ହୋଇ ପଡିଛି ରାୟଗଡ଼ା ଜିଲ୍ଲା ଦେଇ ଯାଇଥିବା ୩୨୬ ନଂ ଜାତୀୟ ରାଜପଥ। ଜିଲ୍ଲାର ରାମନାଗୁଡ଼ା ବ୍ଲକ ଭାମିନି ଗ୍ରାମ ପଞ୍ଚାୟତ ଅନ୍ତରଝୋଲି ଗ୍ରାମ ଠାରେ ରାଜପଥର ଅନେକ ସ୍ଥାନରେ ବଡ଼ ବଡ଼ ଖାଲ ହୋଇଥିବା ବେଳେ ପ୍ରତିଦିନ ସଡ଼କ ଦୁର୍ଘଟଣାରେ ବାଇକ୍ ଚାଳକ ମାନେ ପଡି ଆହତ ହେଉଛନ୍ତି। ପଥଚାରୀମାନେ ଚାଲିବା କଷ୍ଟକର ହୋଇପଡିଛି । ପୂର୍ବ ଓଡିଶାରୁ ଦକ୍ଷିଣ ଓଡିଶାକୁ ସିଧା ସଳଖ ସଂଯୋଗ କରୁଥିବା ଏହି ବ୍ୟସ୍ତ ବହୁଳ ଜାତୀୟ ରାଜପଥ ଏବେ ଶୋଚନୀୟ ହୋଇପଡିଛି। ବଡ଼ ବଡ଼ ଗାତ ଯୋଗୁଁ ଲୋକେ ଆହତ ହେଉଥିବା ଦେଖି ସ୍ଥାନୀୟ ଗ୍ରାମବାସୀ ଉକ୍ତ ଗାତ ଗୁଡିକରେ ସତର୍କତା ପାଇଁ ଝଣ୍ଡା ଗୁଡିକ ଲଗାଇଥିଲେ। ତେବେ ଜାତୀୟ ରାଜପଥ ବିଭାଗ ଏ ନେଇ କୌଣସି ପଦକ୍ଷେପ ଗ୍ରହଣ ନ କରିବାରୁ ରାସ୍ତାର ଶୋଚନୀୟ ଅବସ୍ଥାକୁ ଦେଖି ସ୍ଥାନୀୟ ଅଞ୍ଚଳର ବିପଦର ବନ୍ଧୁ ଅନୁଷ୍ଠାନର ସଦସ୍ୟମାନେ ଆଜି ସକାଳୁ ବାଲି, ଗୋଡି, ସିମେଣ୍ଟ ଆଦି ରାସ୍ତା ମରାମତି ସାମଗ୍ରୀ ନେଇ ଗାତ ଜାଗା ଗୁଡିକରେ କଂକ୍ରିଟ ଦେଇ ସମତୁଲ କରିଥିବା ଦେଖିବାକୁ ମିଳିଛି। ଯାହାକୁ ନେଇ ସ୍ଥାନୀୟ ଗ୍ରାମବାସୀ ଏବଂ ଗାଡି ଚାଳକ ମାନେ ବିପଦର ବନ୍ଧୁ ଅନୁଷ୍ଠାନକୁ ସାଧୁବାଦ ଜଣାଇବା ସହ ଜାତୀୟ ରାଜପଥ ବିଭାଗ ତୁରନ୍ତ ରାସ୍ତାର ସ୍ଥାୟୀ ମରାମତି କରିବାକୁ ଦାବି କରିଛନ୍ତି।

## ଅପହୃତା ଦୁଇ ନାବାଳିକା ଉଦ୍ଧାର, ଦୁଇ ଯୁବକ ଅଟକ

କାଲିମେଳା,୫।୧୦(ସମିସ): ମାଲକାନଗିରି ଜିଲ୍ଲା କାଲିମେଳା ଥାନା ଅନ୍ତର୍ଗତ ଏକ ଗ୍ରାମରେ ଘଟିଛି ଅଭାବନୀୟ ଘଟଣା। ଦୁଇ ନାବାଳିକା ଅପହରଣ ହୋଇଥିବାର ୩ ଦିନ ପରେ ଏମପିଭି - ୩୩ ଗ୍ରାମରୁ ଉଦ୍ଧାର କଲେ ପରିବାର ଲୋକେ। ସୂଚନା ମୁତାବକ କାଲିମେଳା ଥାନା ଅଞ୍ଚଳରେ ଥିବା ଏକ ଗ୍ରାମର ଦୁଇ ନାବାଳିକା ଗତ ବୁଧବାର ରାତିରୁ ନିଖୋଜ ହୋଇଯାଇଥିଲେ। ନିଖୋଜ ହେବାର ୩ ଦିନ ଧରି ବହୁ ଖୋଜା ଖୋଜି ପରେ ଦୁଇ ନାବାଳିକାଙ୍କୁ ପରିବାର ଲୋକେ ଉଦ୍ଧାର କରିଛନ୍ତି। ତେବେ ନିଖୋଜ ହେବାର ୩ ଦିନ ପରେ ଏମପିଭି-୩୩ ଗ୍ରାମରୁ ଦୁଇ ନାବାଳିକା ଉଦ୍ଧାର ହେବା ଘଟଣା ବର୍ତ୍ତମାନ ସ୍ଥାନୀୟ ଅଞ୍ଚଳରେ ଚାଞ୍ଚଲ୍ୟ ସୃଷ୍ଟି କରିଛି। ପୋଲିସ ପକ୍ଷ୍ୟରୁ ଏହି ଘଟଣାରେ ସମ୍ପୃକ୍ତି ଏମପିଭି - ୩୩ ଗ୍ରାମର ଦୁଇ ଯୁବକ ବିକ୍ରମ ହାଲଦାର ( ୨୨) ଏବଂ ବିକ୍ରମ ରାୟ (୨୩) ଙ୍କୁ ଉଠାଇ ପଚରାଉଚରା କରୁଥିବା ଜଣାପଡ଼ିଛି। ତେବେ ଦୁଇ ନାବାଳିକାଙ୍କୁ ଅପହରଣ ପଛରେ କଣ ରହସ୍ୟ ରହିଛି ତାହା ପୋଲିସ ପକ୍ଷରୁ ସ୍ପଷ୍ଟ କରାଯାଇ ପାରି ନାହିଁ। ଅନ୍ୟପଟେ ଏହା ଏକ ସମ୍ବେଦନଶୀଳ ଘଟଣା ହୋଇଥିବାରୁ ଘଟଣାର ଉଚିତ ତଦନ୍ତ କରି ତୁରନ୍ତ ଦୋଷୀକୁ ଗିରଫ କରିବାକୁ ପରିବାର ବର୍ଗ ସମେତ ଅଞ୍ଚଳବାସୀ ଦାବି କରିଛନ୍ତି।

## ୩୨୬ନଂ ଏନ୍‌ଏଚ୍ କାଦୁଅ ପଚପଚ

# ହାଲୁଆ-ସାଂକେଶ ଗାଡ଼ି ଚଳାଚଳ ବାଧାପ୍ରାପ୍ତ



ରାୟଗଡା, ୫।୧୦(ସମିସ): କାଦୁଅ ପଚପଚ ହୋଇ ପଡୁଛି ରାୟଗଡା ଦେଇ ଯାଇଥିବା ୩୨୬ ନଂ ଜାତୀୟ ରାଜପଥ। ଲଘୁଚାପ ଜନିତ ଲଗାଣ ବର୍ଷା ହେଉ କିମ୍ବା ମୌସୁମୀ ବର୍ଷା, ସବୁ ସମୟରେ ଏହି ଜାତୀୟ ରାଜପଥର ରାୟଗଡା - କୋରାପୁଟ ମୁଖ୍ୟ ରାସ୍ତାର ରାୟଗଡା ସହର ଠାରୁ ମାତ୍ର ୫ରୁ ୮କିମି ମଧ୍ୟରେ ଥିବା ହାଲୁଆ - ତଳ ସାଂକେଶ ମଧ୍ୟରେ ରାସ୍ତା କଡ଼ ପାହାଡ଼ରୁ ମାଟି ଅତଡ଼ା ଖସିବା ତଥା ରାସ୍ତା କଡରେ ପାଇପ ଲାଇନ କାମ ପାଇଁ ଖୋଳା ଯାଉଥିବାରୁ ରାସ୍ତା ଉପରେ ବହୁ ପରିମାଣରେ ମାଟି ପଡି କାଦୁଅ ପଚ ପଚ ହୋଇ ପଡୁଛି । ଜିଲ୍ଲାର କାଶୀପୁର ବ୍ଲକ ସମେତ କୋରାପୁଟ, ନବରଙ୍ଗପୁର, ମାଲକାନଗିରିକୁ ସଂଯୋଗ କରୁଥିବା ଏହି ରାସ୍ତାର ଏଭଳି ଦୁରବସ୍ଥା ଦେଖିଲେ ଗାଡି ଚାଳକମାନେ ଭୟ କରୁଥିବା ବେଳେ ସ୍ଥାନୀୟ ରାଜପଥ ବିଭାଗ କର୍ତ୍ତୃପକ୍ଷ କିନ୍ତୁ ନିରବଦ୍ରଷ୍ଟା ସାଜିଛନ୍ତି। ମାଟି ପଡି କାଦୁଅ ହୋଇଥିବା ଉକ୍ତ ସ୍ଥାନରେ ବହୁ ବାଇକ୍ ଚାଳକଙ୍କ ସ୍ଲିପ ହୋଇ ପଡି ଯାଉଛନ୍ତି। ଚାରି ଚକିଆ ଯାନ ଗୁଡିକ ମଧ୍ୟ କାଦୁଅ ଯୋଗୁଁ ରାସ୍ତା କଡ଼କୁ ଚାଲି ଯାଉଥିବା ଦେଖିବାକୁ ମିଳୁଛି । ଗତ ୩ଦିନ ଧରି ହୋଇଥିବା ଲଘୁଚାପ ଜନିତ ଲଗାଣ ବର୍ଷାରେ ଉକ୍ତ କାଦୁଅ ରାସ୍ତାରେ ଗାଡି ଚଳାଚଳ ଏକ ପ୍ରକାର ସମ୍ପୂର୍ଣ୍ଣ ବାଧାପ୍ରାପ୍ତ ହୋଇଥିଲା । ଏ ନେଇ ସ୍ଥାନୀୟ ଲୋକେ ବିଭାଗୀୟ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ କୌଣସି ସୁଫଳ ମିଳି ନଂ ଥିବା ସ୍ଥାନୀୟ ଗ୍ରାମବାସୀମାନେ କହିଛନ୍ତି । ରାୟଗଡା ବ୍ଲକର ହାଲୁଆ, ଗୁମ୍ମା, କୁମ୍ଭୀକଟା, ନାକଟି ସମେତ ଅନ୍ୟ ପଞ୍ଚାୟତ ଏବଂ କାଶୀପୁର ବ୍ଲକ ବାସିନ୍ଦା ରାୟଗଡା ଜିଲ୍ଲା ସଦର ମହକୁମାକୁ ଆସିବା ପାଇଁ ଏହି ଗୋଟିଏ ରାସ୍ତା ଉପରେ ନିର୍ଭର କରୁଥିବା ବେଳେ ରାଜପଥର ଶୋଚନୀୟ ଅବସ୍ଥା ସମସ୍ତଙ୍କ ପାଇଁ କଷ୍ଟ ଦାୟକ ସାଜିଛି ।

## 'ବିମୁକ୍ତିର ରହସ୍ୟ ଭଗବତ ଗୀତା' ପୁସ୍ତକ ଉନ୍ମୋଚିତ



ରାୟଗଡ଼ା, ୫।୧୦(ସମିସ): ରାୟଗଡ଼ା ଜିଲ୍ଲା ସଦର ମହକୁମା ସ୍ଥିତ ହୋଟେଲ ତେଜସ୍ୱୀ ଇଣ୍ଟରନ୍ୟାସନାଲ ଠାରେ ଦେଶବ୍ୟାପୀ ଆଧ୍ୟାତ୍ମିକ ପୁସ୍ତକ ଉନ୍ମୋଚନ ମହୋତ୍ସବ ଅନୁଷ୍ଠିତ ହୋଇ ଯାଇଛି। ରବିବାର ୫ ଅକ୍ଟୋବର ସନ୍ଧ୍ୟା ୫ ଘଟିକାରେ ମନୁଜ୍ୟୋତି ଆଶ୍ରମ, ତିରୁନେଲଭେଲି ,ତାମିଲନାଡୁ ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ରାୟଗଡାର ଅବସରପ୍ରାପ୍ତ ଅଧ୍ୟାପକ ତଥା ଶିକ୍ଷାବିତ ଡ଼ଃ ଦୁଷ୍ମନ୍ତ କୁମାର ମହାନ୍ତି , ମୁଖ୍ୟବକ୍ତା ଭାବେ ଅଧ୍ୟାପିକା କୃଷ୍ଣପ୍ରିୟା ସାହାଣୀ, ସମ୍ମାନିତ ଅତିଥି ଭାବେ ମଙ୍ଗଳ ଜୈନ, ବିଶେଷ ନିମନ୍ତ୍ରିତ ବକ୍ତାଭାବେ ଡ. ବାବୁରାଓ ମହାନ୍ତି , ଡ. ତୁଳସୀ ଦାସ ଯୋଗ ଦେଇଥିଲେ। ଶିକ୍ଷକ ପ୍ରଦୀପ କୁମାର ନାୟକ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ। ଏହି ଉପଲକ୍ଷେ ଶ୍ରୀମନ ନାରାୟଣ ଓ ଲହରୀ କ୍ରିଷ୍ଣାଙ୍କ ଦ୍ୱାରା ରଚିତ ତଥା ପ୍ରଦୀପ କୁମାର ନାୟକଙ୍କ ଦ୍ୱାରା ଓଡ଼ିଆରେ ଅନୁଦିତ "ବିମୁକ୍ତିର ରହସ୍ୟ ଭଗବତ ଗୀତା" ପୁସ୍ତକ ଉନ୍ମୋଚନ କରାଯାଇଥିଲା। ଟି . ନିତ୍ୟାନନ୍ଦ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିବା ବେଳେ ଟି.ମାର୍ଟିନ ପୁସ୍ତକଟିର ସଂକ୍ଷିପ୍ତ ପରିଚୟ ପ୍ରଦାନ କରିଥଲେ। ଅନ୍ୟତମ ବିଶେଷ ନିମନ୍ତ୍ରିତ ବକ୍ତା ଭାବେ ପ୍ରଭାକର ମିଶ୍ର, ତ୍ରିବେଣୀ ମିଶ୍ର, ଗଣପତି ରାଓ ନିଜର ବକ୍ତବ୍ୟ ପ୍ରଦାନ କରିଥିବା ବେଳେ ଶ୍ରୀ ସୁଦାମ ଚରଣ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଉପଲକ୍ଷେ ବିଶେଷ ଅତିଥି ଭାବରେ ରାଜ ପୁରୋହିତ ବିରଞ୍ଚି ନାରାୟଣ ଦାଶ, ଡ. ଚନ୍ଦ୍ରଶେଖର ରାଓ, ଡ. ଉମାଚରଣ ପାଣିଗ୍ରାହୀ, ପ୍ରସାଦ ଟେକ୍ନୋସ୍କୁଲ୍ ଅଧକ୍ଷ ରାଜକୁମାର ଦାସ ,ସର୍ବଶ୍ରୀ ବିନୋଦ ଚନ୍ଦ୍ର ପଣ୍ଡା, ଅଶୋକ ମହାନ୍ତି, ଜି. ଭି .ପ୍ରସାଦ, ଦିନବନ୍ଧୁ ପଟ୍ଟନାୟକ, ଗୋବିନ୍ଦ ପ୍ରସାଦ କାନୁ, ଶଶୀଭୂଷଣ ପଟ୍ଟନାୟକ, ଗିରିଜା ପ୍ରସାଦ ତ୍ରିପାଠୀ, ମୂରଲୀଧର ଦାଶ, ଫୁଲବତୀ ମୁଦୁଲି, ଅନିତା ଯୋଗ ଦେଇଥିଲେ। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ସମ୍ପର୍କରେ ଅନୁଷ୍ଠାନର ମୁଖପାତ୍ର ଟି. ମାର୍ଟିନ ପ୍ରକାଶ କରିଥିଲେ।

# ମୟୂରଭଞ୍ଜରେ ବଢୁଛି ଗୋଚାଲାଣ, ମାଫିଆ ସକ୍ରିୟ

ବାରିପଦା, ୫।୧୦(ସମିସ)



ମୟୂରଭଞ୍ଜ ଜିଲ୍ଲାରେ ଅହେତୁକ ଭାବେ ବୃଦ୍ଧି ପାଉଛି ଗୋଚାଲାଣ ବୋଲି ଅଭିଯୋଗ ହେଉଛି। ବେଫିକର ଭାବେ ଗୋମାଫିଆ ଜିଲ୍ଲାଦେଇ ପଡୋଶୀ ପଶ୍ଚିମବଙ୍ଗକୁ କରୁଛନ୍ତି ଗୋଚାଲାଣ। ଜିଲ୍ଲାର ସୀମାନ୍ତ ରାସ୍ତା ତନଖି ଫାଟକ ଉଠିଯିବା ପରଜ ଖୋଲାମେଲା ପଡ଼ିଛି। କିଛି ସୀମାନ୍ତବର୍ତ୍ତୀ ଥାନାର ପୁଲିସକୁ ହାତବାରସୀ କରି ଏହି ଗୋଚାଲାଣ ଦୀର୍ଘ ଦିନ ହେଲା ବୃଦ୍ଧି ପାଇଛି ବୋଲି ମଧ୍ୟ ଅଭିଯୋଗ ହେଉଛି। ତେବେ ରାଜ୍ୟ ପୁଲିସ ମହାନିର୍ଦ୍ଦେଶକଙ୍କ ନିର୍ଦ୍ଦେଶରେ ମୟୂରଭଞ୍ଜ ପୁଲିସ ପକ୍ଷରୁ ନିୟମିତ ଭାବେ ରାତିରେ ନାକା ଚେକିଂ ଯଦିଓ ଏହି ଗୋଚାଲାଣକୁ ରୋକିବାକୁ ପ୍ରୟାସ କରିଛି ହେଲେ ବି ରୋକିବାରେ ନାଁ ନେଉନି। ଜିଲ୍ଲାରେ ରହିଥିବା କିଛି ସ୍ୱାର୍ଥନେସୀ ଗୋମାଫିଆ ଓ ରାଜ୍ୟ ବାହାରେ ରହିଥିବା ଗୋମାଫିଆଙ୍କ ବିରୋଧରେ କଠୋର ଆଇନ ପ୍ରଣୟନ ପାଇଁ ଦାବି ଉଠିଛି। ମୟୂରଭଞ୍ଜ ଜିଲ୍ଲା ପଶ୍ଚିମବଙ୍ଗ, ଝାଡଖଣ୍ଡ ଲାଗି ରହିଥିବା ଏକ ସୀମାନ୍ତ ଜିଲ୍ଲା ହୋଇଥିବା କାରଣରୁ ଗୋଚାଲାଣ ଘଟଣା ବର୍ଷତମାମ୍ ଦେଖିବାକୁ ମିଳିଥାଏ। ଜିଲ୍ଲାର ୩୨ଟି ଥାନା ମଧ୍ୟରୁ ୨୩ଟି ଥାନା ଅଞ୍ଚଳରେ ଏହା ନିତିଦିନିଆ ଘଟଣାରେ ପରିଣତ ହୋଇଛି। ୨୦୨୫ ମସିହାର ପ୍ରଥମ ୮ ମାସରେ ବେଆଇନ ଗୋଚାଲାଣ ସମ୍ପର୍କିତ ୭୫ଟି ମାମଲା ରୁଜୁ ହୋଇଛି। ଏଥିରେ ୫୯ଟି ଗୋରୁ ଭର୍ତ୍ତି ଗାଡିକୁ ନାକା ଓ ସ୍ୱତନ୍ତ୍ର ଇଣ୍ଟେଲିଜେନ୍ସ ସହଯୋଗରେ ଜବତ କରାଯାଇଛି। ଏହି ଥାନା ଅଞ୍ଚଳରୁ ଏବେ ଯାଏ ୧୨୮୦ ଗୋ-ସମ୍ପଦଙ୍କୁ ଉଦ୍ଧାର କରାଯାଇଛି। ଆଉ ଏଥିରେ ସମ୍ପୃକ୍ତ ରହିଥିବା ୫୫ଜଣଙ୍କୁ ଗିରଫ କରାଯାଇଥିବା ବେଳେ ୪୫ଜଣଙ୍କୁ ଥାନାରୁ ନୋଟିସ ଦିଆଯାଇ ଛଡାଯାଇଛି। ତେବେ ଆମ ରାଜ୍ୟରେ ଗୋଚାଲାଣ ବର୍ଷକୁ ବର୍ଷ ବଢ଼ିବାରେ ଲାଗିଛି। ବିଗତ ୫ବର୍ଷ ଭିତରେ ଏସଂକ୍ରାନ୍ତୀୟ ରୁଜୁ ମାମଲାରୁ ଏହା ସ୍ପଷ୍ଟ ହେଉଛି। ତେବେ ଯେତିକି ସଂଖ୍ୟାରେ ମାମଲା ରୁଜୁ ହେଉଛି ତାହାଠାରୁ ଢେର ଅଧିକ ପରିମାଣରେ ଗୋଚାଲାଣକାରୀ ସକ୍ରିୟଥିବା ଲକ୍ଷ୍ୟ କରାଯାଉଛି। ରାଜ୍ୟ ବାହାରକୁ ଗୋଚାଲାଣ ବେଆଇନ ହୋଇଥିବାରୁ ଏହା ଉପରେ ପୁଲିସ୍ ଓ ଗୋରକ୍ଷକମାନେ ସତର୍କ ଦୃଷ୍ଟି ରଖିଥାନ୍ତି। ବିଭିନ୍ନ ସମୟରେ ଲୁଚା ଚୋରାରେ ଗୋଚାଲାଣ ଧରାପଡ଼ିଥିବା ବେଳେ ଚାଲାଣକାରୀମାନେ ଗାଈଗୋରୁଙ୍କୁ ଅତି ଦୟନୀୟ ଅବସ୍ଥାରେ ଚାଲାଣ କରୁଥିବା ଦୃଶ୍ୟ ସାମ୍ନାକୁ ଆସିଥାଏ। ସେମାନଙ୍କ ମଧ୍ୟରୁ ଅଧିକାଂଶ ଉଦ୍ଧାର ସମୟରେ ମୃତ୍ୟୁବରଣ ମଧ୍ୟ କରିଥାନ୍ତି। ଯାହା ଓଡ଼ିଶା ଗୋହତ୍ୟା ନିରାକରଣ ଅଧିନିୟମ ୧୯୬୦ ଅନୁଯାୟୀ ରଜ୍ୟରେ ଗୋହତ୍ୟା ଏକ ଦଣ୍ଡନୀୟ ଅପରାଧ ଅଟେ। ତେବେ ଓଡ଼ିଶାରେ ବେଆଇନ ଗୋରୁ ଚାଲାଣରେ ଏକ ଚିନ୍ତାଜନକ ସ୍ଥିତିରେ ରହିଛି। ରାଜ୍ୟ ଅପରାଧ ନିୟନ୍ତ୍ରଣ ବିଭାଗର ଏକ ରିପୋର୍ଟ ଅନୁଯାୟୀ, ବେଆଇନ ଗୋଚାଲାଣ ସଂଖ୍ୟା ଆଶାତିତ ଭାବେ ବୃଦ୍ଧି ଘଟିଛି। ଏକ୍ଷେତ୍ରରେ ଓଡ଼ିଶା ଏକ ପ୍ରମୁଖ ଟ୍ରାଞ୍ଜିଟ ହବ ଭାବେ ଉଭା ହେବାକୁ ଯାଉଛି। ମିଳିଥିବା ତଥ୍ୟାନୁଯାୟୀ, ୨୦୨୪ ମସିହାରେ ପୁଲିସ ୬୩୦ଟି ମାମଲା ପଞ୍ଜୀକୃତ କରିଥିଲା। ଯାହା ୨୦୨୦ ମସିହାରେ ମାତ୍ର ୨୬୭ ଥିଲା। ୨୦୨୧ ମସିହାରେ ୩୭୧, ୨୦୨୨ରେ ୩୮୬ ଏବଂ ୨୦୨୩ ରେ ୬୨୦ଟି ମାମଲା ରୁଜୁ ହୋଇଛି। ପଶ୍ଚିମବଙ୍ଗ, ଝାଡ଼ଖଣ୍ଡ ଏବଂ ଆନ୍ଧ୍ରପ୍ରଦେଶ ଭଳି ପଡ଼ୋଶୀ ରାଜ୍ୟମାନଙ୍କ ସହ ଓଡ଼ିଶାର ସମ୍ପୃକ୍ତ ସୀମା ଅପରାଧୀ ନେଟୱର୍କ ପାଇଁ ଏକ ପ୍ରମୁଖ ଟ୍ରାଞ୍ଜିଟ ପଏଣ୍ଟ ପାଲଟିଛି। ପ୍ରତିଦିନ ବେଆଇନ ପରିବହନ ପଦ୍ଧତିରେ ଭ୍ୟାନ୍, ଟ୍ରକ୍, କଣ୍ଟେନର, ଅଟୋ ଆଦିରେ ଅମାନୁଷିକ ଭାବେ ଲୋଡକରି ଗାଈ ଗୋରୁମାନଙ୍କୁ ପଡୋଶୀ ରାଜ୍ୟକୁ ଚାଲାଣ କରାଯାଇଥାଏ। ନାମକୁ ମାତ୍ର ଧରପକଡ ହେଉଥିବା ବେଳେ ମାଫିଆମାନେ

- ୮ ମାସରେ ୭୫ଟି ମାମଲା ରୁଜୁ, ୫୯ଟି ଗାଡ଼ି ଜବତ
- ୧୨୮୦ଗୋଟି ଗୋସମ୍ପଦ ଉଦ୍ଧାର, ୫୫ ଗିରଫ
- କଠୋର ଆଇନ ପ୍ରଣୟନ ପାଇଁ ଦାବି

ପ୍ରତିଦିନ ହଜାର ହଜାର ଗୋମାତାକୁ ଝାଡ଼ଖଣ୍ଡ ଓ ପଶ୍ଚିମବଙ୍ଗ ଦେଇ ବାଙ୍ଗଲାଦେଶ ଚାଲାଣ କରିବାରେ ସକ୍ଷମ ହେଉଥିବା ଅଭିଯୋଗ ଆସିଛି। ରାଜ୍ୟ ସରକାର ଅବାଧ ଗୋଚାଲାଣ ଉପରେ କଡା ଆଇନ୍ ଆଣିବା ସହ ମାଫିଆ ଦମନ ପାଇଁ ବିହିତ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି ହୋଇଛି। ମୟୂରଭଞ୍ଜ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଦୀପକ କୁମାର ଗୋଛାୟତ କହିଛନ୍ତି ଯେ ସରକାର ଓ ପୁଲିସ ଦୃଢତାର ସହ ଗୋଚାଲାଣ ଉପରେ କଠୋର କାର୍ଯ୍ୟାନୁଷ୍ଠାନ ନେଉଛି। ଆମେ ସବୁ ଥାନା ସହ ସୀମାନ୍ତ ଅଞ୍ଚଳରେ ନାକା ଚେକିଂ କରି ଏହାକୁ ରୋକିବା ସହ ଅପରାଧ ନିୟନ୍ତ୍ରଣ କରିବାକୁ ପ୍ରଚେଷ୍ଟା କରୁଛୁ। ଜିଲ୍ଲାରେ ଯେଉଁ ଗୋଚାଲାଣ ବୃଦ୍ଧି ନେଇ ପରିସଂଖ୍ୟାନ ଦେଖିବାକୁ ମିଳୁଛି ଆମେ ଆସନ୍ତା ଦିନରେ ଏହାକୁ ଶୂନ୍ୟ କରିବାକୁ ଆମେ ଥାନାଗୁଡିକୁ ନିର୍ଦ୍ଦେଶ ଦେଇଛୁ ବୋଲି କହିଛନ୍ତି।

## କଣ୍ଟାରେ ଗଡ଼ିଲେ, ନିଆଁରେ ଚାଲିଲେ ଶ୍ରଦ୍ଧାଳୁ



ଶୁକ୍ରୁଲି, ୫।୧୦(ସମିସ): ମୟୂରଭଞ୍ଜ ଜିଲ୍ଲା ଶୁକ୍ରୁଲି ବ୍ଲକ ଗାଲୁସାହି ପଞ୍ଚାୟତ ଖପରାସାହି ଗ୍ରାମର ଭଗବାନ ଘଣା ପ୍ରତ୍ୟେକ ବର୍ଷ ଖନ୍ଦାମଡା ପର୍ବ ପାଳନ କରି ଆସୁଛନ୍ତି। ଚଳିତ ବର୍ଷ ମଧ୍ୟ ଖନ୍ଦାମଡା ପର୍ବ ପାଳନ କରିଛନ୍ତି। ଗ୍ରାମାଞ୍ଚଳରେ ନିଆରା ଦୁର୍ଗା ପୂଜା ପରେ ପରେ ହିଁ ଆରମ୍ଭ ହୋଇଥାଏ ଏହି ପର୍ବ। ବର୍ଷକ ଭିତରେ ଯାହାର ଯେ କୌଣସି ଅସୁବିଧା ହେଲେ ଦେହୁରୀଙ୍କ ମଧ୍ୟମରେ ମା'ଙ୍କ ନିକଟରେ ନିଜର ଅସୁବିଧା କଥା କହିଥାନ୍ତି। ଦେହୁରୀ ମଧ୍ୟ ମା'ଙ୍କ ନିକଟରେ ଲୋକଙ୍କ ଗୁହାରି ତଥା ଅସୁବିଧା ନେଇ ପୂଜାପାଠ କରିଥାନ୍ତି। ସେଥିରେ ଲୋକ ସୁଫଳ ମଧ୍ୟ ପାଇ ଆସୁଛନ୍ତି। ସୁଫଳ ପାଇ ମା'ଙ୍କ ନିକଟରେ ମାନସିକ ଅର୍ପଣ କରନ୍ତି। କଣ୍ଟାରେ ଗଡ଼ି, ନିଆଁରେ ଚାଲି ମା'ଙ୍କୁ ଖୁସି କରନ୍ତି ଦେହୁରୀ। ଦେହୁରୀଙ୍କ କହିବା କଥା ହେଲା କଣ୍ଟାରେ ଚାଲିବା ଓ ନିଆଁରେ ଗଡ଼ିବା ମା'ଙ୍କ ପସନ୍ଦ। ଏଣୁ ଆମର କେବେ କିଛି ଅସୁବିଧା ହୁଏ ନାହିଁ। ମୋଟା ମୋଟି ଦେଖିବାକୁ ଗଲେ ଅନ୍ୟର ସୁଖ ପାଇଁ, ଅନ୍ୟର ଖୁସି ପାଇଁ ଦେହୁରୀ ନିଜେ କଷ୍ଟ ସହନ୍ତି। ଯାହାକି କଣ୍ଟାରେ ଗଡ଼ିଲେ ଦେହରେ କଣ୍ଟା ଫୋଡ଼ି ହେଉନି କିମ୍ବା ନିଆଁରେ ଚାଲିଲେ ପାଦ ଫଟକା ହେଉନାହିଁ। ଏହାକୁ ନେଇ ଦୁର୍ଗା ପୂଜାରେ ଜିଲ୍ଲା ତଥା ଜିଲ୍ଲା ବାହାରୁ ଏବଂ ପଡ଼ିଶା ରାଜ୍ୟ ଝାଡ଼ଖଣ୍ଡରୁ ମଧ୍ୟ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥାଏ। ଯାହାପାଇଁ ଗୋଟିଏ ଦିନ ମେଳା ବି ଲାଗିଥାଏ।

## ମୁଣ୍ଡାରି ୟୁଟ୍ୟୁବର, ପ୍ରଯୋଜକ ଓ କଳାକାରଙ୍କ ବୈଠକ



ବାରିପଦା, ୫।୧୦(ସମିସ): ସ୍ଥାନୀୟ ପାଲବଣି ନିକଟସ୍ଥ ଶ୍ରୀପଦଗଞ୍ଜସ୍ଥିତ ମାୟପାର ମୁଖ୍ୟ କାର୍ଯ୍ୟାଳୟ ଜଜ ବାଖୁଲଠାରେ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି। ମୁଣ୍ଡାରୀ ୟୁଟ୍ୟୁବର, ପ୍ରଡ୍ୟୁସର ଏବଂ ଆର୍ଟିଷ୍ଟ ଆସୋସିଏସନ(ମାୟପା)ର ସଭାପତି ରବୀନ୍ଦ୍ରନାଥ ସିଂ ଜାଲେୟାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ସଂଗଠନର ସମୀକ୍ଷା କରିବା ସହିତ ଆଗାମୀ ଦିନରେ କିଭଳି ଭାବେ ଉନ୍ନତ ଆଦିବାସୀ ମୁଣ୍ଡାରୀ ଚଳଚିତ୍ର, ନାଟକ ଓ ଆଲବମ୍ ମିଳିତ ଉଦ୍ୟମରେ ନିର୍ମାଣ କରାଯାଇପାରିବ ସେ ବିଷୟରେ ନିଷ୍ପତି ଗ୍ରହଣ କରାଯାଇଥିଲା। ଏହି ସଭାରେ ମାୟପାର ଉପଦେଷ୍ଟା ଗୋବର୍ଦ୍ଧନ ସିଂ, ରସାନନ୍ଦ ସିଂ, ଇଂ ସୁନାରାମ ସିଂ ସିଲି, ଗଣ ମାଧ୍ୟମ ସମ୍ପାଦକ ବାଜି ସିଂ, ସଙ୍ଗୀତ ସମ୍ପାଦକ ଶଙ୍କର ସିଂ, ସହ କୋଷାଧ୍ୟକ୍ଷ ରମେଶ ଚନ୍ଦ୍ର ସିଂ, ପ୍ରଡ୍ୟୁସର ସୁନାରାମ ସିଂ, ପ୍ରଡ୍ୟୁସର ବୈଦ୍ୟନାଥ ସିଂ, ୟୁଟ୍ୟୁବର ଜାଗୁ ସିଂ, ମହେଶ୍ୱର ସିଂ ଓ ମୁନ୍ନା ସିଂ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ସାଧାରଣ ସମ୍ପାଦକ ଲକ୍ଷ୍ମୀରାମ ସିଂ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ମାରଣାସ୍ତ୍ର ଦେଖାଇ ଛିନ୍‌ତାଇ ଉଦ୍ୟମ

# ୩ ଅଭିଯୁକ୍ତଙ୍କ ସମେତ ସହଯୋଗୀଙ୍କ ନାମରେ ମାମଲା

ବଡ଼ସାହି, ୫।୧୦(ସମିସ): ବଡ଼ସାହି ଥାନା ଅଧୀନ କେନ୍ଦୁଡିହା ପଞ୍ଚାୟତ କୁଳିଅଣା (ବି) ଗ୍ରାମର ଶ୍ରୀଧର ପ୍ରଧାନ ସ୍ତ୍ରୀ ରିନା ପ୍ରଧାନଙ୍କୁ ବାଇକରେ ବସାଇ ବେତନଟୀ ପୂଜାମଣ୍ଡପ ବୁଲିବା ପାଇଁ ଘରୁ ଯାଇଥିଲେ। ସେମାନେ ଫେରୁଥିବା ସମୟରେ ଗାଁ ମୁଣ୍ଡରେ ଥିବା ସ୍କୁଲ ବଗିଚା ନିକଟରେ ୮ରୁ ୧୦ ଜଣ ଯୁବକ ମାରଣାସ୍ତ୍ର ସହିତ ତାଙ୍କ ବାଇକ୍‌କୁ ଅଟକାଇ ରୀନା ବେକରେ ପିନ୍ଧିଥିବା ମଙ୍ଗଳସୂତ୍ର ହାର ଦେବାକୁ ସେହି ଗ୍ରାମର ଦୁର୍ଗାଚରଣ କୁଅଁର ଭୁଜାଲି ରଖି ଧମକ ଦେଇଥିଲା। ତାସହିତ ତାର ଭାଇ ଶିବଶଙ୍କର କୁଅଁର ଓ ସହଯୋଗୀମାନେ ହାର ଦେବାକୁ ମନା କରିବାରୁ ତାଙ୍କୁ ଠେଲାପେଲା ଓ ମାଡମାରି ମଙ୍ଗଳସୂତ୍ରକୁ ଛିଡ଼ାଇ ନେଇଥିଲେ। ଶ୍ରୀଧର ବିରୋଧ କରିବାରୁ ଉଭୟଙ୍କୁ ଅନ୍ୟମାନେ ମିଶି ମାଡ଼ମାରି ୩ରୁ ୪ ବାଇକ ସହିତ ଡବ୍ଲୁ ବି ୧୯ କେ ୭୭୩୦ ନମ୍ବର ବିଶିଷ୍ଟ ଏକ ଭ୍ୟାନରେ ଖସି ପଳାଇଥିଲେ। ଖବର ପାଇ ନିକଟସ୍ଥ ଚକ୍ରଧରପୁର ଗ୍ରାମର କେତେଜଣ ଲୋକ ଉକ୍ତ ଗାଡ଼ିକୁ ଅଟକାଇ ସେଥିରେ ଥିବା ଲୋକଙ୍କୁ କୁଳିଅଣା ସ୍କୁଲ ପଡ଼ିଆକୁ ନେଇ ପୁଲିସକୁ ଖବର ଦେଇଥିଲେ। ପୁଲିସ ପହଞ୍ଚିବା ପରେ ତାଙ୍କୁ ହସ୍ତାନ୍ତର କରାଯାଇଥିଲା। ମୁଖ୍ୟ ଅଭିଯୁକ୍ତ ଦୁର୍ଗାଚରଣ ଓ ଶିବଶଙ୍କର ଖସି ଯିବାରେ ସକ୍ଷମ ହୋଇଥିଲେ। ପୁଲିସକୁ ହସ୍ତାନ୍ତର କରାଯାଇଥିବା ସହଯୋଗୀଙ୍କୁ ନୋଟିସ ଦେଇ ଥାନାରୁ ଛାଡି ଦିଆଯାଇଥିବା ବେଳେ ମୁଖ୍ୟ ଅଭିଯୁକ୍ତଙ୍କ ମଧ୍ୟରୁ କାହାରିକୁ ଅଦ୍ୟାବଧି ଗିରଫ କରାଯାଇନାହିଁ। ଶ୍ରୀଧରଙ୍କ ସ୍ତ୍ରୀ ରୀନା ଘଟଣା ପରେ ବିଳମ୍ବିତ ରାତିରେ ବଡ଼ସାହି ଥାନାରେ ଲିଖିତ ଏତଲା ଦେଇଥିଲେ। ଏଥିନେଇ ୩୪୮/୨୫ ନମ୍ବରରେ ଏକ କେସ ରୁଜୁ ହୋଇଛି। ପୁଲିସ ସାଇଣ୍ଟିଫିକ ଟିମ୍ ସହିତ ଗାଁରେ ପହଞ୍ଚି ତଦନ୍ତ କରିଥିବାର ଜଣାଯାଇଛି।

# ମୟୂରଭଞ୍ଜ କଳାକାର ସଂଘର ସାଂଗଠନିକ ବୈଠକ



ବେତନଟୀ, ୫।୧୦(ସମିସ): ମୟୂରଭଞ୍ଜ ଜିଲ୍ଲାର କୋଣ ଅନୁକୋଣରୁ ଦୁଇ ଶତାଧିକ କଳାକାର ଗଣ ସ୍ଥାନୀୟ ଦମୟନ୍ତୀ ମଣ୍ଡପରେ ଏକ ବନ୍ଧୁମିଳନ ସମାବେଶରେ ନିଜର ସଂଗଠନ ଓ ଦାବି ସମ୍ପର୍କରେ ଆଲୋଚନା କରିଛନ୍ତି। ଏଥିରେ ସଭାପତି ଡ. କୃପାସିନ୍ଧୁ ମହାନ୍ତ ଅଧ୍ୟକ୍ଷତା କରିଥିଲା ବେଳେ ସମ୍ପାଦକ ସଞ୍ଜୟ କୁମାର ମହାନ୍ତ ସମାବେଶର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ବନ୍ଧରେ ଆଲୋକପାତ କରିଥିଲେ। ବରିଷ୍ଠ ସାମ୍ବାଦିକ ତଥା ଶିକ୍ଷାବିତ୍ ହରିଶ ଚନ୍ଦ୍ରନନ୍ଦ ଗୋସ୍ୱାମୀ, ଜିଲ୍ଲା ସମ୍ବାଦିକ ସଂଘର ସଭାପତି ଅରୁଣ କୁମାର ଓତା ଓ ଆଇନଜୀବୀ ତଥା ସଂଗଠକ ସଚ୍ଚିଦାନନ୍ଦ ମହାନ୍ତି ମଞ୍ଚାସୀନ ଥାଇ ସଂଘ ଗଠନ ଓ ଦାବି ହାସଲ ନିମନ୍ତେ ନାନାଦି ଉଦାହରଣ ମାଧ୍ୟମରେ ଉଦବୋଧନ ଦେଇ ସଂଗଠନକୁ ମଜବୁତ୍ କରିବାର ପରାମର୍ଶ ଦେଇଥିଲେ। ସଭାପତି ଡ. ମହାନ୍ତ ତାଙ୍କ ବକ୍ତବ୍ୟରେ ସଂଘର ଆଗାମୀ ଦିନରେ କାର୍ଯ୍ୟକ୍ରମ ସହ ଦାବି ଉପରେ ଆଲୋକପାତ କରିଥିଲେ। ସଭ୍ୟମାନେ କିପରି ରାଜ୍ୟ ଓ କେନ୍ଦ୍ରସରକାରଙ୍କ କଳାକାର ଭତ୍ତା ପାଇପାରିବେ ସେ ସମ୍ପର୍କରେ ବିଶେଷ ଆଲୋଚନା ସହ ସଂଘର ସରକାରୀ ପଞ୍ଜୀକରଣ ଏବଂ କର୍ମକର୍ତ୍ତା ଚୟନ ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ମଞ୍ଚାସୀନ ବିଭିନ୍ନ କଳାକାର ସଙ୍ଗଠନର ମୁଖ୍ୟ ସମେତ ନିମନ୍ତ୍ରିତ ଅତିଥି, ସାମ୍ବାଦିକ ଓ ବକ୍ତାଗଣଙ୍କୁ ମଞ୍ଚ ଉପରେ ସମ୍ମାନିତ କରାଯାଇଥିଲା। ମଞ୍ଚ ପରିଚାଳନା ବେଣୁଧର ମହାନ୍ତ କରିଥିବା ସହ କେଶବଚନ୍ଦ୍ର ମହାନ୍ତ ଓ ଶରତଚନ୍ଦ୍ର ମହାନ୍ତ ସହଯୋଗ କରିଥିଲେ। ସର୍ବଶ୍ରୀ ତାରାକାନ୍ତ ମହାନ୍ତ, ପିତାମ୍ବର ମହାନ୍ତ, ମହେଶ୍ୱର ମହାନ୍ତ ଆଦି ବକ୍ତବ୍ୟ ରଖିଥିଲେ ଓ ମନୋଜ ମହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ।

## ବାରିପଦାରେ ରାବଣ ପୋଡ଼ି କାର୍ଯ୍ୟକ୍ରମ; ବିପୁଳ ଜନ ସମାଗମ

ବାରିପଦା, ୫।୧୦(ସମିସ): ଲଗାଣ ବର୍ଷା ପାଇଁ ବିଜୟା ଦଶମୀ ଅବସରରେ ହେବାକୁ ଥିବା ରାବଣପୋଡି କାର୍ଯ୍ୟକ୍ରମ ଶେଷମୁହୂର୍ତ୍ତରେ ଘୁଞ୍ଚାଇ ଦିଆଯାଇଥିବା ବେଳେ ରବିବାର ଆୟୋଜିତ ହୋଇଯାଇଛି। ପୂର୍ବବର୍ଷ ଭଳି ଚଳିତ ବର୍ଷ ମଧୁବନ ଷ୍ଟାଡିୟମରେ ରାବଣ ପୋଡି କମିଟି ସଦସ୍ୟ ମାନେ ବହୁ ଆଡମ୍ବରରେ



କାର୍ଯ୍ୟକ୍ରମ ସମ୍ପାଦିତ କରିଛନ୍ତି। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବାରିପଦା ବିଧାୟକ ପ୍ରକାଶ ସୋରେନ ଏବଂ ସମ୍ମାନିତ ଅତିଥି ଭାବେ ବାରିପଦା ନଗରପାଳ ତଥା କମିଟିର ଅଧ୍ୟକ୍ଷ କୃଷ୍ଣାନନ୍ଦ ମହାନ୍ତି, ଭଞ୍ଜସେନା ମୁଖ୍ୟ କଳିଙ୍ଗ କେଶରୀ ଜେନା, ସ୍ଥାନୀୟ ୱାର୍ଡ କାଉନସିଲର ପ୍ରଶାନ୍ତ ବେହେରା, ପିଣ୍ଟୁ ମାଇତି ଓ ଚିନ୍ମୟ ସିହ୍ନା ପ୍ରମୁଖ ଉପସ୍ଥିତ ଥିଲେ। ରାବଣ ପୋଡି ମହୋତ୍ସବ ସ୍ଥାନୀୟ ଅଞ୍ଚଳରେ ବହୁତ ପ୍ରସିଦ୍ଧ ଲାଭ କରିଥିବା ବେଳେ ପ୍ରାୟ ୫୦ ହଜାର ଲୋକଙ୍କ ସମାଗମ ହୋଇଥିଲା। ବିଭିନ୍ନ ପ୍ରାରର ଆତସବାଜି ପ୍ରଦର୍ଶନ ସମସ୍ତଙ୍କ ମନ ମୋହିଥିଲା। ପୋଡ଼ି କାର୍ଯ୍ୟକ୍ରମ ଶୃଙ୍ଖଳା ସହିତ ସମାପନ ପାଇଁ ଟାଉନ ଥାନା ଅଧିକାରୀଙ୍କ ନେତୃତ୍ୱରେ ପୁଲିସ ମୁତୟନ କରାଯାଇଥିଲା। କମିଟିର ସମସ୍ତ ସଦସ୍ୟ ବୃନ୍ଦ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ରହି କାର୍ଯ୍ୟକୁ ସୁଚାରୁ ରୂପେ ତୁଲାଇଥିଲେ।

## ପଶ୍ଚିମ ମୟୂରଭଞ୍ଜ ଜିଲ୍ଲା ସଭାପତିଙ୍କୁ ସମ୍ବର୍ଦ୍ଧନା



ରାଇରଙ୍ଗପୁର, ୫।୧୦(ସମିସ): ପଶ୍ଚିମ ମୟୂରଭଞ୍ଜ ଜିଲ୍ଲା କଂଗ୍ରେସ ସଭାପତି ଭାବେ ଭୁବନ ବିହାରୀ ସାହୁଙ୍କୁ ଆଜି ମୟୂରଭଞ୍ଜ ଜିଲ୍ଲା ରାଇରଙ୍ଗପୁର କଲ୍ୟାଣୀମଣ୍ଡପଠାରେ ନଗର ସଭାପତି ଅଶୋକ ଅଗ୍ରୱାଲ୍ଲାଙ୍କ ସଭାପତିତ୍ୱରେ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି।

## ଗୋପବନ୍ଧୁ ନଗର ପ୍ରେସ୍ କ୍ଲବ୍‌ର ବୈଠକ

କୁଆଁମରା, ୫।୧୦(ସମିସ): ଗୋପବନ୍ଧୁ ନଗର ପ୍ରେସ କ୍ଲବର ପ୍ରତିଷ୍ଠା ଦିବସ ଆସନ୍ତା ୯ ତାରିଖ ଗୁରୁବାର ପାଳନ ହେବ। ଏଥିନିମନ୍ତେ ପ୍ରେସ କ୍ଲବ ପକ୍ଷରୁ ଆଜି ପ୍ରସ୍ତୁତି ବୈଠକ କୁଆଁମରା ଠାରେ ପ୍ରେସ କ୍ଲବର ସଭାପତି ନିମାଇଁ ପ୍ରସାଦ ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ପ୍ରତିଷ୍ଠା ଦିବସରେ ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ ଚତୁର୍ଥରୁ ଷଷ୍ଠ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀଙ୍କୁ ନେଇ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହେବାକୁ ବୈଠକରେ ସ୍ଥିର ହୋଇଛି। ତତ୍‌ସହିତ ସାମ୍ବାଦିକମାନଙ୍କର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା ହୋଇଥିଲା। ବୈଠକରେ ଉପସଭାପତି ଚିତ୍ତରଞ୍ଜନ ଦଳେଇ, ସମ୍ପାଦକ ଡ. କୁମାର ବାବୁଲି, ଶାନ୍ତନୁ କୁମାର ମହୁଆଳ, ଦୀପକ କୁମାର ଚୌଧୁରୀ, ରଞ୍ଜନ କୁମାର ମହୁଆଳ, ଜୟନ୍ତ କୁମାର ସ, ସୂର୍ଯ୍ୟକାନ୍ତୀ ପୂହାଣ, ଯୋଗେଶ୍ୱର ସାହୁ, ବିଶ୍ୱଜିତ ଦାଶ, ମାଣିକ ହେମ୍ବ୍ରମ, ସମ୍ବିତ କୁମାର ରାଉତ ପ୍ରମୁଖ ଯୋଗ ଦେଇଥିଲେ।

## ବିଭିନ୍ନ ସ୍ଥାନରେ ରାବଣପୋଡ଼ି ଉତ୍ସବ



କୁଆଁମରା, ୫।୧୦(ସମିସ): ଗୋପବନ୍ଧୁନଗର ବ୍ଲକର ବିଭିନ୍ନ ସ୍ଥାନରେ ପାରମ୍ପରିକ ରାବଣ ପୋଡ଼ି ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଖୁଣ୍ଟା ସ୍ଥିତ ଟିକରପଡ଼ା ଠାରେ ୩୧ ବର୍ଷର ପୂଜା ସମ୍ପନ୍ନ ହୋଇଥିବା ବେଳେ ଆଜି ରାବଣପୋଡ଼ି ଉତ୍ସବ ଅନୁଷ୍ଠିତ ହୋଇଛି। କମିଟିର ସଭାପତି ରଞ୍ଜନ କୁମାର ମହୁଆଳ, ସମ୍ପାଦକ ସଞ୍ଜୀବ କୁମାର ମହାପାତ୍ରଙ୍କ ତତ୍ତ୍ୱାବଧାନରେ ସ୍ଥାନୀୟ ପଡ଼ିଆରେ ଅନୁଷ୍ଠିତ ରାବଣ ପ୍ରତିମୂର୍ତ୍ତିରେ ସତ୍ୟପ୍ରକାଶ ମହୁଆଳ ଅତିଥି ଭାବେ ଯୋଗଦେଇ ଅଗ୍ନି ସଂଯୋଗ କରିଥିଲେ। ସେହିପରି ଚତୁର୍ଶିଳା ପୂଜା କମିଟି ପକ୍ଷରୁ ମିନି ଷ୍ଟାଡିୟମଠାରେ ରାବଣପୋଡ଼ି ଉତ୍ସବରେ ବହୁ ଲୋକଙ୍କ ସମାଗମ ହୋଇଥିଲା। ବରିଷ୍ଠ ନାଗରିକ ପୂର୍ଣ୍ଣଚନ୍ଦ୍ର ମହୁଆଳ ଅଗ୍ନି ସଂଯୋଗ କରିଥିଲେ। କମିଟିର ସଭାପତି ଦେବେନ୍ଦ୍ର ନାଥ ମହୁଆଳଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ରଣଜିତ ମହାପାତ୍ର, ଉମେଶ ପ୍ରଧାନ, ରଣଜିତ ନାୟକ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। କୁଶଳଦା ପଞ୍ଚାୟତସ୍ଥିତ ଆମ୍ବଯୋଡା ହାଇସ୍କୁଲ ପଡ଼ିଆରେ ରାବଣପୋଡ଼ି ଉତ୍ସବରେ ଉଦଳା ବିଧାୟକ ଭାସ୍କର ଚନ୍ଦ୍ର ମଢେଇ ମୁଖ୍ୟ ଅତିଥିଭାବେ ଯୋଗଦେଇ ଅଗ୍ନି ସଂଯୋଗ କରିଥିଲେ। ପୂଜା କମିଟିର ସଭାପତି ବଂଶିଧର ସାହୁ, ସମ୍ପାଦକ ସ୍ୱପ୍ନେଶ୍ୱର ଲେଙ୍କା, ପ୍ରଶାନ୍ତ ବେହେରା, ସୁଶାନ୍ତ ଜେନା, ମହେଶ୍ୱର ସିଂ ପ୍ରମୁଖ ଯୋଗଦେଇଥିଲେ।

# ଜଗା ଦର୍ଶନରେ ଯାଇ ଫେରିଲାନି ପୁଅ

ବାରିପଦା, ୫।୧୦(ସମିସ)

ପରିବାରର ରୋଜଗାରିଆ ପୁଅ ଜଗବନ୍ଧୁ ଦାଶ (୫୫) ଘରୁ ପୁରୀ ଯାଇଥିଲେ ମହାପ୍ରଭୁ ଜଗନ୍ନାଥଙ୍କୁ ଦର୍ଶନ କରିବାକୁ। ଫେରିବା ବେଳେ ଘର ପାଇଁ କିଛି ଆସବାବପତ୍ର କିଣିବା ପାଇଁ ସାଙ୍ଗରେ ନେଇଥିଲେ ଲକ୍ଷାଧିକ ଟଙ୍କା। ମାତ୍ର ପୁଅ ଆଉ ଫେରିଲାନି। ରାତି ୧୨ଟା ୨୦ରେ ସୁନୀଲ ମିଶ୍ର ନାମକ ଜଣେ ବ୍ୟକ୍ତି ନିଜକୁ ହସ୍ପିଟାଲର କର୍ମଚାରୀ ବୋଲି ପରିଚୟ ଦେଇ ବୃଦ୍ଧ ବାପା ଆନନ୍ଦ ଚନ୍ଦ୍ର ଦାଶଙ୍କୁ ଫୋନକରି କହିଲେ 'ଆପଣଙ୍କ ପୁଅ ଜଗବନ୍ଧୁ ଗୁରୁତର, ପୁରୀ ଜିଲ୍ଲା ହସ୍ପିଟାଲକୁ ଶୀଘ୍ର ପହଞ୍ଚନ୍ତୁ'। ସକାଳେ ବୃଦ୍ଧ ବାପ ପୁରୀ ହସ୍ପିଟାଲରେ ପୁଅକୁ ଖୋଜାଖୋଜି କରି ନପାଇବାରୁ ସିଡିଏମଓଙ୍କୁ ଦେଖା କରିଥିଲେ। ପୁଅ କେଉଁଠି ଅଛି ପଚାରିବା ସହିତ ଯେଉଁ ନମ୍ବରରୁ ଫୋନ ଆସିଥିଲା ଦେଖାଇବାରୁ, ଫୋନରେ ସିଡିଏମଓ କଥାହୋଇ ପୁରୀ କୁମ୍ଭାରପଡ଼ା ଥାନା ପଠାଇଥିଲେ। ଥାନା ତରଫରୁ ତୁମ ପୁଅକୁ କଟକ ଏସସିବି ମେଡିକାଲକୁ ରେଫର କରାଯାଇଛି ବୋଲି କହିଥିଲେ। ତୁରନ୍ତ କଟକ ପହଞ୍ଚି ଖୋଜାଖୋଜି କଲେ ମଧ୍ୟ ପୁଅକୁ ପାଇ ନଥିଲେ। ଶେଷରେ ସନ୍ଧ୍ୟା ବେଳକୁ କଟକ ହସ୍ପିଟାଲ ସୁପରିନଟେଣ୍ଡେଟଙ୍କୁ ସାକ୍ଷାତ କରି ବୁଝାବୁଝି କରିବାରୁ ପୁଅର ମୃତଦେହ ଅପରିଚିତ ଶବଗୃହରେ ଅଛି। ପୁଅର ଦେହ ଖରାପ ଶୁଣି ବାରିପଦାରୁ ଯାଇଥିବା ବୃଦ୍ଧ ବାପା ଏପରି କଥା ଶୁଣି ପାଦତଳୁ ମାଟି ଖସିଯାଇଥିଲା।



କୌଣସି ଉପାୟ ନପାଇ ଶବ ଗାଡିରେ ବାରିପଦାକୁ ମୃତଦେହ ଆଣି ଅନ୍ତିମ ସଂସ୍କାର କରିଦେଲେ। ହେଲେ ପୁଅ ପାଖରେ ଥିବା ଟଙ୍କା ବା ମୋବାଇଲ ପାଇଲେ ନାହିଁ। ମୃତଦେହରେ ବିଭିନ୍ନ ପ୍ରକାର କ୍ଷତ ଚିହ୍ନ ଦେଖିଥିଲେ। ସବୁକିଛି ପରେ ବି ସେ ନା ପୁଲିସ ନା ହସ୍ପିଟାଲ କର୍ତ୍ତୃପକ୍ଷ କାହା ପାଖରୁ ବି ପୁଅର ମୃତ୍ୟୁର କାରଣ ଜାଣିବାକୁ ପାଇ ନଥିଲେ। ଏଣୁ ତାଙ୍କ ମନରେ ଥିବା ସନ୍ଦେହ, ପୁଅର କ୍ରିୟାକର୍ମ ସରିବା ପରେ ପୁଣି ପୁରୀ ଯାଇ ପୁଅ ବାବଦରେ କିଛି ତଥ୍ୟ ଖୋଜିଥିଲେ। ପୁଅର କିଛି ଫଟୋଗ୍ରାଫ ପାଇବା ସହ ତାଙ୍କ ପୁଅକୁ ପୁଲିସ କଲର ଧରି ବସାଇଥିବା, ହାତରେ କିଛି କ୍ଷତଚିହ୍ନ, ମୃତଦେହକୁ ପୁଲିସ ଧରିଥିବାର ଫୋଟ ଇତ୍ୟାଦି।

**ବ୍ୟବଚ୍ଛେଦ ନକରି ପଠାଇ ଦେଲେ ଶବ**

**ହତ୍ୟା ଅଭିଯୋଗ ନେଇ ମୁଖ୍ୟମନ୍ତ୍ରୀଙ୍କୁ ଜଣାଇଲେ ବୃଦ୍ଧ ପିତା**

ମୃତ୍ୟୁ ରିପୋର୍ଟ ଅନୁଯାୟୀ ଜଗବନ୍ଧୁ ଅଗଷ୍ଟ ୫ତାରିଖରେ ପୁରୀ ହସ୍ପିଟାଲରେ ଆଡମିସନ ହୋଇଥିଲେ ଏବଂ ତହିଁ ପରଦିନ ପରଲୋକ ଘଟିଛି। ତେବେ ମୃତ୍ୟୁ ପରେ କୁମ୍ଭାରପଡ଼ା ପୁଲିସ ମୃତଦେହ କଟକ ପଠାଇ ଦେଇଥିଲା। ପୁରୀ ହସ୍ପିଟାଲରୁ ମୃତଦେହ ଆଣିବା ବେଳେ ପୁଲିସ ଶବ ବ୍ୟବଚ୍ଛେଦ କଲାନାହିଁ କାହିଁକି? ସେହିପରି କଟକରେ ମୃତଦେହ ପିତାଙ୍କୁ ଦେଲା ବେଳେ ମଧ୍ୟ ବ୍ୟବଚ୍ଛେଦ କରାଗଲାନାହିଁ କାହିଁକି? କେଉଁ ପରିସ୍ଥିତିରେ ମୃତ ଜଗବନ୍ଧୁଙ୍କୁ ପୁରୀ ହସ୍ପିଟାଲରେ କିଏ ଆଡ଼ମିସନ କରିଥିଲା ଏବଂ ମଧ୍ୟ ରାତିରେ ବୃଦ୍ଧ ପିତାଙ୍କୁ ୮୦୧୮୭୦୦୧୪୦ ନମ୍ବରରୁ ଫୋନ କରିଥିବା ସୁନୀଲ ମିଶ୍ର ନାମକ ବ୍ୟକ୍ତି ଜଣକ କିଏ? ପୁନଶ୍ଚ ପୁଅ ଗୁରୁତର ବୋଲି ଫୋନ କରାଯାଇଥିବା ବେଳେ କଟକ ଶବ ଗୃହକୁ ମୃତଦେହ ପହଞ୍ଚିବା ତଦନ୍ତ ସାପେକ୍ଷ। ସେହିପରି ଅପରିଚିତ ଶବଗୃହ ଡ୍ୟୁଟିରେ ଥିବା ସିକ୍ୟୁରିଟି ସୁପରିନଟେଣ୍ଡେଟଙ୍କ ଆଗରେ କହିବା ମୁତାବକ ରାତି ୨ଟା ୨୦ମିନିଟରେ କୁମ୍ଭାରପଡ଼ା ପୁଲିସ ଶବ ଆଣି କଟକ ଶବ ଗୃହରେ ପହଞ୍ଚାଇଥିଲା। ଯଦି ଘରଲୋକଙ୍କୁ ଖବର ଦିଆଯାଇଥିଲା ତେବେ ୬ତାରିଖ ସକାଳ ପର୍ଯ୍ୟନ୍ତ ଅପେକ୍ଷା କରାଗଲା ନାହିଁ କାହିଁକି? ଶବକୁ କଟକ ପଠାଇବା ଆଗରୁ ପୁଣି ଥରେ ଘର ଲୋକଙ୍କୁ ଯୋଗାଯୋଗ କରାଗଲା ନାହିଁ କାହିଁକି? ଏଭଳି ଅନେକ ପ୍ରଶ୍ନବାଚୀ ଏବେ ବୃଦ୍ଧ ପିତାମାତାଙ୍କୁ ଅଧିକ ଚିନ୍ତାଗ୍ରସ୍ତ କରିପକାଇଛି। ତେବେ ଏବେ ବି ନ୍ୟାୟ ପାଇବାର ଆଶା ଛାଡି ନାହାନ୍ତି ବୃଦ୍ଧ ପିତା ମାତା। ପୁରୀ ଓ ମୟୂରଭଞ୍ଜ ଏସ୍‌ପି, କଲେକ୍ଟରଙ୍କ ସହ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ନ୍ୟାୟ ଭିକ୍ଷା କରିଛନ୍ତି ବୃଦ୍ଧ ବାପା। କ୍ଷୋଭର ସହ ତାଙ୍କ ପୁଅକୁ ହତ୍ୟା କରି ପ୍ରମାଣ ନଷ୍ଟ ପାଇଁ ସୁଚିନ୍ତିତ ଯୋଜନା ବୋଲି ସେ ଅଭିଯୋଗ ପୂର୍ବକ ନ୍ୟାୟ ଚାହିଁଛନ୍ତି। ଏଣୁ ସରକାର ତୁରନ୍ତ ନ୍ୟାୟ ଯୋଗାଇ ନଦେଲେ ଦରକାର ପଡ଼ିଲେ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ଆଗରେ ଅନଶନରେ ବସିବେ ବୋଲି ନିଜ ପ୍ରତିକ୍ରିୟାରେ କହିଛନ୍ତି ବୃଦ୍ଧ ବାପା ଆନନ୍ଦ।

### ଆଜବେଷ୍ଟସ୍ ଭାଙ୍ଗି ଚୋରି ଘଟଣା

# ୨୦ ହଜାର ଟଙ୍କା ସହ ଅଳଙ୍କାର ଜବତ; ଜଣେ ଗିରଫ



**ରାଉରକେଲା, ୫।୧୦(ସମିସ)**

ସେକ୍ଟର-୧୫ ଥାନା ସେକ୍ଟର - ୧୪ ଅଞ୍ଚଳରେ ଘରେ କେହି ନଥିବାବେଳେ ଆଜବେଷ୍ଟସ୍ ଭାଙ୍ଗି ଅଳଙ୍କାର ଚୋରି ଘଟଣାର ପର୍ଦ୍ଦାଫାସ କରିଛି ପୁଲିସ। ଏହି ଘଟଣାରେ ପୁଲିସ ଜଣେ ଯୁବକକୁ ଗିରଫ କରି କୋର୍ଟଚାଲାଣ କରିଛି। ତା' ନିକଟରୁ ଚୋରି ହୋଇଥିବା ନଗଦ ୨୦ ହଜାର ୪ଶହ ଟଙ୍କା ସହ ଅଳଙ୍କାର ଓ ମୋବାଇଲ ଫୋନ ଜବତ କରାଯାଇଛି। ସେକ୍ଟର-୧୪ ବି-୧୬୦ କ୍ୱାର୍ଟର୍ସରେ ବାସ କରୁଥିବା ଏସ୍‌ଏସ୍ ଗୌରବ ଗତ ୨୬ ତାରିଖ ଦିନ ଘର ତାଲା ବନ୍ଦ କରି ସପରିବାର ବାହାରକୁ ଯାଇଥିଲେ। ତେବେ ସେ ଘରକୁ ଫେରିବା ପରେ ତାଙ୍କ ଆଜବେଷ୍ଟସ୍ ଭଙ୍ଗାଯାଇ ଘରୁ ନଗଦ ୨୧ ହଜାର ଟଙ୍କା ସହ ଅଳଙ୍କାର ଚୋରି ହୋଇ ଯାଇଥିବା ନେଇ ସେ ଥାନାରେ ଅଭିଯୋଗ କରିଥିଲେ। ଏହାପରେ ଥାନା ଅଧିକାରୀ ସିନ୍ମୟ କୁମାର ବଳ ଏ ନେଇ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲେ। ପରେ ଏହି ଘଟଣାରେ ସମ୍ପୃକ୍ତ ସେକ୍ଟର-୧୫ ମଲ୍ଲିକ ବସ୍ତିର ସନା ଓରଫ ପୂର୍ଣ୍ଣଚନ୍ଦ୍ର ପଟ୍ଟନାୟକକୁ ଗିରଫ କରିବା ସହ ତା ନିକଟରୁ ଚୋରି ଟଙ୍କା ସହ ସୁନା କାନଫୁଲ, ଝୁଣ୍ଟିଆ, ପାଉଁଜି, ହାତ ଘଣ୍ଟା, ୩ଟି ମୋବାଇଲ ଫୋନକୁ ଜବତ କରାଯାଇଛି। ଏହା ପୂର୍ବରୁ ମଧ୍ୟ ସେ ସେକ୍ଟର - ୧୫ ଥାନା ଅଞ୍ଚଳରେ ୨ଟି ଘରର ଆଜବେଷ୍ଟସ୍ ଭାଙ୍ଗି ନଗଦ ଟଙ୍କା ସହ ଅନ୍ୟାନ୍ୟ ସାମଗ୍ରୀ ଚୋରି କରିବା ନେଇ ପୁଲିସ ତଦନ୍ତ କରୁଥିଲା। ଗିରଫ ପୂର୍ଣ୍ଣଚନ୍ଦ୍ର ନାମରେ ସେକ୍ଟର-୧୫, ସେକ୍ଟର-୧୯ ଓ ସେକ୍ଟର-୩ ଥାନାରେ ବିଭିନ୍ନ ଚୋରି ମାମଲା ରହିଛି।

# ଏନ୍‌ଆଇଟି ରାଉରକେଲାରେ ସ୍ୱଚ୍ଛତା ଅଭିଯାନ




**ରାଉରକେଲା, ୫।୧୦(ସମିସ):** ଏନ୍‌ଆଇଟି ରାଉରକେଲା ପକ୍ଷରୁ ସ୍ୱଚ୍ଛତା ଅଭିଯାନ ଆୟୋଜିତ ହୋଇଯାଇଛି। ଏହି ଅବସରରେ ଏହାର କ୍ୟାମ୍ପସରେ ଦୁଇ ଘଣ୍ଟା ଧରି ସାମୂହିକ ସଫେଇ କରାଯାଇଥିଲା। ଏନ୍‌ଆଇଟି ରାଉରକେଲାର ନିର୍ଦ୍ଦେଶକ ପ୍ରଫେସର କେ. ଉମାମହେଶ୍ୱର ରାଓଙ୍କ ନେତୃତ୍ୱରେ ସ୍ୱଚ୍ଛତା ନେଇ ଏକ ଶପଥ ପାଠ ଅନୁଷ୍ଠିତ ହେବା ସହ 'ସ୍ୱଚ୍ଛତା ହିଁ ସେବା' ଆନ୍ଦୋଳନର ଆଦର୍ଶ ଉପରେ ସେ ଆଲୋକପାତ କରିଥିଲେ। ଏକକ-ବ୍ୟବହୃତ ପ୍ଲାଷ୍ଟିକ୍ ବ୍ୟବହାର ରୋକିବା ଏବଂ ପ୍ଲାଷ୍ଟିକ୍ ପ୍ରଦୂଷଣର ମୁକାବିଲା ପାଇଁ ୩ ଆର୍‌ଏସ୍-ହ୍ରାସ, ପୁନଃବ୍ୟବହାର, ପୁନଃଚକ୍ରଣକୁ ଆଗକୁ ବଢ଼ାଇବା ପାଇଁ ପ୍ରତିଷ୍ଠାନର ପ୍ରତିବଦ୍ଧତାକୁ ସେ ଦୋହରାଇଥିଲେ। ଉଦ୍‌ଘାଟନୀ ଅଧିବେଶନ ପରେ ସ୍ୱେଚ୍ଛାସେବୀମାନଙ୍କ ଦ୍ୱାରା ଏନ୍‌ଆଇଟି କ୍ୟାମ୍ପସରୁ ସେକ୍ଟର-୧ ପର୍ଯ୍ୟନ୍ତ ଏକ ଶୋଭାଯାତ୍ରା ବାହାରିବା ସହ ସାର୍ବଜନୀନ ସ୍ଥାନଗୁଡ଼ିକୁ ସେମାନେ ସଫା କରିଥିଲେ। ଏହି କାର୍ଯ୍ୟକ୍ରମରେ ଡିନ୍, ମୁଖ୍ୟ, ଅଧ୍ୟାପକ ଏବଂ କର୍ମଚାରୀମାନେ ମଧ୍ୟ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ଏନ୍‌ଆଇଟି ରାଉରକେଲାର ସ୍ୱଚ୍ଛତା ପକ୍ଷ ଏବଂ ସ୍ୱଚ୍ଛୋତ୍ସବ ୨୦୨୫ ପାଇଁ ନୋଡାଲ୍ ଅଧିକାରୀ ପ୍ରଫେସର ଯୁଗଳ ମହାପାତ୍ର ସଂଯୋଜନା କରିଥିଲେ।

## ଗାନ୍ଧୀ ଶାନ୍ତି ପ୍ରତିଷ୍ଠାନ ପକ୍ଷରୁ ଗାନ୍ଧୀ ଜୟନ୍ତୀ

**ରାଉରକେଲା, ୫।୧୦(ସମିସ):** ସେକ୍ଟର - ୨୦ ସ୍ଥିତ ଗାନ୍ଧୀ ଶାନ୍ତି ପ୍ରତିଷ୍ଠାନ ତରଫରୁ ଗାନ୍ଧୀଜୀଙ୍କ ୧୫୬ ତମ ଜୟନ୍ତୀ ପାଳନ କରାଯାଇଛି। ଅନୁଷ୍ଠାନର ଆବାହିକା ଭଗବତୀ ଜେନାଙ୍କ ଆବାହକତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଶିକ୍ଷାବିତ ବ୍ରଜେନ୍ଦ୍ର ଦାଶ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଗାନ୍ଧୀଙ୍କ ଜୀବନାଦର୍ଶ ସମ୍ପର୍କରେ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅରୁଣ କୁମାର ସ୍ୱାଇଁ, ଜଗବନ୍ଧୁ ଦାସ, ପ୍ରଫୁଲ୍ଲ ବାରିକ ପ୍ରମୁଖ ସେମାନଙ୍କ ବକ୍ତବ୍ୟରେ ଗାନ୍ଧୀଙ୍କୁ ନିର୍ଭୀକ ଓ ପ୍ରତିବଦ୍ଧତା ପୂର୍ଣ୍ଣ ବ୍ୟକ୍ତିତ୍ୱ ବୋଲି ଅବହିତ କରିଥିଲେ। କୁଞ୍ଜବିହାରୀ ରାଉତ, ସସ୍ମିତା ପ୍ରଧାନ, ସଂଗ୍ରାମ କିଶୋର ଭୂୟାଁ ପ୍ରମୁଖ ଉପସ୍ଥିତ ଥିଲେ।

## ସ୍ତ୍ରୀକୁ ଠେଙ୍ଗାରେ ପିଟି ହତ୍ୟା କଲା ସ୍ୱାମୀ

**କୋଇଡ଼ା, ୫।୧୦(ସମିସ):** କୋଇଡ଼ା ଥାନା ଡେଙ୍ଗୁଲା ଗ୍ରାମରେ ଅଭାବନୀୟ ଘଟଣା ଘଟିଛି। ସ୍ୱାମୀର ଠେଙ୍ଗା ମାଡ଼ରେ ସ୍ତ୍ରୀର ମୃତ୍ୟୁ ଘଟିଛି। ପୁଲିସ ସୂଚନା ଅନୁଯାୟୀ ଗଗନ ଦେହୁରୀ ଓ ତାଙ୍କ ସ୍ତ୍ରୀ ମିତା ନାଏକଙ୍କ ମଧ୍ୟରେ କୌଣସି କାରଣରୁ ବଚସା ହୋଇଥିଲା। ଏଥିରେ ଉତ୍ତ୍ୟକ୍ତ ହୋଇ ସ୍ୱାମୀ ଏକ ଠେଙ୍ଗାରେ ସ୍ତ୍ରୀ ମିତାଙ୍କୁ ପିଟିବାରୁ ସେ ତଳେ ପଡ଼ିଯାଇଥିଲେ। ପରିବାର ଲୋକେ ତୁରନ୍ତ କୋଇଡ଼ା ଡାକ୍ତରଖାନା ନେଇଥିଲେ। ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ କୋଇଡ଼ା ପୁଲିସ ଡାକ୍ତରଖାନାରେ ପହଞ୍ଚି ଶବ ଜବତ କରିବା ସହିତ ସ୍ୱାମୀ ଗଗନ ଦେହୁରୀକୁ ଅଟକ ରଖି ପଚରାଉଚରା କରିଥିଲେ। ରାଉରକେଲା ସାଇଣ୍ଟିଫିକ୍ ଟିମ ଆସି ପାରିପାର୍ଶିକ ସ୍ଥିତି ଅନୁଧ୍ୟାନ କରିଥିଲେ। ଅଭିଯୁକ୍ତ ପୁଲିସ ଆଗରେ ସତ ମାନିବା ପରେ କୋଇଡ଼ା ପୁଲିସ ମାମଲା ରୁଜୁ କରିବା ସହ କୋର୍ଟ ଚାଲାଣ କରିଥିବା କହିଛି।

# ରାଉରକେଲା ଅନ୍ତର୍ଜାତୀୟ ବାଣିଜ୍ୟ ମେଳା ୭ରୁ



**ରାଉରକେଲା, ୫।୧୦(ସମିସ) :** ସ୍ଥାନୀୟ ସେକ୍ଟର-୧୩ ମେଳଣ ପଡ଼ିଆରେ ଗୁପ୍ତା ଇଭେଣ୍ଟ ମ୍ୟାନେଜମେଣ୍ଟ ପ୍ରାଇଭେଟ୍ ଲିମିଟେଡ୍ ପକ୍ଷରୁ 'ଆପେଲ୍ ସାଇନ୍ ଆଣ୍ଡ ଗ୍ରାଫିକ୍ସ' ସହାୟତାରେ 'ରାଉରକେଲା ଅନ୍ତର୍ଜାତୀୟ ବାଣିଜ୍ୟ ମେଳା-୨୦୨୫' ଆସନ୍ତା ୭ ତାରିଖରୁ ଆରମ୍ଭ ହେବାକୁ ଯାଉଛି। ଏହା ୧୦ ଦିନ ଧରି ଚାଲିବ ବୋଲି ଗୁପ୍ତା ଇଭେଣ୍ଟ ମ୍ୟାନେଜମେଣ୍ଟ ପ୍ରାଇଭେଟ ଲିମିଟେଡ୍ ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦିଆଯାଇଛି। କମ୍ପାନୀ ପରିଚାଳନା ନିର୍ଦ୍ଦେଶକ ସୁଜିତ କୁମାର ଗୁପ୍ତା ସୂଚନା କହିଛନ୍ତି ଯେ ଏହି ମଲ୍ଟି ସେକ୍ଟର ବି୨ବି ଏବଂ ବି୨ସି ପ୍ରଦର୍ଶନୀ ପୂର୍ବରୁ ଓଡ଼ିଶାର ଭୁବନେଶ୍ୱର, ରାଉରକେଲା, ବ୍ରହ୍ମପୁର, ସମ୍ବଲପୁର ଠାରେ ଆୟୋଜିତ ହୋଇ ପ୍ରଶଂସା ସାଉଣ୍ଟିଛି। ଇଭେଣ୍ଟ ଗୁଡିକରେ ୨୨ଟି ରାଜ୍ୟ ଏବଂ ୧୦ଟି ଦେଶରୁ ବିଭିନ୍ନ ବ୍ୟବସାୟିକ ସଂସ୍ଥା ଅଂଶଗ୍ରହଣ କରିଛନ୍ତି। ଡିଜାଇନ୍ ହୋଇଥିବା ଆଉଟଲେଟଗୁଡ଼ିକ ଶୀତତାପ ନିୟନ୍ତ୍ରିତ ହ୍ୟାଙ୍ଗର ସଂରଚନାରେ ଅନ୍ତର୍ଭୁକ୍ତ। ଏହି ମେଳାରେ ରିଏଲ୍ ଇଷ୍ଟେଟ୍, ଷ୍ଟାର୍ଟ ଅପ୍ କମ୍ପାନୀ, ଉତ୍ପାଦକ, ବିକାଶକାରୀ, ବ୍ୟାଙ୍କ, ନିର୍ମାଣ ସାମଗ୍ରୀ, ହାର୍ଡୱେର୍, ଆସବାବପତ୍ର, ଆଭ୍ୟନ୍ତରୀଣ, ଶିକ୍ଷା, ଘର ସାଜସଜ୍ଜା ଆଦି ଉତ୍ପାଦ ସହିତ ଘରୋଇ ଉପକରଣ, ଇଲେକ୍ଟ୍ରୋନିକ୍ସ, ଆର୍ଟିଷ୍ଟିକ୍ସ ପରିଦର୍ଶକମାନେ ରିଅଲ୍ ଇଷ୍ଟେଟ୍, ଷ୍ଟାର୍ଟ-ଅପ୍, ଉତ୍ପାଦନ, ବ୍ୟାଙ୍କିଙ୍ଗ୍, ନିର୍ମାଣ ସାମଗ୍ରୀ, ଆସବାବପତ୍ର, ଆଭ୍ୟନ୍ତରୀଣ ଡିଜାଇନ୍, ହୋମ ଇଲେକ୍ଟ୍ରୋନିକ୍ସ, ସ୍ୱାସ୍ଥ୍ୟ ଏବଂ ସୁସ୍ଥତା, ଥାଇ ଫୁଲ, ଆଫଗାନିସ୍ତାନ ଶୁଖିଲା ଫଳ, ରାଜସ୍ଥାନୀ ମାର୍ବଲ, ଇରାନୀ ପର୍ସିଆନ କାର୍ପେଟ, କାଶ୍ମୀରୀ ଫର୍ଣ୍ଣିଚର୍, ଇରାନୀ ଗହଣା, ମାଲେସିଆର ଫାଉଣ୍ଟେନ୍ ଏବଂ ବାଂଲାଦେଶୀ ହ୍ୟାଣ୍ଡଲୁମ୍ ସହ ଭାରତୀୟ ହସ୍ତତନ୍ତ ଭଳି ଉତ୍ପାଦମାନ ଏହି ମେଳାରେ ଉପଲବ୍ଧ ହେବ। ବିସ୍ତୃତ ଉତ୍ପାଦ ପ୍ରଦର୍ଶନୀ ସହିତ ଉପସ୍ଥିତ ଲୋକମାନେ ଖାଦ୍ୟ ଜୋନ୍‌ରେ ଉପଲବ୍ଧ ବିଭିନ୍ନ ପ୍ରକାରର ସୁସ୍ୱାଦୁ ଏବଂ ସ୍ୱଚ୍ଛ ଖାଦ୍ୟ ମଧ୍ୟ ପାଇପାରିବେ। ରାଉରକେଲା ସହର ସମେତ ସୁନ୍ଦରଗଡ଼ ଜିଲ୍ଲା ଓ ସମଗ୍ର ପଶ୍ଚିମ ଓଡ଼ିଶାରୁ ପ୍ରାୟ ୩ ଲକ୍ଷ ଦର୍ଶକ ଇଭେଣ୍ଟର ଭରପୁର ଲାଭ ଉଠାଇବା ସହ ଅନେକ କ୍ଷେତ୍ରରୁ ଗୁଣାତ୍ମକ ଉତ୍ପାଦମାନ ଏହି ପ୍ରଦର୍ଶନୀରୁ ସୁଲଭ ମୂଲ୍ୟରେ ଉପଲବ୍ଧ ପାଇପାରିବେ ବୋଲି କୁହାଯାଇଛି। ଗୁପ୍ତା ଇଭେଣ୍ଟ ମ୍ୟାନେଜମେଣ୍ଟ ପ୍ରାଇଭେଟ୍ ଲିମିଟେଡ୍ କମ୍ପାନୀର ପରିଚାଳନା ନିର୍ଦ୍ଦେଶକ ସୁଜିତ କୁମାର ଗୁପ୍ତା ଏବଂ ପାୟଲ ଆଚାର୍ଯ୍ୟ ଗୁପ୍ତାଙ୍କ ନେତୃତ୍ୱରେ ବିଶ୍ୱବ୍ୟାପୀ ବାଣିଜ୍ୟ ଏବଂ ଉପଭୋକ୍ତା ଯୋଗାଯୋଗ ପାଇଁ ଅତୁଳନୀୟ ପ୍ଲାଟଫର୍ମ ସୃଷ୍ଟି କରାଯାଇଛି। ଏଠାରେ ସୂଚନା ଯୋଗ୍ୟ ଯେ, ଗୁପ୍ତା ଇଭେଣ୍ଟ ମ୍ୟାନେଜମେଣ୍ଟ ଏମ୍‌ଏସଏମଇ ସହ ଜଡ଼ିତ ଏବଂ ଏହି ମଲ୍ଟି ସେକ୍ଟର ବି୨ବି ଏବଂ ବି୨ସି ପ୍ରଦର୍ଶନୀ ରାଉରକେଲା ସହରରେ ଦର୍ଶକଙ୍କ ସମ୍ପୂର୍ଣ୍ଣ ଆସ୍ଥା ଭାଜନ ହେବ ବୋଲି ଆଶା କରାଯାଉଛି। ସାମ୍ବାଦିକ ସମ୍ମିଳନୀରେ ଗୁପ୍ତା ଇଭେଣ୍ଟ ମ୍ୟାନେଜେଣ୍ଟର ପରିଚାଳନା ନିର୍ଦ୍ଦେଶକ ସୁଜିତ୍ ଗୁପ୍ତା, ଆପେଲ୍ ସାଇନ୍‌ର ନିର୍ଦ୍ଦେଶକ ସରୋଜ ମହାପାତ୍ର, ସାଂସଦ ପ୍ରତିନିଧି ପ୍ରକାଶ ପାଣ୍ଡାନ, ମନୋରଞ୍ଜନ ମୁନି, ବୀରବାହାଦୁର ସିଂହ, ଧ୍ୟାନ ପାଣି, ସନ୍ନ୍ୟାସୀ ପାଢ଼ୀ ଓ ଦୀନେଶ ଭୋଳ ଉପସ୍ଥିତ ଥିଲେ।

## ଭଞ୍ଜ ସାଂସ୍କୃତିକ ନ୍ୟାସ, ଆର୍‌ଏସ୍‌ପି ପକ୍ଷରୁ କୁମାର ଉତ୍ସବ ଆଜି

**ରାଉରକେଲା, ୫।୧୦(ସମିସ):** ଭଞ୍ଜ ସାଂସ୍କୃତିକ ନ୍ୟାସ ଓ ରାଉରକେଲା ଇସ୍ପାତ କାରଖାନା (ଆର୍‌ଏସ୍‌ପି)ର ମିଳିତ ସହଭାଗିତାରେ ଆସନ୍ତା କାଲି କୁମାର ଉତ୍ସବ -୨୦୨୫' ରାଉରକେଲା ସିଭିକ୍ ସେଣ୍ଟର ଠାରେ ଆୟୋଜିତ ହେବ। ଏହି ଉତ୍ସବରେ ଓଡ଼ିଶାର ଦୁଇଜଣ ବିଶିଷ୍ଟ ବ୍ୟକ୍ତିତ୍ୱ ଯଥା ଜାତୀୟ ପୁରସ୍କାରପ୍ରାପ୍ତ ବର୍ଷିୟାନ ଅଭିନେତା, ନିର୍ଦ୍ଦେଶକ ତଥା ପୂର୍ବତନ ରାଜ୍ୟସଭା ସାଂସଦ ପ୍ରଶାନ୍ତ ନନ୍ଦ ଏବଂ ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାର ବିଜେତା ବିଶିଷ୍ଟ ଓଡ଼ିଶୀ କଣ୍ଠଶିଳ୍ପୀ ପ୍ରଫେସର ଡକ୍ଟର ସଙ୍ଗୀତା ଗୋସାଇଁଙ୍କୁ 'କୁମାର ଉତ୍ସବ ସମ୍ମାନ-୨୦୨୫' ସମ୍ମାନରେ ସମ୍ମାନିତ କରାଯିବ। ଓଡ଼ିଆ ସିନେମାର ସୁନାମଧାନ୍ୟ କଣ୍ଠଶିଳ୍ପୀ ବିଷ୍ଣୁ ମୋହନ କବି ଏବଂ ଇସ୍ପାତ ସହରର ଲୋକପ୍ରିୟ କଳାକାର ଏହି କାର୍ଯ୍ୟକ୍ରମରେ ମନଛୁଆଁ ପୁରୁଣା ଓ ନୂଆ ଓଡ଼ିଆ ସଙ୍ଗୀତ ପରିବେଷଣ କରିବେ। ଏହି କାର୍ଯ୍ୟକ୍ରମର ଅନ୍ୟତମ ମୁଖ୍ୟ ଆକର୍ଷଣ ରହିଛି। ଓଡ଼ିଶାର ସମୃଦ୍ଧ ସାଂସ୍କୃତିକ ଐତିହ୍ୟକୁ ପ୍ରଦର୍ଶନ କରିବା ପାଇଁ ଭଞ୍ଜ କଳା କେନ୍ଦ୍ରର କଳାକାରମାନେ ଏହି କାର୍ଯ୍ୟକ୍ରମରେ ପାରମ୍ପରିକ ଲୋକ ନୃତ୍ୟ 'କୁଆଁର ପୁନେଇ ଜହ୍ନ ଗୋ ...' ପରିବେଷଣ କରିବେ।

## ଶ୍ରେଷ୍ଠ ଓଡ଼ିଆଣୀ ସିଜିନ-୩ର ଅଡିସନ ୨୫ରୁ



**ରାଉରକେଲା, ୫।୧୦(ସମିସ):** ଗରିମା ପରିବାରର ଶ୍ରେଷ୍ଠ ଓଡ଼ିଆଣୀ ସିଜିନ ୩ର ଅଡିସନ ଆସନ୍ତା ୨୫ ଓ ୨୬ ରେ ସେକ୍ଟର ୨୦ସ୍ଥିତ ରାଉରକେଲା କ୍ଲବ୍‌ଠାରେ ଅନୁଷ୍ଠିତ ହେବ ବୋଲି ଗରିମା ପରିବାର ପକ୍ଷରୁ ସୂଚନା ଦିଆଯାଇଛି। ସ୍ଥାନୀୟ ସେହେନାଇ ମଣ୍ଡପ ଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଗରିମାର ଅଧ୍ୟକ୍ଷା ନିହାରିକା ବସ୍ତିଆ ଓ ସଭାପତି ମମତା ନାୟକ ଏ ସମ୍ପର୍କରେ ସୂଚନା ଦେଇ କହିଲେ ଯେ ଶ୍ରେଷ୍ଠ ଓଡ଼ିଆଣୀ ସିଜିନ ୩ ର ଅଡିସନ ଆସନ୍ତା ୨୫ ଓ ୨୬ ତାରିଖ ଦିନ ରାଉରକେଲା କ୍ଲବ ଠାରେ ଦିବା ସାଢେ ୯ ଟାରେ ଆରମ୍ଭ କରାଯିବ। ୨୫ ତାରିଖ ଦିନ ୪ ରାଉଣ୍ଡ ଭାବ ବିନିମୟ, ଯୋଗ୍ୟତା, ତୁଳସୀ ପୂଜା ଓ ବିଚାରକ ମଣ୍ଡଳୀଙ୍କ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ହେବ। ୨୬ ତାରିଖ ଦିନ ମଞ୍ଚରେ କଳାକୃତି, ଓଡ଼ିଆ ଖାଦ୍ୟରେ ଲୁଣି ଓ ମିଠା ଖାଦ୍ୟ ପ୍ରସ୍ତୁତିକୁ ବିଚାରକ ମଣ୍ଡଳୀଙ୍କ ମାର୍କକୁ ନେଇ ଆସନ୍ତା ନଭେମ୍ବର ୮ ତାରିଖ ଦିନ ଫାଇନାଲ ସ୍ଥାନୀୟ ସିଭିକ ସେଣ୍ଟର୍ ଠାରେ ଅନୁଷ୍ଠିତ ହେବ। ଏହି ପ୍ରତିଯୋଗିତାରେ ୨୫ ବର୍ଷରୁ ୫୫ ବର୍ଷ ପର୍ଯ୍ୟନ୍ତ ମହିଳା ମାନେ ଅଂଶଗ୍ରହଣ କରିପାରିବେ ବୋଲି ସୂଚନା ଦିଆଯାଇଛି। ଏଥିପାଇଁ ଅନୁଷ୍ଠାନ ତରଫରୁ ମୋବାଇଲ ନମ୍ବର ୭୯୭୮୦୮୮୩୫, ୭୯୭୮୫୭୩୭୯୦, କିମ୍ବା ୯୮୬୧୦୩୨୨୩୩ ନମ୍ବରରେ ଯୋଗାଯୋଗ କରିବା ପାଇଁ କୁହାଯାଇଛି। ଏହି ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ସୁମିତା ପଟ୍ଟନାୟକ, ପ୍ରଣତୀ ଜେନା, ରେବତୀ ବାରିକ, ଶୁଭଲକ୍ଷ୍ମୀ ପାତ୍ର, ମୀନାକ୍ଷୀ ପାଢ଼ୀ, ଲୁସି ଦାଶ, ମଞ୍ଜୁ ମେହେର, ଡକ୍ଟର ସରିତା ମଲ୍ଲ, ମୋନାଲିସା ସାହୁ, ମୌସୁମୀ ଆଚାର୍ଯ୍ୟ, ସବିତା ମହାପାତ୍ର, ଦେବସ୍ମିତା ଶତପଥୀ, ଗାୟତ୍ରୀ ମହାନ୍ତି, ଲୀନା ତ୍ରିପାଠୀ, ରଶ୍ମିତା ଚୌଧୁରୀ, ଶର୍ମିଳା ତ୍ରିପାଠୀ, ସସ୍ମିତା ମିଶ୍ର, ରଶ୍ମି ନାୟକ, ଶଙ୍ଖରିନା ପ୍ରଧାନ, ଅଞ୍ଜୁ ପାଣ୍ଡେ, ବ୍ରତତୀ ପ୍ରଧାନ, ରଞ୍ଜିତା ଶତପଥୀ, ମମତା ଦାସ ପ୍ରମୁଖ ପ୍ରମୁଖ ଉପସ୍ଥିତ ଥିଲେ।

## ଜିଲ୍ଲା ସ୍କାଉଟସ୍ ଆଣ୍ଡ ଗାଇଡ୍‌ସ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ




**ରାଉରକେଲା, ୫।୧୦(ସମିସ):** ଜିଲ୍ଲା ସ୍କାଉଟସ୍ ଆଣ୍ଡ ଗାଇଡ୍‌ସ ପକ୍ଷରୁ ରାଉରକେଲା ରେଲୱେ ଷ୍ଟେସନଠାରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ସ୍କାଉଟ୍‌ସ କମିସନର ବ୍ରଜେନ୍ଦ୍ର ଦାଶଙ୍କ ଆବାହକତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ରାଉରକେଲା କଲେଜର ଓଡ଼ିଆ ବିଭାଗର ଅଧ୍ୟାପକ କରୁଣାକର ପାଟ୍ଟଶାଣୀ ଅତିଥି ଭାବେ ଯୋଗଦେଇ ଗାନ୍ଧୀଜୀ ଓ ଶାସ୍ତ୍ରୀଜୀଙ୍କ ଜୟନ୍ତୀ ଉପଲକ୍ଷେ ଏଭଳି ଏକ କାର୍ଯ୍ୟକ୍ରମ ଅନୁଷ୍ଠାନର ସାମାଜିକ ପ୍ରତିବଦ୍ଧତାକୁ ଦର୍ଶାଇବା ସହ ଏହା ଅନ୍ୟମାନଙ୍କ ପାଇଁ ଉଦାହରଣ ବୋଲି ମତ ରଖିଥିଲେ। ଅନ୍ୟତମ ଅତିଥି କବି କୁଞ୍ଜବିହାରୀ ରାଉତ ଯୋଗ ଦେଇଥିଲେ। ଗାଇଡ୍ କମିସନର ଭାବେ ନୂତନ ଦାୟିତ୍ୱ ଗ୍ରହଣ କରିଥିବା ସୌଦାମିନୀ ମୁଦାଲି ତାଙ୍କ ବକ୍ତବ୍ୟରେ ଏଭଳି ସାମାଜିକ କାର୍ଯ୍ୟକ୍ରମ ଜାରି ରହିବ ବୋଲି କହିଥିଲେ। ଏହି ଅବସରରେ ଷ୍ଟେସନଠାରେ ଉପସ୍ଥିତ ଥିବା ବ୍ୟକ୍ତି ବିଶେଷଙ୍କ ମଧ୍ୟରେ ବିସ୍କୁଟ, ପାଣି ଓ ପୋଷାକ ପତ୍ର ବଣ୍ଟନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ରମାକାନ୍ତ ମଲ୍ଲିକ, ଲକ୍ଷ୍ମୀ ସାହୁ, ଶ୍ରୀବତ୍ସ ସାମଲ, କଳ୍ପନା ବେହେରା, ଅରୁଣ କୁମାର ସ୍ୱାଇଁ, ଅକ୍ଷୟ ଦାସ, ବିଜୟ କୁମାର ଦାସ, ପ୍ରିୟଙ୍କା ମହାରଣା, ସସ୍ମିତା ପ୍ରଧାନ, ରଶ୍ମିତା ସେନାପତିଙ୍କ ସହ ବାଜି ରାଉତ ଶିକ୍ଷା ନିକେତନ ଓ ଦୀପିକା ଇସ୍ପାତ ଶିକ୍ଷା ସଦନର ସ୍କାଉଟ ଆଣ୍ଡ ଗାଇଡ ମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ସଫେଇ କର୍ମଚାରୀ ସମ୍ମାନିତ

**ରାଉରକେଲା, ୫।୧୦(ସମିସ):** ସେବାପକ୍ଷ ଉପଲକ୍ଷେ ବିଶିଷ୍ଟ ନେତା ନିହାର ରାୟଙ୍କ ଆବାହକତ୍ୱରେ ବାସନ୍ତୀ କଲୋନୀସ୍ଥିତ ଅଷ୍ଟପ୍ରହରୀ ପଡ଼ିଆଠାରେ ୫୫ ଜଣ ସଫେଇ କର୍ମଚାରୀଙ୍କୁ ସମ୍ମାନିତ କରାଯାଇଛି। ଏହି ଅବସରରେ ମୁଖ୍ୟ ଅତିଥି ଭାବେ ବିଜେପି ପାନପୋଷ ଜିଲ୍ଲା ପୂର୍ବତନ ସଭାପତି ଖଗେଶ୍ୱର ପ୍ରଧାନ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ସହରର ରାସ୍ତାଘାଟ, ନାଳ, ନର୍ଦ୍ଦମା ଓ ପରିବେଶକୁ ସ୍ୱଚ୍ଛ ରଖି ଆସୁଥିବା ସଫେଇ କର୍ମଚାରୀଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସମ୍ମାନିତ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଭଗବାନ ରାଉତ, ପ୍ରଫୁଲ୍ଲ ମିଶ୍ର, ଟୁବୁ ଗୋସ୍ୱାମୀ, ଭଗବାନ ମହାପାତ୍ର, ବାବୁ ବିଶ୍ୱାଳ, ଅମିୟ ଦାସ, ସୋନୁ ସିଂ, ବିନ୍ଦର ସିଂ, ସେକ ମୁଜାହିଦ, ଅରବିନ୍ଦ ପାତ୍ର, ସନ୍ତୋଷ ମହାପାତ୍ର, ତ୍ରିଲୋଚନ ମହାନ୍ତି ସମେତ ଅନ୍ୟମାନେ ସହଯୋଗ କରିଥିଲେ।



## ମାନସିକ ବିକୃତ ମହିଳା ଉଦ୍ଧାର

**ବଣାଇଁ, ୫।୧୦(ସମିସ):** ବଣାଇଁ ବସ୍‌ଷ୍ଟାଣ୍ଡ ପରିସରରେ ବୁଲୁଥିବା ଜଣେ ମାନସିକ ବିକାରଗ୍ରସ୍ତ ମହିଳାଙ୍କୁ ବଣାଇଁ ପ୍ରଶାସନ ଓ ହନୁମାନ ମନ୍ଦିର କମିଟି ସଦସ୍ୟଙ୍କ ସହାୟତାରେ ଉଦ୍ଧାର କରି ରବିବାର ସୁନ୍ଦରଗଡ଼ସ୍ଥିତ ଆସ୍ଥା ଗୃହ ପଠାଇ ଥିବା ଜଣାପଡ଼ିଛି। ଲହୁଣୀପଡ଼ା ଥାନା କପଣ୍ଡ ନୂଆଗାଁ ଅଞ୍ଚଳର ଉକ୍ତ ମହିଳା ଜଣକ ଗତ କିଛିଦିନ ହେଲା ବଣାଇଁଗଡ଼ ସହରରେ ବୁଲାବୁଲି କରିବା ସହିତ ଦିବାରାତ୍ରି ବସଷ୍ଟାଣ୍ଡ ପରିସରରେ ରହିଆସୁଥିଲେ। ଉକ୍ତ ମହିଳା ଜଣଙ୍କ ମାନସିକ ବିକାରଗସ୍ତ ଥିବା ଜାଣି ପାରି ହନୁମାନ ମନ୍ଦିର କମିଟିର ସମ୍ପାଦକ ତପନ କୁମାର ଦଣ୍ଡିଆ ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ଅଜୟ କୁମାର ସାହୁଙ୍କୁ ଆଜି ସକାଳେ ସୂଚନା ଦେଇଥିଲେ। ସୂଚନା ପାଇବା ପରେ ସାମାଜିକ ସୁରକ୍ଷା ଅଧିକାରୀ ଶ୍ରୀ ସାହୁ ବଣାଇଁ ଉପଜିଲ୍ଲାପାଳ ଅକ୍ଷୟ ପିଲ୍ଲେଙ୍କୁ ଏ ବାବଦରେ ଜଣାଇଥିଲେ। ଉପ ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ସାମାଜିକ ସୁରକ୍ଷା ଅଧିକାରୀ ଶ୍ରୀ ସାହୁ, ମହିଳା ଓ ଶିଶୁ ବିକାଶ ଅଧିକାରୀ ବୀଣାପାଣି ନାୟକ ବସଷ୍ଟାଣ୍ଡ ପରିସରରେ ପହଞ୍ଚିଥିଲେ। ପରେ ଉକ୍ତ ମହିଳାଙ୍କୁ ଠାବ କରି ଅନ୍ୟ ଅଙ୍ଗନବାଡ଼ି କର୍ମୀଙ୍କ ସହାୟତାରେ ଏବଂ ଆଇନଜୀବୀ କର୍ମବୀର ଦାଶଙ୍କ ଉପସ୍ଥିତିରେ ଉକ୍ତ ମହିଳାଙ୍କୁ ଏକ କାର ଯୋଗେ ସୁନ୍ଦରଗଡ଼ ସ୍ଥିତ ଆସ୍ଥା ଗୃହକୁ ପଠାଇଥିଲେ।



## ତ୍ରିଦିବସୀୟ ଗୀତା ଯଜ୍ଞ ଆରମ୍ଭ

**ରାଉରକେଲା, ୫।୧୦(ସମିସ):** ଦିବ୍ୟଜୀବନ ସଂଘର ରାଉରକେଲା ଇସ୍ପାତ ନଗରୀ ଶାଖା ପକ୍ଷରୁ ସେକ୍ଟର-୩ ସ୍ଥିତ ଶିବାନନ୍ଦ ଆଶ୍ରମ ପରିସରରେ ଆୟୋଜିତ ତ୍ରିଦିବସୀୟ ଗୀତା ଜ୍ଞାନ ଯଜ୍ଞ ରବିବାର ଉଦ୍‌ଯାପିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ପୂଜ୍ୟ ଜ୍ୟେଷ୍ଠ ଗୁରୁଭ୍ରାତା ଜଗତ କିଶୋର ଦାଶ ଯୋଗଦେଇ ଶ୍ରୀମଦ୍ ଭଗବତ ଗୀତାର ବ୍ୟବହାରିକ ଦୃଷ୍ଟିକୋଣ ଉପରେ ଗୁରୁତ୍ୱାରୋପ କରିଥିଲେ। ଶ୍ରୀମଦ୍ ଭଗବତ ଗୀତାର ତତ୍ତ୍ୱକୁ ପ୍ରତ୍ୟେକ ମଣିଷର ଦୈନନ୍ଦିନ ଜୀବନରେ ଅନୁପାଳନ କରାଯାଇ ଜୀବନକୁ ସତ୍‌ମାର୍ଗରେ କିପରି ପରିଚାଳିତ କରାଯାଇ ପାରିବ ସେ ବିଷୟରେ ଆଲୋଚନା କରିଥିଲେ।

### ଇସ୍ପାତ ସାହିତ୍ୟ ସଂସଦର ବାର୍ଷିକ ଉତ୍ସବ ଉଦ୍‌ଘାଟିତ

# 'ସମାଜ ପରିବର୍ତ୍ତନରେ ସାହିତ୍ୟର ଭୂମିକା ଗୁରୁତ୍ୱପୂର୍ଣ୍ଣ'

**ରାଉରକେଲା, ୫।୧୦(ସମିସ)**



ସହରର ଅନ୍ୟତମ ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ ଇସ୍ପାତ ସାହିତ୍ୟ ସଂସଦର ଦ୍ୱିଦିବସୀୟ ୫୫ତମ ବାର୍ଷିକ ଉତ୍ସବ ସଂସଦର ନିଜସ୍ୱ କାର୍ଯ୍ୟାଳୟଠାରେ ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ସମାଜ ପରିବର୍ତ୍ତନରେ ସାହିତ୍ୟର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ଅତିଥିମାନେ କହିଥିଲେ। ଉଦ୍‌ଘାଟନୀ ସଭାରେ ମୁଖ୍ୟ ଅତିଥି ଭାବେ ପାନପୋଷ ଉପଜିଲ୍ଲାପାଳ ବିଜୟ କୁମାର ନାୟକ ଯୋଗଦେଇଥିଲେ। ସେ କହିଥିଲେ ଯେ ସାରା ଓଡ଼ିଶାରେ କଳା ଓ ସାହିତ୍ୟର ସ୍ଥାନ ରାଉରକେଲାରେ ସ୍ୱତନ୍ତ୍ର। ସାହିତ୍ୟ ଓ ସମାଜ ପରସ୍ପରର ପରିପୂରକ। ସମ୍ପ୍ରତି ସାହିତ୍ୟ ପ୍ରତି ରୁଚି ରଖୁଥିବା ଛାତ୍ରଛାତ୍ରୀଙ୍କ ସଂଖ୍ୟା ହ୍ରାସ ପାଇଛି। ସାହିତ୍ୟ ପଠନ, କବିତା, ପତ୍ରିକା ପଠନ ପ୍ରତି ଆଗ୍ରହ କମୁଥିବାରୁ ଏହାକୁ ବୃଦ୍ଧି କରିବା ଦିଗରେ ଇସ୍ପାତ ସାହିତ୍ୟ ସଂସଦ ଉଦ୍ୟମ କରିବା ଉଚିତ୍ ବୋଲି ଉପଜିଲ୍ଲାପାଳ ଶ୍ରୀ ନାୟକ କହିଥିଲେ। ଓଡ଼ିଆ ଭାଷା ସାହିତ୍ୟକୁ ଉଜ୍ଜୀବିତ କରି ରଖିବାରେ ରାଉରକେଲାରେ ଯେଉଁ ଅଗ୍ରଗାମୀ ସାହିତ୍ୟାନୁଷ୍ଠାନ ସେମାନଙ୍କର ପ୍ରୟାସ ଜାରି ରଖି ଆସିଛନ୍ତି ସେମାନଙ୍କ ମଧ୍ୟରେ ଇସ୍ପାତ ସାହିତ୍ୟ ସଂସଦର ଭୂମିକା ପ୍ରଶଂସନୀୟ ବୋଲି ଶିକ୍ଷାବିତ୍ ଶଶଧର ପଣ୍ଡା କହିଥିଲେ। ସଂସଦର ସଭାପତି ନୃସିଂହ ଚରଣ ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ଶିକ୍ଷାବିତ୍ ତଥା ସାହିତ୍ୟିକ ଡ. ଅଶ୍ୱିନୀ କୁମାର ରାୟ ଯୋଗଦେଇଥିଲେ। ସାହିତ୍ୟିକମାନେ ସମାଜ ପରିବର୍ତ୍ତନ ଦିଗରେ ସଚେତନ ହୋଇ କାର୍ଯ୍ୟ କରିବା ଆବଶ୍ୟକ ବୋଲି ସେ କହିଥିଲେ।

ସଂସଦର ସାଧାରଣ ସମ୍ପାଦକ ମନୋଜ କୁମାର ନନ୍ଦ ସ୍ୱାଗତ ଭାଷଣ ସହିତ ଅତିଥି ପରିଚୟ ପ୍ରଦାନ କରିଥିଲେ। ଉପ ସଭାପତି ରଶ୍ମୀବାଳା ରାଉତରାୟଙ୍କ ସଂଯୋଜନାରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ସୁବ୍ରତା ପତି, ସୁମିତ୍ରା ବାରିକ, ଅର୍ଚ୍ଚନା ପାତ୍ର, ବିଭୁ ପ୍ରସାଦ ନାୟକ, ପୁଷ୍ପଲତା ବିଶ୍ୱାଳ ଓ ସୁଚିତ୍ରା ସାମଲଙ୍କୁ ବିଭିନ୍ନ ସ୍ମୃତି ସାରସ୍ୱତ ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଥିଲା। ଗୀତାରାଣୀ ବେହେରା, ମମତା ଜେନା ମାନପତ୍ର ପାଠ କରିଥିଲେ।

ଦ୍ୱିତୀୟ ପର୍ଯ୍ୟାୟରେ ସୁଶୀଲ କୁମାର ଜେନାଙ୍କ ସଂଯୋଜନାରେ କବିତା ପାଠ ଉତ୍ସବରେ ବିଭିନ୍ନ ବର୍ଗର କବିମାନେ ସ୍ୱରଚିତ କବିତାମାନ ପାଠ କରିଥିଲେ। ସମସ୍ତ କାର୍ଯ୍ୟକ୍ରମ ଆୟୋଜନରେ ସଂସଦର ଉପଦେଷ୍ଟା ମଣ୍ଡଳୀର ତ୍ରିଲୋଚନ ମଥାନ, ବ୍ରଜେନ୍ଦ୍ର ଦାସ, ହରମୋହନ ମିଶ୍ର, ରଘୁବର ଧଳ, କାର୍ଯ୍ୟକାରୀ ସଭାପତି ପ୍ରତାପ ପଣ୍ଡା, ସଦସ୍ୟ ଉପେନ୍ଦ୍ର ବସ୍ତିଆ, ସବିତା ବସ୍ତିଆ, ଉର୍ବଶୀ ଦାସ, ସୁମିତ୍ରା ମିଶ୍ର, ଶରତ ସୂତାର, ପ୍ରକାଶ ଚନ୍ଦ୍ର ସେଠୀ ଓ ଗୌତମ ଦାସ ପ୍ରମୁଖ ସହଯୋଗ କରିଥିଲେ।

### ଗଜପତିରେ ବର୍ଷା ବିପ୍ଳୁତ ଘଟଣା

# ବିତିଲା ୭୨ ଘଣ୍ଟା, ମିଳୁନି ନିଖୋଜଙ୍କ ପତ୍ତା





ରାୟଗଡ଼, ୫।୧୦(ସମିସ)

ଅକ୍ଟୋବର ୨ ଲଘୁଚାପ ଜନିତ ଲଗାଣ ବର୍ଷାରେ ଗଜପତି ଜିଲ୍ଲାର ସ୍ଥିତି ହୋଇପଡ଼ିଥିଲା ବେହାଲ। ସେହିଦିନ ରାୟଗଡ଼ ବ୍ଲକ ମାର୍ଲବା ପଞ୍ଚାୟତ ପେକଟ ଗ୍ରାମର ବାପା ପୁଅ କାର୍ତ୍ତିକ ଶବର ଓ ରାଜିକ ଶବର ନିଜ ବିଲକୁ ଯାଇ କାମ କରୁଥିବାବେଳେ ହଠାତ ନିକଟସ୍ଥ ନାଳରେ ପ୍ରବଳ ପାଣି ମାଡି ଆସିବା ସହିତ ଅନ୍ୟପଟେ ବାଘମରା ପାହାଡ଼ରେ ଭୂସ୍ଖଳନ ହୋଇ ପାହାଡ଼ ଧସି ଆସିଥିଲା। ନିଜ ବିଲରେ ହିଁ ମାଟି ତଳେ ଚାପି ହୋଇ ରହିଯାଇଥିବା ପ୍ରତକ୍ଷଦର୍ଶୀ ସୂଚନା ଦେବା ପରେ ପ୍ରଥମେ ନିଜ ପରିବାର ବର୍ଗ ସମେତ ଗ୍ରାମବାସୀ ଖୋଜାଖୋଜି କରି ବିଫଳ ହୋଇ ଅଗ୍ନିଶମ ବାହିନୀକୁ ସୂଚନା ଦେଇଥିଲେ। ପ୍ରଶାସନ ଏନେଇ ସୂଚନା ପାଇବା ପରେ ଅଗ୍ନିଶମ ବାହିନୀ, ଓଡ୍ରାଫ ଟିମ ଏବଂ ପୁଲିସ ବଳ ପହଞ୍ଚି ଘଟଣାସ୍ଥଳରେ ସନ୍ଧାନୀ କୁକୁର, ଜେସିବି, ପୋକଲିନ ଆଦି ସାହାଯ୍ୟରେ ବହୁ ଖୋଖୋଜି କରୁଥିଲେ ମଧ ନିଖୋଜ ବାପ-ପୁଅଙ୍କୁ ଉଦ୍ଧାର କରିପାରିନାହିଁ। ଏପରିକି ନାଳର ପ୍ରଖର ସ୍ରୋତରେ ଭାସିଯାଇଥିବା ସନ୍ଦେହ କରି ଅଗ୍ନିଶମ ବାହିନୀ ଦୁଇଟି ଟିମ୍ ଗଠନ କରି ଗୁରାଣ୍ଡି ଥାନା ଅଧିନ ମାଛମରା ଠାରୁ ବାଘଶାଳା ମହେନ୍ଦ୍ରତନୟା ନଦୀରେ ଖୋଜିଥିଲେ ମଧ ସେମାନଙ୍କୁ ଠାବ କରିପାରିନାହିଁ। ବର୍ତ୍ତମାନ ସୁଦ୍ଧା ୭୨ ଘଣ୍ଟା ବିତିଯାଇଥିବା ସହ ଉଦ୍ଧାରକାରୀ ଦଳ ନାକେଦମ ହୋଇଥିଲେ ମଧ ନିଖୋଜଙ୍କ ସନ୍ଧାନ ମିଳିପାରିନାହିଁ। ଏନେଇ ଉଦ୍ଧାର କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ କୋରାପୁଟରୁ ଅତ୍ୟାଧୁନିକ ମେସିନ ରବିବାର ସନ୍ଧ୍ୟା ସୁଦ୍ଧା ଘଟଣାସ୍ଥଳରେ ପହଞ୍ଚିବା ପରେ ସୋମବାର ସକାଳୁ ଉଦ୍ଧାର କାର୍ଯ୍ୟରେ ନିୟୋଜିତ କରାଇ ନିଖୋଜଙ୍କୁ ଉଦ୍ଧାର କାର୍ଯ୍ୟ କରାଯିବ ବୋଲି ଉପଜିଲ୍ଲାପାଳ ଅନୁପ କୁମାର ପଣ୍ଡା କହିଛନ୍ତି। ନିଖୋଜ ବାପା ପୁଅଙ୍କୁ ଅନେଇ ବସିଛନ୍ତି ପରିବାରବର୍ଗ। ଘଟଣାସ୍ଥଳରେ ଉପଜିଲ୍ଲାପାଳ ଅନୁପ କୁମାର ପଣ୍ଡା, ବ୍ଲକ ଅଧ୍ୟକ୍ଷା ପୂର୍ଣ୍ଣବାସୀ ନାୟକ, ବରିଷ୍ଠ ନେତା ଅନ୍ତର୍ଯ୍ୟାମୀ ଗମାଙ୍ଗ, ଉପାଧ୍ୟକ୍ଷ ଜ୍ୟୋତି ପ୍ରସାଦ ପାଣି, ବିଡ଼ିଓ ସନ୍ତୋଷ କୁମାର ବାରିକ, ସରପଞ୍ଚ ଜଳନ୍ଧର କାର୍ଜି ପ୍ରମୁଖ ଉପସ୍ଥିତ ରହି ଉଦ୍ଧାର କାର୍ଯ୍ୟ ତଦାରଖ କରୁଛନ୍ତି।

### ● ଲଗାଣ ବର୍ଷା ପରେ ଗଜପତିରେ ବଢ଼ିଲା ଜଳସ୍ତର

# ଜଳପ୍ରପାତକୁ ପର୍ଯ୍ୟଟକଙ୍କ ପ୍ରବେଶ ମନା

ପାରଳାଖେମୁଣ୍ଡି, ୫।୧୦(ସମିସ): ଗଜପତି ଜିଲ୍ଲାରେ ଲଘୁଚାପ ଜନିତ ଲଗାଣ ବର୍ଷା ଯୋଗୁଁ ଜଳପ୍ରପାତ ଗୁଡ଼ିକରେ ଜଳସ୍ତର ବହୁମାତ୍ରାରେ ବୃଦ୍ଧି ପାଇଛି। ବୁଧବାର ବିଳମ୍ବିତ ରାତି ଓ ଗୁରୁବାର ଦିନ ହୋଇଥିବା ବାଦଲଫଟା ବର୍ଷାରେ ଜିଲ୍ଲାର ଜନସାଧାରଣ ଅସ୍ତବ୍ୟସ୍ତ ହୋଇପଡ଼ିଥିଲେ। ବର୍ଷା ଯୋଗୁଁ ଭୂସ୍ଖଳନ ଓ ପାଣିରେ ଭାସି ୩ ଜଣଙ୍କ ପ୍ରାଣହାନୀ ମଧ ଘଟିଛି। ଏପରିକି ରାୟଗଡ଼ ବ୍ଲକ ପେକଟର ଚାଷ ଜମିକୁ ଯାଇଥିବା ବାପାପୁଅଙ୍କ ଚାରି ଦିନ ହେଲା କୌଣସି ପତ୍ତା ମିଳୁନି।




ଜିଲ୍ଲାର ବିଭିନ୍ନ ପର୍ଯ୍ୟଟନ ସ୍ଥଳ ବିଶେଷ କରି ଜଳପ୍ରପାତ ସମେତ ଜଳାଶୟ ଫୁଲି ଉଠିଛି। ବିଶେଷ କରି ପର୍ଯ୍ୟଟନ ସ୍ଥଳ ଗଣ୍ଡାହାତୀ, ମାଙ୍କଡଡିଆଁ, ଗୁଦଗୁଦା, ଜିରାଙ୍ଗର ଖସଡ଼ା ଆଦି ଜଳପ୍ରପାତ ଗୁଡିକରେ ଆଜି ବି ସ୍ରୋତ ଅଧିକ ରହିଛି। ଏହାକୁ ଦୃଷ୍ଟିରେ ରଖି ଜିଲ୍ଲା ପର୍ଯ୍ୟଟନ ବିଭାଗ ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ପର୍ଯ୍ୟଟନ କ୍ଷେତ୍ରଗୁଡିକୁ ପର୍ଯ୍ୟଟକଙ୍କ ପ୍ରବେଶ ବାରଣ କରିଛି।

### ● କଳିଙ୍ଗା ଘାଟିରେ ଭୂସ୍ଖଳନ ଘଟଣା

# ୨୧ ଦିନ ପରେ ବି ସ୍ୱାଭାବିକ ହୋଇନି ଯାତାୟାତ; ବିଗୁଡୁଛି ସ୍ଥିତି

ଜି.ଉଦୟଗିରି, ୫।୧୦(ସମିସ): ଗତ ୧୬ ତାରିଖରେ କଳିଙ୍ଗା ଘାଟିରେ ହୋଇଥିବା ଭୂସ୍ଖଳନର ୨୧ ଦିନ ବିତି ଯାଇଥିଲେ ମଧ



ସ୍ୱାଭାବିକ ହୋଇପାରିନି ଯାତାୟାତ। ଏଥିଯୋଗୁଁ ଦିନକୁ ଦିନ ସ୍ଥିତି ବିଗିଡ଼ିବାରେ ଲାଗିଥିବା ବେଳେ ଜନ ଅସନ୍ତୋଷ ବୃଦ୍ଧି ପାଉଛି। ଗାଡି ଚଳାଚଳ କଲେ ଶତାଧିକ ପରିବାରକୁ ଦାନା ମିଳୁଥିବା ବେଳେ ତାହା ଏବେ ସମ୍ଭବ ହୋଇପାରୁନି। ହୋଟେଲ ବ୍ୟବସାୟରେ ଶତାଧିକ ପରିବାର ନିର୍ଭର କରୁଛନ୍ତି। କିନ୍ତୁ ୨୧ ଦିନହେଲା ଯାନବାହାନ ଚଳାଚଳ ବନ୍ଦ ଫଳରେ ହୋଟେଲ ଗୁଡିକ ବନ୍ଦ ହେବାକୁ ବସିଛି। ଫୁଟ୍‌ପାଥ୍ ବ୍ୟବସାୟୀ ଓ ଅଟୋ ଚାଳକଙ୍କ ବ୍ୟବସାୟ ଠପ୍ ହୋଇଯାଇଛି। ଜନଗହଳି ଲାଗି ରହୁଥିବା ଦୁର୍ଗାପ୍ରସାଦ ଏବଂ କଳିଙ୍ଗା ବଜାର ଏବେ ଖାଁ ଖାଁ। ଜରୁରୀ ସ୍ୱାସ୍ଥ୍ୟସେବା ପାଇଁ ଲୋକେ ନାକେଦମ ହେଉଛନ୍ତି। ଦିନକୁ ଦିନ ସ୍ଥିତି ବିଗୁଡ଼ିଥିବା ବେଳେ ଜନ ଅସନ୍ତୋଷ ବଢ଼ୁଛି।

ଏମିତି ଏକ ସମ୍ବେଦନଶୀଳ ଘଟଣା ଆଜି କଳିଙ୍ଗା ଘାଟିରେ

## କଳିଙ୍ଗାରୁ ଦୁର୍ଗାପ୍ରସାଦ ଚାଲି ଚାଲି ଗଲେ ବୃଦ୍ଧା

ଦେଖିବାକୁ ମିଳିଛି। ଜଣେ ୭୦ ବର୍ଷର ବୃଦ୍ଧା ଝିଅର ଦେହ ଖରାପ କଥା ଜାଣି ଚାଲି ଚାଲି କଳିଙ୍ଗାରୁ ଦୁର୍ଗାପ୍ରସାଦ ଯାଉଥିବା ଦେଖିବାକୁ ମିଳିଥିଲା। ଦିନ ୧୧ଟା ବେଳେ କଳିଙ୍ଗା ଘାଟିରେ ବୃଦ୍ଧା ଜଣକ ଏକାକି ଘାଟି ମଝିରେ ଚାଲି ଚାଲି ନିଛାଟିଆ ଶୂନଶାନ ରାସ୍ତାରେ ଯାଉଥିଲେ। ତାଙ୍କୁ ଏପରି ଭାବେ ଦେଖି କିଛି ସାମ୍ବାଦିକ ପ୍ରଶ୍ନ କରିବାରୁ ଝିଅର ଦେହ ଖରାପ ତେଣୁ ଦୁର୍ଗା ପ୍ରସାଦ ଯାଉଛି। ରେଟ୍ଟୁଡ଼ିରୁ ପାଞ୍ଚ ଟଙ୍କା ଦେଇ ଲକ୍ଷ୍ମୀ ବସ୍‌ରେ କଳିଙ୍ଗା ଆସିଲେ। ସେଠାରୁ ଚାଲି ଚାଲି ଦୁର୍ଗା ପ୍ରସାଦ ବୋଲି ବୃଦ୍ଧାଙ୍କ ଉତ୍ତର ଜାଣି ସମସ୍ତେ ଚକିତ ହୋଇପଡ଼ିଥିଲେ।

# ସ୍ୱାସ୍ଥ୍ୟକେନ୍ଦ୍ର ପାଚେରି ଭୁଶୁଡ଼ିଲା; ୩ ଦୋକାନ କ୍ଷତିଗ୍ରସ୍ତ

ଗୁମ୍ମା, ୫।୧୦(ସମିସ): ଗୁମ୍ମା ବ୍ଲକରେ ଲଘୁଚାପ ଜନିତ ବର୍ଷା ପ୍ରଭାବରେ ବ୍ୟାପକ କ୍ଷୟକ୍ଷତି ହୋଇଛି। ବର୍ଷାରେ ଭିଜି ରହିଥିବା ଗୁମ୍ମା ସ୍ୱାସ୍ଥ୍ୟକେନ୍ଦ୍ର ପାଚେରୀ ରବିବାର ଅପରାହ୍ଣ ୩ରେ ଭୁଶୁଡ଼ି ପଡ଼ି ଦୋକାନ ଉପରେ ପଡ଼ିଥିଲା। ଗୁମ୍ମା ବ୍ଲକ ସଦର ମହକୁମା ମୁଖ୍ୟରାସ୍ତା କଡ଼ରେ ତିନୋଟି ଦୋକାନ ଘରର ପଛପଟ କାନ୍ଥ ଉପରେ ପଡ଼ି ସମ୍ପୂର୍ଣ୍ଣ ଭାଙ୍ଗିଯିବା ସହ ବହୁ ସାମଗ୍ରୀ ନଷ୍ଟ ହୋଇଥିବା ଦୋକାନୀ ମହଲନ ଲିମ୍ମା, ମିହିରଲାଲ ପାଣି ଓ ବାବୁଜି ଜେନା କହିଛନ୍ତି।



ପାଚେରୀ ଭୁଶୁଡ଼ିବା ସ୍ଥାନରେ ଯାନବାହନ ପାର୍କିଂ କରାଯାଉଥିଲା। ମାତ୍ର ଏହି ଅଘଟଣ ଘଟିବା ସମୟରେ ସ୍ୱାସ୍ଥ୍ୟକେନ୍ଦ୍ର ବନ୍ଦ ରହିଥିବାବେଳେ କୌଣସି ଯାନବାହନ ନଥିବାରୁ ବଡ଼ ଅଘଟଣ ଟଳି ଯାଇଛି। ଗୁମ୍ମା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ବହୁ ପୁରାତନ ହୋଇଥିବା ବେଳେ ନୂତନ କୋଠାକୁ ତୁରନ୍ତ ସ୍ଥାନାନ୍ତର କରାଯିବା ଉଚିତ ବୋଲି ଦାୟିତ୍ୱରେ ଥିବା ଗୁମ୍ମା ମେଡ଼ିକାଲ ଅଧିକାରୀ ଡ଼ା ପ୍ରାର୍ଥ ପ୍ରୀତମ ପଣ୍ଡା କହିଛନ୍ତି।

## କାର୍ତ୍ତିକ ପାଇଁ ପୋଖରୀ ପରିସର ସଫା କଲେ ବୃଦ୍ଧା

ପାରଳାଖେମୁଣ୍ଡି, ୫।୧୦(ସମିସ): ଗୋଷାଣି ବ୍ଲକ ଗାରାବନ୍ଧ ଗ୍ରାମରେ ଥିବା ପାତ୍ର ପୋଖରୀକୁ କିଛି ବୃଦ୍ଧା ସଫେଇ କରିଛନ୍ତି। କାର୍ତ୍ତିକ ମାସ ଆରମ୍ଭ ହେଉଥିବାରୁ



ବୃଦ୍ଧା ଏକତ୍ର ହୋଇ ସଫେଇ କରିଥିଲେ। ଏମାନେ କାର୍ତ୍ତିକ ମାସରେ ହବିଷ୍ୟାଳି ବ୍ରତ କରିବେ। ସାମନ୍ତିଆ ସାହି ନିକଟସ୍ଥ ପାତ୍ର ପୋଖରୀ ପରିସରରେ ଅଳିଆ ଆବର୍ଜନାରେ ପରିପୂର୍ଣ୍ଣ ହୋଇ ରହିଥିଲା। କାର୍ତ୍ତିକ ମାସ ତମାମ ହବିଶ୍ୟାଳିଙ୍କୁ ସମସ୍ୟା ସୃଷ୍ଟି ହେବା ପୂର୍ବରୁ ପଞ୍ଚାୟତ କର୍ତ୍ତୃପକ୍ଷ କିମ୍ବା ନିର୍ବାଚିତ ପ୍ରତିନିଧିଙ୍କ ପାଇଁ ଅପେକ୍ଷା ନକରି ନିଜେ ନିଜେ ପୋଖରୀ ସଫା କରିଥିଲେ। ସରକାର କାର୍ତ୍ତିକ ମାସରେ ଶ୍ରୀକ୍ଷେତ୍ର ପୁରୀରେ କେତେ କଣ ସୁବିଧା ହବିଷ୍ୟାଳୀଙ୍କ ପାଇଁ କରୁଥିବା ବେଳେ ଏଠାରେ ବୃଦ୍ଧାମାନେ କୋଡ଼ି କୋଦାଳ ଧରି ପୋଖରୀ ପରିସର ସଫା କରିଥିଲେ।

## ଜି.ଉଦୟଗିରିରେ ମା'ଙ୍କ ଭସାଣି ଉତ୍ସବ

ଜି.ଉଦୟଗିର, ୫।୧୦(ସମିସ): ଜି.ଉଦୟଗିରିରେ ୮ ଦିନ ଧରି ଚାଲିଥିବା ଦୁର୍ଗା ପୂଜା ଆଜି ଶେଷ ହୋଇଛି। ମାଙ୍କ ଭସାଣି ଉତ୍ସବ ଅନୁଷ୍ଠିତ ହୋଇଛି। ବିରାଟ ପଟୁଆରରେ ମା'ଙ୍କୁ ସହର ପରିକ୍ରମା କରାଯିବା ସହିତ ମେଲାଣି ଦିଆଯାଇଛି। ପୂଜା କମିଟି ସଭାପତି ଅରୁଣ କୁମାର ଷଡଙ୍ଗୀଙ୍କ ସହିତ ଉପସଭାପତି ସଞ୍ଜୟ ଆଚାର୍ଯ୍ୟ,



ସମ୍ପାଦକ ଭେଙ୍କଟ ବେହେରା, ସହସମ୍ପାଦକ ପ୍ରଶାନ୍ତ ମୁନି, କୋଷାଧ୍ୟକ୍ଷ ସନାତନ ଦାଶ, କାର୍ଯ୍ୟକାରୀ ସଦସ୍ୟ ଅନୀଲ ପଟ୍ଟନାୟକ, ବିପିନ ମଲ୍ଲିକ, ଲକ୍ଷ୍ମଣ ଆଚାର୍ଯ୍ୟ, ସୁରେଶ ମହାପାତ୍ର, ଚରଣ ବିଶୋୟୀ ଓ ମୋତି ପ୍ରସାଦ ପାତ୍ର ଉପସ୍ଥିତ ଥିଲେ।

## ବ୍ଲକ କଂଗ୍ରେସର 'ଗାନ୍ଧୀ ପଥେ ଓଡ଼ିଶା' ପଦଯାତ୍ରା



ଦାରିଙ୍ଗବାଡ଼ି, ୫।୧୦(ସମିସ): ଦାରିଙ୍ଗବାଡ଼ି ବ୍ଲକ କଂଗ୍ରେସ ପକ୍ଷରୁ ଦାରିଙ୍ଗବାଡ଼ି ସୁବିଧା କେନ୍ଦ୍ରରେ ଗାନ୍ଧୀ ଜୟନ୍ତୀ ପାଳିତ ହୋଇଯାଇଛି। ଚାରିଛକରେ ଥିବା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ ପରେ ସମସ୍ତେ ପଦଯାତ୍ରାରେ ବାହାରି ପଥପ୍ରାନ୍ତ ସୁବିଧା କେନ୍ଦ୍ରରେ ପହଞ୍ଚିବା ପରେ ବୈଠକ ହୋଇଥିଲା। ଯୁବ ନେତା ଏନସ ପ୍ରଧାନଙ୍କ ନେତୃତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବରିଷ୍ଠ କଂଗ୍ରେସ କର୍ମୀ ବିଦ୍ୟାଧର ମଲ୍ଲିକ, ଧର୍ମେନ୍ଦ୍ର ପ୍ରଧାନ, ଏଆଇସିସି ହ୍ୟୁମାନ ରାଇଟ ସେଲ୍‌ଫର ଜିଲ୍ଲା ଉପ ସଭାପତି ପ୍ରମୋଦ ଦିଗାଲ, ଚିତ୍ରସେନ ନାୟକ, ବରିଷ୍ଠ କଂଗ୍ରେସ ନେତା ମିନୁରା ପ୍ରଧାନ ଯୋହନ ପ୍ରଧାନ, ଆଦବ ପ୍ରଧାନ, ଟିକି ପ୍ରଧାନ, ପୁଜୁରା ପ୍ରଧାନ, ଲାଇସା ପ୍ରଧାନ, ବିଘ୍ନେଶ୍ୱର ନାୟକଙ୍କ ସହିତ ଅନ୍ୟ କଂଗ୍ରେସ କର୍ମୀ ଯୋଗ ଦେଇଥିଲେ।

# ବର୍ଷା କ୍ଷୟକ୍ଷତି ଅଞ୍ଚଳ ବୁଲି ଦେଖିଲେ ବିଧାୟକ

ଗୁମ୍ମା, ୫।୧୦(ସମିସ): ଗୁମ୍ମା ବ୍ଲକ ପାହାଡ଼ ପର୍ବତ ଶିଖରରେ ଥିବାବେଳେ ବ୍ଲକର ୭୦ ଭାଗ ଲୋକେ ଚାଷବାସ ଉପରେ ନିର୍ଭର



କରିଥାଆନ୍ତି। କିନ୍ତୁ ଚଳିତବର୍ଷ ଲଘୁଚାପ ଜନିତ ବର୍ଷା ଯୋଗୁଁ ଚାଷଜମିରେ ମାଟି ଅତଡ଼ା ଓ ବାଲି ମାଡ଼ିଯିବାରୁ ବ୍ୟାପକ ଧାନ ଫସଲ ନଷ୍ଟ ହୋଇଛି। ଯାହାକୁ ନେଇ ଚାଷୀ ମୁଣ୍ଡରେ ହାତଦେଇ ବସିଛି। ମୁଖ୍ୟ ରାସ୍ତା ଉପରେ ମାଟି ପଥର ଜମି ରହିଥିବା ଦେଖିବାକୁ ମିଳିଛି। ଏନେଇ ପରାଳଖେମୁଣ୍ଡି ବିଧାୟକ ଇ.ରୁପେଶ କୁମାର ପାଣିଗ୍ରାହୀ ରବିବାର କ୍ଷୟକ୍ଷତି ଅଞ୍ଚଳ ବୁଲି ଦେଖିବା ସହିତ ଚାଷୀଙ୍କୁ ଭେଟି ସମବେଦନା ଜଣାଇଥିଲେ। ବିଧାୟକ ପ୍ରଥମେ ତରଭା ପଞ୍ଚାୟତ ଅନ୍ତର୍ଗତ ଆଶ୍ରୟଗଡ଼ ଠାରୁ ବୁରୁଡିଙ୍ଗ ଯିବା ମୁଖ୍ୟ ବ୍ରିଜ ଓ ରାସ୍ତା ଭୁଶୁଡ଼ି ଯାଇଥିବା ଜାଗାକୁ ଯାଇ ଅନୁଧ୍ୟାନ କରିଥିଲେ। ପରେ ଗୁମ୍ମା ପଞ୍ଚାୟତର ତାଙ୍ଗଡ଼ା, ଲୁଇବ, ଦାନ୍ତଡ଼ା, ପରିଡ଼ା, ଗାଇବା, ସେରଙ୍ଗ ଓ ଅଜୟଗଡ଼ ପଞ୍ଚାୟତର ନଷ୍ଟ ଚାଷଜମି ଦେଖିବା ପରେ କ୍ଷତିଗ୍ରସ୍ତ ଚାଷୀଙ୍କୁ କ୍ଷୟକ୍ଷତି ସମ୍ପର୍କରେ ରାଜ୍ୟ ସରକାର ଓ ଜିଲ୍ଲା ପ୍ରଶାସନର ଦୃଷ୍ଟି ଆକର୍ଷଣ କରିବା ସହିତ ତୁରନ୍ତ କ୍ଷତି ପୂରଣ ଯୋଗାଇ ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ।

## ୨ ଜୁଆ ଆଡ୍ଡାରେ ଚଢ଼ଉ; ୩୧ ଗିରଫ

ଦାରିଙ୍ଗବାଡ଼ି, ୫।୧୦(ସମିସ): ଦାରିଙ୍ଗବାଡ଼ି ପୁଲିସ ପକ୍ଷରୁ ଦୁଇ ଜୁଆଆଡ୍ଡା ଉପରେ ଚଢ଼ଉ କରାଯାଇ ୩୧ ଜୁଆଡ଼ିଙ୍କୁ ଗିରଫ ସହ ସେମାନଙ୍କ ଠାରୁ ୮ ବାଇକ୍, ୨୪ ମୋବାଇଲ ଜବତ କରାଯାଇଥିବା ବାଲିଗୁଡ଼ା ଏସ୍‌ଡିପିଓ ରମେନ୍ଦ୍ର ପ୍ରସାଦ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ଜୁଆଆଡ୍ଡା



ଚଳାଇଥିବା ଘର ମାଲିକଙ୍କୁ ପୁଲିସ ଅଧିକ ପଚରାଉଚରା କରୁଥିବା ବେଳେ ଅନ୍ୟମାନଙ୍କୁ ନୋଟିସ ଦେଇ ଛାଡ଼ି ଦିଆଯାଇଥିବା ଏସ୍‌ଡିପିଓ କହିଛନ୍ତି। ଏକ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ଏସ୍‌ଡିପିଓଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ଟିମ ଏବଂ ଦାରିଙ୍ଗବାଡ଼ି ଥାନା ଅଧିକାରୀ କନକ ମାଝୀ, ସବ୍‌ଇନ୍ସପେକ୍ଟର ଜୟନ୍ତ ସେଠୀ, ଲକ୍ଷ୍ମୀ ମାଝୀ, ବାସନ୍ତି ବେହେରା, ଏଏସ୍‌ଆଇ ଅର୍ଜୁନ ଶବର ଶନିବାର ବିଳମ୍ବିତ ରାତିରେ ୨ଟି ସ୍ଥାନରେ ଚାଲିଥିବା ଜୁଆଆଡ୍ଡାରେ ଚଢ଼ଉ କରି ୨୨ ଜଣଙ୍କୁ କାବୁ କରିବା ସହ ସେମାନଙ୍କ ଠାରୁ ୬୫ ହଜାର ୭୪୦ ଟଙ୍କା ଜବତ କରିଥିଲା। ସେମାନଙ୍କ ଠାରୁ ୭ ବାଇକ୍ ଏବଂ ୧୮ ମୋବାଇଲ ଜବତ କରିଥିବା କହିଛନ୍ତି। ସେହିପରି ଅନ୍ୟ ଆଡ୍ଡା ଉପରେ ଚଢ଼ଉ କରାଯାଇ ୯ ଜଣଙ୍କୁ ଗିରଫ କରାଯିବା ସହ ଗୋଟିଏ ବାଇକ୍ ଏବଂ ୬ ମୋବାଇଲକୁ ପୁଲିସ ଜବତ କରିଥିବା ଏସ୍‌ଡିପିଓ ସୂଚନା ଦେଇଛନ୍ତି।

## ବିଜେଡି ପକ୍ଷରୁ ଗାନ୍ଧୀ ଜୟନ୍ତୀରେ ଫଳ ବଣ୍ଟନ



ଦାରିଙ୍ଗବାଡ଼ି, ୫।୧୦(ସମିସ): ଦାରିଙ୍ଗବାଡ଼ି ବିଜୁ ଜନତା ଦଳ ପକ୍ଷରୁ ଗାନ୍ଧୀ ଜୟନ୍ତୀ ପାଳନ ଅବସରରେ ଫଳ ବଣ୍ଟନ କରାଯାଇଛି। ପ୍ରଥମେ ଦାରିଙ୍ଗବାଡି ଚାରିଛକ ନିକଟରେ ଥିବା ଗାନ୍ଧୀ ମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ ପରେ ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀଙ୍କୁ ଫଳ ସହିତ ଶୁଖିଲା ଖାଦ୍ୟ ବଣ୍ଟନ କରାଯାଇଥିଲା। ସମିତି ଅଧ୍ୟକ୍ଷ ସୁଶାନ୍ତ କୁମାର ପ୍ରଧାନଙ୍କ ନେତୃତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ୧୦ ନମ୍ବର ଜୋନ ଜିଲ୍ଲା ପରିଷଦ ରଞ୍ଜନ କୁମାର ପ୍ରଧାନ, ଶ୍ରୀନିକେତା ସରପଞ୍ଚ ଗଙ୍ଗା ପ୍ରଧାନ, କାର୍ଯ୍ୟକାରୀ ବ୍ଲକ ସଭାପତି ଦିଲୀପ ପ୍ରଧାନ, ବ୍ଲକ ଛାତ୍ର ସଭାପତି ରୂପକ କୁମାର ସାହୁ, ତାଜୁଙ୍ଗି ଗ୍ରାମ ପଞ୍ଚାୟତ ସମିତିସଭ୍ୟ ଅକ୍ଷୟ ନାୟକ, ବିଜେଡି ବରିଷ୍ଠ ନେତା କାଳି ପ୍ରସାଦ ମଲ୍ଲିକ, ଜିଲ୍ଲା ଯୁବ ସହ ସମ୍ପାଦକ ବାବୁନି ପଣ୍ଡା, ପୂର୍ବତନ ସମିତି ସଭ୍ୟ ଇନ୍ଦ୍ରଜିତ ପ୍ରଧାନ, ସୁନିଲ ପ୍ରଧାନ, ମନୋଜ ପ୍ରଧାନ ଓ ଅଜିତ ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ମନ୍ଦିର ପୂଜକଙ୍କ ଘରୁ ଚୋରି

ଦାରିଙ୍ଗବାଡି, ୫।୧୦(ସମିସ): ଦାରିଙ୍ଗବାଡି ଥାନା ସିମନବାଡ଼ି ଜଗନ୍ନାଥ ମନ୍ଦିର ପୂଜକ ସତ୍ୟ ନାରାୟଣ ପଣ୍ଡାଙ୍କ ଘରୁ ୧୭ ହଜାର ଟଙ୍କା ସହ ଗ୍ରହ ପଥର ଓ ନୂଆ ପୋଷାକ ଚୋରି କରି ନେଇଛନ୍ତି ଦୁର୍ବୃତ୍ତ। ରାତି ୮ ଟାରେ ମନ୍ଦିର ମଧ୍ୟରେ ରହିଥିବା ଘରୁ ବାହାରି ଅନ୍ୟ ଏକ ଘରକୁ ଯାଇ ଆସିବା ମଧ୍ୟରେ ଦୁର୍ବୃତ୍ତ ଘରୁ ଚୋରି କରିଥିବା ଜଣାପଡ଼ିଛି।

## ଅନାସ୍ଥା ଭୋଟରେ ପଦ ହରାଇଲେ ରାଇକିଆ ବ୍ଲକ ଅଧ୍ୟକ୍ଷ

ରାଇକିଆ, ୫।୧୦(ସମିସ): ରାଇକିଆ ବ୍ଲକ ଅଧ୍ୟକ୍ଷ ପ୍ରିତମ ପ୍ରଧାନଙ୍କ ବିରୋଧରେ ହୋଇଥିବା ଅନାସ୍ଥା ଭୋଟରେ ସେ ତାଙ୍କ ପଦ ହରାଇଛନ୍ତି। ଗତ ସେପ୍ଟେମ୍ବର ୨୬ରେ ଅନାସ୍ଥା ପ୍ରସ୍ତାବ ଉପରେ ହୋଇଥିବା ସ୍ୱତନ୍ତ୍ର ବୈଠକରେ ଅନୁଷ୍ଠିତ ଭୋଟରେ ଫଳାଫଳ ଅନାସ୍ଥା ପ୍ରସ୍ତାବ ସପକ୍ଷରେ ଯାଇଥିଲା। ଦୁଇ ତୃତୀୟାଂଶରୁ ଊର୍ଦ୍ଧ୍ୱ ସମର୍ଥନ ଭୋଟରେ ପ୍ରସ୍ତାବ ଗୃହୀତ ହୋଇଥିଲା। ଭୋଟିଂରେ ୧୨ ପଞ୍ଚାୟତର ୨୪ ଜଣ ସରପଞ୍ଚ ଓ ସମିତିସଭ୍ୟଙ୍କ ମଧ୍ୟରୁ ୨୨ ଜଣ ଉପସ୍ଥିତ ଥିଲେ। ଭୋଟିଂରେ କନ୍ଧମାଳ ଏମ୍‌ପି ସୁକାନ୍ତ ପାଣିଗ୍ରାହୀ ମଧ ଯୋଗ ଦେଇ ଭୋଟ ଦେଇଥିଲେ। କାର୍ଯ୍ୟକ୍ରମରେ ସମୁଦାୟ ୨୩ ଜଣ ମତଦାନ କରିଥିଲେ। ଫଳରେ ଜିଲ୍ଲାପାଳଙ୍କ ଆଦେଶ ପତ୍ର ସଂଖ୍ୟା-୧୪୨୫/୨୦୨୫ ମାଧମରେ ତାଙ୍କୁ ଶନିବାର ପଦଚ୍ୟୁତ କରାଯାଇଥିବା ନେଇ ବିଜ୍ଞପ୍ତି ପ୍ରକାଶ ପାଇଛି। ଏଥିସହ ଅଧ୍ୟକ୍ଷଙ୍କ ସମସ୍ତ ଦାୟିତ୍ୱ ଭାର ଉପାଧ୍ୟକ୍ଷା ରୀନା ପ୍ରଧାନଙ୍କୁ ହସ୍ତାନ୍ତର ପାଇଁ ମଧ ଆଦେଶ ପତ୍ରରେ ନିର୍ଦ୍ଦେଶ ରହିଛି।

# ସରକାରୀ ସହାୟତା ଅପେକ୍ଷାରେ କର୍କଟ ପୀଡିତା

ଫିରିଙ୍ଗିଆ, ୫।୧୦(ସମିସ)

ଫିରିଙ୍ଗିଆ ବ୍ଲକର ଉପାନ୍ତ ଅଞ୍ଚଳ ସୁମେରୁବନ୍ଧ ପଞ୍ଚାୟତ ୯ ନମ୍ବର ୱାର୍ଡ ସୁମେରୁବନ୍ଧ ଗାଁର ସବିତା ମଲିକ(୩୮) ମରଣ ସହ ସଂଘର୍ଷ କରୁଛନ୍ତି। ୫ ବର୍ଷରୁ ଅଧିକ ହେବ ମୁଖକର୍କଟ ରୋଗରେ ଆକ୍ରାନ୍ତ ହୋଇଥିଲେ। ୨ ବର୍ଷରୁ ଅଧିକ ହେବ ମୁହଁର ଗାଲରେ କଣା କଣା ହୋଇ ଅହରହ ପାଣି ଝରୁଛି। ଅର୍ଥ ଅଭାବରୁ ନିଜର ଚିକିତ୍ସା କରିବା ଅସମ୍ଭବ ହୋଇପଡ଼ିଛି। ସ୍ୱାମୀ ଶୁକା ମଲିକ ଦୁଇ ବର୍ଷ ହେବ ଆରପାରିକୁ ଚାଲି ଗଲେଣି। ଦୁଇ ପୁଅ ଓ ଦୁଇ ଝିଅକୁ ନେଇ ବଡ଼ କଷ୍ଟରେ ପାଞ୍ଚ ପ୍ରାଣୀ କୁଟୁମ୍ବ ଚଳୁଛନ୍ତି। ନିଜେ କୌଣସି କାମ କରି ପାରୁନଥିବାରୁ ପରିବାର ପ୍ରତିପୋଷଣ କରିବା ଅସମ୍ଭବ ହୋଇପଡ଼ିଛି। ବର୍ତ୍ତମାନ ବଡ଼ ପୁଅ ଶାନ୍ତନୁ ମଲିକ(୧୭), ଝିଅ ଝୁଲି ମଲିକ(୧୩), ମଝିଆ ପୁଅ ପ୍ରଫୁଲ୍ଲ ମଲିକ(୮) ଏବଂ ସାନ ଝିଅ ଜିଲି ମଲିକକୁ ୪ ବର୍ଷ ହୋଇଥିବା ବେଳେ ସେମାନେ ଅସହାୟ ଜୀବନ



ବିତାଉଛନ୍ତି। ସୁମେରୁବନ୍ଧ ପଞ୍ଚାୟତ ଏବଂ ଗାଁର ବାସିନ୍ଦା ହୋଇଥିଲେ ମଧ ଆଜି ପର୍ଯ୍ୟନ୍ତ ନିଜର ଘର ଖଣ୍ଡିଏ ନାହିଁ। ୨ ବର୍ଷ ହେବ ସ୍ୱାମୀଙ୍କ ମୃତ୍ୟୁ ଘଟିଥିଲେ ମଧ ଆଜି ପର୍ଯ୍ୟନ୍ତ କାଗଜପତ୍ର ନଥିବାରୁ ବିଧବା ଭତ୍ତା ମିଳିପାରୁନାହିଁ। ସବିତା ମଲିକ କୌଣସି ସରକାରୀ ସୁବିଧା ନ ପାଇ ଦୁର୍ବିସହ ଜୀବନ ଜୀଉଁଛନ୍ତି। ନିଜର ଆଧାର କାର୍ଡ, ଜମି ପଟା, କି କୌଣସି କାଗଜପତ୍ର ନଥିବାରୁ ପଞ୍ଚାୟତ କାର୍ଯ୍ୟାଳୟ ଠାରୁ ବ୍ଲକ କାର୍ଯ୍ୟାଳୟ ଏବଂ ଫିରିଙ୍ଗିଆ ଜନ୍ମ ମୃତ୍ୟୁ ପଞ୍ଜିକରଣ କାର୍ଯ୍ୟାଳୟକୁ ଦୌଡି ଖର୍ଚ୍ଚାନ୍ତ ହେଉଥିଲେ

- ● କାଗଜପତ୍ର ନ ଥିବାରୁ ମିଳୁନି ବିଧବା ଭତ୍ତା
- ● ଭୂମି ନାହିଁ କି ଜମିପଟ୍ଟା ନାହିଁ
- ● ପର ଘରେ ପୁଅ-ଝିଅ ସହ ୫ ପ୍ରାଣୀ କୁଟୁମ୍ବ

ମଧ କୌଣସି କାମ ହୋଇପାରୁ ନଥିବା ସବିତା କହିଛନ୍ତି। ଅର୍ଥ ନଥିବାରୁ ଚିକିତ୍ସା ପାଇଁ ମେଡିକାଲ ଯାଇ ପାରୁନଥିବା ବେଳେ ଅସହାୟ ଅବସ୍ଥାରେ ଘରେ ମରଣ ସହ ସଂଘର୍ଷ କରୁଛନ୍ତି। ସରକାରଙ୍କ ତରଫରୁ କେବଳ ରାସନ କାର୍ଡ ବାବଦରେ ୨୫ କେଜି ଚାଉଳ ମିଳୁଛି। ଏହା ଦୁଇ ଓଳି ପେଟକୁ ଦାନା ଅଣ୍ଟୁ ନାହିଁ। ନିଜର ଘର ନ ଥିବାରୁ ଅନ୍ୟର ଏକ ଭଙ୍ଗା ଘରେ ଆଶ୍ରୟ ନେଇଛନ୍ତି। ଅସୁବିଧା ଦୃଷ୍ଟିରୁ ଗାଁ ଲୋକେ ବେଳେ ବେଳେ ଖାଇବାକୁ ଦେଉଛନ୍ତି ବୋଲି କହିଛନ୍ତି ସବିତା। ଏତେ ଅସୁବିଧା ପରେ ବି ପ୍ରଶାସନିକ ସ୍ତରରେ କେହି ସହାୟତା ନିମନ୍ତେ ଆଗଭର ହୋଇନାହାନ୍ତି ବୋଲି ନୂଆପଦର ବିଜେପି ମଣ୍ଡଳ ସଭାପତି ଦେବେଶ୍ୱର ଦୀପ ଏବଂ ପଞ୍ଚାୟତ ପ୍ରମୁଖ ଇନ୍ଦ୍ରଜିତ କହଁର ଓ ଗ୍ରାମବାସୀ କହିଛନ୍ତି। ନିଜେ ମଣ୍ଡଳ ସଭାପତି ସରକାରୀ କାର୍ଯ୍ୟାଳୟକୁ ଯାଇ ସମସ୍ତ ବ୍ୟବସ୍ଥା କରିବାକୁ ଜଣାଇଛନ୍ତି। କିନ୍ତୁ କୌଣସି ସୁଫଳ ମିଳିନାହିଁ। ତୁରନ୍ତ ସହାୟତା ଯୋଗାଇ ଦେବାକୁ ଦାବି କରାଯାଇଛି। ଫିରିଙ୍ଗିଆ ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ପ୍ରବୋଧ ପ୍ରଧାନଙ୍କୁ ଏସମ୍ପର୍କରେ ପଚାରିବାରୁ ତୁରନ୍ତ ଚିକିତ୍ସା ପାଇଁ ବ୍ୟବସ୍ଥା କରାଯିବ ବୋଲି କହିଛନ୍ତି।

# ନିଶାଖୋର ପୁଅର ଅତ୍ୟାଚାରରେ ବାପା ମା’ ଅତିଷ୍ଠ

ସାଲେପୁର, ୫ ।୧୦(ସମିସ)



ନିଶାଖୋର ପୁଅର ଅତ୍ୟାଚାର ସହି ନ ପାରି ଶେଷରେ ଗ୍ରାମବାସୀଙ୍କ ସହ ମିଶି ବୃଦ୍ଧ ପିତାମାତା ସାଲେପୁର ଥାନାର ଦ୍ୱାରସ୍ଥ ହୋଇଥିବା ଜଣାଯାଇଛି। ଅପର ପକ୍ଷରେ ମହଣ ପଞ୍ଚାୟତରେ ଚୋରା ନିଶା କାରବାରକୁ ରୋକିବା ଓ ନିଶାଖୋରମାନଙ୍କୁ ସାବାଡ଼ କରିବା ଉଦ୍ଦେଶ୍ୟରେ ଆଜି ସନ୍ଧ୍ୟାରେ ସରପଞ୍ଚଙ୍କ ନେତୃତ୍ୱରେ ଏକ ଗ୍ରାମସଭା ଡକାଯିବା ଘଟଣା ସ୍ଥାନୀୟ ଅଞ୍ଚଳରେ ମୁଖ୍ୟ ଚର୍ଚ୍ଚାର ବିଷୟ ହୋଇଥିବାବେଳେ ଏ ନେଇ ଚୋରା ନିଶା କାରବାର ବ୍ୟବସାୟୀଙ୍କ ମଧ୍ୟରେ କୋକୁଆ ଭୟ ସୃଷ୍ଟି ହୋଇଛି। ଖବରରୁ ପ୍ରକାଶ ଯେ ସାଲେପୁର ବ୍ଲକର ମହଣ ପଞ୍ଚାୟତର ବାସୁଦେବପୁର ଗ୍ରାମର ମହେନ୍ଦ୍ର ଦାସ (୭୦) ଓ ତାଙ୍କ ପତ୍ନୀ ଅରୁଣି ଦାସଙ୍କୁ ତାଙ୍କର କନିଷ୍ଠ ପୁତ୍ର ରଶ୍ମିରଞ୍ଜନ ଦାସ ନିଶାଗ୍ରସ୍ତ ହୋଇ ନିଜ ବୃଦ୍ଧ ପିତାମାତାଙ୍କୁ ବାରମ୍ବାର ଆକ୍ରମଣ କରିଆସୁଥିଲେ। ଏନେଇ ଆଜି ରଶ୍ମିରଞ୍ଜନର ପିତାମାତା ଗ୍ରାମବାସୀଙ୍କୁ ଧରି ସାଲେପୁର ଥାନାରେ ପହଞ୍ଚି ଆଇଆଇସି ଅନିତା ସାହୁଙ୍କୁ ଭେଟି ପୁତ୍ରର ଅତ୍ୟାଚାର ସହି ନ ପାରି ପୁଅ ରଶ୍ମିରଞ୍ଜନ ଦାସକୁ ତୁରନ୍ତ ଗିରଫ କରିବାକୁ ଦାବି କରିବାକୁ ନିବେଦନ କରିଛନ୍ତି। ବାପା ମା’ ଅଭିଯୋଗ କରିଛନ୍ତି ଯେ ତାଙ୍କର ସାନପୁଅ ରଶ୍ମିରଞ୍ଜନ ବିଭିନ୍ନ ଯୁବକଙ୍କ ସହ ମିଶି ପ୍ରତିଦିନ ରାତିରେ ବ୍ରାଉନସୁଗାର ଠାରୁ ଆରମ୍ଭ କରି ବିଭିନ୍ନ ନିଶାଦ୍ରବ୍ୟ ସେବନ କରି ଘରକୁ ଆସି ଆମକୁ ମାରଧର କରୁଛି।

### ନିର୍ଯାତନା ସହି ନ ପାରି ଥାନାରେ ଅଭିଯୋଗ

ଏହି ଘଟଣା ବାରମ୍ବାର ହେବାରୁ ବାଧ୍ୟ ହୋଇ ସେମାନେ ସାଲେପୁର ଥାନାରେ ଅଭିଯୋଗ କରିବାକୁ ବାଧ୍ୟ ହୋଇଛନ୍ତି। ଏହି ଘଟଣାରେ ତୁରନ୍ତ ହସ୍ତକ୍ଷେପ କରିବାକୁ ବୃଦ୍ଧ ବାପା ମା’ ଅଭିଯୋଗ କରିବାରୁ ସାଲେପୁର ଥାନା ଆଇଆଇସି ଅନିତା ସାହୁ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ପ୍ରତିଶ୍ରୁତି ଦେବା ସହ ଏହି ଘଟଣାରେ ପୁଲିସ ପକ୍ଷରୁ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ କହିବାରୁ ବାସୁଦେବପୁର ଗ୍ରାମରୁ ଆସିଥିବା ବହୁ ଲୋକ ଶେଷରେ ଫେରିଯାଇଥିଲେ। ପୁଲିସ ଏହି ଘଟଣାରେ ବାସୁଦେବପୁର ଗାଁକୁ ଯାଇ ନିଶାଗ୍ରସ୍ତ ଯୁବକଙ୍କୁ ଉଠାଇ ଆଣିବାକୁ ତତ୍ପରତା ପ୍ରକାଶ କରିଥିବାବେଳେ ସେଠାରୁ ଏମାନେ ଫେରାର ହୋଇଯାଇଥିବା ଜଣାଯାଇଛି। ଏହି ଘଟଣାରେ ବାସୁଦେବପୁର ଗ୍ରାମ ଅଧିନସ୍ଥ ମହଣ ପଞ୍ଚାୟତର ସରପଞ୍ଚ ପ୍ରଭାତ କୁମାର ପାତ୍ର କହିଛନ୍ତି, ମହଣ ପଞ୍ଚାୟତରେ ବ୍ୟାପକ ନିଶା କାରବାର ହେଉଥିବାବେଳେ ଅବକାରୀ ବିଭାଗ ଓ ପୁଲିସ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ନ ଥିବାରୁ ବାଧ ହୋଇ ପଞ୍ଚାୟତର ବିଭିନ୍ନ ଲୋକଙ୍କୁ ଡାକି ଏକ ସଭା କରି ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ଅବଗତ କରିବେ।

● ନିଶାଗ୍ରସ୍ତ ପୁତ୍ରର ଉନ୍ମତ୍ତ କାଣ୍ଡ

# ବୃଦ୍ଧ ପିତାଙ୍କୁ ଠେଙ୍ଗାରେ ଆକ୍ରମଣ

ସାଲେପୁର, ୫ ।୧୦(ସମିସ): ସାଲେପୁର ବ୍ଲକର ରାମକୃଷ୍ଣପୁର ଗ୍ରାମପଞ୍ଚାୟତର ଏଲମାପୁର ଗ୍ରାମରେ ଏକ ଅଭାବନୀୟ ଘଟଣା ରବିବାର ଦିନ ଘଟିଛି। ଏଲମାପୁର ଗ୍ରାମର ଜଣେ ଯୁବକ ନିଶାଗ୍ରସ୍ତ ଅବସ୍ଥାରେ ତା’ର ନିଜ ପିତାଙ୍କୁ ଆକ୍ରମଣ କରିବା ଫଳରେ ବୃଦ୍ଧ ପିତା ଗୁରୁତର ଅବସ୍ଥାରେ ସାଲେପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି ହୋଇଛନ୍ତି। ଘଟଣାରୁ ପ୍ରକାଶ ଯେ, ଏଲମାପୁର ଗ୍ରାମର କୈଳାସ ଚନ୍ଦ୍ର ବେହେରା (୭୦)ଙ୍କୁ ରବିବାର ଦିନ ସନ୍ଧ୍ୟାରେ ତାଙ୍କ ପୁତ୍ର ବିଶ୍ୱରଞ୍ଜନ ବେହେରା ନିଶାଗ୍ରସ୍ତ ଅବସ୍ଥାରେ ତାଙ୍କର ପତ୍ନୀ ଓ ପିଲାମାନଙ୍କୁ ଆକ୍ରମଣ କରିଥିଲା। ଏହି ଘଟଣାରେ ବିଶ୍ୱରଞ୍ଜନର ପିତା କୈଳାସ ପୁତ୍ରକୁ ବାରଣ କରିବାରୁ ବିଶ୍ୱ ରଞ୍ଜନ ନିଶାଗ୍ରସ୍ତ ଅବସ୍ଥାରେ ତା’ର ବାପାକୁ ଏକ ଠେଙ୍ଗାରେ ଆକ୍ରମଣ କରିଥିବାରୁ କୈଳାସ ଜୀବନ ବଞ୍ଚାଇବା ପାଇଁ ଦୌଡ଼ି ଦୌଡ଼ି ନିକଟସ୍ଥ ଜପକୁଦ ଫାଣ୍ଡିରେ ପହଞ୍ଚିଥିଲେ। ଫାଣ୍ଡି ପକ୍ଷରୁ ସଙ୍ଗେ ସଙ୍ଗେ ୧୧୨କୁ ଫୋନ୍ କଲା ପରେ ସେଠାରୁ ପୁଲିସ ଗାଡ଼ି ତାକୁ ଆଣି ସାଲେପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିବା ଜଣାଯାଇଛି। ଏବେ ଗୁରୁତର ଅବସ୍ଥାରେ ସାଲେପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବୃଦ୍ଧଜଣକ ଚିକିତ୍ସିତ ହେଉଥିବାବେଳେ ପୁଲିସ ଏହି ଘଟଣାରେ ଅଦ୍ୟାବଧି କାହାକୁ ଗିରଫ କରି ନ ଥିବା ଜଣାଯାଇଛି।

### ଗୁରୁତର ଅବସ୍ଥାରେ ସାଲେପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି

# ସାର୍ପ ସଂଗଠନ ପକ୍ଷରୁ ମେଧାବୀ ଅଭିନନ୍ଦନ

● ବଡମ୍ବା-ନରସିଂହପୁରର ୨୩୨ ମେଧାବୀ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା



ନରସିଂହପୁର, ୫।୧୦(ସମିସ): ନରସିଂହପୁର ବ୍ଲକର ଅଗ୍ରଣୀ ସାମାଜିକ ସଂଗଠନ ସାର୍ପ ସଂଗଠନ ପକ୍ଷରୁ ୧୮ ତମ ମେଧାବୀ ଅଭିନନ୍ଦନ କାର୍ଯ୍ୟକ୍ରମ ନରସିଂହପୁରସ୍ଥିତ ପର୍ଯ୍ୟଟନ ବ୍ୟାଖ୍ୟାନ କେନ୍ଦ୍ରରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଅତିରିକ୍ତ ଡିଜି ସଞ୍ଜୀବ ପଣ୍ଡା ମୁଖ୍ୟଅତିଥିଭାବେ ଯୋଗଦେଇଥିବା ବେଳେ ସ୍ୱତନ୍ତ୍ର ଅତିଥିଭାବେ କେନ୍ଦ୍ରାଞ୍ଚଳ ଡିଆଇଜି ସତ୍ୟଜିତ ନାୟକ, ସମ୍ମାନିତ ଅତିଥି ଭାବେ ଭାରତ ଅର୍ଥ ମନ୍ତ୍ରାଳୟର ଆଣ୍ଟି ମନି ଲଣ୍ଡ୍ରିଂ ଲିଙ୍ଗର ନିର୍ଦ୍ଦେଶକ ସ୍ମାରକ ସ୍ୱାଇଁ ଯୋ ଦେଇଥିଲେ। ପ୍ରାକ୍ତନ କଲେଜ ଅଧ୍ୟକ୍ଷ ତଥା ସାର୍ପ ସଂଗଠନ ସଭାପତି କୁଳମଣି ବାରିକ ସଭାରେ ଅଧ୍ୟକ୍ଷତା କରିଥିବା ବେଳେ ଅବସରପ୍ରାପ୍ତ ବରିଷ୍ଠ ପ୍ରାଧ୍ୟାପକ ଡ଼ ପ୍ରଫୁଲ କୁମାର ସାହୁ ସଭା କାର୍ଯ୍ୟ ସଂଯୋଜନା କରିଥିଲେ। ସାର୍ପ ସଂଗଠନର ସମ୍ପାଦକ ବିଜୟ କୁମାର ପଣ୍ଡା ସ୍ୱାଗତ ଅଭିଭାଷଣ ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ହାସଲ କରିଥିବା ବଡ଼ମ୍ବା ନରସିଂହପୁର ଉଭୟ ବ୍ଲକର ୨୩୨ ମେଧାବୀ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବିଜୟ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିବା ବେଳେ ସନତ ମିଶ୍ର, ପ୍ରିୟମ୍ବଦା ଦେବୀ, ଝରଣା ବିଶ୍ୱାଳ, ସୁଭଦ୍ରା ଲେଙ୍କା, ସୋନାଲି ପ୍ରିୟଦର୍ଶିନୀ, ମଞ୍ଜୁଲତା ଦେବତା ପ୍ରମୁଖ ସହଯୋଗ କରିଥିଲେ।

# ଗମେଇଁ ଫ୍ରେଣ୍ଡସ କ୍ଲବ୍ ପକ୍ଷରୁ ରକ୍ତଦାନ ଶିବିର

● ୭୦ ୟୁନିଟ ସଂଗୃହୀତ



ବଡ଼ମ୍ବା, ୫।୧୦(ସମିସ): ବଡ଼ମ୍ବା ବ୍ଲକ ଅନ୍ତର୍ଗତ ଭଟାରିକା ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଗମେଇ ଗ୍ରାମ ନୋଡାଲ ଉପ୍ରା ବିଦ୍ୟାଳୟ ପରିସରରେ ଗମେଇ ୟୁଥ କ୍ଲବ ଫ୍ରେଣ୍ଡସ୍ ଆନୁକୂଲ୍ୟରେ ଦ୍ୱିତୀୟ ବାର୍ଷିକ ଉତ୍ସବରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବଡମ୍ବା ବିଧାୟକ ବିଜୟ କୁମାର ଦଳବେହେରା ମୁଖ୍ୟଅତିଥି, ସମାଜସେବୀ ତଥା ବରିଷ୍ଠ ଶିକ୍ଷାବିତ ବୈକୁଣ୍ଠନାଥ ବାରିକ ମୁଖ୍ୟବକ୍ତା, ଆମ୍ଭାର ସଭାପତି ମହେନ୍ଦ୍ର ପଡ଼ିହାରୀ, ସମ୍ମାନିତ ଅତିଥି ବୈଜ୍ଞାନିକ ସୁରେନ୍ଦ୍ର ନାଥ ଦଲେଇ ଶିବିରରେ ଯୋଗଦେଇ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ଏହି ରକ୍ତଦାନ ଶିବିରରୁ ୭୦ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଛି। ଶିବିରକୁ କ୍ଲବର ସଭାପତି ଅୟସକାନ୍ତ ଭଞ୍ଜ, ରଞ୍ଜିତ ବାରିକ, ରାକେଶ ବାରିକ, ବିଶ୍ୱଜିତ ମଲ୍ଲିକ, ଚିନ୍ମୟ ବାରିକ, ମନୋରଞ୍ଜନ ରାଉତରାୟ, ଆକାଶ ବାରିକ ପ୍ରମୁଖ ପରିଚାଳନା କରିଥିଲେ। ଶିବିରରେ ଅଧିକାଂଶ ମହିଳା ରକ୍ତଦାନ କରିଥିବାର ଆୟୋଜକଙ୍କଠାରୁ ପ୍ରକାଶ।

# ନିମ୍ନମାନର ବିହନ ପାଇଁ ଫୁଲକୋବି ଚାଷୀ ହତାଶ



ବଡ଼ମ୍ବା, ୫।୧୦(ସମିସ): ବଡମ୍ବା ବ୍ଲକ ଅଧୀନ ରତାପାଟ ଗ୍ରାମରେ ସିଜିଣ୍ଟା କମ୍ପାନୀ ଶହ ଶହ ଚାଷୀଙ୍କୁ ନିମ୍ନମାନର ବା ନକଲି ବିହନ ବିକ୍ରୟ କରି ଚାଷୀମାନଙ୍କୁ ଠକି ଥିବାର ଚାଷୀମାନେ ଅଭିଯୋଗ କରିଛନ୍ତି। ଚାଷୀମାନେ ପ୍ରତି ବର୍ଷ ଏହି କମ୍ପାନୀରୁ ବିହନ କ୍ରୟ କରି ବିଲରେ ଫୁଲକୋବି କରି ଆସୁଥିଲେ। ଚଳିତ ବର୍ଷ ଉକ୍ତ କମ୍ପାନିରୁ ବିହନ କ୍ରୟ କରି ବିଲରେ ଫୁଲକୋବି ଚାଷ କରିବା ପରେ ଗଛ ହେବା ଦିନ ଠାରୁ କୋବି ଗଛରେ ଫୁଲ ହୋଇ ନଷ୍ଟହୋଇ ଥିବାର ଅଭିଯୋଗ କରିଛନ୍ତି। କମ୍ପାନୀ ଅସଲି ଖୋଳରେ ନକଲି ମଞ୍ଜି ପ୍ୟାକ କରି ଚାଷୀମାନଙ୍କୁ ପ୍ରତାରଣା କରିଥିବାର ଅଭିଯୋଗ ହୋଇଛି। ଏପରିକି ଚାଷୀମାନେ କୋବି ଚାଷ କରି ଗୁଜରାଣ ମେଣ୍ଟାଇବା ବଦଳରେ ଋଣରେ ବୁଡି ହତାଶ ହୋଇଛନ୍ତି। ଏଥିନେଇ ଉଦ୍ୟାନ ବିଭାଗ ଉଚ୍ଚପଦସ୍ଥ ଅଧିକାରୀଙ୍କ ଦ୍ୱାରା ତଦନ୍ତ କରାଯାଇ ଚଷୀମାନଙ୍କର ନାର୍ଯ୍ୟ ପ୍ରାପ୍ତି ଉକ୍ତ କାମ୍ପନୀଠାରୁ ଆଦାୟ କରିବା ସହ କମ୍ପାନୀ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ରତାପାଟ, ଗୋବର୍ଦ୍ଧନପୁର, କଣ୍ଟା, ବିଶ୍ୱନାଥପୁର, ଗୋପାଳପୁର ଗ୍ରାମର ଶତାଧିକ ଚାଷୀ ଦାବି କରିଛନ୍ତି। ଅନ୍ୟଥା ଆଗାମୀ ଦିନରେ ଚାଷୀମାନେ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି।

# ସାରସ୍ୱତ ପତ୍ରିକା ‘ସଞ୍ଜୀବନ’ ଉନ୍ମୋଚିତ

ଚୌଦ୍ୱାର, ୫।୧୦(ସମିସ): ଅଗ୍ରଣୀ ସାହିତ୍ୟ ଓ ସମାଜସେବା ଅନୁଷ୍ଠାନ ଚୌଦ୍ୱାର ସ୍ଥିତ ପବ୍ଲିକ୍ ୱେଲଫେୟାର ସୋସାଇଟିର ବାର୍ଷିକ ଉତ୍ସବ ଓ ଏହାର ସାରସ୍ୱତ ସଂକଳନ ‘ସଞ୍ଜୀବନ’ର ଉନ୍ମୋଚନ ଉତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି। ସଭାପତି ବିଷ୍ଣୁଚରଣ ସାହୁଙ୍କ ସଭାପତିତ୍ୱରେ ସ୍ଥାନୀୟ କଳାପ୍ରକାଶିନୀ କ୍ଲବରେ ଆୟୋଜିତ ଏହି ଉତ୍ସବରେ ସୁନାମଧନ୍ୟ ସାହିତ୍ୟିକ ଡ. ବିଜୟାନନ୍ଦ ସିଂ, ଗୀତିକାର ଅରୁଣ ମନ୍ତ୍ରୀ, ପୂର୍ବତନ ବିଧାୟକ ଡ. ପ୍ରଭାତ ରଞ୍ଜନ ବିଶ୍ୱାଳ, ହିନ୍ଦ ସେବକ ସଂଘର ରାଷ୍ଟ୍ରୀୟ ଅଧ୍ୟକ୍ଷ ଦାମୋଦର ସାହୁ, ଇମ୍ଫାର ବରିଷ୍ଠ ଲୋକସମ୍ପର୍କ ଅଧିକାରୀ ମାନସ ବସନ୍ତିଆ, ଶିକ୍ଷାବିତ ତ୍ରିଦେବ ବେହେରା, ସାମାଜିକକର୍ମୀ ଅଶୋକ ସାହୁ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଭାଷା ସାହିତ୍ୟର ବିକାଶ ଓ ସମାଜ ସେବା କ୍ଷେତ୍ରରେ ପବ୍ଲିକ୍ ୱେଲଫେୟାର ସୋସାଇଟିର ନିଷ୍ପାପର ପ୍ରଚେଷ୍ଟାର ପ୍ରଶଂସା କରି ଏହାର ସଦସ୍ୟ ଓ ସଦସ୍ୟାମାନେ ଏହି ଧାରାକୁ ଜାରି ରଖିବାକୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ଅତିଥିମାନେ ‘ସଞ୍ଜୀବନ’ ପତ୍ରିକାର ଶୁଭ ଉନ୍ମୋଚନ କରିବା ସହିତ ସାହିତ୍ୟ ଓ ସାମାଜିକ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ବହୁ ବ୍ୟକ୍ତିବିଶେଷଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଅନୁଷ୍ଠାନର ବରିଷ୍ଠ ଉପଦେଷ୍ଟା ପଞ୍ଚାନନ ବେହେରାଙ୍କ ସଂଯୋଜନାରେ ଆୟୋଜିତ କବିତା ପାଠୋତ୍ସବରେ ଅଞ୍ଚଳର ବହୁ କବି ଓ କବୟିତ୍ରୀ ଯୋଗ ଦେଇଥିଲେ। ସମ୍ପାଦକ ପ୍ରଦ୍ୟୁମ୍ନ ତରାଇ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ପତ୍ରିକା ସହ




ସମ୍ପାଦକ ଜ୍ୟୋତିଶଙ୍କର ମିଶ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ଯୁଗ୍ମ ସମ୍ପାଦକ ଅଜିତ ସ୍ୱାଇଁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଉପସଭାପତି ବିକ୍ରମ ସ୍ୱାଇଁ ଧନ୍ୟବାଦ ଦେଇଥିଲେ। ସଞ୍ଜୀବନର ସମ୍ପାଦକ ସେକ୍ ଜାଫର ଅଲ୍ଲୀ, ଶିବଶଙ୍କର ସାହୁ, ସୁକାନ୍ତ ତରାଇ, ରାଜକିଶୋର ସାହୁ, ଭଗବାନ ବେହେରା, ତୁଷାର ସାହୁଙ୍କ ସମେତ ପିଡବ୍ଲୁଏସ୍‌ର ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ।

# ବରିଷ୍ଠ ନାଗରିକ ମଞ୍ଚର ପ୍ରତିଷ୍ଠା ଦିବସ

ନିଶ୍ଚିନ୍ତକୋଇଲି, ୫।୧୦(ସମିସ): ନିଶ୍ଚିନ୍ତକୋଇଲି ବ୍ଲକ ତରତଶାସନଠାରେ ଥିବା ମା’ ହରଚଣ୍ଡି ବରିଷ୍ଠ ନାଗରିକ ମଞ୍ଚର ଷଷ୍ଠ ବାର୍ଷିକ ପ୍ରତିଷ୍ଠା ଦିବସ କାର୍ଯ୍ୟାଳୟ ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଛି।

ମଞ୍ଚର ବରିଷ୍ଠ ସଭ୍ୟ ରମେଶ ଚନ୍ଦ୍ର ପଣ୍ଡା ଏହି ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ମଞ୍ଚର ସଭାପତି ଶରତଚନ୍ଦ୍ର ଦାଶଙ୍କ ପୌରୋହିତ୍ୟରେ ଏଥିରେ ଉପସଭାପତି ଅଜୟ ମଲ୍ଲ, କାର୍ଯ୍ୟକାରୀ ସଭାପତି ଭରତ ଚନ୍ଦ୍ର ସାହୁ, ନିରଞ୍ଜନ ପଣ୍ଡା, ରତ୍ନାକର ଦାସ, ବଟକୃଷ୍ଣ ସ୍ୱାଇଁ, ଦେବବ୍ରତ ପଣ୍ଡା, ଶିବପ୍ରସାଦ ପଣ୍ଡା, ମନମୋହନ ଦାସ, ଉତ୍ସବ ମହାପାତ୍ର, କୁଳମଣି ସାହୁ, ରଞ୍ଜନ ମହାନ୍ତି, ଭାସ୍କର ଚନ୍ଦ୍ର ସାହୁ, କାର୍ତ୍ତିକ ଜେନା ପ୍ରମୁଖ ଆଗାମୀ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରିଥିଲେ।



# ନାବାଳିକାକୁ ଅପହରଣ ଅଭିଯୋଗ

ଚୌଦ୍ୱାର, ୫।୧୦(ସମିସ): ଜଣେ ନାବାଳିକାକୁ ଜଣେ ଯୁବକ ଅପହରଣ କରିଥିବା ଚୌଦ୍ୱାର ଥାନାରେ ଅଭିଯୋଗ ହୋଇଛି। ଅପହୃତ ନାବାଳିକାର ମା’ ଥାନାରେ କରିଥିବା ଅଭିଯୋଗରୁ ପ୍ରକାଶ ଯେ ତାଙ୍କ ନାବାଳିକା କନ୍ୟାକୁ ଏହି ଥାନା ଅଧୀନ କୁଜିବର ଗ୍ରାମର କାହ୍ନା ସାମଲ(୧୯) ଅପହରଣ କରି ଆଶାଳୀନ ବ୍ୟବହାର କରିଛି। ଅଭିଯୋଗ ପାଇ ପୁଲିସ ଘଟଣାର ତଦନ୍ତ କରି ନାବାଳିକା ଜଣକୁ ଉଦ୍ଧାର କରିଛି। ଘଟଣାର ଅଧିକ ତଦନ୍ତ ଜାରି ରହିଛି।

# ଗାଡ଼ି ଚୋରକୁ କାବୁକଲେ ଲୋକେ




ତ୍ରିଶୂଳିଆ, ୫।୧୦(ସମିସ): ବାରଙ୍ଗ ଥାନା ଷ୍ଟେସନ ବଜାରରେ ଗାଡ଼ି ଚୋରକୁ କାବୁ କରି ପୁଲିସ ଜିମା ଦେଲେ ସ୍ଥାନୀୟ ଲୋକେ। ରବିବାର ସକାଳ ୮ଟା ସମୟରେ ଷ୍ଟେସନ ବଜାରରେ ଥିବା ଶ୍ରୀଧର ସାହୁଙ୍କ ଗ୍ରୋସରୀ ଦୋକାନ ସମ୍ମୁଖରେ ନିଜର ଓଡି ୦୫ ଏଏଚ ୪୧୧୮ ସ୍କୁଟି ଗାଡ଼ିକୁ ରଖି ଦୋକାନ ଖୋଲୁଥିଲେ। ଏହି ସମୟରେ ଜଣେ ଯୁବକ ଶ୍ରୀଧରଙ୍କୁ ସ୍କୁଟି ଗାଡ଼ିଟିକୁ ନେଇ ପଳାଇଥିଲା। ଶ୍ରୀଧର ପାଟି କରିବାରୁ ସ୍ଥାନୀୟ ଲୋକମାନେ ଯୁବକ ଜଣକୁ କାବୁ କରି ନିକଟସ୍ଥ ବାରଙ୍ଗ ଥାନାକୁ ସୂଚନା ଦେଇଥିଲେ। ବାରଙ୍ଗ ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଯୁବକକୁ ଉଦ୍ଧାର କରି ତଦନ୍ତ ଆରମ୍ଭ କରିଛି।

# ପୂଜାମଣ୍ଡପ ପରିଦର୍ଶନ କଲେ ଜିଲ୍ଲା କଂଗ୍ରେସ ସଭାପତି



ନିଶ୍ଚିନ୍ତକୋଇଲି, ୫।୧୦(ସମିସ): କଟକ ଜିଲ୍ଲା କଂଗ୍ରେସ କମିଟିର ନୂତନ ସଭାପତି ପ୍ରଦୀପ୍ତ ଦାସ ନିଶ୍ଚିନ୍ତକୋଇଲି ବଜାର ବ୍ୟବସାୟୀ ସଂଘ ଆନୁକୂଲ୍ୟରେ କରାଯାଇଥିବା ବିଭିନ୍ନ ପୂଜା ମଣ୍ଡପରେ ଦେବାଦେବୀଙ୍କ ମେଢ ବୁଲି ଦେଖିଛନ୍ତି। ବ୍ୟବସାୟୀ ସଂଘର ସଭାପତି ପ୍ରମୋଦ ପଣ୍ଡାଙ୍କ ପୌରୋହିତ୍ୟରେ ସଂଘ କାର୍ଯ୍ୟାଳୟର ଶ୍ରୀ ଦାସ କର୍ମକର୍ତ୍ତାଙ୍କ ସହିତ ଆଲୋଚନା କରିଛନ୍ତି। ଏହି ଆଲୋଚନାରେ ସମ୍ପାଦକ ଜୀବନାନନ୍ଦ ଦାଶ, ଉପସଭାପତି ବଳରାମ ସାହୁ, କୈଳାସ ସାହୁ, ମନମୋହନ ଓଝା, ବିଶ୍ୱଜିତ୍ ରାଉତ, ଅମରେନ୍ଦ୍ର ମିଶ୍ରଙ୍କ ସମେତ ବହୁ କଂଗ୍ରେସ ସମର୍ଥକ ଉପସ୍ଥିତ ଥିଲେ।

# ସାମୂହିକ ପଇତା ଗ୍ରହଣ କାର୍ଯ୍ୟକ୍ରମ



ଟାଙ୍ଗୀ, ୫ ।୧୦(ସମିସ): ଟାଙ୍ଗୀ ଚୌଦ୍ୱାର ବ୍ଲକ ଗରୁଡ଼ଗାଁ ପଞ୍ଚାୟତ ହଳଦୀବସନ୍ତ ଗ୍ରାମରେ ଖଣ୍ଡାୟତ ଓ ବେଉରା ସାହିର ଆନୁକୂଲ୍ୟରେ ଦଶହରାରେ ସାମୂହିକ ପଇତା ଗ୍ରହଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସଭାପତି ପ୍ରଭାକର ବେଉରା, ସମ୍ପାଦକ ବ୍ରହ୍ମାନନ୍ଦ ବେଉରା ଓ ମୁରବୀ ରମେଶ ବେଉରା, ବାସୁଦେବ ବେଉରା, ବୈକୁଣ୍ଠ ବେଉରା, ସନ୍ତୋଷ ବେଉରା ଓ ପ୍ରଦୀପ ବେଉରା ନେତୃତ୍ୱରେ ଆଚାର୍ଯ୍ୟ ପୂର୍ଣ୍ଣାନନ୍ଦ ଶତପଥି ପୂଜା ପାଠ କରିଥିଲେ। ଏହି ଅବସରରେ ଗ୍ରାମର ସୁକାନ୍ତ, ପ୍ରଦୋଷ, ନିକୁଞ୍ଜ, ଜ୍ୟୋତିରଞ୍ଜନ, ପ୍ରଶାନ୍ତ, ବିଭୂତି, ଉତ୍ତମ, ହରେକୃଷ୍ଣ, ଅରକ୍ଷିତ, ଭଜମନ, ଆର୍ତ୍ତତ୍ରାଣ, ବିଜୟ, ସୁଜିତ, ଦିଲ୍ଲୀପ, ସଦାନନ୍ଦ, ସଞ୍ଜୟ, ସାଧବାନନ୍ଦ, ବିନୟ, ଚିତ୍ତରଞ୍ଜନ, ସମ୍ବିତ, ସଂଗ୍ରାମ, ସୌମ୍ୟ, ଜିତେନ୍ଦ୍ର, ସାହିଲ, ନିହାର ରଞ୍ଜନ ପ୍ରମୁଖ ପଇତା ଗ୍ରହଣ କରିଥିଲେ।

# ସଦର ଥାନାଞ୍ଚଳରେ ଶାନ୍ତିଶୃଙ୍ଖଳାରେ ଭସାଣି ଶେଷ

ଫୁଲନଖରା, ୫।୧୦(ସମିସ)





● ଆଞ୍ଚଳିକ ଶାନ୍ତି କମିଟିର ଉଦ୍ୟମକୁ ପ୍ରଶଂସା

● ୩୪ଟି ମେଢ଼ ପାଇଁ ୪ ପ୍ଲାଟୁନ ଫୋର୍ସ ମୁତୟନ

କଟକ ସଦର ଥାନା ଅଞ୍ଚଳରେ ପୂଜା ପାଉଥିବା ୩୪ଟି ଦୁର୍ଗା ଓ ହରପାର୍ବତୀଙ୍କ ଭସାଣି କାର୍ଯ୍ୟକ୍ରମ ଶାନ୍ତିଶୃଙ୍ଖଳାରେ ଶେଷ ହୋଇଛି। ଚଳିତ ବର୍ଷ ସମସ୍ତ ପୂଜା ମଣ୍ଡପ ଗୁଡିକରେ ସୁନ୍ଦର ତୋରଣ ସାଙ୍ଗକୁ ଆଲୋକମାଳାର ସାଜସଜ୍ଜା ବେଶ ଆକର୍ଷଣୀୟ ହୋଇପାରିଥିଲା। ପ୍ରତ୍ୟେକ ପୂଜା ମଣ୍ଡପ ଗୁଡିକରେ ଦର୍ଶକଙ୍କ ଭିଡ ଲାଗି ରହିଥିଲା। ବିଭିନ୍ନ ପୂଜା ମଣ୍ଡପରେ ଦହିପଖାଳ, ପଣା ଓ ଖେଚୁଡି ଆଦି ପ୍ରସାଦ ଶ୍ରଦ୍ଧାଳୁଙ୍କୁ ବିଶେଷ ଭାବରେ ଆକୃଷ୍ଟ କରିଥିଲା। ପ୍ରାୟ ମଣ୍ଡପ ଗୁଡିକରେ ସଂଧ୍ୟା ସମୟରେ ସାଂସ୍କୃତିକ କାର୍ଯ୍ୟକ୍ରମକୁ ଦର୍ଶକମାନେ ଉପଭୋଗ କରିଥିଲେ। ଏହା ସହିତ ନୂଆ କାଚରାମାଳ, ପ୍ରତାପନଗରୀ, ଭାଣପୁର, ଡାହାଳିଆବାଗ, ବାଲିକୁଦା ଓ ଗୋପାଳପୁର ଆଦି ପୂଜା ମଣ୍ଡପ ଗୁଡିକରେ ପୂଜ୍ୟପୂଜା କାର୍ଯ୍ୟକ୍ରମ ମାଧ୍ୟମରେ ପରସ୍ପର ମଧ୍ୟରେ ଭାଇଚାରା ସଦ୍‌ଭାବନାକୁ ମଜବୁତ୍ କରିବାର ପ୍ରୟାସ କରାଯାଇଥିଲା। ବିଶେଷ କରି ବାଲିକୁଦା ପୂଜା ମଣ୍ଡପରେ ଭସାଣି ଦିନ ଆୟୋଜିତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଗୋପାଳପୁର ଠାରୁ ଭାଣପୁର ପର୍ଯ୍ୟନ୍ତ ପ୍ରାୟ ୧୦ଟି ମେଢ଼କୁ ଭୋଗହାଣ୍ଡି ପ୍ରଦାନ ସହିତ ପୂଜା କମିଟିର କର୍ମକର୍ତ୍ତାଙ୍କୁ ପୁଷ୍ପମାଲ୍ୟ ଓ ଉତ୍ତରୀୟ ପ୍ରଦାନ କରି ସମ୍ମାନିତ କରିବା ବେଶ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଥିଲା। ମେଢ଼ ସାଙ୍ଗକୁ ଆକର୍ଷଣୀୟ ଆଲୋକ ଓ ବିଭିନ୍ନ ପାରମ୍ପରିକ ବାଦ୍ୟ, ଘଣ୍ଟୁଆ, ଘୋଡା ଓ କଣ୍ଢେଇ ସାଙ୍ଗକୁ ସଙ୍ଗୀତରେ ତାଳେ ତାଳେ ଯୁବଗୋଷ୍ଠୀ ଦର୍ଶକଙ୍କ ଗହଣରେ ନୃତ୍ୟରେ ସାମିଲ ହୋଇଥିଲେ। ଆଞ୍ଚଳିକ ଶାନ୍ତି କମିଟିର ଦୀର୍ଘଦିନର ପ୍ରଚେଷ୍ଟା ଫଳରେ ମହାନଗର ନିଗମର ୪ଟି ୱାର୍ଡରେ ଭସାଣି କାର୍ଯ୍ୟକ୍ରମକୁ ଜିଲ୍ଲା ପ୍ରଶାସନ ରାତ୍ର ୧୦ଟା ପରିବର୍ତ୍ତେ ରାତ୍ର ୧୧ଟାକୁ ବୃଦ୍ଧି କରିଥିବାରୁ ସମସ୍ତ ପୂଜା କମିଟି ଶାନ୍ତି କମିଟିର କର୍ମକର୍ତ୍ତାଙ୍କ ଉଦ୍ୟମକୁ ଭୂୟସୀ ପ୍ରଶଂସା କରିଥିଲେ। ସଦର ଥାନାଞ୍ଚଳର ମହାନଗର ନିଗମର ୪ଟି ୱାର୍ଡରେ ୨୪ଟି ମେଢ଼ ସହିତ ସମୁଦାୟ ୩୪ଟି ମେଢ଼ର ଭସାଣି କାର୍ଯ୍ୟକ୍ରମକୁ ଶୃଙ୍ଖଳିତ କରିବା ପାଇଁ କଟକ ସଦର ଥାନା ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଥିଲା। ପ୍ରଶାସନ ପକ୍ଷରୁ ୪ପ୍ଲାଟୁନ୍ ଫୋର୍ସ ମୁତୟନ ସହିତ ଏଡିସିପି କ୍ଷୀର ସାଗର ନାୟକଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱବଧାନରେ ଜୋନ୍-୪ ଏସିପି ଶଶିକାନ୍ତ ରାଉତ, ୪୨ମୌଜା ଥାନା ଆଇଆଇସି ଓମ୍ ପ୍ରକାଶ ମହାନ୍ତି, ବାରଙ୍ଗ ଥାନା ଆଇଆଇସି ଦେବେନ୍ଦ୍ର ବିଶ୍ୱାଳ, ସଦର ଥାନା ଆଇଆଇସି ତୁଷାରକାନ୍ତ ସେଠୀ ଓ ଆଡିସନାଲ ଆଇଆଇସି ରାମହରି ସେଠୀ ପ୍ରମୁଖ ମେଢ଼ଗୁଡିକର ରୋଶଣିରୁ ଆରମ୍ଭ କରି ବିସର୍ଜନ ପର୍ଯ୍ୟନ୍ତ ସହଯୋଗ କରିଥିଲେ।

# ସୁଧୁରୁନି କଟକ ବାୟୁ ପ୍ରଦୂଷଣ ସ୍ଥିତି

**କଟକ, ୫।୧୦(ସମିସ)**

କଟକ ସହରରେ ବାୟୁ ପ୍ରଦୂଷଣ ବେଶ ଚିନ୍ତାଜନକ ହେଲାଣି। ବିଶେଷ କରି ମହାନଗର ନିଗମ ଅଞ୍ଚଳରେ ଏହି ସ୍ଥିତିରେ ସୁଧାର ଆଣିବାପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ ହେଉଥିଲେ ମଧ୍ୟ ଏଥିରୁ କିଛି ସୁଫଳ ମିଳୁନାହିଁ। ଏପରିକି ଏହାକୁ ନିୟନ୍ତ୍ରଣ କରିବା ପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ କଟକ ମହାନଗର ନିଗମକୁ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଚିଠି ଲେଖି ଅନୁରୋଧ କରୁଥିଲେ ବି ତତ୍କାଳ କିଛି ପଦକ୍ଷେପ ନିଆଯାଇପାରୁନି।

ମିଳିଥିବା ସୂଚନାନୁସାରେ, ଏୟାର କ୍ୱାଲିଟି ଇଣ୍ଡେକ୍ସ ଚଳିତ ବର୍ଷ ୭୫ ଦିନ ପାଇଁ ଭଲ, ୧୦୪ ଦିନ ପାଇଁ ସନ୍ତୋଷଜନକ, ୭୦ ଦିନ ପାଇଁ ମଧ୍ୟମ, ୧୨ଦିନ ପାଇଁ ଖରାପ ଏବଂ କେବଳ ଗୋଟିଏ ଦିନ ପାଇଁ ଅତ୍ୟନ୍ତ ଖରାପ ଥିବା ପ୍ରଦୂଷଣ ନିୟନ୍ତ୍ରଣ

## ୬ ବର୍ଷରେ ସିଏମ୍‌ସିକୁ ଦିଆଗଲାଣି ୨୪. ୭୬ କୋଟି ଅନୁଦାନ

ବୋର୍ଡ ସୂତ୍ରରୁ ଜଣାପଡ଼ିଛି। କଠିନ ବର୍ଜ୍ୟବସ୍ତୁ ପାଇଁ ସହରରେ ବାୟୁ ପ୍ରଦୂଷଣ ବଢୁଥିବା କୁହାଯାଇଛି। ଭାରତ ସରକାର ଜାତୀୟ ସ୍ୱଚ୍ଛ ବାୟୁ କାର୍ଯ୍ୟକ୍ରମ (ଏନସିଏପି) ଅଧୀନରେ ୧୩୦ଟି ସହରକୁ ନେଇଥିବା ବେଳେ ଓଡ଼ିଶାରୁ, ଭୁବନେଶ୍ୱର, କଟକ, ରାଉରକେଲା, ଅନୁଗୁଳ, ତାଳଚେର, କଳିଙ୍ଗନାଗର, ଏବଂ ବାଲେଶ୍ୱର ଅନ୍ତର୍ଭୁକ୍ତ କରିଛନ୍ତି। ୨୦୧୯ ର ବେସ୍ ଲାଇନ୍ ସ୍ତର ତୁଳନାରେ ୨୦୨୬ ସୁଦ୍ଧା ପି ଏମ-୧୦ ପରିମାଣକୁ ହ୍ରାସ କରିବା ଏହି ଯୋଜନାର ଉଦ୍ଦେଶ୍ୟ। କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ (ସିପିସିବି) ଦ୍ୱାରା ଏଥିପାଇଁ ସହର ସ୍ତରୀୟ କାର୍ଯ୍ୟ ଯୋଜନା ପ୍ରସ୍ତୁତ ଏବଂ ଅନୁମୋଦନ କରାଯାଇଛି। ଏହି ଆକ୍ସନ୍ ପଏଣ୍ଟଗୁଡିକର କାର୍ଯ୍ୟାନ୍ୱୟନ ସମ୍ପୃକ୍ତ ପୌର ସଂସ୍ଥା ଦ୍ୱାରା ପରିଚାଳିତ ହେଉଛି।

କଟକ ସହରର ବାୟୁ ଗୁଣବତ୍ତାର ଉନ୍ନତି ପାଇଁ ୨୦୧୯ରୁ ୨୦୨୫ମଧ୍ୟରେ ସିଏମସିକୁ ପର୍ଯ୍ୟାୟକ୍ରମେ ୨୪ କୋଟି ୭୬ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି। ଏହି ପାଣ୍ଠି ସହିତ ସିଏମସି ଏକ ରୋଡ୍ ସୁଇପିଂ ମେସିନ୍ କିଣିବା ସହ ବିଭିନ୍ନ କାର୍ଯ୍ୟକଳାପ କରୁଛି। ତେବେ ଏହାର ସଠିକ ରୂପାୟନ ନେଇ ସାଧାରଣ ରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସହରରେ ବିପର୍ଯ୍ୟସ୍ତ ପରିମଳ ସୁଧାରିବା ପାଇଁ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଦେଉଥିବା ନୋଟିସ ଆଧାରରେ ସିଏମସି ନେଉଥିବା ପଦକ୍ଷେପ ସମ୍ପର୍କରେ ମଧ୍ୟ ନିକଟରେ ହାଇକୋର୍ଟ ରିପୋର୍ଟ ମଧ୍ୟ ତଲବ କରିଛନ୍ତି।

# ଓଡ଼ିଶା ଟେନିସ ଭଲିବଲ ସଂଘର କର୍ମକର୍ତ୍ତା ଚୟନ




**କଟକ, ୫।୧୦(ସମିସ):** ଓଡ଼ିଶା ଟେନିସ ଭଲିବଲ ସଂଘର ଦଶମ ବାର୍ଷିକ ସାଧାରଣ ସଭା ଓ କର୍ମକର୍ତ୍ତା ଚୟନ ମହାନଦୀବିହାରସ୍ଥିତ ରିଦ୍ଧିସିଦ୍ଧି ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ସଭାରେ କୈଳାଶ ଚନ୍ଦ୍ର ବାରିକ ସଭା ପରିଚାଳନା କରିଥିବା ବେଳେ ଶଶିକାନ୍ତ ନାୟକ ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ସଭାରେ ୧୮ଟି ଜିଲ୍ଲାର କର୍ମକର୍ତ୍ତା ଅଂଶଗ୍ରହଣ କରି ଅନୁଷ୍ଠାନକୁ ଆଗକୁ ନେବା ସହ ଖେଳର ଉନ୍ନତି ଦିଗରେ ନିଜ ନିଜର ମତାମତ ଦେବାପରେ କର୍ମକର୍ତ୍ତା ଚୟନ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ଚୟନ ପରିଚାଳନା ଅଧିକାରୀ ଭାବରେ ଓଡ଼ିଶା ହାଇକୋର୍ଟର ଆଇନଜୀବୀ ରଞ୍ଜିତ କୁମାର ମହାନ୍ତି ଯୋଗଦେଇ ଆଗାମୀ ଚାରି ବର୍ଷ ପାଇଁ ଓଡ଼ିଶା ଟେନିସ ଭଲିବଲର ୧୫ ଜଣ ସଭ୍ୟଙ୍କୁ ଚୟନ କରିଥିଲେ। ଅଧ୍ୟକ୍ଷ

## ସଞ୍ଜୀୟ ଜେନା ସଭାପତି, ଅର୍ଣ୍ଣବ ସିହ୍ନା ସମ୍ପାଦକ

ଭାବେ ରାୟଗୁରୁ ଚିତ୍ତରଞ୍ଜନ ମହାପାତ୍ର, ସଭାପତି ସଞ୍ଜୀୟ କୁମାର ଜେନା, କାର୍ଯ୍ୟକାରୀ ସଭାପତି ରବି ଦାସ, ଉପସଭାପତି କୈଳାଶ ଚନ୍ଦ୍ର ବାରିକ ଓ ରାଧା ମୋହନ ନାୟକ, ସମ୍ପାଦକ ଭାବେ ଅର୍ଣ୍ଣବ କୁମାର ସିହ୍ନା, ଯୁଗ୍ମ ସମ୍ପାଦକ ଭାବେ ସୁଶାନ୍ତ କୁମାର ପରିଡ଼ା, ନିହାରିକା ପଣ୍ଡା ଓ ସମୀର କୁମାର ଖୁଣ୍ଟିଆ, କୋଷାଧ୍ୟକ୍ଷ ଶଶୀକାନ୍ତ ନାୟକ, ପରିଚାଳନା ସମିତିର ଅଧ୍ୟକ୍ଷ ସଞ୍ଜୀବ ସାହୁ, ବୈଷୟିକ ଅଧ୍ୟକ୍ଷ ଅଜୟ କୁମାର ସାହୁ, ରେଫରୀ ବୋର୍ଡ଼ ଅଧ୍ୟକ୍ଷ ସ୍ମୃତି ରଞ୍ଜନ ମହାପାତ୍ର ପ୍ରମୁଖ ଚୟନ ହୋଇଥିବା ବେଳେ କାର୍ଯ୍ୟନିର୍ବାହୀ ସଭ୍ୟ ଭାବେ ସୂର୍ଯ୍ୟକାନ୍ତ ସ୍ୱାଇଁ, ସୌର ମୋହନ ସାମଲ, ମହାଶ?ବେତା ସାହୁ, ବିଭୁ ପ୍ରସାଦ ରଥ, ଜ୍ଞାନ ରଞ୍ଜନ ସ୍ୱାଇଁ, ସାଫଲ୍ୟ ନାୟକ, ଏ. ଧନେଶ୍?ର ରାଓ ପ୍ରମୁଖ ଚୟନ ହୋଇଥିବା ବେଳେ ସଭ୍ୟ ସୌର ମୋହନ ସାମଲ ନୂତନ କର୍ମକର୍ତ୍ତାଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇବା ପରେ ଧନ୍ୟବାଦ ଅର୍ପଣ କରିଥିଲେ।

## ଦଶହରା ଗଣ୍ଡଗୋଳ ଘଟଣା

# ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ୮୪ ମଣ୍ଡଳୀର ଦାବି

**କନ୍ଦରପୁର, ୫।୧୦(ସମିସ):** ଭାଇଚାରାର ସହର କଟକ ସହରର ଦଶହରାରେ କିଛି ମୁଷ୍ଟିମେୟ ଅସାମାଜିକ ବ୍ୟକ୍ତି ବିଶେଷଙ୍କ ଦ୍ୱାରା ସୃଷ୍ଟି ହୋଇଥିବା ଗଣ୍ଡଗୋଳକୁ ସାମ୍ପ୍ରଦାୟିକ ରୂପ ଦେବାକୁ ଉଦ୍ୟମ କରୁଥିବା ଦଙ୍ଗାକାରୀଙ୍କ ପ୍ରତି ସତର୍କ ରହିବାକୁ କଟକ ସହରର ସମସ୍ତ ପୂଜା କମିଟିର କର୍ମକର୍ତ୍ତା ଜନସାଧାରଣ ତଥା ପ୍ରଶାସନିକ ଅଧିକାରୀଙ୍କୁ ୮୪ ମଣ୍ଡଳୀ ମେହେନ୍ତର ସମିତି ପକ୍ଷରୁ ବିନମ୍ର ନିବେଦନ କରାଯିବା ସହିତ ଜାତି, ଧର୍ମ ଦଳ ନିର୍ବିଶେଷରେ ଯିଏ ଦୋଷୀ, ସେମାନଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରାଯାଇଛି। ଉକ୍ତ ଘଟଣାରେ ଆହତ ହୋଇଥିବା ସମସ୍ତ ନିରୀହ ବ୍ୟକ୍ତି ବିଶେଷଙ୍କ ସମେତ କଟକ ଡିସିପିଙ୍କ ଆଶୁ ଆରୋଗ୍ୟ କାମନା କରାଯିବା ସହିତ ଭାଇଚାରାର ସହର କଟକ ସହରରେ ଶାନ୍ତିଶୃଙ୍ଖଳା ବଜାୟ ରଖିବାକୁ ୮୪ ମଣ୍ଡଳୀ ମେହେନ୍ତର ସମିତି ପକ୍ଷରୁ ଏକ ପ୍ରେସ ଇସ୍ତାହାରରେ ସଭାପତି ରାମଚନ୍ଦ୍ର ଗୋଚ୍ଛାୟତ ଓ ସମ୍ପାଦକ ଅନୀଲ ନାୟକ ନିବେଦନ କରିଛନ୍ତି। ପ୍ରକାଶଥାଉ କି, ୮୪ ମଣ୍ଡଳୀ ଅନ୍ତର୍ଗତ ଝାଞ୍ଜିରିମଙ୍ଗଳା ଭାଗବତ ପୂଜା କମିଟିର ସମ୍ପାଦକ ପିଣ୍ଟୁ ମାହାରଙ୍କ ସମେତ ଅନ୍ୟାନ୍ୟ ଆହାତଙ୍କୁ ୮୪ ମଣ୍ଡଳୀ କର୍ମକର୍ତ୍ତାମାନେ ସାକ୍ଷାତ କରି ଆଶୁ ଆରୋଗ୍ୟ କାମନା କରିଥିଲେ।

## କଟକରେ କର୍ଫ୍ୟୁ

# ଏସ୍‌ସିବିରେ ପ୍ରସ୍ତୁତି ବଢ଼ିଲା

**କଟକ, ୫।୧୦(ସମିସ):** କଟକରେ ଉପୁଜିଥିବା ବିଶୃଙ୍ଖଳା ଏବଂ କର୍ଫ୍ୟୁ ପରିସ୍ଥିତିକୁ ଦୃଷ୍ଟିରେ ରଖି ଏସ୍‌ସିବି ମେଡିକାଲରେ ପ୍ରସ୍ତୁତି ବଢ଼ାଇ ଦିଆଯାଇଛି। ଆହତମାନଙ୍କୁ ତୁରନ୍ତ ଚିକିତ୍ସା କିପରି ଯୋଗାଇ ଦିଆଯିବ ସେ ନେଇ ସ୍ୱତନ୍ତ୍ର ଭାବେ ପଦକ୍ଷେପ ନେଇଛନ୍ତି ଏସ୍‌ସିବି କର୍ତ୍ତୃପକ୍ଷ। ଏସ୍‌ସିବି ଟ୍ରମା କାଜୁଆଲିଟିରେ ୧୦



ସାଧାରଣ ଶଯ୍ୟା ସଂରକ୍ଷିତ ରଖାଯାଇଛି। ଗୁରୁତରମାନଙ୍କ ପାଇଁ ୭ଟି ଆଇସିୟୁ ମହଜୁଦ ରହିବ। ସେଣ୍ଟ୍ରାଲ ଆଇସିୟୁରେ ୫ଟି ଏବଂ ଟ୍ରମା ଆଇସିୟୁରେ ୨ଟି ଶଯ୍ୟା ଖାଲି କରାଯାଇଥିବା ମେଡିକାଲ ପକ୍ଷରୁ ସୂଚନା ମିଳିଛି। ସେହିପରି କଟକ ସିଟି ହସ୍ପିଟାଲକୁ ବଡ ମେଡିକାଲର ୨୦ଜଣିଆ ଡାକ୍ତରୀ ଦଳ ଯାଇଛନ୍ତି। ସିଟି ହସ୍ପିଟାଲ ନିକଟସ୍ଥ ଦରଘାବଜାର ଅଞ୍ଚଳରେ ହିଁ ଦୁଇ ଗୋଷ୍ଠୀଙ୍କ ଭିତରେ ଗଣ୍ଡଗୋଳ ଉପୁଜିଛି। ଦରଘାବଜାର ନିକଟରେ ଥିବା ସିଟି ହସ୍ପିଟାଲରେ ଆହତଙ୍କ ଚିକିତ୍ସା ବ୍ୟବସ୍ଥା ନିମନ୍ତେ ଏସ୍‌ସିବି କର୍ତ୍ତୃପକ୍ଷ ଏହି ପଦକ୍ଷେପ ନେଇଛନ୍ତି। ଅନ୍ୟପକ୍ଷରେ ଭସାଣି ଶୋଭାଯାତ୍ରାରେ ଆହତ ହୋଇ ଟ୍ରମା ଆଇସିୟୁରେ ଚିକିତ୍ସିତ ହେଉଥିବା ଯୁବକଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ଥିବା ମେଡିକାଲ ପକ୍ଷରୁ ସୂଚନା ଦିଆଯାଇଛି।

# ଶାନ୍ତି ବଜାୟ ରଖିବାକୁ ସିପିଆଇର ଆହ୍ୱାନ

**କଟକ, ୫।୧୦(ସମିସ):** ଭସାଣି ଦିନ ମଧ୍ୟରାତ୍ରରେ ପୂଜା ମେଢ଼ ଉଠୁଥିଲା ବେଳେ ଯେଉଁ ଦୁର୍ଭାଗ୍ୟଜନକ ଗଣ୍ଡଗୋଳ ହେଲା, ସେଥିରେ ସମ୍ପୃକ୍ତ ସମସ୍ତ ଗଣ୍ଡଗୋଳକାରୀଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସିପିଆଇ ପକ୍ଷରୁ ଦାବି କରାଯାଇଛି। ପୁଲିସ ପ୍ରଶାସନ ଗଣ୍ଡଗୋଳକାରୀ ୬ ଜଣଙ୍କୁ ଗିରଫ କରିବା ସହ କିଛି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ତେବେ ଏହି ଗଣ୍ଡଗୋଳରୁ ଫାଇଦା ଉଠାଇ କଟକ ସହରର ଭାଇଚାରା ଓ ଶାନ୍ତିକୁ ବିପନ୍ନ କରିବା ପାଇଁ କିଛି ନ୍ୟସ୍ତସ୍ୱାର୍ଥ ବ୍ୟକ୍ତି ଉଦ୍ୟମ କରୁଛନ୍ତି। ଆଜି ବିଭିନ୍ନ ସ୍ଥାନରେ ଲୋକଙ୍କ ଉପରେ ବିଚ୍ଛିନ୍ନ ଭାବେ ଆକ୍ରମଣ ଓ ସେମାନଙ୍କ ଦୋକାନ ବନ୍ଦ କରିଦିଆଯାଇଛି। ଏହାକୁ ଆଖିରେ ରଖି ସମଗ୍ର କଟକ ସହରରେ ପୂର୍ବର ସିଆରପିସିର୧୪୪ ଧାରା କିଛି ଦିନ ପାଇଁ ଜାରି କରାଯାଉ। ଗୁଜବ ଓ ମିଥ୍ୟା ପ୍ରଚାରକାରୀଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ସିପିଆଇ ଦାବି କରିଛି। ଗଣ୍ଡଗୋଳରେ ଆହତଙ୍କ ପ୍ରତି ସମବେଦନା ଜଣାଇବା ସହ ଆହତଙ୍କୁ ମାଗଣାରେ ଉତ୍ତମ ଚିକିତ୍ସାର ସୁବନ୍ଦୋବସ୍ତ କରାଯାଉ ଓ ଆର୍ଥିକ ସାହାଯ୍ୟ ପ୍ରଶାସନ ପକ୍ଷରୁ ଯୋଗାଇ ଦିଆଯାଉ। କଟକ ସହରବାସୀଙ୍କୁ କଟକର ଭାଇଚାରା ଓ ଶାନ୍ତି ବଜାୟ ରଖିବାକୁ ସିପିଆଇ ପକ୍ଷରୁ ଜିଲ୍ଲା ସମ୍ପାଦକ ବିନୋଦ ବେହେରା, ନଗର ସମ୍ପାଦକ ପ୍ରସନ୍ନ ମହାପାତ୍ର, ରାଜ୍ୟ ନେତା ତଥା କଟକ ଶାନ୍ତି କମିଟିର ସଦସ୍ୟ ଅମରେନ୍ଦୁ ମହାନ୍ତି ନିବେଦନ କରିଛନ୍ତି। ଏହି ଘଟଣାକୁ ରାଜନୀତିକରଣ କରା ନ ଯାଇ ସବୁ ସମ୍ପ୍ରଦାୟ ମଧ୍ୟରେ ଶାନ୍ତି ସୌହାର୍ଦ୍ଦ୍ୟ ବଜାୟ ରଖିବାକୁ ସିପିଆଇ ସହରବାସୀଙ୍କୁ ନିବେଦନ କରିଛି।

# ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ଗଠନ ହେଲା କଟକ ଶାନ୍ତି ସଦ୍‌ଭାବନା ସମିତି

**କଟକ, ୫।୧୦(ସମିସ):** କଟକ ହଜାର ବର୍ଷର ଐତିହାସିକ ସହର। କଟକର ଭାଇଚାରା ସମଗ୍ର ଦେଶ ପାଇଁ ଏକ ଉଦାହରଣ ହୋଇ ଛିଡା ହୋଇଛି। ଏହାର ଇତିହାସରେ ଦଙ୍ଗାର ସ୍ଥାନ ନାହିଁ। ଦୁର୍ଗା ପୂଜା ଭସାଣି ସମୟରେ ହୋଇଥିବା ଏକ ଦୁର୍ଘଟଣା ପାଇଁ କଟକ ନିନ୍ଦିତ ହୋଇଛି। ଏହାକୁ ଆଉ ଆଗକୁ ନ ବଢ଼ାଇ ଏଠାରେ ପୂର୍ବଭଳି ଶାନ୍ତି ସୌହାର୍ଦ୍ଦର ବାତାବରଣ ଫେରାଇ ଆଣିବାକୁ କଟକର ବିଭିନ୍ନ ବୁଦ୍ଧିଜୀବୀ, ସାମାଜିକ ସଂଗଠନ, ରାଜନୈତିକ କର୍ମୀ ଗାନ୍ଧୀ ଭବନଠାରେ ଏକ ସଭା କରି ଆହ୍ୱାନ ଜଣାଇଛନ୍ତି। ଗାନ୍ଧୀ ଶାନ୍ତି ପ୍ରତିଷ୍ଠାନର ରାଜ୍ୟ ସଭାପତି ମନୋରଞ୍ଜନ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଉପସ୍ଥିତ ଜନସାଧାରଣ କଟକରେ ସ୍ଥାୟୀ ଶାନ୍ତି ସ୍ଥାପନ ଲକ୍ଷ୍ୟରେ 'କଟକ ଶାନ୍ତି ସଦଭାବନା ସମିତି' ଗଠନ କରିଛନ୍ତି। ଏହି ସଭାରେ କଟକ ସହରର ସାହି ମୁରବୀ, ପୂଜା କମିଟିର ମୁଖ୍ୟ, ମୋହଲ୍ଲା କମିଟି ତଥା ଶାନ୍ତି କମିଟିଙ୍କୁ ଶାନ୍ତି ସ୍ଥାପନ ନିମନ୍ତେ କାର୍ଯ୍ୟ କରିବା ତଥା ବିଭିନ୍ନ ଗୁଜବର ସତ୍ୟାସତ୍ୟ ଲୋକଙ୍କୁ ଜଣାଇବାକୁ ନିବେଦନ କରାଯାଇଛି। ଜିଲ୍ଲା ଓ ପୁଲିସ ପ୍ରଶାସନ ନିୟମିତ ସମୟ ଅନ୍ତରରେ ବ୍ୟାପୁଥିବା ବିଭିନ୍ନ ଗୁଜବକୁ ଖଣ୍ଡନ କରିବା ସହ ସତ୍ୟାସତ୍ୟ ଖବର ବାବଦରେ ସାମାଜିକ ଓ ଅନ୍ୟ ଗଣମାଧ୍ୟମ ମାଧ୍ୟମରେ ଜଣାଇବା ଆବଶ୍ୟକ ବୋଲି କୁହାଯାଇଛି। ଏଥି ସହିତ ସାମାଜିକ ଗଣମାଧ୍ୟମରେ ବିଭିନ୍ନ ମିଥ୍ୟା ଓ ବିଦ୍ୱେଷମୂଳକ ପ୍ରଚାର କରୁଥିବା ବ୍ୟକ୍ତିବିଶେଷଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ଦାବି ହୋଇଛି। ବିଗତ ଦିନରେ ଘଟିଯାଇଥିବା ଘଟଣା ସମ୍ବନ୍ଧରେ ନିରପେକ୍ଷ ତଦନ୍ତ କରିବା ନିମନ୍ତେ କ୍ୟାଟର ଜାତୀୟ ଉପସଭାପତି ନ୍ୟାୟମୂର୍ତ୍ତି ମନୋରଞ୍ଜନ ମହାନ୍ତିଙ୍କ ନେତୃତ୍ୱରେ ଏକ କମିଟି ସହରର ବିଭିନ୍ନ ଅଞ୍ଚଳ ଗସ୍ତ କରିବା ପାଇଁ ସ୍ଥିର ହୋଇଛି। କଟକ ବନ୍ଦ ପାଇଁ ଡାକରା ଦେଇଥିବା ସଂଗଠନ ଏଥିରୁ ଓହରିଯିବା ପାଇଁ ମଧ୍ୟ ନିବେଦନ କରାଯିବା ସହ ଯେଉଁମାନେ ସହରରେ ଦଙ୍ଗା ଭଳି ପରିସ୍ଥିତି ସୃଷ୍ଟି କରିବାକୁ ଚେଷ୍ଟା କରିବେ, ସୁପ୍ରିମକୋର୍ଟ ନିର୍ଦ୍ଦେଶ ଅନୁସାରେ ଯଦି ସହରରେ କୌଣସି କ୍ଷୟକ୍ଷତି ହୁଏ, ତେବେ ସେମାନଙ୍କ ଠାରୁ ଆଦାୟ କରାଯିବ ବୋଲି ପ୍ରଶାସନ ଘୋଷଣା କରୁ ବୋଲି ଦାବି ହୋଇଛି। କଟକ ହିଂସା ବାବଦରେ ଜିଲ୍ଲା ପ୍ରଶାସନ ତଥା ମୁଖ୍ୟମନ୍ତ୍ରୀ ବିବୃତି ପ୍ରଦାନ କରିବାକୁ କଟକ ଶାନ୍ତି ସଦଭାବନା ସମିତି ପକ୍ଷରୁ ଶୈଳ ବେହେରା, ଚିତ୍ତ ରଞ୍ଜନ ମହାନ୍ତି, ଆଇନଜୀବୀ କ୍ଷୀରୋଦ ରାଉତ, କିଶୋର ଜେନା, ବିଜୟ ପଡ଼ିଆରୀ, ଡା. ନିବେଦିତା ଦାସ, ବିଶ୍ୱଜିତ ପାଣି, ବିଶ୍ୱାବସୁ ଦାସ, ଭିକାରୀ ଦାସ, ରବି ନାରାୟଣ ମଲ୍ଲିକ, ସୁଶାନ୍ତ ମହାପାତ୍ର, ଜୟନ୍ତ ଦାସ, ରୋହନ ମହାନ୍ତି, ଲକ୍ଷ୍ମୀ ପ୍ରକାଶ ମହାପାତ୍ର, ହରିହର ସେନ, ଆଇନଜୀବୀ ଜଗନ୍ନାଥ ମହାନ୍ତି, ଦ୍ୱୀପାୟନ ପଟ୍ଟନାୟକ, କାଶୀନାଥ ସ୍ୱାଇଁ, ପ୍ରସନ୍ନ ମହାପାତ୍ର, ବିଶ୍ୱଜିତ ସୂର୍ଯ୍ୟବଂଶୀ, ବିନୋଦ ବେହେରା, ଅନିମା ରାୟ, ଶିଶିର ଦାସ, ଅଭୟ ଦାସ ପ୍ରମୁଖ ଦାବି କରିଛନ୍ତି। ଏହି ସଭାକୁ ଡାକ୍ତର ବିଶ୍ୱଜିତ ସଞ୍ଚାଳନ କରିଥିଲେ।

# ମହାପୁରୁଷ ଅଚ୍ୟୁତାନନ୍ଦ ସେବା ପରିଷଦର ବୈଠକ



**ନିଶ୍ଚିନ୍ତକୋଇଲି, ୫।୧୦(ସମିସ):** ନିଶ୍ଚିନ୍ତକୋଇଲି ବ୍ଲକ ଅଧୀନ ନଗସପୁର ପଞ୍ଚାୟତ ଜୟନ୍ତୀ ବିଦ୍ୟାପୀଠ ପରିସରରେ ରବିବାର ମହାପୁରୁଷ ଅଚ୍ୟୁତାନନ୍ଦ ସେବା ପରିଷଦର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଛି। ପ୍ରାକ୍ତନ ବ୍ଲକ ଶିକ୍ଷାଧିକାରୀ ତଥା ପରିଷଦର ସମ୍ପାଦକ ଅନନ୍ତ କିଶୋର ଭୂୟାଁଙ୍କ ସଭାପତିତ୍ୱରେ ଏଥିରେ ମୁଖ୍ୟଅତିଥି ଭାବେ ପ୍ରବାଚିକା ଡ. ଜ୍ୟୋତ୍ସ୍ନାରାଣୀ ନାୟକ, ସମ୍ମାନୀତ ଅତିଥିଭାବେ ପରିଷଦର ସଭାପତି ସୁଧାକର ସ୍ୱାଇଁ, ସମାଜସେବୀ ନାରାୟଣ ଦ୍ୱିବେଦୀ, ଆଇନଜୀବୀ ଅମରେନ୍ଦ୍ର ନାରାୟଣ ଦାସ, ପ୍ରାକ୍ତନ ମୁଖ୍ୟଯନ୍ତ୍ରୀ ବାଦଲ ସାହୁ, ଇଂ ନରେନ୍ଦ୍ରନାଥ ଜେନା ଯୋଗଦେଇ ସେବା ପରିଷଦର ଲକ୍ଷ୍ୟ ଓ ଆଭିମୁଖ୍ୟ ସଂକ୍ରାନ୍ତରେ ବିଶଦ୍ ଆଲୋଚନା କରିଥିଲେ। ପ୍ରାରମ୍ଭରେ ପରିଷଦର କୋଷାଧ୍ୟକ୍ଷ ଇଂ ଆଲୋକ ଭୂୟାଁ ପ୍ରାରମ୍ଭିକ ସୂଚନା ଓ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ପ୍ରାକ୍ତନ ବ୍ଲକ ଶିକ୍ଷାଅଧିକାରୀ ଲକ୍ଷ୍ମଣ କୁମାର ଲେଙ୍କା, ଶିକ୍ଷାବିତ୍ ସୁଧୀର ଚନ୍ଦ୍ର ଷଡଙ୍ଗୀ, ଚନ୍ଦ୍ରଶେଖର ରାଉତ, ବସନ୍ତ ସ୍ୱାଇଁ, ଶିବ ପ୍ରସାଦ ସ୍ୱାଇଁ, ରବେୟା ସରୱାର, ଅଭୟ ଜେନା, ସୁବାସ ସେଠୀ ପ୍ରମୁଖ ନିଜ ନିଜ ବକ୍ତବ୍ୟ ମାଧ୍ୟମରେ ପରିଷଦର ବହୁବିଧ ଉନ୍ନତି କାମନା କରିବା ସହ ସହଯୋଗ ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଅଶ୍ୱିନୀ କୁମାର ଷଡ଼ଙ୍ଗୀ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ପରିଷଦ ପକ୍ଷରୁ ବିଲିପାଳଦା ଗ୍ରାମର ନରହରି ସେଠୀ ଓ ଶୁକ ମଳିକଙ୍କୁ ବସ୍ତ୍ର ଓ ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା।

# ପାଠାଗାରରେ ନିଶୁଳ୍କ କୋଚିଂ ସେଣ୍ଟର



**ଟାଙ୍ଗୀ, ୫।୧୦(ସମିସ):** ଟାଙ୍ଗୀ ଚୌଦ୍ୱାର ବ୍ଲକ ମୁଖ୍ୟାଳୟ ଟାଙ୍ଗୀ ବିଦ୍ୟାପୀଠ ପୁରାତନ ଛାତ୍ର ସଂଘ ପାଠାଗାର ପରିସରରେ ଗାନ୍ଧୀ ଜୟନ୍ତୀ ଅବସରରେ ଆରଏସବି କମ୍ପାନୀ ଆନୁକୂଲ୍ୟରେ ମାଗଣା କୋଚିଂ ସେଣ୍ଟରରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସମାଜସେବୀ ରମେଶ ଚନ୍ଦ୍ର ଷଡ଼ଙ୍ଗୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥିଭାବେ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଯୁବ ସମାଜସେବୀ ଗଙ୍ଗାଧର ବେହେରା ଓ ଟାଙ୍ଗୀ ବିଦ୍ୟାପୀଠର ପ୍ରଧାନଶିକ୍ଷକ ମହେନ୍ଦ୍ର ଘଡେଇ ପ୍ରମୁଖ ଯୋଗଦେଇ ଗରିବ ଛାତ୍ରଛାତ୍ରୀଙ୍କ ପାଇଁ ଏଭଳି କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ। ଅଶୋକ ପୃଷ୍ଟି ପରିଚାଳନା କରିଥିବାବେଳେ ଅବସରପ୍ରାପ୍ତ ପୁଲିସ ଅଧିକାରୀ ବିଜୟ ସାହୁ ଧନ୍ୟବାଦ ଦେଇଥିଲେ। ପୁରାତନ ଛାତ୍ର ଅଜୟ ପୃଷ୍ଟି, କୃଷ୍ଣଚନ୍ଦ୍ର ସାହୁ, ଅନନ୍ତ ନାୟକ, ସୌମେନ୍ଦ୍ର ଷଡ଼ଙ୍ଗୀ, ମନୋଜ ରାଉତରାୟ, ଲକ୍ଷ୍ମୀନାରାୟଣ ଦାସ, ରବୀନ୍ଦ୍ର ଭୋଇ, ଶତ୍ରୁଘ୍ନ ସାହୁ, ଅକ୍ଷୟ ସାହୁ ଓ ଜୟଶ୍ରୀ ନାୟକଙ୍କ ସମେତ ଶିକ୍ଷା ନେଉଥିବା ଛାତ୍ରଛାତ୍ରୀ ଯୋଗଦେଇଥିଲେ।

# ନିଶ୍ଚିନ୍ତକୋଇଲି-ନରେନ୍ଦ୍ରପୁର ରାସ୍ତା ଶୋଚନୀୟ

**ନିଶ୍ଚିନ୍ତକୋଇଲି, ୫।୧୦(ସମିସ)**

ନିଶ୍ଚିନ୍ତକୋଇଲି ଥାନା ଛକରୁ ବାହାରି ନରେନ୍ଦ୍ରପୁର ପର୍ଯ୍ୟନ୍ତ ଯାଇଥିବା ପୂର୍ତ୍ତ ବିଭାଗ ରାସ୍ତା ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇପଡ଼ିଛି। ସାଲେପୁର ପୂର୍ତ୍ତ ବିଭାଗ ଅଧୀନରେ ଥିବା ଉକ୍ତ ରାସ୍ତାଟି ସଠିକ୍ ଭାବେ ମରାମତି ନ ହେବାରୁ ଲାଗିରହିଥିବା ଝିପି ଝିପି ବର୍ଷାରେ ରାସ୍ତା ଅବସ୍ଥା ଅତ୍ୟନ୍ତ କଦର୍ଯ୍ୟ ହୋଇଯାଇଛି। ରାସ୍ତା ମରାମତି ପାଇଁ ଅନୁଦାନ ରହିଥିଲେ ମଧ୍ୟ ସରକାର ବଦଳିଯିବା ଓ ବିଭାଗୀୟ ଅବହେଳା ପାଇଁ ଏହା କାର୍ଯ୍ୟକାରୀ ହେଉ ନ ଥିବା ଅଭିଯୋଗ ହୋଇଛି। ୧୮ କିମି ଦୈର୍ଘ୍ୟ ବିଶିଷ୍ଟ ଉକ୍ତ ରାସ୍ତାଟିର ଅନେକ ସ୍ଥାନରେ ଛୋଟବଡ ଖାଲ ଖମା ସୃଷ୍ଟି ହୋଇଥିବା ବେଳେ ମନାନଗଡ଼ା ଠାରୁ ଗୋପୀନାଥପୁର ରାଧାବଜାର ପର୍ଯ୍ୟନ୍ତ ଏବଂ ସେକ୍ସନ ବଜାରରୁ ନରେନ୍ଦ୍ରପୁର ବଜାର ପର୍ଯ୍ୟନ୍ତ ରାସ୍ତା ଅବସ୍ଥା ଖରାପ ହୋଇଯାଇଛି। ଏହି ସ୍ଥାନ ଗୁଡିକରେ ବଡ ବଡ ଖାଲଖମା ହୋଇଥିବାରୁ ଟିକିଏ ବର୍ଷା ହେଲେ ସେଥିରେ ବର୍ଷା ଜଳ ଭର୍ତ୍ତି ହୋଇ ରହୁଥିବାରୁ ଯାତାୟାତରେ ବାଟୋଇମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପ୍ରତ୍ୟେକ ଦିନ ବହୁ ବାଇକ ଆରୋହୀମାନେ ଏହି ଖାଲଖମାରେ ପଡ଼ି ଦୁର୍ଘଟଣାଗ୍ରସ୍ତ ହୋଇ ଖଣ୍ଡିଆ ଖାବରା ହେଉଥିବା ଦେଖାଦେଇଛି। ଏହି ରାସ୍ତା ଦେଇ ପ୍ରତ୍ୟେକ ଦିନ ଶହ ଶହ ସଂଖ୍ୟାରେ ଚାରିଚକିଆ ଯାନ ବାହନ ସମେତ ବହୁ ବସ, ଟ୍ରକ, ଏବଂ ଭାରୀଯାନ ମଧ୍ୟ ଯାତାୟାତ କରିଥାଆନ୍ତି। କଟିକଟା-ଜୟପୁର ମୁଖ୍ୟରାସ୍ତା, କୋରୁଆ ମୁଖ୍ୟ ରାସ୍ତା ଓ ତାରପୁର ମୁଖ୍ୟରାସ୍ତା ଏହି ରାସ୍ତାରେ ସଂଯୋଗ ହୋଇଥିବାରୁ କଟକ, କେନ୍ଦ୍ରାପଡ଼ା ଓ ଜଗତସିଂହପୁର ତିନୋଟି ଜିଲ୍ଲାକୁ ସଂଯୋଗୀକରଣ ପାଇଁ ଏହା ଏକ ପ୍ରମୁଖ ରାସ୍ତା ଅଟେ। ଉକ୍ତ ରାସ୍ତାଟି ମରାମତି କରା ନ ଯିବାରୁ ପଥଚାରୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଯାଇଛି। ତୁରନ୍ତ ଉକ୍ତ ରାସ୍ତାକୁ ମରାମତି କରିବା ପାଇଁ ପୂର୍ତ୍ତ ବିଭାଗର ଉଚ୍ଚ କର୍ତ୍ତୃପକ୍ଷଙ୍କ ଠାରେ ଏ ଅଞ୍ଚଳର ଜନସାଧାରଣ ଦାବି କରିଛନ୍ତି।







# ୬୨ ଫୁଟ୍‌ର ଦୁର୍ଗାମୂର୍ତ୍ତି ବିସର୍ଜିତ



ନନ୍ଦନକାନନ, ୫।୧୦(ସମିସ): ଟାଙ୍ଗିବନ୍ତ ଦୁର୍ଗାପୂଜା ପେଣ୍ଡାଲରୁ ମେଲାଣି ନେଲେ ମା ଦୁର୍ଗା। ବହୁ ଆଡମ୍ବରର ଓ ଧୂମଧାମରେ କୋହ ଭରା ଆନନ୍ଦରେ ହଜାର ହଜାର ଶ୍ରଦ୍ଧାଳୁ ଦୁର୍ଗା ପୂଜା ପଡିଆରେ ଏକତ୍ରିତ ହୋଇ ମାଙ୍କୁ ଭକ୍ତିଭରେ ବିଦାୟ ଦେଇଛନ୍ତି। ଭୁବନେଶ୍ୱର କଟକ ତଥା ଆଖପାଖ ଅଞ୍ଚଳରୁ ବହୁ ସଂଖ୍ୟାରେ ଏହି ୬୨ଫୁଟର ମାଆଙ୍କ ମୂର୍ତ୍ତି ବିସର୍ଜନ ଉତ୍ସବରେ ସାମିଲ ହୋଇଥିଲେ। ବାଜା ବାଣ ଫୁଟେଇ ନାଚ ନାଚି ପାଣି ସ୍ୱରେ କରି ମାଙ୍କ ପ୍ରତିମୂର୍ତ୍ତିକୁ ବିସର୍ଜନ କରିଥିଲେ। ପୁଣି ଆର ବର୍ଷ ଦଶହରାକୁ ମାଆଙ୍କ କୃପାରୁ ଆହୁରି ଭଲରେ ଦୁର୍ଗାପୂଜା କରିବାକୁ କମିଟି ତରଫରୁ ପ୍ରକାଶ କରିଛନ୍ତି।

# ପାଣିଘେରରେ ବିଶ୍ୱସ୍ତରୀୟ ବସ୍ ଟର୍ମିନାଲ

ଭୁବନେଶ୍ୱର, ୫।୧୦(ସମିସ)

ରାସ୍ତାରେ ୧୫ ଦିନ ହେବ ଡ୍ରେନ୍ ପାଣି ଚାଲୁଛି। ଅଧିକାରୀଙ୍କ ଠାରୁ ଆରମ୍ଭ କରି ପ୍ରଶାସକ ପର୍ଯ୍ୟନ୍ତ, ଏପରିକି ନେତା ମନ୍ତ୍ରୀ ସମସ୍ତେ ଏହି ପାଣିରେ ଯିବା ଆସିବା କରୁଛନ୍ତି। ବର୍ଷେ ହେବ ନିୟମିତ ଭାବେ ଚାଲୁଥିବା ଏହି ପାଣିକୁ କିପରି ବନ୍ଦ କରାଯିବ କାହା ମୁଣ୍ଡରେ ବି ବୁଦ୍ଧି ପଶୁନାହିଁ। ଡ୍ରେନ୍ ପାଣି ଚାଲୁଥିବା ରାସ୍ତାଟି ରାଜଧାନୀର କୌଣସି ଗଳିକନ୍ଦି କିମ୍ବା ରାଜ୍ୟ ରାଜପଥର ନୁହେଁ। ଏଭଳି ଅବ୍ୟବସ୍ଥା ହୋଇଛି ବରମୁଣ୍ଡା ସ୍ଥିତ ରାଜ୍ୟର ଏକମାତ୍ର ବିଶ୍ୱସ୍ତରୀୟ ବସ୍ ଟର୍ମିନାଲ ବାବା ସାହେବ୍ ଭୀମ୍ ରାଓ ଆମ୍ବେଦକର ବସ୍ ଟର୍ମିନାଲର ପ୍ରବେଶ ଦ୍ୱାର ସାମ୍ନାର।

ଡ୍ରେନ୍ ପାଣି ଚାଲିବା ଦ୍ୱାରା ଯାତ୍ରୀମାନେ ବସ୍ ଟର୍ମିନାଲ ଭିତରକୁ ପ୍ରବେଶ କରି ପାରୁନାହାନ୍ତି। ବସ୍ ଧରିବା ପାଇଁ ବାଧ ହୋଇ ଡ୍ରେନ୍ ପାଣିରେ ପସି ଯିବାକୁ ପଡୁଛି। ଯିଏ ବାଇକ୍‌ରେ ଆସୁଛି କିମ୍ବା ଅଟୋରେ ଆସୁଛି ସେ ତ ଅତି ସହଜରେ ବସ୍‌ଷ୍ଟାଣ୍ଡ ଭିତରକୁ ପ୍ରବେଶ କରି ଯାଉଛି। ହେଲେ ଯେଉଁମାନେ ଚାଲି ଚାଲି ଆସୁଛନ୍ତି ସେମାନଙ୍କୁ ଡ୍ରେନ୍ ପାଣିରେ ପସି ଯିବାକୁ ପଡୁଛି। ଅଧିକାଂଶ ସମୟରେ ଲକେଜ୍ ଏବଂ ଟ୍ରଲି ଭିଡି ଭିଡି ନେଉଥିବା ଯାତ୍ରୀମାନଙ୍କ ଲଗେଜ୍ ଓଦା ହୋଇଯାଉଛି। ଏହାକୁ ନେଇ ଯାତ୍ରୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଉଛି। ଅଶ୍ୱିନୀ ନାୟକ ନାମକ ଜଣେ ଯାତ୍ରୀ କହିଛନ୍ତି ମୁଁ କଟକରୁ ଭୁବନେଶ୍ୱର ଆସିଲି। ବ୍ରହ୍ମପୁର ଯିବାର ଥିଲା। ହେଲେ ବସ୍ ମୋତେ ଓହ୍ଲାଇ ଦେଲା ବସ୍‌ଷ୍ଟାଣ୍ଡର ଅପରପାଶ୍ୱର୍ରେ। ବସ୍‌ଷ୍ଟାଣ୍ଡ ରାସ୍ତାରେ ଚାଲି ଚାଲି ଆସିଲା ବେଳକୁ ବହୁ ଅସୁବିଧାର ସମ୍ମୁଖୀନ ହୋଇଛି। ସରୋଜ ରାଉତ କହିଛନ୍ତି ବିଶ୍ୱସ୍ତରୀୟ ବସ୍ ଟର୍ମିନାଲର ଅବିଶ୍ୱାସନୀୟ ସେବା।

ବରମୁଣ୍ଡା ସ୍ଥିତ ବିସ୍‌ଏବିଟିକୁ ଦୁଇ ବର୍ଷ ପୂର୍ବେ ନିର୍ମାଣ କରାଯାଇଥିଲା। ୧୭ ଏକରରେ ନିର୍ମିତ ଏହି ବସ୍ ଟର୍ମିନାଲକୁ ୨୧୦ କୋଟି ଟଙ୍କା ବ୍ୟୟରେ ନିର୍ମାଣ କରାଯାଇଥିଲା। ବସ୍ ଟର୍ମିନାଲଟି ସେଣ୍ଟ୍ରାଲ ଏସି ଠାରୁ ଆରମ୍ଭ କରି କ୍ୟାଫେ, ଅତ୍ୟାଧୁନିକ ବସ୍ ବେ, କ୍ୟାଣ୍ଟିନ୍, ରେଷ୍ଟରୁମ୍ ଭଳି ସୁବିଧା କରାଯାଇଥିଲା। ହେଲେ କିଛି ଦିନ ହେବ ଏଭଳି ଅବ୍ୟବସ୍ଥା ଏହାର ବିଶ୍ୱସ୍ତରୀୟ ମାନ୍ୟତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି।



ମୁଖଶାଳାରେ ଭାସୁଛି ଆବର୍ଜନା, ଭିତରକୁ ଯାଇ ପାରୁନାହାନ୍ତି ଯାତ୍ରୀ

# ଘରେ ପଶି ଆକ୍ରମଣ; ଭାଇଭଉଣୀ ଗିରଫ



ଭୁବନେଶ୍ୱର, ୫।୧୦ (ସମିସ): ଘରେ ପଶି ଆକ୍ରମଣ କରିଥିବା ଅଭିଯୋଗରେ ଭାଇଭଉଣୀଙ୍କୁ ଗିରଫ କରିଛି ସହିଦନଗର ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛନ୍ତି ବାୟା ବାବା ବସ୍ତିର କହ୍ନେଇ ନାୟକ ଓରଫ୍ କାହ୍ନା (୨୨) ଓ ତା'ର ଭଉଣୀ ସୁଜାତା ନାୟକ (୨୫)। ପୁଲିସ ସୂଚନା ଅନୁଯାୟୀ, ଗତ ଶୁକ୍ରବାର ରାତିରେ କାହ୍ନା, ସୁଜାତା ଓ ବାପା ଶ୍ରୀଧର ବାୟାବାବା ମଠ ବସ୍ତି ନିକଟସ୍ଥ ଲକ୍ଷ୍ମୀପୂଜା ମଣ୍ଡପକୁ ଯାଇ ସାଧାରଣ ଲୋକଙ୍କୁ ଗାଳିଗୁଲଜ କରିବା ସହ ଠେଙ୍ଗା ଫିଙ୍ଗିଥିଲେ। ଫଳରେ ଭକ୍ତମାନଙ୍କ ମଧ୍ୟରେ ଆତଙ୍କ ସୃଷ୍ଟି ହୋଇଥିଲା। କାହ୍ନା ଏକ ଲୁହାଛଡ଼ ଧରି ଗ୍ରାମବାସୀଙ୍କୁ ହତ୍ୟା କରିବାକୁ ଧମକ ଦେଇ ଘଟଣାସ୍ଥଳରୁ ପଳାଇ ଯାଇଥିଲେ। ଏହାପରେ ଅର୍ଥାତ୍ ରାତି ପ୍ରାୟ ୧୧ଟା ସମୟରେ କାହ୍ନା, ସୁଜାତା ଓ ଶ୍ରୀଧର ନାୟକ ମିଶି ରଶ୍ମିରଞ୍ଜନ ମହାନ୍ତିଙ୍କ ଘରେ ପଶିଥିଲେ। ସେଠାରେ ରଶ୍ମିଙ୍କ ତାଙ୍କର ସମ୍ପର୍କୀୟ ଭଉଣୀ ସୁମିତ୍ରା ଓ ସିଲିଙ୍କୁ ଆକ୍ରମଣ କରିଥିଲେ। କାହ୍ନା ସିଲି ମହାନ୍ତିଙ୍କୁ ତଳେ ପକାଇ ଦେଇ ଧାରୁଆ ଅସ୍ତ୍ରରେ ତାଙ୍କ ପେଟରେ ଛୁରି ଭୁସି ଦେଇଥିଲେ। ସୁଜାତା ଓ ଶ୍ରୀଧର ମଧ୍ୟ ଆକ୍ରମଣ କରି ତାଙ୍କ ବେକରୁ ଏକ ସୁନା ଚେନ୍ ଛଡ଼ାଇ ନେଇଥିଲେ। ଫଳରେ ତାଙ୍କ ମୁହଁ ଓ ଶରୀରରେ ଅନେକ ଆଘାତ ଲାଗିଥିଲା। ଏଥିସହିତ ରଶ୍ମିଙ୍କ ବାପା ଗଙ୍ଗାଧରଙ୍କୁ ମଧ୍ୟ ଛାଡ଼ି ନଥିଲେ। ଏନେଇ ରଶ୍ମି ସହିଦନଗର ଥାନାରେ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁ କରିଥିଲା। ଆଜି ପୁଲିସ କାହ୍ନା ଓ ସୁଜାତାକୁ ଗିରଫ କରିବା ସହ ଛୁରି ଓ ଲୁହାଛଡ଼ ଜବତ କରିଥିଲା।

# ଶାନ୍ତି, ସଦ୍‌ଭାବନା ବଜାୟ ରଖିବାକୁ ସିପିଆଇ(ଏମ୍)ର ନିବେଦନ

ଭୁବନେଶ୍ୱର, ୫।୧୦(ସମିସ): କଟକ ସହରରେ ଦଶହରା ଉତ୍ସବର ଶେଷ ଦିନଗୁଡ଼ିକରୁ ଚାଲିଥିବା ସାମ୍ପ୍ରଦାୟିକ ଉତ୍ତେଜନା ଓ ହିଂସାତ୍ମକ ଘଟଣାଗୁଡ଼ିକରେ ଭାରତର କମ୍ୟୁନିଷ୍ଟ ପାର୍ଟି (ମାର୍କ୍ସବାଦୀ) ପକ୍ଷରୁ ଗଭୀର ଉଦବେଗ ପ୍ରକାଶ କରାଯାଇଛି। ତୁରନ୍ତ ରାଜ୍ୟ ପ୍ରଶାସନ ଏବଂ ପୁଲିସ୍ ହସ୍ତକ୍ଷେପ କରିବା ପାଇଁ ସିପିଆଇ(ଏମ୍) ନିବେଦନ କରିଛି। ଏହି ପ୍ରସଙ୍ଗରେ ବନ୍ଦ ସମୟରେ ଓ ପରେ କୌଣସି ଅଘଟଣ ଏଡ଼ାଇବା ପାଇଁ କଡ଼ା ପ୍ରତିରୋଧକ ପଦକ୍ଷେପ କରିବାକୁ ଦାବି ରାଜ୍ୟ ସରକାର ଏବଂ ପ୍ରଶାସନ ସମ୍ମୁଖରେ ସିପିଆଇ(ଏମ୍) ତରଫରୁ କରାଯାଇଛି। ସେହିଭଳି ସମସ୍ତ ସମ୍ପ୍ରଦାୟର ପୂର୍ଣ୍ଣ ସୁରକ୍ଷା ନିଶ୍ଚିତ କରନ୍ତୁ ଓ ସେମାନଙ୍କର ଶାନ୍ତିରେ ରହିବାର ଅଧିକାରକୁ ରକ୍ଷା କରନ୍ତୁ। ସେହିଭଳି ସମ୍ବେଦନଶୀଳ ଅଞ୍ଚଳରେ ଯଥେଷ୍ଟ ପୋଲିସ୍ ବଳ ମୁତୟନ ଓ ହିଂସା ବା ଘୃଣା ପ୍ରଚାରର ଯେକୌଣସି ପ୍ରୟାସରେ କଡ଼ା କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରାଯାଇଛି। ବିଭିନ୍ନ ସମ୍ପ୍ରଦାୟ ପ୍ରତିନିଧିମାନଙ୍କ ସହ ଶାନ୍ତି କମିଟି ବୈଠକକରିବା ପାଇଁ ଦାବି କରିଛି ସିପିଆଇ(ଏମ୍)।

ଓଇଏସ୍‌ରେ ବନ୍ୟଜନ୍ତୁ ସପ୍ତାହ

# ୧୪ କରିଡର୍ ପ୍ରତିଷ୍ଠାକୁ ଗୁରୁତ୍ୱ ଦିଆଯାଉ

ଭୁବନେଶ୍ୱର, ୫।୧୦(ସମିସ)

ବନ୍ୟଜନ୍ତୁ ସପ୍ତାହ ଅବସରରେ ଓଡ଼ିଶା ପରିବେଶ ସମିତି (ଓଇଏସ୍) ଆନୁକୂଲ୍ୟରେ ଏହାର ସମ୍ମିଳନୀ କକ୍ଷରେ 'ଜଙ୍ଗଲ ସଂଯୋଗୀକରଣର ଗୁରୁତ୍ୱ' ବିଷୟବସ୍ତୁ ଉପରେ ଏକ ଆଲୋଚନାଚକ୍ର ଆୟୋଜିତ ହୋଇଯାଇଛି। ଓଇଏସ୍ କାର୍ଯ୍ୟକାରୀ ସଭାପତି ଡ. ଜୟକୃଷ୍ଣ ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପୂର୍ବତନ ପିସିସିଏଫ୍ (ବନ୍ୟଜୀବ) ଡ. ବିଜୟ କେତନ ପଟ୍ଟନାୟକ ମୁଖ୍ୟଅତିଥି ରୂପେ ଏବଂ ଭୁବନେଶ୍ୱର ସିଟି ଫରେଷ୍ଟ ଡିଭିଜନର ବନଖଣ୍ଡ ଅଧିକାରୀ ବିଶ୍ୱରାଜ ପଣ୍ଡା ମୁଖ୍ୟବକ୍ତା ଭାବରେ ଯୋଗଦାନ କରିଥିଲେ। ମଣିଷ ବନ୍ୟପ୍ରାଣୀ ସଂଘର୍ଷ ହ୍ରାସ କରିବା ପାଇଁ ୨୦୧୦ ମସିହାରେ ରାଜ୍ୟ ବନ ବିଭାଗ ଦ୍ୱାରା ଓଡ଼ିଶାରେ ଚିହ୍ନଟ ହୋଇଥିବା ୧୪ଟି କରିଡ଼ରକୁ ଯଥାଶୀଘ୍ର ପ୍ରତିଷ୍ଠା କରିବା ଉପରେ ବକ୍ତାମାନେ ଗୁରୁତ୍ୱାରୋପ କରିଥିଲେ। ଡ. ପାଣିଗ୍ରାହୀ ପ୍ରକାଶ କରିଥିଲେ ଯେ ଜଙ୍ଗଲ କରିଡ଼ରଗୁଡ଼ିକ କେବଳ ବନ୍ୟପ୍ରାଣୀଙ୍କୁ ସାହାଯ୍ୟ କରେ ନାହିଁ, ବରଂ ମାନବ କଲ୍ୟାଣ ନିମନ୍ତେ ଯଥେଷ୍ଟ ଗୁରୁତ୍ୱ ବହନ କରେ। ଏହା ସ୍ୱଚ୍ଛ ବାୟୁ ଏବଂ ପାଣି ଭଳି ପରିସଂସ୍ଥୀୟ ସେବା ପ୍ରଦାନକୁ ସମର୍ଥନ କରେ ଏବଂ ଅଙ୍ଗାରକ ଭଣ୍ଡାର ଭାବରେ କାର୍ଯ୍ୟ କରି ଜଳବାୟୁ ପରିବର୍ତ୍ତନର ପ୍ରଭାବକୁ ହ୍ରାସ କରିବାରେ ସାହାଯ୍ୟ କରେ। ଅନଲାଇନରେ ଯୋଗଦାନ କରି ସଭାପତି ଡ. ସୁନ୍ଦର ନାରାୟଣ ପାତ୍ର ମତ ଦେଇଥିଲେ ଯେ ଜୈବବିବିଧତା ସଂରକ୍ଷଣ, ପରିସଂସ୍ଥା କାର୍ଯ୍ୟ ସମ୍ପାଦନ ଏବଂ ଜନକଲ୍ୟାଣକୁ ସମର୍ଥନ କରିବା ପାଇଁ ଜଙ୍ଗଲ ସଂଯୋଗପଥ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ସ୍ୱାଗତ ଭାଷଣ ପ୍ରଦାନ କରି ସମ୍ପାଦକ ଇଂ ମନୋରଞ୍ଜନ ମିଶ୍ର ମତ ଦେଇଥିଲେ ଯେ ଏହି ପ୍ରସଙ୍ଗ ବନ୍ୟପ୍ରାଣୀଙ୍କର ସୁରକ୍ଷା ଏବଂ ଆମ ଗ୍ରହର ପରିସଂସ୍ଥାମାନଙ୍କର ଦୀର୍ଘକାଳୀନ ସ୍ୱାସ୍ଥ୍ୟ ସୁନିଶ୍ଚିତ କରିବା ପାଇଁ ଗୁରୁତ୍ୱପୂର୍ଣ୍ଣ। ଅନ୍ୟମାନଙ୍କ ମଧ୍ୟରେ, ଉପ-ସଭାପତି ଡ. ଲାଲା ଏକେ ସିଂହ, ଡ. ପ୍ରକାଶ ଚନ୍ଦ୍ର ଜେନା, ଡ. ଦିଲ୍ଲୀପ ରାୟ, ଡ. ସୁଧାକର କର, ପ୍ର. ଶିବ ପ୍ରସାଦ ଅଧିକାରୀ ଏବଂ ଇଂ ସୁରେଶ ଚନ୍ଦ୍ର ମହାରଣା ମଧ୍ୟ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ପରିଶେଷରେ, ଯୁଗ୍ମ ସମ୍ପାଦକ ଡ. ସୁରଭି ଜୈନ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନେକ ଓଇଏସ୍ ସଦସ୍ୟ ଏବଂ ପ୍ରକୃତିପ୍ରେମୀ ଉପସ୍ଥିତ ଥିଲେ।



# ପାଞ୍ଚଜଣ ପ୍ରତିଭାଧାରୀଙ୍କୁ 'ପ୍ରାଣନାଥ ସମ୍ମାନ'

ଭୁବନେଶ୍ୱର, ୫।୧୦(ସମିସ): ବିପ୍ଳବୀ ପ୍ରାଣନାଥ ପଟ୍ଟନାୟକ ଥିଲେ ସେବା ଓ ସଂଗ୍ରାମର ଅନିର୍ବାଣ ଶିଖା। ତାଙ୍କର ତ୍ୟାଗପୂତ ଜୀବନାଦର୍ଶ ଯୁବପିଢ଼ିଙ୍କୁ ଅନୁପ୍ରାଣିତ କରିବା ଆବଶ୍ୟକ ବୋଲି ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି ମତପ୍ରକାଶ କରିଛନ୍ତି। ମହାନ୍ ସ୍ୱାଧୀନତା ସଂଗ୍ରାମୀ, ଶିକ୍ଷାବିତ୍, ସାହିତ୍ୟିକ ତଥା କୃଷକ ଓ ସାମ୍ୟବାଦୀ ଆନ୍ଦୋଳନର ଅନ୍ୟତମ ଆଦ୍ୟ ପୁରୋଧା ପ୍ରାଣନାଥ ପଟ୍ଟନାୟକଙ୍କ ୫୫ତମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ରାଜ୍ୟ ପ୍ରାଣନାଥ ସ୍ମୃତି ସମିତି ପକ୍ଷରୁ ଜୟଦେବ ଭବନଠାରେ ଆୟୋଜିତ ସ୍ମୃତି ସମାରୋହରେ ରାଜ୍ୟପାଳ ପ୍ରାଣନାଥଙ୍କ ଅମ୍ଳାନ ସ୍ମୃତି ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଲୋକସେବକ ମଣ୍ଡଳର ରାଷ୍ଟ୍ରୀୟ ଉପାଧ୍ୟକ୍ଷ ଦୀପକ ମାଲବ୍ୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ପୂର୍ତ୍ତ, ଆଇନ ଓ ଅବକାରୀ ବଭାଗ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, 'ସମ୍ବାଦ' ଓ ଆମ ଓଡ଼ିଶା ଅଧ୍ୟକ୍ଷ ସୌମ୍ୟରଞ୍ଜନ ପଟ୍ଟନାୟକ, 'କିଟ୍' ଓ 'କିସ୍'ର ପ୍ରତିଷ୍ଠାତା ଡଃ ଅଚ୍ୟୁତ ସାମନ୍ତ ସମ୍ମାନିତ ଅତିଥି ରୂପେ ଯୋଗଦେଇ ଥିଲେ।

ପ୍ରାରମ୍ଭରେ ସ୍ମୃତି ସମିତିର କାର୍ଯ୍ୟକାରୀ ସଭାପତି ତଥା ବିଶିଷ୍ଟ ଲେଖିକା ଡକ୍ଟର ଅର୍ଚ୍ଚନା ନାୟକ ସ୍ୱାଗତ ଭାଷଣ ଦେଇଥିବା ବେଳେ ସମ୍ପାଦକ ତଥା ସିନେ ସମୀକ୍ଷକ ଦିଲ୍ଲୀପ ହାଲି ମଧ୍ୟ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରକୁ ଉଲ୍ଲେଖନୀୟ ଅବଦାନ ପାଇଁ ୫ ଜଣ ବିଶିଷ୍ଟ ବ୍ୟକ୍ତିଙ୍କୁ 'ପ୍ରାଣନାଥ ସମ୍ମାନ-୨୦୨୫' ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ସ୍ଥାପତ୍ୟ ଶିଳ୍ପୀ ପଦ୍ମଶ୍ରୀ ଅଦ୍ୱୈତ ଗଡ଼ନାୟକ, ଶିକ୍ଷାବିତ୍ ମେଜର କ୍ଷୀରୋଦ ପ୍ରସାଦ ମହାନ୍ତି, ଲେଖକ ଡଃ ମୃତ୍ୟୁଞ୍ଜୟ ରଥ, ସାହିତ୍ୟିକା ଓ ସମାଜସେବୀ ଝରଣା ପଟ୍ଟନାୟକ, କବି, ସାମ୍ବାଦିକ କେଦାର ମିଶ୍ରଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଛି। କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ ଡଃ ମୃତ୍ୟୁଞ୍ଜୟ ରଥ ଓ ଶୁଭେନ୍ଦୁ ମହାନ୍ତି।




ଜୀବନର କେତେ ରଙ୍ଗ

# ବେଲୁନ୍‌ରେ ବନ୍ଧା ଭବିଷ୍ୟତର ସ୍ୱପ୍ନ



ଭୁବନେଶ୍ୱର, ୫।୧୦(ସମିସ): ହାତରେ ରଙ୍ଗବେରଙ୍ଗ ଗୋଛାଏ ଲାଇଟ ବେଲୁନ୍। ଗ୍ରାହକ ଅପେକ୍ଷାରେ ଚାହିଁ ରହିଥିବା ଦୁଇ ଆଖି। ସେହି ରାସ୍ତା ଦେଇ ଯାଉଥିବା ଲୋକ ଘଡ଼ିଏ ଅଟକି ମୂଲ୍ୟ ପଚାରି ଯାଉଥିଲେ। ଉତ୍ତରରେ ୧୫୦ ଟଙ୍କା ଶୁଣି କିଛି କିଣୁଥିଲେ ତ କିଛି ଫେରିଯାଉଥିଲେ। ଖେଳକୁଦ ବୟସ ଏବଂ କଅଁଳ ହାତରେ ଖାତା ପେନ୍ ବଦଳରେ ଥିଲା ଗୋଛାଏ ବେଲୁନ୍। ଏପରି କିଛି ଦୃଶ୍ୟ ଖଣ୍ଡଗିରି ଛକ ନିକଟରେ ଦେଖିବାକୁ ମିଳିଥିଲା। ଏ ହେଉଛନ୍ତି ରାଜସ୍ଥାନରୁ ଆସି ରାଜଧାନୀରେ ବୁଲି ବେଲୁନ୍ ବିକ୍ରି କରୁଥିବା ଦୁଇ ସାଙ୍ଗ ପ୍ରକାଶ ଏବଂ ଅର୍ଜୁନ। ପ୍ରଥମ କେଇ ବାକ୍ୟରେ ନିଜ ପରିଚୟ ଦେଇ କୁହନ୍ତି, ପିଲାବେଳ ବୋଲି ମେଳା ମହୋତ୍ସବରେ ବାପା ମା'ଙ୍କୁ ବେଲୁନ ବିକିବାର ଦେଖିଛନ୍ତି। ସମୟ ସହ ଘର ଚଳେଇବା ପାଇଁ ସେମାନେ ମଧ୍ୟ ଏହି ରାସ୍ତାରେ ଚାଲିଛନ୍ତି। ଘର ଚଳେଇବା ପାଇଁ ପରିସ୍ଥିତି ମଣିଷକୁ ରୋଜଗାରର ମାଧ୍ୟମଟିଏ ଖୋଜିବାକୁ ବାଧ କରିଥାଏ। ତେବେ ଏହି ନିଶାରେ ସେ ଅନ୍ୟ ରାଜ୍ୟକୁ ବି ଧାଇଁ ଆସେ ଦି ପଇସା ରୋଜଗାର କରିବା ଆଶାରେ। ଯାହାର ଉଦାହରଣ ଏଇ ଦୁଇ ପିଲାଙ୍କ ମଧ୍ୟରେ ଦେଖିବାକୁ ମିଳିଥିଲା।

ବର୍ତ୍ତମାନ ରାଜଧାନୀରେ ଅନେକ ପ୍ରକାରର ବୁଲା ବିକାଳିଙ୍କୁ ଦେଖିବାକୁ ମିଳେ। କିଏ ବିଭିନ୍ନ ପ୍ରକାର ଖାଦ୍ୟ ସାମଗ୍ରୀ ବୁଲି ବିକୁଥାଏ ତ କିଏ ଘରସଜ୍ଜା ଉପକରଣ ତ ଆଉ କିଏ ପୋଷାକ, ବାସନ ଇତ୍ୟାଦି। ସେମାନଙ୍କ ମଧ୍ୟରୁ ଅଧିକାଂଶ ବିହାର ଓ ରାଜସ୍ଥାନରୁ ଆସି ଏଠାରେ ଦି ପଇସା ରୋଜଗାର କରନ୍ତି। ସେହିପରି ବୁଲା ବିକାଳିଙ୍କ ମଧ୍ୟରୁ ଅନ୍ୟତମ ହେଉଛନ୍ତି ରାଜସ୍ଥାନର ଏହି ଦୁଇ ପିଲା। ବୟସ ବେଶୀ ନୁହଁ ଦଶରୁ ୧୧ ବର୍ଷ ହେବ ତାଙ୍କ ବୟସ। ପଚାରିଲେ ସଠିକ୍ ଭାବେ ବୟସ ବି ଜାଣିନାହାନ୍ତି ବୋଲି କୁହନ୍ତି। ଗତ କିଛି ମାସ ହେବ ପାର୍ବଣର ମେଳା ମହୋତ୍ସବରେ ଆସି ରାଜଧାନୀରେ ବୁଲି ବୁଲି ବେଲୁନ୍ ବିକ୍ରି କରୁଛନ୍ତି। ଏହା ପୂର୍ବରୁ ସେ ଅନ୍ୟ ରାଜ୍ୟରେ ହେଉଥିବା ମେଳା ମହୋତ୍ସବରେ ମଧ୍ୟ ନିଜ ପରିବାର ସହ ବୁଲି ବେଲୁନ୍ ବିକୁଥିଲେ। ପ୍ରତିବର୍ଷ ସେ ଓଡ଼ିଶାକୁ ଏହି ମେଳା ମହୋତ୍ସବ ସମୟରେ ହିଁ ଆସିଥାନ୍ତି। କାରଣ ଏହି ସମୟରେ ଅନ୍ୟ ଦିନ ଅପେକ୍ଷା ଭଲ ରୋଜଗାର ହୋଇଥାଏ ବୋଲି ସେମାନଙ୍କ ପରିବାର ଲୋକଙ୍କଠୁ ଜାଣିବାକୁ ମିଳେ ବୋଲି କୁହନ୍ତି। କିଛି ପଇସା ହୋଇଗଲେ ଘରକୁ ସେମାନେ ଚାଲିଯାଇଥାନ୍ତି। କିଛି ଦିନ ରହି ବୁଲି ବିକ୍ରି କରନ୍ତି ଓ ପରେ ମେଳା ସରିଲେ ନିଜ ରାଜ୍ୟକୁ ଫେରିଯାଆନ୍ତି।

ଆଜି କୁମାର ପୂର୍ଣ୍ଣିମା

# ବକୁଟେ ଜହ୍ନିକୁ ୧୦, ଆମ୍ବଡାଳ ୫ ଟଙ୍କା

ଭୁବନେଶ୍ୱର, ୫।୧୦(ସମିସ): କଷି ଜହ୍ନି। କାଣି ଆଙ୍ଗୁଳିଠୁ ବି ଛୋଟ। ହେଲେ ଗୋଟାକୁ ୧୦ ଟଙ୍କା। ସେହିଭଳି ଆମ୍ବଡାଳ ଗୋଟାକୁ ୫ ଟଙ୍କାରେ ବିକ୍ରି ହେଉଛି। ଏମିତି ଆଜି ପରିସ୍ଥିତି ଦେଖିବାକୁ ମିଳିଥିଲା ଭୁବନେଶ୍ୱରର ବିଭିନ୍ନ ହାଟରେ। ଆସନ୍ତାକାଲି କୁମାର ପୂର୍ଣ୍ଣିମା ଥିବାରୁ ଭୁବନେଶ୍ୱରରେ ବିଭିନ୍ନ ହାଟରେ କଶି ଜହ୍ନିର ଦାମ୍ ଏଭଳି ହୋଇଥିଲା।


କୁମାର ପୂର୍ଣ୍ଣିମା ପାଇଁ ଚଳଚଞ୍ଚଳ ହୋଇ ପଡ଼ିଚି ହାଟ ବଜାର। ଏହି ପର୍ବରେ ବିଶେଷ କରି ଜହ୍ନି, ଗୁଆ, ଲିଆ, ନଡ଼ିଆ, କଦଳୀ, କମଳା ଆଦି ବିଭିନ୍ନ ପ୍ରକାରର ଫଳ ଫୁଲ ବ୍ୟବହାର ହୋଇଥାଏ। ହେଲେ ଆସନ୍ତାକାଲି କୁମାର ପୂର୍ଣ୍ଣିମା ଥିବାରୁ କଷି ଜହ୍ନି ଗୋଟାକ ୧୦ ଟଙ୍କାରେ ବିକ୍ରି କରାଯାଉଛି। ଏଥିସହିତ ଗୁଆ ୧୦ ଟଙ୍କା, ଚାଖଣ୍ଡେ ଆଖୁ ୧୦ ଟଙ୍କା ରହିଥିବା ବେଳେ ଛୋଟ ଆମ୍ବଡ଼ାଳ ଯେଉଁଥିରେ ୭ଟି ପତ୍ର ରହିଛି ସେଗୁଡ଼ିକ ୫ ଟଙ୍କାରେ ବିକ୍ରି ହେଉଥିବା ଦେଖିବାକୁ ମିଳିଥିଲା ଏବଂ ଦୁବ ବରକୋଳି ପତ୍ର ୧୦ ଟଙ୍କାରେ ବିକ୍ରି ହେଉଥିଲା। ଗେଣ୍ଡୁ ଫୁଲ ସହିତ ଜହ୍ନି ଫୁଲ ମଧ୍ୟ ୧୦ ଟଙ୍କାରେ ବିକ୍ରି ହେଉଛି। ଏଥିସହିତ ପର୍ବର ମୁଖ୍ୟ ଲିଆର ଦର ମଧ୍ୟ ପ୍ୟାକେଟ୍ ପ୍ରତି ୫୦ଟଙ୍କା ଓ ୧୦୦ ଟଙ୍କା ରହିଛି।

ରାଜଧାନୀରେ କୁମାର ପୂର୍ଣ୍ଣିମା ପାଇଁ ହାଟ ବଜାରରେ ଭିଡ଼ ଦେଖିବାକୁ ମିଳିଛି। ବିଶେଷ କରି ୟୁନିଟ୍ ୧ ହାଟ ସମେତ ଲିଙ୍ଗରାଜ ମନ୍ଦିର ଏରିଆ, ଜାଗମରା, ଡୁମୁଡୁମା, ଖଣ୍ଡଗିରି, ନୟାପଲ୍ଲି, ଗୋପବନ୍ଧୁ ନଗର ଆଦି ଛକରେ ବେପାରୀ ମାନେ କୁମାର ପୂର୍ଣ୍ଣିମା ପାଇଁ ସ୍ୱତନ୍ତ୍ର ଭାବେ ଲିଆ, କଷି ଜହ୍ନି, ନଡ଼ିଆ, ସହ ଜହ୍ନିଫୁଲ ସହିତ ବିଭିନ୍ନ ପ୍ରକାରର ଫୁଲ ବିକ୍ରି କରୁଥିବାର ଦେଖିବାକୁ ମିଳିଥିଲା।

ପୁରୁଣା ଭୁବନେଶ୍ୱରରେ କୁମାର ପୂର୍ଣ୍ଣିମା ପାଇଁ ବିଭିନ୍ନ ସାମଗ୍ରୀ ବିକ୍ରି କରୁଥିବା ଜଣେ ମହିଳା ବେପାରୀ କୁହନ୍ତି ବର୍ଷକରେ ଗୋଟେ ଦିନ ଜହ୍ନି ଗୋଟାକ ୧୦୦ ଟଙ୍କା ଯଦି ବିକ୍ରି କରାଯିବ ତେବେ ଲୋକ କିଣିକି ନେବେ। ହେଲେ ଏହି ପର୍ବରେ ଜହ୍ନି କଷି ହେଉ କି ପାକଳ ଯାହା ବି ହେଲେ ପର୍ବ ଚଳିବା କଥା। ଏହି ସବୁ ସାମଗ୍ରୀ ପାଇଁ ଗୋଟେ ସପ୍ତାହ ଆଗରୁ ଉପକଣ୍ଠ ଗାଁଗୁଡ଼ିକଙ୍କୁ ଯାଇ ଏହି ସବୁ ଫୁଲ ଫଳ ଆଦି ସଂଗ୍ରହ କରିବାକୁ ପଡ଼ିଥାଏ। ଏଥିସହିତ ଲିଆକୁ ମଧ୍ୟ ଦୁଇ ଦିନ ଆଗରୁ ଭାଜି ପ୍ୟାକେଟ୍ କରିବାକୁ ପଡ଼ିଥାଏ। ଏତେ ପରିଶ୍ରମ କରାଯାଉଛି। ଏହା ପାଇଁ ତ ପର୍ବରେ ବିଭିନ୍ନ ସାମଗ୍ରୀ ଉପରେ ଦର ଟିକେ ଅଧିକ ରହିବ ବୋଲି ସେ କହିଛନ୍ତି।



ଓଁ ଶ୍ରୀଶ୍ରୀ ସରସ୍ୱତେ ନମଃ
N.R. COACHING CENTER (+2 & +3)
ନୂତନ ଶିକ୍ଷା ଯୋଜନାରେ ପରି ପ୍ରକାଶ କରିଥିବା ଏହି କୋଚିଂ ସେଣ୍ଟର +୨ ଓ +୩ ଛାତ୍ରଛାତ୍ରୀ ମାନଙ୍କ ପାଇଁ ଶିକ୍ଷାର ନୂଆ ପ୍ରୟାସ । ଏଠାରେ ଶିକ୍ଷାର ଉନ୍ନତି ପାଇଁ ସ୍ୱତନ୍ତ୍ର ଶିକ୍ଷା ପାଠ୍ୟଖସଡ଼ା ପ୍ରସ୍ତୁତ କରାଯାଉଛି । ପିଲାମାନଙ୍କର ସର୍ବାଙ୍ଗୀନ ଉନ୍ନତି ପାଇଁ ଗରିବ, ପଛୁଆ ବର୍ଗ ଓ ମଧ୍ୟବିତ୍ତ ଶ୍ରେଣୀ ସମସ୍ତ ଛାତ୍ରଛାତ୍ରୀ ପାଠ ପଢ଼ିବାର ସୁଯୋଗ ପାଇପାରିବେ ।
+2 Mil (Odia), English, Economic, Education, Political Science, Logic, History, Op-Odia
+2 Monthly Tution (Aaa Subject) Fee Rs.- 300/- & +3 Monthly Tution Fee Rs.- 500/-
+3 Mil (Odia), Education, Political Science
B.Ed (Androkesari, Nagarjuna, Kashmir)
ଠିକଣା :- ଦେଉଳା ହାଟ (ବନ୍ଧନ ବ୍ୟାଙ୍କ ପାଖ) ଭୋଗରାଇ, ବାଲେଶ୍ୱର ଓ ଥାନାଛକ, ଆନନ୍ଦବଜାର, HDFC BANK ସାମ୍ନା
Mob.-8018060459 7978268103
ଗଜଲକ୍ଷ୍ମୀ ପୂଜା ଅବସରରେ ଅଭିନନ୍ଦନ
ଆକାଶ ପ୍ରଧାନ, ପ୍ରପାଇଟର, ଏନଆର କୋଚିଂ ସେଣ୍ଟର
ଆଗାମୀ ବର୍ଷ ପାଠ୍ୟକ୍ରମ ପାଇଁ ଯୋଗାଯୋଗ କରନ୍ତୁ।





### ଦିନକ ପରେ କାର୍ତ୍ତିକ

# ପୁରୀମୁହାଁ ହବିଷ୍ୟାଳି; ଖାଁ ଖାଁ ଏକାମ୍ର କ୍ଷେତ୍ର

ଭୁବନେଶ୍ୱର, ୫।୧୦(ସମିସ)



କାର୍ତ୍ତିକ ପରି ମାସ ନାହିଁ କି ବିଷ୍ଣୁଙ୍କ ପରି ଦେବତା ନାହାନ୍ତି। ବିଭିନ୍ନ ପୁରାଣର ବର୍ଣ୍ଣନା ଅନୁସାରେ, ଏହି କାର୍ତ୍ତିକ ମାସରେ ହବିଷ ବ୍ରତ, ବିଷ୍ଣୁଙ୍କୁ ତୁଳସୀ ଆଦି ଅର୍ପଣ କରି ମନୁଷ୍ୟ ଅଶେଷ ପୁଣ୍ୟ ଅର୍ଜନ କରିଥାନ୍ତି ବୋଲି ବିଶ୍ୱାସ ରହିଛି। ଏଥିପାଇଁ ଅନେକ ବୟସ୍କ ମହିଳା ଓ ପୁରୁଷମାନେ କାର୍ତ୍ତିକ ବ୍ରତ କରିଥାନ୍ତି। ହେଲେ ଗତ କିଛିବର୍ଷ ଧରି ଭୁବନେଶ୍ୱର ଏକାମ୍ର କ୍ଷେତ୍ର ଅପେକ୍ଷା ବ୍ରତଧାରୀମାନେ ପୁରୀରେ ବ୍ରତ କରିବାକୁ ପସନ୍ଦ କରୁଛନ୍ତି। ଫଳରେ କାର୍ତ୍ତିକ ବ୍ରତ ଆରମ୍ଭ ହେଉଥିବାରୁ ଏକାମ୍ର କ୍ଷେତ୍ରରେ ଧର୍ମଶାଳା ଏବେ ବି ଖାଲିପଡ଼ିଛି।

କାର୍ତ୍ତିକ ମାସ ଆରମ୍ଭରୁ ହବିଷ୍ୟାଳି ମାନେ ମାସେ ପର୍ଯ୍ୟନ୍ତ ପରିବାରଠାରୁ ଆଲଗା ହୋଇ ବିଭିନ୍ନ ମଠ ଓ ଧର୍ମଶାଳାରେ କାର୍ତ୍ତିକ ବ୍ରତ ବା ରାଇ ଦାମୋଦର ବ୍ରତ ଆରମ୍ଭ କରିଥାନ୍ତି। ପୁରୁଣା ଭୁବନେଶ୍ୱରକୁ ବ୍ରହ୍ମପୁର, ଖୋର୍ଦ୍ଧା, ରାଜଧାନୀର ବିଭିନ୍ନ ଉପକଣ୍ଠ ଗାଁ ସମେତ ବିଭିନ୍ନ ଜିଲ୍ଲା ଓ ରାଜ୍ୟ ବାହାରୁ ଅନେକ ହବିଷ୍ୟାଳି କାର୍ତ୍ତିକ ବ୍ରତ କରିବା ପାଇଁ ଆସିଥାନ୍ତି। ବ୍ରତଧାରୀମାନେ ଭୋର୍‌ରୁ ଉଠି ବିନ୍ଦୁସାଗରରେ ସ୍ନାନ ସାରି ସୂର୍ଯ୍ୟଙ୍କ ସମେତ ତୁଳସୀ ଚଉଁରାରେ ଜଳଲାଗି କରି ଅନନ୍ତ ବାସୁଦେବ ଓ ଲିଙ୍ଗରାଜଙ୍କୁ ଦର୍ଶନ କରିବା ସହ ଅନ୍ୟ ଦେବଦେବୀଙ୍କୁ ମଧ୍ୟ ଦର୍ଶନ କରନ୍ତି। ବ୍ରତଧାରୀଙ୍କ ମଧ୍ୟରୁ କିଛି ଜଣ ରୋଷେଇ କରିଥାନ୍ତି ତ ଆଉ କିଏ ଅନନ୍ତ ବାସୁଦେବ ଓ ଲିଙ୍ଗରାଜଙ୍କ ଅବଢ଼ା ଗ୍ରହଣ କରିଥାନ୍ତି। ଏଥିପାଇଁ ବିନ୍ଦୁସାଗର କୂଳରେ ରହିଛି ଦୁଦୁବାଲୀ ଧର୍ମଶାଳା। ଏହି ଧର୍ମଶାଳାରେ ହବିଷ୍ୟାଳିମାନେ ଆସି ରହିWଥାନ୍ତି। ୧୯୨୯ ମସିହାରେ ତିଆରି ହୋଇଥିବା ଏହି ଧର୍ମଶାଳାରେ ୩୫ଟି କୋଠରି ରହିଛି। ଏଥିରେ ସମୁଦାୟ ୨ଶହରୁ ଅଧିକ ବ୍ରତଧାରୀ ରହିବାର ବ୍ୟବସ୍ଥା ଅଛି। ହେଲେ ଏହି ଧର୍ମଶାଳାକୁ ମାତ୍ର ୨୦ରୁ କମ ଜଣ ବ୍ରତଧାରୀ ବ୍ରତ କରିବା ପାଇଁ ଆସୁଛନ୍ତି ବ୍ରତ କରିବା ପାଇଁ। ଚଳିତ ବର୍ଷ ମାତ୍ର ୧୬ ଜଣ ସୁନିଶ୍ଚିତ ଭାବେ ଧର୍ମଶାଳାକୁ ବ୍ରତ କରିବା ପାଇଁ ଆସିବାକୁ ଥିବା ବେଳେ ଆଉ ୩ ରୁ ୪ ଜଣ ଅନିଶ୍ଚିତତା ରେ ରହିଛନ୍ତି। ଗତ କିଛି ବର୍ଷ ହେବ ସରକାରଙ୍କ ପକ୍ଷରୁ ବ୍ରତଧାରୀଙ୍କ ପାଇଁ ପୁରୀରେ ନାନା ପ୍ରକାରର ସୁବିଧା ସୁଯୋଗ କରାଯାଉଛି। ଏଥିପାଇଁ ବ୍ରତଧାରୀମାନେ ଏବେ ପୁରୀ ମୁହାଁ ହୋଇଛନ୍ତି।

ଆଗରୁ ଏଠାରେ ବହୁତ ମଠ ମଧ୍ୟ ରହିଥିଲା। ବ୍ରତ କରିବା ପାଇଁ ବହୁତ ଜଣ ଏକାମ୍ରକ୍ଷେତ୍ରକୁ ଆସୁଥିଲେ। ହେଲେ କରୋନା ପରଠୁ ବ୍ରତଧାରୀ ଆସିବା କମିଯାଇଛନ୍ତି। ଏଥିସହିତ ପୁରୀକୁ ମଧ୍ୟ ସମସ୍ତେ ଚାଲିଯାଉଛନ୍ତି ବ୍ରତ କରିବା ପାଇଁ। ସେଠାରେ ଯେଉଁଭଳି ଭାବରେ ବ୍ରତଧାରୀଙ୍କ ପାଇଁ ସୁବିଧା କରାଯାଉଛି ଏଠାରେ ସେମିତି କିଛି କରାଯାଉନାହିଁ ବୋଲି ଅନେକ ବ୍ରତଧାରୀ କହିଛନ୍ତି। ସେହିଭଳି ପୁରୀଠାରୁ ଏକାମ୍ରକ୍ଷେତ୍ର ବହୁତ ପୁରାତନ। ପୁରାତନ ହେଲେ ମଧ୍ୟ କୌଣସି ସୁବିଧା ସୁଯୋଗ ନାହିଁ। ଯାହା ଦ୍ୱାରା ବ୍ରତଧାରୀଙ୍କ ସଂଖ୍ୟା କମି ଆସୁଛି ବୋଲି ଦୁଦୁବାଲୀ ଧର୍ମଶାଳାର ମ୍ୟାନେଜର ରଞ୍ଜିତ୍ କୁମାର ବୁଟୁ କହିଛନ୍ତି।

## ବିଜେଡି ପକ୍ଷରୁ ବରପୁତ୍ରଙ୍କୁ ଶ୍ରଦ୍ଧାଞ୍ଜଳି




ଭୁବନେଶ୍ୱର,୫।୧୦(ସମିସ): ବିଜେଡି ସାଂସ୍କୃତିକ ସମନ୍ୱୟ ସାମ୍ମୁଖ୍ୟ ଦ୍ୱାରା ସାମ୍ୟବାଦୀ ଚେତନାର ପୁରୋଧା ପ୍ରାଣନାଥ ପଟ୍ଟନାୟକଙ୍କ ପୁଣ୍ୟତିଥି ଏବଂ ସହିଦ ବାଜି ରାଉତଙ୍କ ଜୟନ୍ତୀ ଉତ୍ସବ ରବିବାର ତାଙ୍କ ପ୍ରତିମୂର୍ତ୍ତିସ୍ଥଳରେ ପାଳନ କରାଯାଇଛି। ପ୍ରାଣନାଥ ଥିଲେ ଗରିବ, ମେହନତି ମଣିଷର ସ୍ୱର, ସାରାଜୀବନ ସେ ଚାଷୀ, ଶ୍ରମିକର ଦୁଃଖକୁ ନିଜ ଦୁଃଖ ବୋଲି ଭାବି କାର୍ଯ୍ୟ କରିଥିଲେ। ଅନ୍ୟପକ୍ଷରେ ସ୍ୱାଧୀନତା ଆନ୍ଦୋଳନରେ ଉଦ୍‌ବୁଦ୍ଧ ହୋଇ ଫିରିଙ୍ଗି ବାହିନୀର ଦମନ ଆଗରେ ଡରି ନଯାଇ ଯେ ପ୍ରାଣବଳି ଦେଇ ନିଜେ ଇତିହାସ ହୋଇଗଲେ ସେ ଥିଲେ ବାଜି ରାଉତ ବୋଲି ଉଭୟଙ୍କ ଶ୍ରଦ୍ଧାଞ୍ଜଳି ସଭାରେ ଯୋଗ ଦେଇଥିବା ଅତିଥିମାନେ ମତବ୍ୟକ୍ତ କରିଥିଲେ।

ପ୍ରଥମେ ପ୍ରତିମୂର୍ତ୍ତିମାନଙ୍କରେ ପୁଷ୍ପମାଲ୍ୟ ଅର୍ପଣ ପରେ ପ୍ରଦୀପ ପ୍ରଜ୍ୱଳନ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ବିଜେଡି ସାଂସ୍କୃତିକ ସମନ୍ୱୟ ସାମ୍ମୁଖ୍ୟର ରାଜ୍ୟ ସଂଯୋଜକ ପ୍ରବୀର ମହାନ୍ତି ସଂଯୋଜନା କରିଥିଲେ। ଉଭୟ ବରପୁତ୍ରଙ୍କୁ ବିଧାୟକ ଅନନ୍ତ ନାରାୟଣ ଜେନା, ପ୍ରାଧ୍ୟାପକ ରଙ୍ଗାଧର ସାହୁ, ଦୁର୍ଗାଶିଷ ସାମନ୍ତରାୟ, ସମାଜସେବୀ ମନୋରଞ୍ଜନ ମହାନ୍ତି, ମନୋଜ କୁମାର ଦାସ, କର୍ପୋରେଟର ରଞ୍ଜୁବାଳା ରାୟ, ସତ୍ୟବ୍ରତ ଜେନା, ସାମ୍ୟବାଦୀ ନେତା ବସନ୍ତ ପାଇକରାୟ, ଆଶିଷ କୁମାର କର, ପ୍ରମୁଖ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ଶେଷରେ ବିରଞ୍ଚି ନାରାୟଣ ପାତ୍ର ଧନ୍ୟବାଦ ଦେଇଥିଲେ।

## ରାଜଧାନୀରେ ପ୍ରଥମ କରି ଆୟୁର୍ବେଦ ଯୋଗ ଓ ବୈଦ୍ୟ କର୍ମଶାଳା

ଭୁବନେଶ୍ୱର, ୫।୧୦ (ସମିସ): 'ସ୍ଥାପନା' ପକ୍ଷରୁ ସୋମବାର ପୂର୍ବାହ୍ନ ୧୧ ଘଟିକା ସମୟରେ ବୁଦ୍ଧ ମନ୍ଦିର ସମ୍ମିଳନୀ କକ୍ଷରେ ଏକ ଆୟୁର୍ବେଦ ଯୋଗ ଓ ବୈଦ୍ୟ କର୍ମଶାଳା ଆୟୋଜିତ ହେବ। ଏହି କର୍ମଶାଳା ପ୍ରଥମ ଥର ପାଇଁ ଭୁବନେଶ୍ୱରରେ ବିଶିଷ୍ଟ ଆୟୁର୍ବେଦ ଚିକିତ୍ସକ ଗଣେଶ ମହାକୁଡ଼ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହେବ। ଏଥିରେ ଆୟୁର୍ବେଦ ଚିକିତ୍ସା ଦ୍ୱାରା କର୍କଟ, ମଧୁମେହ ଭଳି ରୋଗରୁ ମୁକ୍ତ ହୋଇଥିବା ବହୁ ବ୍ୟକ୍ତି ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ସାମ୍ପ୍ରତିକ ସମୟରେ ବ୍ୟସ୍ତବହୁଳ ଜୀବନ ବିତାଉଥିବା ମଣିଷ ବିଭିନ୍ନ ରୋଗରେ ଆକ୍ରାନ୍ତ ହୋଇ ଛଟପଟ ହେଉଛି। ଏଥରୁ ମୁକ୍ତ ପାଇଁ ଅନେକ ନାନାଦି ଔଷଧ ଖାଇ ଖର୍ଚ୍ଚାନ୍ତ ହେଉଛନ୍ତି। ମାତ୍ର ଆମ ପାରମ୍ପରିକ ଆୟୁର୍ବେଦ ଚିକିତ୍ସାକୁ ଭୁଲି ଯାଉଛନ୍ତି। ଏହି ଚିକିତ୍ସା ଯେ ରୋଗର ମହୋଷଧୀ, ଏକଥା ସମସ୍ତେ ଭୁଲି ଯାଉଛନ୍ତି। ଏହାକୁ ଦୃଷ୍ଟିରେ ରଖି ଆୟୁର୍ବେଦ ଚିକିତ୍ସାର ଗୁରୁତ୍ୱ ଓ ସାମ୍ପ୍ରତିକ ସମୟରେ ଏହାର ଉପାଦେୟତା ପାଇଁ ଏହି କର୍ମଶାଳାର ଆୟୋଜନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଯୋଗଦେବାକୁ 'ସ୍ଥାପନା'ର ସାଧାରଣ ସମ୍ପାଦକ ସରୋଜ ଭୂୟାଁ ଅନୁରୋଧ କରିଛନ୍ତି।

## ଏନ୍‌ସିଇଆର୍‌ଟି ପୁସ୍ତକରେ ବାଜି ରାଉତଙ୍କ ଜୀବନୀ ସ୍ଥାନିତ ପାଇଁ ଦାବି

ଭୁବନେଶ୍ୱର,୫।୧୦(ସମିସ): ଦେଶର ସ୍ୱାଧୀନତା ସଂଗ୍ରାମରେ ବାଜି ରାଉତ ସର୍ବ କନିଷ୍ଠ ସହିଦ, ମାତ୍ର ଏଗାର ବର୍ଷ ବୟସରେ ସେ ଦେଶ ପାଇଁ ବ୍ରିଟିଶ୍ ପୁଲିସ୍ ଗୁଳି ଖାଇଥିଲେ। ଜାତୀୟ ସ୍ତରରେ ତାଙ୍କୁ ଯେଉଁ ସ୍ଥାନ ମିଳିବା କଥା ତାହା ମିଳିପାରି ନାହିଁ, ରବିବାର ତାଙ୍କ ଜନ୍ମଦିନରେ ତାଙ୍କ ଜୀବନୀ ଓ ତ୍ୟାଗକୁ ଭାରତ ସରକାରଙ୍କ ଏନ୍‌ସିଇଆରଟି ବହିରେ ସ୍ଥାନ ଦେବା ଓ ତାଙ୍କ ନାମରେ ନୂଆ ଦିଲ୍ଲୀରେ ଏକ ଶିଶୁ ଉଦ୍ୟାନକୁ ନାମିତ କରବାକୁ ଓଡ଼ିଆ ଅସ୍ମିତା ପରିଷଦର ଆବାହକ ରବି ବେହେରା କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଅନୁରୋଧ କରିଛନ୍ତି।

## ରାସ୍ତା ଉପରେ ରାଗ !



ଦୁର୍ଗାପୂଜା ପାଇଁ ରାଜଧାନୀର ରାସ୍ତାଘାଟ ମରାମତି ହୋଇଥିବା ବେଳେ ପୂଜା ପୂର୍ବରୁ ଡେଲ୍‌ଟା ରାସ୍ତାକୁ ହଠାତ୍ ଖୋଳି ଦିଆଗଲା

## ମନ୍ମଥ ଶତପଥୀଙ୍କୁ ନବଗୁଞ୍ଜରର ସମ୍ମାନ

ଭୁବନେଶ୍ୱର,୫।୧୦(ସମିସ)



ନବଗୁଞ୍ଜର ସଂସ୍କୃତି ମଞ୍ଚ ଆନୁକୂଲ୍ୟରେ ବାର୍ଷିକ ଉତ୍ସବ ଓ ସମ୍ମାନ ସମାରୋହ ବୁଦ୍ଧ ମନ୍ଦିର ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ମଞ୍ଚର ଅଧ୍ୟକ୍ଷ ଡ. ଉମାକାନ୍ତ ମିଶ୍ର ଏହି ଅନୁଷ୍ଠାନର ସ୍ଥାପନା ଓ ଗତିଧାରା ବିଷୟରେ ସୂଚନା ଦେଇଥିଲେ। ଡ. ଶାନ୍ତନୁ କୁମାର ରଥ ଅତିଥିମାନଙ୍କର ପରିଚୟ ପ୍ରଦାନ କରିଥିଲେ। ନାଟ୍ୟକାର ଓ ଲୋକ ନାଟ୍ୟବିତ୍ ମନ୍ମଥ କୁମାର ଶତପଥୀଙ୍କୁ ଚଳିତ ବର୍ଷର ନବଗୁଞ୍ଜର ସମ୍ମାନରେ ପୁରସ୍କୃତ କରାଯାଇଥିଲା। ମୁଖ୍ୟ ଅତିଥି ଭାବେ ଚଳଚ୍ଚିତ୍ର ନିର୍ଦ୍ଦେଶକ ଓ ଅଭିନେତା ପ୍ରଶାନ୍ତ ନନ୍ଦ ଓଡ଼ିଶାର ଐତିହ୍ୟ ପରମ୍ପରାରେ ସମ୍ରାଟ ଖାରବେଳଙ୍କ ମହତ୍ତ୍ୱପୂର୍ଣ୍ଣ ଭୂମିକା ଉପରେ ଆଲୋକପାତ କରିଥିଲେ। ପରେ ନାଟ୍ୟକାର ମନ୍ମଥନାଥ ଶତପଥୀ ମଧ୍ୟ ସମ୍ରାଟ ଖାରବେଳଙ୍କ ଅବଦାନ ବିଷୟରେ ଆଲୋଚନା କରିଥିଲେ। ଶେଷରେ ଜିତେନ୍ଦ୍ର କୁମାର ମହାନ୍ତି ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମର ପ୍ରାରମ୍ଭରେ ଡ. ସଂଗୀତା ଗୋସାଇଁଙ୍କ ନିର୍ଦ୍ଦେଶନାରେ ସୁଶ୍ରୀ ପ୍ରିୟଦର୍ଶିନୀ ଓ ସୁନିତା ଦେବୀବନ୍ଦନା ସଂଗୀତ ପରିବେଷଣ କରିଥିଲେ।

## ବାଜି ରାଉତ' ଏ ଜାତିର ଚିର ନମସ୍ୟ: ପାଇକ ମହାସଂଘ



ଭୁବନେଶ୍ୱର,୫।୧୦(ସମିସ): ରବିବାର ମହାସଂଘ ପକ୍ଷରୁ ସହିଦ ବାଜି ରାଉତଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଏଥିରେ ନିଖିଳ ଓଡ଼ିଶା ପାଇକ ମହାସଂଘର ରାଜ୍ୟ ସଭାପତି ଅଶୋକ କୁମାର ପାଲଟାସିଂହ ଯୋଗ ଦେଇ କହିଛନ୍ତି ସହିଦ ବାଜି ରାଉତ ଏ ମାଟିର, ଏ ଜାତିର ଚିର ନମସ୍ୟ। ଏହି ଅବସରରେ ତାଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇ ଶ୍ରଦ୍ଧାସୁମନ ଜ୍ଞାପନ କରାଯାଇଥିଲା। ଜୟନ୍ତୀରେ ରାଜ୍ୟ ମୁଖପାତ୍ର ରାଜୀବ ନୟନ ରଥ, ଜିଲ୍ଲା ସଭାପତି ପୂର୍ଣ୍ଣଚନ୍ଦ୍ର ପାଟଶାଣୀ, ଯୁବନେତା ହେମସାଗର ସ୍ୱାଇଁ, ସନାତନ ସ୍ୱାଇଁ, ଲିକୁ ବାବୁ ପ୍ରମୁଖ ଯୋଗ ଦେଇଥିଲେ।

## ଯାଁଳା କପ; କ୍ୱାର୍ଟର ଫାଇନାଲ୍‌ରେ ପାନବରଜ ଓ ସୁଆଙ୍ଗ

ଯାଁଳା ୫।୧୦ (ସମିସ): ରାଧାମାଧବ କ୍ଲବ ଆନୁକୂଲ୍ୟରେ ଚାଲିଥିବା ଯାଁଳା କପ୍‌ରେ ଉଦଘାଟନୀ ମ୍ୟାଚ୍‌ରେ କାଇପଦରକୁ ୩ ଉଇକେଟରେ ହରାଇ ପାନବରଜ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। ପାନବରଜ ଦଳର ଆଦିତ୍ୟ ବେହେରା ମ୍ୟାନ୍ ଅଫ୍ ଦ ମ୍ୟାଚ ବିବେଚିତ ହୋଇଥିଲେ। ଦ୍ୱିତୀୟ ଲିଗ୍ ମ୍ୟାଚ୍‌ରେ ସୁଆଙ୍ଗ ପାତ୍ରପଡାକୁ ୮୯ ରନରେ ହରାଇ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି ସୁଆଙ୍ଗ ଦଳର ଅମିତ ବଡଜେନା। ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ ଅନିଲ ପରିଡା, ସୁକାନ୍ତ ପ୍ରଧାନ ଓ ଗୋପବନ୍ଧୁ ପ୍ରଧାନ ମ୍ୟାଚ୍ ପରିଚାଳନା କରିଥିଲେ। ମୁଖ୍ୟ ଅତିଥି ଭାବରେ ରବି ନାରାୟଣ ସ୍ୱାଇଁ ଉପସ୍ଥିତ ଥିଲେ।




## ପ୍ରାଣନାଥ ପଟ୍ଟନାୟକଙ୍କ ଶ୍ରାଦ୍ଧବାର୍ଷିକ

ଭୁବନେଶ୍ୱର,୫।୧୦(ସମିସ): ସ୍ୱାଧୀନତା ସଂଗ୍ରାମୀ, ବିପ୍ଳବୀ ପ୍ରାଣନାଥ ପଟ୍ଟନାୟକଙ୍କ ୫୫ତମ ଶ୍ରାଦ୍ଧବାର୍ଷିକ ଉତ୍ସବ ଖାରବେଳ ନଗରଠାରେ ଥିବା ତାଙ୍କ ପ୍ରତିମୂର୍ତ୍ତି ସ୍ଥଳରେ ଅନୁଷ୍ଠିତ ହୋଇଛି। ପୂଜ୍ୟପୂଜା ସଂସ୍କୃତି ସୁରକ୍ଷା ଅଭିଯାନ ଓ ବିଜେଡି ସାଂସ୍କୃତିକ ସାମ୍ମୁଖ୍ୟ ଆନୁକୂଲ୍ୟରେ ଅଭିଯାନର ଅଧ୍ୟକ୍ଷ, ବରିଷ୍ଠ ସାମ୍ବାଦିକ ପ୍ରଦ୍ୟୁମ୍ନ ଶତପଥୀଙ୍କ ସଭାପତିତ୍ୱ ଓ



ସଂଯୋଜନାରେ ଅନୁଷ୍ଠିତ ହୋଇଯାଇଛି। ଶ୍ରଦ୍ଧାଞ୍ଜଳି କାର୍ଯ୍ୟକ୍ରମରେ ଅନ୍ୟତମ ସମ୍ମାନିତ ଅତିଥି ଭାବେ ବିଧାୟକ ଅନନ୍ତ ନାରାୟଣ ଜେନା, ବରିଷ୍ଠ ସାମ୍ବାଦିକ ତଥା ସ୍ତମ୍ଭକାର ପ୍ରଦୋଷ ପଟ୍ଟନାୟକ, ସୁରଥ ବିଶ୍ୱାଳ, କମ୍ୟୁନିଷ୍ଟ ନେତା ବସନ୍ତ ପାଇକରାୟ, କ୍ରାନ୍ତି କୁମାର ସକ୍‌ସେନା, ମନୋରଞ୍ଜନ ମହାନ୍ତି, ପ୍ରବୀର ମହାନ୍ତି ପ୍ରମୁଖ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

## ୱାର୍ଡ ପରିଦର୍ଶନ କଲେ ବିଏମ୍‌ସି କମିସନର୍

ଭୁବନେଶ୍ୱର,୫।୧୦(ସମିସ): ବିଏମ୍‌ସି କମିସନର ସକାଳୁ ୨୪ ନଂ ୱାର୍ଡ ପରିଦର୍ଶନ କରି ବିଭିନ୍ନ କାର୍ଯ୍ୟର ତଦାରଖ କରିଛନ୍ତି। ୱାର୍ଡରେ ଚାଲିଥିବା ପରିମଳ ବ୍ୟବସ୍ଥା ବୁଲି ଦେଖିବା ସହ ବିଭିନ୍ନ ଡ୍ରେନ, ରାସ୍ତା ଏବଂ ଅନ୍ୟାନ୍ୟ କାର୍ଯ୍ୟ ତଦାରଖ କରିଥିଲେ। ପରିମଳ ସେବା, ବର୍ଜ୍ୟ ସଂଗ୍ରହ ବ୍ୟାଗ୍‌ର ବ୍ୟବହାର, ସଫେଇ ଗାଡିର ନିୟମିତତା ସାଙ୍ଗକୁ ଜବରଦଖଲ ଏବଂ ଅନ୍ୟାନ୍ୟ ବିକାଶମୂଳକ କାର୍ଯ୍ୟର ସମୀକ୍ଷା ଓ ସ୍ଥାନୀୟ ଲୋକଙ୍କ ସହ ଆଲୋଚନା କରିଛନ୍ତି। କମିସନରଙ୍କ ଏହି କ୍ଷେତ୍ର ପରିଦର୍ଶନରେ ସ୍ଥାନୀୟ ଲୋକେ ବେଶ ଖୁସି ପ୍ରକଟ କରିବା ସହ ବିଏମ୍‌ସିର କର୍ଯ୍ୟକୁ ପ୍ରଶଂଶା କରିଛନ୍ତି। ୱାର୍ଡରେ ଥିବା ବିଭିନ୍ନ ସମସ୍ୟାର ତୁରନ୍ତ ସମାଧାନ କରିବା ପାଇଁ ସଂପୃକ୍ତ ଉପବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି କମିସନର। ଏହି ପରିଦର୍ଶନ ସମୟରେ ସ୍ଥାନୀୟ କର୍ପୋରେଟର ଦୀପକ ମିଶ୍ର, ଡେପୁଟି କମିସନର ପରିମଳ, ଜୋନାଲ କମିସନର, ବିଏମ୍‌ସିର ଅନ୍ୟାନ୍ୟ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ।

## ସ୍ୱେଚ୍ଛାକୃତ ରକ୍ତଦାନ ଦିବସରେ ରକ୍ତଦାନ




ଭୁବନେଶ୍ୱର,୫।୧୦(ସମିସ): ଜାତୀୟ ସ୍ୱେଚ୍ଛକୃତ ରକ୍ତଦାନ ଦିବସ ଅବସରରେ ରାଜଧାନୀ ଡାକ୍ତରଖାନା ରକ୍ତ କେନ୍ଦ୍ର ପରିସରରେ ରକ୍ତଦାନ ଶିବିର ଆୟୋଜିତ ହୋଇଛି। ଏହି ଶିବିରକୁ ରକ୍ତ କେନ୍ଦ୍ର ଅଧିକାରୀ ଡ. ଦେବାଶିଷ ମିଶ୍ର ଉଦ୍‌ଘାଟନ କରିଥିଲେ। ରାଜ୍ୟ ରକ୍ତ ସଞ୍ଚାଳନ ପରିଷଦ, ରାଜଧାନୀ ଡାକ୍ତରଖାନା ରକ୍ତ କେନ୍ଦ୍ର ଏବଂ ମିଶନ ରକ୍ତଦାନ ମିଳିତ ଆନୁକୁଲ୍ୟରେ ଏହି ଶିବିରରେ ୨୦ ଜଣ ସ୍ୱେଚ୍ଛାକୃତ ରକ୍ତଦାତା ରକ୍ତଦାନ କରିଥିଲେ। ମିଶନ ରକ୍ତଦାନ ସଦସ୍ୟ ବିଭୂତି ଭୂଷଣ ସାହୁ, ହରପ୍ରସାଦ ମହାପାତ୍ର, ସମାଜସେବୀ ମାନି ପଣ୍ଡା ଏବଂ ରକ୍ତଦାତା ମହାସଂଘର ଅକ୍ଷୟ ରାଉତ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ।

# ଆଜି ବିରାଜିବେ ଧନଦାତ୍ରୀ; ଚଳଚଞ୍ଚଳ ପୂଜାମଣ୍ଡପ

ଭୁବନେଶ୍ୱର,୫।୧୦(ସମିସ)





ଚାଲିଛି ପାର୍ବଣ ଋତୁ। ଇତି ମଧ୍ୟରେ ପୂଜା ଶେଷ ହୋଇଛି। ରାଜଧାନୀର ବିଭିନ୍ନ ପୂଜା ମଣ୍ଡପରେ ମାଆ ଦୁର୍ଗତିନାଶିନୀଙ୍କ ପୂଜା ସମାପ୍ତ ପରେ ମାଆଙ୍କ ବିସର୍ଜନ କରାଯାଇଛି। ଖାଁ ଖାଁ ହୋଇପଡ଼ୁଥିବା ରାଜଧାନୀର ବିଭିନ୍ନ ଅଞ୍ଚଳର ଏବେ ଗଜଲକ୍ଷ୍ମୀଙ୍କୁ ସ୍ୱାଗତ ପାଇଁ ଚଳଚଞ୍ଚଳ ହୋଇପଡ଼ିଛି। ବାପୁଜୀନଗରଠାରୁ ଆରମ୍ଭ କରି ୟୁନିଟ୍-୯ ଅଞ୍ଚଳ ସମେତ ରାଜଧାନୀର ବିଭିନ୍ନ ଅଞ୍ଚଳରେ ଗଜଲକ୍ଷ୍ମୀଙ୍କ ଆବାହନ ପାଇଁ ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି।

ରାତି ପାହିଲେ ଗଜଲକ୍ଷ୍ମୀ ପୂଜା। ପ୍ରତ୍ୟେକ ବର୍ଷ ଶାରଦୀୟ ପୂଜାଠାରୁ ପୂଜା ମାହୋଲ ରହିଥାଏ। କୁମାର ପୂର୍ଣ୍ଣମୀ ଦିନଟିକୁ ଗଜଲକ୍ଷ୍ମୀ ପୂଜା ଭାବେ ପାଳନ କରାଯାଉଥିବାବେଳେ ବିଭିନ୍ନ ସ୍ଥାନରେ ପାରମ୍ପରିକ ରୀତିରେ ଆୟୋଜିତ ହେଉଛି କୁମାରୋତ୍ସବ। ମା' ଦୁର୍ଗାଙ୍କ ବିଦାୟ ପରେ ପୁଣି ଉତ୍ସବମୁଖର ହୋଇଉଠିଛି ରାଜଧାନୀ। ରାତି ପାହିଲେ ପୂଜା ପାଇବେ ମା' ଧନଦାତ୍ରୀ। ମା'ଙ୍କ ଆବାହନ ପାଇଁ ଚାରିଆଡେ ପ୍ରସ୍ତୁତି ଶେଷ ହୋଇଛି। ରାଜଧାନୀର ବିଭିନ୍ନ ପୂଜାମଣ୍ଡପ ଓ ବ୍ୟବସାୟୀ ସଂଘ ପକ୍ଷରୁ ମା' ଲକ୍ଷ୍ମୀଙ୍କ ପୂଜାର୍ଚ୍ଚନା କରାଯିବ। ବିଭିନ୍ନ ଡିଜାଇନ୍‌ର ତୋରଣ ନିର୍ମାଣ କରି ସେଥିରେ ମା'ଙ୍କୁ ବିରାଜିତ କରିବାପାଇଁ ପ୍ରସ୍ତୁତି ସରିଛି।

ସେହିଭଳି ରାଜଧାନୀରେ ବରମୁଣ୍ଡା, ଖଣ୍ଡଗିରି, ଡୁମଡୁମା, ଆଇଗିଣିଆ, ପାତ୍ରପଡ଼ା, ଭରତପୁର, ସହିଦ୍‌ନଗର, ଲକ୍ଷ୍ମୀସାଗର ଆଦି ସ୍ଥାନରେ ପ୍ରାୟ ୨୦ରୁ ଅଧିକ ସ୍ଥାନରେ ମା' ଗଜଲକ୍ଷ୍ମୀ ପୂଜା ପାଇବେ। ୬ ତାରିଖ ସକାଳୁ କଳସ ଯାତ୍ରା ଆରମ୍ଭ ହେବାପରେ ରିତିନୀତି ସହ ମା'ଙ୍କ ପୂଜା ଆରମ୍ଭ ହେବ। ସେହିପରି ଭରତପୁର ଜିଏ କଲୋନୀରେ ମଧ୍ୟ ମା' ଗଜଲକ୍ଷ୍ମୀଙ୍କ ପୂଜା କରାଯିବ। ଏଥିପାଇଁ ପ୍ରାୟ ୨୦ କାରିଗର କାମରେ ଲାଗିଥିଲେ। ସୂଚନା ଅନୁଯାୟୀ, ତୋରଣର ଦୌର୍ଘ୍ୟ ପ୍ରାୟ ୬୦ ଫୁଟ୍ ଏବଂ ଉଚ୍ଚତା ପ୍ରାୟ ୫୦ ଫୁଟ୍ ରହିଛି। ସେହିଭଳି ୪୦ ଫୁଟ୍ ଉଚ୍ଚତାର ଦୁଇଟି ଲାଇଟ ଗେଟ ରହିଛି। ଚଳିତ ବର୍ଷ କମିଟି ସପ୍ତମ ବର୍ଷରେ ପାଦ ଥାପିଛି। ମା'ଙ୍କ ମୃଣ୍ମୟୀ ପ୍ରତିମାର ଉଚ୍ଚତା ପ୍ରାୟ ୧୨ ଫୁଟ୍ ରହିଛି ବୋଲି ମହାଲକ୍ଷ୍ମୀ ପୂଜା କମିଟି ପକ୍ଷରୁ ସୂଚନା ଦିଆଯାଇଛି। ବିଭିନ୍ନ ପୂଜାକମିଟି ପକ୍ଷରୁ କୁନି ପିଲାମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହେବ। ସେହିକ୍ରମରେ ବିଭିନ୍ନ ପୂଜା କମିଟି ପକ୍ଷରୁ ମା'ଙ୍କ ନିକଟରେ ଖେଚୁଡ଼ି, ପଣା, ଖିରୀ, ପୁରି ଆଦି ଭୋଗ ଲାଗି ହେବ। ଏଥିପାଇଁ ବଜାରରେ ମା'ଙ୍କ ମୂର୍ତ୍ତି କିଣିବା ଏବଂ ପୂଜା ସାମଗ୍ରୀ ପାଇଁ ଭିଡ଼ ମଧ୍ୟ ହୋଇଥିଲା। ଗଜଲକ୍ଷ୍ମୀ ପୂଜା ଉପଲକ୍ଷେ ମା'ଙ୍କ ପ୍ରିୟ ପଦ୍ମ ଓ କଇଁ ଫୁଲର ଏକ ଅସ୍ଥାୟୀ ପସରା ମଧ୍ୟ ଖୋଲିଥିବା ଦେଖିବାକୁ ମିଳିଛି।

# ପୁଲିସ ଏସ୍‌ଆଇ ପରୀକ୍ଷା ଜାଲିଆତି ଘଟଣାର ବିଚାର ବିଭାଗୀୟ ତଦନ୍ତ ଦାବି

**ଉଚ୍ଚ ନ୍ୟାୟାଳୟର ମୁଖ୍ୟ ବିଚାରପତିଙ୍କୁ ଚିଠି ଲେଖିଲେ ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟ**

ବ୍ରହ୍ମପୁର,୫ ।୧୦(ସମିସ): ପୁଲିସ ଏସ୍‌ଆଇ ପରୀକ୍ଷା ଜାଲିଆତି ଘଟଣାର ତଦନ୍ତ ଓ ତାହାର ଦିଗକୁ ନେଇ ସନ୍ଦେହ କରିଛନ୍ତି ପୂର୍ବତନ ଜିଲ୍ଲାପରିଷଦ ସଦସ୍ୟ ତଥା ସମାଜସେବୀ ଏନ. ଡମ୍ବୁରୁ ରେଡ୍ଡୀ। ଶାସକ ଦଳର ବହୁ ନେତାଙ୍କ ସହ ମାଷ୍ଟର ମାଇଣ୍ଡ କୁହାଯାଉଥିବା ଶଙ୍କର ପୃଷ୍ଟିର ଫଟୋ ଭାଇରାଲ ପରେ ରାଜ୍ୟ ସରକାରଙ୍କ ଅଧିନସ୍ଥ ପୁଲିସ ଅଥବା କ୍ରାଇମବ୍ରାଞ୍ଚ ଦ୍ୱାରା ତଦନ୍ତରୁ କିଛି ସଠିକ ବା ସନ୍ତୋଷଜନକ ନିଷ୍କର୍ଷ ବାହାରିବା ନେଇ ସେ ସନ୍ଦେହ ପ୍ରକାଶ କରିଛନ୍ତି। ଏଣୁ ଏହି ଘଟଣାର ତଦନ୍ତ କ୍ରାଇମବ୍ରାଞ୍ଚ ଦ୍ୱାରା ନୁହେଁ ବରଂ ବିଚାର ବିଭାଗୀୟ ହେଲେ ତଦନ୍ତ ନିରପେକ୍ଷ ହୋଇପାରିବ ଓ ଅନେକ ତଥ୍ୟ ଲୋକଲୋଚନକୁ ଆସିପାରିବ ବୋଲି ସେ ଆଶା ରଖିଛନ୍ତି। ଏହି ମର୍ମରେ ଏନ. ଡମ୍ବୁରୁ ରେଡ୍ଡୀ ଓଡିଶା ଉଚ୍ଚ ନ୍ୟାୟାଳୟର ମୁଖ୍ୟ ବିଚାରପତିଙ୍କୁ ଚିଠି ଲେଖି ତାଙ୍କର ହସ୍ତକ୍ଷେପ ଲୋଡିବା ସହିତ ନିଜଆଡୁ ଏହି ମାମଲାକୁ ଗ୍ରହଣ କରିବାକୁ ସେ ନିବେଦନ କରିଛନ୍ତି।

# ବିସର୍ଜନ ଶୋଭାଯାତ୍ରା ବେଳେ ସଂଘବଦ୍ଧ ଆକ୍ରମଣ; ଜଣେ ଗୁରୁତର



**ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କଲେ ଚିକିଟି ବିଧାୟକ**

ବ୍ରହ୍ମପୁର/ପାତ୍ରପୁର,୫ ।୧୦(ସମିସ): ଚିକିଟି ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ପାତ୍ରପୁର ବ୍ଲକ ସୁରଙ୍ଗିଗଡ଼ରେ ଭସାଣି ଶୋଭାଯାତ୍ରା ବେଳେ ଜଣେ ବ୍ୟକ୍ତିଙ୍କ ଉପରେ ସଂଘବଦ୍ଧ ଆକ୍ରମଣ ନେଇ ଅଭିଯୋଗ ହୋଇଛି। ଆକ୍ରମଣରେ ଆହତ ଲୋକନାଥ ଦାସ ଜରଡ଼ା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୁଲିସ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ସୂଚନା ପ୍ରକାରେ, ରବିବାର ପୂର୍ବାହ୍ନରେ ଲୋକନାଥ ନିଜ ଘର ବାରଣ୍ଡାରେ ବସିଥିବା ବେଳେ ସେହି ଗ୍ରାମର ଅନୀଲ ଚୌଧୁରୀ ଓ ଲିପୁନ ପାଣିଗ୍ରାହୀଙ୍କ ସମେତ ୫ରୁ ୬ଜଣ ଦୁର୍ବୃତ୍ତ ତାଙ୍କୁ ଘୋଷାଡ଼ି ନେଇ ମରଣାନ୍ତକ ଆକ୍ରମଣ କରିଥିଲେ। ଗୁରୁତର ଅବସ୍ଥାରେ ପରିବାର ଲୋକେ ଲୋକନାଥଙ୍କୁ ପାତ୍ରପୁର ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ ସେ ଜରଡ଼ା ଥାନାକୁ ଯାଇ ଲିଖିତ ଅଭିଯୋଗ କରିଛନ୍ତି। ଖବର ପାଇ ଚିକିଟି ବିଧାୟକ ମନୋରଞ୍ଜନ ଦ୍ୟାନସାମନ୍ତରା ଓ ସାଂସଦଙ୍କ ପ୍ରତିନିଧି ମିନା ଦ୍ୟାନସମାନ୍ତରା ଡାକ୍ତରଖାନାରେ ପହଞ୍ଚି ଆହତ ଲୋକନାଥଙ୍କ ସ୍ୱାସ୍ଥ୍ୟବସ୍ଥା ପଚାରି ବୁଝିବା ସହ ଉନ୍ନତ ଚିକିତ୍ସା ଲାଗି ଡ଼ାକ୍ତରଙ୍କ ପରାମର୍ଶକ୍ରମେ ଏମକେସିଜି ମେଡିକାଲକୁ ସ୍ଥାନାନ୍ତର କରିଥିଲେ। ଲୋକନାଥଙ୍କ ଉପରେ ହୋଇଥିବା ଆକ୍ରମଣକୁ ନିନ୍ଦା କରିଛନ୍ତି ବିଧାୟକ ଦ୍ୟାନସମାନ୍ତରା। ଆକ୍ରମଣ ପଛରେ ରାଜନୈତିକ ଉଦ୍ଦେଶ୍ୟ ରହିଥିବା ବେଳେ ଏହା ପୂର୍ବ ଯୋଜନାବଦ୍ଧ ବୋଲି ସେ କହିଛନ୍ତି। ଲୋକନାଥ ଜଣେ ବିଜେପି କର୍ମୀ ହୋଇଥିବା ବେଳେ ତାଙ୍କ ଉପରେ ହୋଇଥିବା ଆକ୍ରମଣକୁ ନେଇ ଘଟଣାରେ ଜିଲ୍ଲାପାଳ ଏବଂ ପୁଲିସ ପ୍ରଶାସନ ତୁରନ୍ତ ହସ୍ତକ୍ଷେପ କରି ଦୋଷୀଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେ ଦାବି କରିଛନ୍ତି।

# କଳିଙ୍ଗ ସାହିତ୍ୟ ସମାଜର ଶାରଦୀୟ ସାହିତ୍ୟ ଆସର




ବ୍ରହ୍ମପୁର,୫ ।୧୦(ସମିସ): ଉତ୍କଳ ଆଶ୍ରମ ସମ୍ମିଳନୀ କକ୍ଷରେ କଳିଙ୍ଗ ସାହିତ୍ୟ ସମାଜର ମାସିକ ସାହିତ୍ୟ ଆସର ଓ କବିତା ପାଠୋତ୍ସବ ଡ଼. ବନମାଳୀ ପାଣିଗ୍ରାହୀଙ୍କ ପୌରହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ଯୁବ କବି ମନୋରଞ୍ଜନ ବିଷୋୟୀ ସାହିତ୍ୟର ବିଭିନ୍ନ ଦିଗ ଉପରେ ଆଲୋକପାତ କରି କବିତା ପାଠ କରିଥିଲେ। ସଂଗଠନ ସମ୍ପାଦକ ଦୀନବନ୍ଧୁ ଶ୍ରୀପଲ୍ଲବ ଅତିଥି ଆବାହନ କରି ସୂଚନା ପ୍ରଦାନ କରିଥିଲେ। କବୟିତ୍ରୀ ପଦ୍ମିନୀ ମିଶ୍ରଙ୍କ ସଂଯୋଜନାରେ ଅନୁଷ୍ଠିତ କବିତା ପାଠୋତ୍ସବରେ ବରିଷ୍ଠ ସାହିତ୍ୟିକ ତ୍ରିନାଥ ନାୟକ, ଭିକାରୀ ଚରଣ ମହାପାତ୍ର, ଡ ବିଜୟ ଚନ୍ଦ୍ର ମହାରଣା, ବି ସତ୍ୟମ୍ ଆଚାରୀ, ଇଂ. ଗଙ୍ଗାଧର ମହାକୁଡ, ସୁଜିତ କୁମାର ପଣ୍ଡା, ମନ ମୋହନ ରଥ, ବଂଶୀଧର ସେଠୀ, ନୀଳକଣ୍ଠ ସାହୁ, ଗଗନ କୁମାର ଦାଶ, ହାଡ଼ିବନ୍ଧୁ ମାଳି, ଚନ୍ଦ୍ର ଶେଖର ମହାପାତ୍ର, ସ୍ୱର୍ଣ୍ଣମୟୀ ପାଢୀ, ସୁଚେତା ପାଣିଗ୍ରାହୀ, ହରିକୃଷ୍ଣ ପଣ୍ଡା ପ୍ରମୁଖଙ୍କ ସମେତ ଅନ୍ୟ କବି କବୟିତ୍ରୀ କବିତା ପାଠ କରିଥିଲେ।

**ଏସ୍‌ଆଇ ପରୀକ୍ଷା ଜାଲିଆତି ଘଟଣା**

# ଗିରଫ ସଂଖ୍ୟା ୧୧୯କୁ ବୃଦ୍ଧି

- ୩ରୁ ଅଧିକ ବସ୍‌ରେ ଆଶାୟୀ ଯାତ୍ରା କରୁଥିବା ଅଭିଯୋଗ
- ଗିରଫଙ୍କ ମଧ୍ୟରେ ୫ ଦଲାଲ ଓ ୧୧୪ ଆଶାୟୀ
- ବ୍ରହ୍ମପୁର କୋର୍ଟରେ ହାଜର ପରେ ଜେଲ ଗଲା ୫ମ ଦଲାଲ
- ମାଷ୍ଟର ମାଇଣ୍ଡ 'ଶଙ୍କର' ସହ ବିଜେପିର ତୁଙ୍ଗ ନେତାଙ୍କ ଦୋସ୍ତିର ଖୋଲୁଛି ଗୁମର
- ହତ୍ୟା ଅଭିଯୁକ୍ତ ଶଙ୍କର ସହ ମୁଖ୍ୟମନ୍ତ୍ରୀ, କେନ୍ଦ୍ରମନ୍ତ୍ରୀ ଓ ମନ୍ତ୍ରୀଙ୍କ ଫଟୋକୁ ନେଇ ଗଞ୍ଜାମରେ ଚର୍ଚ୍ଚା



ବ୍ରହ୍ମପୁର,୫ ।୧୦(ସମିସ)

ଚର୍ଚ୍ଚାରେ ଥିବା ପୁଲିସ ସବ୍ ଇନ୍ସପେକ୍ଟର ପରୀକ୍ଷା ଜାଲିଆତି ଘଟଣାରେ ଦିନକୁ ଦିନ ଗୁମର ଫିଟିବାରେ ଲାଗିଛି। ପଡ଼ୋଶୀ ଆନ୍ଧ୍ରରୁ ଗୋଳନ୍ଥରା ଥାନା ପୁଲିସ ୩ଟି ବସ୍‌ରେ ଯାତ୍ରା କରୁଥିବା ଚାକିରି ଆଶାୟୀଙ୍କୁ ଆଣି ଗିରଫ କରିଥିବା ବେଳେ ଆହୁରି ଅଧିକ ଆଶାୟୀ ଅଧିକ ସଂଖ୍ୟକ ବସରେ ଯାତ୍ରା କରୁଥିବା ନେଇ ଆଲୋଚନା ହେଉଛି। ଫଳରେ ଅନ୍ୟ କିଛି ଆଶାୟୀ ଫେରାର ହେବାରେ ସକ୍ଷମ ହୋଇଥିବା ଶୁଣିବାକୁ ମିଳୁଛି। ଘଟଣାର ଗୁରୁତ୍ୱ ଦୃଷ୍ଟିରୁ ରାଜ୍ୟ ସରକାର ଏହି ଘଟଣାର ତଦନ୍ତ ଦାୟିତ୍ୱ କ୍ରାଇମ୍‌ବ୍ରାଞ୍ଚକୁ ଦେଇଥିବା ବେଳେ ଇତି ମଧ୍ୟରେ ଅଧିକ ୨ଜଣ ଦଲାଲଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ଫଳରେ ଗିରଫ ସଂଖ୍ୟା ୫ଦଲାଲ ଓ ୧୧୪ଜଣ ଚାକିରି ଆଶାୟୀଙ୍କ ସହିତ ମୋଟ ୧୧୯କୁ ବୃଦ୍ଧି ପାଇଛି। ରବିବାର କ୍ରାଇମବ୍ରାଞ୍ଚ ବାଲେଶ୍ୱର ଜିଲ୍ଲା ସିଙ୍ଗଳା ଥାନା ଅନ୍ତର୍ଗତ ନବରା ଗ୍ରାମର ଅରବିନ୍ଦ ଦାସ (୪୩)କୁ ଗିରଫ କରି ବ୍ରହ୍ମପୁର ଜେଏମ୍‌ଏଫ୍‌ସି (ଗ୍ରାମାଞ୍ଚଳ)ଙ୍କ କୋର୍ଟରେ ହାଜର କରିଥିଲେ। ପରେ ତାଙ୍କୁ ବ୍ରହ୍ମପୁର ମଣ୍ଡଳ କାରାଗାରକୁ ପଠାଯାଇଛି। ପରୀକ୍ଷା ଜାଲିଆତି ଘଟଣାର ମାଷ୍ଟର ମାଇଣ୍ଡ କୁହାଯାଉଥିବା ଶଙ୍କର ପୃଷ୍ଟିର ଘର ଗଞ୍ଜାମ ଜିଲ୍ଲାରେ ହୋଇଥିବା ବେଳେ ସେ ଜଣେ ହତ୍ୟା ଅଭିଯୁକ୍ତ। ହତ୍ୟା ଘଟଣାରେ ଗିରଫ ହୋଇ ପରବର୍ତ୍ତି ସମୟରେ ସର୍ତ୍ତମୂଳକ ଜାମିନରେ ମୁକୁଳିଥିଲା। ତେବେ ଶଙ୍କର ଭଳି ଜଣେ ଅପରାଧିକ ପୃଷ୍ଠଭୂମି ଥିବା ଚରିତ୍ରକୁ ନିକଟରେ ବିଜେପି ପକ୍ଷରୁ ହୋଇଥିବା ମିଶ୍ରଣ ପର୍ବରେ ବିଜେପି ଘୁମୁସର ଜିଲ୍ଲା ସଭାପତି ବିଜୟ କୁମାର ସ୍ୱାଇଁ ଓ ଗତ ସାଧାରଣ ନିର୍ବାଚନରେ ବିଜେପିର ହିଞ୍ଜିଳି ବିଧାୟକ ପ୍ରାର୍ଥୀ ଶିଶିର ମିଶ୍ରଙ୍କ ଉପସ୍ଥିତିରେ କରିତକର୍ମା 'ଶଙ୍କର'କୁ ଶାସକ ବିଜେପି ଦଳ କୋଳେଇ ନେଇଥିଲା। ପରବର୍ତ୍ତି ସମୟରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ରାଜସ୍ୱମନ୍ତ୍ରୀ ସୁରେଶ ପୁଜାରୀ, ଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜଙ୍କ ସମେତ ବହୁ ନେତା ଓ ମନ୍ତ୍ରୀଙ୍କ ସହିତ ଶଙ୍କରର ଫଟୋ ସାମାଜିକ ଗଣମାଧ୍ୟମରେ କ୍ଷୀପ୍ର ଗତିରେ ଭାଇରାଲ ହେବାରେ ଲାଗିଛି। କେବଳ ଏତିକି ନୁହେଁ ଜିଲ୍ଲାର କିଛି ନେତାଙ୍କୁ ଶଙ୍କର ଫର୍ଚ୍ଚୁନର ଭଳି ଦାମୀ କାର ଭେଟି ଦେଇଥିବା ଓ ଅନ୍ୟ କେତେକଙ୍କୁ ସ୍କର୍ପିଓ ଭଳି ବିଳାସପୂର୍ଣ୍ଣ ଗାଡ଼ି ଲୋଭ ଦେଖାଇଥିବା ନେଇ ମଧ୍ୟ ଚର୍ଚ୍ଚା ହେଉଛି। ଏଭଳି ଚର୍ଚ୍ଚା ଜୋର ଧରିଥିବା ବେଳେ ଏନେଇ କେହି ମୁହଁ ନଖୋଲିବା ମଧ୍ୟ ସନ୍ଦେହକୁ ଅଧିକ ଦୃଢିଭୂତ କରୁଛି। ଏଥିରୁ ଚାକିରି ଜାଲିଆତିର କିଙ୍ଗ୍‌ପିନ ଶଙ୍କର ସହିତ ଶାସକ ବିଜେପି ଦଳ ଓ ଦଳୀୟ ନେତାଙ୍କର କିଭଳି ଦୋସ୍ତି ରହିଛି ତାହା ସ୍ପଷ୍ଟ ହେଉଛି।

ସବୁଠାରୁ ବଡକଥା ହେଲା ୩ଟି ବସ୍‌ରେ ବିଶାଖପାଟଣା ଅଭିମୁଖେ ଯାଉଥିବା ଚାକିରୀ ଆଶାୟୀଙ୍କୁ ପୁଲିସ ଧରିଥିବା ବେଳେ ବସ୍ ସଂଖ୍ୟା ଓ ଆଶାୟୀଙ୍କ ସଂଖ୍ୟା ଅଧିକ ଥିବା ନେଇ ବର୍ତ୍ତମାନ ଆଲୋଚନା ହେଉଛି। ଅଧିକ ସଂଖ୍ୟକ ବସ୍‌ରେ ଅଧିକ ଆଶାୟୀ ଯାତ୍ରା କରୁଥିବା ବେଳେ କେବଳ ୩ଟି ବସ୍‌ରୁ ହିଁ ଆଶାୟୀ ଓ ଦଲାଲଙ୍କୁ ଗିରଫ କରାଯାଇଥିବା ବେଳେ ଅନ୍ୟ ବସ୍‌ରେ ଯାତ୍ରା କରୁଥିବା ବ୍ୟକ୍ତିବିଶେଷ ଖସି ପଳାଇବାରେ ସକ୍ଷମ ହୋଇଥିବା କୁହାଯାଉଛି। ସେପଟେ ଏହି ନିଯୁକ୍ତି ଜାଲିଆତିରେ ଜାଲ ସାର୍ଟିଫିକେଟ କାରବାର ହେଉଥିବା ନଜରକୁ ଆସିଛି। କାରଣ ପୁଲିସ ପକ୍ଷରୁ ଜାରି ହୋଇଥିବା ଗିରଫଙ୍କ ତାଲିକାରେ ଥିବା ୯ନମ୍ବର ଗିରଫ ତଥା ଚାକିରି ଆଶାୟୀ ଭୁବନେଶ୍ୱର ଖଣ୍ଡଗିରି ଥାନା ଅନ୍ତର୍ଗତ ଜାଗମରା ଅଞ୍ଚଳର ବିଶ୍ୱଜିତ ହରିଚନ୍ଦନଙ୍କ ନାମ ଉଲ୍ଲେଖ ଥିବାବେଳେ ତାଙ୍କର ଶିକ୍ଷାଗତ ଯୋଗ୍ୟତା ୯ମ ପାସ ବୋଲି ଦର୍ଶାଯାଇଛି। ସେହିଭଳି ତାଲିକାର ୨୧ନମ୍ବରରେ ଥିବା କଟକ ଜିଲ୍ଲା ବୈଦ୍ୟେଶ୍ୱର ଥାନା ଅନ୍ତର୍ଗତ କଳାପଥର ଗ୍ରାମର ଲୋକନାଥ ସାହୁଙ୍କ ଶିକ୍ଷାଗତ ଯୋଗ୍ୟତା ୮ମ ଫେଲ ବୋଲି ଦର୍ଶାଯାଇଛି। ସୂଚନାଯୋଗ୍ୟ ଯେ' ପୁଲିସ ସବ ଇନ୍ସପେକ୍ଟର ପରୀକ୍ଷା ଦେବାକୁ ହେଲେ ଜଣେ ପ୍ରାର୍ଥୀଙ୍କୁ ଅନ୍ୟୁନ ଗ୍ରାଜୁଏଟ ଡିଗ୍ରୀ ଥିବା ଜରୁରୀ। ଏଭଳି ପରିସ୍ଥିତିରେ ବିନା ଶିକ୍ଷାଗତ ଯୋଗ୍ୟତାରେ କିଭଳି ଏଭଳି ବ୍ୟକ୍ତିଙ୍କୁ ତାଲିକାଭୁକ୍ତ କରାଯାଇଛି ଓ ସେମାନଙ୍କୁ ପ୍ରୋଭିଜିନାଲ ଆଡମିଟ କାର୍ଡ ଦିଆଯାଇଥିଲା ତାକୁ ନେଇ ଉଠିଛି ବଡ ପ୍ରଶ୍ନ। ଫଳରେ ପୁଲିସ ଏସଆଇ ପରୀକ୍ଷାରେ ଯୋଗ୍ୟ ବ୍ୟକ୍ତି ପରୀକ୍ଷା ଦେଉଛନ୍ତି ଅଥବା ପ୍ରକ୍ସିରେ ଅନ୍ୟ କେହି ପରୀକ୍ଷା ଦେଉଛନ୍ତି ତାହା ବର୍ତ୍ତମାନ ସନ୍ଦେହ ଘେରରେ।

**• ବ୍ରହ୍ମପୁର ପୁଲିସ ଜିଲ୍ଲାରେ ଜୁଆଆଡ୍ଡା ଧରପଗଡ଼**

# ୨୦ ଦିନରେ ୧୬୫ ଜୁଆଡ଼ି ଗିରଫ; ୯.୪୧ ଲକ୍ଷ ଟଙ୍କା ଜବତ

ବ୍ରହ୍ମପୁର,୫ ।୧୦(ସମିସ): ଗଞ୍ଜାମ ଜିଲ୍ଲାରେ ପାର୍ବଣ ଆରମ୍ଭରୁ ହିଁ ଜୁଆ ଖେଳ ଏକ ପରମ୍ପରା ରହିଛି। ହେଲେ ଜୁଆ ଖେଳକୁ ନେଇ ବିଗତ ଦିନରେ ଅନେକ କାଣ୍ଡ ଘଟିଛି। ଜୁଆ ଖେଳରୁ ସୃଷ୍ଟି ହେଉଥିବା ଅପରାଧ ରୋକିବା ପାଇଁ ବ୍ରହ୍ମପୁର ପୁଲିସ ଜୁଆ ଆଡ୍ଡାରେ ଚଢଉ ଅଭିଯାନ ଆରମ୍ଭ କରିଛି। ଗତ ସେପ୍ଟେମ୍ବର ୧୫ ତାରିଖରୁ ଏହି ଅଭିଯାନ ଆରମ୍ଭ ହୋଇଥିବା ବେଳେ ଗତ ୪ତାରିଖ ସୁଦ୍ଧା ଜିଲ୍ଲାର ବିଭିନ୍ନ ଥାନା ଇଲାକାରେ ଚାଲିଥିବା ଜୁଆ ଆଡ୍ଡାରେ ଚଢଉ କରି ଗତ ୨୦ ଦିନରେ ୧୬୫ ଜଣ ଜୁଆଡ଼ିଙ୍କୁ ଗିରଫ କରିଛି। ବିଭିନ୍ନ ଜୁଆ ଆଡ୍ଡାରୁ ୯ଲକ୍ଷ ୪୧ହଜାର୮୧୫ ଟଙ୍କା ଜବତ କରିଛି। ସେହିପରି ୨୨ଗୋଟି ମାମଲା ରୁଜୁ କରାଯାଇଛି। ୫ଗୋଟି ମୋବାଇଲ, ୧୮ଗୋଟି ବାଇକ ମଧ୍ୟ ଜବତ ହୋଇଛି। ଆଗକୁ ମଧ୍ୟ ଜୁଆ ଆଡ୍ଡା ଚଢଉ ଅଭିଯାନ ଜାରି ରହିବ ବୋଲି ବ୍ରହ୍ମପୁର ଏସପି ଡା. ସର୍ବଣା ବିବେକ ଏମ. ସୂଚନା ଦେଇଛନ୍ତି।

# ମୋବାଇଲ ଲୁଟ୍ ଘଟଣା; ଦୁଇ ଗିରଫ

ବ୍ରହ୍ମପୁର,୫ ।୧୦(ସମିସ): ମୋବାଇଲ ଲୁଟ୍ ଅଭିଯୋଗରେ ଟାଉନ୍ ଥାନା ପୁଲିସ ଦୁଇ ଅଭିଯୁକ୍ତକୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ଫୁଲଟା ଗ୍ରାମର ଶିବ ପ୍ରଧାନ ଓରଫ ବଳି(୧୯) ଓ ରାକେଶ ନାହାକ(୨୦)। ଗଜପତି ଜିଲ୍ଲା ଆର୍. ଉଦୟଗିରି ନିବାସୀ କାହ୍ନୁ ଗୌଡ଼ ଗତ ସେପ୍ଟେମ୍ବର ୨୪ରେ ବ୍ରହ୍ମପୁର ଆସିଥିଲେ। ସକାଳ ୭ଟାରେ ଖଲ୍ଲିକୋଟ କଲେଜ ଛକ ନିକଟରେ ୨ଜଣ ଦୁର୍ବୃତ୍ତ ବାଇକରେ ଆସି ତାଙ୍କ ମୋବାଇଲ୍ ଝାମ୍ପି ଚମ୍ପଟ ମାରିଥିଲେ। ଥାନାରେ ଅଭିଯୋଗ ପରେ ପୁଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରି ଉପରୋକ୍ତ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରିଛି।

# ଉଠା ଦୋକାନୀଙ୍କୁ ହଇରାଣ ନ କରିବାକୁ ଦାବି

ବ୍ରହ୍ମପୁର,୫ ।୧୦(ସମିସ): ବ୍ରହ୍ମପୁର ସହର ମୁଖ୍ୟ ରାସ୍ତାଠାରୁ ଆରମ୍ଭ କରି ବିଭିନ୍ନ ସାହି ଓ ଗଳିକନ୍ଦିରେ ଅନେକ ଉଠା ଦୋକାନୀ ବ୍ୟବସାୟ କରି ଜୀବିକା ନିର୍ବାହ କରୁଛନ୍ତି। କିନ୍ତୁ ରାସ୍ତା ସଂକୀର୍ଣ୍ଣ ଓ ଚଉଡ଼ା ନ ହେବାରୁ, ଗ୍ରାହକମାନେ ଦୋକାନ ପାଖକୁ ଆସିଲେ ଯାତାୟାତରେ ବାଧା ସୃଷ୍ଟି ହେଉଛି। ଏହି ସମସ୍ୟାକୁ ଦୃଷ୍ଟିରେ ରଖି ମହାନଗର ପ୍ରଶାସନ ସମସ୍ତ ଉଠା ଦୋକାନୀଙ୍କୁ ସେଠାରୁ ଉଚ୍ଛେଦ କରୁଛି। କିନ୍ତୁ ଦୁଃଖଦ ବିଷୟ, ଅଧିକାଂଶ ଉଠା ଦୋକାନୀ ଗରିବ ଶ୍ରେଣୀର ହୋଇଥିବାରୁ ସେମାନଙ୍କ ଜୀବନ ଜୀବିକା ସେହିଦିନ ଦୋକାନର ଆୟ ଉପରେ ନିର୍ଭରଶୀଳ। ଏପରି ସ୍ଥିତିରେ ସେମାନଙ୍କୁ ଅଚାନକ ଉଚ୍ଛେଦ କରିବା ତାଙ୍କ ପେଟପାଟଣାକୁ ଗୁରୁତର ସଂକଟରେ ପକାଉଥିବା ଅଭିଯୋଗ ହୋଇଛି। ଏପରିସ୍ଥଳେ ସେମାନଙ୍କୁ ଥଇଥାନ ଓ ପରବର୍ତ୍ତି ସମୟରେ ରାସ୍ତା ଅବରୋଧ ହଟାଇବା ଦିଗରେ ପ୍ରଶାସନ ଚିନ୍ତା କରିବାକୁ ଦାବି ହୋଇଛି।

# ଧୁମ୍‌ଧାମରେ ଚାଲିଛି ଗୋଷାଣୀନୂଆଗାଁ କାଳୁଆ ଯାତ୍ରା



**ମଧ୍ୟରାତିରେ ସ୍ୱ-ମନ୍ଦିର ପ୍ରତ୍ୟାବର୍ତ୍ତନ କରିବେ ମା'**

ବ୍ରହ୍ମପୁର,୫ ।୧୦(ସମିସ): ଗୋଷାଣୀନୂଆଗାଁର ଅଧିଷ୍ଠାତ୍ରୀ ଦେବୀ ମା'କାଳୁଆଙ୍କ ଯାତ୍ରା ଧୁମଧାମରେ ଚାଲିଛି। ପ୍ରତିଦିନ ମା'ଙ୍କୁ ହଜାର ହଜାର ଶ୍ରଦ୍ଧାଳୁ ଦର୍ଶନ କରୁଛନ୍ତି। ଅସ୍ଥାୟୀ ପୀଠରେ ମା'ଙ୍କ ପୂଜାର୍ଚ୍ଚନା ରୀତିମତ ଭାବେ ହେଉଛି। କାହିଁ କେଉଁ କାଳରୁ ମା'ଙ୍କ ଯାତ୍ରା ପାଳିତ ହେଉଥିବା ବେଳେ ପ୍ରତିବର୍ଷ ମା' ମହାଳୟା ଅମାବାସ୍ୟାରୁ କୁମାର ପୂର୍ଣ୍ଣିମା ପର୍ଯ୍ୟନ୍ତ ବଡ଼ସାହି ସ୍ଥିତ ଅସ୍ଥାୟୀ ମଣ୍ଡପରେ ପୂଜା ପାଆନ୍ତି। କମିଟି ସଭାପତି କହିବା ଅନୁଯାୟୀ, ଏହା ୩ଶହ ବର୍ଷର ପୁରୁଣା। ପୂର୍ବରୁ ରାଉଳ ପୂଜକଙ୍କ ଘରେ ମା'ଙ୍କ ଯାତ୍ରା ଅନୁଷ୍ଠିତ ହେଉଥିବା ବେଳେ ବର୍ତ୍ତମାନ ୬୧ ବର୍ଷ ହେବ ଅସ୍ଥାୟୀ ମଣ୍ଡପରେ ଅନୁଷ୍ଠିତ ହେଉଛି। ସେପ୍ଟେମ୍ବର ୨୧ ମଧ୍ୟରାତ୍ରରୁ ମା'ଙ୍କ ଯାତ୍ରା ଆରମ୍ଭ ହୋଇଥିଲା। ୨୨ତାରିଖରେ ମା' ଅସ୍ଥାୟୀ ମଣ୍ଡପ ବିଜେ କରିବା ସହ ଭକ୍ତଙ୍କୁ ଦର୍ଶନ ଦେଇଥିଲେ। ଗତ ୧୪ ଦିନ ଧରି ମାଆଙ୍କ ମଣ୍ଡପ ସମ୍ମୁଖରେ ଗଞ୍ଜାମର ଲୋକକଳା ଓ ଲୋକନୃତ୍ୟର ଝଲକ ଦେଖିବାକୁ ମିଳିଥିଲା। ସୋମବାର ବଡ଼ ସାହି ସ୍ଥିତ ଅସ୍ଥାୟୀ ମଣ୍ଡପ ସମ୍ମୁଖରେ ନାମ ସଂକୀର୍ତ୍ତନ ସାଙ୍ଗକୁ ପରଭା ନାଚ, ଘୋଡା ନାଚ, ପରଭା, ଶଙ୍ଖ, ମହୁରୀ, ଢୋଲ ବାଦ୍ୟ ନେଇ କାଳୁଆ ସାହି ଦେବୀ ସ୍ଥାୟୀ ମନ୍ଦିରରେ ଅଭିମୁଖେ ବାହାରିବେ। ପଟୁଆର ପ୍ରଥମେ ବଡ଼ ସାହି ସ୍ଥିତ ମାଉସୀ ଘରେ ପହଞ୍ଚି ମାଆ କାଳୁଆ ସେଠାରେ ପ୍ରଥମ ଭୋଗ ଗ୍ରହଣ କରିବେ। ଏହା ପରେ ଅନ୍ୟାନ୍ୟ ସାହି ପରିକ୍ରମା କରି ମଙ୍ଗଳବାର ପୂର୍ବାହ୍ନରେ ମୁଖ୍ୟ ମନ୍ଦିରରେ ବିରାଜମାନ କରିବେ।

# ୩୦ ଘଣ୍ଟା ବିତିଲା ଭାସି ଯାଇଥିବା ଯୁବକଙ୍କ ପତ୍ତା ମିଳୁନି



ଧରାକୋଟ,୫ ।୧୦(ସମିସ): ଧରାକୋଟ ବ୍ଲକ ମୁଣ୍ଡମରାଇ ପଞ୍ଚାୟତ ପୋଡ଼ାପଲି ଗ୍ରାମର ବୁଲୁ ପ୍ରଧାନ ଓ ପ୍ରମଦା ପ୍ରଧାନଙ୍କ ପୁଅ ଶୁଭମ୍ କୁମାର ପ୍ରଧାନ (୧୭) ଗତ ଶନିବାର ଦିନ ଋଷିକୁଲ୍ୟା ନଦୀକୁ ଗାଧୋଇବାକୁ ଯାଇ ଭାସି ଯାଇଥିଲେ। ଘଟଣାକୁ ୩୦ ଘଣ୍ଟା ବିତିଥିଲେ ମଧ୍ୟ ତାଙ୍କ ପତ୍ତା ମିଳୁନାହିଁ। ଏପଟେ ଶୁଭମ୍‌ଙ୍କ ଘର କାନ୍ଦବୋବାଳିରେ ଫାଟି ପଡୁଛି। ଧରାକୋଟ ଦମକଳ ବାହିନୀ ରବିବାର ଉଦ୍ଧାର କାର୍ଯ୍ୟ ତ୍ୱରାନ୍ୱିତ କରିଥିଲେ ମଧ୍ୟ ସନ୍ଧ୍ୟା ସୁଦ୍ଧା ଶୁଭମ୍‌ଙ୍କ କୌଣସି ପତ୍ତା ମିଳିନାହିଁ। ଧରାକୋଟ ଦମକଳ କେନ୍ଦ୍ର ଅଧିକାରୀ କୃଷ୍ଣଚନ୍ଦ୍ର ସାହୁଙ୍କ ନେତୃତ୍ୱରେ ଲାଇଫ୍ ବୋଟ୍ ସାହାଯ୍ୟରେ ରବିବାର ପୋଡ଼ାପଲିଠାରୁ ଆରମ୍ଭ କରି ସୁନାପଲି, ସିନ୍ଦୂରାପଲି, ଲକ୍ଷ୍ମୀପୁର, ପଙ୍କଲବାଡି, ରେଡ୍ଡୀ ଦାମୋଦରପଲ୍ଲୀ ସମେତ ଆସିକା ପର୍ଯ୍ୟନ୍ତ ଦୀର୍ଘ ସମୟ ଧରି ଖୋଜାଖୋଜି କରିଥିଲେ। ପ୍ରକାଶ ଯୋଗ୍ୟ ବ୍ରହ୍ମପୁର ବେଦବ୍ୟାସ କଲେଜରେ ଯୁକ୍ତ ଦୁଇ ଶ୍ରେଣୀରେ ପଢୁଥିବା ଶୁଭମ୍ ଚଳିତ ଦଶହରା ଛୁଟିରେ ଗାଁକୁ ଆସିଥିବା ବେଳେ ଶନିବାର ଦିନ ଗାଁ ନିକଟ ଋଷିକୁଲ୍ୟା ନଦୀକୁ ସକାଳେ ଗାଧୋଇବାକୁ ଯାଇ ନିଖୋଜ ହୋଇଯାଇଥିଲେ। ପ୍ରକାଶଯୋଗ୍ୟ ଏହି ଖୋଜିବା କାର୍ଯ୍ୟରେ ଆସିକା ଓ ହିଞ୍ଜିଳି ଦମକଳ ବାହିନି ମଧ୍ୟ ସାମିଲ ହୋଇ ନିଜ ନିଜ ଅଞ୍ଚଳରେ ଖୋଜା ଖୋଜି କରୁଥିବା ସୂଚନା ମିଳିଛି।

# 'କର୍ତ୍ତବ୍ୟ' ନିଶା ନିବାରଣ କେନ୍ଦ୍ରରେ ଅନ୍ତେବାସୀଙ୍କ ସନ୍ଦେହଜନକ ମୃତ୍ୟୁ

ବ୍ରହ୍ମପୁର,୫ ।୧୦(ସମିସ)

ବ୍ରହ୍ମପୁର ଉପକଣ୍ଠ ଲାଠି ରାସ୍ତାରେ ଥିବା "କର୍ତ୍ତବ୍ୟ" ନିଶା ନିବାରଣ କେନ୍ଦ୍ରରେ ଜଣେ ଅନ୍ତେବାସୀଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଛି। ମୃତକ ହେଲେ ବ୍ରହ୍ମପୁର ଖାରବେଳନଗରର ଅଶୋକ କୁମାର ପାଣିଗ୍ରାହୀ(୩୦)। ଅଶୋକଙ୍କୁ ନିଶା ନିବାରଣ କେନ୍ଦ୍ରରେ ମାଡ଼ ମାରି ହତ୍ୟା କରାଯାଇଥିବା ତାଙ୍କ ପତ୍ନୀ ଅଭିଯୋଗ କରି କେନ୍ଦ୍ରର କର୍ତ୍ତୃପକ୍ଷଙ୍କୁ ସିଧାସଳଖ ଦାୟୀ କରିଛନ୍ତି। ତେବେ ଏନେଇ ସଦର ଥାନା ପକ୍ଷରୁ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇ ତଦନ୍ତ ଜାରି ରହିଛି।

**ହତ୍ୟା ଅଭିଯୋଗ ଆଣିଲେ ମୃତକଙ୍କ ପରିବାର**





ସୂଚନାପ୍ରକାରେ, ସଦର ଥାନା ଅନ୍ତର୍ଗତ ଲାଠି ଗ୍ରାମ ନିକଟରେ 'କର୍ତ୍ତବ୍ୟ' ନାମକ ଏକ ନିଶା ନିବାରଣ କେନ୍ଦ୍ର ରହିଛି। ଏଠାରେ ବିଭିନ୍ନ ସ୍ଥାନରୁ ୫୦ରୁ ଅଧିକ ଅନ୍ତେବାସୀ ରହୁଛନ୍ତି। ନିଶା ଛଡାଇବା ପାଇଁ କେନ୍ଦ୍ର ପକ୍ଷରୁ ପ୍ରତ୍ୟେକ ଅନ୍ତେବାସୀଙ୍କ ଠାରୁ ମାସିକ ୬ରୁ ୧୦ହଜାର ଟଙ୍କା ଆଦାୟ କରାଯାଉଛି। ଏହି କେନ୍ଦ୍ରରେ ଖାରବେଳନଗରର ଅଶୋକ କୁମାର ପାଣିଗ୍ରାହୀ ଗତ ୩ ମାସ ଧରି ରହି ଆସୁଥିଲେ। ତେବେ ଶନିବାର ବିଳମ୍ବିତ ରାତିରେ ଅଶୋକଙ୍କ ସମେତ ଅନ୍ୟ ୩ଜଣ ଅନ୍ତେବାସୀ ମିଶି କେନ୍ଦ୍ରରୁ ଫେରାର ହେବା ଉଦ୍ଦେଶ୍ୟରେ କେନ୍ଦ୍ରର ୨ମହଲା ବିଶିଷ୍ଟ ଛାତରୁ ତଳକୁ ଡେଇଁ ପଡିଥିବା ଅଶୋକଙ୍କ ପରିବାର ଲୋକଙ୍କୁ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଥିଲା। ଅଶୋକଙ୍କ ସମେତ ଅନ୍ୟଜଣେ ଗୁରୁତର ହୋଇଥିବା ବେଳେ ଆଉ ୨ଜଣ ଫେରାର ହେବାରେ ସକ୍ଷମ ହୋଇଛନ୍ତି। ଗୁରୁତର ଅବସ୍ଥାରେ ଅଶୋକଙ୍କୁ ଏମ୍‌କେସିଜି ମେଡିକାଲରେ ଭର୍ତ୍ତି କରାଯାଇଥିବା ବେଳେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିବା କେନ୍ଦ୍ର ପକ୍ଷରୁ ଅଶୋକଙ୍କ ପରିବାର ଲୋକଙ୍କୁ କୁହାଯାଇଥିଲା। ଖବର ପାଇ ପରିବାର ଲୋକଙ୍କ ସମେତ ସଦର ଥାନା ପୁଲିସ ଏମ୍‌କେସିଜି ମେଡିକାଲରେ ପହଞ୍ଚିଥିଲେ। ବ୍ୟବଛେଦ ପରେ ପରିବାର ଲୋକଙ୍କୁ ପୁଲିସ ଶବକୁ ହସ୍ତାନ୍ତର କରିଛି। ଘଟଣା ପରେ ଅଶୋକଙ୍କ ପରିବାର ପକ୍ଷରୁ ସମ୍ପୃକ୍ତ ନିଶା ନିବାରଣ କେନ୍ଦ୍ର ବିରୋଧରେ ଲିଖିତ ଅଭିଯୋଗ କରିଛନ୍ତି। ଅଶୋକ ଛାତ ଉପରୁ ଡେଇଁଥିବା ନେଇ କେନ୍ଦ୍ର ପକ୍ଷରୁ ଦିଆଯାଇଥିବା ବୟାନକୁ ସନ୍ଦେହ କରିଛନ୍ତି ମୃତ ଅଶୋକଙ୍କ ପତ୍ନୀ। ଛାତରୁ ଡେଇଁ ନୁହେଁ ବରଂ ତାଙ୍କୁ ମାଡ଼ ମାରି ହତ୍ୟା କରାଯାଇଥିବା ସନ୍ଦେହ କରି ହତ୍ୟାମାମଲା ରୁଜୁ କରି ସେଦିଗରେ ତଦନ୍ତ କରିବାକୁ ସେ ଦାବି କରିଛନ୍ତି। ଶବ ବ୍ୟବଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର ପ୍ରକୃତ କାରଣ ଜଣାପଡିବ ବୋଲି ପୁଲିସ କହିଛି। ଏଭଳି ପରିସ୍ଥିତିରେ କେନ୍ଦ୍ରର ଅନ୍ତେବାସୀଙ୍କ ସୁରକ୍ଷାକୁ ନେଇ ଉଠିଛି ପ୍ରଶ୍ନ। କେନ୍ଦ୍ରର ଅନ୍ତେବାସୀଙ୍କୁ ତାଲା ବନ୍ଦ କରି ରଖା ଯାଉଥିବା ବେଳେ କିଭଳି ସେମାନେ ଛାତ ଉପରକୁ ଯିବାକୁ ସକ୍ଷମ ହେଲେ ଏବଂ କେନ୍ଦ୍ର ସୁରକ୍ଷାକର୍ମୀ କଣ କରୁଥିଲେ ବୋଲି ପ୍ରଶ୍ନ ଉଠିଛି।

# ସ୍ୱାମୀଙ୍କୁ ପନିକୀରେ ଆକ୍ରମଣ; ସ୍ତ୍ରୀ ଓ ଶାଳୀ ଗିରଫ

ବ୍ରହ୍ମପୁର,୫ ।୧୦(ସମିସ): ସ୍ୱାମୀଙ୍କୁ ପନିକୀରେ ହାଣି ରକ୍ତାକ୍ତ କରିଥିବା ବୈଦ୍ୟନାଥପୁର ଥାନାରେ ଅଭିଯୋଗ ପରେ ପୁଲିସ ଦୁଇ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ଲାଞ୍ଜିପଲ୍ଲୀ ରାମନଗରର ସଂଗୀତା ପ୍ରଧାନ (୨୨) ଓ ଅଭିଯୋଗକାରୀଙ୍କ ଶାଳୀ ଲିଜା ଆପଟା (୨୦)। ସୂଚନାଯୋଗ୍ୟ ଯେ, ପାରଳାଖେମୁଣ୍ଡିର ସନ୍ତୋଷ ପ୍ରଧାନ ଗତ ୩ ତାରିଖରେ ବ୍ରହ୍ମପୁର ସ୍ଥିତ ନିଜ ବଡ଼ଭଉଣୀ ଘରକୁ ଆସିଥିଲେ। ଏହି ସମୟରେ ସନ୍ତୋଷ ନିଜ ଝିଅକୁ ଦେଖା କରିବାକୁ ପତ୍ନୀଙ୍କ ବାପ ଘରକୁ ଯାଇଥିଲେ। ସେଠାରେ କୌଣସି କାରଣକୁ ନେଇ ଉଭୟଙ୍କ ମଧ୍ୟରେ କଳହ ହୋଇଥିଲା। ଏଥିରେ ଉତ୍‌କ୍ଷୀପ୍ତ ହୋଇ ସନ୍ତୋଷଙ୍କ ପତ୍ନୀ ଓ ତାଙ୍କ ଭଉଣୀ ମିଳିତ ଭାବେ ଏକ ପନିକିରେ ତାଙ୍କୁ ହାଣିଥିଲେ।

# ଦିନକରେ ୯୭ ଜୁଆଡ଼ି ଗିରଫ

ଛତ୍ରପୁର,୫ ।୧୦(ସମିସ): ଗଞ୍ଜାମ ପୁଲିସ ଜିଲ୍ଲା ପକ୍ଷରୁ ପାର୍ବଣ ଋତୁକୁ ଦୃଷ୍ଟିରେ ରଖି ଜୁଆ ଆଡ୍ଡାରେ ଚଢ଼ଉ ଜାରି ରହିଛି। ଗୋଟିଏ ଦିନରେ ଗଞ୍ଜାମ ପୁଲିସ ଜିଲ୍ଲାର ବିଭିନ୍ନ ଥାନା ପକ୍ଷରୁ ଜୁଆ ଆଡ୍ଡାରେ ଚଢ଼ଉ କରାଯାଇ ୧୬ ଟି ମାମଲା ରୁଜୁ କରାଯିବା ସହ ୯୭ ଜଣ ଜୁଆଡ଼ିଙ୍କୁ ଗିରଫ କରାଯାଇଛି। ସେମାନଙ୍କ ଠାରୁ ୨ ଲକ୍ଷ ୬୧ ହଜାର ୯୮୦ ଟଙ୍କା ଓ ୧୪ଟି ମୋବାଇଲ ଫୋନ ଓ ୪ଟି ବାଇକ୍ ଜବତ ଜବତ ହୋଇଛି। ୧୫ ସେପ୍ଟେମ୍ବରରୁ ଚଳିତ ମାସ ୪ ତାରିଖ ମଧ୍ୟରେ ୫୬ଟି ଜୁଆ ଆଡ୍ଡାରେ ଚଢ଼ଉ ସହ ୯ଲକ୍ଷ ୭୨ ହଜାର ୩୨୨ ଟଙ୍କା ଜବତ କରାଯାଇ ୧୩୮ଟି ମୋବାଇଲ ଫୋନ, ୩୦ଟି ବାଇକ୍ ଓ ୩୫୭ ଜଣ ଜୁଆଡିକୁ ଗିରଫ କରାଯାଇଛି। ଏହି ଚଢ଼ଉ ଜାରି ରହିବ ବୋଲି ଗଞ୍ଜାମ ଏସ୍‌ପି ଶୁଭେନ୍ଦୁ କୁମାର ପାତ୍ର ସୂଚନା ଦେଇଛନ୍ତି।

# ଶ୍ରୀକ୍ଷେତ୍ର ସିଟି

୫/୧୦/୨୦୨୫ (ରବିବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ
ଟ. ୬,୭୪,୪୯୭/- ସୁନା: ୦୧.୫୫୦ ଗ୍ରାମ୍ ରୁପା: ୦୮.୨୦୦ ଗ୍ରାମ୍





● ଶ୍ରୀନୀଳାଚଳ ତତ୍ତ୍ୱ ସନ୍ଧାନ ପରିଷଦର ମାସିକ ଆଲୋଚନା

## 'ମାଧୁର୍ଯ୍ୟଲୀଳାର ପରିପ୍ରକାଶ ହିଁ ରାସ'

ପୁରୀ,୫।୧୦(ସମିସ): ଶ୍ରୀନୀଳାଚଳ ତତ୍ତ୍ୱ ସନ୍ଧାନ ପରିଷଦର ଅକ୍ଟୋବର ମାସର ଆଲୋଚନାଚକ୍ର ରବିବାର ଶ୍ରୀଜଗନ୍ନାଥବଲ୍ଲଭ ମଠ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଡ. ଉମେଶ ଚନ୍ଦ୍ର ଚିହ୍ନରାଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଆଲୋଚନାଚକ୍ରକୁ ସଞ୍ଚାଳନ କରିଥିଲେ ସମ୍ପାଦକ ଡ. ଶ୍ରୀନିବାସ ଆଚାର୍ଯ୍ୟ। ଆଲୋଚ୍ୟ ପ୍ରସଙ୍ଗ 'ଯଶୋବନ୍ତ ଦାସଙ୍କ ଭକ୍ତିଧାରାରେ ଶ୍ରୀଜଗନ୍ନାଥ' ଉପରେ ପ୍ରବନ୍ଧ ଉପସ୍ଥାପନ କରିଥିଲେ ପ୍ରାଧ୍ୟାପକ ଡ. ନୃସିଂହ ଚରଣ ସାହୁ। ଭକ୍ତି ଯୁଗର ପଞ୍ଚ ସିଦ୍ଧସାଧକଙ୍କ ମଧ୍ୟରେ ଯଶୋବନ୍ତ ଦାସ ଥିଲେ ଯୁଗ ପୁରୁଷ। ସେ ଜଗତସିଂହପୁର ଜିଲ୍ଲା ଅନ୍ତର୍ଗତ ଅଡଙ୍ଗ ନାଇଲୋ ଗ୍ରାମରେ ଖ୍ରୀ ୧୪୮୭ରେ କ୍ଷତ୍ରିୟ କୁଳରେ ଆବିର୍ଭୂତ ହୋଇଥିଲେ। ସେ ଥିଲେ ଏକାଧାରାରେ ଯୋଗୀ, ସିଦ୍ଧସାଧକ, ଅଲୌକିକ ପ୍ରତିଭାଧାରୀ ସିଦ୍ଧପୁରୁଷ ଏବଂ ଶ୍ରୀଜଗନ୍ନାଥଙ୍କ ଚରଣାଶ୍ରିତ। ଚୈତନ୍ୟ ଭାଗବତ ଅନୁସାରେ ସେ ଶ୍ରୀକୃଷ୍ଣଙ୍କ ଆଜ୍ଞାରେ ଦ୍ୱାପରର ସୁବାହୁ ହିଁ ଯଶୋବନ୍ତ ନାମରେ ଆବିର୍ଭୂତ ହୋଇଥିଲେ। ଯଶୋବନ୍ତ ଅନେକ ରଚନାବଳୀ ସାଙ୍ଗକୁ ବହୁ ଭଜନ ଜଣାଣ ମଧ୍ୟ ଲେଖିଥିଲେ। ଶ୍ରୀଜଗନ୍ନାଥ ହିଁ ଥିଲେ ତାଙ୍କ ପରମଗୁରୁ। ଆତ୍ମ ପରଚେ ଗୀତାରେ ସେ ଲେଖିଛନ୍ତି, 'ଶ୍ରୀଜଗନ୍ନାଥ ମୋହର ଗୁରୁ, ଆଜ୍ଞା ଭରସା ମୋର ମହାମେରୁ'। ସାଧନା ବଳରେ ସେ ନିଜ ଅନ୍ତର ମଧ୍ୟରେ ଶ୍ରୀଜଗନ୍ନାଥଙ୍କ ଉପସ୍ଥିତିକୁ ଅନୁଭବ କରିଥିଲେ। ସେ ପ୍ରେମଭକ୍ତି ବ୍ରହ୍ମଗୀତାରେ ସୃଷ୍ଟିର ରହସ୍ୟ, ଶ୍ରୀକ୍ଷେତ୍ରର ମାହାତ୍ମ୍ୟ, ଶ୍ରୀଜଗନ୍ନାଥଙ୍କଠାରେ ରାଧାକୃଷ୍ଣଙ୍କ ଜୀବ ପରମଦ୍ୟୋତକ ଅଭିନ୍ନ ସଂଯୋଗକୁ ବର୍ଣ୍ଣନା କରିଛନ୍ତି। ନୀଳାଚଳସ୍ଥ ରତ୍ନବେଦୀ ଉପରେ ବିରାଜିତ ଓଁକାର ରୂପୀ ହ୍ଲୀଂ, ଶ୍ଲୀଂ, କ୍ଲୀଂ ହେଉଛନ୍ତି ଶ୍ରୀବଳଭଦ୍ର, ଦେବୀ ସୁଭଦ୍ରା ଓ ଶ୍ରୀଜଗନ୍ନାଥ। ସେ ସୁଭଦ୍ରାଙ୍କଠାରେ ବ୍ରହ୍ମାତ୍ୱ, ରାଧାତ୍ୱ ଓ ଶ୍ରୀତ୍ୱ ଆରୋପ କରିଛନ୍ତି। ତାଙ୍କ ଦୃଷ୍ଟିରେ ଶ୍ରୀକୃଷ୍ଣ ହିଁ ଶ୍ରୀଜଗନ୍ନାଥ ରୂପେ ପ୍ରତିପାଦିତ। ଭବିଷ୍ୟ ଟୀକା ଗ୍ରନ୍ଥରେ ଶ୍ରୀଜଗନ୍ନାଥ କଳ୍କୀ ରୂପ ହେବା କଥା ଲେଖିଛନ୍ତି। ମାଧୁର୍ଯ୍ୟଲୀଳାର ପରିପ୍ରକାଶ ହିଁ ରାସ। ଶ୍ରୀଜଗନ୍ନାଥ ନିତ୍ୟ ରାସ ସମ୍ପାଦନ କରିଥା'ନ୍ତି। ଯଶୋବନ୍ତଙ୍କ ଅଗାଧ ଯୋଗ ସାଧନାରେ ବିସ୍ମିତ ଗଜପତି ପ୍ରତାପରୁଦ୍ର ତାଙ୍କୁ ଅଠରନଳାଠାରେ ଅଭ୍ୟର୍ଥନା କରିଥିଲେ। ଶ୍ରୀଜଗନ୍ନାଥ ହିଁ ତାଙ୍କ ଇଷ୍ଟ ବୋଲି ଲେଖିଛନ୍ତି। ଏହି ଆଲୋଚନାଚକ୍ରରେ ଡ. ସତ୍ୟ ନାରାୟଣ ନନ୍ଦ, ଡ. ପ୍ରମୋଦ କୁମାର ଦଳେଇ, ପ୍ରଶାନ୍ତ କୁମାର ପାତ୍ର, ଅଶୋକ କୁମାର ଆଢ୍ୟ, କୋଟେଶ ଚନ୍ଦ୍ର ପାତ୍ର, ଅନାମ ଚନ୍ଦ୍ର ସାହୁ, ସୁକାନ୍ତ ମହାନ୍ତି, ନକୁଳ ଚରଣ ସ୍ୱାଇଁ, ଯୋଗୀନାଥ ସାହୁ, ରଞ୍ଜିତା ମହାପାତ୍ର, ସୁଦର୍ଶନ ସାହୁ, ସୁନୀଲ କୁମାର ମିଶ୍ର ପ୍ରମୁଖ ଅଂଶଗ୍ରହଣ କରିଥିଲେ।

## ବିଦ୍ୟାଳୟସ୍ତରୀୟ ପ୍ରତିଯୋଗିତା ଓ ସ୍ୱାସ୍ଥ୍ୟ ଶିବିର

ପୁରୀ,୫।୧୦(ସମିସ): ଶ୍ରୀକ୍ଷେତ୍ର ଯୁବ ସାଂସ୍କୃତିକ ସଂସଦ ଆନୁକୂଲ୍ୟରେ ଚଳିତ ମାସ ୬ ଓ ୭ ତାରିଖ ଦୁଇଦିନ ଧରି ପୁରୀ ପୌର ସଦନ ପରିସରରେ ୪୬ତମ କୁମାର ଉତ୍ସବ ପାଳନ ହେବ। ଏହାର ଅବ୍ୟବହିତ ପୂର୍ବରୁ ରବିବାର ଅନୁଷ୍ଠାନ ପକ୍ଷରୁ ଛାତ୍ରଛାତ୍ରୀଙ୍କୁ ନେଇ ଜିଲ୍ଲାସ୍ତରୀୟ ଆନ୍ତଃବିଦ୍ୟାଳୟ ପ୍ରତିଯୋଗିତା ସ୍ଥାନୀୟ ପୌରସଦନଠାରେ ଅନୁଷ୍ଠିତ ହୋଇଯାଇଛି। ସେହିପରି ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟଠାରେ ଆଗ୍ରୋଟେକ୍ ଚରିଟେବୁଲ୍ ଟ୍ରଷ୍ଟ ସହଯୋଗରେ ଏକ ନିଃଶୁଳ୍କ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଭିନ୍ନ ବିଭାଗର ଡାକ୍ତର ଯୋଗଦେଇ ଚିକିତ୍ସା ସେବା ଯୋଗାଇ ଦେଇଥିଲେ। ପ୍ରାୟ ୩୦୦ ଜଣ ସ୍ୱାସ୍ଥ୍ୟ ପରୀକ୍ଷା କରାଇଥିଲେ। ସେହିପରି ଅନୁଷ୍ଠିତ ପ୍ରତିଯୋଗିତାରେ ଚିତ୍ରାଙ୍କନ, ଝୋଟି, ମ୍ୟାଜିକ୍ ଗଣିତ, ମ୍ୟୁଜିକ୍ ଚେୟାର ଓ ଲିଟିଲ୍ ମିସ୍ ଲିଟିଲ୍ ମାଷ୍ଟର ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପ୍ରାୟ ୫୦୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। କୃତୀ ପ୍ରତିଯୋଗୀଙ୍କୁ ୪୬ତମ କୁମାର ଉତ୍ସବରେ ପୁରସ୍କୃତ କରାଯିବ ବୋଲି ସାଧାରଣ ସମ୍ପାଦକ ସନ୍ତୋଷ କୁମାର ଶତପଥୀ ଓ ସଭାପତି ବିରେନ୍ଦ୍ର ନାରାୟଣ ଗୋଛିକାର ସୂଚନା ଦେଇଛନ୍ତି। କାର୍ଯ୍ୟକ୍ରମରେ ଅତିଥି ଭାବେ ପୂର୍ବତନ ବିଧାୟକ ଜୟନ୍ତ ଷଡ଼ଙ୍ଗୀ ଯୋଗଦେଇ ପ୍ରତିଯୋଗିତା ଓ ସ୍ୱାସ୍ଥ୍ୟ ଶିବିରକୁ ଉଦ୍‌ଘାଟନ କରିଥିଲେ।

## ଗାଡ଼ି ପାର୍କିଂକୁ ନେଇ ଗଣ୍ଡଗୋଳ; ଯୁବକ ଗିରଫ

ପୁରୀ,୫।୧୦(ସମିସ): ରାସ୍ତାରେ ଗାଡ଼ି ପାର୍କିଂକୁ ନେଇ ଗଣ୍ଡଗୋଳ ଘଟଣାରେ ଟାଉନ ଥାନା ପୁଲିସ ସେବକ ପରିବାରର ଜଣେ ଯୁବକଙ୍କୁ ଗିରଫ କରିଛି। ଅଭିଯୁକ୍ତ ହେଲେ ତଲୁଛ ସାହିର କୁମାର ମହାସୁଆର ଓରଫ ସନ୍ଟୁ। ଅଭିଯୋଗ ଅନୁଯାୟୀ, ଶନିବାର ପୂର୍ବାହ୍ନ ପ୍ରାୟ ସାଢ଼େ ୧୦ଟାରେ ଅଭିଯୁକ୍ତ ତାଙ୍କ ବୁଲେଟକୁ ହରଚଣ୍ଡୀ ସାହି ହାଟମୁଣ୍ଡି ଛକ ମାଛହାଟ ନିକଟ ରାସ୍ତା ଉପରେ ପାର୍କ କରିଥିଲେ। ସେହି ବାଟ ଦେଇ ଦୋକାନକୁ ଯାଉଥିବା ହରଚଣ୍ଡୀ ସାହିର ହରିହର ଖୁଣ୍ଟିଆ ରାସ୍ତାରେ କାହିଁକି ଗାଡ଼ି ପାର୍କ କରିଛ ବୋଲି ସନ୍ଟୁକୁ ପଚାରିଥିଲେ। ଏହାକୁ ନେଇ ସନ୍ଟୁ ଉତ୍‌କ୍ଷିପ୍ତ ହେବା ସହ ଗାଡ଼ି ଚାବିରେ ହରିହରଙ୍କ ମୁଣ୍ଡ ଏବଂ ମୁହଁକୁ ଆକ୍ରମଣ କରିଥିଲା। ଏଥିରେ ତାଙ୍କ ବାମପାଶ୍ୱର୍ ମୁଣ୍ଡ ଏବଂ ମୁହଁରେ ଗଭୀର ଆଘାତ ଲାଗି ରକ୍ତସ୍ରାବ ହୋଇଥିଲା। ସ୍ଥାନୀୟ ଲୋକେ ହରିହରଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ହେଲେ ଅଭିଯୁକ୍ତ ସନ୍ଟୁ ବୁଲେଟ୍ ଧରି ସେଠାରୁ ଖସି ଯାଇଥିଲା। ଏ ନେଇ ଟାଉନ ଥାନାରେ ଅଭିଯୋଗ ହେବା ପରେ ପୁଲିସ ପକ୍ଷରୁ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇ ଅଭିଯୁକ୍ତକୁ ଶନିବାର ରାତିରେ ଗିରଫ କରିଥିଲା। ରବିବାର ଅଭିଯୁକ୍ତକୁ କୋର୍ଟଚାଲାଣ କରାଯାଇଥିଲା ବେଳେ ଜାମିନ ନାମଞ୍ଜୁର ହେବାକୁ ତାକୁ ଜେଲ୍ ହାଜତକୁ ପଠାଇ ଦିଆଯାଇଛି। ସନ୍ଟୁର ବୁଲେଟ୍‌କୁ ମଧ୍ୟ ପୁଲିସ ଜବତ କରିଛି।

## ପୁରୀ ଜିଲ୍ଲା କଂଗ୍ରେସ ସଭାପତିଙ୍କୁ ସମ୍ବର୍ଦ୍ଧନା

# ସବୁଥିରେ ବିଫଳ ବିଜେପି ସରକାର

ପୁରୀ,୫।୧୦(ସମିସ)




ନବନିଯୁକ୍ତ ପୁରୀ ଜିଲ୍ଲା କଂଗ୍ରେସ ସଭାପତି ଇଂ. ରାଜେଶ କୁମାର ମିଶ୍ରଙ୍କୁ ରବିବାର ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟରେ ସମ୍ବର୍ଦ୍ଧନା ଦିଆଯାଇଛି। ଏଥିରେ ଜିଲ୍ଲାବ୍ୟାପୀ ଦଳର ପ୍ରମୁଖ ନେତୃବୃନ୍ଦ ଯୋଗଦେଇ ଆଗାମୀ ଦିନରେ ଇଂ. ମିଶ୍ରଙ୍କ ସହ ମିଶି ଦଳକୁ ମଜଭୁତ କରିବା ଲାଗି ନିଷ୍ପତ୍ତି ନେଇଥିଲେ। ଏହି ଅବସରରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲା ସଭାପତି ଦଳର ଆଭିମୁଖ୍ୟ ଏବଂ ଆଗାମୀ

- ଭୋଟ୍ ଚୋରିଠୁ, ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ ନେଇ ବର୍ଷିଲେ ଜିଲ୍ଲା ସଭାପତି
- ପୁରୀବାସୀଙ୍କ ଜମିଜମା ସମସ୍ୟାର ସମାଧାନ ପାଇଁ ଲଢ଼ିବ କଂଗ୍ରେସ

କାର୍ଯ୍ୟପନ୍ଥା ସମ୍ବନ୍ଧରେ ସୂଚନା ଦେବାବେଳେ ରାଜ୍ୟରେ କ୍ଷମତାସୀନ ବିଜେପି ସରକାର ସବୁଥିରେ ବିଫଳ। ବିଜେପିର ଭୋଟ୍ ଚୋରିଠାରୁ ଆରମ୍ଭ କରି ରାଜ୍ୟରେ କିପରି ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇପଡ଼ିଛି ତା' ଉପରେ ବିସ୍ତୃତ ଭାବେ କହିଥିଲେ।

ଏହି ଅବସରରେ ନବନିଯୁକ୍ତ ଜିଲ୍ଲା କଂଗ୍ରେସ ସଭାପତି ଇଂ. ମିଶ୍ର ବିଭିନ୍ନ ଆଭିମୁଖ୍ୟ ସମ୍ପର୍କରେ କହିଥିଲେ ଯେ ଦୀର୍ଘ ବର୍ଷ ହେବ ପୁରୀବାସୀଙ୍କର ଜମିଜମା ସମସ୍ୟା ରହିଆସିଛି। ଜମି ମାଲିକାନା ପାଉନାହାନ୍ତି। ଏହାର କିପରି ସମାଧାନ ହେବ ଏବଂ ପୁରୀବାସୀଙ୍କୁ ସେମାନଙ୍କ ହକ୍ ଦେବା ପାଇଁ ଲଢ଼େଇ ଆରମ୍ଭ ହେବ। ରାଜସ୍ୱ ମନ୍ତ୍ରୀ ଏହାର ସମାଧାନ ପାଇଁ ଆଗ୍ରହ ରଖିଛନ୍ତି, କିନ୍ତୁ ଉପଯୁକ୍ତ ପରାମର୍ଶ ଅଭାବରୁ ଏହାର ସମାଧାନ କରିପାରୁନାହାନ୍ତି। ୩ ମାସ ମଧ୍ୟରେ ଜମିଜମା ସମସ୍ୟାର ସମାଧାନ ନ ହେଲେ କଂଗ୍ରେସ ଆନ୍ଦୋଳନକୁ ଓହ୍ଲାଇବ ବୋଲି ଚେତାଇ ଦେଇଛନ୍ତି। ସେହିପରି କ୍ଷମତା ଅଳିନ୍ଦରେ ପୁରୀ ଜିଲ୍ଲା ଛନ୍ଦି ହୋଇପଡ଼ିଛି। ଯେଉଁଭଳି ଭାବେ ବିକାଶ ହେବା କଥା ତାହା ହୋଇନାହିଁ। ପୁରୀର ୩୦ କିଲୋମିଟର ପରିଧିକୁ ନେଇ ବୃହତ୍ତର ପୁରୀର ପରିକଳ୍ପନା ସହ ୨ ବର୍ଷ ଭିତରେ ଏହାକୁ ବିଶେଷ ଐତିହ୍ୟ ମହାନଗର ଭାବେ ଗଢ଼ି ତୋଳାଯାଉ। ଏହାବ୍ୟତୀତ ଗମନାଗମନ, ଶିକ୍ଷା, ସ୍ୱାସ୍ଥ୍ୟ ଭିତ୍ତିଭୂମିର ବିକାଶ, ଜିଲ୍ଲାକୁ ନିଶାମୁକ୍ତ କରିବା, ମହାପ୍ରଭୁଙ୍କ ରତ୍ନ ଅଳଙ୍କାରର ଗଣତିମଣତି, ଏସ୍‌ସିଏସ୍ କଲେଜକୁ ବିଶ୍ୱବିଦ୍ୟାଳୟ ଘୋଷଣା, ବସ୍ତିବାସିନ୍ଦାଙ୍କୁ ମୌଳିକ ସୁବିଧା, ଶ୍ରୀଜଗନ୍ନାଥ ମେଡିକାଲ କଲେଜକୁ ତୁରନ୍ତ କାର୍ଯ୍ୟକ୍ଷମ କରି ବିଶ୍ୱସ୍ତରୀୟ ଚିକିତ୍ସା ଅନୁଷ୍ଠାନରେ ପରିଣତ କରିବା, ସଦର ମହକୁମାରେ କ୍ରମବର୍ଦ୍ଧିଷ୍ଣୁ ଜନସଂଖ୍ୟାକୁ ଦୃଷ୍ଟିରେ ରଖି କଠିନ ବର୍ଜ୍ୟବସ୍ତୁ ପ୍ଲାଣ୍ଟ ଅଧିକ ସଂଖ୍ୟାରେ ସ୍ଥାପନ, ସମସ୍ତ ପର୍ଯ୍ୟଟନ କ୍ଷେତ୍ରରେ ଭିତ୍ତିଭୂମି ବିକାଶ ସହ ନିରାପତ୍ତାକୁ ଗୁରୁତ୍ୱ, କାକଟପୁର, ସତ୍ୟବାଦୀ ଓ ବ୍ରହ୍ମଗିରିକୁ ତୁରନ୍ତ ବିଜ୍ଞପିତ ଅଞ୍ଚଳ ଘୋଷଣା, ଭୁବନେଶ୍ୱର-ପୁରୀ-ସାତପଡ଼ା ଜାତୀୟ ରାଜପଥକୁ ପ୍ରଶସ୍ତୀକରଣ, ଉପକୂଳ ରାଜପଥ ଭାରତମାଳା ଯୋଜନାକୁ କାର୍ଯ୍ୟକ୍ଷମ କରିବା, ସିଦ୍ଧମହାବୀର ଓ ସାକ୍ଷୀଗୋପାଳ ବଜାର ମଧ୍ୟରେ ସେତୁ କାମ ତୁରନ୍ତ ସାରିବା, ସାହି ଗଳିକନ୍ଦିରେ ରାସ୍ତାଘାଟ ଓ ବର୍ଜ୍ୟଜଳ ନିଷ୍କାସନ ପାଇଁ ଆଧୁନିକ ଜ୍ଞାନକୌଶଳର ପ୍ରୟୋଗ, ସମସ୍ତ ନଦୀକୁ ପ୍ରଦୂଷଣମୁକ୍ତ କରିବା ଦିଗରେ ସ୍ୱର ଉଠାଯିବ ବୋଲି କହିଛନ୍ତି।

ଏଥିସହ ଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସନ କ୍ଷେତ୍ରରେ ବ୍ୟାପକ ସଂସ୍କାର, ମନ୍ଦିର ନୀତିକାନ୍ତିକୁ ସରକାରୀ ନିୟନ୍ତ୍ରଣରୁ ମୁକ୍ତ ରଖିବା, ଦର୍ଶନ ବ୍ୟବସ୍ଥା ଶୃଙ୍ଖଳିତ କରିବା ସହ ପୁରୀ ଜିଲ୍ଲାବାସୀଙ୍କୁ ଚାରିଦୁଆର ଦେଇ ପ୍ରବେଶ ସୁବିଧା, ମହାପ୍ରଭୁଙ୍କ ସବେକମାନଙ୍କୁ ଓ ସେମାନଙ୍କ ପରିବାର ବର୍ଗଙ୍କୁ ଚାକିରି, ଶିକ୍ଷା, ସ୍ୱାସ୍ଥ୍ୟ କ୍ଷେତ୍ରରେ ଅଗ୍ରାଧିକାର ପାଇଁ ସ୍ୱର ଉଠାଇଛନ୍ତି। ଏଥିସହ ବୁଥ୍‌ସ୍ତରରୁ ବ୍ଲକ୍ ପର୍ଯ୍ୟନ୍ତ ଦଳକୁ ମଜଭୁତ କରିବା, ଦଳଠାରୁ ଦୂରେଇ ଯାଇଥିବା ବ୍ୟକ୍ତିବିଶେଷଙ୍କୁ ପୁଣି ସାମିଲ୍ କରିବା, ଯୁବବର୍ଗ ଓ ଛାତ୍ରଙ୍କୁ ଯୋଡ଼ିବାକୁ ଜିଲ୍ଲାର କଂଗ୍ରେସ କର୍ମୀମାନଙ୍କୁ ଶ୍ରୀ ମିଶ୍ର ଆହ୍ୱାନ ଦେଇଛନ୍ତି। ଏହି ଅବସରରେ କଂଗ୍ରେସର ବହୁ କର୍ମକର୍ତ୍ତା ଉପସ୍ଥିତ ଥିଲେ।

● ମା' ବିରୋଧରେ ପୁଅର ଅଭିଯୋଗ

## 'ମୋତେ ନିଶା ନିବାରଣ କେନ୍ଦ୍ରରେ ରଖିବାକୁ ମା' ଚାହୁଁଛନ୍ତି'

ପୁରୀ,୫।୧୦(ସମିସ): ମା' ସବୁବେଳେ ଚାହେଁ ପୁଅ ଭଲ ପାଠପଢ଼ି ବଡ଼ ମଣିଷଟିଏ ହେଉ। ମା' କେବେହେଲେ ପୁଅର ଅମଙ୍ଗଳ ଚିନ୍ତା କରି ନ ଥାଏ। କିନ୍ତୁ ଏବେ ଏଥିରେ ବେଳେବେଳେ ବ୍ୟତିକ୍ରମ ଦେଖିବାକୁ ମିଳୁଛି। ମା' ପୁଅର ପବିତ୍ର ସମ୍ପର୍କରେ ଫାଟ ସୃଷ୍ଟି ହେଉଛି। କେଉଁଠି ପୁଅ ନିଶା ସେବନ କରି ମାଡ଼ ମାରିବାରୁ ମା'ର ଜୀବନ ଚାଲିଯାଉଛି ତ ପୁଣି କେତେବେଳେ ମା' ବାପାଙ୍କୁ ଘରୁ କାଢ଼ିଦେବାର ଦୃଶ୍ୟ ବି ଗଣମାଧ୍ୟମରେ ଆସୁଛି। ତେବେ ଏହାରି ଭିତରେ ପୁରୀରେ ମଧ୍ୟ ମା' ବିରୋଧରେ ଥାନାର ଦ୍ୱାରସ୍ଥ ହୋଇଛି ପୁଅ। ମା' ବିରୋଧରେ ଆଣିଛି ସଙ୍ଗିନ ଅଭିଯୋଗ। ପୁରୀ ସଦର ଥାନାରେ ରବିବାର ଅଭିଯୋଗ କରିଛନ୍ତି ସିରୋଇକୋଣା ପାଟଣାର ପ୍ରତ୍ୟୁଷ ରଞ୍ଜନ। ସେ ତାଙ୍କ ଅଭିଯୋଗପତ୍ରରେ ଦର୍ଶାଇଛନ୍ତି ଯେ, 'ମୁଁ କୌଣସି ନିଶା ସେବନ କରେ ନାହିଁ ଏବଂ ମୋର କୌଣସି ନିଶାଖୋର୍ ଅଭ୍ୟାସ ନାହିଁ। ନିଶା ଖାଏ ନାହିଁ ବୋଲି ମେଡିକାଲରେ ପରୀକ୍ଷା କରାଇ ପ୍ରମାଣ ଦେଇପାରିବି। କିନ୍ତୁ ମୋ ବୋଉ ମତେ ନାନାଦି ପ୍ରକାର ମାନସିକ ନିର୍ଯାତନା ଦେବା ସହ ଷଡ଼ଯନ୍ତ୍ର କରି ମୋତେ ଜବରଦସ୍ତ ଏକ ନିଶା ନିବାରଣ କେନ୍ଦ୍ରରେ ରଖିବାକୁ ଚେଷ୍ଟା କରିଛନ୍ତି। ସେ ସେହି ସଂସ୍ଥାକୁ କହି ମୋତେ ଧରିବାକୁ ଲୋକ ପଠାଇଥିଲେ। ଏ ବିଷୟରେ ଜାଣିବା ପରେ ଏବଂ ଅପହରଣକାରୀଙ୍କୁ ଦେଖି ମୋର ଜୀବନ ରକ୍ଷା କରିବା ପାଇଁ ରାତି ପ୍ରାୟ ୧୨ଟା ୪୦ରେ ଲୁଚି ପଳାଇ ଆସିଛି। ଏହା ମୋର ସ୍ୱାଧୀନତା ଏବଂ ଅଧିକାରର ଉଲ୍ଲଙ୍ଘନ ଅଟେ। ସମ୍ପୃକ୍ତ ସଂସ୍ଥାର କର୍ମଚାରୀମାନେ ମୋତେ ଅପହରଣ କରିବାକୁ ଚେଷ୍ଟା କରିଥିଲେ, ଯାହା ଏକ ଗମ୍ଭୀର ଅପରାଧ'। ଏହାର ଉପଯୁକ୍ତ ତଦନ୍ତ କରି ସମ୍ପୃକ୍ତ ସଂସ୍ଥା ଏବଂ ତାଙ୍କ ମା'ଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଲାଗି ଥାନାଧିକାରୀଙ୍କୁ ଅନୁରୋଧ କରିଛନ୍ତି ପ୍ରତ୍ୟୁଷ। ଏ ସମ୍ପର୍କରେ ସଦର ଥାନାଧିକାରୀ ସୁନୀଲ କୁମାର ମହାନ୍ତିଙ୍କୁ ପଚାରିବାରୁ, ସିରୋଇକୋଣା ପାଟଣାର ପ୍ରତ୍ୟୁଷ ରଞ୍ଜନ ଏଭଳି ଅଭିଯୋଗ କରିଛନ୍ତି। ଏହି ଅଭିଯୋଗ ପାଇବା ପରେ ଆମେ ଉଭୟ ମା' ଏବଂ ପୁଅକୁ ପଚରାଉଚରା କରିଛୁ। ମା' ତାଙ୍କ ପୁଅ ନିଶା ଖାଉଥିବାରୁ ସେ ତାଙ୍କୁ ନିଶା ନିବାରଣ କେନ୍ଦ୍ରରେ ରଖିବାକୁ ଚାହୁଁଥିବା କହିଥିଲେ। ହେଲେ ପୁଅ ନିଶା ସେବନ କରୁନାହିଁ ବୋଲି କହିଛନ୍ତି। ତେବେ ଏ ନେଇ ଅଧିକ ଅନୁସନ୍ଧାନ ଚାଲିଛି ବୋଲି କହିଛନ୍ତି ଥାନାଧିକାରୀ।

## ହବିଷିଆଳି କେନ୍ଦ୍ର ବୁଲିଲେ ଏସ୍‌ପି

ପୁରୀ,୫।୧୦(ସମିସ): ଆସନ୍ତା ମଙ୍ଗଳବାରଠାରୁ ଆରମ୍ଭ ହେଉଛି କାର୍ତ୍ତିକ ବ୍ରତ। ଶ୍ରୀକ୍ଷେତ୍ରରେ ରହି କାର୍ତ୍ତିକ ବ୍ରତ ପାଳନ କରିବେ ହବିଷିଆଳି। ଏଥିଲାଗି ପୁରୀରେ ହବିଷିଆଳିଙ୍କ ସମାଗମ ହେଲାଣି। ଟ୍ରେନ୍ ଏବଂ ବସ୍ ଯୋଗେ ହବିଷ୍ୟାଳି ମା'ମାନେ ଆସି ପୁରୀରେ ପହଞ୍ଚିଛନ୍ତି। ତେବେ ରାଜ୍ୟ ସରକାରଙ୍କ ପକ୍ଷରୁ ହବିଷିଆଳି ଯୋଜନାରେ ୨,୫୦୦ ବ୍ରତଧାରୀଙ୍କୁ ରଖିବା ଲାଗି ୪ଟି କେନ୍ଦ୍ରର ବ୍ୟବସ୍ଥା କରାଯାଇଛି। ଏହି କେନ୍ଦ୍ରରେ ସୁରକ୍ଷା ବ୍ୟବସ୍ଥା କିପରି ରହିଛି ଏବଂ ବ୍ରତଧାରୀଙ୍କ ପାଇଁ ପୁଲିସ ପକ୍ଷରୁ କ'ଣ ସବୁ ସୁବିଧା କରାଯାଇଛି ତାହାର ସମୀକ୍ଷା କରିଛନ୍ତି ଏସ୍‌ପି ପ୍ରତୀକ ସିଂ। ଏସ୍‌ପି ରବିବାର ବିଭିନ୍ନ ହବିଷିଆଳି ରହଣି କେନ୍ଦ୍ର ବୁଲି ସୁରକ୍ଷା ବ୍ୟବସ୍ଥା ଅନୁଧ୍ୟାନ କରିଛନ୍ତି। ଏହି ସମୟରେ ଅତିରିକ୍ତ ଏସ୍‌ପି ସୁଶିଲ ମିଶ୍ର, ଅତିରିକ୍ତ ଏସ୍‌ପି ଦେବ ପ୍ରତାପ, କୁମ୍ଭାରପଡ଼ା ଥାନାଧିକାରୀ ସୁଶାନ୍ତ ସାହୁ ଓ ଆର୍‌ଆଇ ଚିତ୍ତରଞ୍ଜନ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ଏସ୍‌ପି ଏବଂ ଅନ୍ୟ ଅଧିକାରୀମାନେ ବୃନ୍ଦାବତୀ ନିବାସ, ରେଲ୍‌ୱେ ଟୁରିଷ୍ଟ କମ୍ପ୍ଲେକ୍ସ, ବଗଳା ଧର୍ମଶାଳା, ମୋଚିସାହି ମ୍ୟୁନିସିପାଲିଟି କଲ୍ୟାଣ ମଣ୍ଡପ ପରିଦର୍ଶନ କରି ସୁରକ୍ଷା ବ୍ୟବସ୍ଥା, ଆଲୋକ, ପାଣି, ଶୌଚାଳୟ ଓ ଆବଶ୍ୟକ ସୁବିଧା ଯାଞ୍ଚ କରିଥିଲେ। ବ୍ରତଧାରୀଙ୍କ ସୁରକ୍ଷା ଓ ସହାୟତା ପାଇଁ ପୁରୀ ପୁଲିସ ପକ୍ଷରୁ ଯୋଗାଯୋଗ, ପରିଚାଳନା ଓ ନିରୀକ୍ଷଣ ନିମନ୍ତେ ବିଶେଷ ୟୁନିଟ୍ ଗଠନ କରାଯାଇଛି।

## ମାଟ୍ରିକ୍ ବ୍ୟାଚ୍‌ର 'ସୁବର୍ଣ୍ଣ ଜୟନ୍ତୀ' ଉତ୍ସବ





ପୁରୀ,୫।୧୦(ସମିସ): ଓଡ଼ିଶାର ପୁରାତନ ତଥା ଐତିହ୍ୟସମ୍ପନ୍ନ ବିଦ୍ୟାଳୟ ପୁରୀ ଜିଲ୍ଲା ସ୍କୁଲରୁ ୫୦ ବର୍ଷ ତଳେ ୧୯୭୫ ମସିହାରେ ମାଟ୍ରିକ୍ ପାସ୍ କରିଥିବା ଛାତ୍ରଛାତ୍ରୀମାନେ ଶନିବାର ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ବିଦ୍ୟାଳୟରେ ପାଳନ କରିଛନ୍ତି। ଛାତ୍ରଛାତ୍ରୀମାନଙ୍କୁ ଶିକ୍ଷାଦାନ କରିଥିବା ୪ଜଣ ପ୍ରାକ୍ତନ ଶିକ୍ଷକ ଓ ଅତିଥିଙ୍କୁ ସମ୍ବର୍ଦ୍ଧିତ କରାଯିବା ପରେ ସମ୍ପୃକ୍ତ ବ୍ୟାଚ୍‌ର ଦିବଂଗତ ସହପାଠୀମାନଙ୍କ ଉଦ୍ଦେଶ୍ୟରେ ଦୁଇ ମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା। ସ୍ୱାଗତ ସମ୍ଭାଷଣ ଓ ଅତିଥି ପରିଚୟ ପ୍ରଦାନ ପରେ ଉପସ୍ଥିତ ପ୍ରାକ୍ତନ ଶିକ୍ଷକ ଦିବାକର ମିଶ୍ର, ସୁଧାକର ମହାପାତ୍ର, ଭାବଗ୍ରାହୀ ରାଉତରାୟ ଓ ରମେଶ ଚନ୍ଦ୍ର ମହାପାତ୍ରଙ୍କୁ ମାନପତ୍ର, ଟ୍ରଫି ଓ ଶାଲ ପ୍ରଦାନପୂର୍ବକ ସମ୍ମାନିତ କରାଯାଇଥିଲା। ଏହି ଶିକ୍ଷକମାନେ ତାଙ୍କର ପୂର୍ବତନ ଛାତ୍ରଛାତ୍ରୀମାନଙ୍କୁ ଆଶୀର୍ବଚନ ପ୍ରଦାନ କରିବା ପରେ ମଞ୍ଚାସୀନ ଅତିଥି ପୁରୀ ବିଇଓ ତଥା ଜିଲ୍ଲା ସ୍କୁଲ ପ୍ରଧାନଶିକ୍ଷକ ଦାୟିତ୍ୱରେ ଥିବା ପ୍ରମୋଦ କୁମାର କର, ଶିକ୍ଷକ ବିଦ୍ୟାଧର ମିଶ୍ର, ସ୍କୁଲର ପୁରାତନ ଛାତ୍ର ସଂଘର ଅଧ୍ୟକ୍ଷ ବିଶିଷ୍ଟ ଶିଳ୍ପପତି ରାଜକିଶୋର ପାତ୍ର ଅଭିଭାଷଣ ପ୍ରଦାନ କରିଥିଲେ। ସଭାପର୍ବ ପରେ ଓଡ଼ିଶୀ ନୃତ୍ୟରେ ମଙ୍ଗଳାଚରଣ, ଗୀତଗୋବିନ୍ଦ ଏବଂ ପ୍ରାକ୍ତନ ଛାତ୍ରମାନେ ସଙ୍ଗୀତ ପରିବେଷଣ କରି ସମସ୍ତଙ୍କୁ ମନ୍ତ୍ରମୁଗ୍ଧ କରିଥିଲେ। ମଧ୍ୟାହ୍ନଭୋଜନ ପରେ ଦୂରଦୂରାନ୍ତରୁ ଆସିଥିବା ଏବଂ ଦୀର୍ଘଦିନ ପରେ ଏକାଠି ହୋଇଥିବା ସାଙ୍ଗମାନେ ପରସ୍ପର ମଧ୍ୟରେ ଭାବର ଆଦାନପ୍ରଦାନ କରିଥିଲେ।

# ବୟସ ୧୦୬ ଛୁଇଁଲାଣି; ମିଳୁନି ବର୍ଦ୍ଧିତ ଭତ୍ତା

ପୁରୀ,୫।୧୦(ସମିସ)

**ବୟସ ୧୦୬ ଛୁଇଁଲାଣି।** ହେଲେ ରାଜ୍ୟ ସରକାରଙ୍କ ଦ୍ୱାରା ଘୋଷିତ ମାସିକ ବର୍ଦ୍ଧିତ ଭତ୍ତା ପାଇବାରୁ ସେ ବଞ୍ଚିତ। କେବଳ ତାଙ୍କୁ ଏହି ଭତ୍ତା ମିଳୁ ନାହିଁ ତା' ନୁହେଁ ତାଙ୍କ ସମ୍ପର୍କରେ କୌଣସି ତଥ୍ୟ ସରକାରଙ୍କ ସାମାଜିକ ସୁରକ୍ଷା ପୋର୍ଟାଲରେ ଉପଲବ୍ଧ ହେଉନାହିଁ। ସେହିପରି ସରକାର ଆସନ୍ତା ୧୦ ତାରିଖରେ ଆନ୍ତର୍ଜାତିକ ବୟସ୍କ ଦିବସ ପାଳନ ଅବସରରେ ଶତାୟୁମାନଙ୍କୁ ସ୍ୱତନ୍ତ୍ର ଭାବେ ସମ୍ମାନିତ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଏଭଳି ଏକ ସମ୍ମାନ ପାଇବାରୁ ସେ ବଞ୍ଚିତ ହୋଇପାରନ୍ତି। ଜଣେ ଶତାୟୁ ମହିଳାଙ୍କ ପ୍ରତି ରାଜ୍ୟ ସରକାରଙ୍କ ଏଭଳି ଉଦାସୀନ ମନୋଭାବକୁ ଏବେ ସମସ୍ତେ ନିନ୍ଦା କରୁଥିବାବେଳେ ପରିଣତ ବୟସରେ ନିଜ ଭାଗ୍ୟକୁ ଆଦରି ନିରବ ରହିଛନ୍ତି ପୁରୀ ଜିଲ୍ଲା ସତ୍ୟବାଦୀ ବ୍ଲକ୍ ଶ୍ରୀରାମଚନ୍ଦ୍ରପୁର ଗ୍ରାମର ସ୍ୱର୍ଗତ ଜଗନ୍ନାଥ ମିଶ୍ରଙ୍କ ପତ୍ନୀ ଫକିରୀ ଦେବୀ।

୧୯୧୯ ଜାନୁଆରୀ ୧ରେ ଫକିରୀ ଦେବୀଙ୍କର ଜନ୍ମ। ଆଧାରକାର୍ଡ ଏବଂ ଭୋଟର ପରିଚୟପତ୍ରରେ ତାଙ୍କର ଏହି ଜନ୍ମ ତାରିଖ ଉଲ୍ଲେଖ ରହିଛି। ଏହାକୁ ହିସାବକୁ ନେଲେ ଆଜି ତାରିଖରେ ତାଙ୍କ ବୟସ ୧୦୬ ବର୍ଷ ଅତିକ୍ରମ କରିସାରିଲାଣି। କିନ୍ତୁ ଦୁଃଖର ବିଷୟ ରାଜ୍ୟ ସରକାର ୮୦ ବର୍ଷରୁ ଊର୍ଦ୍ଧ୍ୱ ବରିଷ୍ଠ ନାଗରିକଙ୍କୁ ବର୍ଦ୍ଧିତ ଭତ୍ତା ୩,୫୦୦ ଟଙ୍କା ଦେବେ ବୋଲି ଘୋଷଣା କରିଥିଲେ। ନିୟମ ଅନୁଯାୟୀ, ଏହି ଭତ୍ତା ପାଇବା ପାଇଁ ସେ ସମ୍ପୂର୍ଣ୍ଣ ଯୋଗ୍ୟା ହେଉଥିବାବେଳେ ଦୁର୍ଭାଗ୍ୟ ଏପର୍ଯ୍ୟନ୍ତ ତାଙ୍କ ଉପରେ ସରକାର କିମ୍ବା ପ୍ରଶାସନର ଦୃଷ୍ଟି




**ଶତାୟୁ ସମ୍ମାନରୁ ବଞ୍ଚିତ ହେବେ ଫକିରୀ ଦେବୀ!**

ପଡ଼ିଲା ନାହିଁ। ସେ ରାଜ୍ୟ ସରକାରଙ୍କ ଦ୍ୱାରା ଘୋଷିତ ମାସିକ ବର୍ଦ୍ଧିତ ଭତ୍ତା ପାଇବାରୁ ବଞ୍ଚିତ ରହିଛନ୍ତି। କେବଳ ଏହି ଭତ୍ତା ନୁହେଁ, ଜଣେ ଶତାୟୁ ମହିଳାଙ୍କ ସମ୍ପର୍କରେ କୌଣସି ତଥ୍ୟ ସରକାରଙ୍କ ସାମାଜିକ ସୁରକ୍ଷା ପୋର୍ଟାଲରେ ମଧ୍ୟ ଉପଲବ୍ଧ ହେଉନାହିଁ। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ନିର୍ବାଚନ ସମୟରେ ସେ ଜଣେ ବରିଷ୍ଠ ନାଗରିକ ଏବଂ ତାଙ୍କ ବୟସ ୮୦ରୁ ଊର୍ଦ୍ଧ୍ୱ ବୋଲି ବାବୁମାନେ ଜାଣିଛନ୍ତି। ତାଙ୍କ ପାଖକୁ ପୁରୀ ଜିଲ୍ଲା ନିର୍ବାଚନ ଅଧିକାରୀଙ୍କ ପକ୍ଷରୁ ମତାଧିକାର ସାବ୍ୟସ୍ତ ପାଇଁ ପତ୍ର ମଧ୍ୟ ପଠାଇଥିଲେ। ହେଲେ ଫକିରୀ ଦେବୀଙ୍କ ସମ୍ପର୍କରେ କୌଣସି ତଥ୍ୟ ସରକାରଙ୍କ ସାମାଜିକ ସୁରକ୍ଷା ପୋର୍ଟାଲରେ ଉପଲବ୍ଧ ନ ହେବା ତାଙ୍କ ପ୍ରତି ଏକ ପରିହାସ ବୋଲି କୁହାଯାଉଛି। ସେହିପରି ଆସନ୍ତା ୧୦ ତାରିଖ ଅନ୍ତର୍ଜାତୀୟ ବୟସ୍କ ଦିବସ ପାଳନ ଅବସରରେ ଶତାୟୁମାନଙ୍କୁ ସରକାର ସ୍ୱତନ୍ତ୍ର ଭାବେ ସମ୍ମାନିତ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଯେହେତୁ ଫକିରୀ ଦେବୀଙ୍କ ସମ୍ପର୍କରେ ସରକାରଙ୍କ ପାଖରେ ସେମିତି କୌଣସି କଂକ୍ରିଟ ତଥ୍ୟ ନାହିଁ ତେଣୁ ଏଭଳି ସମ୍ମାନରୁ ସେ ବଞ୍ଚିତ ହୋଇପାରନ୍ତି। ତେବେ ସାଧାରଣ ନିର୍ବାଚନରେ ତାଙ୍କୁ ସ୍ୱତନ୍ତ୍ର ଭାବେ ମତ ସାବ୍ୟସ୍ତ ପାଇଁ ସତ୍ୟବାଦୀ ବିଡିଓ ବ୍ୟବସ୍ଥା କରିଥିବା ପତ୍ର ଏବେ ବି ଫକିରୀ ଦେବୀଙ୍କ ପାଖରେ ଉପଲବ୍ଧ ରହିଛି। ତେଣୁ କେଉଁ ସ୍ତରରେ ଏଭଳି ତ୍ରୁଟି ରହିଛି ବା କରାଯାଇଛି ତା'ର ତଦନ୍ତ ସହ ବୟସ୍କ ନାଗରିକ ଦିବସ ପାଳନ ଦିନ ତାଙ୍କୁ ସ୍ୱତନ୍ତ୍ର ସମ୍ମାନ ପ୍ରଦାନ କରିବାକୁ ସ୍ଥାନୀୟ ଅଞ୍ଚଳବାସୀ ଦାବି କରିଛନ୍ତି। ଏଥିସହ ବର୍ଦ୍ଧିତ ଭତ୍ତା ପ୍ରଦାନ ପାଇଁ ପୁରୀ ଜିଲ୍ଲାପାଳ ପଦକ୍ଷେପ ନେବେ ବୋଲି ଅଞ୍ଚଳବାସୀ ଆଶା ରଖିଛନ୍ତି।

ଏ ସମ୍ପର୍କରେ ପୁରୀ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ାଙ୍କୁ ପଚାରିବାରେ ମୋ ପାଖରେ ଏମିତି ସୂଚନା ନ ଥିଲା। ଆପଣଙ୍କ ପାଖରୁ ଶୁଣୁଛି। ସରକାରୀ ନିୟମ ଅନୁସାରେ ସମ୍ପୃକ୍ତା ଶତାୟୁ ଯେଉଁସବୁ ସୁବିଧା ସୁଯୋଗ ଏବଂ ସମ୍ମାନ ପାଇବା କଥା ତାହାର ବ୍ୟବସ୍ଥା କରିବି ବୋଲି କହିଛନ୍ତି।

## ସାହିଭାଇର 'ସେବା ନିର୍ଝରିଣୀ' ଲୋକାର୍ପିତ




ପୁରୀ,୫।୧୦(ସମିସ): ସାହିଭାଇ ଅନୁଷ୍ଠାନ ପକ୍ଷରୁ ଚାଲିଛି ସଂକଳ୍ପ ସପ୍ତାହ। ରବିବାର ସଂକଳ୍ପ ସପ୍ତାହର ଚତୁର୍ଥ ଦିବସରେ ରୋଟାରୀ ଭବନରେ ଆୟୋଜିତ ହୋଇଥିଲା ବିଶେଷ କାର୍ଯ୍ୟକ୍ରମ ସେବା ନିର୍ଝରିଣୀର ଲୋକାର୍ପଣ ଉତ୍ସବ। ଏଥିରେ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ ବୁର୍ଲା ଭିମ୍‌ସାର ଚିକିତ୍ସାଳୟର ଡାକ୍ତର ତଥା ଏକ ଟଙ୍କିଆ କ୍ଲିନିକ ଭଳି ବୃହତ୍ ବିଚାର ରଖୁଥିବା ମଣିଷ ଡା. ଶଙ୍କର ରାମଚନ୍ଦାନି। ଡା. ରାମଚନ୍ଦାନି କହିଥିଲେ, ସବୁ ମଣିଷର ପ୍ରେରଣାର ଉତ୍ସ ହେଉଛି ତା'ପରିବାର। ପରିବାର ମଧ୍ୟରୁ ହିଁ ଜୀବନ ଯାତ୍ରାରେ ଆଗକୁ ବଢ଼ିବା ପାଇଁ ତଥା କିଛି କରି ଦେଖାଇବାର ଆତ୍ମବିଶ୍ୱାସ ବାହାରି ଥାଏ। ମୁଁ ଛୁଆଟି ବେଳୁ ଘରେ ରୋଗ ଆଉ ଭୋକର କରୁଣ କାହାଣୀ ତଥା ଚିତ୍ର ଦେଖି ଦେଖି ବଢ଼ିଛି। ଆଉ ନିଜେ ଡାକ୍ତର ହେଲା ପରେ କେମିତି ସେହି କରୁଣ ଚିତ୍ର ଆଉ କେହି ନ ଦେଖନ୍ତୁ ସେଥିପାଇଁ ଏକ ଟଙ୍କିଆ କ୍ଲିନିକ୍ ଆରମ୍ଭ କରିଥିଲି। ବର୍ତ୍ତମାନ ମୋ ଧର୍ମପତ୍ନୀ ମଧ୍ୟ ଏହି କାର୍ଯ୍ୟ ସମ୍ପାଦନ କରିବା ପାଇଁ ଆଗେଇ ଆସିଛନ୍ତି। ସାହିଭାଇ ଅନୁଷ୍ଠାନ ଏବଂ ଏହାର ସଦସ୍ୟମାନଙ୍କୁ ଦେଖି ଲାଗୁଚି ସତେ ଯେମିତି ମୁଁ ମୋ ନିଜକୁ ଦେଖୁଛି। ଭବିଷ୍ୟତରେ ପୁରୀରେ ଏକ ବୃହତ୍ ସ୍ୱାସ୍ଥ୍ୟ ଶିବିର କରିବାର ପ୍ରତିଶ୍ରୁତି ଦେଇଥିଲେ ଡା. ରାମଚନ୍ଦାନି। ସମ୍ମାନିତ ଅତିଥି ଭାବେ ଶ୍ରୀମନ୍ଦିର ପରିଚାଳନା କମିଟି ସଦସ୍ୟ ମଧୁସୂଦନ ସିଂହାରୀ, ସାହିଭାଇ ଅନୁଷ୍ଠାନର ବରିଷ୍ଠ ସଦସ୍ୟ ଆଇନ ମହାବିଦ୍ୟାଳୟ ପ୍ରାଧ୍ୟାପକ ଲୋକନାଥ ସୁଆର ସେବା ଉପରେ ବକ୍ତବ୍ୟ ରଖିଥିଲେ। ଶେଷରେ ଯୁଗ୍ମ ସମ୍ପାଦକ ସୂର୍ଯ୍ୟ ନାରାୟଣ ପ୍ରଧାନ ଧନ୍ୟବାଦ ଅର୍ପଣ ପୂର୍ବକ ସଂକଳ୍ପ ସପ୍ତାହର ରୂପରେଖ ଏବଂ ସାହିଭାଇ ଅନୁଷ୍ଠାନ କାର୍ଯ୍ୟକ୍ରମ ବିଷୟରେ ସଂକ୍ଷେପରେ ସୂଚନା ଦେଇଥିଲେ। ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ ପ୍ରାଧ୍ୟାପକ ଡ. ଲକ୍ଷ୍ମୀଧର ପଣ୍ଡା ମଞ୍ଚ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମ୍ପାଦକ ଚନ୍ଦ୍ରଶେଖର ମିଶ୍ର, ସଭାପତି ବ୍ରଜବନ୍ଧୁ ମହାରଣା, କୋଷାଧ୍ୟକ୍ଷ ତନ୍ମୟ ଚାଟାର୍ଜୀଙ୍କ ସମେତ ସମସ୍ତ ସଦସ୍ୟା ସଦସ୍ୟ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ହୀରାକୁଦ ଜଳସ୍ତର ୬୨୯.୪୭ ଫୁଟ୍, ୯ ଗେଟ୍ ଖୋଲା

**ସମ୍ବଲପୁର, ୫।୧୦ (ସମିସ) :** ହୀରାକୁଦ ଜଳଭଣ୍ଡାର ପୂର୍ଣ୍ଣଗର୍ଭା ହେବାପରେ ଜଳସ୍ତର ବଜାୟ ରଖିବାକୁ ଉଦ୍ୟମ ଜାରି ରହିଛି। ହୀରାକୁଦର ସର୍ବୋଚ୍ଚ ଜଳଧାରଣ କ୍ଷମତା ୬୩୦ ଫୁଟ୍। ଆଜି ସକାଳ ୬ଟାବେଳେ ମାତ୍ର ୩ଟି ଗେଟ୍ ଖୋଲାଥିବାବେଳେ ଅପରାହ୍ଣରେ ଆଉ ୬ଟି ଗେଟ୍ ଖୋଲାଯାଇ ଜଳ ନିଷ୍କାସନ ହେଉଛି। ରବିବାର ସନ୍ଧ୍ୟା ୬ଟା ସମୟରେ ହୀରାକୁଦ ଜଳଭଣ୍ଡାରର ଜଳସ୍ତର ୬୨୯.୪୭ ଫୁଟ୍ ରହିଛି। ନଦୀବନ୍ଧର ବାମପାର୍ଶ୍ୱର ୬ଟି ଓ ଡାହାଣ ପାର୍ଶ୍ୱର ୩ଟି ଏହିଭଳି ମୋଟ ୯ଟି ସ୍ଲୁଇସ୍ ଗେଟ୍‌ଦେଇ ବନ୍ୟାଜଳ ନିଷ୍କାସନ ଜାରି ରହିଛି। ଜଳଭଣ୍ଡାରକୁ ସେକେଣ୍ଡ ପ୍ରତି ୨, ୨୦, ୮୬୭ ଘନଫୁଟ୍ ଜଳ ପ୍ରବେଶ କରୁଥିବାବେଳେ ପାୱାର ଚେନାଲ, ଶିଳ୍ପାନୁଷ୍ଠାନ, କେନାଲ ଆଦି ଦେଇ ୧, ୮୨, ୭୪୮ ଘନଫୁଟ ଜଳ ନିଷ୍କାସିତ ହେଉଛି। ସ୍ପିଲୱେ ଦେଇ ୧, ୪୭, ୫୫୫ ଘନଫୁଟ ଜଳ ନିଷ୍କାସିତ ହେଉଥିବାବେଳେ ପାୱାର ଚେନାଲ ଦେଇ ୩୧, ୬୬୧ ଘନଫୁଟ, ଶିଳ୍ପାନୁଷ୍ଠାନ ସକାଶେ ୨୪୩ ଘନଫୁଟ, କେନାଲ ପାଇଁ ୩, ୨୮୯ ଘନଫୁଟ ଜଳ ନିଷ୍କାସିତ ହେଉଛି। ଅନ୍ୟପକ୍ଷରେ ତଳମୁଣ୍ଡରେ ବେଲଗାଁଠାରେ ୫୧, ୪୦୦ ଘନଫୁଟ ଜଳ ପ୍ରବାହିତ ହେଉଥିବାବେଳେ ପଥର୍ଲାଠାରେ ୧, ୩୧, ୯୫୩ ଘନଫୁଟ, ଖଇରମାଲଠାରେ ୨, ୩୭, ୦୦୦ ଘନଫୁଟ, ବାରମୁଲଠାରେ ୨, ୯୦, ୦୦୦ ଘନଫୁଟ ଏବଂ ମୁଣ୍ଡଲୀଠାରେ ୪, ୭୪, ୬୨୪ ଘନଫୁଟ ଜଳ ପ୍ରବାହିତ ହେଉଥିବା ହୀରାକୁଦ ମୁଖ୍ୟ ନଦୀବନ୍ଧ ସୂତ୍ରରୁ ପ୍ରକାଶ। ହୀରାକୁଦ ନଦୀବନ୍ଧର ଉପରମୁଣ୍ଡରେ ୬.୬୦ ମିମି ବର୍ଷା ହୋଇଥିବାବେଳେ ତଳମୁଣ୍ଡରେ ୧.୬୪ ମିମି ବର୍ଷା ହୋଇଥିବା ସୂଚନା ମିଳିଛି। ଗତବର୍ଷ ଆଜିର ଦିନରେ ହୀରାକୁଦ ଜଳଭଣ୍ଡାରର ଜଳସ୍ତର ୬୩୦ ଫୁଟ୍ ରହିଥିବା ନଦୀବନ୍ଧ ସୂତ୍ରରୁ ପ୍ରକାଶ।

# ରେଢ଼ାଖୋଲରେ କେନ୍ଦ୍ରୀୟ ବିଦ୍ୟାଳୟ ପ୍ରତିଷ୍ଠା ନିଷ୍ପତ୍ତିକୁ ବିଧାୟକଙ୍କ ସ୍ୱାଗତ

**ସମ୍ବଲପୁର, ୫।୧୦ (ସମିସ) :** ରେଢ଼ାଖୋଲରେ ଏକ କେନ୍ଦ୍ରୀୟ ବିଦ୍ୟାଳୟ ପ୍ରତିଷ୍ଠା ପାଇଁ କେନ୍ଦ୍ର ସରକାରଙ୍କ ଶିକ୍ଷା ମନ୍ତ୍ରାଳୟ ନିଷ୍ପତ୍ତି ନେଇଥିବାରୁ ରେଢ଼ାଖୋଲ ବିଧାୟକ ପ୍ରସନ୍ନ ଆଚାର୍ଯ୍ୟ ସ୍ୱାଗତ କରିବାସହ ଖୁସି ପ୍ରକାଶ କରିଛନ୍ତି। ଏହାସହ ଏଥିପାଇଁ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ କୃତଜ୍ଞତା ଓ ଧନ୍ୟବାଦ ଜଣାଇଛନ୍ତି। କେନ୍ଦ୍ରୀୟ ବିଦ୍ୟାଳୟ ରେଢ଼ାଖୋଲବାସୀଙ୍କ ବହୁଦିନର ଦାବି ଥିଲା। ଏହା ପ୍ରତିଷ୍ଠା ହେବାଦ୍ୱାରା ଅଞ୍ଚଳର ମେଧାବୀ ଛାତ୍ରଛାତ୍ରୀ ବହୁସଂଖ୍ୟାରେ ଉପକୃତ ହେବାସହ ଉଚ୍ଚତର ଶିକ୍ଷାପାଇଁ ଭିତ୍ତିଭୂମି ମଜଭୁତ ହେବ ବୋଲି ବିଧାୟକ ଶ୍ରୀ ଆଚାର୍ଯ୍ୟ ଆଶାବ୍ୟକ୍ତ କରିଛନ୍ତି।

# ଆର୍‌ଏସ୍‌ଏସ୍‌ର ବିଜୟା ଦଶମୀ ଓ ଶତାବ୍ଦୀ ବର୍ଷ ପାଳିତ



**ସମ୍ବଲପୁର, ୫।୧୦ (ସମିସ) :** ସମ୍ବଲପୁର ମହାନଗର ବସତି କ୍ରମାଙ୍କ ୧୯ରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ବିଜୟା ଦଶମୀ ଉତ୍ସବ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଡ. ଶ୍ୟାମସୁନ୍ଦର ଧର ଏବଂ ମୁଖ୍ୟବକ୍ତା ଭାବେ ବୁର୍ଲା ଭିସୁଟ୍‌ର ସହକାରୀ ପ୍ରଫେସର ସୁଜୟ ସୁଥର ଉପସ୍ଥିତ ରହି ସଂଘ ଓ ଭରତୀୟ ସମାଜର ଅସ୍ତିତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ। ଏହାବ୍ୟତୀତ ସଂଘ ଗତ ୧୦୦ ବର୍ଷ ଭିତରେ କିପରି ଅନେକ ବାଧା ବିଘ୍ନ, ଘାତ ପ୍ରତିଘାତ ସହ୍ୟକରି ଏକ ବୃହତ୍ ସଂଗଠନ ଭାବେ ଛିଡ଼ା ହୋଇପାରିଛି ତାହା ଉଲ୍ଲେଖ କରିଥିଲେ।

ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ବୁର୍ଲା ନଗର ତରଫରୁ ୱାର୍ଡ ନମ୍ବର ୨ର ଏ. କଣ୍ଟାପାଲିସ୍ଥିତ କମ୍ୟୁନିଟି ହଲ୍‌ରେ ବିଜୟାଦଶମୀ ଉତ୍ସବ ଓ ଶତାବ୍ଦୀ ବର୍ଷ ପାଳିତ ହୋଇଯାଇଛି। ଏଥିରେ ଯୁବରାଜ ଭୋଇ ମୁଖ୍ୟଅତିଥି ଭାବେ ଯୋଗଦେଇ ଦେଶ ନିର୍ମାଣ ଓ ରାଷ୍ଟ୍ରଭକ୍ତ ବ୍ୟକ୍ତି ନିର୍ମାଣରେ ସଂଘ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। କାର୍ଯ୍ୟକ୍ରମକୁ ଉଦିତ ଶାସନି, ଆଶୁତୋଷ ବିଶି, ତାପସ ଗଡ଼ତ୍ୟା ପ୍ରମୁଖ ସଞ୍ଚାଳନ କରିଥିବାବେଳେ ଏ.କଣ୍ଟାପାଲି ଅଞ୍ଚଳବାସୀ ଆୟୋଜନରେ ସହଯୋଗ କରିଥିଲେ। ସେହିପରି ୱାର୍ଡ ନମ୍ବର ୫ସ୍ଥିତ ସଦେଇପାଲି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ସାମ୍ନା ପଡ଼ିଆରେ ବିଜୟା ଦଶମୀ ଉତ୍ସବ ଓ ଶତାବ୍ଦୀ ବର୍ଷ ପାଳିତ ହୋଇଯାଇଛି। ଏଥିରେ ରତନ ନାଏକ ମୁଖ୍ୟ ଅତିଥି ଏବଂ ଯଶବିନ୍ଦର ସିଂବିର୍ଡି ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ଶ୍ରୀ ବିର୍ଡି ସଂଘର ୧୦୦ ବର୍ଷର ଯାତ୍ରା ବିଷୟରେ ଅବଗତ କରାଇବା ସହିତ ଆଗାମୀ ଦିନରେ ହେବାକୁ ଥିବା ବିଭିନ୍ନ କାର୍ଯ୍ୟକ୍ରମ ତଥା ସଂଘ ଶାଖା ବିସ୍ତାର ବିଷୟରେ ସୂଚନା ଦେଇଥିଲେ।

### ଦାଦନ ଖଟିବାକୁ ଯାଇ ଶବ ହୋଇ ଫେରିଲେ ଯୁବକ

# ହତ୍ୟା ଅଭିଯୋଗ ଆଣିଲେ ପରିବାର

**ରେଢ଼ାଖୋଲ, ୫।୧୦(ସମିସ)**

ଦାଦନ ଖଟିବାକୁ ଯାଇ ଶବ ହୋଇ ଫେରିଲେ ଯୁବକ। ଏକ ଅଭାବନୀୟ ଘଟଣା ଘଟିଛି ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ଥାନା ଅଧୀନ କଦଳିଗଡ଼ ପଞ୍ଚାୟତ ଅଧୀନ ସୁଦୁମୁଣ୍ଡା ଗାଁରେ। ସୂଚନା ଯୋଗ୍ୟ ଯେ ମୃତକ ଯୁବକ ଜଗନ୍ନାଥ ବାଘ ଦୁଇ ମାସ ତଳେ ଗୁଜୁରାଟ ରାଜ୍ୟର ଅହମଦାବାଦକୁ ଏକ ପ୍ଲାଷ୍ଟିକ କମ୍ପାନୀରେ ଶ୍ରମିକ ଭାବରେ କାର୍ଯ୍ୟ କରିବାକୁ ଯାଇଥିଲେ। ହଠାତ୍ ଗତ ୨ ତାରିଖ ଦିନ ଉକ୍ତ କମ୍ପାନୀରୁ ପରିବାର ଲୋକଙ୍କୁ ଫୋନ୍ ଆସିଲା ଯେ, ଜଗନ୍ନାଥ ଦୁର୍ଘଟଣା ରେ ଗୁରୁତର ହୋଇ ମେଡିକାଲରେ ପଡ଼ିଛନ୍ତି। ଖବର ପାଇ ପରିବାର ଲୋକେ ଅହମଦାବାଦର ସିଭିଲ ହସ୍ପିଟାଲରେ ପହଞ୍ଚିଥିଲେ। ଜଗନ୍ନାଥ ମେଡିକାଲ ରେ ଏକୁଟିଆ ରହି ଚିକିତ୍ସା ହେଉଥିଲେ, ପାଖରେ କେହି ନଥିଲେ, ଗରିବ ପରିବାର କୌଣସି ଉପାୟ ନ ପାଇ ଗୁରୁତର ଜଗନ୍ନାଥକୁ ନିଜ ଭଡ଼ା ଖର୍ଚ୍ଚ କରି ଏକ ଆମ୍ବୁଲାନ୍ସ ସେବା ଜରିଆରେ ରେଢ଼ାଖୋଲ ଆଣୁଥିଲେ। ହେଲେ ଆଣିବା ବାଟରେ ହିଁ ଜଗନ୍ନାଥଙ୍କ ମୃତ୍ୟୁ ଘଟିଥିଲା। ଶେଷରେ ମୃତ ଦେହକୁ ରେଢ଼ାଖୋଲ ଥାନାରେ ଦ୍ୱାରସ୍ଥ ହୋଇ ପରିବାର ଲୋକେ ହତ୍ୟା ଅଭିଯୋଗ ଆଣିଲେ। ଗତ ସପ୍ତାହରୁ ଜଗନ୍ନାଥଙ୍କ ପରିବାର ସହିତ ଫୋନ୍ ରେ କୌଣସି ଯୋଗାଯୋଗ ହୋଇ ପାରି ନ ଥିଲା। ସୁସ୍ଥ ଶବଳ ମାନସିକ ସ୍ଥିତି ଠିକ ଥିବା ଜଗନ୍ନାଥଙ୍କ କିଭଳି ହଠାତ ଦୁଇ ତାରିଖ ଦିନ ଅସୁସ୍ଥତା ଖବର ଆସିଲା, କଂପାନୀ ମାଲିକ ଏବଂ ସହକର୍ମୀ ମାନେ କାହିଁକି ଘଟଣାକୁ ଲୁଚାଇଲେ, ବେକ, ଅଣ୍ଟା ରେ ଗଭୀର ଆଘାତ ଲାଗିଲା କେମିତି, ମେଡିକାଲରେ ଭର୍ତ୍ତି କରିବାର କେତେ ଦିନ ପୂର୍ବରୁ ଶରୀରରେ ଏଭଳି ଆଘାତ ଲାଗିଛି। ଏ ସଂକ୍ରାନ୍ତରେ ହତ୍ୟା ସନ୍ଦେହ କରିଛନ୍ତି ପରିବାର ଲୋକେ। ଅଭିଯୋଗ କ୍ରମେ ରେଢ଼ାଖୋଲ ପୁଲିସ ଶବ ଜବତ କରି ତଦନ୍ତ ଆରମ୍ଭ କରିଛି।



**ନିଜ ଖର୍ଚ୍ଚରେ ଅହମ୍ମଦାବାଦରୁ ଆସିଲା ମୃତଦେହ**

### ■ ୧୪ରେ ପିସିସିଏଫ୍ କାର୍ଯ୍ୟାଳୟ ଘେରଉ

# ରେଢ଼ାଖୋଲ, ଆଠମଲ୍ଲିକ ଓ ବୌଦ୍ଧ ଡିଭିଜନରୁ ଯୋଗଦେବେ କେନ୍ଦୁପତ୍ର ତୋଳାଳି

**ସମ୍ବଲପୁର/ରେଢ଼ାଖୋଲ, ୫।୧୦ (ସମିସ):** ଓଡ଼ିଶା କେନ୍ଦୁପତ୍ର କର୍ମଚାରୀ ସଂଘ ରାଜ୍ୟ ସଭାପତି ବିଜୟ ମହାନ୍ତିଙ୍କ ଆହ୍ୱାନକ୍ରମେ ରେଢ଼ାଖୋଲ ଡିଭିଜନ, ଆଠମଲ୍ଲିକ ଡିଭିଜନ ଓ ବୌଦ୍ଧ ଡିଭିଜନ ପକ୍ଷରୁ ଏକ ମିଳିତ ପ୍ରସ୍ତୁତି ବୈଠକ ରେଢ଼ାଖୋଲଠାରେ ଅନୁଷ୍ଠିତ ହୋଇଛି। ବୈଠକରେ ଆସନ୍ତା ୧୪ ତାରିଖରେ ପିସିସିଏଫ୍‌ଙ୍କ କାର୍ଯ୍ୟାଳୟ ଅରଣ୍ୟ ଭବନ ଘେରଉ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଏହି ଘେରଉରେ ସାରା ଓଡ଼ିଶାରୁ ହଜାର ହଜାର କେନ୍ଦୁପତ୍ର ତୋଳାଳି ଓ କର୍ମଚାରୀମାନେ ସାମିଲ ହେବେ। ରେଢ଼ାଖୋଲ, ବୌଦ୍ଧ ଏବଂ ଆଠମଲ୍ଲିକ ଡିଭିଜନରୁ ପ୍ରାୟ ଦୁଇ ହଜାରରୁ ଉର୍ଦ୍ଧ୍ୱ ତୋଳାଳି ଓ କର୍ମଚାରୀ ଧାରଣାରେ ଯୋଗଦେବାକୁ ବୈଠକରେ ନିଷ୍ପତ୍ତି ନିଆଯାଇଛି। ସମସ୍ତ ତୋଳାଳି ଓ ବନ୍ୟେଧଇ କର୍ମଚାରୀଙ୍କ ସ୍ୱାର୍ଥରେ ବିଭିନ୍ନ ଦାବି ଉପସ୍ଥାପନ କରାଯିବ ବୋଲି ଜଣାପଡ଼ିଛି। କେନ୍ଦୁପତ୍ର ସିଜିନାଲ କର୍ମଚାରୀଙ୍କ ମାସିକ ମଜୁରୀକୁ ସରକାର ଘୋଷିତ ସର୍ବନିମ୍ନ ମଜୁରୀ ଅନୁପାତରେ ବୃଦ୍ଧି କରାଇବା, କନ୍ୟା ବିବାହ ସହାୟତା ଯୋଜନା କାର୍ଯ୍ୟକାରୀ କରାଯିବା, ବନ୍ୟେଧଇ ଶ୍ରମିକମାନଙ୍କ ବଣ୍ଡଲ ପ୍ରତି ମଜୁରୀ ବୃଦ୍ଧି ତଥା ତୋଳାଳୀ ଓ ବନ୍ୟେଧଇ କର୍ମଚାରୀଙ୍କ ପାଇଁ ମୁଖ୍ୟମନ୍ତ୍ରୀ ଘୋଷିତ ଟଙ୍କା ୪୬୦ ଟଙ୍କା ଓ ୭୦୦ ଟଙ୍କା ସହାୟତା ଏପର୍ଯ୍ୟନ୍ତ କାର୍ଯ୍ୟକାରୀ ହୋଇନାହିଁ। ଏହାସହ କେଏଲ୍‌ଡିବିରେ ସଂଶୋଧନ, ଜିଏସ୍‌ଟି ବାବଦରେ ଅସୁଲ ଅର୍ଥକୁ ଫେରସ୍ତ



ଆଦି ଦାବିକୁ ତୁରନ୍ତ ପୂରଣ କରିବାକୁ ଘେରାଉ ସମୟରେ ଦାବି କରାଯିବ। ବୈଠକରେ ସଂଘର ଉପସଭାପତି ଗୋକୁଳ ମେହେର, ଉପସଭାପତି ବିନୋଦ ପ୍ରଧାନ, ରାଜ୍ୟ ସାଙ୍ଗଠନିକ ସମ୍ପାଦକ ସଞ୍ଜିତ ମହାନ୍ତି, ସମ୍ପାଦକ ମହମ୍ମଦ ମୁର୍ତ୍ତଜା, ରେଢ଼ାଖୋଲ ଡିଭିଜନ ସମ୍ପାଦକ କିଶୋର ପ୍ରଧାନ, ଦେବଜ୍ୟୋତି ପଟ୍ଟନାୟକ, ଚୁମନ ପ୍ରଧାନ, ନବ ମହାର, ହୃଷିକେଶ ପ୍ରଧାନ, ରମେଶ ଚନ୍ଦ୍ର ପ୍ରଧାନ, ଭିକାରି ଚନ୍ଦ୍ର ପ୍ରଧାନ, ଶଙ୍କର୍ଷଣ ଦେହୁରୀ, ପ୍ରମୋଦ ସାହୁ, ଅଖୋଜ ପ୍ରଧାନ, ଜିତେନ୍ଦ୍ର ଷଣ୍ଢ, ନରୋତ୍ତମ ବେହେରା, ଉମେଶ ଝାଙ୍କର, ଟିକେଇ ଝାଙ୍କର, ନରେନ୍ଦ୍ର କୁମାର ସାହୁ, ଆର୍ଯ୍ୟନ ବହିଦାର, ରମେଶ ପ୍ରଧାନ, ଜନ୍ମେଜୟ ନାୟକ, ଶ୍ରୀବତ୍ସ ବେହେରା, ସୁନାଶିରା ମଲ୍ଲିକ, ରଞ୍ଜିତ ପ୍ରଧାନ ପ୍ରମୁଖ ବହୁ କର୍ମକର୍ତ୍ତା ଓ ସଦସ୍ୟମାନେ ଉପସ୍ଥିତ ଥିଲେ। ଏହି ଅବସରରେ ପୂର୍ବରୁ ଅବସର ନେଇଥିବା କିଶୋର ପ୍ରଧାନଙ୍କୁ କେନ୍ଦୁପତ୍ର କର୍ମଚାରୀ ସଂଘ ପକ୍ଷରୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା।

# ଟ୍ରକ୍ ଧକ୍କାରେ ବାଇକ୍ ଚାଳକ ମୃତ

**ସମ୍ବଲପୁର, ୫।୧୦(ସମିସ):** ବରେଇପାଲି ଥାନା ଅନ୍ତର୍ଗତ ରେମେଡ଼ ଛକରେ ଟ୍ରକ ଧକ୍କାରେ ଜଣେ ବାଇକ ଚାଳକଙ୍କ ମୃତ୍ୟୁ ହୋଇଛି। ମୃତ ଜଣକ ହେଉଛନ୍ତି ଗୋପାଳପାଳିର ଅକ୍ଷୟ କୁମାର ସ୍ୱାଇଁ(୫୨)। ବୌଦ୍ଧ ନିବାସୀ ଅକ୍ଷୟ ବହୁ ବର୍ଷ ହେଲା ସମ୍ବଲପୁରରେ ରହି ଡ୍ରାଇଭର ଭାବେ କାମ କରୁଥିଲେ। ଆଜି ସେ ବାଇକ ନେଇ ରେମେଡ଼ ଆଡ଼କୁ ଚା' ପିଇବାକୁ ଆସୁଥିଲେ। ଏହି ସମୟରେ ଟ୍ରକ(ଏଚଆର୫୬ସି୮ ୭୬) ତାଙ୍କୁ ଧକ୍କା ଦେଇଥିଲା। ସେ ତଳେ ପଡିବା ପରେ ତାଙ୍କ ଗୋଡ଼ ଚକ ତଳେ ଚାପି ହୋଇଯାଇଥିଲା। ସ୍ଥାନୀୟ ଲୋକେ ଘଟଣାସ୍ଥଳରୁ ଅକ୍ଷୟଙ୍କୁ ଉଦ୍ଧାର କରି ବୁର୍ଲା ଡାକ୍ତରଖାନାକୁ ପଠାଇଥିଲେ। ସେଠାରେ ଚିକିତ୍ସାଧିନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଯାଇଛି। ଟ୍ରକ୍ ଚାଳକ ଘଟଣା ସ୍ଥଳରୁ ଫେରାର ହୋଇଛି। ପୁଲିସ ଦୁର୍ଘଟଣାଗ୍ରସ୍ତ ଟ୍ରକ ଓ ବାଇକ ଜବତ କରିବା ସହ ମାମଲା ରୁଜୁ କରି ତଦନ୍ତ କରୁଥିବା ବରେଇପାଲି ଥାନା ଅଧିକାରୀ କହିଛନ୍ତି।

# ଭାରତୀ ସମାଜର ବୈଠକ

**ସମ୍ବଲପୁର, ୫।୧୦ (ସମିସ) :** ଭାରତୀ ସମାଜ ପକ୍ଷରୁ ଗୁରୁ ସତ୍ୟନାରାୟଣ ସମ୍ବଲପୁରୀ ଡେରାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଭାରତୀ ସମାଜର ସଞ୍ଚାଳକ ଭବାନୀଶଙ୍କର ଭୋଇ ସଂଯୋଜନା କରିଥିଲେ। ଭାରତୀୟ ସଂସ୍କୃତି ପାଞ୍ଚ ହଜାର ବର୍ଷର ବୋଲି ଦାବି କରାଯାଉଥିବାବେଳେ ଦିନକୁ ଦିନ ସମାଜ ଭିତରେ ଜାତି, ବର୍ଗ ଏବଂ ଧର୍ମ ନାମରେ ଦୂରତା ବୃଦ୍ଧି ପାଉଥିବା ନେଇ ବୈଠକରେ ଆଲୋଚନା କରାଯାଇଥିଲା। ବର୍ତ୍ତମାନ ଚାଲିଥିବା ଜାତିବାଦକୁ ଦୂର କରି ଲୋକଙ୍କୁ ଦେଶର ଇତିହାସ ସଂସ୍କୃତି ଏବଂ ପରମ୍ପରାର ଗୌରବ ବିଷୟରେ କିଭଳି ଅବଗତ କରିହେବ ସେନେଇ କାର୍ଯ୍ୟକ୍ରମ ହାତକୁ ନିଆଯିବା ଉପରେ ବୈଠକରେ ଗୁରୁତ୍ୱାରୋପ କରାଯାଇଥିଲା। ଦେଶରେ ଆତ୍ମନିର୍ଭରତାକୁ ବୃଦ୍ଧି କରିବା ପାଇଁ ସ୍ୱଦେଶୀ ଜ୍ଞାନ ଏବଂ ଉତ୍ପାଦନ ଗୁଡିକର ପ୍ରସାର କରାଯିବା ଜରୁରୀ ବୋଲି ମଧ୍ୟ ମତାମତ ଦିଆଯାଇଥିଲା। ବୈଠକରେ ଦେବୀ ପ୍ରସାଦ ଭୋଇ, ବିରଞ୍ଚି ନାରାୟଣ ନାୟକ, ଗୋପବନ୍ଧୁ ସେନାପତି, ଲଳିତା ଭୋଇ, ସୁଷମା ପ୍ରଧାନ, ରାକେଶ ପଟ୍ଟନାୟକ, ପ୍ରେମ ସାହାଣୀ ପ୍ରମୁଖ ବହୁସଦସ୍ୟ ଉପସ୍ଥିତ ଥିଲେ।

### ଜମନକିରା ତହସିଲ ଅଞ୍ଚଳ ଜମି ହାତେଇବାକୁ ଉଦ୍ୟମ

# ବଳି ପଡ଼ିଛି ବୁଦା ଜଙ୍ଗଲ



**ଜମନକିରା, ୫।୧୦(ସମିସ):** ଜମନକିରା ତହସିଲ ଅଧୀନ ଟିକିବା ପଞ୍ଚାୟତ ବଡ଼ ବାଦିବାହଲ ଗ୍ରାମର କିଛିବର୍ଷ ପୂର୍ବେ ବନ୍ଦଥିବା ସ୍କୁଲ ପଛପଟେ ଥିବା ରକ୍ଷିତ ଥିବା ସ୍ଥାନରେ କେହି ଛୋଟଛୋଟ ଗଛ ଡାଳ କାଟିଥିବାବେଳେ ଗ୍ରାମବାସୀ ନ ଜାଣିପାରିବା ସନ୍ଦେହ ଘେରରେ ରହିଛି। ଗୋଟାଏ ପଟେ ଖବରପାଇ ବନବିଭାଗ ଘଟଣାସ୍ଥଳରେ ପହଞ୍ଚି ତନାଘନା କରି ଫେରି ଥିବାବେଳେ ଏ ନେଇ ବଡ଼ରମା ରେଞ୍ଜର ଗିରିଧାରି ପ୍ରଧାନଙ୍କୁ ପଚାରିରୁ ଉକ୍ତ ଜାଗାକୁ ମୁଁ ଓ ଡେପୁଟି ଫରେଷ୍ଟର ଦୁଷ୍ମନ୍ତ ଖସେଲ୍‌ଫ ସହ ବନବିଭାଗ କର୍ମଚାରୀଙ୍କ ଯାଇ ତଦନ୍ତ କରି ଫେରିଥିବା କହିଥିଲେ। କଟିଥିବା ଛୋଟଛୋଟ ଗଛଡାଳ ବନ ବିଭାଗର ନୁହେଁ ବୋଲି କହିଥିଲେ। ତାହା ଜମନକିରା ତହସିଲ ଅଧୀନରେ ଥିବା କହିଥିଲେ। ଉକ୍ତସ୍ଥାନର କ୍ଷିତଓ ଉନ୍ନତ ଯୋଜନା ଯୋଗ୍ୟ ଖାତା ନଂ ୨୦ ସହ ପ୍ଲଟ୍ ନମ୍ବର ୩୭୭ ଥିବା ପ୍ରକାଶ କରିଥିଲେ। ରବିବାର ହେତୁ ଜମନକିରା ତହସିଲଦାରଙ୍କୁ ଯୋଗାଯୋଗ କରାଯାଇ ପାରିନାହିଁ।

# କାର୍ଯ୍ୟସମୟ ୧୦ ଘଣ୍ଟାକୁ ବୃଦ୍ଧି ପାଇଁ ନିଷ୍ପତ୍ତିକୁ ବିରୋଧ

**ସମ୍ବଲପୁର, ୫।୧୦ (ସମିସ) :** ଶ୍ରମିକ ମାନଙ୍କର କାର୍ଯ୍ୟ ନିର୍ଘଣ୍ଟ ସମୟ ୮ ଘଣ୍ଟା ରୁ ୧୦ ଘଣ୍ଟାକୁ ବୃଦ୍ଧି କ୍ୟାବିନେଟ ପ୍ରସ୍ତାବକୁ କେନ୍ଦ୍ରୀୟ ଶ୍ରମିକ ସଂଗଠନ ଗୁଡ଼ିକ ବିରୋଧ କରିବାସହ ଜିଲ୍ଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଶୁକ୍ରବାର ସ୍ମାରକପତ୍ର ପ୍ରଦାନ କରିଛନ୍ତି। କ୍ୟାବିନେଟରେ ମଞ୍ଜୁର କାର୍ଯ୍ୟ ନିର୍ଘଣ୍ଟ ୧୦ ଘଣ୍ଟା ସମୟ ବାତିଲ ନ ହେଲେ ରାଜ୍ୟବ୍ୟାପୀ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦିଆଯାଇଛି। ଜିଲ୍ଲାପାଳଙ୍କ ଅନୁପସ୍ଥିତିରେ ପ୍ରତିନିଧି ଦଳ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଅଶୋକ କୁମାର ଭୋଇଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ।

ଦାବିପତ୍ର ଅନୁଯାୟୀ, ଗତ ସେପ୍ଟେମ୍ବର ୨୯ରେ ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କ୍ୟାବିନେଟ ବୈଠକରେ କଳକାରଖାନା ଓ ବାଣିଜ୍ୟ ପ୍ରତିଷ୍ଠାନରେ କାର୍ଯ୍ୟ କରୁଥିବା ଶ୍ରମିକମାନଙ୍କ ଦୈନିକ କାର୍ଯ୍ୟକାଳ ୮ ଘଣ୍ଟାରୁ ୧୦ ଘଣ୍ଟାକୁ ବୃଦ୍ଧି କରିବାକୁ ନିଷ୍ପତ୍ତି ହୋଇଛି। କ୍ୟାବିନେଟ୍‌ର ଏହି ନିଷ୍ପତ୍ତି ସମ୍ପୂର୍ଣ୍ଣ ଭାବରେ ଶ୍ରମିକ ବିରୋଧୀ। କ୍ୟାବିନେଟ ଏହି ପ୍ରସ୍ତାବରେ ୧୯୪୮ ମସିହା କଳକାରଖାନା



ଆଇନ ଓ ୧୯୫୬ ମସିହା ଦୋକାନ ବାଣିଜ୍ୟ ପ୍ରତିଷ୍ଠାନ ଆଇନକୁ ସଂଶୋଧନ କରାଯାଇଛି। ଶତାଧିକ ବର୍ଷ ପୂର୍ବେ ଶ୍ରମିକ ମାନେ ପ୍ରାଣବଳି ଦେଇ ହାସଲ କରିଥିବା ଶ୍ରମିକ ମାନଙ୍କ ଅଧିକାରକୁ କ୍ଷୁର୍ଣ୍ଣ କରୁଛି। ଏପରିକି ରାଜ୍ୟ ତଥା ଜାତୀୟ, ଆନ୍ତର୍ଜାତୀୟସ୍ତରର ଶ୍ରମ ଆଇନକୁ ଉଲଙ୍ଘନ କରୁଛି। ଓଡ଼ିଶା ସରକାର ୨୦୨୪ ମସିହା ଅଗଷ୍ଟ ୧୮ ତାରିଖରେ ଯେଉଁ ସର୍ବନିମ୍ନ ମଜୁରୀ ସଂଶୋଧନ କରି ବିଜ୍ଞପ୍ତି ପ୍ରକାଶ କରିଛନ୍ତି, ସେଥିରେ ୮ ଘଣ୍ଟା ସମୟ ପାଇଁ ସର୍ବନିମ୍ନ ମଜୁରୀ ଘୋଷଣା କରିଛନ୍ତି। ନୂତନ ସର୍ବନିମ୍ନ ମଜୁରୀ ଘୋଷଣା ନକରି କେବଳ କାର୍ଯ୍ୟକାଳ ବୃଦ୍ଧି କରିବା ଦ୍ୱାରା ଶ୍ରମିକ ମାନଙ୍କ କ୍ଷତି ହେବାସହିତ କାର୍ଯ୍ୟକାଳ ବୃଦ୍ଧି ଯୋଗୁଁ ସ୍ୱାସ୍ଥ୍ୟ ପାଇଁ ମଧ୍ୟ ହାନିକାରକ ହେବ। ୧୦ ଘଣ୍ଟା କାର୍ଯ୍ୟ କରିବା ପରେ ଓଭର ଟାଇମ୍ କରିବା ସେମାନଙ୍କ ପକ୍ଷରେ ସମ୍ଭବପର ହେବନାହିଁ। ଅଧିକାଂଶ ଶ୍ରମିକ ସଂଗଠନ ଓ ସ୍ଥାନୀୟ ଶ୍ରମିକ ସଂଗଠନ ଏହି ଶ୍ରମିକ ବିରୋଧୀ ନୀତି ତଥା ଅନୈତିକତା ପ୍ରସ୍ତାବର ଦୃଢ଼ ପ୍ରତିବାଦ ଓ ବିରୋଧ କରିଛି ଏବଂ ରାଜ୍ୟ କ୍ୟାବିନେଟ ଏହି ପ୍ରସ୍ତାବକୁ ପ୍ରତ୍ୟାହାର କରିବାକୁ ମଧ୍ୟ ଦାବି କରାଯାଇଛି।

ଦାବିପତ୍ର ପ୍ରଦାନ ସମୟରେ ହିନ୍ଦ ମଜଦୂର ସଭା ରାଜ୍ୟ କାର୍ଯ୍ୟକାରୀ ସଭାପତି ବିଜୟ ମହାନ୍ତି ଓ ଉପସାଧାରଣ ସମ୍ପାଦକ ଗୋକୁଳ ମେହେର, ସିଟୁରୁ ଗଦାଧର କୁଅଁର, ବି. ରମା ରାଓ, ଲଳିତ ପଟ୍ଟନାୟକ, ଏଆଇଟିୟୁସିରୁ ରବୀନ୍ଦ୍ର ମହାନ୍ତି, ଆଇଏନ୍‌ଟିୟୁସିରୁ ରଘୁମଣି ଦାସ, ସଞ୍ଜିତ ମହାନ୍ତି, ମହମ୍ମଦ ମୃତୁଜା, ରୂପେଶ ବାଗ, ଦେବଜ୍ୟୋତି ପଟ୍ଟନାୟକ, ଚୁମନ ପ୍ରଧାନ, ମଧୁସୂଦନ ପ୍ରଧାନ, ସୁଶାନ୍ତ ପଟ୍ଟନାୟକ, ଆର୍ଯ୍ୟନ ବହିଦାର, ସୁକେଶ ସିଂ ପ୍ରମୁଖ ଉପସ୍ଥିତ ଥିଲେ।

### ଗଙ୍ଗାଧର ମେହେର ଉଚ୍ଚତର ମାଧ୍ୟମିକ ବିଦ୍ୟାଳୟ

# ବିତୁଛି ସମୟ, ହୋଇପାରୁନି କୋଠା

**ସମ୍ବଲପୁର, ୫।୧୦ (ସମିସ)**

ବର୍ଷବର୍ଷ ଧରି ସମସ୍ୟା ଘେରରେ ରହିଛି ଗଙ୍ଗାଧର ମେହେର ଉଚ୍ଚତର ମାଧ୍ୟମିକ ବିଦ୍ୟାଳୟ (କନିଷ୍ଠ ମହାବିଦ୍ୟାଳୟ)। ଅନୁଷ୍ଠାନର ନିଜସ୍ୱ ଜମି ବା କୋଠା ନ ଥିବାରୁ ଶ୍ରେଣୀଗୃହ ପାଇଁ ଛାତ୍ରଛାତ୍ରୀ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଜିଲ୍ଲା ପ୍ରଶାସନ ଓ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ମହାବିଦ୍ୟାଳୟ କୋଠା କେଉଁସ୍ଥାନରେ ନିର୍ମାଣ ହେବ ତାହାକୁ ନେଇ କୌଣସି ନିଷ୍ପତ୍ତି ହୋଇପାରୁନାହିଁ। ଦଶହରା ଅବସରରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ସମ୍ବଲପୁର ଗସ୍ତ ଅବସରରେ ନାଗରିକ ପ୍ରତିନିଧି ଦଳ ତାଙ୍କୁ ଭେଟି ଉଚ୍ଚତର ମାଧ୍ୟମିକ ବିଦ୍ୟାଳୟ ଜମି ସମସ୍ୟା ସମାଧାନ ପାଇଁ ଅନୁରୋଧ କରିଛନ୍ତି। କେନ୍ଦ୍ର ମନ୍ତ୍ରୀ ଶ୍ରୀ ପ୍ରଧାନ ଗଙ୍ଗାଧର ମେହେର ଉଚ୍ଚତର ମାଧ୍ୟମିକ ବିଦ୍ୟାଳୟ ସକାଶେ ଜମି ବ୍ୟବସ୍ଥା କରିବାକୁ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି।

ବାରମ୍ବାର ଆନ୍ଦୋଳନ ଓ ସରକାରୀସ୍ତରରେ ନିଷ୍ପତ୍ତି ସତ୍ତ୍ୱେ ଗଙ୍ଗାଧର ମେହେର କନିଷ୍ଠ ମହାବିଦ୍ୟାଳୟ ସମସ୍ୟାର ସମାଧାନ ହୋଇପାରୁନାହିଁ। ପ୍ରଫେସର କଲୋନୀସ୍ଥିତ ୨.୮ ଏକର ଜମି ଓ ତତ୍‌ସଂଲଗ୍ନ ଜମି ମୋଟ ପ୍ରାୟ ୪ ଏକର। ଜମିକୁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗକୁ ହସ୍ତାନ୍ତର କରାଯିବ ବୋଲି ନିଷ୍ପତ୍ତି ନିଆଯାଇଥିଲା। ଏଠାରେ ନିର୍ମାଣ ହୋଇଥାନ୍ତା ଜିଏମ୍ କନିଷ୍ଠ ମହାବିଦ୍ୟାଳୟ କୋଠା। ପୁଣି ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ପଛପାର୍ଶ୍ୱରେ ଥିବା ୨.୦୫ ଏକର ଜାଗାକୁ ମଧ୍ୟ ଉକ୍ତ ଅନୁଷ୍ଠାନ ଅଧୀନକୁ ଆଣି ପରବର୍ତ୍ତୀ ସମୟରେ ଛାତ୍ରାବାସ କରିବାକୁ ପ୍ରସ୍ତାବ ହୋଇଥିଲା। ତେବେ, ରାଜସ୍ୱ ବିଭାଗର ନିର୍ଦ୍ଦେଶ ସତ୍ତ୍ୱେ ଜମି ଓ ଜାଗା ଚିହ୍ନଟ ହୋଇପାରୁନାହିଁ।

୧୯୪୪ରେ ସମ୍ବଲପୁର କଲେଜ ଭାବେ ଆରମ୍ଭ ହୋଇଥିବା ପ୍ରି-ୟୁନିଭର୍ସିଟି ଓ ଇଣ୍ଟରମିଡିଏଟ୍ ପାଠ୍ୟକ୍ରମ ପରବର୍ତ୍ତୀ ସମୟରେ ଯୁକ୍ତ-୨ ପାଠ୍ୟକ୍ରମ ହେଲା। ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ଓ ଉଚ୍ଚତର ମାଧ୍ୟମିକ ବିଦ୍ୟାଳୟ ମଧ୍ୟରେ ଶ୍ରେଣୀଗୃହ, ପରୀକ୍ଷା ହଲ୍ ଆଦିକୁ ନେଇ ବିଭିନ୍ନ ସମୟରେ ଟଣାଓଟରା ଲାଗିରହିଛି। ୧୯୯୮ ମସିହାରେ ଯୁକ୍ତ-୨ ପାଠ୍ୟକ୍ରମକୁ ସରକାର ଉଚ୍ଚଶିକ୍ଷା ବିଭାଗରୁ ସ୍ୱତନ୍ତ୍ର କରି ବିଦ୍ୟାଳୟ ଓ



ଗଣଶିକ୍ଷା ବିଭାଗକୁ ଆଣିବାପରେ ଏହି ଅନୁଷ୍ଠାନ ଗଙ୍ଗାଧର ମେହେର ଉଚ୍ଚତର ମାଧ୍ୟମିକ ବିଦ୍ୟାଳୟ ଭାବେ ନୂତନ ପରିଚୟ ପାଇଲା। କିନ୍ତୁ ୨୬ ବର୍ଷ ପରେ ମଧ୍ୟ ଅନୁଷ୍ଠାନ ନାମରେ ଜମି ବା ନିଜସ୍ୱ କୋଠା ବିଦ୍ୟାର୍ଥୀଙ୍କ ପାଇଁ ଆନୁସଙ୍ଗିକ ସୁବିଧାସୁଯୋଗ ହୋଇପାରିନାହିଁ। ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ଶ୍ରେଣୀଗୃହ ଓ ପରିସର ବ୍ୟବହାର କରାଯାଉଥିବାବେଳେ କେବଳ ଏକ ଛାତ୍ରୀନିବାସରେ ଯୁକ୍ତ -୨ ଛାତ୍ରୀମାନେ ରହୁଛନ୍ତି। ଏହି ଅନୁଷ୍ଠାନରେ ବିଜ୍ଞାନରେ ୨୮୮, କଳାରେ ୫୧୨ ଓ ବାଣିଜ୍ୟରେ ୩୨୦ ଛାତ୍ରଛାତ୍ରୀ ଅଛନ୍ତି। ତେଣୁ ଅନୁଷ୍ଠାନକୁ ୩୬ଟି ଶ୍ରେଣୀ କୋଠରିର ଆବଶ୍ୟକତା ରହିଛି। ବିଡ଼ମ୍ବନାର ବିଷୟ ୧୯୯୮ ମସିହାରେ କନିଷ୍ଠ କଲେଜ ପ୍ରତିଷ୍ଠା ସମୟରେ ଏଠାରେ ବିଜ୍ଞାନ, କଳା ଓ ବାଣିଜ୍ୟରେ ଯେତିକି ସିଟ୍ ଥିଲା ତାହା ୨୭ ବର୍ଷ ପରେ ମଧ୍ୟ ସମାନ ରହିଛି। ବିଜ୍ଞାନ ଛାତ୍ରଛାତ୍ରୀଙ୍କ ଅଭ୍ୟାସ ପାଇଁ ଅତ୍ୟାଧୁନିକ ଉପକରଣଯୁକ୍ତ ଲାବୋରେଟୋରୀ ନାହିଁ। ସେହିପରି ପାଠାଗାର ଅଭାବରୁ ଛାତ୍ରଛାତ୍ରୀଙ୍କ ଏକାଡେମିକ୍ ଉନ୍ନତି ହୋଇପାରୁ ନାହିଁ। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଅଧୀନକୁ ଏହି ଅନୁଷ୍ଠାନ ଯିବାପରେ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟରୁ ଅନ୍ୟତ୍ର ସ୍ଥାନାନ୍ତର କରିବା ପ୍ରକ୍ରିୟା ଆରମ୍ଭ ହୋଇଥିଲା। ୨୦୧୫ ମସିହାରେ ତତ୍କାଳୀନ ଉଚ୍ଚଶିକ୍ଷା ମନ୍ତ୍ରୀ, ବିଧାୟକ, ଜିଲାପାଳ ଓ ବରିଷ୍ଠ ପ୍ରଶାସନିକ ଅଧିକାରୀ ଏବଂ ସମସ୍ତ ଷ୍ଟେକ୍‌ହୋଲ୍ଡର (ପୁରାତନ ଛାତ୍ରଛାତ୍ରୀ, ଅଧ୍ୟକ୍ଷ, ଅଧ୍ୟାପକ ଅଧ୍ୟାପିକା ଓ ହିତାକାଂକ୍ଷୀ)ଙ୍କ ବୈଠକରେ ବୁଢ଼ାରଜା ପ୍ରଫେସର କଲୋନୀସ୍ଥିତ ଜାଗାରେ ଏହି ଉଚ୍ଚତର ମାଧ୍ୟମିକ ବିଦ୍ୟାଳୟ କୋଠା ନିର୍ମାଣ କରିବାକୁ ନିଷ୍ପତ୍ତି ହୋଇଥିଲା। କିନ୍ତୁ ୧୦ ବର୍ଷ ପରେ ବି ପଦକ୍ଷେପ ଶୂନ। ମହାବିଦ୍ୟାଳୟର ପୁରାତନ ଛାତ୍ରଛାତ୍ରୀ ତଥା ସମ୍ବଲପୁରବାସୀ ଏହି ଅନୁଷ୍ଠାନ ସକାଶେ ଶୀଘ୍ର ଜମି ଯୋଗାଇବା ସହ କୋଠା ନିର୍ମାଣ ପାଇଁ ଦାବି କରିଛନ୍ତି।

# ମନସ୍ୱୀ ସାହୁ ଓ ପ୍ରହଲ୍ଲାଦ ପ୍ରଧାନଙ୍କୁ ଶ୍ରଦ୍ଧାଞ୍ଜଳି



**ସମ୍ବଲପୁର, ୫।୧୦ (ସମିସ) :** ରଣେଶ୍ୱର ରାମଚଣ୍ଡୀ ମନ୍ଦିର ପରିସରରେ କୁଳତା ସମାଜ ପକ୍ଷରୁ ଏକ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭାଷାବିଦ ପ୍ରହଲ୍ଲାଦ ପ୍ରଧାନ ଏବଂ ସଂଗଠକ ମନସ୍ୱୀ ସାହୁଙ୍କ ଜୟନ୍ତୀ ଅବସରରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ସମାଜରେ ଶିକ୍ଷା ଓ ସ୍ୱାସ୍ଥ୍ୟର ବିକାଶ ଦିଗରେ ତାଙ୍କ ଅବଦାନ ଅତୁଳନୀୟ ବୋଲି ବକ୍ତାମାନେ କହିଥିଲେ। ତାଙ୍କ ପ୍ରଚେଷ୍ଟାରେ ୨୦୦ ଗାଁରେ ୮୦୦୦ ସିକିଲ ସେଲ ଟେଷ୍ଟ କରାଯାଇଥିଲା। ସମ୍ବଲପୁର କୁଳତା ସମାଜ ଗଠନ, ରାମଚଣ୍ଡୀ ସେବା ସଦନ, ରଣେଶ୍ୱର ରାମଚଣ୍ଡୀ ମନ୍ଦିର ନିର୍ମାଣ, କୁଳତା ଛାତ୍ରାବାସ ସ୍ଥାପନରେ ମଧ୍ୟ ତାଙ୍କ ଅବଦାନ ଅତୁଳନୀୟ। ସେହିପରି ବିଶିଷ୍ଟ ଗବେଷକ ତଥା ୧୬ଟି ଭାଷାରେ ଦକ୍ଷତା ରଖିଥିବା ଭାଷାବିଦ ପ୍ରହଲ୍ଲାଦ ପ୍ରଧାନଙ୍କୁ ମଧ୍ୟ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ବୌଦ୍ଧ ଇତିହାସ ଉପରେ ଗବେଷଣା, ପୁରୀ ସଂସ୍କୃତ ବିଶ୍ୱବିଦ୍ୟାଳୟର ପ୍ରଥମ କୁଳପତି ଭାବେ କାର୍ଯ୍ୟ ଏବଂ ପାଲି ଏବଂ ପ୍ରାକୃତ ଭାଷାରେ ଗବେଷଣା ତାଙ୍କୁ ସବୁଦିନେ ଅମର କରିରଖିବ ବୋଲି ବକ୍ତାମାନେ ମତ ଦେଇଥିଲେ। ଦେବୀ ପ୍ରସାଦ ଭୋଇଙ୍କ ସଂଯୋଜନାରେ କୁଳତା ସମାଜର ଉପସଭାପତି ଦେବୋତ୍ତମ ପ୍ରଧାନ, ସାଧାରଣ ସମ୍ପାଦକ ରଞ୍ଜନ ପାତ୍ର, ପ୍ରଦୀପ ସାହୁ, ଆନନ୍ଦ ପ୍ରଧାନ, ଦେବଦତ୍ତ ସାହୁ, ଅକ୍ଷୟ ପ୍ରଧାନ, ଭକ୍ତବନ୍ଧୁ ପ୍ରଧାନ, ସୁଦାମ ଭୋଇ, ଲିଙ୍ଗରାଜ ପ୍ରଧାନ, ଟଙ୍କଧର ବାରିକ, ସୁରେଶ ବେହେରା, ଭବାନୀ ଶଙ୍କର ଭୋଇ ପ୍ରମୁଖ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ।

## ୨୦ରୁ ଜାମସେଠ ସାର୍ବଜନୀନ କାଳୀପୂଜା

**ପାଇକମାଳ, ୫।୧୦(ସମିସ):** ପାଇକମାଳ ବ୍ଲକ ଜାମସେଠରେ ହେବାକୁ ଥିବା ସାର୍ବଜନୀନ କାଳୀପୂଜା ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ




ପୂଜା କିପରି ଶାନ୍ତି ଶୃଙ୍ଖଳାରେ ଆୟୋଜିତ ହେବ ସେନେଇ ଆଲୋଚନା ହୋଇଥିଲା। ଏହା ଅକ୍ଟୋବର ୨୦ରୁ ଆରମ୍ଭ ହୋଇ ୨୨ରେ ସମ୍ପନ୍ନ ହେବ। ପୂଜା ସୁପରିଚାଳନା ପାଇଁ ସର୍ବସମ୍ମତି କ୍ରମେ କମିଟି ଗଠନ କରାଯାଇଛି। ସଭାପତି ଭାବେ କ୍ଷିରୋଦ ମାଝୀ, ଉପସଭାପତି ପ୍ରମୋଦ ରାଏ, ସମ୍ପାଦକ ଶତ୍ରୁଘ୍ନ ସାହୁ, କୋଷାଧ୍ୟକ୍ଷ ସନ୍ତୋଷ ପୂଝାରୀ, ସହ କୋଷାଧ୍ୟକ୍ଷ କୁଶଳ ରଣା, ଉପଦେଷ୍ଟା ଭାବେ ଆର୍ତ୍ତତ୍ରାଣ ସାହୁ, ସରୋଜ ପଟ୍ଟନାୟକ, ଅମୀୟ ରଣା, ନାରାୟଣ ପ୍ରଧାନ, ନଟବର ପ୍ରଧାନ, ରମାକାନ୍ତ ପ୍ରଧାନ, ପ୍ରଦୀପ ସାହୁ ଓ କାର୍ଯ୍ୟକାରୀ ସଭ୍ୟ ଭାବେ ଶିବ ପ୍ରଧାନ, ନିରଞ୍ଜନ ପ୍ରଧାନ, ପାର୍ଥ ରଣା, ତ୍ରିନାଥ ରଣା, ପ୍ରଦୀପ ହଂସ, ଦୁଃଖିଧନ ପ୍ରଧାନ, ଅକ୍ଷୟ ପ୍ରଧାନ, ନେତ୍ରାନନ୍ଦ ରଣା, ସୁରେଶ ରଣା, ରବି ରଣା, ପ୍ରତାପ ସାହୁ, ଦେବାଶିଷ ପଟ୍ଟନାୟକ, ମଦନ ଭୋଇ ପ୍ରମୁଖ କମିଟିରେ ଅଛନ୍ତି। ବୈଠକରେ ନେତାଜୀ କ୍ଲବ୍‌ର ସମସ୍ତ ସଦସ୍ୟ ତଥା ଗ୍ରାମବାସୀ ଉପସ୍ଥିତ ଥିବା ବେଳେ ଶେଷରେ ପ୍ରମୋଦ ରାଏ ଧନ୍ୟବାଦ ଦେଇଥିଲେ।

## ଅପପୁଷ୍ଟି ଓ ଯୌତୁକ ନିର୍ଯାତନା ଜନିତ ମୃତ୍ୟୁ ଅଭିଯୋଗ

**ବରଗଡ଼, ୫।୧୦(ସମିସ)**

ଉପଯୁକ୍ତ ଖାଦ୍ୟାଭାବ, ମାନସିକ ଓ ଯୌତୁକ ନିର୍ଯାତନାରୁ ବଧୂ ହତ୍ୟା ଅଭିଯୋଗ ବରଗଡ଼ ଜିଲ୍ଲା ବରାହଗୋଡା ଥାନାରେ ହୋଇଛି। ଭଟଲି ଗାଁର ଗୌରାଙ୍ଗ ସାହୁଙ୍କ ଝିଅ ତୁଳସୀଙ୍କ ବିବାହ ଫେବୃୟାରୀ ୨୦୨୪ରେ ବୈଦିକ ରୀତିନୀତିରେ ବରଗଡ଼ ବ୍ଲକ ଅଧୀନ ତାଳଶ୍ରୀଗିଡା ଗାଁର ରକ୍ଷାକାରୀ ପଧାନଙ୍କ ପୁତ୍ର ସୁଦାମ ପଧାନଙ୍କ ସହ ହୋଇଥିଲା। ବିବାହରେ ଧାର କରଜ କରି ପରିବାର ପକ୍ଷରୁ ଦୁଇ ଚକିଆ ଯାନ ସହିତ ଚାରି ଲକ୍ଷ ଟଙ୍କାର ସାମଗ୍ରୀ ବରକୁ ଦିଆଯାଇଥିଲା। ବିବାହର ତିନି ଚାରି ମାସ ଶ୍ୱଶୁର ଘରେ ରହିବା ପରେ ଶାଶୁ ଦୁଲ୍ଲଭି ପଧାନ ଓ ଶ୍ୱଶୁର ରକ୍ଷାକାରୀ ପଧାନ ସବୁବେଳେ କଟୁ କଥା କହି ଯୌତୁକ କମ ଆଣିଥିବା ଦର୍ଶାଇ ମାନସିକ ନିର୍ଯାତନା ଦେଉଥିବା ନିଜ ମାତା ପିତାଙ୍କ ଆଗରେ ଝିଅ ତୁଳସୀ ଅଭିଯୋଗ କରିଥିଲେ। ଏଥିରେ ସ୍ୱାମୀ ସୁଦାମଙ୍କ ମୌନ ସମ୍ମତି ରହିଥିବା କଥା ପ୍ରକାଶ କରିଥିଲେ। ସବୁ କଥାକୁ ସହ୍ୟ କରି ଶାଶୁ ଘରେ ରହିବାକୁ ଝିଅର ମାତାପିତା ପରାମର୍ଶ ଦେଇଥିଲେ। ଏହି ପ୍ରକାର ଅଭିଯୋଗ ଝିଅ ବାରମ୍ବାର କରି



ଆସୁଥିଲେ ହେଁ ସମୟ କ୍ରମେ ସବୁ ଠିକ ହୋଇ ଯିବାର ଆଶା ନେଇ ଝିଅ ପକ୍ଷ ଚୁପ ରହିଥିଲେ। ଗତ ଅଗଷ୍ଟ ୨୧ରେ ତୁଳସୀ ଏକ ପୁତ୍ର ସନ୍ତାନକୁ ଜନ୍ମ ଦେଇଥିଲେ। ହେଲେ ଗର୍ଭବତୀ ଅବସ୍ଥାରେ ଝିଅର ଉପଯୁକ୍ତ ଯତ୍ନ ନିଆ ଯାଇ ନଥିବା ଅଭିଯୋଗ ମଧ୍ୟ ହୋଇଛି। ପ୍ରସବ ପରେ ବିଭିନ୍ନ ସାମାଜିକ ପୁରୁଣା ପ୍ରଥାର ଦୁହାଇ ଦେଇ ଉଦ୍ଦେଶ୍ୟ ମୂଳକ ଭାବେ ଖାଦ୍ୟପେୟ ଦିଆ ଯାଇନଥିବା, ଔଷଧ ମଧ୍ୟ ଠିକ୍ ଭାବେ ଖାଇବାକୁ ଦିଆ ନ ଯିବା ତୁଳସୀ ମାତାପିତାଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଶନିବାର ମଧ୍ୟରାତ୍ରିରେ ତୁଳସୀର ସ୍ୱାସ୍ଥ୍ୟ ଅବସ୍ଥା ଠିକ ନଥିବା ମାତାପିତାଙ୍କୁ ଜଣାଇଥିଲେ। କିନ୍ତୁ ଡାକ୍ତରଖାନାକୁ ଆଣିବା ପୂର୍ବରୁ ତୁଳସୀଙ୍କ ମୃତ୍ୟୁ ହୋଇଥିବା ଡାକ୍ତର ଘୋଷଣା କରିଥିଲେ। ଅତ୍ୟଧିକ ମାନସିକ ଚାପ ଓ ଜାଣିଶୁଣି ଉପଯୁକ୍ତ ଖାଦ୍ୟାଭାବ ହେତୁ ମୃତ୍ୟୁ ହୋଇଥିବା ତୁଳସୀର ଭାଇ ତାପସରଞ୍ଜନ ସାହୁ ବରାହଗୋଡା ଗ୍ରାମାଞ୍ଚଳ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଏ ବାବଦରେ ଥାନାଧିକାରୀଙ୍କୁ ଯୋଗାଯୋଗ କରିବାରୁ ଝିଅ ପକ୍ଷର ଅଭିଯୋଗ ଗ୍ରହଣ କରିବା ସହ ଶବ ବ୍ୟବଚ୍ଛେଦ ପରେ ଶ୍ୱଶୁର ଘରକୁ ମୃତ ଶରୀର ହସ୍ତାନ୍ତର କରିଥିବା ସୂଚନା ଦେଇଥିଲେ। ଏହା ସହିତ ତୁଳସୀଙ୍କ ହିମୋଗ୍ଲୋବିନ ଓ କ୍ୟାଲସିୟମ ଅଭାବ ଥିବାରୁ ଚିକିତ୍ସିତ ହେଉଥିବା ଶ୍ୱଶୁର ଘର ପକ୍ଷ ଥାନାରେ ଦର୍ଶାଇଥିବା ସୂଚନା ମିଳିଛି। ଏହାର ବିହିତ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ତୁଳସୀଙ୍କ ପରିବାର ପକ୍ଷରୁ ଅନୁରୋଧ କରାଯାଇଛି।

## ବାଇକ୍ ଧକ୍କାରେ ୱାର୍ଡମେମ୍ବରଙ୍କ ମୃତ୍ୟୁ

**ଭେଡେନ, ୫।୧୦(ସମିସ):** ଭେଡେନ ବ୍ଲକ ରଷ୍ଟତା ପଞ୍ଚାୟତ ୭ନମ୍ବର ୱାର୍ଡର ୱାର୍ଡ ମେମ୍ବର କମଲୁ ଭୁଏ (୩୫)ଙ୍କ ବାଇକ ଧକ୍କାରେ ଗୁରୁତର ହେବା ପରେ ଶନିବାର ମଧ୍ୟରାତ୍ରିରେ ଚିକିତ୍ସାଧୀନ ଅବସ୍ଥାରେ



ପରଲୋକ ଘଟିଛି। ସେ ଶନିବାର ସନ୍ଧ୍ୟାରେ ଗର୍ଜନା ଛକ ନିକଟରୁ ଫେରୁଥିବା ବେଳେ ଏକ ଅଜଣା ବାଇକ ତାଙ୍କୁ ଧକ୍କା ଦେଇ ମହୁଲପାଲି ଆଡକୁ ଫେରାର ହୋଇଯାଇଥିଲା। ସ୍ଥାନୀୟ ଲୋକେ କମଲୁଙ୍କ ଉଦ୍ଧାର କରି ଚିକିତ୍ସାଳୟକୁ ନେଇଥିଲେ। ହେଲେ ଚିକିତ୍ସାଧୀନ ଅବସ୍ଥାରେ ରାତିରେ ତାଙ୍କର ପରଲୋକ ଘଟିଥିଲା। ସେ ତାଙ୍କ ପଛରେ ପତ୍ନୀ, ୯ ବର୍ଷର ପୁଅ, ୨ ବର୍ଷର ଝିଅକୁ ଛାଡି ଯାଇଛନ୍ତି। ସରକାରୀ ସହାୟତା ପାଇଁ ପରିବାର ଲୋକଙ୍କ ପକ୍ଷରୁ ଦାବି ହୋଇଛି। ରଷ୍ଟତା ଫାଣ୍ଡି ପୁଲିସ ଗର୍ଜନାରୁ ମହୁଲପାଲି ପର୍ଯ୍ୟନ୍ତ ଲାଗିଥିବା ସିସିଟିଭି ଯାଞ୍ଚ କରି ତଦନ୍ତ ଚଳାଇଛି। ତେବେ ସରପଞ୍ଚ ସୁରେନ୍ଦ୍ର କର୍ମୀ ହରିନେନ୍ଦ୍ର ଯୋଜନାରେ ସହାୟତା ପ୍ରଦାନ କରାଯିବା ସୂଚନା ରହିଛି।

## ବରଗଡ଼ରେ ଫ୍ରି ଆନେମିଆ ଓ କ୍ୟାନସର୍ ସ୍କ୍ରିନିଂ କ୍ୟାମ୍ପ

**ବରଗଡ଼, ୫।୧୦(ସମିସ):** ବରଗଡ଼ରେ ସ୍ୱାସ୍ଥ୍ୟ ସମ୍ପର୍କିତ ଫ୍ରି ଆନେମିଆ ଓ କ୍ୟାନସର୍ ସ୍କ୍ରିନିଂ କ୍ୟାମ୍ପ ଆୟୋଜିତ ହୋଇଯାଇଛି। ସ୍ଥାନୀୟ ଅଗ୍ରଗାମୀ ଯୁବକ ସଂଘ ପରିସରରେ ବାଗଚି ଶ୍ରୀ ଶଙ୍କରା କ୍ୟାନସର୍ ଉଦ୍‌ଘାଟନ କରିଥିଲେ। ଏହାପରେ କର୍କଟରୋଗ ବିଶେଷଜ୍ଞ ଡ.ସତ୍ୟରୂପା ମହାପାତ୍ର ଓ ଡ.ବୈଭବ ସିଂ ଉପସ୍ଥିତରହି ବରଗଡ଼ର ୧୦୩ ଜଣଙ୍କୁ ସ୍ୱାସ୍ଥ୍ୟ ପରାମର୍ଶ ଦେଇଥିଲେ। ଯେଉଁଥିରେ ମୁଖ୍ୟତଃ





କେନ୍ଦ୍ର ଓ ଗବେଷଣା ଅନୁଷ୍ଠାନ ଭୁବନେଶ୍ୱର, ବରଗଡ଼ ନାଗରିକ ମଞ୍ଚ, ଏନଡି କ୍ଲିନିକର ମିଳିତ ଆନୁକୂଲ୍ୟରେ ଶିବିର ଅନୁଷ୍ଠିତ ହୋଇଥିଲା। ଏହି କ୍ୟାମ୍ପକୁ ବରଗଡ଼ ସିଡିଏମଓ କୁବେର ଚନ୍ଦ୍ର ମହନ୍ତ ସିକଲିନ, ଥାଲାସେମିଆ, ରକ୍ତହୀନତା, କର୍କଟରୋଗ ଇତ୍ୟାଦି ଉପରେ ପରାମର୍ଶ ହୋଇଥିଲା। ଏହାପରେ ସଚେତନତା କାର୍ଯ୍ୟକ୍ରମରେ ବରଗଡ଼ ବିଧାୟକ ଅଶ୍ୱିନୀ ଷଡଙ୍ଗୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ବରଗଡ଼ରେ ଶୀଘ୍ର କ୍ୟାନସର୍ ହସ୍ପିଟାଲ କାର୍ଯ୍ୟକ୍ଷମ କରିବାକୁ ସରକାର ପଦକ୍ଷେପ ନେଉଥିବା କହିଥିଲେ। ମହିଳା ମାନଙ୍କ ମଧ୍ୟରେ ରକ୍ତହୀନତା ସଂଖ୍ୟା ବଢ଼ି ଚାଲୁଥିବାରୁ ଡାକ୍ତରଙ୍କ ପରାମର୍ଶ କରି ସରକାରଙ୍କ ବିଭିନ୍ନ ଔଷଧ ସେବନ କରିବା ଓ ସମୟ ସମୟରେ ସ୍ୱାସ୍ଥ୍ୟ ପରୀକ୍ଷା କରେଇବାକୁ ଡ.ସତ୍ୟରୂପା ମହାପାତ୍ର କହିଥିଲେ। ପଶ୍ଚିମ ଓଡ଼ିଶାରେ ସିକିଲ ସେଲ ରୋଗୀଙ୍କ ସଂଖ୍ୟା ବଢୁ ଥିବାରୁ ଏହାର ଆଗୁଆ ଚିହ୍ନଟ କରିବାର ଆବଶ୍ୟକତା ରହିଥିବା ଡ.ନିଶାନ ଦେବତା କହିଥିଲେ। ନାଗରିକ ମଞ୍ଚର ସଭାପତି ତଥା ଆଇନଜୀବୀ ଭାସ୍କରଦେବ ସରାଫ ଶିବିରର ସଂଯୋଜନା କରିବା ସହ ଅନ୍ୟ ଅତିଥି ମାନଙ୍କୁ ସ୍ୱାଗତ କରିଥିଲେ। ଏଥିରେ ଉପଜିଲାପାଳ ପ୍ରସନ୍ନ ପାଣ୍ଡେ, ପୌରାଧ୍ୟକ୍ଷା କଳ୍ପନା ମାଝୀ, ହରଦିପ ସିଂ, ନିରଞ୍ଜନ ମୁଦୁଲି, ଚନ୍ଦ୍ରଶେଖର ବାଗ, ରମେଶ ମହାପାତ୍ର, ଆଇନଜୀବୀ ନିଧୁବନ ବିହାରୀ ପ୍ରସାଦ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

### ଦୁଇ ପଡ଼ୋଶୀଙ୍କ ସୀମା ବିବାଦର ଉଗ୍ରରୂପ

## ମାଟି ପାଚେରି ଭାଙ୍ଗିବା ନେଇ ଥାନାରେ ମାମଲା



**ଅତାବିରା, ୫।୧୦(ସମିସ):** ଅତାବିରା ଥାନା ଅଧୀନ ଟୋପ ପଞ୍ଚାୟତ ପରମାନପୁର ଗାଁର ବାଳମୁକୁନ୍ଦ ସାହୁଙ୍କ ଘର ପାଚେରିକୁ ପଡ଼ୋଶୀ ମହେନ୍ଦ୍ର ବେହେରା, ତାଙ୍କ ପୁଅ ରିକନ ଓ ସ୍ତ୍ରୀ ମାଳତିଙ୍କ ସମେତ ୧୦ ଜଣ ଶନିବାର ସଂଧ୍ୟାରେ ଭାଙ୍ଗି ଦେଇଥିବା ନେଇ ଅତାବିରା ଥାନାରେ ଅଭିଯୋଗ ହୋଇଛି। ପୁଲିସ ଏ ନେଇ ଏକ ମାମଲା ରୁଜୁ କରିଛି। ଅଭିଯୁକ୍ତମାନେ ଘର ଭିତରକୁ ପଶି ଅତର୍କିତ ଭାବେ ଆକ୍ରମଣ କରି ପରିବାରର ମହିଳା ଲୋକଙ୍କୁ ଅସଦାଚରଣ କରିଥିଲେ ଏବଂ ଜୀବନରେ ମାରି ଦେବାକୁ ଧମକ ଦେଇଥିଲେ। ଏ ନେଇ ଥାନାଧିକାରୀଙ୍କୁ ପଚାରିବାରୁ ଦୁଇ ପରିବାର ମଧ୍ୟରେ ପୂର୍ବରୁ ବହୁବାର ଗଣ୍ଡଗୋଳ ହୋଇ ଥାନାରେ ମାମଲା ରହିଥିବା ସୂଚନା ମିଳିଥିଲା। ନ୍ୟାୟାଳୟରେ ଜମି ମାମଲା ବିଚାରାଧୀନ ରହିଛି ବୋଲି ମଧ୍ୟ ଜଣାପଡ଼ିଛି।

## ପୁରାତନ ଛାତ୍ରଛାତ୍ରୀଙ୍କ ବନ୍ଧୁ ମିଳନ

**ଭେଡେନ, ୫।୧୦(ସମିସ):** ଭେଡେନ ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ପୁରାତନ ଛାତ୍ରଛାତ୍ରୀଙ୍କ ବନ୍ଧୁ ମିଳନ କାର୍ଯ୍ୟକ୍ରମ ବିଦ୍ୟାମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ପ୍ରଧାନଆଚାର୍ଯ୍ୟ ଅଶ୍ୱିନୀ ବାରିକ, ସମ୍ମାନିତ ଅତିଥି ଭାବେ ପ୍ରଧାନଆଚାର୍ଯ୍ୟ ଲକ୍ଷ୍ମଣ ଚିତ୍ରା ଯୋଗ ଦେଇଥିଲେ। ବିଦ୍ୟାଳୟର ପୂର୍ବତନ ଛାତ୍ରୀ ସୋନାଲି ଦାଶ ମଞ୍ଚ ପରିଚାଳନା କରିଥିବା ବେଳେ ସମିକ୍ଷା ପଣ୍ଡା ସଭା ସଂଯୋଜନା କରିଥିଲେ। ପୂର୍ବତନ ଛାତ୍ର ଅଂଶୁମାନ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ବିଦ୍ୟା ମନ୍ଦିରର ୧୭ ଜଣ ପୂର୍ବତନ ଛାତ୍ରଛାତ୍ରୀ ଯୋଗଦେଇ ସେମାନଙ୍କ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଏହିକ୍ରମରେ ଦେବେଶ ମହାପାତ୍ର ଏବଂ ଅଂଶୁମାନ ପଣ୍ଡା ସଙ୍ଗୀତ ପରିବେଷଣ କରିଥିଲେ।

## କମଗାଁରେ ବନ୍ୟ ପ୍ରାଣୀ ସପ୍ତାହ

**ବରଗଡ଼, ୫।୧୦(ସମିସ):** ବନ୍ୟପ୍ରାଣୀ ଓ ସେମାନଙ୍କର ଆବାସସ୍ଥଳୀର ସୁରକ୍ଷା ନିମନ୍ତେ ବ୍ୟାପକ ଜନସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ବରଗଡ଼ ବନାଞ୍ଚଳ ଅଧୀନରେ ଥିବା କମଗାଁ ସ୍ଥିତ ବନ କାର୍ଯ୍ୟାଳୟ ପରିସରରେ ୭୧ତମ ବନ୍ୟପ୍ରାଣୀ ସପ୍ତାହ ପାଳିତ ହୋଇଯାଇଛି। ଏହି ଅବସରରେ ବରଗଡ଼ ବନାଞ୍ଚଳ ଅଧିକାରୀ ଆରତି ନେଗୀଙ୍କ ଅଧ୍ୟକ୍ଷତାରେ ବୈଠକରେ ଅତିଥି ଭାବେ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ କମଗାଁର ଅଧ୍ୟକ୍ଷ ପ୍ରେମାନନ୍ଦ ପଟେଲ, ପରିବେଶବିତ୍ ଏସୟେଧୀ, ସରପଞ୍ଚ ଦମୟନ୍ତୀ ନାଏକ, ଗବେଷକ ଆକାଶ ପଧାନ, ବନ୍ୟପ୍ରାଣୀ ବିଭାଗର ଉପ ବନାଞ୍ଚଳ ଅଧିକାରୀ ନୀଳାଞ୍ଚଳ ଜେନା ଓ



ସ୍ଥାନୀୟ ବନ ସୁରକ୍ଷା ସମିତିର ସଭାପତି ଟଙ୍କଧର ପ୍ରଧାନ ଯୋଗ ଦେଇଥିଲେ। ବନପାଳ ଶଶୀକାନ୍ତ ମଲ୍ଲିକ ସଭାକାର୍ଯ୍ୟ ପରିଚାଳନା କରିଥିବା ବେଳେ ବନାଞ୍ଚଳ ଅଧିକାରୀ ନେଗୀ ବନ୍ୟ ପ୍ରାଣୀ ସପ୍ତାହ ପାଳନର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ବିଷୟରେ ଉପସ୍ଥାପନ କରିଥିଲେ। ଶେଷରେ ସମସ୍ତ ଅତିଥି, ପ୍ରକୃତିପ୍ରେମୀ ଏବଂ ବନ କର୍ମଚାରୀ ବନ୍ୟପ୍ରାଣୀ ସୁରକ୍ଷା ସମ୍ପର୍କିତ ପ୍ଲାକାର୍ଡ ଧରି ସ୍ଲୋଗାନ ମାଧ୍ୟମରେ ଜନ ସଚେତନତା ସୃଷ୍ଟି କରିବା ପାଇଁ କମଗାଁ ପରିକ୍ରମା କରିଥିଲେ। ଏହି କାର୍ଯ୍ୟକ୍ରମ ପରିଚାଳନାରେ ସ୍ଥାନୀୟ ବନପାଳ କୈଳାଶ ମାଝୀ, ବନରକ୍ଷୀ କିଶୋର ସେଠ ଓ ଫରେଷ୍ଟ ଗାର୍ଡ ସୁମନ୍ତ ମିର୍ଧା ପ୍ରମୁଖ ସହଯୋଗ କରିଥିଲେ।

## ମାଧୋ ସିଂହ ଚଳଚିତ୍ର ପାଇଁ ପ୍ରସ୍ତୁତି

**ବିଜେପୁର, ୫।୧୦(ସମିସ):** ବରଗଡ଼ ଜିଲ୍ଲା ଘେଁସ ଜମିଦାର ସହିଦ ମାଧୋ ସିଂହଙ୍କ ଜୀବନୀ ଉପରେ ଜାତୀୟସ୍ତର ସିନେମା ନିର୍ମାଣ କରିବା ପାଇଁ ରିଦ୍ଧି ଟ୍ରଷ୍ଟ ପକ୍ଷରୁ ଅଭିମନ୍ୟୁ ଭବନ ଠାରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ସମ୍ବଲପୁରୀ/କୋଶଲୀ ଓ ହିନ୍ଦୀ ଭାଷାରେ ନିର୍ମାଣ ହେବାକୁ ଯାଉଛି 'ମାଧୋ ସିଂହ ଦ ଅନ୍‌ସଙ୍ଗ ହିରୋ' ଚଳଚିତ୍ର। ସାହିତ୍ୟ ସଂସଦ ସଭାପତି ସୁଶାନ୍ତ ମିଶ୍ରଙ୍କ ପୌରୋହିତ୍ୟରେ ପଦ୍ମଶ୍ରୀ ହଲଧର ନାଗ, ଡ.ସୁବାସ ମେହେର, ଆଶୋକ ପୁରୋହିତ, ଉତ୍ପଳ ଭୋଇ, ନାରାୟଣ ଭୋଇ ପ୍ରମୁଖ ଗବେଷକମାନେ ଏଥିରେ ଚଳଚିତ୍ର ନିର୍ମାତାଙ୍କ ବିଭିନ୍ନ ପ୍ରଶ୍ନର ଉତ୍ତର ଦେଇଥିଲେ। ରିଦ୍ଧି ଟ୍ରଷ୍ଟର ଅଧ୍ୟକ୍ଷ ତଥା ଚଳଚିତ୍ର ନିର୍ମାତା ସାତାରାମ ଭୋଇ, ନିର୍ଦ୍ଦେଶକ ପ୍ରଦୀପ ଡି ମାଝୀ, ସହ ନିର୍ଦ୍ଦେଶକ ରାଜେନ୍ଦ୍ର ବାଗ, ସ୍କ୍ରିନ ପ୍ଲେ ଲେଖକ ଉଜ୍ଜ୍ୱଳିନୀ ମାହାର ଚଳଚ୍ଚିତ୍ରର ରୂପରେଖ ସଂକ୍ରାନ୍ତରେ ଉପସ୍ଥାପନ କରିଥିଲେ। ବିଞ୍ଝାଲ ସମାଜର ଲୋଚନ ବରିହା, ନିର୍ମଳ ବରିହା, ପ୍ରକାଶ ବରିହା, ସାମାଜିକ କର୍ମୀ ତୁଳସୀ ବାରିକ, ସୁକାନ୍ତ ମାହାର ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ୧୮୫୭ ମସିହାର ଭାରତୀୟ ମୁକ୍ତି ସଂଗ୍ରାମରେ ବ୍ରିଟିଶ ସରକାର ବିରୋଧରେ ସ୍ୱର ଉତ୍ତୋଳନ କରି ମାଧୋ ସିଂହ ଓ ତାଙ୍କ ୪ ପୁଅଙ୍କ ବଳିଦାନ ଇତିହାସ ପୃଷ୍ଠାରେ ବିରଳ। ବଳିଦାନର ଏହି ବିରଳ ଅଧ୍ୟାୟକୁ ଜାତୀୟସ୍ତରରେ ଲୋକଙ୍କ ନିକଟରେ ପହଞ୍ଚାଇବା ପାଇଁ ସିନେମା ମାଧ୍ୟମରେ ରିଦ୍ଧି ଟ୍ରଷ୍ଟ ପକ୍ଷରୁ ଉଦ୍ୟମ କରାଯାଉଛି।

## ସମ୍ବଲେଶ୍ୱରୀ ସ୍ତୋତ୍ର ପୁସ୍ତକ ଲୋକାର୍ପିତ

**ବରଗଡ଼, ୫।୧୦(ସମିସ):** ବରଗଡ଼ ଜିଲ୍ଲାର ପଣ୍ଡିତ ରତ୍ନାକର ଦେବତାଙ୍କ ରଚିତ ଶ୍ରୀ ସମ୍ବଲେଶ୍ୱରୀ ସ୍ତୋତ୍ର ଲୋକାର୍ପିତ ହୋଇଯାଇଛି। ବରଗଡ଼ ସାଂସଦ ପ୍ରଦୀପ ପୁରୋହିତ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପୁସ୍ତକକୁ ଲୋକାର୍ପିତ କରିଥିଲେ। ପ୍ରାଚୀନ କାଳରୁ ମାଁ ସମଲେଶ୍ୱରୀ ପୁରପଲ୍ଲୀରେ ପୂଜା ପାଇ ଆସୁଛନ୍ତି। ଅନେକ ରାଜାଙ୍କ ତଥା ଗାଁ ଗୁଡିକର ଇଷ୍ଟଦେବୀ ଭାବେ ମଧ୍ୟ ସେ ବିରାଜିତା। ହେଲେ କୌଣସି ମନ୍ଦିରରେ ତାଙ୍କ ପାଇଁ ସ୍ତୋତ୍ରାଦି ଦେଖିବାକୁ ମିଳେନାହିଁ। ତେଣୁ ମାଁଙ୍କ ପୂଜା ପାଇଁ ସ୍ତୋତ୍ରର ଆବଶ୍ୟକତାକୁ ଉପଲବ୍ଧି କରି ପଣ୍ଡିତ ଶ୍ରୀ ଦେବତା ଏହି ସ୍ତୋତ୍ର ଲେଖିଛନ୍ତି। ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଓ ଲେଖକ ପଣ୍ଡିତ ରତ୍ନାକର ଦେବତାଙ୍କ ସମେତ ବହୁ ବରେଣ୍ୟ ପଣ୍ଡିତ ଏବଂ ଅତିଥି ଉପସ୍ଥିତ ଥିଲେ।

## ସ୍ନାତକ ମହିଳା ମହାବିଦ୍ୟାଳୟରେ ମହାତ୍ମା ଗାନ୍ଧୀ ଜୟନ୍ତୀ

**ବରପାଲି, ୫।୧୦(ସମିସ):** ବରପାଲି ଜଗବନ୍ଧୁ ଦାଶ ସ୍ନାତକ ମହିଳା ମହାବିଦ୍ୟାଳୟ ପରିସରରେ ମହାତ୍ମା ଗାନ୍ଧୀଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ପଦ୍ମିନୀ ଦାଶଙ୍କ ଅଧ୍ୟକ୍ଷତାରେ ଏବଂ ଓଡ଼ିଆ ବିଭାଗ ମୁଖ୍ୟ ଯତୀନ୍ଦ୍ର ସାହୁଙ୍କ ପରିଚାଳନାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ମହାବିଦ୍ୟାଳୟର ପ୍ରତିଷ୍ଠାତା ଅନ୍ତର୍ଯ୍ୟାମୀ ପଣ୍ଡା କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଛାତ୍ରୀ ମାନଙ୍କ ଦ୍ୱାରା ସ୍ୱାଗତ ଓ ସମାପ୍ତି ସଙ୍ଗୀତ ଗାନ କରାଯାଇଥିଲା। ରାଜନୀତି ବିଜ୍ଞାନ ଅଧ୍ୟାପିକା ପୁନମ ସାହୁ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଅଧ୍ୟାପିକା ସସ୍ମିତା ମେହେର ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ମହାବିଦ୍ୟାଳୟ ସମସ୍ତ ଅଧ୍ୟାପକ ନେପାଳ ବିଶାଳ, ଶଶାଙ୍କ ଶେଖର ପଧାନ, ସାର୍ଥକ ପାଣିଗ୍ରାହୀ ଅଧ୍ୟାପିକା ପିଙ୍କି ବାରିକ, ଜ୍ୟୋତି ସାହୁ, ଶୋଭାବତୀ ପଧା, ମନୀଷା ଭୋଇ, ପରିଣୀତା ପଧାନ, ଯାଜ୍ଞସେନୀ ପଟେଲ, ବିନ୍ଦେହ ଖଟୁଆ, ନୃପରାଜ ବରିହା, ତ୍ରିପୁରା ବେହେରା ପ୍ରମୁଖ ସାମିଲ ହୋଇଥିଲେ।

## ସୋହେଲା ହାଇସ୍କୁଲ ୧୯୮୬ ମାଟ୍ରିକ ବ୍ୟାଚ୍‌ର ବନ୍ଧୁମିଳନ



**ସୋହେଲା, ୫।୧୦(ସମିସ):** ସୋହେଲା ହାଇସ୍କୁଲ ୧୯୮୬ ବ୍ୟାଚ ବନ୍ଧୁ ମିଳନ କାର୍ଯ୍ୟକ୍ରମ ରବିବାର ସୋହେଲା ନିକଟସ୍ଥ ଲଚ୍ଛାପାଲି ମୁଖ୍ୟମନ୍ତ୍ରୀ ସଭା ଗୃହରେ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଦିବଂଗତ ସହପାଠୀ ମାନଙ୍କ ସ୍ମୃତିରେ ଏକ ମିନିଟର ନୀରବ ପ୍ରାର୍ଥନା କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା। ଏହାପରେ ବନ୍ଧୁମିଳନର ଉଦ୍ଦେଶ୍ୟ ସମ୍ପର୍କରେ ସତ୍ୟନାରାୟଣ ଦେବତା, ପ୍ରକାଶ ସାହୁ, ଧନଞ୍ଜୟ ପଣ୍ଡା, ଗଜେନ୍ଦ୍ର ମିଶ୍ର, ପ୍ରଶାନ୍ତ ଭୋଇ ନିଜ ନିଜ ମତ ରଖିଥିଲେ। କବି ନୀତିଶ ଆଚାର୍ଯ୍ୟଙ୍କ ସଂଯୋଜନାରେ ସମ୍ପର୍କିତ ସଭା ଅନୁଷ୍ଠିତ ହୋଇଥିଲା। ସୋହେଲା ଅଞ୍ଚଳର ଗଣ୍ୟମାନ୍ୟ ବ୍ୟକ୍ତିରୂପେ ପୂର୍ବତନ ମନ୍ତ୍ରୀ ପ୍ରକାଶ ଚନ୍ଦ୍ର ଦେବତା, ଡାକ୍ତର ଶିଶିର ସାହୁ, ଶିକ୍ଷକ ଦୁଃଖଶ୍ୟାମ ପାଣିଗ୍ରାହୀ ଏବଂ ନିମାଇଁ ଚରଣ ଭୋଇଙ୍କୁ ଶ୍ରୀଫଳ, ପୁଷ୍ପମାଲ୍ୟ, ଉପଢୌକନ ତଥା ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମରେ ରାଜ୍ୟ ତଥା ଅନ୍ୟ ରାଜ୍ୟରେ ବସବାସ କରୁଥିବା ପ୍ରାୟ ୬୦ରୁ ଊର୍ଦ୍ଧ୍ୱ ସହପାଠୀ ଯୋଗଦେଇ ଥିଲେ। ପ୍ରକାଶ ସାହୁ, ଗିରିଶ ସାହୁ, ସୁରେନ୍ଦ୍ର ମେହେର, ହରି ଅଗ୍ରୱାଲ, ରାଜୁ ଅଗ୍ରୱାଲ, ସତ୍ୟନାରାୟଣ ଦେବତା, ପ୍ରଶାନ୍ତ ଭୋଇ, ମନୋଜ ଭୋଇ, ଦୁର୍ଗା ମହାନ୍ତି, ଗଜେନ୍ଦ୍ର ମିଶ୍ର, ସହଦେବ ପାତ୍ର, ଚକ୍ର ପାତ୍ର, ଭାସ୍କର ଭୋଇ, ଗୋବିନ୍ଦ ପଧାନ, ନୀଳକଣ୍ଠ ସେନାପତି, ଧନଞ୍ଜୟ ପଣ୍ଡା, ଦାମୋଦର ମିଶ୍ର, ସୁଶାନ୍ତ ପାଣିଗ୍ରାହୀ, ପ୍ରଦୀପ ଦେବତା, ସଚିନ୍ଦ୍ର ମେହେର ପ୍ରମୁଖ ସହଯୋଗ କରିଥିଲେ। ଶେଷରେ ଓକିଲ ଦ୍ୟୁତିଶ ଆଚାର୍ଯ୍ୟ ଧନ୍ୟବାଦ ଅର୍ପଣ କରିଥିଲେ।

## ଭେରୁଆମୁଣ୍ଡାରେ ଡାଲଖାଇ ନୃତ୍ୟ

**ପାଇକମାଳ, ୫।୧୦(ସମିସ):** ପାଇକମାଳ ବ୍ଲକ ଜାମସେଠ ଭେରୁଆମୁଣ୍ଡାରେ ଗର୍ଣ୍ଣିତା ପଡ଼ା ନିକଟରେ ଡାଲଖାଇ ନୃତ୍ୟ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ନିମନ୍ତ୍ରିତ ଅତିଥି ଭାବେ ଜାମସେଠ ସରପଞ୍ଚ ଆର୍ତ୍ତତ୍ରାଣ ସାହୁ, ମୁଖ୍ୟ ବକ୍ତା ବିପିନ ବିହାରୀ ସାହୁ ଓ ସମ୍ମାନିତ ଅତିଥି ଭାବେ କେଶବ ସାହୁ, ଧନୁ ବରିହା, ବସନ୍ତ



ଗଉଁତା, ଶଙ୍କର ଗଉଁତା, ରତ୍ନାକର ମାଝୀ, ଯାଦବ ମାଝୀ, ତ୍ରିଲୋଚନ ମାଝୀ ପ୍ରମୁଖ ଉପସ୍ଥିତ ଥିଲେ। ଗ୍ରୁପ ନୃତ୍ୟରେ ପ୍ରଥମ ଭେରୁଆମୁଣ୍ଡା କସ୍ତୁରୀ ଗ୍ରୁପ, ଦ୍ୱିତୀୟ ଜେରୋଲି ଗନ୍ଧମାର୍ଦ୍ଦନ ଗ୍ରୁପ, ତୃତୀୟ ବିଲାସପୁର ରିମିକ୍ସ ଗ୍ରୁପ୍ ଓ ସିଙ୍ଗଲ ଗ୍ରୁପରେ ପ୍ରଥମ ପାଇକମାଳର ଲକ୍ଷ୍ମୀପ୍ରିୟା ମିର୍ଧା, ଦ୍ୱିତୀୟ ଭେରୁଆମୁଣ୍ଡାର ଗୀତାଞ୍ଜଳି ମାଝୀ ଓ ତୃତୀୟରେ ଖଣ୍ଡିଆପାଲିର ସୋନାଲି ବରିହା ପ୍ରମୁଖ କୃତୀ ପ୍ରତିଯୋଗୀମାନଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ବ୍ରଜରାଜ ସାହୁ ମଞ୍ଚ ପରିଚାଳନା କରିଥିଲେ। ଡାଲଖାଇ ପୂଜା କମିଟିର ସଭାପତି କସ୍ତୁରୀ ମାଝୀ, ସମ୍ପାଦିକା କମଳା ମାଝୀ ସମେତ କମିଟିର କର୍ମକର୍ତ୍ତାମାନେ ପରିଚାଳନାରେ ସହଯୋଗ କରିଥିଲେ।

## ପ୍ରସ୍ତର ଶିଳ୍ପୀ ମହାଦେବ ଭୋଇଙ୍କ ଜୟନ୍ତୀ

**ବରଗଡ଼, ୫।୧୦(ସମିସ):** ରାଜ୍ୟପାଳ ଏବଂ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ କୁଲ୍ତା ପ୍ରାଥମିକ ସ୍କୁଲର ପ୍ରଧାନଶିକ୍ଷକ ସ୍ୱର୍ଗତ କର୍ମଯୋଗୀ ମହାଦେବ ଭୋଇଙ୍କ ୯୫ ତମ ଜନ୍ମ ଜୟନ୍ତୀ ଅମ୍ବାଭୋନା ବ୍ଲକ କୁଲ୍ତାପାଲି ଗ୍ରାପ ନିକଟସ୍ଥ ଲାଇନସଭା ଗ୍ରାମବାସୀ ଏବଂ ପାକ୍ଷିକ ପତ୍ରିକା କୋଶଳଟାଇମ୍ସ ଆନୁକୂଲ୍ୟରେ ପାଳିତ ହୋଇଯାଇଛି। ସଭାରେ ପତ୍ରିକାର ସମ୍ପାଦକ ଶ୍ରୀଧର ମହାପାତ୍ର ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ଲଖମା ମହାବିଦ୍ୟାଳୟର ଅବସରପ୍ରାପ୍ତ ପ୍ରିନ୍ସିପାଲ ଡ.ନେପାଳ ପ୍ରଧାନ ମୁଖ୍ୟ ଅତିଥି, ଶିକ୍ଷକ ଟଙ୍କଧର ପ୍ରଧାନ ମୁଖ୍ୟବକ୍ତା, ସମାଜସେବୀ ସୁରେଶ ପ୍ରଧାନ ଏବଂ ଶିକ୍ଷକ ବୈଷ୍ଣବ ଭୋଇ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ସ୍ୱର୍ଗତ ମହାଦେବ ଭୋଇଙ୍କ ଛାତ୍ର ଅଶୀତିପର ନବଘନ କାଲୋ ଏବଂ ପୁଷ୍ପାଞ୍ଜନ ସେଠଙ୍କୁ ମାନପତ୍ର ଏବଂ ଉପଢୌକନ ଦେଇ ସମ୍ମାନିତ କରାଯାଇଥିଲା। ସଭାରେ ଅଙ୍ଗିରା ବେହେରା,



ଟଙ୍କଧର ପ୍ରଧାନ, ପ୍ରେମାନନ୍ଦ ସା, ମହେନ୍ଦ୍ର ପଧାନ ପ୍ରମୁଖ ସ୍ୱର୍ଗତ ଭୋଇଙ୍କ ସ୍ମୃତିଚାରଣ କରିଥିଲେ। ଉପସ୍ଥିତ ଶିଶୁ ମାନଙ୍କୁ ଖାତା ଏବଂ କଲମ ବଣ୍ଟନ କରାଯାଇଥିଲା। ଶିକ୍ଷକ ମନୋହର ସାହୁ ସଭାକାର୍ଯ୍ୟ ସଂଯୋଜନା କରିଥିଲେ। ପରେ କୋଶଳଟାଇମସ ଆବାହକଙ୍କରେ ସମାଜସେବୀ ପ୍ରେମାନନ୍ଦ ସା କଲେଜ ଛାତ୍ରୀ ସୁବାସିନୀ ଧରାଙ୍କୁ ଉଚ୍ଚଶିକ୍ଷା ନିମନ୍ତେ ଅର୍ଥର ବ୍ୟବସ୍ଥା କରିବା ନିମନ୍ତେ ପ୍ରତିଶ୍ରୁତି ଦେଇଥିଲେ। ଶେଷରେ କଲେଜ ଛାତ୍ରୀ ସୁବାସିନୀ ଧରା ଧନ୍ୟବାଦ ଅର୍ପଣ କରିଥିଲେ। ପରେ ଗାଁ ମଧ୍ୟରେ ଦୁଇଟି ବରଗଛ ସଭାର ସ୍ମାରକୀ ସ୍ୱରୂପ ରୋପଣ କରାଯାଇଥିଲା।

### ସୁପ୍ରିୟା ସ୍ମାରକୀ ଜିଲ୍ଲା ଆନ୍ତଃ କ୍ଲବ୍ ନକଆଉଟ୍ ଫୁଟବଲ୍ ପ୍ରତିଯୋଗିତା

## ପ୍ରି କ୍ୱାର୍ଟର୍ ଫାଇନାଲ୍ ମ୍ୟାଚ୍‌ରେ କଦଳୀପାଲି ବିଜୟୀ



**ବରଗଡ଼, ୫।୧୦(ସମିସ)**

ବରଗଡ଼ ଜିଲ୍ଲା କ୍ରୀଡା ସଂସଦ ଆନୁକୂଲ୍ୟରେ ସ୍ଥାନୀୟ ଲେଙ୍ଗୁ ମିଶ୍ର ମିନି ଷ୍ଟାଡିୟମରେ ଚାଲିଥିବା ସୁପ୍ରିୟା ସ୍ମାରକୀ ଜିଲ୍ଲା ଆନ୍ତଃ କ୍ଲବ୍ ନକ ଆଉଟ୍ ଫୁଟବଲ ପ୍ରତିଯୋଗିତାର ଆଜି ତୃତୀୟ ପ୍ରାକ୍ କ୍ୱାର୍ଟର ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଛି। ଏଥିରେ ଘୁଲିପାଲି ଦ କୁ ହରାଇ କଦଳୀପାଲି ଦଳ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। ଆଜିର ମ୍ୟାଚ୍‌ରେ କଦଳୀପାଲି ଦଳ ଆକ୍ରମଣ ଜାରି ରଖି ମ୍ୟାଚ୍‌କୁ ୩-୧ ଗୋଲରେ ଜିତି ନେଇଥିଲା। ଦଳ ପକ୍ଷରୁ ଶକ୍ତିମାନ୍ ମିର୍ଦ୍ଧା ୩ଟି ଯାକ ଗୋଲ ଦେଇଥିଲେ। ବେଳେ ଅନ୍ଥିଲ ଦଳ ଏକମାତ୍ର ଗୋଲ ଦେଇଥିଲେ। ମ୍ୟାଚ୍‌କୁ ଶ୍ରୀନିବାସ ରାଓ ପରିଚାଳନା କରିଥିବା ବେଳେ ତାଙ୍କୁ ଲାଇନରେ ସନ୍ତୋଷ ପଟେଲ, ଶୁଭମ ପାତ୍ର ସହଯୋଗ କରିଥିଲେ। ଅନିଲ ବାଗ ଚତୁର୍ଥ ରେଫରୀ ଥିଲେ। ମ୍ୟାଚ୍ ପରେ ଶକ୍ତିମାନ ମିର୍ଦ୍ଧାଙ୍କୁ ଗଙ୍ଗାଧର ପ୍ରଧାନ, ନବାବ ଖାଁ ଓ ଘନଶ୍ୟାମ ପଟେଲ ଅତିଥି ଭାବେ ଯୋଗଦେଇ ପୁରସ୍କୃତ କରିଥିଲେ। ସୋମବାର ନଗେନ ପାଲି ଓ ସୋହେଲା ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେବ।

## ଗୁରହାଣ୍ଡି ଜୋରରେ ଭାସିଯାଇ ବୃଦ୍ଧା ମୃତ

**ବିନିକା, ୫।୧୦(ସମିସ):** ବିନିକା ବ୍ଲକ କୁଲୁଣ୍ଡା ପଞ୍ଚାୟତ ଅମାମୁଣ୍ଡା ଗାଁର ସରସ୍ୱତୀ ପଧାନ(୭୫) ନାମକ ଜଣେ ବୃଦ୍ଧା ଜୋର ପାଣିରେ ଭାସିଯାଇ ମୃତ୍ୟୁ ବରଣ କରିଛନ୍ତି। ନିକଟରେ ଥିବା କୁଲୁଣ୍ଡା-କପାସିରା ଗୁରହାଣ୍ଡି ଜୋରକୁ ବୃଦ୍ଧା ଜଙ୍ଗଲ ଯାଇଥିବା ବେଳେ ପ୍ରଖର ସ୍ରୋତରେ ଭାସି ଯାଇଥିଲେ। ଘଟଣା ସ୍ଥଳରେ ଅଗ୍ନିଶମ ବାହିନୀ ପହଞ୍ଚି ଜୋରରେ ବହୁ ସମୟଧରି ଖୋଜାଖୋଜି କରିବା ପରେ ବୃଦ୍ଧାଙ୍କ ଶବକୁ ପାଣି ଭିତରୁ ଉଦ୍ଧାର କରିଥିଲେ।

## ଶତପ୍ରତିଶତ ଭିନ୍ନକ୍ଷମ ସତ୍ତ୍ୱେ ବର୍ଦ୍ଧିତ ଭତ୍ତାରୁ ବଞ୍ଚିତ ଶିବାନୀ

**ହରଭଙ୍ଗା, ୫।୧୦(ସମିସ):** ହରଭଙ୍ଗା ବ୍ଲକ ମହାଳିକପଡ଼ା ପଞ୍ଚାୟତ ଯାବର ଗ୍ରାମର ଶିବାନୀ ବେହେରା(୫) ଶତ ପ୍ରତିଶତ ଭିନ୍ନକ୍ଷମ ସତ୍ତ୍ୱେ ସାମାଜିକ ସୁରକ୍ଷା ଯୋଜନାରେ ବର୍ଦ୍ଧିତ ଭତ୍ତା ପାଇବାରୁ ବଞ୍ଚିତ ହୋଇଥିବା ଅଭିଯୋଗ ହୋଇଛି। ସାମାଜିକ ସୁରକ୍ଷା ଯୋଜନାରେ ବର୍ଦ୍ଧିତ ଭତ୍ତା ପାଇବା ପାଇଁ ବାରମ୍ବାର ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିବା ପରେ ମଧ୍ୟ କୌଣସି ସୁଫଳ ମିଳିପାରି ନାହିଁ ବୋଲି ଶିବାନୀଙ୍କ ବାପା ଦୁଷ୍ମନ୍ତ ବେହେରା ଅଭିଯୋଗ କରିଛନ୍ତି। ଶିବାନୀ ଶତକଡ଼ା ଶହେ ପ୍ରତିଶତ ଭିନ୍ନକ୍ଷମ ଥିଲେ ସୁଦ୍ଧା ବର୍ଦ୍ଧିତ ଭତ୍ତା ନ ମିଳିବା ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କ କାର୍ଯ୍ୟଦକ୍ଷତା ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରୁଛି। ବୌଦ୍ଧ ଜିଲ୍ଲାପାଳ ତୁରନ୍ତ ଭିନ୍ନକ୍ଷମ ଶିବାନୀଙ୍କୁ ସାମାଜିକ ସୁରକ୍ଷା ଯୋଜନା ଅଧୀନରେ ବର୍ଦ୍ଧିତ ଭତ୍ତା ଯୋଗାଇ ଦେବା ପାଇଁ ଦାବି ହୋଇଛି।

## ଚକ୍ଷୁ ପରୀକ୍ଷା ଶିବିର

**ବୌଦ୍ଧ, ୫।୧୦(ସମିସ):** ବୌଦ୍ଧ ବ୍ଲକ ଚେଳିବେଢ଼ା ପଞ୍ଚାୟତ ପରିସରରେ ତ୍ରିଲୋଚନ ନେତ୍ର ଚିକିତ୍ସାଳୟ ସମ୍ବଲପୁର ଓ ଚେଳିବେଢ଼ା ଗ୍ରାମ ପଞ୍ଚାୟତ ମିଳିତ ଆନୁକୂଲ୍ୟରେ ଚକ୍ଷୁ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରକୁ ସରପଞ୍ଚ ରତ୍ନାକର ନାଏକ ଶୁଭାରମ୍ଭ କରିଥିଲେ। ଶିବିରରେ ବିଭିନ୍ନ ଅଞ୍ଚଳରୁ ୬୫ ଜଣ ମହିଳା ଓ ପୁରୁଷ ଚକ୍ଷୁ ପରୀକ୍ଷା କରାଇଥିଲେ। ସେଥିମଧ୍ୟରୁ ୯ ଜଣ ମହିଳା ଓ ପୁରୁଷଙ୍କୁ ଅସ୍ତ୍ରୋପଚାର ପାଇଁ ତ୍ରିଲୋଚନ ନେତ୍ରଚିକିତ୍ସାଳୟ ସମ୍ବଲପୁରକୁ ନିଆଯାଇଥିଲା। ୨୨ ଜଣଙ୍କୁ ମାଗଣା ଚଷମା ଦିଆଯାଇଥିଲା। ଶିବିରରେ ଅପ୍ଟିକାଲ ନମିତା ଓରାମ ଚକ୍ଷୁ ଚିକିତ୍ସା ଶିବିରକୁ ପରିଚାଳନା କରିଥିବାବେଳେ ନର୍ସ ସୁଶ୍ରୀ ବବିତା ମିଶ୍ର, ସ୍ୱେଚ୍ଛାସେବୀ ରଞ୍ଜନ ପ୍ରଧାନ ସହଯୋଗ କରିଥିଲେ।

# ଉପଖଣ୍ଡ ସ୍ୱାସ୍ଥ୍ୟ କେନ୍ଦ୍ରର ଚକ୍ଷୁ ବିଭାଗରେ ତାଲା

**ବୀରମହାରାଜପୁର, ୫।୧୦(ସମିସ)**

ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରରେ ନିର୍ମାଣ ହୋଇଥିବା ଚକ୍ଷୁ ବିଭାଗ ଲୋକଙ୍କ କାମରେ ଆସୁନି। ନିର୍ମାଣ ପରଠାରୁ ଉକ୍ତ ବିଭାଗରେ ତାଲା ଝୁଲୁଛି। ଯାହାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଉଛି। ସରକାର ଲକ୍ଷଲକ୍ଷ ଟଙ୍କା ଖର୍ଚ୍ଚ କରି ବୀରମହାରାଜପୁର ଉପଖଣ୍ଡ ଅଞ୍ଚଳବାସୀଙ୍କ ଚକ୍ଷୁ ଚିକିତ୍ସା ପାଇଁ ଉପଖଣ୍ଡ ସ୍ୱାସ୍ଥ୍ୟ କେନ୍ଦ୍ରରେ ଏକ ଚକ୍ଷୁ ବିଭାଗ ଦୀର୍ଘ ବର୍ଷ ତଳୁ ନିର୍ମାଣ କରାଯାଇଥିଲା। ମାତ୍ର ନିର୍ମାଣ ହେବା ଠାରୁ ଏହି ବିଭାଗରେ ତାଲା ପଡ଼ିଥିବା ଦେଖିବାକୁ ମିଳିଛି। ଏହି ଅଞ୍ଚଳର ଲୋକମାନେ ନିଜର ଚକ୍ଷୁ ଚିକିତ୍ସା ପାଇଁ ପାଇଁ ଉପଖଣ୍ଡ ଚିକିତ୍ସାଳୟକୁ ଆସି ଡାକ୍ତର ନଥିବା ଓ ବିଭାଗରେ ତାଲା ଝୁଲୁଥିବାରୁ ବଲାଙ୍ଗୀର, ବୁର୍ଲା, କଟକ, ଭୁବନେଶ୍ୱର, ଆଦି ଦୂରଦୂରାନ୍ତର ଡାକ୍ତରଖାନାମାନଙ୍କୁ ଯାଇ ବହୁ ଖର୍ଚ୍ଚାନ୍ତ ହେଉଛନ୍ତି। ତେବେ ବୀରମହାରାଜପୁର ଡାକ୍ତରଖାନାଟି ଉପଖଣ୍ଡ ଚିକିତ୍ସାଳୟର ମାନ୍ୟତା ପାଇଲା ପରେ ମଧ୍ୟ ଏହି ଡାକ୍ତରଖାନାରେ ଅନ୍ୟ ବିଭାଗରେ ମଧ୍ୟ ଆବଶ୍ୟକ ଡାକ୍ତର ନାହାନ୍ତି। ଫଳରେ ଅନେକ ସମୟରେ ରୋଗୀମାନେ ଚିକିତ୍ସା ନ ପାଇ ରାତିଅଧରେ ଅନ୍ୟ ଦୂରଦୂରାନ୍ତର ଡାକ୍ତରଖାନାକୁ ଯାଇ ଚିକିତ୍ସିତ ହେଉଛନ୍ତି। ଏଣୁ ସ୍ୱାସ୍ଥ୍ୟମନ୍ତ୍ରୀ, ରାଜ୍ୟ ସରକାର, ଜିଲ୍ଲାପାଳ, ସିଡ଼ିଏମଓ ଏହି ଡାକ୍ତରଖାନା ପ୍ରତି ଦୃଷ୍ଟି ଦେଇ ଡାକ୍ତରଖାନାରେ ଚକ୍ଷୁ ବିଭାଗ ସହ ଅନ୍ୟ ବିଭାଗରେ ଆବଶ୍ୟକ ଡାକ୍ତର, ନର୍ସ ଓ କର୍ମଚାରୀ ନିଯୁକ୍ତି କରିବାକୁ ବୁଦ୍ଧିଜୀବି ମହଲରେ ଦାବି ହୋଇଛି।




## ୯ ଘଣ୍ଟା ବିଦ୍ୟୁତ୍ ଯୋଗାଣ ଠପ୍; ଲୋକେ ହନ୍ତସନ୍ତ

**ତରଭା, ୫।୧୦(ସମିସ):** ତରଭା ଅଞ୍ଚଳରେ ଘନଘନ ବିଦ୍ୟୁତ କାଟ୍ ଯୋଗୁଁ ଜନସାଧାରଣ ଅତିଷ୍ଠ ହୋଇଛନ୍ତି। ପ୍ରାୟ ଦିନେ ଦି ଦିନରେ କିଛି ନା କିଛି କାରଣରୁ ଘଣ୍ଟା ଘଣ୍ଟା ବିଦ୍ୟୁତ୍ କାଟ ହେବା ଯୋଗୁଁ ଲୋକେ ହନ୍ତସନ୍ତ ହେଉଛନ୍ତି। ରବିବାର ସକାଳ ୧୦ଟାରେ ବିଦ୍ୟୁତ କାଟ୍ ହୋଇଥିବା ବେଳେ ଖବର ଲେଖା ହେବା ସୁଦ୍ଧା ଅର୍ଥାତ୍ ସନ୍ଧ୍ୟା ୭ଟା ୭ ମିନିଟ୍ ପର୍ଯ୍ୟନ୍ତ ବିଜୁଳି ଯୋଗାଣ ହୋଇ ନଥିଲା। ସମ୍ପୃକ୍ତ ଅଧିକାରୀଙ୍କୁ ପଚାରିଲେ ୩୩ କେଭି ଲାଇନରେ ଫଲ୍ଟ ରହିଥିବା କହିବା ସହ କାରଣ ଖୋଜୁଥିବା କହି ଅଭିଯୋଗକୁ ଏଡ଼ାଇ ଦେଉଥିଲେ। ସୋନପୁରରୁ ତରଭା ମଧ୍ୟରେ ସର୍ବଦା ହାଲୁକା ପବନ କି ବର୍ଷାରେ ବିଦ୍ୟୁତ୍ କାଟ୍ ହେଉଛି। ଖରା ଦିନରେ ୩୩ କେଭି ମେଣ୍ଟେନେନ୍ସ ଓ ଆଧୁନିକରଣ ନାଁରେ ଅନେକ ଥର ଘଣ୍ଟାଘଣ୍ଟା ଧରି ବିଦ୍ୟୁତ୍ ବିତରଣ ବନ୍ଦ ରହୁଥିଲା। ଏବେ ବର୍ଷା ଦିନରେ ମଧ୍ୟ ସମାନ ସ୍ଥିତି ରହୁଥିବାରୁ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଉଛି। ପାର୍ବଣ ଋତୁ ସମୟରେ ବିଦ୍ୟୁତ୍ କାଟ୍, ଅଳ୍ପ ବର୍ଷା କି ପବନ ହେଲେ ବିଦ୍ୟୁତ୍ କାଟ ତରଭା ଅଞ୍ଚଳବାସୀଙ୍କ ପାଇଁ ଏକ ସାଧାରଣ ଘଟଣା ପାଲଟିଛି। ବିଭାଗୀୟ ଅଧିକାରୀ ଏ ଦିଗରେ ଦୃଷ୍ଟି ଦେଇ ତରଭା ଅଞ୍ଚଳକୁ ନିରବଚ୍ଛିନ୍ନ ବିଦ୍ୟୁତ୍ ଯୋଗାଣ କରିବାକୁ ଦାବି ହୋଇଛି।

## ଖଟଖଟିଆ ଦୁର୍ଗାପୂଜା କମିଟିର ପ୍ଲାଷ୍ଟିକ ମୁକ୍ତ ପୂଜା



**ଶଗଡ଼ା, ୫।୧୦(ସମିସ):** ଖଟଖଟିଆ ଦୁର୍ଗାପୂଜା କମିଟି ଚଳିତ ବର୍ଷ ୪୦ବର୍ଷରେ ପଦାର୍ପଣ କରିଥିଲା। ଏହି ଅବସରରେ ଚଳିତ ବର୍ଷ କମିଟି ପକ୍ଷରୁ ମଣ୍ଡପ ପରିସରକୁ ପ୍ଲାଷ୍ଟିକ୍ ମୁକ୍ତ ରଖି ପୂଜା ଆୟୋଜନ କରାଯାଇଥିଲା। ପ୍ଲାଷ୍ଟିକ ଫୁଲ, ଜରି, ପଲିଥିନ ବଦଳରେ କାଗଜ, ବାଉଁଶ, ବେତ ଓ ପ୍ରାକୃତିକ ଗଛ, ପତ୍ର, ଫୁଲ ମାଧ୍ୟମରେ ମଞ୍ଚକୁ ସୁସଜ୍ଜିତ କରାଯାଇଥିଲା। ଜିଲ୍ଲା ପ୍ରସାଶନ ମଧ୍ୟ ଏଥିରେ ସହଯୋଗ କରିଥିଲେ। ପୂଜା ମଣ୍ଡପକୁ ପୂଜା ସାମଗ୍ରୀ ବେତର ଡାଲିଆ ସାହାଯ୍ୟରେ ଭକ୍ତମାନେ ଭୋଗ ଆଣିଥିବା ଦେଖିବାକୁ ମିଳିଥିଲା। ପାରିପାର୍ଶ୍ୱିକ ପରିବେଶରେ ଏଣେ ତେଣେ ଆବର୍ଜନା ନ ପକାଇ ବାଉଁଶ ଝୁଡିରେ ପକାଯିବାର ବ୍ୟବସ୍ଥା କରାଯାଇଥିଲା। ଏଥିପାଇଁ ଗାନ୍ଧୀ ଜୟନ୍ତୀ ଦିନ ପ୍ରଶାସନ ତରଫରୁ କମିଟିକୁ ସମ୍ମାନିତ କରାଯାଇଥିଲା। ଚଳିତ ବର୍ଷ କର୍ତ୍ତା ଭାବେ ସାହାଜାହାନ ରାଜହଂଶ ଓ ତାଙ୍କ ପତ୍ନୀ ରିତା ପୂଜା କାର୍ଯ୍ୟ ତୁଲାଇ ଥିବା ବେଳେ ପୂଜକ ଭାବେ ମହେନ୍ଦ୍ର ପାଣିଗ୍ରାହୀ, ଅନୁଷ୍ଠାନର ସଦସ୍ୟ ଶୈଳେନ୍ଦ୍ର ବସ୍ତିଆ, ଶାନ୍ତନୁ କର୍ଣ୍ଣ, ସୁଜିତ ପ୍ରଧାନ, ନିହାର ବସ୍ତିଆ, ରିଲୁ ବସ୍ତିଆ, ପିତାମ୍ବର ବସ୍ତିଆ ପ୍ରଭାଂଶୁ ବାରିକ, ଅକ୍ଷୟ ନାୟକ, ହେମନ୍ତ ପ୍ରଧାନ, ନୟନ କର୍ଣ୍ଣ, ସୋନମ ବସ୍ତିଆ, ତ୍ରିପୁରାରୀ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ।

## ଖଟଖଟିଆ ବଣିକ ସଙ୍ଘର ସାଧାରଣ ପରିଷଦ ବୈଠକ


**ଶଗଡ଼ା, ୫।୧୦(ସମିସ):** କଣ୍ଟାମାଳ ବ୍ଲକ ଖଟଖଟିଆ କଲ୍ୟାଣ ମଣ୍ଡପଠାରେ ବଣିକ ସଂଘର ପ୍ରଥମ ସାଧାରଣ ବୈଠକ ବରିଷ୍ଠ ବ୍ୟବସାୟୀ ଜଗମୋହନ ନନ୍ଦଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ସଂଘର ସୁପରିଚାଳନା ନିମନ୍ତେ ସଭାପତି ଭାବେ ସିପୁନ କୁମାର ପାଢ଼ୀଙ୍କୁ ମନୋନୀତ କରାଯାଇଥିବାବେଳେ ଉପସଭାପତି ଭାବରେ ଅଜିତ କୁମାର ବସ୍ତିଆ, ସମ୍ପାଦକ ଭାବେ ନିମାଇଁ ପାତ୍ର, ସହ ସମ୍ପାଦକ ଜିତେନ୍ଦ୍ର ବାରିକ, କୋଷାଧ୍ୟକ୍ଷ ସୁନନ୍ଦ ଦାଶ, ଉପଦେଷ୍ଟା ବିଶ୍ୱଜିତ ବସ୍ତିଆ, ନାରାୟଣ ସାହୁ (ବୁଲୁ) ଜଗମୋହନ ନନ୍ଦ, ବିଶ୍ୱନାଥ ମହାପାତ୍ର, ଦୌଲଥ ସାହୁ, ବିନୋଦ ନାୟକ, କୁଳମଣି ସାମରଥଙ୍କୁ ନିର୍ବାଚିତ କରାଯାଇଥିଲା। କାର୍ଯ୍ୟକାରୀ ସଭ୍ୟ ଭାବେ ରାଧେଶ୍ୟାମ ମିଶ୍ର, ଗଣେଶ ବାରିକ, ରାଜେନ୍ଦ୍ର ଭୋଇ, ଲୋଟନ ମିଶ୍ର, ସୁଧୀର ମିଶ୍ର, ଉଦ୍ଧବ ଅମାତ, ଲଳିତ ବସ୍ତିଆ, ପ୍ରଭାଂଶୁ ବାରିକ, ନୟନ କର୍ଣ୍ଣ ଓ ସତ୍ୟ ପଲିଆଙ୍କୁ ସର୍ବସମ୍ମତି କ୍ରମେ ମନୋନୀତ କରାଯାଇଛି। ଆଗାମୀ ଦିନରେ ଖଟଖଟିଆ ଅଞ୍ଚଳର ବ୍ୟବସାୟୀମାନଙ୍କ ବିଭିନ୍ନ ସମସ୍ୟା ଓ ଅଞ୍ଚଳର ସାମଗ୍ରିକ ବିକାଶ ପ୍ରତି ସଂଘର ପ୍ରଚେଷ୍ଟା ଜାରି ରହିବ ବୋଲି ନୂତନ ଭାବେ ଦାୟିତ୍ୱ ନେଇଥିବା ସଭାପତି ଶ୍ରୀ ପାଢ଼ୀ କହିଛନ୍ତି।

## ବିଶ୍ୱର ଶ୍ରେଷ୍ଠ ବୈଜ୍ଞାନିକଙ୍କ ତାଲିକାରେ କରୁଣାକର ନନ୍ଦ

**ମନମୁଣ୍ଡା, ୫।୧୦(ସମିସ):** ଆମେରିକାର ପ୍ରତିଷ୍ଠିତ ଷ୍ଟାନଫୋର୍ଡ଼ ବିଶ୍ୱବିଦ୍ୟାଳୟ ଦ୍ୱାରା ୨୦୨୫ ବର୍ଷ ପାଇଁ ଘୋଷିତ ଶ୍ରେଷ୍ଠ ୨ ପ୍ରତିଶତ ବୈଜ୍ଞାନିକଙ୍କ ତାଲିକାରେ ଭୁବନେଶ୍ୱର ପଦାର୍ଥ ବିଜ୍ଞାନ ପ୍ରତିଷ୍ଠାନର ନିର୍ଦ୍ଦେଶକ ପ୍ରଫେସର କରୁଣାକର ନନ୍ଦଙ୍କ ନାମ ସ୍ଥାନିତ ହୋଇଛି। ୨୦୧୯-୨୦୨୦ରୁ ଷ୍ଟାନଫୋର୍ଡ଼ ବିଶ୍ୱବିଦ୍ୟାଳୟ ଏହି ତାଲିକା ଘୋଷଣା କରି ଆସୁଛି। ସେବେଠାରୁ ପ୍ରଫେସର ନନ୍ଦ ପ୍ରତିବର୍ଷ ଏହି ତାଲିକାରେ ସ୍ଥାନିତ ହୋଇ ଆସୁଛନ୍ତି। ସେ ୨୭୫ ରୁ ଅଧିକ ଜର୍ନାଲ ପେପର ସହ ଲେଖନ କରିଛନ୍ତି ଏବଂ ୪୦ରୁ ଅଧିକ ପିଏଚଡି ଛାତ୍ର, ଗବେଷଣା ସହଯୋଗୀ ଏବଂ ପ୍ରୋଜେକ୍ଟ ଛାତ୍ର, ଗବେଷକଙ୍କୁ ପରାମର୍ଶ ଦେଇଛନ୍ତି। ତାଙ୍କର ପ୍ରାରମ୍ଭିକ ଗବେଷଣା କ୍ୟାରିୟର ସମୟରେ ନିମ୍ନ ପରିମାଣୀୟ ସିଷ୍ଟମର ଆକାର, ନିର୍ଭରଶୀଳ ତରଳାଇବା ବୁଝିବା ପାଇଁ ଏକ ତରଳ-ଡ୍ରପ ମଡେଲ ଏବଂ କୋର-ସେଲ ନାନୋଷ୍ଟ୍ରକ୍ଚରର ଆକାର ଏବଂ ପରିମାଣ, ନିର୍ଭରଶୀଳ ବ୍ୟାଣ୍ଡ ଗ୍ୟାପ ବ୍ୟାଖ୍ୟା କରିବା ପାଇଁ ଏକ କ୍ୱାଣ୍ଟମ ମେକାନିକାଲ ମଡେଲ ବିକାଶ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛନ୍ତି। ପ୍ରଫେସର ନନ୍ଦ ଏଥି ପୂର୍ବରୁ ମ୍ୟାଟେରିଆଲ ରିସର୍ଚ୍ଚ ସେଣ୍ଟର୍, ଇଣ୍ଡିଆନ ଇନ୍‌ଷ୍ଟିଚ୍ୟୁଟ୍ ଅଫ ସାଇନ୍ସ ବାଙ୍ଗାଲୋରର ନିର୍ଦ୍ଦେଶକ ରହିଥିଲେ। ସେ ପ୍ରାଥମିକ ଶିକ୍ଷା ନିଜ ଗ୍ରାମରେ ଗ୍ରହଣ କରିଥିବାବେଳେ ପଲସାଗୋରା ଉଚ୍ଚ ବିଦ୍ୟାଳୟ, ବିଏସ୍‌ସି ସୋନପୁର ମହାବିଦ୍ୟାଳୟ, ଏମଏସସି ସମ୍ବଲପୁର ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର ପିଏଚଡି ପଦାର୍ଥ ବିଜ୍ଞାନ ପ୍ରତିଷ୍ଠାନ ଏବଂ ପୋଷ୍ଟ ଡିଓସି ଜର୍ମାନୀ, ଆୟରଲ୍ୟାଣ୍ଡରେ କରିଥିଲେ। ପ୍ରଫେସର ନନ୍ଦ ବୌଦ୍ଧ ଜିଲ୍ଲା ମନମୁଣ୍ଡା ନିକଟସ୍ଥ ଖଟଖଟିଆ ଗ୍ରାମର ଦାମୋଦର ନନ୍ଦଙ୍କ ପୁଅ ହୋଇଥିବା ବେଳେ ତାଙ୍କର ଏହି ସଫଳତା ବୌଦ୍ଧ ଜିଲ୍ଲା ତଥା ଓଡ଼ିଶା ପାଇଁ ଗୌରବର ବିଷୟ ବୋଲି କଣ୍ଟାମାଳ ନିର୍ବାଚନ ମଣ୍ଡଳୀର ବିଜେପି ନେତା ଓମ୍ ପ୍ରକାଶ ମିଶ୍ର, ଡାକ୍ତର ସୁବ୍ରତ ମିଶ୍ର, ସହପାଠୀ ଶିକ୍ଷକ ଚିତ୍ତରଞ୍ଜନ ସାହୁଙ୍କ ସମେତ ଜିଲ୍ଲାର ଅନେକ ବୁଦ୍ଧିଜୀବୀ ମତବ୍ୟକ୍ତ କରିବା ସହ ଶ୍ରୀ ନନ୍ଦଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।



## କଣ୍ଟାମାଳ ବିଧାୟକ ଓ କନ୍ଧମାଳ ସାଂସଦ ଏସ୍‌ସିପିସି ସଦସ୍ୟ ମନୋନୀତ

**ମନମୁଣ୍ଡା, ୫।୧୦(ସମିସ):** ଓଡ଼ିଶା ସରକାର ଖାଦ୍ୟ ଯୋଗାଣ ଓ ଗ୍ରାହକ ମଙ୍ଗଳ ବିଭାଗର ନିର୍ଦ୍ଦେଶନାମା ଅନୁଯାୟୀ ରାଜ୍ୟ ଗ୍ରାହକ ସୁରକ୍ଷା ପରିଷଦ(ଏସ୍‌ସିପିସି)ର ନବୀକରଣ କରାଯାଇଛି। ବିଭାଗର ଚିଠି ନଂ ୧୭୧୨୦ / ୦୩-୧୦-୨୫ ପ୍ରକାରେ ପୂର୍ବ ସରକାର ସମୟରେ ଥିବା ୮ ଜଣ ସଦସ୍ୟଙ୍କୁ ପରିଷଦରୁ ଅନ୍ତର କରାଯାଇ ନୂତନ ଭାବେ ୮ ଜଣଙ୍କୁ ଅନ୍ତର୍ଭୁକ୍ତ କରାଯାଇଛି। ଏହି ନୂତନ ସଦସ୍ୟମାନଙ୍କ ମଧ୍ୟରେ କଣ୍ଟାମାଳ ବିଧାୟକ କହ୍ନେଇ ଚରଣ ଢ଼ାଙ୍ଗ ଓ କନ୍ଧମାଳ ସାଂସଦ ସୁକାନ୍ତ କୁମାର ପାଣିଗ୍ରାହୀଙ୍କୁ ସ୍ଥାନିତ କରାଯାଇଛି। ନୂତନ ପଦାସୀନ ସଭ୍ୟମାନେ ଏସ୍‌ସିପିସି ସଭ୍ୟ ଭାବେ ବାକି ଥିବା ସମୟ ପର୍ଯ୍ୟନ୍ତ ଅର୍ଥାତ୍ ଆସନ୍ତା ୨୦୨୬ ଫେବୃଆରୀ ୯ ପର୍ଯ୍ୟନ୍ତ କାର୍ଯ୍ୟ କରିବେ ବୋଲି ଚିଠିରେ ଉଲ୍ଲେଖ ରହିଛି। କଣ୍ଟାମାଳ ନିର୍ବାଚନ ମଣ୍ଡଳୀର ବରିଷ୍ଠ ବିଜେପି ନେତା ଓମ୍ ପ୍ରକାଶ ମିଶ୍ର ଏନେଇ ବିଧାୟକ ଏବଂ ସାଂସଦଙ୍କୁ ଶୁଭେଚ୍ଛା ଜଣାଇବା ସହ ରାଜ୍ୟ ସରକାରଙ୍କୁ ଧନ୍ୟବାଦ ଜ୍ଞାପନ କରିଛନ୍ତି।

## ବିଶ୍ୱ ବରିଷ୍ଠ ନାଗରିକ ଦିବସ




**ବୌଦ୍ଧ, ୫।୧୦(ସମିସ):** ବୌଦ୍ଧ ବ୍ଲକ ମୁଣ୍ଡାପଡ଼ାସ୍ଥିତ କାର୍ଡ ସ୍ୱେଚ୍ଛାସେବୀ ସଂଗଠନ ଆନୁକୂଲ୍ୟରେ ସୁରେଖାଦେବୀ ବୃଦ୍ଧାଶ୍ରମ ପରିସରରେ ବିଶ୍ୱ ବରିଷ୍ଠ ନାଗରିକ ଦିବସ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୋ ଭାରତର ସଂଯୋଜକ ଆସମାନ ମହାକୁଡ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଉଭୟ କାର୍ଡ ଓ ମୋ ଭାରତ ଅନୁଷ୍ଠାନର ସ୍ୱେଚ୍ଛାସେବୀମାନେ ଅନ୍ତେବାସୀମାନଙ୍କୁ ଖାଦ୍ୟ, ବସ୍ତ୍ର, ଫଳ ବଣ୍ଟନ କରିବା ସହ ପ୍ରତିମାସରେ ମୋ ଭାରତ ତରଫରୁ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଆୟୋଜନ କରାଯିବ। ବିନାମୂଲ୍ୟରେ ବାର୍ଦ୍ଧକ୍ୟଜନିତ ବିଭିନ୍ନ ରୋଗ ନିରୂପଣ ସହ ଔଷଧ ଯୋଗାଇ ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। କାର୍ଡ ସମ୍ପାଦକ ଧର୍ମୁଧର ପୋଢ, ସ୍ୱେଚ୍ଛାସେବୀ ସତ୍ୟ ମହାକୁଡ, ବିବେକା ଷାଣ୍ଢ, କିରଟୀ ପ୍ରଧାନ, ବିଘ୍ନରାଜ ପ୍ରଧାନ, ସତ୍ୟରଞ୍ଜନ ପୋଢ ପ୍ରମୁଖ ସହଯୋଗ କରିଥିଲେ।

ଓଁ ଶ୍ରୀଶ୍ରୀ ସରସ୍ୱତେ ନମଃ
N.R. COACHING CENTER (+2 & +3)
ନୂତନ ଶିକ୍ଷା ଯୋଜନାରେ ପରି ପ୍ରକାଶ କରିଥିବା ଏହି କୋଚିଂ ସେଣ୍ଟର +୨ ଓ +୩ ଛାତ୍ରଛାତ୍ରୀ ମାନଙ୍କ ପାଇଁ ଶିକ୍ଷାର ନୂଆ ପ୍ରୟାସ । ଏଠାରେ ଶିକ୍ଷାର ଉନ୍ନତି ପାଇଁ ସ୍ୱତନ୍ତ୍ର ଶିକ୍ଷା ପାଠ୍ୟଖସଡ଼ା ପ୍ରସ୍ତୁତ କରାଯାଉଛି । ପିଲାମାନଙ୍କର ସର୍ବାଙ୍ଗୀନ ଉନ୍ନତି ପାଇଁ ଗରିବ, ପଛୁଆ ବର୍ଗ ଓ ମଧ୍ୟବିତ୍ତ ଶ୍ରେଣୀ ସମସ୍ତ ଛାତ୍ରଛାତ୍ରୀ ପାଠ ପଢ଼ିବାର ସୁଯୋଗ ପାଇପାରିବେ ।
+2 Mil (Odia), English, Economic, Education, Political Science, Logic, History, Op-Odia
+2 Monthly Tution (Aaa Subject) Fee Rs.- 300/- & +3 Monthly Tution Fee Rs.- 500/-
+3 Mil (Odia), Education, Political Science
B.Ed (Androkesari, Nagarjuna, Kashmir)
ଠିକଣା :- ଦେଉଳା ହାଟ (ବନ୍ଧନ ବ୍ୟାଙ୍କ ପାଖ) ଭୋଗରାଇ, ବାଲେଶ୍ୱର ଓ ଥାନାଛକ, ଆନନ୍ଦବଜାର, HDFC BANK ସାମ୍ନା
Mob.-8018060459
7978268103
ଗଜଲକ୍ଷ୍ମୀ ପୂଜା ଅବସରରେ ଅଭିନନ୍ଦନ
ଆକାଶ ପ୍ରଧାନ, ପ୍ରପାଇଟର, ଏନଆର କୋଚିଂ ସେଣ୍ଟର
ଆଗାମୀ ବର୍ଷ ପାଠ୍ୟକ୍ରମ ପାଇଁ ଯୋଗାଯୋଗ କରନ୍ତୁ।

## ଜାତୀୟ ରକ୍ତଦାନ ଦିବସରେ ସମ୍ବର୍ଦ୍ଧନା ଉତ୍ସବ



**ବୌଦ୍ଧ, ୫।୧୦(ସମିସ):** ସମଗ୍ର ଭାରତ ବର୍ଷରେ ରକ୍ତ ଅଭାବରେ କାହାକୁ ମାରିବାକୁ ଦିଆଯିବ ନାହିଁ। ଏଥିପାଇଁ ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରାଯାଉଛି। ତେଣୁ ପ୍ରତିବର୍ଷ ଅକ୍ଟୋବର ୧ ତାରିଖକୁ ଜାତୀୟ ରକ୍ତଦାନ ଦିବସ ଭାବେ ପାଳନ କରାଯାଉଛି। ଏହି ଅବସରରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପକ୍ଷରୁ ତାଲିମ କେନ୍ଦ୍ରଠାରେ ଏକ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ମୁଖ୍ୟ ଚିକିତ୍ସା ଅଧିକାରୀ କିଶୋର ଚନ୍ଦ୍ର ପଟ୍ଟନାୟକ ଯୋଗ ଦେଇ ରକ୍ତର ବିକଳ୍ପ ଜଣେ ରକ୍ତଦାତା ବୋଲି ପ୍ରକାଶ କରିଥିଲେ। ରକ୍ତ ଭଣ୍ଡାର ଅଧିକାରୀ ଡାକ୍ତର ହେମ୍ବ୍ରମ ଆସନ୍ତା ଦିନରେ ଜିଲ୍ଲାରେ ୧୦ ହଜାର ୟୁନିଟ୍ ରକ୍ତର ଆବଶ୍ୟକତା ସମ୍ପର୍କରେ ଆଲୋଚନା କରିଥିଲେ। ରକ୍ତଦାତା ପ୍ରବର୍ତ୍ତକ ସଂଘ ସଭାପତି ଡ. ପ୍ରବୀର ଦାସ ମହିଳା ରକ୍ତଦାତା ସଂଖ୍ୟା ବୃଦ୍ଧି ପାଇଲେ ରକ୍ତ ଅଭାବ ସମସ୍ୟା ଦୂର ହୋଇ ପାରିବ ବୋଲି ପ୍ରକାଶ କରିଥିଲେ।ସଚେତନତା ଓ ଶିବିର ସଂଖ୍ୟା ବୃଦ୍ଧି ହେଲେ ନୂତନ ରକ୍ତଦାତା ସୃଷ୍ଟି ହେବା ସହ ରକ୍ତଦାନ ବୃଦ୍ଧି ପାଇବ ବୋଲି ଦେବାଶିଷ ପୁରୋହିତ ମତପ୍ରକାଶ କରିଥିଲେ। ଚଳିତ ବର୍ଷ ରକ୍ତଦାତା ଭାବେ ସୌମ୍ୟ ରଞ୍ଜନ ପୁରୋହିତ ଓ ରଶ୍ମିତା ହୋତାଙ୍କୁ ମାନପତ୍ର, ଉପଢୌକନ ଓ ଫୁଲତୋଡ଼ା ଦେଇ ସମ୍ବର୍ଦ୍ଧିତ କରଯାଇଥିଲା। ରକ୍ତଦାନ ଶିବିର ଆୟୋଜନରେ ଉଲ୍ଲେଖନୀୟ ଭୂମିକା ଗ୍ରହଣ କରିଥିବା ପ୍ରଜାପିତା ବ୍ରହ୍ମ କୁମାରୀ ପକ୍ଷରୁ ବ୍ରହ୍ମ କୁମାର ସରୋଜ ଭାଇ, ଆନନ୍ଦ ବେହେରା, ଯୀଶୁ ପ୍ରଧାନ, କିଶୋର ମେହେର, ସଦାନନ୍ଦ ମିଶ୍ର, ରବୀନ୍ଦ୍ର ଚୌଧୁରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଚଳିତ ବର୍ଷ ରକ୍ତଦାନ ଶିବିର ସଂଖ୍ୟା ଏକ ଶହକୁ ବୃଦ୍ଧି କରିବା ପାଇଁ ପ୍ରସ୍ତାବ ଗ୍ରହଣ କରଯାଇଥିଲା। ରଘୁନାଥ ସାହୁ ଓ ସୁନିଲ ନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଜଣେ କର୍ମଚାରୀରେ ଚାଲିଛି ସୁବଲୟା ରାଜସ୍ୱ କାର୍ଯ୍ୟାଳୟ

**ବୀରମହାରାଜପୁର, ୫।୧୦(ସମିସ):** ସୁବର୍ଣ୍ଣପୁର ଜିଲ୍ଲାର ବୀରମହାରାଜପୁର ତହସିଲ ଅନ୍ତର୍ଗତ ସୁବଳୟା ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟରେ କର୍ମଚାରୀ ଅଭାବ ଯୋଗୁଁ ବିଭିନ୍ନ ସମସ୍ୟା ଦେଖାଦେଇଛି। କାର୍ଯ୍ୟାଳୟରେ ଜଣେ ମାତ୍ର ମହିଳା ରାଜସ୍ୱ ନିରୀକ୍ଷକଙ୍କୁ ନେଇ ଚାଲିଥିବା ବେଳେ ବାକି ୪ ପଦବୀ ଦୀର୍ଘ ଦିନ ହେଲା ଖାଲି ରହିଛି। ଏଠାରେ ଜଣେ ରାଜସ୍ୱ ନୀରିକ୍ଷକ ସାଙ୍ଗକୁ ଜଣେ ସହକାରୀ ରାଜସ୍ୱ ନିରୀକ୍ଷକ, ଜଣେ ଅମିନ, ଜଣେ ଚେନ୍‌ମ୍ୟାନ ଓ ଜଣେ ପିଅନ ରହିବା କଥା। ବର୍ତ୍ତମାନ ଜଣେ ରାଜସ୍ୱ ନୀରିକ୍ଷକ ଥିବା ବେଳେ ବାକି ସବୁ ପଦ ଖାଲି ରହିଛି। ୪ ଟି ପଞ୍ଚାୟତର ୨୯ ଖଣ୍ଡ ରାଜସ୍ୱ ଗ୍ରାମର ଲୋକେ ଏହା ଉପରେ ନିର୍ଭର କରିଥାନ୍ତି। ପିତାମହୁଲ, ସୁବଳୟା, କମିରା ଓ ଜଟେସିଂହା ପଞ୍ଚାୟତର ସମସ୍ତ ଗ୍ରାମର ଲୋକେ ଏହା ଉପରେ ନିର୍ଭର କରିଥାନ୍ତି। ଛାତ୍ରଛାତ୍ରୀ ଆୟଗତ, ଜାତିଗତ ଓ ବାସସ୍ଥାନ ପ୍ରମାଣ ପତ୍ର ତଥା ସ୍ଥାନୀୟ ଲୋକେ ଜମି ବାଡ଼ି ସମ୍ପର୍କିତ କାଗଜପତ୍ର, ମୃତ୍ୟୁ ପ୍ରମାଣ ପତ୍ର ରିପୋର୍ଟ, ଉତ୍ତରାଧିକାରୀ ପ୍ରମାଣ ପତ୍ର ରିପୋର୍ଟ, ଜମି ବିକ୍ରୟ ପାଇଁ ଘରବାରି ରିପୋର୍ଟ ଓ ଅନ୍ୟାନ୍ୟ କାମ ପାଇଁ ଏହି କାର୍ଯ୍ୟାଳୟ ଉପରେ ନିର୍ଭର କରିଥାନ୍ତି। ଏକମାତ୍ର ରାଜସ୍ୱ ନିରୀକ୍ଷକ ଜଣକ ରାଜସ୍ୱ କାମ ସାଙ୍ଗକୁ ଧାନ ଚାଷ ଓ କପା ଚାଷ ହୋଇଥିବା ଜମିର ଚିହ୍ନଟ କରିବା ତଥା ମରୁଡ଼ି, ବନ୍ୟା ଓ ବାତ୍ୟା ସମୟରେ କ୍ଷେତ୍ର ପରିଦର୍ଶନ କରୁଛନ୍ତି। ଏପରି ସ୍ଥିତିରେ ସେ ସବୁବେଳେ କାର୍ଯ୍ୟାଳୟରେ ଉପସ୍ଥିତ ରହିବା ସମ୍ଭବପର ହେଉ ନାହିଁ। ଅନ୍ୟପକ୍ଷରେ ସାଧାରଣ ଲୋକେ କାମ ପାଇଁ ଆସି ସେବା ପାଇପାରୁ ନ ଥିବା ଅଭିଯୋଗ ହୋଇଛି। ଜିଲ୍ଲା ପ୍ରଶାସନ ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେଇ ଆବଶ୍ୟକ କର୍ମଚାରୀ ନିଯୁକ୍ତି କରି ସମସ୍ୟାର ସମାଧାନ କରିବାକୁ ସାଧାରଣରେ ଦାବି ହୋଇଛି।

## ସୁପରସିନିଅର କପ୍ ଫୁଟବଲ ଟୁର୍ଣ୍ଣାମେଣ୍ଟ; ଫୁଲବାଣୀ ଚାମ୍ପିଅନ୍

**ବୌଦ୍ଧ, ୫।୧୦(ସମିସ):** ଜିଲ୍ଲା ଷ୍ଟାଡିଅମରେ ଏକ ଦିବସୀୟ ସୁପର ସିନିଅର କପ୍ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ ବୌଦ୍ଧ ଓ ଫୁଲବାଣୀ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଫୁଲବାଣୀ ଦଳ ୧-୦ ଗୋଲ୍‌ରେ ବୌଦ୍ଧକୁ ହରାଇ ଚାମ୍ପିଅନ ହୋଇଥିଲା। ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପଧାନ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରଭାସ ଚନ୍ଦ୍ର ଦଣ୍ଡସନା, ଫୁଲବାଣୀର ପୂର୍ବତନ ବିଧାୟକ ଦେବେନ୍ଦ୍ର କହଁର, ଫୁଲବାଣୀ ଜିଲ୍ଲା କ୍ରୀଡା ଅଧିକାରୀ ସମୀର ନାୟକ, ବୌଦ୍ଧ କ୍ରୀଡା ଅଧିକାରୀ ସୁଦାମ ଚରଣ ସ୍ୱାଇଁ ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଟୁର୍ଣ୍ଣାମେଣ୍ଟରେ ବୌଦ୍ଧ ସମେତ ପଡୋଶୀ ଫୁଲବାଣୀ, ସମ୍ବଲପୁର, ବଲାଙ୍ଗୀର, ସୋନପୁର ରେଢାଖୋଲ, ବୁର୍ଲା, ସାରଙ୍ଗଗଡ଼ ଦଳ ଅଂଶଗ୍ରହଣ କରିଥିଲେ।



## ସର୍ବଭାରତୀୟ ନକ୍‌ଆଉଟ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ
# ସେମିଫାଇନାଲରେ ରାଉରକେଲା

**ବିନିକା, ୫।୧୦(ସମିସ)**

ବିନିକା ବ୍ଲକ କୁହିବାହାଲ ପଞ୍ଚାୟତ ପଧାନପାଲି ଖେଳପଡ଼ିଆ ଠାରେ ପ୍ରଜାମଙ୍ଗଳ କ୍ଲବ୍ ଆନୁକୂଲ୍ୟରେ ଚାଲିଥିବା ସର୍ବଭାରତୀୟ ନକ୍‌ଆଉଟ ଫୁଟବଲ୍ ଟୁର୍ଣ୍ଣାମେଣ୍ଟର ରବିବାର ଥିଲା ତୃତୀୟ ଦିବସ। ତୃତୀୟ ଦିବସରେ ବଲାଙ୍ଗିର ପ୍ରୋଗ୍ରେଶିଭ କ୍ଲବ୍‌କୁ ପେନାଲ୍ଟି ସୁଟ୍ ଜରିଆରେ ହରାଇ ରାଉରକେଲା କିସାନ ବ୍ରଦର ତୃତୀୟ ଦଳ ଭାବେ ସେମି ଫାଇନାଲରେ ପ୍ରବେଶ କରିଛି। ପ୍ରଥମ ମ୍ୟାଚରେ ବଲାଙ୍ଗିର ପ୍ରୋଗ୍ରେସିଭ ୩-୧ ଗୋଲରେ ବାରକୋଟ ଏଫସିକୁ ପରାସ୍ତ କରିଥିଲା। ଦ୍ୱିତୀୟ ମ୍ୟାଚରେ ରାଉରକେଲା ଦଳ ୩-୨ ଗୋଲରେ ଭବାନୀପାଟଣା ଇଭିନିଙ୍ଗ୍ କ୍ଲବକୁ ପରାସ୍ତ କରିଥିଲା। ତୃତୀୟ ମ୍ୟାଚ ଅର୍ଥାତ କ୍ୱାଟର ଫାଇନାଲ ମ୍ୟାଚ୍ ବଲାଙ୍ଗିର ବନାମ ରାଉରକେଲା ମଧ୍ୟରେ ଅତ୍ୟନ୍ତ ସଂଘର୍ଷପୂର୍ଣ୍ଣ ହୋଇଥିଲା। ହେଲେ ନିର୍ଦ୍ଧାରିତ ସମୟ ମଧ୍ୟରେ କେହି କାହାକୁ ଗୋଲ ଦେଇ ନପାରିବାରୁ ଟ୍ରାଇ ବ୍ରେକର ଜରିଆରେ ହାରଜିତ ନିର୍ଣ୍ଣୟ ହୋଇଥିଲା। ଏଥିରେ ରାଉରକେଲା ପ୍ରତିପକ୍ଷ ଦଳ ବଲାଙ୍ଗିରକୁ ୮-୭ ଗୋଲରେ ପରାସ୍ତ କରି ତୃତୀୟ ଦଳ ଭାବେ ସେମି ଫାଇନାଲକୁ ଉତ୍ତୀର୍ଣ୍ଣ ହୋଇଛି। ଟୁର୍ଣ୍ଣାମେଣ୍ଟର ଖେଳଗୁଡ଼ିକୁ ଜିତେନ୍ଦ୍ରିୟ ଥନାପତି, ସୁବ୍ରତ ପୁରୋହିତ, ସହିଲ ବେହେରା, ସନ୍ଦୀପ ତରିଆ ପରିଚାଳନା କରିଥିଲେ। ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟଅତିଥି ଭାବେ କୁହିବାହାଲ ସରପଞ୍ଚ ସୁଦାମ ପ୍ରଧାନ ଯୋଗଦେଇ ଖେଳାଳିମାନଙ୍କୁ ଟ୍ରଫି ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଲିପୁନ, ବୀରେନ, ସୁନିଲ, ରିକୁ, ଅମିୟ, ରାଜିନ, ବୁଲୁ, ଅଶୋକ, ହିତ, ମଗଶିର, ପଞ୍ଚା, ନିକୁ, ପରୀକ୍ଷିତ, ବିଦେଶୀ, ସୁରେଶ, ଫଗୁଣୁ, ମନ୍ଟୁ, ରାଜନ, ଉଦେ, ଅରୂପ ପ୍ରମୁଖଙ୍କ ସମେତ କ୍ଲବର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ।



# ଆଜି ମୁଖ୍ୟମନ୍ତ୍ରୀଙ୍କ ନୂଆପଡ଼ା ଗସ୍ତ

**ନୂଆପଡ଼ା, ୫ ।୧୦(ସମିସ):** ନୂଆପଡ଼ା ଜିଲ୍ଲାକୁ ସୋମବାର ଅର୍ଥାତ ଅକ୍ଟୋବର ୬ତାରିଖ ଦିନ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗସ୍ତ କରିବାର କାର୍ଯ୍ୟକ୍ରମ ରହିଛି । ମିନିଷ୍ଟାଡିୟମରେ ବିଭିନ୍ନ ଯୋଜନା ଓ ପ୍ରକଳ୍ପ ଗୁଡିକର ଶିଳାନ୍ୟାସ ତଥା ଉଦ୍‌ଘାଟନ କରିବାର ସୂଚନା ମିଳିଛି । ପୂର୍ବାହ୍ନ ୧୧ଟା ୧୫ମିନିଟରେ ନୂଆପଡ଼ାରେ ଏକ ସ୍ୱତନ୍ତ୍ର ଫ୍ଲାଇଟ ଯୋଗେ ଆସି ପହଞ୍ଚିବେ । ଏହି କାର୍ଯ୍ୟକ୍ରମରେ ଜିଲ୍ଲାପାଳ ମଧୁସୂଦନ ଦାଶ ଅଧକ୍ଷତା କରିବାକୁ ଥିବାବେଳେ ଖଡ଼ିଆଳ ବିଧାୟକ ଅଧିରାଜ ମୋହନ ପାଣିଗ୍ରାହୀ, ରାଜ୍ୟସଭା ସାଂସଦ ସୁଜିତ କୁମାର, କଳାହାଣ୍ଡି ସାଂସଦ ମାଳବିକା ଦେବୀ, ସ୍ୱାସ୍ଥ୍ୟ ଓ ସଂସଦ ବ୍ୟାପାର ମନ୍ତ୍ରୀ ମୁକେଶ ମହାଲିଙ୍ଗ, ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ ମନ୍ତ୍ରୀ ରବି ନାରାୟଣ ନାଏକ ପ୍ରମୁଖ ଯୋଗଦେବାର କାର୍ଯ୍ୟକ୍ରମ ରହିଛି । ମୁଖ୍ୟମନ୍ତ୍ରୀ ବିଭିନ୍ନ ପ୍ରକଳ୍ପ ଶୁଭାରମ୍ଭ ଓ ଭିତ୍ତିପ୍ରସ୍ତର ସ୍ଥାପନ କରିବେ ।

# ଅଚଳ ଟ୍ରକ୍‌କୁ ପିଟିଲା ଟ୍ରେଲର, ଚାଳକ ମୃତ



**ଲାଞ୍ଜିଗଡ଼, ୫ ।୧୦(ସମିସ):** ରାସ୍ତାକଡ଼ରେ ଅଚଳ ହୋଇ ପଡ଼ିଥିବା ଏକ ଟ୍ରକ୍‌କୁ ଡାହାଣପଟୁ ଅନ୍ୟଏକ ଟ୍ରେଲର ଜୋର୍‌ରେ ଧକ୍କା ଦେବାରୁ ଟ୍ରକ୍ ଡ୍ରାଇଭରଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଛି । ମୃତ ଡ୍ରାଇଭର ହେଲେ ବଲାଙ୍ଗିର ଜିଲ୍ଲା ଗୋହିରାମୁଣ୍ଡାର ବାରୁକା ଧରୁଆ । ସେ ଖରିଆର ରୋଡ଼ରୁ ଏକ ଚାଉଳ ବୋଝେଇ ଟ୍ରକ୍ ନେଇ ଯାଉଥିବାବେଳେ ଭବାନୀପାଟଣା-ରାୟଗଡ଼ା ୬ ନମ୍ବର ରାଜ୍ୟ ରାଜପଥ କଦଳୀଘାଟି ଛକ ନିକଟରେ ଅଚଳ ହୋଇପଡ଼ିଥିଲା । ଏହି ସମୟରେ ଏକ ଟ୍ରେଲର ଧକ୍କା ଦେଇଥିଲା । ଏହି ଦୁର୍ଘଟଣା ଏତେ ଭୟଙ୍କର ଥିଲା ଯେ, ଟ୍ରକ୍‌ରେ ଥିବା ଡ୍ରାଇଭର ଜଣଙ୍କ ଶରୀର ଖଣ୍ଡ ବିଖଣ୍ଡିତ ହୋଇଯାଇଥିଲା । ଦୁର୍ଘଟଣା ଘଟାଇ ଟ୍ରେଲରଟି ଓଲଟି ପଡ଼ିଥିବାବେଳେ ଡ୍ରାଇଭର ଫେରାର ମାରିଥିଲା । ଖବର ପାଇ ନର୍ଲା ପୁଲିସ ଘଟଣାସ୍ଥଳରେ ପହଞ୍ଚିଥିବାବେଳେ ବେଶ କିଛି ସମୟ ଯାଏଁ ରାସ୍ତା ଅବରୋଧ ହୋଇଥିଲା । ଏହାପରେ ପୁଲିସ ଉପସ୍ଥିତିରେ ଖଣ୍ଡ ବିଖଣ୍ଡିତ ଶବ ଜବତ କରିବା ସହିତ ଭବାନୀପାଟଣାକୁ ବ୍ୟବଚ୍ଛେଦ ପାଇଁ ପଠାଇଛି । ଏନେଇ ନର୍ଲା ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ କରୁଥିବା ଜଣାପଡ଼ିଛି ।

# କାର୍ ଧକ୍କାରେ ଲୁନା ଚାଳକ ଗୁରୁତର

**ଧର୍ମଗଡ଼, ୫ ।୧୦(ସମିସ):** କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ଥାନା ଖମାରହଳଦୀ ଭାଟି ଛକ ନିକଟରେ କାର୍ ଧକ୍କାରେ ଜଣେ ଲୁନା ଚାଳକ ଗୁରୁତର ହୋଇଥିଲେ । ଗୁରୁତର ଲୁନା ଚାଳକ ହେଲେ ଗୋଲାମୁଣ୍ଡା ଥାନା ମାନଝରି ଗାଁର ସୁବଳ ଅଘରିଆ । ଓଡି ୦୮ ଏଲ ୦୫୯୨ ନମ୍ବର ବିଶିଷ୍ଟ ଏକ କାର ଟିଟିଲାଗଡ଼ ରୁ କୋରାପୁଟ ଯାଉଥିବା ବେଳେ ଚିଚିଆ ପଟୁ ନିଜ ସ୍ତ୍ରୀ ଓ ଝିଅ ସହିତ ସୁବଳ ନିଜ ଗାଁ ମାନଝରି କୁ ଯାଉଥିବା ବେଳେ ଭାଟି ଛକ ନିକଟରେ ରାସ୍ତା ପାରି ହେଉଥିବା ବେଳେ ଉକ୍ତ କାର ଟି ଧକ୍କା ଦେଇଥିଲା । ଦୁର୍ଘଟଣା ଘଟିଥିବା ଦେଖି ସ୍ଥାନୀୟ ଲୋକେ ଘଟଣା ସ୍ଥଳକୁ ପହଞ୍ଚି ଗୁରୁତର ଗୁରୁତର ଅବସ୍ଥାରେ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ଧର୍ମଗଡ଼ ଉପଖଣ୍ଡ ଡାକ୍ତରଖାନା କୁ ନେଇଥିଲେ । ଅଧିକ ଗୁରୁତର ଥିବାରୁ ଡାକ୍ତର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ କୁ ସ୍ଥାନାନ୍ତର କରାଯାଇଥିବା ଜଣାପଡ଼ିଛି । ଦୁର୍ଘଟଣା ରେ ସୁବଳଙ୍କ ଦୁଇଟି ଗୋଡ଼ ଭାଙ୍ଗିଥିବା ବେଳେ ଅନେକ ସ୍ଥାନରେ କ୍ଷତାକ୍ତ ହୋଇଛି । ଦୁର୍ଘଟଣା ଗ୍ରସ୍ତ ଗାଡି କୁ ଦଶପୁର ଫାଣ୍ଡି ପୁଲିସ ଅଟକ ରଖିଥିବା ସୂଚନା ମିଳିଛି ।

# କଳାହାଣ୍ଡି ଲେଖକ କଳା ପରିଷଦର ସ୍ୱନକ୍ଷତ୍ର ସମାରୋହ



**ଭବାନୀପାଟଣା, ୫ ।୧୦ (ସମିସ):** କଳାହାଣ୍ଡି ଲେଖକ କଳା ପରିଷଦର ୬୨ତମ ସ୍ୱନକ୍ଷତ୍ର ଉତ୍ସବ ପରିଷଦ ପାଳିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ପରିଷଦର ସଭାପତି ଉମେଶ ଚନ୍ଦ୍ର ପଣ୍ଡାଙ୍କ ସଭାପତିତ୍ୱରେ ପରିଷଦର ଉପଦେଷ୍ଟା ସଦସ୍ୟ ତଥା ବରିଷ୍ଠ କବି ସୋହନଲାଲ୍ ଅଗ୍ରୱାଲ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଥିଲେ । ସୁଧୀର ଚନ୍ଦ୍ର ପଣ୍ଡା, ଗୁରୁ ନରେନ୍ଦ୍ର ପଣ୍ଡା ଏବଂ ଗୁରୁ ଚିତ୍ତରଞ୍ଜନ ପଣ୍ଡା ନେତୃତ୍ୱରେ ଶିଳ୍ପୀ ତାପସ ରଞ୍ଜନ ପଟେଲ, ବୈଷ୍ଣବୀ ପଲକ୍ ଓ ଲିପ୍ସା ମହାରଣା ପ୍ରାରମ୍ଭିକ ସଙ୍ଗୀତ ପରିବେଷଣ କରିଥିଲେ । ଚଳିତବର୍ଷ ବିଶିଷ୍ଟ କବି ହର ପ୍ରସାଦ ଯୋଶୀଙ୍କୁ ପରିଷଦ ଦ୍ୱାରା ପ୍ରଦତ୍ତ ବରିଷ୍ଠ ସଦସ୍ୟ ରୂପେ ସମ୍ମାନିତ କରାଯାଇଥିଲା । ସୁଧୀର ରଞ୍ଜନ ମିଶ୍ର, ଡ. ତପନ କୁମାର ରଥ, ଅଶୋକ ପାତ୍ର, କୃଷ୍ଣାବତାର ଦେଓ, ପ୍ରଭାସ ଚନ୍ଦ୍ର ମିଶ୍ର, ସୁରେନ୍ଦ୍ର ନେଗୀ, ଗୋପାଳ ଚନ୍ଦ୍ର ସାହୁ, ବିଶ୍ୱ ମୋହନ ରଥ, ଡ. ଉମେଶ ଚନ୍ଦ୍ର ଶତପଥୀ, ରମେଶ ସେନାପତି, ପ୍ରତାପ ଚନ୍ଦ୍ର ପଣ୍ଡା, ରାମପ୍ରସାଦ ପ୍ରମୁଖ ଉପସ୍ଥିତ ଥିଲେ । ପରିଷଦର ସମ୍ପାଦକ ଭବନାଥ ରାୟଗୁରୁ ସଭା ପରିଚାଳନା କରିଥିବାବେଳେ କୋଷାଧ୍ୟକ୍ଷ ଭାଗୀରଥି ବେହେରା ଧନ୍ୟବାଦ ଅର୍ପଣ କରିଥିଲେ ।

## କଳାହାଣ୍ଡି ଉତ୍ତର ବନବିଭାଗ ପକ୍ଷରୁ ବନ୍ୟପ୍ରାଣୀ ଦିବସ ପାଳିତ

# ପର୍ଯ୍ୟଟକମାନେ ଆଚରଣରେ ପରିବର୍ତ୍ତନ ଆଣିବା ଜରୁରି

**ଭବାନୀପାଟଣା, ୫ ।୧୦(ସମିସ)**



ବୃକ୍ଷରାଜୀ ସବୁଜ ସୁରକ୍ଷା ଦିଗରେ ଏକ ଆସ୍ତରଣ ସୃଷ୍ଟି କରିଥାଏ । ଯାହା ଦ୍ୱାରା ପରିବେଶ ସନ୍ତୁଳନ ଏବଂ ମୃତ୍ତିକା ଉର୍ବରତାକୁ ନିଶ୍ଚିତ କରେ । ମଣିଷ ସମାଜ ନିଜ ଜ୍ଞାତସାରରେ ପ୍ଲାଷ୍ଟିକ ବ୍ୟବହାର କରି ପ୍ରକୃତି ପ୍ରତି ଅତି ନିର୍ଦ୍ଦୟ ଆଚରଣ କରିଆସୁଛି । ତେଣୁ ଆମେ ପ୍ଲାଷ୍ଟିକ ବ୍ୟବହାରକୁ ଅତ୍ୟନ୍ତ ଯତ୍ନଶୀଳ ଢଙ୍ଗରେ କରିବାକୁ ପଡ଼ିବ । ଜଙ୍ଗଲ ଏବଂ ପର୍ଯ୍ୟଟନସ୍ଥଳୀରେ ପ୍ଲାଷ୍ଟିକ ବ୍ୟବହାରରେ ରୋକ ଲଗାଇବା ସମୟ ଆସିଛି ବୋଲି ଡିଏଫ୍‌ଓ ଉତ୍ତର ବନଖଣ୍ଡ ପ୍ରକାଶ କରିଛନ୍ତି । କଳାହାଣ୍ଡି ଜିଲ୍ଲା ଉତ୍ତର ବନବିଭାଗ ପକ୍ଷରୁ ବନ୍ୟଜୀବ ସପ୍ତାହ ଉପଲକ୍ଷେ ରାବଣଧର ଜଳପ୍ରପାତରେ ପରିସୂଚନା ଅଭିଯାନ ଆଜି ଅନୁଷ୍ଠିତ ହୋଇଯାଇଛି । ବନ୍ୟଜୀବ ସପ୍ତାହ ଉତ୍ସବ ଅବସରରେ କଳାହାଣ୍ଡି ଉତ୍ତର ବନ ବିଭାଗ ଦ୍ୱାରା 'ମିଶନ ଲାଇଫ୍' କାର୍ଯ୍ୟକ୍ରମ ଦ୍ୱାରା ରାବଣଧର ଜଳପ୍ରପାତ ପରିସରରେ ପରିସୂଚନା ଅଭିଯାନ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ଏହି ବର୍ଷର ଥିମ୍ ଥିଲା 'ବିଟ୍ ପ୍ଲାଷ୍ଟିକ ପଲୁସନ୍', ଯାହା ପ୍ରକୃତିକୁ ପ୍ଲାଷ୍ଟିକ ପ୍ରଦୂଷଣରୁ ରକ୍ଷା କରିବାରେ ସହାୟକ ହେବ । ବନ ବିଭାଗ ଏଥି ନିମନ୍ତେ ନେଇଥିବା ସଂକଳ୍ପ ଆଜି ପ୍ରତିଫଳିତ ହୋଇପାରିଛି । ଏହି ଅଭିଯାନରେ ଛାତ୍ରଛାତ୍ରୀ, ସାଧାରଣ ନାଗରିକ, ବନ କର୍ମଚାରୀ, ସେବକ ଏବଂ ଏନ୍‌ଜିଓ ଗୁଡ଼ିକ ସକ୍ରିୟ ଭାବେ ଅଂଶଗ୍ରହଣ କରିଥିଲେ । ସାମୂହିକ ଉଦ୍ୟମରେ ୨ କିଲୋମିଟର ଅଞ୍ଚଳ ପରିଷ୍କାର ପରିଚ୍ଛନ୍ନ କରାଯାଇ ୪୧ଟି ବଡ଼ ପ୍ଲାଷ୍ଟିକ ବ୍ୟାଗ (ପ୍ରତିଟି ୬୦ ଲିଟର କ୍ଷମତାର) ଭରି ମୋଟ୍ ୮୦୭ କିଲୋଗ୍ରାମ ଅବଶିଷ୍ଟ ବସ୍ତୁ ସଂଗ୍ରହ କରାଯାଇଥିଲା । ଏହି ମହତ୍ୱପୂର୍ଣ୍ଣ କାର୍ଯ୍ୟରେ ରମେଶ ବିଶ୍ନୋଇ, ଆଇଏଫଏସ୍, ବନମଣ୍ଡଳ ଅଧିକାରୀ, କଳାହାଣ୍ଡି ଉତ୍ତର ଜଙ୍ଗଲ ଏବଂ ପ୍ରକୃତିରେ ଭରା ସୌନ୍ଦର୍ଯ୍ୟପୂର୍ଣ୍ଣ ସ୍ଥାନଗୁଡ଼ିକର ପରିଚ୍ଛନ୍ନତା ଓ ସୁନ୍ଦରତା ରକ୍ଷାର ଆବଶ୍ୟକତା ଉପରେ ଜୋର ଦେଇଥିଲେ । ସେ ପର୍ଯ୍ୟଟକମାନଙ୍କ ମଧ୍ୟରେ ଆଚରଣରେ ପରିବର୍ତ୍ତନ ଆଣିବା ଉପରେ ନିଜ ମତ ରଖିଥିଲେ । କଳାହାଣ୍ଡିର ପ୍ରମୁଖ ପର୍ଯ୍ୟଟନୀସ୍ଥଳୀ ମଧ୍ୟରୁ ରାବଣଧର ଅନ୍ୟତମ । ପ୍ରାକୃତିକ ଶୋଭାରାଜୀକୁ ବୃଦ୍ଧି କରୁଥିବା ଏହି ଅଞ୍ଚଳକୁ ସର୍ବଦା ଆବର୍ଜନା ମୁକ୍ତ ରଖିବା ପାଇଁ ଆଜିଠାରୁ ସମ୍ପୂର୍ଣ୍ଣ ପ୍ଲାଷ୍ଟିକ ବ୍ୟବହାର ନିଷେଧ ଘୋଷଣା କରାଯାଇଛି । ଅଭିଯାନରେ ସାମିଲ ହୋଇଥିବା ସମସ୍ତ ବ୍ୟକ୍ତିବିଶେଷ ଜଙ୍ଗଲ ତଥା ପର୍ଯ୍ୟଟନ ସ୍ଥଳିରେ ପ୍ଲାଷ୍ଟିକ ସାମଗ୍ରୀ ଫିଙ୍ଗିବା ନାହିଁ ବୋଲି ଶପଥ ପାଠ କରିଥିଲେ । ସୁଶ୍ରୀ ଲିଲି ଆମନ୍ତାୟା, ଏସିଏଫ୍, ସମସ୍ତ ସେବକ, ଏନ୍‌ଜିଓ ଓ ବନ କର୍ମଚାରୀଙ୍କୁ ତାଙ୍କ ନିଷ୍ଠାପର ଉଦ୍ୟମ ପାଇଁ ଧନ୍ୟବାଦ ଜଣାଇ ଅଭିଯାନର ଭବ୍ୟ ସଫଳତା ପାଇଁ ଅଭିନନ୍ଦନ ଜଣାଇଥିଲେ । ଏହି ଅଭିଯାନ ମାଧ୍ୟମରେ ସମସ୍ତଙ୍କ ଅଂଶଗ୍ରହଣ ଅନ୍ୟ ବନ ମଣ୍ଡଳ ଓ ସାଧାରଣ ଲୋକଙ୍କ କ୍ଷେତ୍ରରେ ଏକ ଉଦାହରଣ ପାଲଟିବ ବୋଲି କହିଛନ୍ତି ।

**ଜଙ୍ଗଲ ଓ ପର୍ଯ୍ୟଟନସ୍ଥଳୀରେ ପ୍ଲାଷ୍ଟିକ ବ୍ୟବହାର ଉପରେ ଲାଗୁହେଲା କଟକଣା**

# ବର୍ଷା କ୍ଷୟକ୍ଷତି ଆକଳନ ପାଇଁ କେସିଙ୍ଗା ବ୍ଲକରେ ନର୍ଲା ବିଧାୟିକା



**କେସିଙ୍ଗା, ୫ ।୧୦(ସମିସ):** ଲଘୁଚାପ ଜନିତ ବର୍ଷା ଜିଲ୍ଲାର ଅନେକ ବ୍ଲକରେ ତାହାର ତାଣ୍ଡବ ଦେଖାଇଛି । କଳାହାଣ୍ଡି ଜିଲ୍ଲା କେସିଙ୍ଗା ବ୍ଲକରେ ମଧ ଲଗାଣ ବର୍ଷା ଯୋଗୁଁ କୋଉଠି ଘର ଭୁଶୁଡ଼ି ଯାଇଛି ତ କୋଉଠି ରାସ୍ତା ଉପରେ ବଡ଼ ବଡ଼ ଗଛ ଓ ବିଦ୍ୟୁତ୍ ଖୁଣ୍ଟ ଭାଙ୍ଗି ପଡ଼ିଛି । ଏହିସବୁ ସମସ୍ୟାକୁ ଆଖି ଆଗରେ ରଖି ନର୍ଲା ବିଧାୟିକା ମନୋରମା ମହାନ୍ତି ଗତକାଲି ଲୋକଙ୍କ ସମସ୍ୟା ଶୁଣିବା ଓ ପରିସ୍ଥିତିକୁ ପରଖିବା ପାଇଁ କେସିଙ୍ଗା ବ୍ଲକର ବେଲଖଣ୍ଡି, ହାତୀଖୋଜ, ସିର୍ଜାପଲି, ତୁଣ୍ଡଲା, ତୁର୍ଲାଖମନ୍, ନୁନମାଠ ପଞ୍ଚାୟତର ବିଭିନ୍ନ ଅଞ୍ଚଳ ପରିଦର୍ଶନ କରି କ୍ଷୟକ୍ଷତିର ଆକଳନ କରି ଲୋକଙ୍କ ଦୁଃଖ ସମୟରେ ଲୋକଙ୍କ ସହିତ ଠିଆ ହୋଇଥିଲେ । ସୂଚନା ଅନୁଯାୟୀ ଉକ୍ତ କେତୋଟି ପଞ୍ଚାୟତରେ ଲଘୁଚାପ ଜନିତ ବର୍ଷା ଯୋଗୁଁ ପ୍ରାୟ ୪୦୦ ଏକରରୁ ଉର୍ଦ୍ଧ୍ୱ ଧାନଫସଲ ପ୍ରଭାବିତ ହୋଇଥିବା ଆକଳନ କରାଯାଇଛି । ସେଥିପାଇଁ ବିଧାୟିକା ଅଞ୍ଚଳର ରାଜସ୍ୱ ଅଧିକାରୀଙ୍କୁ ସାଙ୍ଗରେ ନେଇ କ୍ଷୟକ୍ଷତି ଅଞ୍ଚଳ ଗସ୍ତକରି ଚାଷୀଭାଇମାନେ କିପରି ଉଚିତ କ୍ଷତିପୂରଣ ପାଇପାରିବେ ସେହି ବିଷୟରେ ଆଲୋଚନା କରିଥିଲେ । ଅନ୍ୟପଟେ କ୍ଷୟକ୍ଷତିର ସ୍ଥିତି ଅନୁଧ୍ୟାନ ପାଇଁ କେସିଙ୍ଗା ବ୍ଲକ ଅଧକ୍ଷ ଚନ୍ଦନ ସେନାପତିଙ୍କ ନେତୃତ୍ୱରେ ସ୍ଥାନୀୟ ତହସିଲଦାର ଓ ସ୍ଥାନୀୟ ସରପଞ୍ଚମାନେ ମଧ ଅଞ୍ଚଳ ପରିଦର୍ଶନରେ ଯାଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ସିର୍ଜାପାଲି ସରପଞ୍ଚ ତଥା କେସିଙ୍ଗା ବ୍ଲକ ଆଞ୍ଚଳିକ ବିଜେଡି ସଭାପତି ପ୍ରମୋଦ ଦାସ, ବେଲଖଣ୍ଡି ସରପଞ୍ଚ ସୁଶାନ୍ତ ବାଗ, ଦିଲୀପ ଦୋରା, ଦିଲୀପ ସାହୁ, ଅମିତ ଦାସ, ରୋହିତ ସାହୁ, ଚକାମନ ନାଏକ ପ୍ରମୁଖ ଉପସ୍ଥିତ ଥିଲେ ।

# ସିନାପାଲି ଥାନାରେ ନୂତନ ଥାନାଧିକାରୀଙ୍କ ଯୋଗଦାନ

**ସିନାପାଲି, ୫ ।୧୦(ସମିସ):** ନୂଆପଡ଼ା ଜିଲ୍ଲା ସିନାପାଲି ଥାନାରେ ନୂତନ ଥାନାଧିକାରୀ ଭାବେ ଦୁର୍ଗାମାଧବ ବାଗ ଯୋଗଦାନ କରିଛନ୍ତି । ଶ୍ରୀ ବାଗ ଆଗରୁ ନୂଆପଡ଼ା ଜିଲ୍ଲା ଲଖନା ଥାନାରେ ଥାନାଧିକାରୀ ଭାବେ ସୁଚାରୁରୂପେ କାର୍ଯ୍ୟ କରିଥିଲେ ।



ଜଣେ ଥାନାଧିକାରୀ ଭାବରେ ସିନାପାଲି ଅଞ୍ଚଳରେ ଶାନ୍ତିଶୃଙ୍ଖଳା ବଜାୟ ରଖିବା ସହ ଭାତୃତ୍ୱ, ସଂହତି ପ୍ରତିଷ୍ଠା କରିବା ଓ ଅପରାଧିମାନଙ୍କୁ ଦୃଢ ହସ୍ତରେ ଦମନ କରିବାକୁ ପ୍ରାଥମିକତା ଦେବେ ବୋଲି ପ୍ରକାଶ କରିଛନ୍ତି । ଏଠାରେ ଥିବା ଥାନା ଅଧିକାରୀଣି ରଶ୍ମୀତା ପ୍ରଧାନଙ୍କୁ ଅନ୍ୟତ୍ର ବଦଳି ହୋଇଛି ।

## ଦେବୀ ଦନ୍ତେଶ୍ୱରୀଙ୍କ ଦଶରା ପର୍ବ

# ଖଣ୍ଡାଧୁଆ ପରେ ରକ୍ତରଞ୍ଜିତ ପୀଠ

**ବେହେରା, ୫ ।୧୦(ସମିସ):** କଳାହାଣ୍ଡି ଜିଲ୍ଲା ଧର୍ମଗଡ଼ ବ୍ଲକ ବେହେରା ପଞ୍ଚାୟତ ଅଧୀନ ବାଙ୍କିମୁଣ୍ଡାରେ ଦଣ୍ଡପାଟ ଅଧିଷ୍ଠାତ୍ରୀ ଦେବୀ ଦନ୍ତେଶ୍ୱରୀଙ୍କ ପୀଠରେ ଖଣ୍ଡାଧୁଆ ସହ ଦଶରା ପର୍ବ ପାଳିତ ହୁଏ । ଚଳିତ ବର୍ଷ ଶନିବାର ଦିନ ଦ୍ୱାଦଶୀ ତିଥି ହେତୁ ସନ୍ଧ୍ୟା ସମୟରେ ଗ୍ରାମର ଗୋନ୍ତିଆ ଓ ପୂଜାରୀଙ୍କ ଘରରୁ ଦେବୀଙ୍କ ଅସ୍ତ୍ରଶସ୍ତ୍ର ଖଣ୍ଡା ବାହାର କରି ପାଖ ବେହେରା ନଦୀକୁ ନିଆଯାଇ ଧୌତ ପୂର୍ବକ ପୁଣି ପୂଜାରୀଙ୍କ ଘରରେ ସ୍ଥାପନ କରି ବଳି ଦିଆଯାଇଥିଲା । ରାତିରେ ମନ୍ଦିର ସର୍ବସାଧାରଣଙ୍କ ପାଇଁ ଖୋଲା ଯାଇ ଭକ୍ତଙ୍କ ମାନସିକ ବଳି ଦେବାପରେ ପୀଠ ରକ୍ତ ରଞ୍ଜିତ ହୋଇଥିଲା । ରକ୍ତମୁଖା ଦେବୀଙ୍କୁ ଶାନ୍ତ କରିବା ପାଇଁ ଉକ୍ତ ରାତ୍ରରେ ଦେବୀ ପୀଠ ରେ ବୀର ବାଦ୍ୟ ଘୁମୁରା ପ୍ରକମ୍ପିତ କରିବା ପ୍ରାଚୀନ ନିୟମ ରହିଛି । ଏହି ଅବସରରେ ଘୁମୁରାର ଅନ୍ୟତମ ପ୍ରଣେତା କୁହାଯାଉଥିବା ପଣ୍ଡିତ ରୀକ୍ଷିରାମ ତିୱାରୀଙ୍କ ସ୍ମୃତିରେ ଘୁମୁରା ପ୍ରତିଯୋଗିତା ଆୟୋଜନ କରାଯାଇଥିଲା । ଗ୍ରାମର ଗୋନ୍ତିଆ ଚିତ୍ତରଞ୍ଜନ ପୁଝାରୀଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବରେ ବେହେରା ସମିତି ସଭ୍ୟ କିଶୋର ଚନ୍ଦ୍ର ନାଗ ଉପସ୍ଥିତ ଥିଲେ । ସମ୍ମାନିତ ଅତିଥି ଭାବରେ ମୂଷାପାଲି ସରପଞ୍ଚ ଅକ୍ଷୟ କୁମାର ନାଏକ, ବେହେରା ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଗୌରାଙ୍ଗ ନାଗ, ପାକ୍ସ ସମ୍ପାଦକ ହେମନ୍ତ ନାଏକ, ସନ୍ଥ ନାଏକ, ଗୌର ଚନ୍ଦ୍ର ବାଗ, ଈଶ୍ୱର ଲାଲ ଅଗ୍ରୱାଲ, ମୁଖ୍ୟ ବକ୍ତା ଭାବରେ ପ୍ରଶାନ୍ତ ତିୱାରୀ, ସମ୍ପାଦକ ଭୁପେଶ ତିୱାରୀ, ପରିଚାଳନାରେ ପ୍ରଭାତ ତିୱାରୀ, ଅଖଣ୍ଡ ମଣି ଭାରତିଆ, ବିଚାରପତି ଭାବରେ ଦୁର୍ବଳ କାଣ୍ଡ, ପବିତ୍ର ସୁନାନି, ପ୍ରେମ କାଣ୍ଡ, ମଙ୍ଗଲୁ ପୁଝାରୀ ସମେତ ଅନ୍ୟାନ୍ୟ ସଦସ୍ୟ ସହଯୋଗ କରିଥିଲେ ।

# ହାତୀବନ୍ଧା ସୁବର୍ଣ୍ଣ ଜୟନ୍ତୀ ଗଜଲକ୍ଷ୍ମୀ ପୂଜା କଳସ ଯାତ୍ରା

**ସିନାପାଲି, ୫ ।୧୦(ସମିସ):** ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକସ୍ଥିତ ହାତୀବନ୍ଧା ଠାରେ ଆୟୋଜିତ ଗଜଲକ୍ଷ୍ମୀ ପୂଜାର ସୁବର୍ଣ୍ଣ ଜୟନ୍ତୀ ପାଳନ ଅବସରରେ ଆଜି କଳସ ଶୋଭା ଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଗ୍ରାମର ଶତାଧିକ ମହିଳା ଶୋଭା ଯାତ୍ରା ରେ ବାହାରି ନିକଟସ୍ଥ ଯମୁନା ସାଗର ରେ ପହଞ୍ଚି ଥିଲେ । ରାମ କାଠି, ଘଣ୍ଟ ଦଳ ତଥା ଘୁମୁରା ସହିତ ହରିବୋଲ ହୁଳହୁଳି ର ତାଳେ ତାଳେ ନଗର ପରିକ୍ରମା କରି ପୂଜା ମଣ୍ଡପରେ କଳସ ସ୍ଥାପନ କରାଯାଇଥିଲା । ସୋମବାର ପ୍ରଭାତରୁ ପୂଜା ଆରମ୍ଭ ହୋଇ ଏଗାର ଦିନ ଧରି ପୂଜା ଅନୁଷ୍ଠିତ ହେବ । ଚଳିତବର୍ଷ ସୁବର୍ଣ୍ଣ ଜୟନ୍ତୀ ପାଳନ ଅବସରରେ ତିରିଶଟି ଦମ୍ପତି କର୍ତ୍ତା ଦାୟିତ୍ୱରେ ଥିବା ବେଳେ ମୁଖ୍ୟକର୍ତ୍ତା ଭାବରେ ଧବଳେଶ୍ୱର ମେହେର ଓ ପତ୍ନୀ କୁସୁମାଞ୍ଜଳି ମେହେର ଦାୟିତ୍ୱ ନିର୍ବାହ କରୁଛନ୍ତି । ପୂଜା ପରିଚାଳନା କମିଟି ସଭାପତି ଭାବରେ ଯୌବନ ମେହେର, ଉପ ସଭାପତି ଧବଳେଶ୍ୱର ମେହେର, ସମ୍ପାଦକ କନ୍ଦର୍ପ ମେହେର ଓ କିଶୋର ମେହେର, କୋଷାଧ୍ୟକ୍ଷ ଭାବେ ସୁବାସ ମେହେର, ଚୋଡ଼ଗଙ୍ଗ ମେହେର ଓ ଡମ୍ବରୁ ମେହେର ପ୍ରମୁଖ ଦାୟିତ୍ୱ ନିର୍ବାହ କରୁଛନ୍ତି ।



# ଧର୍ମଗଡ଼ ଓବିସି ମଞ୍ଚର ସାଧାରଣ ବୈଠକ

**ଧର୍ମଗଡ଼, ୫ ।୧୦(ସମିସ):** କଳାହାଣ୍ଡି ଜିଲ୍ଲା ଧର୍ମଗଡ଼ ଓବିସି ମଞ୍ଚ ତରଫରୁ ସମାଜର ସାମ୍ବିଧାନିକ ହକ୍ ଅଧିକାର ପାଇଁ ବ୍ରାହ୍ମଣଛେଣ୍ଡିଆ ଯାଦବ ଭବନ ଠାରେ ଓବିସି ମଞ୍ଚ ଜିଲ୍ଲା ସଭାପତି ଡମ୍ବରୁଧର ଲହଜଲଙ୍କ ସଭାପତିତ୍ୱରେ ଏକ ସାଧାରଣ ବୈଠକ ଅନୁଷ୍ଠିତ ହୋଇଥିଲା । ମୁଖ୍ୟଅତିଥି ଭାବେ ରାଜ୍ୟ ଓବିସି ମଞ୍ଚ ସଭାପତି ଦୁର୍ଗା ପ୍ରସାଦ ନାଏକ, ବିଶିଷ୍ଟ ଅତିଥି ଭାବେ ଓବିସି ମଞ୍ଚ ଜିଲ୍ଲା ସମ୍ପାଦକ ହିମାଂଶୁ ବରାଡ଼, ଶିକ୍ଷାବିତ ତଥା ମାଳି ସମାଜ କୁଳପତି ପ୍ରକାଶ ବଣିଆ, ଜିଲ୍ଲା ଓବିସି ମଞ୍ଚ କୋଷାଧ୍ୟକ୍ଷ ଡିକଚନ ସାହୁ, ଉପସଭାପତି ବେଣୁଧର ନାଏକ, ପ୍ରେମଲାଲ ନାଏକ, ପ୍ରମୋଦ ହଂସ, ଜିଲ୍ଲାପରିଷଦ ସଭ୍ୟ ପ୍ରଣବ ପ୍ରକାଶ ଭଇଁସାଲ, ଆଇନଜୀବୀ କୁବେର ସାହୁ, ଶିକ୍ଷାବିତ ଗିରିଧାରୀ ସାହୁ ପ୍ରମୁଖ ଯୋଗ ଦେଇଥିଲେ । ଓବିସି ସମାଜକୁ ସଂଗଠିତ କରି ଆଗକୁ ବଢ଼ାଇବା ପାଇଁ ଧର୍ମଗଡ଼ ଓବିସି ମଞ୍ଚ କମିଟି ଗଠନ କରାଯାଇଥିଲା । କାର୍ଯ୍ୟକ୍ରମକୁ ଓବିଶି ମଞ୍ଚ ସଂଯୋଜକ ଡାକେଶ୍ୱର ଲହଜଲ ପରିଚାଳନା କରିଥିଲେ । ଏଥିରେ ଧର୍ମଗଡ଼ ବ୍ଲକ ସଭାପତି ଭାବରେ ପ୍ରମୋଦ ହଂସ, କାର୍ଯ୍ୟକାରୀ ସଭାପତି ଉଦିତ ନାଏକ, ଉପସଭାପତି ବସନ୍ତ ସାହୁ, କାଞ୍ଚନମାଳା ନାଗ, ସମ୍ପାଦକ ଏକାଦଶୀ ଗୋପାଳ, ସହ ସମ୍ପାଦକ ସନ୍ତୋଷ କୁମାର ଭୋଇ, କୋଷାଧ୍ୟକ୍ଷ ଘନ ଭାଟି, ଯୁବ ସଭାପତି ପ୍ରଣବ ପ୍ରକାଶ ଭଇଁସାଲ, ଯୁବ ସମ୍ପାଦକ ସୁଧୀର ରଞ୍ଜନ ଗୋପାଳ, ଯୁବ କାର୍ଯ୍ୟକାରୀ ସଭାପତି ରତନ ନାଏକ ଏବଂ ସାଙ୍ଗଠନିକ ସଭାପତି ଭାବରେ ଲବଣି ନାଏକକୁ ମନୋନୀତ କରାଯାଇଥିଲା ।

# ବରିଷ୍ଠ ସାମ୍ବାଦିକ ପ୍ରଭା ପଟ୍ଟନାୟକଙ୍କ ଅକାଳ ବିୟୋଗ

**ଜୟପାଟଣା, ୫ ।୧୦(ସମିସ):** ଜୟପାଟଣାର ବରିଷ୍ଠ ସାମ୍ବାଦିକ ପ୍ରଭାକର ପଟ୍ଟନାୟକ(୫୧)ଙ୍କ ଅକାଳ ବିୟୋଗ ଘଟିଛି । ବିଳମ୍ବିତ ରାତିରେ ନିଜ ବାସଭବନରେ ହୃଦ୍‌ଘାତରେ ତାଙ୍କ ମୃତ୍ୟୁଘଟିଛି । ସେ ଓଡ଼ିଶା ୟୁନିୟନ ଅଫ ଜର୍ଣ୍ଣାଲିଷ୍ଟର ସଭ୍ୟ ସହ କଳାହାଣ୍ଡି ଜିଲ୍ଲା ସଂଘ ସାଧାରଣ ସମ୍ପାଦକ ରହିଥିଲେ । ତାଙ୍କର ଅକାଳ ବିୟୋଗରେ ପୂର୍ବତନ ମନ୍ତ୍ରୀ ବଳଭଦ୍ର ମାଝୀ, ସମାଜ ସେବୀ ଶେଷଦେବ ବେହେରା, ପ୍ରବୀଣ ମୁଣ୍ଡ, ପ୍ରକାଶ ଦୁରିଆ, ରୁଦ୍ର ପାଣିଗ୍ରାହୀ, ବରିଷ୍ଠ କଂଗ୍ରେସ ନେତା ହେମନ୍ତ ପଣ୍ଡା, ଗଙ୍ଗାଧର ପାତ୍ର, ଗଙ୍ଗା ମାଝୀ, ଭାରତେନ୍ଦୁ ବେହେରା, ଦିଲୀପ ବେହେରା, ସୁବାସ ମୁଣ୍ଡ, ପ୍ରବୀର ବେହେରା, ପ୍ରଶାନ୍ତ ପଣ୍ଡା, ଓୟୁଜେ ରାଜ୍ୟ ସଭାପତି ପ୍ରସନ୍ନ ମହାନ୍ତି, ସମ୍ପାଦକ କମ୍ବୁପାଣି ମିଶ୍ର ଜିଲ୍ଲା ସାଧାରଣ ସମ୍ପାଦକ ସନ୍ତୋଷ ସିଂଦେଓଙ୍କ ସମେତ ଜିଲ୍ଲା ସଙ୍ଘ ପକ୍ଷରୁ ଶୋକ ପ୍ରକାଶ କରାଯାଇଛି ।

# ସିନାପାଲିକୁ ଏନ୍‌ଏସି ଘୋଷଣା ଦାବି

**ସିନାପାଲି, ୫ ।୧୦(ସମିସ)**



**ମନ୍ତ୍ରୀଙ୍କୁ ଭେଟିଲେ ପ୍ରତିନିଧି ମଣ୍ଡଳୀ**

ନୂଆପଡ଼ା ଜିଲ୍ଲା ସଦର ସିନାପାଲିକୁ ଏନ୍‌ଏସି ଘୋଷଣା ପାଇଁ ଦୀର୍ଘବର୍ଷ ହେବ ସହରବାସୀ ଦାବି ଜଣାଇ ଆସୁଛନ୍ତି । ଦାବିକୁ ଯଥାର୍ଥ ମନେକରି ସେତେବେଳର ପୂର୍ବ ବିଜେଡି ସରକାର ଏନ୍‌ଏସି ଘୋଷଣା କରି ସାରିଥିଲେ । ହେଲେ ବର୍ତ୍ତମାନର ସରକାର ଏହାକୁ ମାନ୍ୟତା ଦେବେ କି ନାହିଁ ତାକୁ ନେଇ ଅପେକ୍ଷା କରିଛନ୍ତି ସିନାପାଲି ସହବାସୀ । ଏନଏସି ଘୋଷଣାରେ ବିଳମ୍ବ ହେତୁ ସିନାପାଲିରେ ଜନଅସନ୍ତୋଷ ବଢ଼ିବାକୁ ଲାଗିଛି । ଏହାକୁ ନେଇ ସିନାପାଲିରେ ବେଳେବେଳେ ରାଜନୈତିକ ହଟଚମଟ ସୃଷ୍ଟି ହେଉଥିବା ବେଳେ ବିଜେଡି ଓ ବିଜେପି କର୍ମୀ ମଧ୍ୟରେ ଆରୋପ ପ୍ରତ୍ୟାରୋପ ଲାଗି ରହୁଛି । କିଛିମାସ ମଧ୍ୟରେ ଅନେକ ଥର ସିନାପାଲିକୁ ଏନ୍‌ଏସି ଘୋଷଣା ଦାବିନେଇ ମନ୍ତ୍ରୀଙ୍କୁ ଭେଟିଛନ୍ତି ସିନାପାଲିର ପ୍ରତିନିଧି ମଣ୍ଡଳୀ । ରାଜ୍ୟ ସରକାରଙ୍କ ନିକଟରେ ପହଞ୍ଚିଥିବା ଦସ୍ତାବିଜ୍ ଗୁଡ଼ିକରେ କିଛି ତ୍ରୁଟିଥିବା ହେତୁ ଏହି କାର୍ଯ୍ୟରେ ବିଳମ୍ବ ହେଉଥିବା କିଛି ନେତୃତ୍ୱମଣ୍ଡଳୀ କହୁଥିବା ବେଳେ ଆଉ କିଛି ବିଜେପି ସରକାରଙ୍କ ଆନ୍ତରିକତା ନ ଥିବା କହୁଛନ୍ତି । ପ୍ରାପ୍ତ ସୂଚନା ମୁତାବକ ସିନାପାଲିକୁ ଯଥାଶୀଘ୍ର ଏନ୍‌ଏସି ଘୋଷଣା ପାଇଁ ସିନାପାଲି ନାଗରିକ କମିଟି ତରଫରୁ ଏକ ସର୍ବଦଳୀୟ ପ୍ରତିନିଧି ମଣ୍ଡଳୀ ନୂଆପଡ଼ା ଗସ୍ତରେ ଆସିଥିବା ଓଡ଼ିଶାର ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ରଙ୍କୁ ନୂଆପଡ଼ାଠାରେ ସାକ୍ଷାତ କରିଥିଲେ । ଏ ବିଷୟକୁ ନେଇ ମନ୍ତ୍ରୀଙ୍କ ସହିତ ବିଷଦ ଆଲୋଚନା କରାଯାଇଥିଲା । ମନ୍ତ୍ରୀ ସମସ୍ତ କଥା ଶୁଣି ସିନାପାଲିର ଏନ୍‌ଏସି ଦାବି ପ୍ରତି ନ୍ୟାୟୋଚିତ ବିଚାର କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି । ଏହି ପ୍ରତିନିଧି ମଣ୍ଡଳୀରେ ଡମ୍ବରୁଧର ମେହେର, ନାରାୟଣ ପାତ୍ର, ଅରିଗଞ୍ଜନ ଯୋଷୀ, ତ୍ରିନାଥ ମେହେର, ସୁବ୍ରତ କୁମାର ଠାକୁର, ଶିବପ୍ରସାଦ ମୁଣ୍ଡ, ଲିଙ୍ଗରାଜ ଘିଭେଲା, ପ୍ରିୟରଞ୍ଜନ ମେହେର, ମଧୁସୂଦନ ମାଝୀ, ଲମ୍ବୋଦର ମାଝୀ ଓ ରବୀନ୍ଦ୍ର ସୁନାନୀ, ସାମିଲ ଥିଲେ । ମନ୍ତ୍ରୀଙ୍କୁ ସାକ୍ଷାତ ସମୟରେ ଖଡ଼ିଆଳ ବିଧାୟକ ଅଧିରାଜ ମୋହନ ପାଣିଗ୍ରାହୀ, ପୂର୍ବତନ ଖଡ଼ିଆଳ ବିଧାୟକ ହିତେଶ କୁମାର ବଗର୍ତ୍ତି ଓ ପୂର୍ବତନ କଳାହାଣ୍ଡି ସାଂସଦ ବସନ୍ତ କୁମାର ପଣ୍ଡା ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ସିନାପାଲି ସହର ସମେତ ଯୁଗେନପଦର, କାପସି, ଡଙ୍ଗରଗାଁ, ସରଧାପୁର, ଖଳନା ଗ୍ରାମକୁ ନେଇ ଏନ୍‌ଏସି କରାଯିବା ନେଇ ସମସ୍ତ ଯୋଗ୍ୟତା ପୂରଣ କରୁଥିବାବେଳେ ବିଳମ୍ବକୁ ନେଇ ଜନଅସନ୍ତୋଷ ବୃଦ୍ଧି ପାଉଛି ।

# ଦଳପଡ଼ା ଅଙ୍ଗନବାଡ଼ି କେନ୍ଦ୍ରରେ ପୋଷଣ ମାସ

**ଗୋଲାମୁଣ୍ଡା, ୫ ।୧୦(ସମିସ):** କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ସମନ୍ୱିତ ମହିଳା ଓ ଶିଶୁ ବିକାଶ ପ୍ରକଳ୍ପ ଅନ୍ତର୍ଭୁକ୍ତ ମାନଝରି ମଣ୍ଡଳ ଅଧୀନ ଦଳପଡ଼ା ଅଙ୍ଗନବାଡ଼ି କେନ୍ଦ୍ରରେ ପୋଷଣ ମାସ ପାଳନ କରାଯାଇଥିଲା । ଅଙ୍ଗନବାଡ଼ି କର୍ମୀ ଶ୍ରୀମତୀ ଗୋଲାପି ବାଗ ଙ୍କ ଆହ୍ୱାନ କ୍ରମେ କେନ୍ଦ୍ର ଅଧୀନ ରେ ଥିବା ସମସ୍ତ ଗର୍ଭବତୀ ଓ ପ୍ରସୂତି ମହିଳା ଏବଂ ୬ ମାସରୁ ୫ ବର୍ଷ ର ଶିଶୁ ମାନଙ୍କ ଅଭିଭାବକ, ଗ୍ରାମର ଭଦ୍ରବ୍ୟକ୍ତି, ଯାଞ୍ଚ କମିଟି ଏବଂ ମାତୃ କମିଟିର ସମସ୍ତ ସଭ୍ୟ, ସଭ୍ୟା ଏହି ପୋଷଣ ମାସ ପାଳନ ଦିବସରେ ଯୋଗଦାନ କରିଥିଲେ । ଗର୍ଭବତୀ, ପ୍ରସୂତିର ଯତ୍ନ ଏବଂ ଜୀବନର ପ୍ରଥମ ୧୦୦୦(ହଜାର) ଦିନର ଯତ୍ନ କେମିତି ନିଆଯିବା ଦରକାର ସେ ବିଷୟରେ ଉପସ୍ଥିତ ସମସ୍ତ ଜନସାଧାରଣଙ୍କୁ ସଚେତନ ବାର୍ତ୍ତା ଦେଇଥିଲେ । କେନ୍ଦ୍ରର ସହାୟିକା ସେବନୀ ମାଝୀ ଏବଂ କିଶୋରୀମାନେ ସହଯୋଗ କରିଥିଲେ ।



## ଆର୍‌ଡି ରାସ୍ତା ମରଣଯନ୍ତା



ତେଲକୋଇ, ୫।୧୦(ସମିସ): ତେଲକୋଇ ବ୍ଲକ ମୁଖ୍ୟାଳୟର ବିର୍ସାମୁଣ୍ଡା ଛକ ନିକଟରୁ ଶିବନାରାୟଣପୁର ଗୋଡା ରାସ୍ତା ମରଣଯନ୍ତା ପାଲଟିଛି। ଫଳରେ ଯାତାୟାତରେ ବହୁତ ବାଧାବିଘ୍ନ ଉପୁଜିଛି।ଏହି ରାସ୍ତାଟି ଆରଡି ବିଭାଗ ଅଧୀନରେ ରହିଥିବା ବେଳେ ହଜାର ହଜାର ସଂଖ୍ୟାରେ ଗାଡ଼ି ମୋଟର ଚଳାଚଳ କରୁଛି। ସେହିପରି ଶିବନାରାୟଣପୁର ଗୋଡ଼ା ପଞ୍ଚାୟତ, ତେଲକୋଇ ପଞ୍ଚାୟତ ଓ ତାଳପଦା ପଞ୍ଚାୟତର ପ୍ରାୟ ୨୦ଟି ଗ୍ରାମ ଏହି ରାସ୍ତା ଉପରେ ନିର୍ଭର କରିଥାନ୍ତି। ଉକ୍ତ ରାସ୍ତାଟି ୧୩କିମି ରହିଥିବା ବେଳେ ରାସ୍ତାଟି ବହୁତ ଖାଲଖମାରେ ଭର୍ତ୍ତି ହୋଇଛି। ସାମାନ୍ୟ ବର୍ଷା ହେଲେ ରାସ୍ତାରେ ପାଣି ଜମି ରହୁଛି। ଫଳରେ ବହୁ ସମୟରେ ଗାଡ଼ି ମୋଟର ଦୁର୍ଘଟଣାଗ୍ରସ୍ତ ହେଉଛି। ତୁରନ୍ତ ବିଭାଗ ପକ୍ଷରୁ ରାସ୍ତା ମରାମତି କରିବା ପାଇଁ ଦାବି ହୋଇଛି।

## ପୂଜକ ଇନ୍ଦ୍ରମଣି ପଣ୍ଡାଙ୍କ ପରଲୋକ



ଆନନ୍ଦପୁର, ୫।୧୦ (ସମିସ): ବାଲିବରୁଆଁ ଗ୍ରାମର ବିଶିଷ୍ଟ କର୍ମକାଣ୍ଡ ପୁରୋହିତ ଇନ୍ଦ୍ରମଣି ପଣ୍ଡାଙ୍କ ୯୫ବର୍ଷରେ ପରଲୋକ ହୋଇଯାଇଛି। ସେ ତାଙ୍କ ପୁଅ ତଥା କର୍ମକାଣ୍ଡି ପଣ୍ଡାଙ୍କ ଆନନ୍ଦପୁରସ୍ଥିତ ବାସଭବନରେ ରହୁଥିଲା ବେଳେ ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ତାଙ୍କୁ ଡାକ୍ତରଖାନା ନିଆଯାଇଥିଲା। ସେଠାରେ ତାଙ୍କ ପ୍ରାଣବାୟୁ ଉଡିଯାଇଛି। ଖବର ପାଇ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କ ବାସଭବନରେ ଶେଷ ଦର୍ଶନ କରିଥିଲେ। ପରିବାର ଲୋକେ ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କର ଅନ୍ତିମ ସଂସ୍କାର କରିଛନ୍ତି।

## ଚେନ୍ନାଇରେ ଓଡ଼ିଆ ଡେଲିଭରି ବୟଙ୍କ ଦୁର୍ଘଟଣାରେ ମୃତ୍ୟୁ



ରାମଚନ୍ଦ୍ରପୁର/ଆନନ୍ଦପୁର, ୫।୧୦(ସମିସ): ରାଜ୍ୟରେ ଦାଦନଙ୍କ ସଂଖ୍ୟା ଦିନକୁ ଦିନ ବୃଦ୍ଧି ପାଉଥିବା ବେଳେ ସରକାର କୌଣସି ସୁଧାର ଆଣିବାରେ ସଫଳ ହେଉ ନଥିବା ଦେଖିବାକୁ ମିଳିଛି। ଘସିପୁରା ବ୍ଲକ ବଳରାମପୁର ପଞ୍ଚାୟତ ଅନ୍ତର୍ଗତ ଅତାସାହି ଗ୍ରାମର ଗୋଲଖ ବିହାରୀ ସାହୁଙ୍କ ବଡ଼ପୁଅ ଜଗନ୍ନାଥ ସାହୁ(କାଳିଆ, ୨୭ ବର୍ଷ) ଚେନ୍ନାଇରେ ଫୁଡ୍ ଡେଲିଭରୀବୟ ଭାବେ କାର୍ଯ୍ୟ କରି ଆସୁଥିଲେ। ଗତକାଲି ସେଠାରେ ଏକ ସଡ଼କ ଦୁର୍ଘଟଣାରେ ତାଙ୍କର ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ଆସନ୍ତାକାଲି ଶବ ବ୍ୟବଚ୍ଛେଦ ପରେ ପରିବାର ନିକଟରେ ଶବ ପହଞ୍ଚିବା ପରେ ଗାଁ ଶ୍ମଶାନରେ ଶେଷକୃତ୍ୟ ହେବ ବୋଲି କହିଛନ୍ତି ତାଙ୍କ ପରିବାର ଲୋକେ। ରୋଜଗାରକ୍ଷମ ପୁଅକୁ ହରାଇ ସମ୍ପୂର୍ଣ ଭାଙ୍ଗି ପଡିଛନ୍ତି। ଏଭଳି ମୃତ୍ୟୁ ପରେ ପରିବାର ଲୋକେ ଅସହାୟ ହୋଇ ପଡ଼ିଥିବା କହିଛନ୍ତି। ସରକାରଙ୍କ ତରଫରୁ ସହାୟତା ରାଶି ପ୍ରଦାନ କଲେ ପରିବାର ଲୋକେ ଉପକୃତ ହୁଏନ୍ତେ ବୋଲି କହିଛନ୍ତି। ତାଙ୍କ ସାନ ଭାଇ ଜିତେନ୍ଦ୍ର ସାହୁ ମଧ୍ୟ ଚେନ୍ନାଇରେ ଫୁଡ୍ ଡେଲିଭରି କାର୍ଯ୍ୟରତ ଥିବା ଜଣାପଡିଛି।

## ଦିବ୍ୟାଙ୍ଗ ଶିବାଂଶୀଙ୍କୁ ମିଳୁନି ସହାୟତା



ହାଟଡ଼ିହୀ, ୫।୧୦(ସମିସ): ହାଟଡ଼ିହୀ ବ୍ଲକ ସୁଲଣ ଗ୍ରାମର ଗୋପୀନାଥ ନାଥଙ୍କ ଏକମାତ୍ର ୩ବର୍ଷୀୟା ଝିଅ ଶିବାଂଶୀ ନାଥ ଜନ୍ମରୁ ଭିନ୍ନକ୍ଷମ ଅଟେ। ବାପା ଗୋପୀନାଥ ରାଜ୍ୟ ବାହାରେ ଦାଦନ ଖଟୁଥିବା ବେଳେ ଏପଟେ ପରିବାର ଚଳାଇ ପ୍ରତ୍ୟେକ ମାସ ଝିଅର ଚିକିତ୍ସା ପାଇଁ ଆବଶ୍ୟକ ଅର୍ଥ ଯୋଗାଡ଼ କରିବାରେ ସକ୍ଷମ ହୋଇପାରୁ ନାହାନ୍ତି। ଯାହା ଫଳରେ ଝିଅର ଚିକିତ୍ସା କ୍ଷେତ୍ରରେ ଅର୍ଥ ପ୍ରତିବନ୍ଧକ ସାଜୁଛି। ଭିନ୍ନକ୍ଷମ ପ୍ରମାଣପତ୍ର ଅନୁଯାୟୀ ଶତକଡା ୮୫% ପ୍ରତିଶତ ଭିନ୍ନକ୍ଷମ ହୋଇଥିଲେ ହେଁ କୁନି ଝିଅ ଆଜି ପର୍ଯ୍ୟନ୍ତ ସରକାରୀ ସହାୟତା ବ୍ୟବସ୍ଥା ହୋଇପାରି ନାହିଁ। ଆନନ୍ଦପୁର ଉପଜିଲ୍ଲାପାଳ ଏ ଦିଗରେ ସରକାରୀ ବ୍ୟବସ୍ଥାରୁ କୌଣସି ପ୍ରକାର ସହାୟତା ଯୋଗାଇ ପାରିଲେ ପରିବାର ସହ ଶିବାଂଶୀ ଉପକୃତ ହୋଇପାରନ୍ତା ବୋଲି ଯୁବ ସମାଜସେବୀ ଉମାକାନ୍ତ ରାଉତ କହିଛନ୍ତି।

ଜଘନ୍ୟ ହତ୍ୟାକାଣ୍ଡ

# ସାବତ ପୁଅର ଭୁଜାଲି ଚୋଟରେ ବାପ ମୃତ

ଯୋଡ଼ା, ୫।୧୦(ସମିସ)

କେନ୍ଦୁଝର ଜିଲ୍ଲା ଯୋଡ଼ା ଥାନା ଅନ୍ତର୍ଗତ ଯୋଡ଼ା ହନୁମାନ ହଟିଙ୍ଗରେ ଏକ ଅଭାବନୀୟ ଘଟଣାକ୍ରମରେ ସାବତ ପୁଅର ଭୁଜାଲି ଚୋଟରେ ବାପର ପ୍ରାଣ ଯାଇଛି। ସାଙ୍ଗମାନଙ୍କ ସହ ମିଶି ସାବତ ବାପାଙ୍କୁ ଆକ୍ରମଣ ପରେ ହତ୍ୟା କରାଯାଇଛି। ମୃତ ବ୍ୟକ୍ତି ହେଉଛନ୍ତି ମନୋଜ କାଳନ୍ଦୀ। ସୂଚନା ଅନୁଯାୟୀ, ରବିବାର ସକାଳ ସମୟରେ ସେ ସ୍କୁଟିରେ ଯାଉଥିଲେ। ପୂର୍ବରୁ ଛକି ବସିଥିବା ସାବତ ପୁଅ ବିଶାଳ କାରୁଆ ଓ ତାର ସାଙ୍ଗମାନେ ତାଙ୍କୁ ଏକ ଲୁହା ପାଇପ ଦ୍ୱାରା ବାଡେଇଥିଲେ। ତଳେ ପଡିଯିବାରୁ ବିଶାଳ ଏକ ଭୁଜାଲିରେ ପେଟକୁ ହାଣି ପକାଇଥିଲା। ଘଟଣା ଘଟାଇ ବିଶାଳ ଓ ସାଥୀମାନେ ଫେରାର ହେବା ପରେ ସ୍ଥାନୀୟ ଲୋକ ପୁଲିସକୁ ଖବର ଦେଇଥିଲେ। ମନୋଜଙ୍କ ପରିବାର ତୁରନ୍ତ ତାଙ୍କୁ ଡାକ୍ତରଖାନା ନେଇଥିଲେ ହେଁ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଯୋଡ଼ା ପୁଲିସ ଘଟଣାର ସରଜମିନ ଅନୁଧ୍ୟାନ କରିବା ସହ ଶବକୁ ଉକ୍ତ ଡାକ୍ତରଖାନାର ଶବ ଗୃହରେ ରଖାଇ ଫେରାର ଥିବା ବିଶାଳ ଓ ସାଙ୍ଗମାନଙ୍କୁ ଖୋଜିବାରେ ଚେଷ୍ଟା ଚଳାଇଛି। ମନୋଜ କାଳନ୍ଦୀ ପୂର୍ବରୁ ବିବାହିତ ଥିବା ବେଳେ ବିଶାଳ କାରୁଆର ମା' ଲକ୍ଷ୍ମୀଙ୍କୁ ଦ୍ୱିତୀୟ ସ୍ତ୍ରୀ ଭାବେ ଘରକୁ ଆଣିଥିଲେ। ବିଶାଳ ଓ ମନୋଜ ମଧ୍ୟରେ ପୂର୍ବରୁ ଅନେକ ଥର ଝଗଡା ହୋଇଛି। ପୂର୍ବରୁ ଉଭୟଙ୍କ ମଧ୍ୟରେ ତିକ୍ତତା ରହିଥିବା ହେତୁ ଆଜି ଏତେବଡ଼ ଜଘନ୍ୟ କାଣ୍ଡ ଘଟିଗଲା ବୋଲି ମୃତକଙ୍କ ମା' ଓ ପୀଉସି ପ୍ରକାଶ କରିଛନ୍ତି।

## ବସ୍ ଚାପାରେ ହେଲ୍‌ପର ମୃତ



ଆନନ୍ଦପୁର/ହାଟଡ଼ିହୀ, ୫।୧୦(ସମିସ): ନନ୍ଦିପଦା ଥାନା ଛେନାପଦି ଛକ ନିକଟରେ ଦୁର୍ଘଟଣା ଘଟି ଜଣେ ହେଲ୍ପରଙ୍କ ପ୍ରଣାହାନି ଘଟିଛି। ରବିବାର ଦିନ ୧୨ଟା ସମୟରେ ପାଟଣା ଦମାହୁଦାରୁ ହଦଗଡ଼ ବଉଳା ଅଞ୍ଚଳକୁ ଯାଉଥିବା ବର୍ଷାରାଣୀ ବସର ହେଲ୍ପର ରାଇଜିଙ୍ଗ ମୁର୍ମୁ(୨୨) ଅସାବଧାନତା ଯୋଗୁଁ ବସ ତଳକୁ ଖସି ପଡ଼ିବାରୁ ଚକ ଅଣ୍ଟା ଉପରେ ଚଢ଼ି ଯାଇଥିଲା। ଚଳନ୍ତା ବସ୍‌ରେ ରହି ଏକ ଇଟା ବୋଝେଇ ଟ୍ରାକ୍ଟରରୁ ହାତ ବଢ଼ାଇ ଇଟା ଆଣିବା ବେଳେ ସେ ଭାରସାମ୍ୟ ହରାଇ ତଳେ ପଡ଼ି ଯାଇଥିଲେ। ପରେ ହାଟଡ଼ିହୀ ଅଗ୍ନିଶମ ବାହିନୀଙ୍କ ସହଯୋଗରେ ଆନନ୍ଦପୁର ଉପଖଣ୍ଡ ଡାକ୍ତରଖାନାକୁ ନିଆଯାଇଥିଲା। ସେଠାରେ ଚିକିତ୍ସାଦୀନ ଅବସ୍ଥାରେ ତାଙ୍କ ମୃତ୍ୟୁ ଘଟିଛି। ନନ୍ଦିପଦା ପୁଲିସ ବସଟିକୁ ଜବତ କରି ଥାନାକୁ ନେଇ ଅଧିକ ତଦନ୍ତ ଜାରି ରଖିଛି। ହେଲ୍ପର ରାଇଜିଙ୍ଗ ମୁର୍ମୁଙ୍କ ଘର ଆନନ୍ଦପୁର ଥାନା ମନୋହରପୁର ଗ୍ରାମରେ।

## ଧୁମ୍‌ଧାମ୍‌ରେ ପାଳନ ହେଲା 'ରାବଣପୋଡ଼ି'



ଯୋଡ଼ା, ୫।୧୦(ସମିସ): ଯୋଡ଼ା କେନ୍ଦ୍ରୀୟ ଖେଳ ପଡିଆଠାରେ ଖୁବ ଧୂମଧାମରେ ପାଳନ ହୋଇଛି ରାବଣ ପୋଡି ଉତ୍ସବ। ରାବଣ ପୋଡି କମିଟିର ଉପଦେଷ୍ଟା ତଥା ପୂର୍ବତନ ବିଧାୟକ ଜିତେନ୍ଦ୍ର ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ସଭାପତି ସୁଶାନ୍ତ ବାରିକ ଓ ସମ୍ପାଦକ ନିହାର ରଞ୍ଜନ ରାଉତଙ୍କ ପ୍ରଚେଷ୍ଟାରେ ରାବଣ ପୋଡ଼ି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିବା ବେଳେ ଚମ୍ପୁଆ ଉପଜିଲ୍ଲାପାଳ ଉମାକାନ୍ତ ପରିଡା ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ବଡ଼ବିଲ ଏସଡିପିଓ ଦେବେନ୍ଦ୍ରନାଥ ପିଙ୍ଗୁଆ, ବଡ଼ବିଲ ତହସିଲଦାର ରାକେଶ ପଣ୍ଡା, ବିଶ୍ୱହିନ୍ଦୁ ପରିଷଦ ଯୋଡ଼ା ସଭାପତି ରଂଜିତ ମହାକୁଡ଼ ଯୋଗ ଦେଇଥିଲେ। ବର୍ଷା ସତ୍ତ୍ୱେ ଯୋଡ଼ା ସହରର ହଜାର ହଜାର ଦର୍ଶକ ରାବଣ ଦହନ ଓ ରଙ୍ଗବେରଙ୍ଗୀ ଆତସବାଜିର ଆନନ୍ଦ ଉଠାଇଥିଲେ। ବିଶ୍ୱ ହିନ୍ଦୁ ପରିଷଦର ଯୋଡ଼ା ସଦସ୍ୟବୃନ୍ଦ, ରାବଣ ପୋଡି କମିଟି ଉପଦେଷ୍ଟା ପୁରୁଷୋତ୍ତମ ଦାସ, ମୁକେଶ ସିଂଘାଣିଆ, ପିଣ୍ଟୁ ସାହୁ, ପାଣ୍ଡବ କାରୁଆ, ସୁବାସ ବିହାରୀ, କେଜ୍ରିୱାଲଙ୍କ ସହ ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ। ଶାନ୍ତିଶୃଙ୍ଖଳା ଓ ସୁରକ୍ଷା ପାଇଁ ପୁଲିସ ବିଭାଗ ପକ୍ଷରୁ ସହଯୋଗ କରାଯାଇଥିଲା।

## ଜମିଲା ଲାଖ ବିନ୍ଧା ଓ ରାବଣ ପୋଡ଼ି ଉତ୍ସବ

ହାଟଡ଼ିହୀ, ୫।୧୦(ସମିସ):

ହାଟଡ଼ିହୀ ବ୍ଲକ ଅନ୍ତର୍ଗତ ବିଭିନ୍ନ ସ୍ଥାନରେ ଦଶହରା ପର୍ବ ସହ ରାବଣ ପୋଡ଼ି ଉତ୍ସବ ପାଳିତ ହୋଇଯାଇଛି। ତହସିଲ ପାଖ ପଡ଼ିଆରେ ଲଘୁଚାପ ବର୍ଷା କିଞ୍ଚିତ୍ ମାତ୍ରାରେ ଫିକା ପକେଇ ଦେଇଥିଲା। ହାଟଡ଼ିହୀ ରାବଣ ପୋଡ଼ି ଉତ୍ସବଟି ନିତ୍ୟାନନ୍ଦ ପହିଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଥିଲା। ବରିଷ୍ଠ ବିଜେପି ନେତା ଆଲୋକ ସେଠୀ ଏଥିରେ ମୁଖ୍ୟଅତିଥି ଭାବେ ଦଶମୁଣ୍ଡିଆ ରାବଣ ଉପରକୁ ବାଣ ପ୍ରହାର ପୂର୍ବକ ଅଗ୍ନି ସଂଯୋଜନା କରିଥିଲେ। ଗ୍ରାମର ଟୁନା ଜେନା ଲାଖ ବିନ୍ଧାରେ ବିଜୟୀ ହେବାରୁ ତାଙ୍କୁ ପୁଷ୍ପଗୁଚ୍ଛ ସହ ଟ୍ରଫି ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ସାଂସଦ ପ୍ରତିନିଧି ଜ୍ଞାନରଞ୍ଜନ ସାମନ୍ତସିଂହାର, ସୁଶାନ୍ତ ଜେନାଙ୍କ ସହ ଗ୍ରାମର କାର୍ତ୍ତିକ ମହାନ୍ତି, ସୁରେଶ ମହାନ୍ତି ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲା ବେଳେ ବିଜୟ କୁମାର ଜେନା, ବାସୁଦେବ ଜେନା, ନିରାକାର ଜେନା, ପ୍ରହ୍ଲାଦ ଜେନା, କାହ୍ନା ଜେନା, ରାମଚନ୍ଦ୍ର ଜେନା, ବିଶ୍ୱରଞ୍ଜନ ରାଉତ, ମନୋଜ ରଣା, ରଞ୍ଜନ ଜେନା ପ୍ରମୁଖ ସହଯୋଗ କରିଥିଲେ।

## ପୋଡ଼ାସିଙ୍ଗିଡ଼ିରେ ଶ୍ରୀନିବାସ ଜେନାଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ



ହାଟଡ଼ିହୀ, ୫।୧୦(ସମିସ)

ହାଟଡ଼ିହୀ ବ୍ଲକ ପଦାଡୋ ପଞ୍ଚାୟତ ପୋଡାସିଙ୍ଗିଡ଼ିସ୍ଥିତ ସାଇ ଫାର୍ମାହାଉସ୍‌ଠାରେ ସ୍ୱର୍ଗତ ଶ୍ରୀନିବାସ ଜେନାଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ ହୋଇଯାଇଛି। ବାପାଙ୍କ ସ୍ମୃତିକୁ ଉଦଜୀବିତ ରଖିବା ନେଇ ପୁଅ ପ୍ରିୟବ୍ରତ ଜେନା ତାଙ୍କର ଏକ ପ୍ରତିମୂର୍ତ୍ତି ଉନ୍ମୋଚନ କରିଛନ୍ତି। ଯୁବନେତା ଚିତ୍ତରଞ୍ଜନ ପାତ୍ରଙ୍କ ସଂଯୋଜନାରେ କାର୍ଯ୍ୟକ୍ରମଟି ଅନୁଷ୍ଠିତ ହୋଇଥିଲା। ପଦାଡୋ ସରପଞ୍ଚଙ୍କ ପ୍ରତିନିଧି ନିକୁଞ୍ଜ ଓଝା, ବରିଷ୍ଠ ସମାଜସେବୀ ଗୌରାଙ୍ଗ ରଣା, ବରିଷ୍ଠ ବିଜେପି ନେତା ଆଲୋକ ସେଠୀଙ୍କ ସମେତ ଭଦ୍ରକ ଜିଲ୍ଲାପାଳଙ୍କ ବ୍ୟକ୍ତିଗତ ସହାୟକ ପ୍ରଦୀପ୍ତ ବାଘ, ଭଦ୍ରକ ତହସିଲ କାର୍ଯ୍ୟାଳୟର ରାଜସ୍ୱ ପରିଦର୍ଶକ ଜ୍ୟୋତିରଞ୍ଜନ ପଣ୍ଡା, ପ୍ରଫେସର ଡ.ବଳରାମ ମିଶ୍ର, ପ୍ରଫେସର ଡ. ଶଶଧର ଦାଶ, ନିହାର ରଞ୍ଜନ ଦାଶ, ବରିଷ୍ଠ ସାମ୍ବାଦିକ ବୈଲୋଚନ ବେହୁରିଆଙ୍କ ସହ ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀ, ସାହିତ୍ୟିକା, ବୁଦ୍ଧିଜିବୀ ଓ ଗ୍ରାମବାସୀ ସାମିଲ ହୋଇଥିଲେ। ସ୍ୱର୍ଗତ ଜେନା ଭଦ୍ରକ ଜିଲ୍ଲା ରାଜସ୍ୱ ବିଭାଗର ରାଜସ୍ୱ ପରିଦର୍ଶକ ଭାବେ ଜଣେ ଦକ୍ଷ ଅଧିକାରୀ ଥିଲେ। ସେ ଗ୍ରାମ ଓ ସମାଜ ପାଇଁ ଯେଉଁ ସେବା କରିଥିଲେ, ତାହା ସଦାସ୍ମରଣୀୟ ରହିବ ବୋଲି ଉପସ୍ଥିତ ଅତିଥିମାନେ କହିଥିଲେ। ଏହି ସମାରୋହରେ ଶ୍ରୀନିବାସ ଜେନାଙ୍କ ଆଦର୍ଶ, ମୂଲ୍ୟବୋଧ ଓ ଆଚରଣକୁ ନିଜ ଜୀବନରେ ଅନୁସରଣ କରିବେ ବୋଲି ସମସ୍ତେ ସଂକଳ୍ପ କରିଥିଲେ।

## ୩୨ ବର୍ଷରେ ସୁନ୍ଦରାପାଳ ଫୁଟବଲ ପ୍ରତିଯୋଗିତା



ହାଟଡ଼ିହୀ, ୫।୧୦(ସମିସ): ହାଟଡ଼ିହୀ ବ୍ଲକ୍ ଜମ୍ବିରା ପଞ୍ଚାୟତ ଅନ୍ତର୍ଗତ ସୁନ୍ଦରାପାଳଠାରେ ଫୁଟବଲ ଟୁର୍ଣ୍ଣାମେଣ୍ଟ ୩୨ ବର୍ଷରେ ଏଥର ଆୟୋଜିତ ହେଉଛି। ୧୯୯୩ରୁ ଏନଏଲୱାସି କ୍ଲବ୍ ପକ୍ଷରୁ ଆରମ୍ଭ ହୋଇଥିବା ଏହି ପ୍ରତିଯୋଗିତା ପ୍ରତି ବର୍ଷ ଗାନ୍ଧୀ ଜୟନ୍ତୀରୁ ୫ ଦିନ ଧରି ଆୟୋଜିତ ହୋଇଆସୁଛି। ଏନଏଲୱାସି କ୍ଲବ୍ ସମ୍ପାଦକ ତଥା ମୁଖ୍ୟ ପରିଚାଳକ ପ୍ରଦ୍ୟୁମ୍ନ ପାତ୍ର, ସଭାପତି କୃଷ୍ଣଚନ୍ଦ୍ର ମୁଣ୍ଡାଙ୍କ ସଂଯୋଜନାରେ ଅନୁଷ୍ଠିତ ଉଦଘାଟନୀ କାର୍ଯ୍ୟକ୍ରମରେ ଜମ୍ବିରା ସରପଞ୍ଚ ପ୍ରତିନିଧି ଖଗେଶ୍ୱର ମଲ୍ଲିକ ଏଥିରେ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଅନୁଷ୍ଠାନର ରତ୍ନାକର ସାହୁ, ଚୁଙ୍ଗି, ମାଛୁଆ, ଗୁଡ୍ଡୁ, ଶୁକୁରା, ଯୋଗୀ ପ୍ରମୁଖ ଖେଳ ପରିଚାଳନା କରିଥିଲା ବେଳେ ପ୍ରଥମ ଦିନରେ ୪୮ଟି ଟିମ୍ ସାମିଲ ହୋଇଥିଲେ। ସୁଶାନ୍ତ ବେହେରା ଓ ବିଜୟ କୁମାର ଖେଳର ରେଫରୀ ଥିଲେ।

# ମେଲାଣି ନେଲେ ମା'





ବାଲିବନ୍ଧ, ୫।୧୦(ସମିସ): ମା' ଦୁର୍ଗତିନାଶିନୀ ଯୁବ ସଙ୍ଘ, ଝୁମ୍ପୁରା ଆନୁକୂଲ୍ୟରେ ଦୁର୍ଗାପୂଜା ସମ୍ପନ୍ନ ହୋଇଯାଇଛି। ରବିବାର ମା'ଙ୍କ ମେଲାଣି ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ୫୨ତମ ଶାରଦୀୟ ଦୁର୍ଗାପୂଜା ୭ଦିନ ବ୍ୟାପି ଅନୁଷ୍ଠିତ ହୋଇଥିଲା। ରବିବାର ମା'ଙ୍କ ମେଲାଣି ଉତ୍ସବ ଏକ ଭକ୍ତିମୟ ପରିବେଶରେ ଘଣ୍ଟଘଣ୍ଟା, ବାଜାବାଣ, ହରିବୋଲ, ହୁଳହୁଳି ସହ ବିରାଟ ପଟୁଆରରେ ଆୟୋଜିତ ହୋଇଥିଲା। ଯୁବ ସଙ୍ଘର ସଭାପତି ଶଶିଭୂଷଣ ସାହୁ, ଉପସଭାପତି ଅନୁପ ରାମ, ସମ୍ପାଦକ ଧନେଶ୍ୱର ବେହେରା, ସହସମ୍ପାଦକ ପ୍ରଦ୍ୟୁମ୍ନ ପ୍ରଧାନ, କୋଷାଧ୍ୟକ୍ଷ ମନୋହର ପ୍ରସାଦ ରାମ, ବରିଷ୍ଠ ସଦସ୍ୟ ରାଧାବଲ୍ଲଭ ମିଶ୍ର, ପ୍ରଭାକର ସିଂ, କୈଳାଶ ଧଳ, ରମେଶ ସାହୁ, ମୁନା ବାରିକ, ରାଧାଗୋବିନ୍ଦ ପଟ୍ଟନାୟକ, ଭୂପତି ସିଂ, ଲୋକନାଥ ସାହୁ, ବୁଲଗାଲିନ ପ୍ରଧାନ, ରବି ପ୍ରଧାନଙ୍କ ସମେତ ସମସ୍ତ ସଦସ୍ୟ ସହଯୋଗ କରିଥିଲେ। ଝୁମ୍ପୁରା ଥାନାଧିକାରିଣୀ ସମବାରୀ ହାଁସଦାଙ୍କ ନେତୃତ୍ୱରେ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା।

## ବିଭିନ୍ନ ଅଞ୍ଚଳରେ ମା' ଦୁର୍ଗାଙ୍କ ପୂଜା ସମ୍ପନ୍ନ

ହାଟଡ଼ିହୀ, ୫।୧୦(ସମିସ): ହାଟଡ଼ିହୀ ବ୍ଲକ ନନ୍ଦିପଦା ଓ ସୋସୋ ଥାନା ସହ ବଉଳା ଫାଣ୍ଡିରେ ଦୁର୍ଗତିନାଶିନୀ ମା' ଦୁର୍ଗାଙ୍କ ପୂଜାପାଠ ହୋଇଯାଇଛି। ନନ୍ଦିପଦା ଥାନାରେ ଅନୁଷ୍ଠିତ ଦୁର୍ଗାପୂଜାରେ ଆଇଆଇସି ରବିନ୍ଦ୍ର କୁମାର ପାତ୍ର ସଂକଳ୍ପ କରିଥିଲେ। ଏସଆଇ ଅନୁପ କର, ଗୋପାଳ ମିଶ୍ର, ବଳିଆ ବାରିକ, ବିନୀତା ଲାକ୍ରା, ଏଏସଆଇ ସୁଷମା ସୁନ୍ଦରୀ ସେଠୀ, ଜମ୍ବୁବତୀ ପାତ୍ର ପ୍ରମୁଖ ସହଯୋଗ କରିଥିଲା ବେଳେ ସୋସୋ ଥାନାରେ ଅନୁଷ୍ଠିତ ପୂଜାରେ ଆଇଆଇସି ଶିବଶଙ୍କର ଆଲଦା ସଂକଳ୍ପ କରିଥିଲେ। ଏସଆଇ ଯମୁନା ମାରାଣ୍ଡି, ଏଏସଆଇ କୈଳାସଚନ୍ଦ୍ର ସାମଲ ବାବୁ, ନରସିଂହ ତନ୍ତୀ, ମହିମଣି ଟୁଡ୍ଡୁ ପ୍ରମୁଖ ସହଯୋଗ କରିଥିଲେ। ସେହପରି ବଉଳା ଫାଣ୍ଡି ଅଧିକାରୀ ଯତୀନ ପାତ୍ର ଅନୁଷ୍ଠିତ ମା' ଦୁର୍ଗାଙ୍କ ପୂଜାରେ ସଂକଳ୍ପ କରିଥିଲା ବେଳେ ଅନ୍ୟ କର୍ମଚାରୀମାନେ ପରିଚାଳନା କରିଥିଲେ।